ନାରୀର

ସମ୍ମାନ ଓ ସ୍ୱାଧିକାର

ଓଡ଼ିଆ ସାହିତ୍ୟ ଏକାଡେମୀ

Digitized by srujanika@gmail.com

ନାରୀର ସମ୍ମାନ ଓ ସ୍ୱାଧିକାର

ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର—୭୫୧୦୧୪

Digitized by srujanika@gmail.com

ନାରୀର ସମ୍ମାନ ଓ ସ୍ୱାଧିକାର

ସଂକଳନ ଓ ପ୍ରକାଶନ :

ଓଡ଼ିଶା ସାହିତ୍ୟ ଏକାଡେମୀ

ଭୁବନେଶ୍ୱର-୧୪

ମୁଦ୍ରଣ :

ଗୀତାଞ୍ଜଳି ପ୍ରିଣ୍ଟର୍ସ,

ଜଳେଶ୍ୱର, ବାଲେଶ୍ୱର ।

ପ୍ରଥମ ମୁଦ୍ରଣ : ୧୯୯୨

ମୂଲ୍ୟ : **ସତେଇଶ ଟଙ୍କା ।**

NARI[redacted]NA O SWADHIKARA

Compiled & Published by :

Orissa Sahitya Akademi

Bhubaneswar-14

Printed at :

Gitanjali Printers,

Jaleswar, Balasore

First Edition : 1992

Price : Twenty Seven Rupees.

Digitized by srujanika@gmail.com

ଭୂମିକା

ମାନବ ସମାଜରେ ନାରୀ ଓ ପୁରୁଷ ଗଙ୍ଗା ଯମୁନାର ଦୁଇଟି ପୃଥକ୍ ଧାରା ସ୍ୱରୂପ ବିଦ୍ୟମାନ । ଏକ ବିନା ଅନ୍ୟ ସ୍ୱୟଂ ସଂପୂର୍ଣ୍ଣ ନୁହେଁ, ପ୍ରତ୍ୟେକ ପରସ୍ପରର ପରିପୂରକ । ତେଜୋମୟୀ ଅହ୍ଲାଦିନୀ ଶକ୍ତିରୂପିଣୀ ନାରୀ, ଜାୟା, ଜନନୀ ଓ ଭଗିନୀ ରୂପରେ ସଦା ପ୍ରେମମୟୀ, ମମତାମୟୀ ଓ କରୁଣାମୟୀ । ଏପରି ମହନୀୟା ନାରୀଶକ୍ତିକୁ ସମାଜର କଲ୍ୟାଣକର ବିକାଶ ଦିଗରେ ବିନିଯୋଗ କରିବା ଆମର ପ୍ରଧାନ କର୍ତ୍ତବ୍ୟ । ସୁସ୍ଥ ଓ ସୁଖୀ ସମାଜ ଗଢ଼ନ୍ତିରେ ପୁରୁଷ ସହିତ ନାରୀର ମଧ୍ୟ ଗୁରୁ ଭୂମିକା ରହିଛି, ଏଥିରେ ସନ୍ଦେହ ନାହିଁ । ଆଧୁନିକ ପ୍ରଗତିଶୀଳ ଯୁଗରେ ଜ୍ଞାନବିଜ୍ଞାନର ଦ୍ରୁତ ଅଭିବୃଦ୍ଧି ସଙ୍ଗେ ସଙ୍ଗେ ସମାଜରେ ନାରୀର ଗୁରୁତ୍ୱ ଓ ମହତ୍ତ୍ୱ ପୁରୁଷଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ ବୋଲି ସ୍ପଷ୍ଟ ପ୍ରମାଣିତ ହୋଇସାରିଛି । ଯନ୍ତ୍ରଯୁଗରେ ସେ ପୁରୁଷର ସମକକ୍ଷ ହୋଇ ସେମାନେ ପ୍ରଗତିରେ ନିଜକୁ ନିୟୋଜିତ କରିପାରିଛନ୍ତି । ଏଣୁ ସାର୍ବଜନୀନ ମାନବାଧିକାର [illegible] ସ୍ୱାର୍ଥ ଦୃଷ୍ଟିରୁ ନାରୀପୁରୁଷ ମଧ୍ୟରେ କୌଣସି ସାମାଜିକ ପାର୍ଥକ୍ୟ ବା ବ୍ୟବଧାନ ରହିବା ଏହା ଆଦୌ ଯୁକ୍ତିସଂଗତ ନୁହେଁ ଏବଂ ପ୍ରତ୍ୟେକ [illegible] ତଥା [illegible] ନିଶ୍ଚିତରୂପେ [illegible] କରିବେ । ନାରୀ ସର୍ବଦା ବନ୍ଦନୀୟା ଓ ସମ୍ମାନନୀୟା ।

କିନ୍ତୁ ପରିତାପର ବିଷୟ, ଏହି ଆଧୁନିକ ଯୁଗରେ ଯେତେବେଳେ ଶିକ୍ଷା, ସଭ୍ୟତା ଓ ସଂସ୍କୃତିର କ୍ରମବିକାଶ ଘଟିବ ଚାଲିଛି ସେତେବେଳେ ନାରୀ ନିର୍ଯାତନା ଓ ଲାଞ୍ଛନା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଏହି ଅବାଞ୍ଛିତ [illegible] ତଥା ନୈତିକତାର [illegible] ଯେ ସମାଜ ତଥା ଦେଶର ବିକାଶ ପଥରେ ଏକ ଅଶୁଭ ସଂକେତ, ଏଥିରେ ସନ୍ଦେହ ନାହିଁ । କେଉଁଠି ମାତୃଶକ୍ତି ସଦା ଲାଞ୍ଛନା ସହି ନିର୍ଯାତିତା । ଏହି [illegible]

Digitized by srujanika@gmail.com

ଅଧୋପତିତ ସମାଜରେ ଭୋଗ ଓ ଲାଳସାରେ ଅନାବୃତ ପୁରୁଷ ନାରୀକୁ ନିଜର ସହଧର୍ମିଣୀ, ସହକର୍ମିଣୀ ସ୍ୱରୂପେ ମର୍ଯ୍ୟାଦା ନଦେଇ ଏକ ପଣ୍ୟବସ୍ତୁ ରୂପେ ବ୍ୟବହାର କରୁଛି । [illegible] ତଥାକଥିତ ଶିକ୍ଷିତ ସମାଜରେ ମଧ୍ୟ ଏହି ବ୍ୟାଧି ସଂକ୍ରମିତ ହେବାରେ ଲାଗିଛି । ଆମ ରାଜ୍ୟରେ ଯୌତୁକ ପ୍ରଥାର ଭୟାବହତା ସଂପର୍କରେ ପ୍ରାୟ ସମସ୍ତେ ଅବିଦିତ । ବଧୂ ନିର୍ଯ୍ୟାତନା ଓ ଲାଞ୍ଛନା ଏହାର ବିଷମୟ ଫଳ । ନାରୀର ଅମର୍ଯ୍ୟାଦା କରି ଆଜିର ସମାଜ ଆଜି ଘୋର କଳଙ୍କିତ ଓ ଅଧୋପତିତ । ଏହି ପୁରୁଷ ପ୍ରଧାନ ସମାଜରେ ଭିନ୍ନ ଭିନ୍ନ ସ୍ତରରେ ନାରୀ ତା'ର ନ୍ୟାଯ୍ୟ ସମ୍ମାନ, ସ୍ୱାଧୀନତା ଓ ସ୍ୱାଧିକାର ଆଦିରୁ ଯେ ବଞ୍ଚିତ, ଏହା ଏକ ନଗ୍ନ ବାସ୍ତବତା ଓ ପ୍ରାଞ୍ଜଳ ସତ୍ୟ । ଏହି ପ୍ରସଙ୍ଗରେ ମିଲଟନଙ୍କ ରଚନାରୁ ଏକ ଉକ୍ତି — " He for God only, she for God in him"ର ଅର୍ଥ ଅନୁକରଣ ଓ ପ୍ରୟୋଗ ତିନିଶହ ବର୍ଷ ପରେ ଏବେ ମଧ୍ୟ ଆମ ସମାଜରେ ନିତ୍ୟ ପରିଦୃଷ୍ଟ ହୁଏ । ସ୍ଥିର ମନରେ ବିଚାର କଲେ ଏହି ବିଭେଦବାଦୀ ଉକ୍ତିର ଅଯଥାର୍ଥତା ଓ ଅସାରତା ସ୍ୱତଃ ପ୍ରମାଣିତ ହୁଏ । ପରିପୂର୍ଣ୍ଣ, ମଧୁମୟ ପାରିବାରିକ ଜୀବନ ତଥା ସୁସ୍ଥ ସମାଜ ଗଠନ ପାଇଁ ମୋ ମତରେ ଉପରୋକ୍ତ ଉକ୍ତିର ନିମ୍ନୋକ୍ତ ପ୍ରକାରେ ସାମାନ୍ୟ ପରିବର୍ତ୍ତନ ଓ ନବୀକରଣ କରାଯାଇ ଏକ ଆଦର୍ଶ ନୀତିବାକ୍ୟରୂପେ ଗ୍ରହଣ କରାଯାଇପାରେ ।

" He for Goddess in her, she for God in him"

ଏହି ପରିପ୍ରେକ୍ଷୀରେ ସାମାଜିକ ନ୍ୟାୟ ଓ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ନାରୀ ଜାଗରଣ ତଥା ମୌଳିକ ଚିନ୍ତନ ଓ ସାମାଜିକ ଅନ୍ତର୍ଲକ୍ଷ୍ୟନସହ ମୂଲ୍ୟବୋଧର ପରିବର୍ତ୍ତନ ଏକାନ୍ତ ଅପରିହାର୍ଯ୍ୟ । ନାରୀର ସାମାଜିକ ସ୍ୱୀକୃତି, ସମ୍ମାନ ଓ ସ୍ୱାଧିକାର ସୁରକ୍ଷା ଦିଗରେ ଜନମତ ଜାଗୃତି ତଥା ସାମାଜିକ ସଚେତନତା ସୃଷ୍ଟି ପାଇଁ ସୃଜନଶୀଳ ସାହିତ୍ୟ ରଚନା ଦିଗରେ ଲେଖକର ନୈତିକ ଦାୟିତ୍ୱ ରହିଛି, ଏଥିରେ ସନ୍ଦେହ ନାହିଁ ।

ମୌଳିକ ଚିନ୍ତନ ତଥା ସାମାଜିକ ସଚେତନତା ସୃଷ୍ଟି ଦିଗରେ ପ୍ରାଥମିକ ପଦକ୍ଷେପ ସ୍ୱରୂପ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟଙ୍କ ସହଯୋଗରେ ୧୯୯୦ ମସିହା ମାର୍ଚ୍ଚ ୧୯, ୨୦ ତାରିଖରେ ଭୁବନେଶ୍ୱରଠାରେ ଏକ ଲେଖକ—କର୍ମଶାଳା ଏବଂ ୧୯୯୧ ମସିହା ମାର୍ଚ୍ଚ

Digitized by srujanika@gmail.com

୧୫, ୧୬ ତାରିଖରେ କୋର୍ଟାଠାରେ ଏକ ଆଲୋଚନା-ଚକ୍ର ଆୟୋଜିତ ହୋଇ-ଥିଲା । ଏହି ଦୁଇ କାର୍ଯ୍ୟକ୍ରମରେ ବହୁ ଲେଖକ-ଲେଖିକା ଅଂଶ ଗ୍ରହଣ କରିଥିଲେ । ଭିନ୍ନ ଅଧିବେଶନରେ 'ନା[illegible]ର ସୁରକ୍ଷା ଦିଗରେ ସାହିତ୍ୟର ଭୂମିକା' ଓ 'ଓଡ଼ିଆ ସାହିତ୍ୟରେ ନାରୀର ସାମାଜିକ ସ୍ଥିତି ଓ ସ୍ୱରୂପ' ଶୀର୍ଷକ ଭିତ୍ତି-ପ୍ରବନ୍ଧମାନ ପାଠ କରାଯାଇଥିଲା । ପ୍ରକାଶିତ ପୁସ୍ତକଟି ହେଉଛି ପଠିତ ବଛିକା କେତୋଟି ପ୍ରବନ୍ଧର ଏକ ମନୋଜ୍ଞ ସଂକଳନ । ଯେଉଁ ସାହିତ୍ୟିକ-ସାହିତ୍ୟିକାଗଣ ସେମାନଙ୍କର ପ୍ରବନ୍ଧ ପ୍ରଦାନ କରି ଏହି ପୁସ୍ତକର କଳେବରକୁ ସମୃଦ୍ଧ କରିଛନ୍ତି ସେମାନଙ୍କୁ ଏ ଅବସରରେ ମୁଁ ଆନ୍ତରିକ କୃତଜ୍ଞତା ଜଣାଉଛି । ଏହି ପୁସ୍ତକ ପ୍ରକାଶନର ସମସ୍ତ ଅର୍ଥ ବ୍ୟୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ବହନ କରିଥିବାରୁ ଉକ୍ତ ସଂସ୍ଥାର ନିର୍ଦ୍ଦେଶକ ତଥା ଅନ୍ୟାନ୍ୟ କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଉଛି । ପରିଶେଷରେ ଏହି ପୁସ୍ତକଟି ଜନ-ସମାଜରେ ବିଶେଷ ଆଦୃତ ହେବା ସଙ୍ଗେ ସଙ୍ଗେ ନାରୀର ସମ୍ମାନ ଓ ସ୍ୱାଧିକାର ସୁରକ୍ଷା ଦିଗରେ ଯଥେଷ୍ଟ ମାନସିକ ଆନ୍ଦୋଳନ ଏବଂ ସାମାଜିକ ସଚେତନତା ସୃଷ୍ଟି କରିବ ବୋଲି ମୋର ଏକାନ୍ତ ଆଶା ଓ ବିଶ୍ୱାସ ।

ଇନ୍ଦୁଭୂଷଣ କର

ସଂପାଦକ

Digitized by srujanika@gmail.com

-ః ବିଷୟ ସୂଚୀ ః-

୧-	ନାରୀଜାତିର ସମ୍ମାନ ଓ ସ୍ୱାଧିକାର ରକ୍ଷାଦିଗରେ ଲେଖକର କର୍ତ୍ତବ୍ୟ ।	ଡ: ସୁଧାକାନ୍ତ ରଥ	୧
୨-	ନାରୀ ଶକ୍ତିର ସ୍ୱରୂପ : ଭାରତୀୟ ମନୀଷୀମାନଙ୍କର ଦୃଷ୍ଟିରେ	ଶ୍ରୀ ଚିତ୍ତରଞ୍ଜନ ଦାସ	୧୧
୩-	ନାରୀର ସ୍ୱାଧିକାର ଓ ସମ୍ମାନ ରକ୍ଷାଦିଗରେ ସାହିତ୍ୟର ଭୂମିକା	ଡ: ପ୍ରତିଭା ରାୟ	୨୮
୪-	ନାରୀଜାତିର ସମ୍ମାନ ଓ ସ୍ୱାଧିକାର ରକ୍ଷାଦିଗରେ ସାହିତ୍ୟର ଭୂମିକା :	ଡ: ମନୋରମା ମହାପାତ୍ର (ବିଶ୍ୱାଳ)	୪୧
୫-	ଓଡ଼ିଆ ନାଟକରେ ନାରୀ-ଚରିତ୍ରର ସ୍ୱରୂପ ।	ଡ: ସଂଘମିତ୍ରା ମିଶ୍ର	୪୬
୬-	ଓଡ଼ିଆ ସାହିତ୍ୟରେ ନାରୀର ସାମାଜିକ ସ୍ଥିତି ଓ ସ୍ୱରୂପ :	ଡ. ରଂଜିତା ନାୟକ	୬୬
୭-	ନାରୀଜାତିର ସମ୍ମାନ ଓ ସ୍ୱାଧିକାର ରକ୍ଷା କରିବା ଦିଗରେ ସାହିତ୍ୟର ଭୂମିକା :	ଶ୍ରୀମତୀ ବିଜୟିନୀ ଦାସ	୮୦
୮-	ଓଡ଼ିଆ ସାହିତ୍ୟରେ ନାରୀର ସାମାଜିକ ସ୍ଥିତି ଓ ସ୍ୱରୂପ :	ଶ୍ରୀମତୀ ଗୀତା ହୋତା	୯୨
୯-	ନାରୀର ସମ୍ମାନ ଓ ସ୍ୱାଧିକାରର ସୁରକ୍ଷା ଦିଗରେ ସାହିତ୍ୟର ଭୂମିକା :	ସୁଧାଂଶୁବାଳା ପଣ୍ଡା	୧୦୦
୧୦-	ନାରୀର ସମ୍ମାନ "ଓ" ସ୍ୱାଧିକାର :	ଡ: ଅପର୍ଣ୍ଣା ମହାନ୍ତି	୧୦୯
୧୧-	ନାରୀ ଓ ତାର ଅଧିକାର	ଶ୍ରୀମତୀ ତାରାମଣି ଅଗ୍ରୱାଲ	୧୧୭
୧୨-	ନାରୀଜାତିର ସମ୍ମାନ ଓ ତାର ଅଧିକାର ସୁରକ୍ଷା ଦିଗରେ ଲେଖିକାଙ୍କ ଭୂମିକା :	ଶ୍ରୀମତୀ କିରଣବାଳା ରଥ	୧୨୧

Digitized by srujanika@gmail.com

୧୩- ନାରୀମୁକ୍ତି ଆନ୍ଦୋଳନ ପରିପ୍ରେକ୍ଷୀରେ ସମାଜ, ସାହିତ୍ୟ, ନାରୀ :	କନକା ଦେବୀ	୧୨୮
୧୪- ଓଡ଼ିଆ ସାହିତ୍ୟରେ ନାରୀର ସାମାଜିକ ସ୍ଥିତି ଓ ସ୍ୱରୂପ :	ଶ୍ରୀମତୀ ଶ୍ୱେତପଦ୍ମାସିନୀ	୧୩୬
୧୫- ନାରୀ ସ୍ୱାଧୀନତାର ସ୍ୱର ଏବଂ ସାଧନା :	ଶ୍ରୀମତୀ କନକଲତା ମହାନ୍ତି	୧୪୦
୧୬- ସାଂପ୍ରତିକ ନାରୀ : ଭୂମି ଓ ଭୂମିକା :	ଜୟଶ୍ରୀ ମିଶ୍ର	୧୪୪
୧୭- ନାରୀଜାତିର ସମ୍ମାନ ଓ ସ୍ୱାଧିକାର :	ଡ ହୃଷିକେଶ ମଲ୍ଲିକ	୧୪୭
୧୮- ଡେଡେମୋନାର ଅପେକ୍ଷାରେ	ଡ. ପ୍ରତିଭା ଶତପଥୀ	୧୬୨
୧୯- ନାରୀର ସମ୍ମାନ ଓ ସୁରକ୍ଷା କ୍ଷେତ୍ରରେ ସାହିତ୍ୟର ଭୂମିକା :	ଡ. ଇନ୍ଦୁ ମିଶ୍ର	୧୭୧
୨୦- ନାରୀର ସମ୍ମାନ ଓ ସ୍ୱାଧିକାର ଦିଗରେ ସାହିତ୍ୟର ଭୂମିକା :	ଜ୍ୟୋତ୍ସ୍ନା ରଥରାୟ	୧୮୦
୨୧- ନାରୀଜାତିର ସମ୍ମାନ ଓ ସ୍ୱାଧିକାର ସୁରକ୍ଷାଦିଗରେ ସାହିତ୍ୟର ଭୂମିକା ଏବଂ ଓଡ଼ିଆ ସାହିତ୍ୟରେ ନାରୀର ସାମାଜିକ ସ୍ଥିତି ଓ ସ୍ୱରୂପ :	ବୀଣା ପଟ୍ଟନାୟକ	୧୮୬
୨୨- ନାରୀର ସମ୍ମାନ, ସ୍ୱାଧିକାର ଓ ସୁରକ୍ଷା ଦିଗରେ ସାହିତ୍ୟର ଭୂମିକା :	ଡ. ବିଜୟଲକ୍ଷ୍ମୀ ସ୍ୱାଇଁ	୧୯୨
୨୩- ଓଡ଼ିଆ କ୍ଷୁଦ୍ରଗଳ୍ପରେ ନାରୀଚରିତ୍ରର ସ୍ୱରୂପ :	ଡ. ଲାବଣ୍ୟ ନାୟକ	୧୯୬
୨୪- ପରିଚୟ ଅନ୍ୱେଷା :	ଡ. ଗିରିବାଳା ମହାନ୍ତି	୨୧୦

□□

Digitized by srujanika@gmail.com

ନାରୀ ଜାତିର ସମ୍ମାନ ଓ ସ୍ୱାଧିକାର ରକ୍ଷା ଦିଗରେ ଲେଖକର କର୍ତ୍ତବ୍ୟ

ଡକ୍ଟର ରାଧାନାଥ ରଥ

ଯେକୌଣସି ପରିବର୍ତ୍ତନଶୀଳ ସମାଜରେ ପରସ୍ପର ବିରୋଧୀ ଓ ସଂଘର୍ଷାତ୍ମକ ସମସ୍ୟା ବିଷୟରେ ଲେଖକ ଲେଖିବାକୁ ହେଲେ ତାକୁ ସେ ବିଷୟରେ ଗୋଟିଏ ବଳିଷ୍ଠ ଆଦର୍ଶଗତ ନୀତି ଗ୍ରହଣ କରିବାକୁ ହେବ । ସମାଜର ଅର୍ଥନୈତିକ ଓ ସାଂସ୍କୃତିକ ରୀତିନୀତି ଏବଂ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ପାରସ୍ପରିକ ସମ୍ପର୍କ ସମ୍ବନ୍ଧୀୟ ସାମଗ୍ରିକ ପୃଷ୍ଠଭୂମି ବିଷୟରେ ତା'ର ଗଭୀର ଅନୁଧ୍ୟାନ ରହିବା ଦରକାର । ତେଣୁ ନାରୀର ସମ୍ମାନ ଓ ସ୍ୱାଧିକାର ନେଇ ଲେଖିବାକୁ ହେଲେ କି ପ୍ରକାର ଆଦର୍ଶଗତ ଦିଗନ୍ତ ତା'ପାଖରେ ରହିଲେ ତାର ଲେଖନୀ ଶକ୍ତିଶାଳୀ ହୋଇ ପାରିବ ସେହି ଉଦ୍ଦେଶ୍ୟ ନେଇ ଏଠାରେ ତାତ୍ତ୍ୱିକ ବିଶ୍ଳେଷଣ କରାହୋଇଛି ।

ସମାଜରେ ଯେକୌଣସି ବ୍ୟକ୍ତି ବା ଗୋଷ୍ଠୀ ଶ୍ରେଣୀ ବା ସଂପ୍ରଦାୟର ଅର୍ଥନୈତିକ ସ୍ଥିତି ଯେତେ ଶ୍ରେଷ୍ଠ ଉଚ୍ଚରେ ସେ ସେତେ ବେଶୀ ସାମାଜିକ ସମ୍ମାନ ଓ ମର୍ଯ୍ୟାଦାର ଅଧିକାରୀ ହୋଇଥାଏ । ସମାଜର ନିମ୍ନ ଦେଶରେ ଥିବା ଲୋକଙ୍କର ଅଧିକାର ଆଇନାନୁବନ୍ଧ ହୋଇଥିଲେ ସୁଦ୍ଧା ବହୁ ସମୟରେ ଏହା ଠିକ୍ ଧରଣରେ କାର୍ଯ୍ୟକାରୀ ହୋଇପାରେ ନାହିଁ । ସେମାନଙ୍କ ଉପରେ ବେଆଇନ ଅତ୍ୟାଚାର ଓ ଜୁଲୁମ ହେଲେ ମଧ୍ୟ ସମାଜରେ ତାର ତୀବ୍ର ପ୍ରତିକ୍ରିୟା ଦେଖାଯାଏ ନାହିଁ । ଏହା ସାଧାରଣତଃ ପୃଥିବୀର ସବୁ ସମାଜରେ ଦେଖାଯାଇଥାଏ । କିନ୍ତୁ ବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଏ ପ୍ରକାର ସାମାଜିକ ଉଚ୍ଚ ନୀଚ ସମ୍ବନ୍ଧୀୟ ଚାରୁ ବିପ୍ଳବ ନେଇ ସମଗ୍ର ପୃଥିବୀରେ ବହୁ ପ୍ରକାରର ଆନ୍ଦୋଳନ ଦେଖାଦେଇଛି । ଅର୍ଥନୈତିକ ଓ ସାମାଜିକ ପାର୍ଥକ୍ୟ ଉପରେ ପର୍ଯ୍ୟବସିତ ଆପେକ୍ଷିକ ବିଘଟିତ କାର୍ଯ୍ୟକଳାପ ପରିବର୍ତ୍ତେ ଗୋଟିଏ ସାର୍ବଜନୀନ ମାନବୀୟ ଦୃଷ୍ଟିକୋଣର ପ୍ରବର୍ତ୍ତନ ପାଇଁ ନାନା ସ୍ତରରେ ପୃଥିବୀର ସବୁଦେଶ, ସବୁ ସମାଜ ତଥା ସଂପ୍ରଦାୟ ଭିତରେ ଜାଗରଣ ଦେଖାଦେଇଛି । ଅଧିକାଂଶ ସମାଜରେ ନିମ୍ନସ୍ତରରେ ଥିବା ନାରୀ ଜାତିର ସମ୍ମାନ ଓ ଅଧିକାରର ସୁରକ୍ଷା ଏହି ବହୁ ବିଶ୍ୱବ୍ୟାପୀ ଚେତନା ଓ ବୌଦ୍ଧିକ

Digitized by srujanika@gmail.com

ଆନ୍ଦୋଳନର ଗୋଟିଏ ମୁଖ୍ୟ ଦିଗନ୍ତ ହିସାବରେ ସମଗ୍ର ମାନବ ସମାଜରେ ଗୃହୀତ ହୋଇଯାଇଛି । ପ୍ରତ୍ୟେକ ମନୁଷ୍ୟର— ସେ ସ୍ତ୍ରୀ ହେଉ ବା ପୁରୁଷ ହେଉ— ଜନ୍ମ-ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାର ସର୍ବବିଧ ବିକାଶଗତ କଲ୍ୟାଣ ସମାଜର ସଂପୂର୍ଣ୍ଣ ଦାୟିତ୍ୱ ହିସାବରେ ଯେଉଁ ଉଦାର ନୀତି ଗଢ଼ି ଉଠିଛି ତାହା ପୁଞ୍ଜିପତି, ସାମ୍ୟବାଦୀ, ସାମନ୍ତବାଦୀ ଏବଂ ଧନୀ ତଥା ଉନ୍ନତଶୀଳ ଦେଶମାନଙ୍କରେ ମୋଟା ମୋଟି ଭାବରେ ଗୋଟିଏ ସର୍ବସମ୍ମତ ସମାଜ-ଦର୍ଶନ ହିସାବରେ ଗୃହୀତ ହୋଇଛି । ଏହି ପରିପ୍ରେକ୍ଷୀରେ ନାରୀ ସ୍ୱାଧୀନତା ଓ ତାର ସାମାଜିକ ସମ୍ମାନ କଥା ନୂତନ ଭାବରେ ଦେଖା ଦେଇଛି । ନାରୀ ହୋଇ ଜନ୍ମ ହେବା ଫଳରେ ପିଲଦିନୁ ମୃତ୍ୟୁ ଯାଏ ସେ ଯେପରି ଅନାଦୃତ ହୋଇ ରହିଛି—ଅନେକ ସମୟରେ ଝିଅ ଭ୍ରୂଣକୁ ମଧ୍ୟ ନଷ୍ଟ କରି ଦିଆହେଉଛି । ଜନ୍ମପରେ ସେ ପୁଅଠାରୁ କମ ଆଦର ଯତ୍ନ ପାଉଛି ମନୁଷ୍ୟହିଁ ତାର ପରମ୍ପରା—ନାରୀ ବିବାହ ପୂର୍ବରୁ ବାପର, ବିବାହ ପରେ ସ୍ୱାମୀର ଏବଂ ସ୍ୱାମୀ ପରେ ପୁଅର ହେପାଜତ ଦ୍ରବ୍ୟ ବୋଲି ବିବେଚିତ ହୋଇ ଆସୁଅଛି । ଝିଅ ବୋଲି ଉପଯୁକ୍ତ ଶିକ୍ଷାଦାନରୁ ତାକୁ ବଞ୍ଚିତ କରହେଉଛି—ଶେଷରେ ଯୌତୁକ ବେଦି ଜନିତ ଅତ୍ୟାଚାରର ସେ ଶୀକାର ହେଉଛି—ତାହା ବହୁ ଦେଶରେ ଲୋପ ପାଇ ଆସିଲାଣି ଯଦିଓ ଆମ ଦେଶରେ ବର୍ତ୍ତମାନ ସୁଦ୍ଧା ଏହି ନିଦାରୁଣ ପକ୍ଷପାତିତା ଚାଲିଆସିଛି ।

କିନ୍ତୁ ଗୋଟିଏ ସ୍ୱତଃସିଦ୍ଧ ଆଦର୍ଶ ଯେ ସହଜରେ ସର୍ବସାଧାରଣଙ୍କ ଦ୍ୱାରା ଦୈନନ୍ଦିନ ଆଚରଣ ଭିତରେ ସହଜରେ ପରିଣତ ହୋଇଯିବ ତାହା ସମ୍ଭବ ନୁହେଁ । ଯୁଗଯୁଗ ଧରି ଯେଉଁ ଆଚାର ବିଚାର ଲୋକଙ୍କର ସାଂସ୍କୃତିକ ଚାଲିଚଳଣର ବିଶେଷ ଅଂଶ ରୂପେ ସ୍ୱୀକୃତି ପାଇ ଆସିଛି, ଯାହା ଯୁଗ ଯୁଗ ବ୍ୟାପୀ ସାମାଜିକ ନୀତି ନିୟମ ଓ ବ୍ୟାବହାରିକ ଅଭ୍ୟାସରେ ରୂପାନ୍ତରିତ ହୋଇଯାଇଛି ତାହାର ପରିବର୍ତ୍ତନ ବହୁ କଷ୍ଟସାଧ୍ୟ ଓ ସମୟ ସାପେକ୍ଷ । ନାରୀ ଜାତିର ନିମ୍ନ ସାମାଜିକ ଓ ଅର୍ଥନୈତିକ ଅଧିକାର ନେଇ ଏହିପରି ଗୋଟିଏ ଅଭ୍ୟାସଗତ ଆଚରଣ ଆମ ଦେଶରେ କାହିଁକି ବହୁ ଦେଶରେ ବର୍ତ୍ତମାନ ସୁଦ୍ଧା ଚାଲି ଆସିଛି । ଏ କ୍ଷେତ୍ରରେ ବହୁ ପ୍ରକାରର କୁସଂସ୍କାର ଅଯୌକ୍ତିକ ବିଚାର, ଧର୍ମ ଓ ସଂସ୍କାରଗତ ନିର୍ଦ୍ଦେଶନା ଓ ପରମ୍ପରାଗତ ଅନୁଶାସନ ଆମର ଦୈନନ୍ଦିନ ଆଚରଣକୁ ନିୟନ୍ତ୍ରଣ କରି ଆସୁଛି, ତେଣୁ ବିଂଶ ଶତାବ୍ଦୀର ପ୍ରଗତିଶୀଳ ଦର୍ଶନ ଏ କ୍ଷେତ୍ରରେ ଆମକୁ ସହଜରେ ଅନୁପ୍ରାଣିତ କରିପାରୁନାହିଁ । ଆଦର୍ଶଗତ ପ୍ରେରଣା ମିଳେ ମଧ୍ୟ କାର୍ଯ୍ୟ କ୍ଷେତ୍ରରେ ଆମର ବ୍ୟବହାର ବଦଳି ପାରୁନାହିଁ । ସାମାଜିକ ପରିସ୍ଥିତି ଓ ଭାରତୀୟ ଐତିହ୍ୟ

Digitized by srujanika@gmail.com

ପ୍ରକୃତିର ଆଳ ଦେଖାଇ ଆମେ ଭବିଷ୍ୟତକୁ ଅପେକ୍ଷା କରୁଛୁ । କାରଣ ବର୍ତ୍ତମାନ ଅଗୋଚରେ ସଂପୂର୍ଣ୍ଣ ନାରୀ ସ୍ୱାଧୀନତା ଫଳରେ ସମାଜରେ ଅରାଜକତା ବ୍ୟାପି ଯିବା କଥା ଆମେ କହୁଛୁ । ଅନେକ ନାରୀ ମଧ୍ୟ ଏ ପ୍ରକାର ଚିରଚରିତ ମନୋବୃତ୍ତିର ଦୃଢ଼ ମାନକ ହୋଇ ଠିଆ ହେଉଛନ୍ତି — ସେମାନେ ନାରୀ ହୋଇ ମଧ୍ୟ ନାରୀ ଜାତିର ଅକଥନୀୟ ଯନ୍ତ୍ରଣା ଲାଗି ଦାୟୀ ହେଉଛନ୍ତି । ଏପରି ପରିସ୍ଥିତିରେ ଆଦର୍ଶବାଦୀ ଲେଖକଙ୍କର ଅଗ୍ରଧର୍ଷୀ କାର୍ଯ୍ୟକ୍ରମ ଗ୍ରହଣ କରିବା ଉଚିତ ।

ଭାରତରେ ବିଭିନ୍ନ ସମୟରେ ଯେ ବହୁ ବିଦୁଷୀ ଶାସ୍ତ୍ର-ନିପୁଣା, ରାଜନୀତିରେ ସିଦ୍ଧହସ୍ତା ନାରୀ ଦେଖା ଦେଇ ନାହାନ୍ତି ତା'ନୁହେଁ, କିନ୍ତୁ ସେମାନଙ୍କର ସଂଖ୍ୟା ଏତେ ଅଳ୍ପ ଯେ ଆଜି ପର୍ଯ୍ୟନ୍ତ ଭାରତ କେବଳ ପୁରୁଷ ପ୍ରାଧାନ୍ୟ ସାମାଜିକ ଓ ଅର୍ଥନୈତିକ ପରମ୍ପର ସୃଷ୍ଟି କରି ଆସିଛି । ଯେଉଁ ଆଦର୍ଶ-ସ୍ଥାନୀୟା ସର୍ବଜନ-ନମସ୍ୟା ନାରୀମାନଙ୍କର ନାମ ଆମ ସମାଜରେ ପ୍ରସିଦ୍ଧ, ସେମାନେ ବହୁତ ଶକ୍ତିଶାଳିନୀ ହୋଇଥିଲେ ସୁଦ୍ଧା କେବଳ ନାରୀ ହୋଇଥିବାରୁ ପୁରୁଷମାନଙ୍କଠାରୁ ବହୁ ନିର୍ଯ୍ୟାତନା ଭୋଗ କରିଛନ୍ତି ଏବଂ ସେ ସମୟର ସମାଜ ତାକୁ ଧର୍ମଗତ ଅନୁମୋଦନ ଦେଇଆସିଛି । ସୀତା ମା' ବସୁନ୍ଧରାଙ୍କ କନ୍ୟା ହୋଇ ସୁଦ୍ଧା ତାଙ୍କର କଥାରେ ବିଶ୍ୱାସ ନକରି ରାମରାଜ୍ୟର ପ୍ରତିଷ୍ଠାତା ଶ୍ରୀରାମ ଦୁଇ ଦୁଇ ଥର ତାଙ୍କୁ ତାଙ୍କର ସତୀତ୍ୱ ପ୍ରମାଣ ଲାଗି ଅଗ୍ନି ପରୀକ୍ଷା ନେବାକୁ କହିଥିଲେ । ଅନ୍ୟ କେହି ଜଣେ ବି ତାର ପ୍ରତିରୋଧ କରି ନଥିଲେ । କିନ୍ତୁ ରାମ ସୀତାଙ୍କ ଅନୁପସ୍ଥିତିରେ ଅଲଗା ରହିଥିଲେ ସୁଦ୍ଧା ତାଙ୍କର ସତୀତ୍ୱ ପରୀକ୍ଷାର ଆବଶ୍ୟକତା ହେଲା ନାହିଁ । କାରଣ ସୀତା ବର୍ତ୍ତମାନର ସ୍ତ୍ରୀଲୋକଙ୍କ ପରି ଗୋଟିଏ ମାଟି ହାଣ୍ଡି ଏବଂ ରାମ ପିତଳ ହାଣ୍ଡି ବୋଲି ଶାସ୍ତ୍ରାନୁମୋଦନ ପାଇଥିଲା ।

ଦ୍ରୌପଦୀ ସାମାନ୍ୟ ଗୋଟିଏ ଭୁଲ ବୁଝାମଣା କଥା ଯୋଗୁ ପାଞ୍ଚଜଣ ପାଣ୍ଡବଙ୍କୁ ବର ହିସାବରେ ବରଣ କରିବାକୁ ବାଧ୍ୟ ହୋଇଥିଲେ । ପଞ୍ଚ ପତିଙ୍କର ପାଦସେବାଠୁ ଆରମ୍ଭ କରି ସମସ୍ତ ପ୍ରକାରର ମନୋରଞ୍ଜନ କରି ତାଙ୍କର ଜୀବନକୁ ତଳିତଳାନ୍ତ କରିଦେଲେ । ତଥାପି ଧର୍ମରାଜ ଯୁଧିଷ୍ଠିର ତାଙ୍କୁ ଜୁଆ ଖେଳରେ ହାରିଲେ । ସମସ୍ତଙ୍କ ଆଗରେ କୁରୁସଭାରେ ତାଙ୍କୁ ବିବସ୍ତ୍ର କରାଯିବା ବୃତ୍ତାନ୍ତ ଭାରତରେ ନାରୀ ନିର୍ଯ୍ୟାତନାର ଚରମ ନିଦର୍ଶନ । ଭୀଷ୍ମ ଦ୍ରୋଣାଚାର୍ଯ୍ୟ ପ୍ରଭୃତି ମହାମନୀଷୀ ଧର୍ମରକ୍ଷକମାନେ ଦ୍ରୌପଦୀଙ୍କର ସମ୍ମାନ ରକ୍ଷା କରିବା ପାଇଁ ଆଗେଇ ଆସିଲେ ନାହିଁ । ବରଂ ଧର୍ମ ଓ ପରମ୍ପରାର ଅନୁମୋଦନ ଦେଲେ । ଏହି ଧର୍ମରାଜ

Digitized by srujanika@gmail.com

ଯୁଧିଷ୍ଠିର ସ୍ୱଶରୀରରେ ସ୍ୱର୍ଗକୁ ଗଲାବେଳେ ଦ୍ରୌପଦୀ ଆଡକୁ ଟିକିଏ ଚାହିଁଲେ ବି ନାହିଁ ବରଂ କୁକୁରଟିକୁ ତାର ପ୍ରଭୁଭକ୍ତି ପାଇଁ ସାଙ୍ଗରେ ସ୍ୱର୍ଗକୁ ନେବାକୁ ଜିଦ୍ ଧରି ବସିଲେ । ଦ୍ରୌପଦୀଙ୍କର ସାରା ଜୀବନର ସେବା ତାଙ୍କୁ କୁକୁରଠାରୁ ଅଧିକ ପ୍ରଭୁଭକ୍ତ କରି ପାରିଲା ନାହିଁ ।

ଅନେକ ଭାରତୀୟ ଉପରୋକ୍ତ ଚର୍ଚ୍ଚରେଚିତ କାର୍ଯ୍ୟ ପାଇଁ ଦେବୋପମ ରାମ ଯୁଧିଷ୍ଠିରଙ୍କୁ ସମାଲୋଚନା କରିବାକୁ କୁଣ୍ଠାବୋଧ କରନ୍ତି, ବରଂ କହନ୍ତି ଯେ ଏହାର ନାନା ଦାର୍ଶନିକ ବ୍ୟାଖ୍ୟା ରହିଛି । କିନ୍ତୁ ଯେଉଁ ତଥ୍ୟ ଥାଉ ପଛକେ ସୀତା ଦ୍ରୌପଦୀ କେବଳ ନାରୀ ହୋଇଥିବାରୁ ଯେ ଏପରି ଭାବରେ ନିର୍ଯ୍ୟାତିତା ହୋଇଛନ୍ତି ଏ ବିଷୟରେ ସନ୍ଦେହର ଅବକାଶ ନାହିଁ । ସେମାନେ ଓ ତାଙ୍କ ଦେବୋପମ ସ୍ୱାମୀଙ୍କୁ ଏଥିପାଇଁ କ୍ଷମା ଦେଇ ନାହାନ୍ତି ? ସୀତା ଆତ୍ମହତ୍ୟା କଲେ—ଦ୍ରୌପଦୀ ତାଙ୍କର କେଶଗୁଚ୍ଛ ଖୋଲି ରଖିଲେ—ପୁରୁଷ ଅତ୍ୟାଚାରୀର ରକ୍ତ ପ୍ରତୀକ୍ଷାରେ । ତେଣୁ ପୁରୁଷ ବ୍ୟାଖ୍ୟାକାର ଏହାକୁ ଯେପରି ଭାବରେ ତାତ୍ତ୍ୱିକ ବ୍ୟାଖ୍ୟା କରନ୍ତୁ ପଛକେ ସେ ଯୁଗର ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀମର୍ଯ୍ୟାଦା ତଥା ସ୍ୱାଭିମାନର ଆଦର ନଥିଲା । ସ୍ୱୟଂମ୍ବର ପରେ ସେ ଅନ୍ୟାନ୍ୟ ପତ୍ନୀମାନଙ୍କ ସହିତ ପୁରୁଷର କେବଳ ଉପଭୋଗ୍ୟା ହିସାବରେ ଆଦୃତ ହେଉଥିଲା—ତା' ପାଇଁ କେତେ କାବ୍ୟ କବିତା ଲେଖା ଯାଉଥିଲା । ସେଥିପାଇଁ ସେ ମଧ୍ୟ ବିଦ୍ରୋହ କରି ଆସିଛି ।

ଯେଉଁ ହିନ୍ଦୁମାନେ ସରସ୍ୱତୀ, ଲକ୍ଷ୍ମୀ, ଦୁର୍ଗା ପ୍ରଭୃତି ଅତି ପରାକ୍ରମଶାଳିନୀ ନାରୀ ମୂର୍ତ୍ତିର ଆରାଧନା କରନ୍ତି ସେମାନେ କଅଣ ସାଧାରଣ ନାରୀକୁ ଉପଯୁକ୍ତ ସମ୍ମାନ ଓ ଅଧିକାର ଦେଉଛନ୍ତି ? ତେଣୁ ନାରୀ ପ୍ରତି ଅନାଦର, ଅତ୍ୟାଚାର ହେଲା ଆମର ବିଗତ ଐତିହ୍ୟର ଗୋଟିଏ କରୁଣ ଚିତ୍ର । ଅବଶ୍ୟ ଏଥିରେ ବିଚିତ୍ରତା କିଛି ନାହିଁ । କାରଣ ସେ ଯୁଗର ସାମନ୍ତବାଦୀ ସମାଜର ଯେପରି ଚରିତ୍ର—ବାହୁବଳ ଉପରେ ଯେପରି ସାର୍ବଭୌମ କ୍ଷମତା ନ୍ୟସ୍ତ ଥିଲା ରାଜାର ଦରବାରରେ ପଣ୍ଡିତମାନେ ରାଜା ଦେବତା ବୋଲି ଶ୍ଳୋକ ଲେଖିଲେ ସ୍ୱର୍ଣ୍ଣମୁଦ୍ରା ପାଉଥିଲେ । ଭୀଷ୍ମ, ଦ୍ରୋଣାଚାର୍ଯ୍ୟଙ୍କ ପରି ପଣ୍ଡିତମାନେ ମଧ୍ୟ ରାଜାର ଅନ୍ୟାୟ ବିରୁଦ୍ଧରେ ବିଦ୍ରୋହ କରି ପାରୁନଥିଲେ । ଦ୍ରୌପଦୀଙ୍କର ବସ୍ତ୍ରହରଣ ବେଳେ ରାଜାନୁଗତ୍ୟ ଯୋଗୁ ଏମାନେ ପ୍ରତିବାଦ କରିପାରିନଥିଲେ—ଦ୍ରୌପଦୀଙ୍କୁ ଦ୍ୟୁତକ୍ରୀଡ଼ାରେ ହାରିବାର ଅଧିକାର ଯୁଧିଷ୍ଠିରଙ୍କର ଅଛି ବୋଲି ଏମାନେ ମତ ଦେଇଥିଲେ, ଏମାନଙ୍କର କାଳ୍ପନିକ ସ୍ୱର୍ଗରାଜ୍ୟରେ ମଧ୍ୟ ରାଜଦରବାର ଥିଲା—ଅପ୍ସରମାନେ ନୃତ୍ୟ

Digitized by srujanika@gmail.com

କରୁଥିଲେ । ଇନ୍ଦ୍ର ସେମାନଙ୍କୁ ଅନ୍ୟ ତପସ୍ୟାରତ ପୁରୁଷମାନଙ୍କ ପାଖକୁ ପଠାଉଥିଲେ ସେମାନଙ୍କୁ ରତିକ୍ରିୟାରେ ବ୍ରତୀ କରିବା ପାଇଁ । ଏପରି ଗୋଟିଏ ପରିସ୍ଥିତିରେ ମେନକା ଋଷି ବିଶ୍ୱାମିତ୍ରଙ୍କୁ ବିବାହ କରି ଜନନୀ ହେଲେ ଏବଂ ସ୍ୱାମୀ ଓ କନ୍ୟାକୁ ଛାଡ଼ିବାକୁ ଅନିଚ୍ଛୁକ ହେଲେ । କିନ୍ତୁ ଇନ୍ଦ୍ର ତାଙ୍କ ନିଜର ସ୍ୱାର୍ଥସାଧନ ପାଇଁ ଜବରଦସ୍ତ ତାଙ୍କୁ ସ୍ୱର୍ଗକୁ ଫେରାଇ ଆଣିଲେ । ଏ କଉଣ ନାରୀ ମର୍ଯ୍ୟାଦାର ପ୍ରଶଂସନୀୟ ଉଦାହରଣ ? ଏସବୁ ଥିଲା ସେ ଯୁଗର ସାମନ୍ତବାଦୀ ସମାଜର ନୀତିନିୟମ । କିନ୍ତୁ ତାହା କଉଣ ବର୍ତ୍ତମାନ ଯୁଗରେ ଅନୁକରଣୀୟ ? ତେଣୁ ଆମ ନାରୀକୁ ଧର୍ମ ନାମରେ, ପରମ୍ପରା ନାମରେ ସେମାନଙ୍କୁ ଅନୁକରଣ କରିବା ପାଇଁ ଉପଦେଶ ପଛରେ ପୁରୁଷ ଜାତିର ସ୍ତ୍ରୀ ଜାତିକୁ ନିଜ ଅଧୀନରେ ରଖିବାର ନୀତିକୁ ପୁଣି ପ୍ରତିପାଦିତ କରନ୍ତେଉଛି ବୋଲି ମୋର ଦୃଢ଼ ମତ ।

ତେଣୁ ନାରୀର ସମ୍ମାନ ଓ ଅଧିକାର ନେଇ ବିଂଶ ଶତାବ୍ଦୀର ଯେଉଁ ନୂତନ ଜାଗରଣ ତାହା ଆମ ଐତିହ୍ୟର ସଂପୂର୍ଣ୍ଣ ପରିପନ୍ଥୀ ବୋଲି ଧରିନେବାକୁ ହେବ । ଏପରି ପରିସ୍ଥିତିରେ ପୁରାତନ ତଥା ପ୍ରଚଳିତ ସାମାଜିକ ରୀତିନୀତି ବିରୁଦ୍ଧରେ ସଂଗ୍ରାମ କରି ନାରୀମାନଙ୍କର ନ୍ୟାଯ୍ୟ ସ୍ୱାଧିକାର ସାବ୍ୟସ୍ତ କରିବା ପାଇଁ ନୂତନ ଚିନ୍ତନ ସୃଷ୍ଟି କରିବା ଦିଗରେ ଲେଖକମାନଙ୍କର ଲେଖନୀ ଯେ ଅତି ଶକ୍ତିଶାଳୀ ହେବା ଆବଶ୍ୟକ ଏ ବିଷୟରେ ମତଦ୍ୱୈଧର ଅବକାଶ ନାହିଁ ।

ଅନେକ ସମୟରେ ଗୋଟିଏ ମୌଳିକ ମତଭେଦ ରହୁଛି ଯେ ନାରୀମାନଙ୍କର ଅଧିକାର କେତେ ବେଶୀ ହେବା ଦରକାର । ନାରୀ କଉଣ ପୁରୁଷମାନଙ୍କ ସହିତ ସବୁ କ୍ଷେତ୍ରରେ ସମାନ ହେବା ଉଚିତ ? ଆଧୁନିକ ସାର୍ବଜନୀନ ମାନବୀୟ ମୂଲ୍ୟବୋଧ ଦୃଷ୍ଟିରୁ ନାରୀ ପୁରୁଷଙ୍କ ଭିତରେ କୌଣସି ପ୍ରକାରର ଅର୍ଥନୈତିକ ଓ ସାମାଜିକ ପାର୍ଥକ୍ୟ ରହିବା ଉଚିତ ନୁହେଁ । ପୁରୁଷଠାରୁ ବୁଦ୍ଧି, ବିବେକ, ମାନସିକ କ୍ଷମତା ତଥା ଆଧ୍ୟାତ୍ମିକ ଯୋଗ୍ୟତା ପ୍ରଭୃତି କ୍ଷେତ୍ରରେ କୌଣସି ଅଂଶରେ ନାରୀ କମ ନୁହେଁ, ବରଂ ସହନଶୀଳତା, ଦୟା, ଆନୁଗତ୍ୟ ପ୍ରଭୃତି ବହୁ ମାନବୀୟ କୋମଳତା କ୍ଷେତ୍ରରେ ପୁରୁଷଠାରୁ ନାରୀ ଉଚ୍ଚରେ । ଆଧୁନିକ ଯୁଗର ପ୍ରଗତିଶୀଳ କାର୍ଯ୍ୟପନ୍ଥା ଯେପରି କ୍ଷିପ୍ର ଭାବରେ ଗତିଶୀଳ—ଜ୍ଞାନବିଜ୍ଞାନର ପରିସର ଯେପରି ଦ୍ରୁତ ଭାବରେ ଅଭିବୃଦ୍ଧି ଘଟୁଛି ସେଥିରେ ଅର୍ଦ୍ଧାଂଶ ନାରୀ ସମାଜ ପୁରୁଷଙ୍କ ସହିତ ସମକକ୍ଷ ହୋଇ ଆଗେଇଯିବା ବିଧେୟ—ଏ ବିଷୟରେ ମଧ୍ୟ ପ୍ରାୟ ମତଦ୍ୱୈଧ ନାହିଁ ତଥାପି ଏତେ ଯୁଗ ଧରି ଯେଉଁ ପାରସ୍ପରିକ ସଂପର୍କ ଗଢ଼ି ଉଠିଛି ତାକୁ

Digitized by srujanika@gmail.com

ସହଜରେ ଛାଡଦେବା ଲୋକଙ୍କ ପକ୍ଷରେ ସହଜ ନୁହେଁ, କିନ୍ତୁ ଏପରି ଅପୌକ୍ତିକ ସାମାଜିକ ସଂପର୍କ ଯୋଗୁ ନାରୀମାନଙ୍କର କେତେ ବେଶୀ ମାନସିକ ଯନ୍ତ୍ରଣା, କେତେ ବେଶୀ ନିଦାରୁଣ ଦୁଃଖ ଯାତନା ସେମାନଙ୍କୁ ଭୋଗିବାକୁ ପଡ଼ୁଛି ତାର ମାପିଚ ବିଶ୍ଳେଷଣ ଲେଖକମାନଙ୍କର ବଳିଷ୍ଠ ଲେଖନୀରେହିଁ ପ୍ରକାଶ ପାଇପାରିବ । ଏମାନଙ୍କର ନିର୍ଯାତନା ଏମାନଙ୍କର ସନ୍ତାନସନ୍ତତି ତଥା ପୁରୁଷ ଜାତିକୁ ମଧ୍ୟ ଷରକ୍ରାନ୍ତ କରି ପକାଉଛି । ସାହିତ୍ୟହିଁ ମନୁଷ୍ୟର ବେଦନାନୁଭୂତିକୁ ପରିସ୍ଫୁଟ କରିବାରେ ସାର୍ବଜନୀନତା ସୃଷ୍ଟି କରିପାରେ । ସର୍ଜନାର ଆଲୋକବର୍ତ୍ତିକା ମନୁଷ୍ୟ ସମାଜର ଏହି ବିଷାଦମୟ କରୁଣ ଗାଥାକୁ ପରିପ୍ରକାଶ କରିବାରେ ବଳିଷ୍ଠ ଆଦର୍ଶ ପ୍ରତିଷ୍ଠା କରିପାରେ । ଏଥିପାଇଁ ଅବଶ୍ୟ ଉତ୍ସାହ ଓ ବିରାଟ ସାହସର ଆବଶ୍ୟକତା ରହିଛି । ସାମାଜିକ ଓ ସାଂସ୍କୃତିକ ଐତିହ୍ୟ ବିରୁଦ୍ଧରେ ଲେଖନୀ ଚାଳନା ସହଜ ନୁହେଁ । ତେଣୁ ଅଗ୍ରଗାମୀ ମନୁଷ୍ୟ ସମାଜର ଦୂରଦର୍ଶୀ ଦାର୍ଶନିକ ହିସାବରେ ସାହିତ୍ୟରେ ଗତିମୟ ଚିତ୍ର ସୃଷ୍ଟି ହେବା ବାଞ୍ଛନୀୟ । କାରଣ କେବଳ ଆଇନ ଦ୍ୱାରା ନାରୀମାନଙ୍କର ସମ୍ମାନର ଉପଯୁକ୍ତ ସୁରକ୍ଷା ସମ୍ଭବ ନୁହେଁ । ଅନେକ ସମୟରେ ଆଇନ ମଧ୍ୟ ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀ ବିରୁଦ୍ଧରେ ଯାଏ । ଉଦାହରଣ ବେଶ୍ୟାବୃତ୍ତି ପାଇଁ କଅଣ କେବଳ ନାରୀମାନେ ଦାୟୀ ? ତଥାପି ସବୁବେଳେ ନାରୀଙ୍କୁହିଁ ପୁଲିସ ଧରି ନିଏ—ପୁରୁଷକୁ ନୁହେଁ । ଯେଉଁ ପୁଲିସ ଧରି ନିଏ ସେ ବେଶ୍ୟାବୃତ୍ତିର ପ୍ରଧାନ ପୃଷ୍ଠପୋଷକ । ଏପରିକି ନାରୀ ଦେହ ବିକ୍ରୀ ଲବ୍ଧ ରକ୍ତରଞ୍ଜିତ ରୋଜଗାରରେ ମଧ୍ୟ ପୁରୁଷ ଅଂଶୀଦାର ହୁଏ । ତା ନହେଲେ ବେଶ୍ୟା ତାର ବୃତ୍ତି ଚଳାଇ ପାରିବ ନାହିଁ । କେତେ ଲେଖକ ପତିତା ନାରୀଙ୍କର ଏହି ଅମାନୁଷିକ ଯନ୍ତ୍ରଣା ପ୍ରସଙ୍ଗରେ ନିର୍ଭୟରେ ଲେଖନୀ ଚାଳନା କରିପାରନ୍ତି ?

ନାରୀ ଜାତିର ସମ୍ମାନ ଓ ଅଧିକାର ତାର ଅର୍ଥନୈତିକ ସ୍ୱାଧୀନତା ଓ ଉପାର୍ଜନଶୀଳତା ଉପରେ ଅନେକ ସମୟରେ ନିର୍ଭର କରିଥାଏ । କାରଣ ଅର୍ଥ-ନୈତିକ ସ୍ୱାଧୀନତା ନଥିଲେ ସେ କ୍ରୀତଦାସୀ ପରି ରହିବାକୁ ବାଧ୍ୟ ଜରହେଲେ ମଧ୍ୟ ତାର ଅନ୍ୟ ଉପାୟ ନଥାଏ । ଏ ସମ୍ପର୍କରେ ଆମ ଦେଶରେ କିଛି କିଛି ଆଇନ ହୋଇଥିଲେ ମଧ୍ୟ ବହୁ ପରିବାର ସେମାନଙ୍କର ଝିଅକୁ ସମ୍ପତ୍ତିର ଯଥାପଥ ଅଂଶ ଦେବା ପାଇଁ ନାରାଜ । ଫଳରେ ଯୌତୁକ ପ୍ରଥା ଭୟାବହ ରୂପରେ ଦେଖା-ଦେଇଛି । ବଧୂ-ନିର୍ଯାତନା ମଧ୍ୟ ଏହାର ଗୋଟିଏ ବିଷମୟ ଫଳ । ଏ ବିଷୟରେ ଚେତନା ଜାଗ୍ରତ କରାଇବା ପାଇଁ ଲେଖକସମାଜ କଅଣ ନିର୍ଭୀକ ଭାବରେ ଆଗେଇ ଆସୁଛନ୍ତି ? ସେହିପରି ନାରୀ ଧର୍ଷଣ ବଢ଼ି ବଢ଼ି ଚାଲିଛି । କାରଣ ଏ କ୍ଷେତ୍ରରେ

Digitized by srujanika@gmail.com

ନିୟମ ଏପରି କୋହଳ ଯେ ବହୁ ଲୋକ ଧରା ପଡନ୍ତି ନାହିଁ । ଧରା ପଡ଼ିଲେ ମଧ୍ୟ କୋହଳ ଦଣ୍ଡ ପାଆନ୍ତି । କାରଣ ଧର୍ଷଣକାରୀଙ୍କୁ ଧରିବ ପୁରୁଷ ପୋଲିସ, ବିଚାର କରିବ ପୁରୁଷ ମାଜିଷ୍ଟ୍ରେଟ, ଆଇନ କରିବ ପୁରୁଷ ବିଧାୟକ, ଜନମତ ସୃଷ୍ଟି କରିବ ପୁରୁଷ ସାମ୍ବାଦିକ । ଭାରତରେ ନାରୀ ପ୍ରଧାନମନ୍ତ୍ରୀ ହୋଇ ବର୍ଷେ ରହିଲା ପରେ ମଧ୍ୟ ଏ କ୍ଷେତ୍ରରେ ଯେପରି କୌଣସି ଉଲ୍ଲେଖନୀୟ ପରିବର୍ତ୍ତନ ସମ୍ଭବ ହୋଇ ପାରି- ନାହିଁ । ତେଣୁ ନାରୀର ନ୍ୟାଯ୍ୟ ସାମାଜିକ ଅଧିକାର ସାବ୍ୟସ୍ତ ନହେଲା ଯାଏ ତାର ସୁରକ୍ଷାର ପ୍ରଶ୍ନ ଉଠୁଛି କେଉଁଠି ?

ଲେଖକମାନେ ଏ କ୍ଷେତ୍ରରେ କିପରି ଜାଗରଣ ସୃଷ୍ଟି କରିପାରିବେ ଏହା ଗୋଟିଏ ଦିଗ, କିନ୍ତୁ ଏ କ୍ଷେତ୍ରରେ ଆଉ ଗୋଟିଏ ଦିଗ ହେଉଛି ପୁରୁଷ-ପ୍ରାଧାନ୍ୟ ଦେଶରେ ସାହିତ୍ୟରେ ମଧ୍ୟ ସ୍ତ୍ରୀ-ଚରିତ୍ରକୁ ନ୍ୟୂନ ଭାବରେ ଚିତ୍ରଣ କରାହେଉଛି । ସିନେମାରେ ଯେପରି ଭାବରେ ନାରୀମାନଙ୍କର ନଗ୍ନ ଶରୀର ପ୍ରଦର୍ଶନ କରି ତାକୁ ଅତି ନିମ୍ନ ଧରଣର ଚଳଚ୍ଚିତ୍ରର ମୁଖ୍ୟ ଅଭିନେତ୍ରୀ କରି ନାରୀ ଆଦର୍ଶ ସୃଷ୍ଟି କରା- ହେଉଛି ତାହା ନାରୀ ସମ୍ମାନର ସଂପୂର୍ଣ୍ଣ ପରିପନ୍ଥୀ । ଏ ବିଷୟରେ କଅଣ ଆଇନ କରି ନାରୀର ସମ୍ମାନ ରକ୍ଷା କରଯାଇ ପାରିବ ? ଏପରି ଲେଖକ ଓ କଳାକାରଙ୍କ ବିରୁଦ୍ଧରେ ନିରବଚ୍ଛିନ୍ନ ଲେଖନୀ ଚାଳନାର ଆବଶ୍ୟକତା ରହିଛି । ଯେଉଁ ଦେଶରେ ମାତା ଭଗିନୀକୁ ଉପଯୁକ୍ତ ସମ୍ମାନ ଦେଖାଯାଇ ପାରିବ ନାହିଁ, ଯେଉଁ ଦେଶରେ ଦ୍ରୌପଦୀ ବସ୍ତ୍ରହରଣ ଭାରତୀୟ ଐତିହ୍ୟର ଗୋଟିଏ ଉଲ୍ଲେଖନୀୟ ଘଟଣା, କୃଷ୍ଣଙ୍କ ଦ୍ୱାରା ଗୋପୀମାନଙ୍କର ବସ୍ତ୍ରହରଣ ଛବି ଘରେ ଦୋକାନରେ ପ୍ରଦର୍ଶିତ ହୁଏ ସେ ଦେଶରେ ନାରୀର ସମ୍ମାନ ସୁରକ୍ଷା ପାଇଁ ଲେଖକର ଏ ଦିଗରେ ବିରାଟ ବୈପ୍ଳବିକ ପଦକ୍ଷେପ ନେବା ଦରକାର ତାହା ସହଜରେ ଅନୁମେୟ ।

ଅଧିକାଂଶ ଲେଖକ ଅନେକ ସମୟରେ ସେମାନଙ୍କର ପାରିପାର୍ଶ୍ୱିକ ପରିବେଶରୁ ମୁକ୍ତ ହୋଇ ଆଗାମୀ ଦୂରରେ ଆଲୋକ ଦେଖି ପାରନ୍ତି ନାହିଁ । ସେମାନେ ସେଥିପାଇଁ ଗୋଟିଏ ପ୍ରକାର ଦର୍ଶନ ଉପସ୍ଥାପିତ କରିଥାଆନ୍ତି ଯେ ଲେଖକ ତାର ଚାରିପାଖେ ଘଟୁଥିବା ଘଟଣାକୁ ସାହିତ୍ୟିକ ଢଙ୍ଗରେ ସୂକ୍ଷ୍ମ ଭାବରେ ବିଶ୍ଳେଷଣ କରି ପାରିଲେ ଯଥେଷ୍ଟ । କିନ୍ତୁ ପ୍ରତ୍ୟେକ ମନୁଷ୍ୟର ଭବିଷ୍ୟତ ସ୍ୱପ୍ନ ରହିଛି— ତାର ବର୍ତ୍ତମାନର ସୁଖଦୁଃଖର ମାୟାଜାଲ ଭିତରୁ ସେ ଭବିଷ୍ୟତର ସ୍ୱପ୍ନ ନେଇ ବଞ୍ଚେ । ତେଣୁ ଭବିଷ୍ୟତର ଆଦର୍ଶକୁ—ତାର ସ୍ୱପ୍ନକୁ ଫୁଟାଇ ନପାରିଲେ ସାହିତ୍ୟର ସାର୍ବଜନୀନତା ରହି ପାରିବ ନାହିଁ । ଏ କ୍ଷେତ୍ରରେ ନାରୀ ଲେଖିକାର

Digitized by srujanika@gmail.com

ଭୂମିକା ବହୁତ ବେଶୀ । ନାରୀ ତାର ଭବିଷ୍ୟତ ସ୍ୱପ୍ନକୁ ବଳିଷ୍ଠ ଭାବରେ ପରିସ୍ଫୁଟ କରିବାରେ ଅଗ୍ରଣୀ ହୋଇପାରେ । ଭାରତ ତଥା ଓଡ଼ିଶାର ନାରୀ ଲେଖିକାମାନେ ଏ ବିଷୟରେ କିଛି ଦିଗ୍‌ଦର୍ଶନ ଦେଇ ପାରିଛନ୍ତି ବୋଲି ମୋର ମନେ ହୁଏ । ଏହାର ଅର୍ଥ ନୁହେଁ ଯେ ପୁରୁଷ ଲେଖକମାନେ ସାହିତ୍ୟରେ ନାରୀଚରିତ୍ରର ସମସ୍ୟା ଉପସ୍ଥାପିତ କରିବାରେ ବଳିଷ୍ଠ ପଦକ୍ଷେପ ନେଇ ପାରିବେ ନାହିଁ । ନାରୀର ଅସମ୍ମାନ ଓ ତାର ପରାଧୀନତା ଯୋଗୁ ନାରୀ ଯେପରି ଯାତନା ପାଉଛି ପୁରୁଷକୁ ମଧ୍ୟ ସେଥିପାଇଁ ବହୁ ଯନ୍ତ୍ରଣା ଭୋଗିବାକୁ ପଡ଼ୁଛି । ସେ ସଂପୂର୍ଣ୍ଣ ରୂପେ ତାର ସମକକ୍ଷ ଅର୍ଦ୍ଧାଙ୍ଗିନୀ ପାଇବାରେ ଅସମର୍ଥ ହେଉଛି । ଦୁଇଟି ଅସାମଞ୍ଜସ୍ୟ ଲୋକ ଭିତରେ ପ୍ରକୃତ ଶ୍ରଦ୍ଧା ଓ ସମ୍ମାନ ଜନିତ ସେହ ପ୍ରେମ ଫୁଟି ଉଠି ପାରିବ ନାହିଁ । ଅତ୍ୟାଚରିତା ଓ ନ୍ୟୁନଭାବାପନ୍ନ ସ୍ତ୍ରୀ କଦାପି ଶକ୍ତିଶାଳିନୀ ଆଦର୍ଶବାଦିନୀ ମାତା ହୋଇ ପାରିବ ନାହିଁ । ଏହି ବିରାଟ ମନସ୍ତାତ୍ତ୍ୱିକ ଦଦ୍ୟଟିକୁ ଉଭୟେ ପୁରୁଷ ଓ ସ୍ତ୍ରୀ ଲେଖକମାନେ ନିଜ ନିଜ ଦୃଷ୍ଟିକୋଣରୁ ସୃଷ୍ଟି କରିପାରିବେ । ତଥାପି ବର୍ତ୍ତମାନର ପରିସ୍ଥିତିରେ ସ୍ୱାଧୀନତା ସ୍ପୃହାଭିଳାଷୀ ଓ ଯୁଗଯୁଗ ଧରି ଅବହେଳିତା ନାରୀ ଓ ସୁବିଧାଭୋଗୀ ପୁରୁଷଙ୍କ ଭିତରେ ନାନା ଭାବରେ ସଂଘର୍ଷ ଦେଖାଦେବା ସ୍ୱାଭାବିକ । ତେଣୁ ନାରୀ ଲେଖିକାଙ୍କର ଅବଦାନ ଏ ଦିଗରେ ବହୁତ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ମନେ ହୁଏ ।

ଅର୍ଥନୈତିକ ସ୍ୱାଧୀନତା ହୋଇଗଲେ ପରେ ଯେ ନାରୀର ସମ୍ମାନ ଓ ଗୌରବ ଆପେ ବୃଦ୍ଧି ପାଇବ ତା ଭାବିବା ଭୁଲ । ଯଦିଚ ଏହା ସେମାନଙ୍କର ଯଥାଯଥ ସାମାଜିକ ମର୍ଯ୍ୟାଦା ପାଇଁ ଗୋଟିଏ ବିରାଟ ପଦକ୍ଷେପ । ପାଶ୍ଚାତ୍ୟ ଦେଶମାନଙ୍କରେ ବିଶେଷତଃ ପୁଞ୍ଜିପତି ଦେଶରେ ନାରୀର ମର୍ଯ୍ୟାଦା ତଥା ସମ୍ମାନ ସବୁ କ୍ଷେତ୍ରରେ ସେପରି ଉନ୍ନତ ହୋଇପାରି ନାହିଁ । ଯୁକ୍ତରାଷ୍ଟ୍ର ଆମେରିକାରେ ଜଣେ ଦିଜଣ ସ୍ତ୍ରୀ-ଲୋକଙ୍କୁ ଛାଡ଼ିଦେଲେ ଗତ ଦୁଇଶହ ବର୍ଷ ଧରି ପରଶଟି ରାଜ୍ୟର ଗଭର୍ଣ୍ଣର ହେବା ନାରୀମାନଙ୍କର ସୌଭାଗ୍ୟ ହୋଇ ନାହିଁ । ପ୍ରେସିଡେଣ୍ଟ ଭାଇସ୍ ପ୍ରେସିଡେଣ୍ଟ ହେବାତ ଦୂର କଥା ଏପରିକି ନାରୀ କଲେଜରେ ମଧ୍ୟ ଅନେକ ସମୟରେ ପୁରୁଷ ପ୍ରେସିଡେଣ୍ଟ ଦେଖିବାକୁ ମିଳନ୍ତି । ପୁଞ୍ଜିପତି ଦେଶରେ ବିଜ୍ଞାପନ ଓ ଅନ୍ୟାନ୍ୟ ଗଣ-ମାଧ୍ୟମରେ ନାରୀକୁ କେବଳ ଯୌନ-ଉପଭୋଗ୍ୟ ସାମଗ୍ରୀ ହିସାବରେ ପ୍ରତିପାଦିତ କରାହେଉଥିବାରୁ ଏବଂ ନାରୀ-ସ୍ୱାଧୀନତା ଲାଗି କୌଣସି ବଳିଷ୍ଠ ସାମାଜିକ ଦର୍ଶନ ସେମାନଙ୍କ ଆଗରେ ନଥିବାରୁ ନାରୀମାନେ ବହୁପରିମାଣରେ ସ୍ୱାଧୀନ ହୋଇଥିଲେ ସୁଦ୍ଧା ପୁରୁଷଙ୍କ ସହିତ ସମକକ୍ଷ ହୋଇପାରୁ ନାହାନ୍ତି ।

Digitized by srujanika@gmail.com

ସମାଜବାଦୀ ଦେଶମାନଙ୍କରେ ନାରୀ-ସ୍ୱାଧୀନତା ସପକ୍ଷରେ ଗୋଟିଏ ବଳିଷ୍ଠ ସାମାଜିକ ଦର୍ଶନ ଥିବାରୁ ସେମାନେ ସମାଜରେ ଅନେକ ବେଶୀ ଉଚ୍ଚସ୍ଥାନ ଅଧିକାର କରିଛନ୍ତି ସତ, ତଥାପି ରାଜନୈତିକ କ୍ଷେତ୍ରରେ ଏମାନଙ୍କର ପଦ-ମର୍ଯ୍ୟାଦା ବର୍ତ୍ତମାନ ସୁଦ୍ଧା ଯଥେଷ୍ଟ ବୃଦ୍ଧି ପାଇପାରି ନାହିଁ । ତଥାପି ଏସବୁ ଉନ୍ନତ ଦେଶରେ ନାରୀ ଜାଗରଣ ଆନ୍ଦୋଳନ ନିରବଚ୍ଛିନ୍ନ ଭାବରେ ଚାଲି ଆସିଛି । ଏ ସଂପର୍କରେ ବହୁ ବିଶିଷ୍ଟ ଲେଖକ ଲେଖିକା ବହୁ ଉପାଦେୟ ସାହିତ୍ୟ ସୃଷ୍ଟି କରି ପାରିଛନ୍ତି—ଫଳରେ ଏ ଦିଗରେ ଉପଯୁକ୍ତ ସାମାଜିକ ବାତାବରଣ ସୃଷ୍ଟି ହୋଇପାରିଛି ।

ଭାରତରେ ନାରୀ ଜାଗରଣ ଆନ୍ଦୋଳନ ବଡ଼ ସୀମିତ । ଅବଶ୍ୟ ସବୁ ଦେଶରେ ଏକାପରି ଆନ୍ଦୋଳନ ସମ୍ଭବ ନୁହେଁ । ତଥାପି ନାରୀ ଅଧିକାର ସାବ୍ୟସ୍ତ ଓ ସମ୍ମାନର ସୁରକ୍ଷା ଲାଗି ଆହୁରି ବେଶି ବୌଦ୍ଧିକ ଓ ସାମାଜିକ ଆଲୋଡନର ଆବଶ୍ୟକତା ଆମ ଦେଶରେ ରହିଛି । ଆମ ପରମ୍ପରାଗତ ପ୍ରଥାକୁ ଯୁକ୍ତିଯୁକ୍ତ ଭାବରେ ବିଶ୍ଳେଷଣ କରି ତାର ଦୁଃଖମୟ ଦିଗଟିକୁ ବଳିଷ୍ଠ ଭାବରେ ପ୍ରତ୍ୟାଖ୍ୟାନ କରିବା ପାଇଁ ବାତାବରଣ ସୃଷ୍ଟି ହେବା ଦରକାର ।

ନାରୀ ଜାତି ସ୍ୱାଧୀନତା ପାଇଲେ ସମାଜରେ ବ୍ୟଭିଚାର ବଢ଼ିଯିବାର ଯେଉଁ ଭୟ ତାହା ପୁରୁଷର ଉଚ୍ଛୃଙ୍ଖଳ ଯୌନାଭିଳାଷ ଯୋଗୁହିଁ ନାରୀମାନଙ୍କ ପ୍ରତି ଏହାର ମନସ୍ତାତ୍ତ୍ୱିକ ପ୍ରତିଫଳନ ହୋଇଥାଏ । ନାରୀର ସହଜାତ କାମ ପ୍ରବୃତ୍ତି ସାଧାରଣତଃ ଗୋଟିଏ ପୁରୁଷ ପ୍ରତି ଆନୁଗତ୍ୟରେ ଆତ୍ମପ୍ରକାଶ କରି-ଥାଏ । କିନ୍ତୁ ପୁରୁଷର ଯୌନ ଲିପ୍‌ସା ଅଲଗା ଧରଣର । ତାର ଯୌନ ସମ୍ଭୋଗ ବ୍ୟତୀତ ଅନ୍ୟ କୌଣସି ଗୁରୁଦାୟିତ୍ୱ ନଥିବାରୁ ସେ ଅତି ସହଜରେ ଏକାଧିକ ସ୍ତ୍ରୀ ପ୍ରତି ଆସକ୍ତ ହୋଇପଡେ । ତଥାପି ସମାଜର ଯାବତୀୟ ଯୌନ-ଗତ ଅନାଚାର ସ୍ତ୍ରୀ ଉପରେ ଲଦି ଦିଆଯାଏ । ଏପରିକି ଶଙ୍କରାଚାର୍ଯ୍ୟଙ୍କ ପରି ଅଦ୍ୱୈତବାଦର ଶ୍ରେଷ୍ଠ ବ୍ୟାଖ୍ୟାକାର ମହାମନୀଷୀ ମଧ୍ୟ ଏପରି ଅଯୌକ୍ତିକ କୁସଂସ୍କାରଗତ ଦୋଷରୁ ମୁକ୍ତ ହୋଇ ନାହାନ୍ତି । ନାରୀକୁ ନରକର ଦ୍ୱାର ସ୍ୱରୂପ ବୋଲି କହିଛନ୍ତି ଯଦିଚ ସେ ଜଣେ ମାତୃଭକ୍ତ ପୁରୁଷ ଥିଲେ । ତେଣୁ ତାଙ୍କ ନାମଧାରୀ ବର୍ତ୍ତମାନ ଯୁଗର ତଥାକଥିତ ଭଣ୍ଡ ଧର୍ମାଧିକାରୀମାନଙ୍କର କଥା ଛାଡ । ଏ ପ୍ରକାର ପକ୍ଷପାତଗତ କୁସଂସ୍କାର ବିରୁଦ୍ଧରେ ଉନ୍ନତ ଦେଶମାନଙ୍କର ନାରୀ ଆନ୍ଦୋଳନକାରୀମାନେ ସ୍ୱର ଉତ୍ତୋଳନ କରିଛନ୍ତି—ସାହିତ୍ୟିକମାନେ ଏ ପ୍ରକାର ଭିତ୍ତିହୀନ ଅଯୌକ୍ତିକ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ଆରମ୍ଭ କରିଛନ୍ତି । କିନ୍ତୁ ଆମ ଦେଶରେ ଏପ୍ରକାର ଆନ୍ଦୋଳନର ସୂତ୍ରପାତ ହୋଇନାହିଁ କହିଲେ ଚଳେ ।

Digitized by srujanika@gmail.com

ନାରୀ ପୁରୁଷ ଭିତରେ ସ୍ୱାଧିକାର ଓ ସମ୍ମାନ କ୍ଷେତ୍ରରେ କୌଣସି ପ୍ରଭେଦ ଦେଖାଦେବା ଉଚିତ ନୁହେଁ । ବରଂ ସେମାନେ ମାତୃଜାତିର ତଥା ପରିବାରର ମହାନ୍ ଦାୟିତ୍ୱ ସୁରକ୍ଷରୂପେ ତୁଲଉଥିବାରୁ ସେମାନଙ୍କର ସାମାଜିକ ମର୍ଯ୍ୟାଦା ଓ ସ୍ଥିତି ଆଉ ଟିକିଏ ଉଚ୍ଚରେ ହେବା ଉଚିତ । ଏହି ବଳିଷ୍ଠ ଆଦର୍ଶଗତ ମାନବୀୟ ପ୍ରେରଣା ଯୋଗୁଁ ଲେଖିକାମାନଙ୍କରେ ଦୁର୍ଦ୍ଦମନୀୟ ନିର୍ଭୀକତା ବଢ଼ି ଉଠିବ ଓ ସତ୍ୟ ସନ୍ଧାନ ଲାଗି ଗଭୀର ଜିଜ୍ଞାସା ସୃଷ୍ଟି ହେବ । ତା'ହେଲେ ଯାଇ ସେମାନେ ଅଗ୍ରଗାମୀ ଯୁଗର ପ୍ରଚଣ୍ଡ ସାହିତ୍ୟ ପ୍ରତିଭାର ଅଗ୍ରଧର୍ଷୀ ସ୍ରଷ୍ଟା ହୋଇ ପାରିବେ ।

ସାନ୍ଥସାହି, କଟକ ।

---

* ତା ୧୯ । ୩ । ୯୦ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ଲେଖିକା କର୍ମଶାଳାରେ ପଠିତ ।

Digitized by srujanika@gmail.com

ନାରୀଶକ୍ତିର ସ୍ୱରୂପ : ଭାରତୀୟ ମନୀଷୀମାନଙ୍କର ଦୃଷ୍ଟିରେ

ଚିତ୍ତରଞ୍ଜନ ଦାସ

କେବଳ ପ୍ରାଚୀନ ଭାରତରେ କାହିଁକି, ପ୍ରାଚୀନ ତଥାକଥିତ ସଭ୍ୟ ପୃଥିବୀରେ ମଧ୍ୟ ନାରୀକୁ ପୁରୁଷ ସହିତ ଏକ ସମକକ୍ଷ ମନୁଷ୍ୟ ବୋଲି କେବେ ସ୍ୱୀକାର କରାଯାଇନଥିଲା । ଗ୍ରୀକ୍ ପ୍ରାଚୀନ ଗଣତନ୍ତ୍ର-ବ୍ୟବସ୍ଥାରେ କ୍ରୀତଦାସ ଓ ନାରୀମାନେ ନାଗରିକତାର ଅଧିକାର-ଖାତାରୁ ବାହାରେ ବାହାରେ ରହିଥିଲେ । ସେତେବେଳେ ରଜାମାନଙ୍କର ଅସଂଖ୍ୟ ରାଣୀ ଥିଲେ; ଅର୍ଥାତ୍ ସମାଜର ବରିଷ୍ଠ-ମାନେ ନାରୀକୁ ନ୍ୟାୟତଃ ଏକ ଉପଭୋଗର ସାମଗ୍ରୀ ବୋଲି ଦେଖୁଥିଲେ । ପ୍ରାଚୀନ ସାମାଜିକ ଓ ପାରିବାରିକ ଅର୍ଥନୀତିରେ ନାରୀ ପୁରୁଷର ସମ୍ପତ୍ତିପ୍ରାୟ ହୋଇ ରହିଥିଲା । ଶାସ୍ତ୍ର ଓ କାବ୍ୟମାନଙ୍କରେ ନାରୀକୁ ଶକ୍ତି, ଦେବୀ ଓ ଜନନୀ ବୋଲି କହି ପୁରୁଷ କବିମାନେ କେତେ ଉଲ୍ଲାସ ଅନୁଭବ କରୁଥିଲେ ସତ, ମାତ୍ର ବାସ୍ତବ ସମ୍ବନ୍ଧକ୍ଷେତ୍ର ଗୁଡ଼ିକରେ ନାରୀର ସର୍ବତ୍ର ଓ ସର୍ବଦା କେବଳ ଏକ ଅଧସ୍ତନ ସ୍ଥାନ ହିଁ ରହିଥିଲା ।

ଭାରତବର୍ଷରେ ଆମେ ଏହାର ଖୁବ୍‌ବେଶୀ ବ୍ୟତିକ୍ରମ ଆଦୌ ଦେଖିବାକୁ ପାଇବା ନାହିଁ । ପ୍ରାଚୀନ ବେଦ, ଉପନିଷଦ ଓ ଆଧ୍ୟାତ୍ମିକ ଅନ୍ୟାନ୍ୟ ଶାସ୍ତ୍ରରେ ଠାଏ ଠାଏ ନାରୀକୁ କେତେ କ'ଣ ମଙ୍ଗଳତା ଦେଇ ବର୍ଣ୍ଣନା କରାଯାଇଛି ଓ ସେହି ସବୁ ବର୍ଣ୍ଣନାରୁ ଉଲ୍ଲସିତ ହେବାର ଅନେକ କାରଣ ରହିଛି ସତ, ମାତ୍ର ସାମାଜିକ ଜୀବନରେ ପୁରୁଷ ଯେ ସବୁବେଳେ ନାରୀଠାରୁ ଦଶହାତ ଅଧିକ ଉଚ୍ଚରେ ରହି ଆସିଥିଲା ଓ ନାରୀକୁ ପ୍ରଧାନତଃ ଏକ ସମ୍ପତ୍ତିରୂପେ ବ୍ୟବହାର କରୁଥିଲା, ସେଥିରେ କୌଣସି ସନ୍ଦେହ ନାହିଁ । ଭାରତୀୟ ପୁରାଣମାନଙ୍କରେ ପାତ୍ରୀ ଓ ନାୟିକାମାନଙ୍କର ଭୂମିକାଗୁଡ଼ିକର ଯେଉଁଭଳି ଚିତ୍ରଣ କରାଯାଇଛି, ସେଥିରେ ନାରୀକୁ ଏକ ସମ୍ମାନିତ ସ୍ଥାନ ଦେବାର ଦୃଷ୍ଟିରୁ ହୃଷ୍ଟ ହେବାର ପ୍ରାୟ କୌଣସି କାରଣ ନାହିଁ । ରାମାୟଣ ଓ ମହାଭାରତରେ ନାରୀ ହେଉଛି ପ୍ରଧାନତଃ ପୁରୁଷର ଅନୁଗତା ଓ ଅନୁଗାମିନୀ । ଦ୍ୟୂତକ୍ରୀଡ଼ାରେ ନିଜର ନାରୀକୁ ପୁରୁଷ

Digitized by srujanika@gmail.com

ବାଢ଼ି ରଖିବାର ବିଶେଷ ଅଧିକାର ମଧ୍ୟ ଲାଭ କରିଥିଲା । ସେହି ଅଧିକାରକୁ ଅନ୍ତତଃ ମାନବିକ ଦୃଷ୍ଟିରୁ ବାଧା ଦେବାର ସାହସ ସେ କାଳରେ କୁଳବୃଦ୍ଧ-ମାନଙ୍କର ମଧ୍ୟ ନଥିଲା ।

ଭାରତୀୟ ତନ୍ତ୍ରଶାସ୍ତ୍ରରେ ଦେବୀହିଁ ପରମା ଆରାଧ୍ୟାରୂପେ ପ୍ରତିଷ୍ଠିତ ହେଲେ । ନାରୀଶକ୍ତିର ବହୁ ବଖାଣ ହେଲା, ଦେବୀଙ୍କର ଷୋଡ଼ଶବିଧ ଅଥବା ଷୋଳସହସ୍ରବିଧ ରୂପରେ ସ୍ତୁତି କରାଗଲା ସତ, ମାତ୍ର ଯେଉଁ ନାରୀମାନେ ସେତେବେଳେ ଚର୍ମମାଂସର ଶରୀର ଧରି ସମାଜରେ ବିଚରଣ କରୁଥିଲେ, ସେମାନଙ୍କର ସ୍ଥିତିରେ ଏହାଦ୍ୱାରା ଖୁବ୍ ବେଶୀ ପରିବର୍ତ୍ତନ ଆସିବାର କୌଣସି ସମ୍ଭାବନାହିଁ ନଥିଲା । ତାନ୍ତ୍ରିକ ବାମମାର୍ଗରେ ନାରୀମାନଙ୍କୁ ସାଧନାର ସହଚରୀ ରୂପେ ବ୍ୟବହାର କରାଯାଉଥିଲା । ସେତେବେଳେ ତାହାଙ୍କୁ ଭୈରବୀ ବୋଲି କୁହାଯାଉଥିଲା । ବୌଦ୍ଧ ସିଦ୍ଧାଚାର୍ଯ୍ୟ ଓ କାୟାସାଧକମାନେ ମଧ୍ୟ ଏକ ନାରୀର ସାହଚର୍ଯ୍ୟକୁ ଯେ ସାଧନାରେ ଅପରିହାର୍ଯ୍ୟ ବୋଲି ମଣୁଥିଲେ, ବୌଦ୍ଧ ଚର୍ଯ୍ୟାପଦ-ଗୁଡ଼ିକରୁ ତାହାର ସ୍ପଷ୍ଟ ପ୍ରମାଣ ମିଳୁଛି । ମାତ୍ର, ଏହି କ୍ଷେତ୍ରରେ ନାରୀର ଭୂମିକା ଏକ ଗୌଣ ଭୂମିକା ଥିଲା । ସାଧନାରୁ ନାରୀର କୌଣସି ସିଦ୍ଧି ବା ଉତ୍କ୍ରାନ୍ତି ଲାଭ କରିବାର କୌଣସି ଅବକାଶହିଁ ନଥିଲା । ପୁରୁଷହିଁ ସିଦ୍ଧି ଲାଭ କରୁଥିଲା, ପୁରୁଷର ସିଦ୍ଧିଲାଭରେ ନାରୀ ଏକ ସାଧନରୂପେ କାର୍ଯ୍ୟ କରୁଥିଲା । ଏହି ସନ୍ଦର୍ଭରେ ନାରୀକୁ ପୁରୁଷାତ୍ମାର ଗାଭୀ ବୋଲି ସାଧନାର ସୂତ୍ରକାରମାନେ କହିଛନ୍ତି । 'ଚଣ୍ଡୀ'ରେ ଦେବୀଙ୍କୁ ଧନ, ରୂପ ଓ ଯଶଃ ସହିତ ମନୋରମା ଭାର୍ଯ୍ୟାଟିଏ ପାଇଁ ମଧ୍ୟ ପ୍ରାର୍ଥନା କରାଯାଇଛି । ଅର୍ଥାତ୍, ଚଣ୍ଡୀପାଠ ଓ ତନ୍ତ୍ରାନୁ-ଷଙ୍ଗିକ ଫଳଲାଭରେ ଯେ କେବଳ ପୁରୁଷରହିଁ ଅଧିକାର ରହିଥିଲା, ସେଥିରୁ ତାହାର ସୂଚନା ମିଳିଯାଉଛି । ଗୌତମବୁଦ୍ଧ ଭାରତୀୟ ଧର୍ମାନୁଷ୍ଠାନରେ ଅନେକ ପରିବର୍ତ୍ତନର ଆହ୍ୱାନ ଦେଇଥିଲେ, ସାମାଜିକ ଅନେକ ପରମ୍ପରା ବିରୋଧରେ ନିଜର ପ୍ରତିବାଦ ଜଣାଇଥିଲେ ସତ, ମାତ୍ର ପୁରୁଷ ସହିତ ନାରୀର ତୁଳନାତ୍ମକ ଯୋଗ୍ୟତାଗୁଡ଼ିକର କ୍ଷେତ୍ରରେ ସେ ସବୁ ବା ଅବୌ କୌଣସି ହସ୍ତକ୍ଷେପ କରିନଥିବା ପରି ମନେହୁଏ । ଭିକ୍ଷୁ ସଂଘ ପରି ଭିକ୍ଷୁଣୀ ସଂଘ ଲାଗି ସେ ପ୍ରଥମେ କୌଣସି ଅନୁମତି ଦେଉନଥିଲେ । ପରେ ଶିଷ୍ୟମାନଙ୍କର ବାରମ୍ବାର ଅନୁ-ରୋଧରେ ସେ ଏଥିଲାଗି ଅନୁମତି ଦେଇଥିଲେ ସତ, ମାତ୍ର ତଥାପି ସତେଅବା କୌଣସି ଭୁଲ୍ କରି ପକାଇଥିଲା ପରି ଥରେ ନିଜର ପ୍ରିୟ ଶିଷ୍ୟ ଆନନ୍ଦଙ୍କୁ କହି-ଥିଲେ, 'ଆନନ୍ଦ, ମୁଁ ଯେଉଁ ଧର୍ମର ପ୍ରବର୍ତ୍ତନ କରିଥିଲି, ତାହା ପାଞ୍ଚ ହଜାର ବର୍ଷ ବଞ୍ଚି ରହିଥାନ୍ତା । ମାତ୍ର, ତାହା କେବଳ ପାଞ୍ଚଶହ ବର୍ଷହିଁ ବଞ୍ଚିବ, କାରଣ ଆମେ

Digitized by srujanika@gmail.com

ନାରୀମାନଙ୍କୁ ସଂଘ ମଧ୍ୟରେ ପ୍ରବେଶ କରିବାର ଅନୁମତି ପ୍ରଦାନ କଲୁ'' । ଏଠାରେ ଉଲ୍ଲେଖ କରି ରଖିବା ଉଚିତ ଯେ, ଗୌତମବୁଦ୍ଧଙ୍କ କାଳରେ ଭିକ୍ଷୁଣୀ-ସଂଘ ଭିକ୍ଷୁ-ସଂଘର ଅଧୀନ ହୋଇ ରହିଥିଲା, ଭିକ୍ଷୁସଂଘ ବାନ୍ଧି ଦେଇଥିବା ଶୃଙ୍ଖଳା ଅନୁସାରେ ଚଳୁଥିଲା ।

ଭାରତୀୟ ଇତିହାସର ବିଭିନ୍ନ ଯୁଗରେ ଜଣେ ଜଣେ ନାରୀ ରାଜନୀତିକ ତଥା ସାମାଜିକ ପ୍ରତିଷ୍ଠା ଲାଭ କରି ପାରୁଥିଲେ ଓ ଜ୍ଞାନାର୍ଜନର କ୍ଷେତ୍ରରେ ଆପଣାର ବ୍ୟୁତ୍ପତ୍ତି ଦେଖାଇଥିଲେ ସତ, ମାତ୍ର ବୃହତ୍ତର ନାରୀଜାତି ଅବହେଳିତ ହୋଇ ରହିଥିଲା । ନାରୀଜନ୍ମକୁ ଅନେକ ସମୟରେ ଶୂଦ୍ରଜନ୍ମଠାରୁ ମଧ୍ୟ ଅଧିକ ହେୟ ବୋଲି ବିଚାର କରାଯାଉଥିଲା । ଗୁପ୍ତ କାଳରେ ଆମେ ଖନା ଓ ଅନ୍ୟ କେତେଜଣ ନାରୀଙ୍କର ପ୍ରତିଷ୍ଠା ବିଷୟ ବହିରେ ପଢିଛେଁ । ଓଡ଼ିଶାର ଦୁଇରାଣୀ ତ୍ରିଭୁବନ ମହାଦେବୀ ଓ ଦଣ୍ଡୀ ମହାଦେବୀଙ୍କର ନାମ ମଧ୍ୟ ଶୁଣିଛେଁ । ମାତ୍ର, ତାହାକୁ ଅନେକ ଯୁକ୍ତିଯୁକ୍ତତା ସହିତ ଯୁକ୍ତରାଜ୍ୟ ଆମେରିକାର 'ଟୋକନ୍' ରୀତି ଦ୍ୱାରା କଳାଗୋରା ଭେଦର ସମସ୍ୟାଟିକୁ ଏକଦା ସମାଧାନ କରିଦେବାର ଉଦ୍ୟମଟି ସହିତ ସମତୁଲ କରି ଦେଖାଯାଇ ପାରିବ । କେତେଜଣ କୃଷ୍ଣକାୟଙ୍କୁ ସରକାର ଭିତରେ ଉଚ୍ଚ ପଦ ବା ଉଚ୍ଚ ସ୍ଥାନ ଦେଇ ନିଗ୍ରୋକୁଳରେ ଜନ୍ମ ହୋଇ ମଧ୍ୟ ସେମାନେ ଏଡେ ଏଡେ ଉଚ୍ଚ ଆସନକୁ ଯାଇ ପାରିଛନ୍ତି ଓ ତେଣୁ ଯୁକ୍ତ-ରାଜ୍ୟରେ ଗୋରାକଳାର କୌଣସି ବାଛବିଚାର ନାହିଁ ବୋଲି କୈଫିୟତ୍ ଦିଆ ଯାଉଥିଲା । ଆମେରିକାରେ ସମ୍ଭବତଃ ଏବେ ମଧ୍ୟ କେତେକ ଗୋରା ମଣିଷ ଥିବେ, ଯେଉଁମାନେକି ଏହିଭଳି ଏକ ଯୁକ୍ତିରେ ବିଶ୍ୱାସ ରଖିଥିବେ । ଶୁଙ୍ଗବଂଶର ରାଜା ପୁଷ୍ୟମିତ୍ର ବ୍ରାହ୍ମଣ ଥିଲେ ଓ ମୌର୍ଯ୍ୟବଂଶର ଶେଷ ବୌଦ୍ଧରାଜାଙ୍କୁ ହତ୍ୟା କରି ସିଏ ସିଂହାସନ ଆରୋହଣ କରିଥିଲେ । ଗବେଷକମାନେ କହନ୍ତି ଯେ, ପୁଷ୍ୟମିତ୍ରଙ୍କ ସମୟରେ ସମାଜ-ଧର୍ମଶାସ୍ତ୍ର 'ମନୁସଂହିତା'ର ପ୍ରଣୟନ ହୋଇଥିଲା । ତତ୍କାଳୀନ ସମାଜରୀତିକୁ ସୁହାଇଲା ଭଳି 'ମନୁସଂହିତା' ଲେଖା ହୋଇଥିଲା । ନାରୀମାନଙ୍କୁ ସେଥିରେ ଯେଉଁଭଳି ନ୍ୟୂନଦୃଷ୍ଟିରେ ଦେଖାଯାଇଛି, ସେଥିରେ ଆମ ଏଯୁଗର କେବଳ ଜଣେ ସମ୍ମାନବୋଧସମ୍ପନ୍ନା ନାରୀ ନୁହେଁ, ଯେକୌଣସି ସୁରୁଚିସମ୍ପନ୍ନ ପୁରୁଷ ମଧ୍ୟ ନ୍ୟାୟତଃ ଲଜ୍ଜାବୋଧ କରିବ ।

ଭାରତୀୟ କର୍ମବାଦ ଓ ଏପରିକି ମାୟାବାଦ ମଧ୍ୟ ନାରୀକୁ ଏକ ନ୍ୟୂନ ବର୍ଗ ଭାବରେ ଦେଖିବାର ଅପସଂସ୍କୃତିକୁ ପ୍ରତ୍ୟକ୍ଷ ଅଥବା ପରୋକ୍ଷରେ ଅନେକ ପ୍ରୋତ୍ସାହନ ଦେଇ ଆସିଛି । ସମାଜର ଉତ୍ପାଦନ ତଥା ଉପାର୍ଜନ-ପ୍ରକ୍ରିୟାରେ

Digitized by srujanika@gmail.com

ଭାରତୀୟ ଉଚ୍ଚ ଓ ମଧ୍ୟମ ବର୍ଗର ନାରୀମାନେ କୌଣସି ଭାଗ ନେଉନଥିଲେ । ତେଣୁ ସେମାନେ ଉତ୍ପାଦକ ଓ ଉପାର୍ଜକ ପୁରୁଷ ପାଇଁ ପ୍ରଧାନତଃ ଏକ ଭୋଗ-ସାମଗ୍ରୀ ହୋଇ ରହିଥିଲେ । ପାରମ୍ପରିକ ଭାରତୀୟ ସମାଜରେ ଏକ ପୁତ୍ର ସନ୍ତାନର ଜନ୍ମକୁ ଅହୋଭାଗ୍ୟ ବୋଲି ଗଣା ଯାଉଥିଲା ଏବଂ ସେହି କାରଣରୁ ସଦ୍ୟଜାତା କନ୍ୟାମାନଙ୍କୁ ନଦୀରେ ଫିଙ୍ଗିଦେଇ ଆସିବା ପ୍ରାୟ ଏକ ସାମାଜିକ ରୀତି ହୋଇ ରହିଥିଲା । ରାଜପୁତ ରମଣୀମାନଙ୍କର ଜୌହର ପ୍ରଥା ହୁଏତ ସୂଚନା ଦେଉଛି ଯେ, ପୁରୁଷ ପତି ବ୍ୟତୀତ କୁଳବଧୂମାନଙ୍କର ସଂସାରରେ ଜୀଇ ରହିବା ନିମନ୍ତେ ସତେ ଅବା ଆଦୌ କୌଣସି ଔଚିତ୍ୟ ନଥିଲା । ଖୁବ୍ ସମ୍ଭବ ସେହି ରାଜପୁତ କୁଳରୁହିଁ ସତୀଦାହ ପ୍ରଥାର ଉଦ୍‌ଭବ ହୋଇଥିଲା । ଭାରତରେ ମୁସଲମାନ ରାଜତ୍ୱ ସମୟରେ ହିନ୍ଦୁ ସମାଜରେ ସତତ ରହି ଆସି-ଥିବା ରକ୍ଷଣଶୀଳତା ଆହୁରି ଅଧିକ ରକ୍ଷଣଶୀଳ ହୋଇ ପଡିଥିଲା । କତିପୟ ମାତୃପ୍ରଧାନ ସମାଜକୁ ଛାଡିଦେଲେ ଭାରତୀୟ ପରିବାରରେ ଅନ୍ୟ ସବୁଠାରେ ପିତାର ହିଁ କର୍ତ୍ତୃତ୍ୱ ରହିଥିଲା । ଏବେ ମଧ୍ୟ ଭାରତବର୍ଷରେ ଶିକ୍ଷାର ବହୁତର ପ୍ରସାର ହେବାପରେ ଓ ଦେଶ ରାଜନୀତିକ ସ୍ୱାଧୀନତା ଲାଭ କରିବାର ଏତେ ବର୍ଷ ପରେ ମଧ୍ୟ ଏଠି ପିତୃପ୍ରଧାନ ଓ ମାତୃପ୍ରଧାନ ପରିବାର ମଧ୍ୟରେ ଅତ୍ୟନ୍ତ ଦୃଶ୍ୟମାନ ଭାବରେ ଏହି ପ୍ରଭେଦଟି ପରିଲକ୍ଷିତ ହୋଇଥାଏ ।

ଊନବିଂଶ ଶତାବ୍ଦୀର ମଧ୍ୟଭାଗ ଯାଏ ଆମେ ନାରୀ-ପୁରୁଷ ବ୍ୟବଧାନର କ୍ଷେତ୍ରରେ ପ୍ରାୟ ଏହି ରୀତିଟିକୁ ଦେଖିବାକୁ ପାଇବା । ଭାରତୀୟ ସମାଜରୂପୀ ଅଚଳାୟତନରେ ପ୍ରଥମ ଶକ୍ତିଶାଳୀ ଆଘାତ ଆସି ବାଜିଲା ଇଉରୋପୀୟ ଜୀବନଦୃଷ୍ଟି ସହିତ ଭାରତବର୍ଷର ଏକ ସମଗ୍ର ସଂସ୍ରବ ଘଟିବାଦ୍ୱାରା । ଭାରତୀୟ ପାରମ୍ପରିକ ସମାଜକୁ ଶ୍ରୀଅରବିନ୍ଦ ପ୍ରଧାନତଃ ଏକ **Typal** ଏବଂ **conventional** ସମାଜ ରୂପେ ଅଭିହିତ କରିଛନ୍ତି । **Typal** ଓ **conventional** ସମାଜରେ କେତେଟା ବିଧି, ପ୍ରଭୂତା ବା **Type**କୁ ଅକାଟ୍ୟ ଓ ଏକମାତ୍ର ସମ୍ଭବ ସତ୍ୟ ବୋଲି ମାନି ନିଆଯାଇଥାଏ ଓ **convention** ଅର୍ଥାତ୍ ପରମ୍ପରା ଗୁଡିକୁ ଧର୍ମୀୟତା ଦ୍ୱାରା ଶାଣ କରି ଅବଶ୍ୟ ପାଳନୀୟ ବୋଲି ସତର୍କ କରି-ଦିଆ ଯାଇଥାଏ । ଏଗୁଡିକୁ ମାନି ଚଳିଲେ ଇହଧାମରେ ସୁଖଲାଭ ଏବଂ ପର-ଧାମରେ ସ୍ୱର୍ଗଲାଭ; ଅନ୍ୟପକ୍ଷରେ, ଏଗୁଡିକର ଲଙ୍ଘନ କଲେ ଇହଜୀବନରେ ସାମାଜିକ ବହିଷ୍କାର ଓ ତଜ୍ଜନିତ ଯାବତୀୟ ଗଞ୍ଜଣା, ଏବଂ ପରଧାମରେ ସୁନିଶ୍ଚିତ ନର୍କବାସ । ସମାଜବିତ୍ **David Reisman**ଙ୍କ ବିଶ୍ଳେଷଣ ଅନୁସାରେ ଭାରତୀୟ ସମାଜକୁ ଏକ **Tradition-directed** ବା ପରମ୍ପରା

Digitized by srujanika@gmail.com

ଦ୍ୱାରା ପରିଚାଳିତ ଓ ପ୍ରଚାରିତ ସମାଜ ବୋଲି କୁହାଯାଇ ପାରିବ । ଏସବୁ ସମାଜ ସାଧାରଣତଃ ସହଜରେ ନିଜର ମାନି ଆସୁଥିବା ଗୁଳାଚୁଡ଼ିକୁ ଛାଡ଼ି ପାରେନାହିଁ, ଅଭ୍ୟସ୍ତ ବିଧିଟୁଡ଼ିକ ମଧ୍ୟରୁ ବାହାରି ଆସି ପାରେନାହିଁ । ପଣ୍ଡିତମାନେ, ମାନ୍ୟଗଣ୍ୟମାନେ ବାହିରେ ବହୁ ପ୍ରଗତିଶୀଳ କଥା କହୁଥାନ୍ତି ଓ ଆଲୋଚନାକାରୀ ବହୁ ପ୍ରତିଶ୍ରୁତିର ବୟାନ କରୁଥାନ୍ତି ସତ, ମାତ୍ର ଉପରେ । ବାସ୍ତବ ଜୀବନରେ ସତକୁ ସତ କିଛି ବଦଳେ ନାହିଁ । ନୂଆ ଘଡ଼ାରେ ସେହି ପୁରୁଣା ସୁରା ପରଷା ହେବାରେ ଲାଗିଥାଏ । ନାରୀମାନଙ୍କ ପ୍ରତି ରହି ଆସିଥିବା ଆମର ଦୃଷ୍ଟି କ୍ଷେତ୍ରରେ ମଧ୍ୟ ଠିକ୍ ଏହି ନିୟମଟି ପ୍ରାୟ ଅମୋଘ ଭାବରେ କାମ କରି ଆସିଛି ।

ଇଉରୋପୀୟମାନେ ଭାରତବର୍ଷରେ ଆସି ପହଞ୍ଚିବା ବେଳକୁ ଇଉରୋପ ପାରମ୍ପରିକ ପର୍ଯ୍ୟାୟର ଅତୀତଗୁଡ଼ାକୁ ଛାଡ଼ି ଏକ ଆଧୁନିକ ପର୍ଯ୍ୟାୟରେ ପହଞ୍ଚି ସାରିଥିଲା । ଚତୁର୍ଦ୍ଦଶ ପଞ୍ଚଦଶଶତାବ୍ଦୀରୁ ଇଉରୋପୀୟ ରେନେସାଁସ୍ ବହୁ ନୂତନ ସମ୍ଭାବନା ତଥା ସମୀକ୍ଷା ଦ୍ୱାରା ଇଉରୋପୀୟ ଚେତକୁ ଉଦ୍‌ବେଳିତ କରିବାକୁ ଆରମ୍ଭ କରିଥିଲା । ବହୁ ବାଧା ଓ ପ୍ରତିରୋଧର ସମ୍ମୁଖୀନ ହୋଇ ମଧ୍ୟ ଆଧୁନିକ ବିଜ୍ଞାନ ତଥା ବୈଜ୍ଞାନିକ ଦୃଷ୍ଟିକୋଣର ଅଭ୍ୟୁଦୟ ଘଟିବାରେ ଲାଗିଥିଲା । ମାର୍ଟିନ ଲୁଥର ଓ ତାଙ୍କର ପ୍ରେରଣାନୁଗାମୀମାନେ ପ୍ରବୀନ ଧର୍ମକର୍ତ୍ତୃତ୍ୱର କଠିନ ଶିଳାଟିକୁ ଟଳାଇ ଦେଇ ପାରିଥିଲେ । **Age of Enlightenment**ର ନୂତନ ସୂରୀମାନେ ବିଶ୍ୱର ଓ ସତ୍ୟର କ୍ଷେତ୍ରରେ ମଧ୍ୟ ସଂପୂର୍ଣ୍ଣ ଏକ ନୂତନ ଦୃଷ୍ଟିକୋଣର ବାହକରୂପେ ଆସି ଆବିର୍ଭୂତ ହୋଇଥିଲେ । ପଞ୍ଚଦଶରୁ ଉନ-ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତବର୍ଷର ଯୁଗଟି ହେଉଛି ଏକ ନିର୍ମମ ସାମନ୍ତବାଦୀ ଆଦିମତାର ଯୁଗ ! ମାତ୍ର ଇଉରୋପ ଲାଗି ସେହି ଅବଧିଟି ହେଉଛି ଏକ ସମ୍ଭାବନାମୟ ଓ ପ୍ରତ୍ୟୟଦାୟୀ ବହୁ ଉନ୍ମୋଚନର ଯୁଗ । ଇଉରୋପୀୟ ସାମ୍ରାଜ୍ୟ ବିସ୍ତାର ସହିତ ଏହି ଇଉରୋପୀୟ ନୂତନ ଦୃଷ୍ଟିଟି ମଧ୍ୟ ଭାରତବର୍ଷକୁ ଅତ୍ୟନ୍ତ ଅପ୍ରତିରୋଧ୍ୟ ଭାବେ ସଂକ୍ରାମିତ ହୋଇ ଆସିଥିଲା । ରିଫର୍ମେଶନର ଆନୁଷଙ୍ଗିକ ପରିଣାମରୂପେ ଇଉରୋପୀୟ ଭୂଖଣ୍ଡରେ ଏକ ନୂତନ ସାମାଜିକ ଜାଗରଣ ମଧ୍ୟ ଦେଖା ଦେଇଥିଲା । ସାମନ୍ତବାଦ ଗଲା, ଏକ ନୂତନ ମୂଲ୍ୟବୋଧ ଦେଇ ମଣିଷକୁ ଦେଖିବାର ମଞ୍ଚି ପୋତାଗଲା । କୃଷକମାନେ ବିଦ୍ରୋହକଲେ । ଶିଳ୍ପ-ବିପ୍ଳବ ସଙ୍ଗେ ସଙ୍ଗେ ଶ୍ରମଚେତନାରେ ମଧ୍ୟ ଏକ ନୂତନ ସଂଜ୍ଞା ଆସି ପହଞ୍ଚିଲା । ଶିକ୍ଷାର ନୂତନ ଆନ୍ଦୋଳନମାନ ପୁରାତନ ବହୁ ରକ୍ଷଣଶୀଳତାକୁ ପଛରେ ଛାଡ଼ି ଚାଲିଆସିଲା । ମଣିଷରୂପେ ମଣିଷକୁ ଦେଖିବାର ଏକ ନୂତନ

Digitized by srujanika@gmail.com

ଉଦ୍‌ବୋଧନ ଇଉରୋପୀୟ ଜୀବନକୁ ସତେ ଅବା ଏକ ନୂତନପ୍ରସ୍ଥକୁ ଉତ୍ତୋଳିତ କରି ନେଇଥିଲା । ଏହି ପରିବର୍ତ୍ତନଟିକୁ ଶ୍ରୀଅରବିନ୍ଦ ଏକ ବ୍ୟକ୍ତି ସଚେତନତାର ଯୁଗ ବୋଲି କହିଛନ୍ତି । ମନୁଷ୍ୟ କହିଲେ ସମାଜର ପ୍ରତ୍ୟେକ ମନୁଷ୍ୟକୁ ବୁଝିବାକୁ ହେବ, ସାମାଜିକ ଯାବତୀୟ ନିର୍ଦ୍ଧାରଣରେ ପ୍ରତ୍ୟେକ ମନୁଷ୍ୟକୁ ଗଣା କରିବାକୁ ହେବ, ଇଉରୋପୀୟ ସମାଜଦର୍ଶନ ସମାଜବିଜ୍ଞାନର ପରବର୍ତ୍ତୀ ସ୍ତରଟିକୁ ଉନ୍ନୀତ ହୋଇ ଯାଉଥିବା ସଙ୍ଗେ ସଙ୍ଗେ ଏହି ସତ ଚିନ୍ତା ଯାବତୀୟ ମାନବସମ୍ବନ୍ଧ ଓ ମାନବ-ବ୍ୟବସ୍ଥାର ମୂଳସତ୍ୟ ବୋଲି ଗ୍ରହଣ କରି ନିଆଗଲା । ପ୍ରୟୋଗାତ୍ମକ ବିଜ୍ଞାନ ଗୁଡିକର କ୍ରମାଗ୍ରଗତି ସଙ୍ଗେ ସଙ୍ଗେ ପୁରାତନ ଅର୍ଥନୀତି ମଧ୍ୟ ବଦଳିଗଲା । ଉତ୍ପାଦନ-ସମ୍ବନ୍ଧଗୁଡିକ ବଦଳିଯିବା ସଙ୍ଗେ ସଙ୍ଗେ ମଣିଷ-ମାନଙ୍କ ଭିତରେ ଜଣେ ଜଣେ ମନୁଷ୍ୟ ହିସାବରେ ଏକ ନୂତନ ପ୍ରତ୍ୟୟ ଜନ୍ମ-ଲାଭ କଲା । ଅଷ୍ଟାଦଶ ଶତାବ୍ଦୀର ଫରାସୀ ବିପ୍ଳବ, ଊନବିଂଶ ଶତାବ୍ଦୀର କାର୍ଲମାର୍କସ୍‌ଙ୍କର ସାମ୍ୟବାଦୀ ଭବିଷ୍ୟଦ୍ଦୃଷ୍ଟି ଏବଂ ଅନ୍ତଃବର୍ତ୍ତୀ ଶତାବ୍ଦୀଗୁଡିକର ନୈରାଜ୍ୟବାଦୀ ମାନବପ୍ରଧାନ ସମାଜକଳ୍ପନା ପ୍ରଭୃତିକୁ ମଧ୍ୟ ଆମେ ଏହି ମୁଖ୍ୟ ଆନ୍ଦୋଳନଗୁଡ଼ିକ ସହିତ ଏକତ୍ର ସାମିଲ୍ କରି ଦେଖିବା ।

ଇଉରୋପୀୟ ନାରୀମୁକ୍ତି-ଆନ୍ଦୋଳନର ବାସ୍ତବ ଉଦ୍‌ଭବମାନ ଏହି ସମଗ୍ର ଉନ୍ମୋଚନ ପର୍ବଟିରୁ ହିଁ ସଂଘଟିତ ହୋଇଥିଲା । ଊନବିଂଶ ଶତାବ୍ଦୀର ମଝି ବେଳକୁ ପଶ୍ଚିମ ଇଉରୋପରେ ସାର୍ବଜନୀନ ବାଧ୍ୟତାମୂଳକ ଶିକ୍ଷାର ପ୍ରବର୍ତ୍ତନ ହୋଇ ସାରିଥିଲା । ଇଉରୋପୀୟ ଜାତୀୟତାବାଦୀ ଆନ୍ଦୋଳନଗୁଡିକ ମଧ୍ୟ ନାରୀଲାଗି ଏକ ନୂତନ ସମ୍ମାନକର ଭୂମିକା ଆଣିଦେବାରେ ପ୍ରଭୂତ ପ୍ରୋତ୍ସାହନ ଯୋଗାଇ ଦେଉଥିଲେ । ତତ୍କାଳୀନ ଇଉରୋପୀୟ ସାହିତ୍ୟ ନାରୀମୁକ୍ତିର ଅନୁକୂଳ ପରିବେଶଟିଏ ସୃଷ୍ଟି କରିବାରେ ନିମିତ୍ତରୂପେ କାର୍ଯ୍ୟ କରିଥିଲା । ବିଜ୍ଞାନର ନୂତନ ଉଦ୍ଭାବନମାନ ଗୃହ ଜୀବନକୁ ମଧ୍ୟ ଅଧିକ ସହଜ କରି ଆଣିଲା । ଗୃହକରଣୀର ନୀରସ ଶ୍ରମକ୍ଳେଶଗୁଡିକ କ୍ରମେ ଦୂର କରିବାକୁ ଆରମ୍ଭ କଲା, ନାରୀକୁ ଆପଣାର ମୂଳଭୂତ ମାନବପ୍ରତିଷ୍ଠା ବିଷୟରେ ଅଧିକ ସଚେତନ ସମୀକ୍ଷା ଏବଂ ଆତ୍ମମନ୍ଥନ ଲାଗି ପର୍ଯ୍ୟାପ୍ତ ଅବସର ଆଣିଦେଲା । ଆଧୁନିକ ନାରୀମୁକ୍ତି ଆନ୍ଦୋଳନ ଏକ ସ୍ୱତନ୍ତ୍ର ପ୍ରତିଷ୍ଠା ଲାଭକଲା । ଆପଣାର ଚରମ ଉତ୍କଟତାର କେତେକ ସ୍ତରରେ ତାହା **Feminism**ର ଆନ୍ଦୋଳନ ରୂପେ ପରିଚିତ ହେଲା, ସ୍ୱୀକୃତି ମଧ୍ୟ ଲାଭକଲା । ଶିକ୍ଷାର ନବୀକରଣ ସଙ୍ଗେ ସଙ୍ଗେ ମଣିଷର ଗୋଡରୁ ଧର୍ମର ଶାସ୍ତ୍ରବାଦୀ ଶୃଙ୍ଖଳଗୁଡିକ ମଧ୍ୟ ଖସି ପଡିଲା ଏବଂ ଇଉରୋପୀୟ ବାଣିଜ୍ୟ ଇଉରୋପର ସରହଦକୁ ଡେଇଁ ଆଫ୍ରିକା ଓ

Digitized by srujanika@gmail.com

ଏସିଆକୁ ବିସ୍ତାରିତ ହୋଇ ଆସିବା ସଙ୍ଗେ ସଙ୍ଗେ ତତ୍କାଳୀନ ଇଉରୋପୀୟ ଚିନ୍ତାଧାରାଗୁଡ଼ିକ ମଧ୍ୟ ଏହି ପ୍ରାଚୀନ ଭୂଖଣ୍ଡଗୁଡ଼ିକୁ ସଂକ୍ରାମିତ ହୋଇ ଆସିଥିଲା, ତାହା ସଂପୃକ୍ତ ଉପନିବେଶ ଗୁଡ଼ିକରେ ମଧ୍ୟ ଏକ ନୂତନ ଆଲୋଡ଼ନ ସୃଷ୍ଟି-କଲା । ସ୍ୱୀକୃତ ଗୃହାଟୁଡ଼ିକରେ ଭାଙ୍ଗିମଞ୍ଜାର କଲା, ସଂସ୍କୃତି ସଂସ୍କୃତି ମଧ୍ୟରେ ସଂପ୍ଲବ ଓ ସଂଘାତ ଘଟିଲା । ସତେଅବା ‘ଏକ ନୂତନ ପରିଚୟ ଓ ତଜ୍ଜନିତ ନୂତନ ପରିବର୍ତ୍ତନର ଆହ୍ୱାନମାନ ଆସି ପହଞ୍ଚିଲା । ଭାରତବର୍ଷରେ ମଧ୍ୟ ବିଶେଷ ଭାବରେ ତାହାହିଁ ହେଲା । ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ସେହି ଶତାବ୍ଦୀର ଶେଷପର୍ଯ୍ୟନ୍ତ ଏହି ଅବଧିଟିକୁ ଭାରତୀୟ ଆଲୋଚକମାନେ ରେନେ-ସାଁସ୍‌ର ଯୁଗ ବୋଲି କହନ୍ତି । ଏହି ସଂଘାତ ଯୁଗଟି କେତେକ ପୁନର୍ଜାଗରଣର କାରଣ ଅବଶ୍ୟ ହୋଇଥିଲା, ତଥାପି ଅଧିକତର ସଂଗତି ସହିତ ଭାରତୀୟ ପକ୍ଷରୁ ବିଚାର କରି ଏହାକୁ ଏକ ନବଜାଗରଣର ଯୁଗ ବୋଲି ମଧ୍ୟ କୁହାଯାଇ ପାରିବ ।

ନବଜାଗରଣର ଏହି ଯୁଗରେ ଭାରତବର୍ଷରେ ବହୁ ମନୀଷୀଙ୍କର ଆବିର୍ଭାବ ହୋଇଥିଲା । ଊନବିଂଶ ଶତାବ୍ଦୀର ଶେଷ ପାଞ୍ଚୋଟି ଦଶକରେ ଏଠି ଯେତେ ସଂଖ୍ୟାରେ ମନୀଷୀ, ଦ୍ରଷ୍ଟା ଓ ଚିନ୍ତାନାୟକ ଜନ୍ମଗ୍ରହଣ କରିଛନ୍ତି, ପୃଥିବୀର ଇତିହାସରେ କୌଣସି ଯୁଗରେ ତାହାର ସମାନ୍ତର ନାହିଁ । ଏହି ମନୀଷୀମାନେ ବହୁ କ୍ଷେତ୍ରର ଥିଲେ, ତଥାପି ସେମାନେ ସମସ୍ତେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ସଂଘାତ ଓ ସମନ୍ୱୟରୁହିଁ ସମ୍ଭୂତ ହୋଇଥିଲେ । ଏମାନଙ୍କ ମଧ୍ୟରୁ ରାଜା ରାମମୋହନ ରାୟଙ୍କ ପରି କେତେଜଣ ଇଂରେଜମାନଙ୍କ ମାଧ୍ୟମରେ ଇଉ-ରୋପୀୟ ସଂସ୍କୃତିର ଏହି ସଂକ୍ରମଣକୁ ଭଗବାନଙ୍କର ଏକ ସଦୟ ବରଦାନ ବୋଲି ଗ୍ରହଣ କରିଥିଲେ ଏବଂ ସ୍ୱାମୀ ଦୟାନନ୍ଦଙ୍କ ପରି ଆଉ କେତେଜଣ ଏହି ସଂପ୍ଲବଟିର ପ୍ରତିକ୍ରିୟା ସ୍ୱରୂପ ଭାରତ ସୁଦୂର ଅତୀତରେ ରହିଥିବା ଆପଣାର ଆର୍ଯ୍ୟ ମୂଳଭୂମିଟିକୁ ଫେରିଯାଉ ବୋଲି ଆହ୍ୱାନ ମଧ୍ୟ ଦେଇଥିଲେ । ଏହି ମନୀଷୀମାନେ ଧର୍ମର ନୂତନ ସମୀକ୍ଷା କରିଥିଲେ, ଶିକ୍ଷାକ୍ଷେତ୍ରରେ ନୂତନ ନେତୃତ୍ୱ ଦେଇଥିଲେ, ଏକ ରାଜନୀତିକ ନୂତନ ଚେତନାକୁ ସଞ୍ଚାରି ଆଣିବାରେ ନିମିତ୍ତରୂପେ କାର୍ଯ୍ୟ କରିଥିଲେ । ଭାରତବର୍ଷରେ ମନୁଷ୍ୟ-ସ୍ୱୀକୃତିର ପାରମ୍ପରିକ ବ୍ୟାକରଣଗୁଡ଼ିକ ବଦଳିଗଲା । ଭାରତୀୟ ଚେତନା ତଥା ସମୀକ୍ଷାର ସଦନଟିରେ ବହୁ ନୂତନ ଗବାକ୍ଷ ଖୋଲିଗଲା ଏବଂ ସତେ ଅବା ଆଗାମୀ ଦଶକ ଗୁଡ଼ିକ ଲାଗି ଜାତୀୟ ଅଭିକ୍ରମଗୁଡ଼ିକର କ୍ଷେତ୍ରରେ ଏକ ନୂତନ ମୂଳଦୁଆ ପକାଇ ଦେଇଥିଲା । ବାହାରୁ ଆସୁଥିବା ସ୍ପର୍ଶଗୁଡ଼ିକୁ ଅନୁଭବ କରୁ କରୁ ଭାରତବର୍ଷ ବହୁ ଅଭୂତପୂର୍ବ

Digitized by srujanika@gmail.com

ପ୍ରସ୍ଥ ଦେଇ ନିଜକୁ ମଧ୍ୟ ଅବଲୋକନ କରିବାକୁ ଆରମ୍ଭ କଲା । ଆପଣା ଘରେ ସାର ଅସାର ବାଛିବାକୁ ଆରମ୍ଭ କଲା ଓ ଏକ ନୂତନ ବିବେକ ଦ୍ୱାରା ପାଶ୍ଚାତ୍ୟରୁ କ'ଣ ସବୁ ଗ୍ରହଣୀୟ ବା ଗ୍ରହଣୀୟ ନୁହେଁ, ଗମ୍ଭୀର ଭାବରେ ସେକଥା ମଧ୍ୟ ଚିନ୍ତା କଲା । ଏହିପରି ଭାବରେ ସମନ୍ୱୟର ଏକ ଅଭିନବ ପ୍ରକ୍ରିୟା ଆରମ୍ଭ ହୋଇଗଲା ।

ଦୁଇ ସଂସ୍କୃତିର ଏହି ସଂଘାତ ଓ ସମ୍ମିଳନ ହେତୁ ଭାରତବର୍ଷ ଯେଉଁ ଅଭ୍ୟୁଦୟ ଦ୍ୱାରା ସମୃଦ୍ଧ ହେଲା, କବି ରବୀନ୍ଦ୍ରନାଥ, ମହାତ୍ମା ଗାନ୍ଧୀ, ସ୍ୱାମୀ ବିବେକାନନ୍ଦ ଓ ଶ୍ରୀ ଅରବିନ୍ଦଙ୍କୁ ଆମେ ତାହାର ଗୋଟିଏ ଗୋଟିଏ ସର୍ବଶ୍ରେଷ୍ଠ ସଂଘଟନ ବୋଲି କହିବା । ଏମାନଙ୍କ ମଧ୍ୟରୁ କେହି ଜଣେ ହେଲେ କେବଳ ଗୋଟିଏ ପଟର ପ୍ରଭାବ ଦ୍ୱାରା ପ୍ରଭାବିତ ହୋଇ ନଥିଲେ । ରବୀନ୍ଦ୍ରନାଥ ଓ ଶ୍ରୀଅରବିନ୍ଦ ଅତି ଶୈଶବକାଳରୁ ଇଉରୋପ ଯାଇଥିଲେ ଓ ସେଠାରେ ଶିକ୍ଷାଲାଭ କରିଥିଲେ । ମହାତ୍ମା ଗାନ୍ଧୀ ପ୍ରଥମ ଯୌବନରେ ବିଲାତ ଗଲେ । ଏବଂ, ଭାରତୀୟ ସନ୍ନ୍ୟାସ ମାର୍ଗରେ ଦୀକ୍ଷିତ ହୋଇସାରିବା ପରେ ସ୍ୱାମୀ ବିବେକାନନ୍ଦ ଆମେରିକା ଓ ଇଉରୋପ ଯାତ୍ରା କରିଥିଲେ । ଆପଣାର ଜୀବନ ଦୃଷ୍ଟିରେ କେହି ରକ୍ଷଣଶୀଳ ନଥିଲେ ଓ ଭାରତବର୍ଷରେ ବହୁ ନୂତନ ପ୍ରବର୍ତ୍ତନର ପୁରୋଧା ପରି କାର୍ଯ୍ୟ କରିଥିଲେ । କବିଙ୍କ ଦ୍ୱାରା ସ୍ଥାପିତ ନୂତନ ବିଦ୍ୟାଳୟଟିର ଚେର ଭାରତୀୟ ମାଟିରେ ଥିଲା ଓ ବିଶ୍ୱ ଯାକର ବିପୁଳ ଆକାଶକୁ ଶାଖା ବିସ୍ତାର କରିଥିଲା । ପ୍ରାଚ୍ୟ ଅଥବା ପାଶ୍ଚାତ୍ୟ, କେଉଁଟି ତାଙ୍କୁ ପ୍ରକୃତରେ ଗଢ଼ିଛି, ସେକଥା କହି ପାରିବା ତାଙ୍କ ପକ୍ଷରେ ଅତ୍ୟନ୍ତ କଷ୍ଟକର ବୋଲି ମହାତ୍ମାଗାନ୍ଧୀ ଏକଦା ସ୍ୱୟଂ ସ୍ୱୀକାର କରିଛନ୍ତି । ଅର୍ଥାତ୍, ସିଏ ଦୁଇଟି ଦ୍ୱାରା ପ୍ରଭାବିତ ହୋଇଥିଲେ । ଶ୍ରୀଅରବିନ୍ଦଙ୍କର ରାଜନୀତିକ ଓ ସମାଜସମ୍ବନ୍ଧୀ ବିଚାର, ଯୋଗସାଧନାର ଧାରା ଏବଂ ମାନବର ନିୟତି ସମ୍ବନ୍ଧରେ ତାଙ୍କର ଆଧ୍ୟାତ୍ମିକ ଭବିଷ୍ୟଦୃଷ୍ଟି,—ଏଥିରେ ପ୍ରାଚ୍ୟ ତଥା ପାଶ୍ଚାତ୍ୟ ଦୁଇଟିଯାକର ପ୍ରେରଣା ପରସ୍ପରକୁ ସଙ୍କଳିତ କଲାପରି ଏକତ୍ର ଯୋଡି ହୋଇ ରହିଛନ୍ତି । ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟାନ୍ତଟିର ଏହି ସନ୍ଦର୍ଭରେ ଏକ ସ୍ୱତନ୍ତ୍ର ତାତ୍ପର୍ଯ୍ୟ ରହିଛି । ପାଶ୍ଚାତ୍ୟ ମାନସରେ ହିନ୍ଦୁଧର୍ମ ଲାଗି ଏକ ପ୍ରତିଷ୍ଠା ପ୍ରଦାନ କରିବାକୁ ସେ ଆମେରିକା ଯାଇଥିଲେ ବୋଲି ସାଧାରଣତଃ କୁହାଯାଇ ଥାଏ । ଇଉରୋପୀୟ ସମାଜ ଏବଂ ପ୍ରୟାସ ଗୁଡିକର ସମ୍ପର୍କରେ ଆସି ସିଏ ସତେ ଯେପରି ସେଠାରେ ନିଜେ ଦୀକ୍ଷିତ ହୋଇ ଯାଇଥିଲେ ଏବଂ ଏକ ସଂପୂର୍ଣ୍ଣ ନୂତନ ପରିଚୟରେ ଭାରତବର୍ଷକୁ ଫେରିଥିଲେ । ଭାରତୀୟ ଧର୍ମଭାବନାକୁ ସ୍ୱାମୀ ବିବେକାନନ୍ଦ ଏକ ଅଭାବନୀୟ ନୂତନ ଆୟାମ ପ୍ରଦାନ

Digitized by srujanika@gmail.com

କରିଥିଲେ । ସ୍ୱାମୀ ବିବେକାନନ୍ଦଙ୍କର ଏହି ନୂତନ ଦୀକ୍ଷା ଗ୍ରହଣକୁ ଭାରତବର୍ଷର ଏକ ସୌଭାଗ୍ୟ ବୋଲି କହିବାକୁ ହେବ ଏବଂ ଏହି ଦୀକ୍ଷାଗ୍ରହଣ ତାଙ୍କର ଭାରତୀୟ ମୂଳଗୁଡ଼ିକୁ ଆଦୌ କୌଣସି ପ୍ରକାରେ କ୍ଷତିଗ୍ରସ୍ତ କରି ଦେଇନଥିଲା ।

ସମାଜକୁ ଏବଂ ସମାଜରେ ବାସ କରୁଥିବା ମନୁଷ୍ୟକୁ ଏକ ନୂତନ ଅଭିଧା ଦେଇ ଦେଖିବାର ଏହି ଯୁଗ-ଆନ୍ଦୋଳନ ନାରୀ ପ୍ରତି ଭାରତବର୍ଷରେ ପୁରୁଷର ରହି ଆସିଥିବା ପାରମ୍ପରିକ ଦୃଷ୍ଟିରେ ମଧ୍ୟ ତୁମୁଳ ପରିବର୍ତ୍ତନମାନ ସମ୍ଭବ କରି ଆଣିଥିଲା । ରାଜା ରାମମୋହନ ସତୀଦାହ ପ୍ରଥାର ଆଇନଗତ ନିଷେଧ ପ୍ରବର୍ତ୍ତନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବିଧବା-ବିବାହର ପ୍ରବର୍ତ୍ତନ ଲାଗି ପ୍ରାୟ ଏକ ଆନ୍ଦୋଳନର ପୁରୋଧା ହୋଇଥିଲେ । ମହାରାଷ୍ଟ୍ର ସମେତ ଆମ ଦେଶର ଅନ୍ୟାନ୍ୟ ଭାଗରେ ବାଲ୍ୟବିବାହ ବିରୋଧରେ ପ୍ରବଳ ଜନମତ ଜାଗ୍ରତ କରାଯାଇଥିଲା । ନାରୀକୁ ଏକ ଶକ୍ତିରୂପେ କଳ୍ପନା କରାଗଲା ଓ ତଦନୁଯାୟୀ ଏକ ନୂତନ ବୈଶ୍ୱିକ ଭୂମି ଉପରେ ଭାରତର ପାରମ୍ପରିକ ଭୂମିଟିକୁ ବଦଳାଇ ଦେବା ଲାଗି ଉଦ୍‌ବୋଧନ ଦିଆ ଯାଇଥିଲା । ଭାରତୀୟ ଅଧ୍ୟାତ୍ମଶାସ୍ତ୍ରମାନଙ୍କରେ ନାରୀକୁ ଯେଉଁ ପ୍ରଭାସ୍ୱର ଚିତ୍ରରେ ଚିତ୍ରିତ କରାଯାଇଥିଲା, ନବଜାଗରଣର ମନୀଷୀମାନେ ସେହି ଚିତ୍ର-ଗୁଡ଼ିକୁ ଉତ୍ତୋଳିତ କରି ଧରିଲେ ଏବଂ ବାସ୍ତବ ସମାଜରେ ମଧ୍ୟ ତାହାକୁ ରୂପାୟିତ କରି ଆଣିବାକୁ ଉଦ୍‌ବୋଧନ ଦେଲେ । ସର୍ବୋଚ୍ଚ ପରମ ସତ୍ୟ ପୁରୁଷ ନୁହନ୍ତି କି ନାରୀ ନୁହନ୍ତି, ତାଙ୍କର କୌଣସି ଲିଙ୍ଗ ନାହିଁ । ଅର୍ଥାତ ସିଏ ପୁରୁଷ ଏବଂ ନାରୀ ଉଭୟ ପୁରୁଷର ଜୀବନରେ ଯାହା ତାହାର ଶ୍ରେଷ୍ଠ ସମ୍ପଦ ଓ ଶ୍ରେଷ୍ଠ ସତ୍ୟରୂପେ ଅନ୍ତର୍ନିହିତ ହୋଇ ରହିଛନ୍ତି, ସେଇ ନାରୀ ଭିତରେ ମଧ୍ୟ ଅଛନ୍ତି । ଗୀତାରେ ଯେଉଁ ପୁରୁଷାର୍ଥର କଥା କୁହାଯାଇଛି, ତାହା ସାଂସାରିକ ଲିଙ୍ଗଗତ ତାତ୍ପର୍ଯ୍ୟ ଓ ପାର୍ଥକ୍ୟ ଅନୁସାରେ କେବଳ ପୁରୁଷକୁ ଉଦ୍ଦେଶ୍ୟ କରି କୁହାଯାଇନାହିଁ । ପୁରୁଷ ଓ ନାରୀ ଉଭୟଙ୍କୁ ଉଦ୍ଦେଶ୍ୟ କରି କୁହାଯାଇଛି । ନାରୀ ଓ ପୁରୁଷ ଉଭୟ ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବା ସାମର୍ଥ୍ୟ ତଥା ସମ୍ଭାବନାଗୁଡ଼ିକୁ ଉଦ୍‌ଘାଟିତ କରି ଆଣିବା ଓ ଆପଣାର ପରିପୂର୍ଣ୍ଣ ଶକ୍ତିର ପରିଚୟ ଲାଭ କରି ଈଶ୍ୱରଙ୍କ ପାଇଁ ଏକ ଈଶ୍ୱରାନୁକୂଳ ନୂତନ ଯୁଗର ସଂସ୍ଥାପନ ପାଇଁ ସେହି ସାମର୍ଥ୍ୟଗୁଡ଼ିକୁ କାମରେ ଲଗାଇବା, ତାହାହିଁ ପୁରୁଷାର୍ଥ । ବେଦ ଓ ଉପନିଷଦ ଭାରତବର୍ଷରେ ବହୁପୂର୍ବରୁ ଥିଲା । ଅତୀତର ବହୁ ଧର୍ମସମ୍ପ୍ରଦାୟ ଗୀତାର ବହୁ ପାଣ୍ଡିତ୍ୟପୂର୍ଣ୍ଣ ଭାଷ୍ୟମାନ ପୂର୍ବରୁ ଲେଖିଥିଲେ । ମାତ୍ର ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ସେଗୁଡ଼ିକ ଉପରେ ଏକ ନୂତନ ବ୍ୟଞ୍ଜନା ଏବଂ

Digitized by srujanika@gmail.com

ନୂତନ ଶ୍ରଦ୍ଧା ଦେଇ ଅବଲୋକନ କରନ୍ତେ । ଅଧ୍ୟାତ୍ମ ଭୂଇଁ ଛୁଇଁଲା ପରି ଲାଗିଲା । ପୁରୁଷ ତଥା ନାରୀ ଉଭୟେ ସେଥିରୁ ଅଭୂତପୂର୍ବ ନୂତନ ଉଦ୍‌ବୋଧନମାନ ଲାଭ କଲେ । ଆଗକୁ ବାଟ କାଢିଲେ ।

କବିଗୁରୁ ରବୀନ୍ଦ୍ରନାଥ ଆପଣାର କବିତା ଓ ପ୍ରବନ୍ଧଗୁଡିକରେ ନାରୀର ଏକ ଉଜ୍ଜ୍ୱଳ ଉତ୍ସାହମୟ ଚିତ୍ର ଅଙ୍କନ କରିଛନ୍ତି । 'ଅବଳା' କବିତାରେ ସେ ସମାଜରେ ନାରୀର ହେୟ ଓ ଅବହେଳାପୂର୍ଣ୍ଣ ସ୍ଥିତିଟିର ବର୍ଣ୍ଣନା କରିଛନ୍ତି ଓ ସେଇଟି ଆଡକୁ ତଥାକଥିତ ପୁରୁଷମାନଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି କବିତାରେ ନାରୀ ନିର୍ଯ୍ୟାତିତା, ଭୂଲୁଣ୍ଠିତା, ଅସମର୍ଥା ଓ ଅସହାୟା । ନାରୀ ଯେ ଅନ୍ୟର ଆଶ୍ରୟ ବିନା ନିଜେ ନିଜ ବଳ ଉପରେ ନିର୍ଭର କରି କଦାପି ଛିଡା ହୋଇ ପାରିବ ନାହିଁ, ସମସାମୟିକ ସେହି ପୁରାତନ ବିଶ୍ୱାସଟିକୁ ରବୀନ୍ଦ୍ରନାଥ କବିତାର ଆବେଦନ ଦେଇ ଆମ ଆଗରେ ଉତ୍ତୋଳିତ କରି ଧରିଛନ୍ତି ଏବଂ ଭାରତୀୟ ପୁରୁଷାର୍ଥକୁ ସତେ ଅବା ଧିକ୍‌କାର ଦେଇଛନ୍ତି । ଭାରତୀୟ ପାଠକ-ମାନସକୁ ଏହି କବିତାଟି ଏକ ନିର୍ମମ ଆତ୍ମସମୀକ୍ଷା ଲାଗି ଉଦ୍‌ବୁଦ୍ଧ କରି ଆସୁଛି । ଏହି କବିତାଟିର ଏକ ଶକ୍ତିମନ୍ତ ପରିପୂରକ ରୂପେ ରବୀନ୍ଦ୍ରନାଥ 'ବିଜୟିନୀ' ବୋଲି ଯେଉଁ ଅନ୍ୟ କବିତାଟି ଲେଖିଛନ୍ତି, ସେଥିରେ ସେ ନାରୀର ଅନ୍ତର୍ନିହିତ ଦୀପ୍ତିଗୁଡିକର ବର୍ଣ୍ଣନା କରିଛନ୍ତି । ନାରୀର ବଳ, ସେ ଏକ ଅନ୍ୟ ବଳ । ସେହି ବଳ ବିଶ୍ୱବିଜୟ କରିପାରେ । ପୁରୁଷର ସ୍ୱୀକୃତିପ୍ରାପ୍ତ ସବୁଯାକ ବଳ ଯେତେବେଳେ ନିରସ୍ତ୍ର ହୋଇ ହଟି ଆସେ, ସେତେବେଳେ ନାରୀହିଁ ପୁରୁଷର ସ୍କନ୍ଧ ଉପରେ ବସି ତା'ଲାଗି ବିଜୟର ଟୀକା ବହନ କରିଆଣେ । 'ଉର୍ବଶୀ' ନାମକ ଏକ ଦୀର୍ଘ କବିତାରେ ରବୀନ୍ଦ୍ରନାଥ ନାରୀର ଯେଉଁ ରୂପକଳ୍ପଟିର ଅବତାରଣା କରାଇଛନ୍ତି, ସେଠାରେ ସିଏ ବଧୂ ନୁହେଁ, ମାତା ନୁହେଁ, କନ୍ୟା ବା ଭଗ୍ନୀ କିଛି ନୁହେଁ । ସେଠି ନାରୀ ହେଉଛି ଏକ ତତ୍ତ୍ୱ, ଏକ ଉତ୍ସ, ଏକ ପ୍ରଚୋଦନା । ଜର୍ମାନ୍ ମହାକବି ଗୁଏଟେଙ୍କର **Das ewige weibliche** ସହିତ ଅନେକ ଗବେଷକ ଉର୍ବଶୀ-କଳ୍ପନାର ତୁଳନା କରିଛନ୍ତି । ଭାରତୀୟ ପ୍ରାଚୀନ ତନ୍ତ୍ରକାର ଓ ସଂହିତା ଲେଖକମାନେ ନାରୀକୁ ଅବଳା ବୋଲି କହିଥିଲେ, କେତେ ଅବଜ୍ଞାର ସହିତ ସେମାନେ ତାକୁ କାମିନୀଟିଏ କରି ଥୋଇ ଦେଇଥିଲେ । ରବୀନ୍ଦ୍ରନାଥଙ୍କର ନାରୀ ଅବଳା ନୁହେଁ, ନାରୀର କୋମଳତା ସେଠାରେ ଆଦୌ ଦୁର୍ବଳତାର ପରିଚୟ ନୁହେଁ । କବିଙ୍କର କେତୋଟି ନାଟକରେ ନାରୀ-ତ୍ୱର ଯେଉଁ ଚିତ୍ରଣ କରାଯାଇଛି, ତାହାର ପରିଚୟ ପୁରୁଷ ମନରେ ମଧ୍ୟ ନାରୀ ପ୍ରତି ଏକ ସମ୍ମାନସମ୍ଭୃଦ୍ଧ ଦୃଷ୍ଟିକୁ ଜାଗ୍ରତ କରାଇ ଆଣିପାରେ ।

Digitized by srujanika@gmail.com

ରବୀନ୍ଦ୍ରନାଥଙ୍କର ଆଉ ଗୋଟିଏ ଶ୍ରେଷ୍ଠ ଓ ମୂର୍ତ୍ତିମନ୍ତ କାବ୍ୟ ହେଉଛି ତାଙ୍କର ଶାନ୍ତିନିକେତନ । ଏହି ବିଦ୍ୟାଳୟଟି ମନୁଷ୍ୟମାତ୍ର ଯେଉଁ କଳ୍ପନାକୁ ନେଇ ଗଠିତ ହୋଇଥିଲା, ସେଥିରେ ନାରୀ ପୁରୁଷଠାରୁ କୌଣସି ଗୁଣ ନ୍ୟୂନ ନୁହେଁ । ପାରମ୍ପରିକ ବିଚାର ବିଶ୍ଳେଷଣଟି ଅନୁସାରେ ସୌନ୍ଦର୍ଯ୍ୟପିପାସା ସତେଅବା କେବଳ ପୁରୁଷର, ନାରୀ ହେଉଛି ସୌନ୍ଦର୍ଯ୍ୟ-ଲାଳସାର ଉଦ୍ଦୀପନକାରିଣୀ ଏକ ବସ୍ତୁ, ଯାହାକି ପୁରୁଷର ପ୍ରୀତ୍ୟର୍ଥେ ଭଗବାନଙ୍କ ଦ୍ୱାରା ସୃଷ୍ଟି ହୋଇ ପୃଥିବୀକୁ ଆସିଛି । ଏହି ମୂଳ ଅଯୁକ୍ତିଟି ଅନୁସାରେ ଆବହମାନ କାଳରୁ ଭାରତର ସମାଜ ଚଳି ଆସୁଥିଲା, ସାହିତ୍ୟ ଚଳି ଆସୁଥିଲା, ଶିକ୍ଷା ମଧ୍ୟ ଆସୁଥିଲା । ଶାନ୍ତିନିକେତନର ଶିକ୍ଷା ସେହି ମିଛ ମିଥ୍‌ଟିକୁ ଏକାବେଳେକେ ଭାଙ୍ଗିଦେଲା । ଆଧୁନିକ ଭାରତରେ ସମ୍ଭବତଃ ସର୍ବପ୍ରଧାନ ଦୃଷ୍ଟାନ୍ତରୂପେ ଶାନ୍ତିନିକେତନରେ ପୁଅ ଓ ଝିଅ ଏକତ୍ର ପଢ଼ିଲେ । ସେମାନେ ଏକତ୍ର ଜ୍ଞାନାର୍ଜନ କଲେ, ଏକତ୍ର ଗୀତ ଗାଇଲେ, ଏକତ୍ର ନାଟକ ଅଭିନୟ କଲେ ଏବଂ ଏକତ୍ର ଚିତ୍ର ଆଙ୍କିଲେ । ବିଦ୍ୟାଳୟର ଯାବତୀୟ କାର୍ଯ୍ୟକ୍ରମ ଦୁହିଁଙ୍କୁ ଏକାଠି କରି ଚାଲିଲା । ସେତେବେଳର ଦୋଷଦର୍ଶୀମାନେ ଏକତ୍ରତାକୁ ଦେଖି କେତେ ନାକ ଟେକିଲେ, କେତେ କାତୁଆ ଫିଙ୍ଗିଲେ; ତଥାପି ଶାନ୍ତିନିକେତନ ତିଷ୍ଠି ରହିପାରିଲା । ଜୀବନର ଯାବତୀୟ ଅନୁଧାବନରେ ଏକତ୍ର ଯଥାର୍ଥ ଉତ୍ସାହ ଓ ଉଦ୍ୟମ ସହିତ ପ୍ରେରିତ ହୋଇ ରହିପାରିଲେ ନାରୀ ପୁରୁଷର ଆଖିରେ ଯେ କେବଳ କାମପିତୁଳାଟିଏ ପରି ଆଦୌ ଦିଶିବ ନାହିଁ ଓ ପୁରୁଷ ମଧ୍ୟ ନାରୀର ଆଖିକୁ ଭୟଉଦ୍ରେକକାରୀ ଆଦୌ କୌଣସି କାରଣ ହୋଇ ରହିବ ନାହିଁ, ଶାନ୍ତିନିକେତନର ବିଦ୍ୟାଳୟ ସେହି ସତ୍ୟକୁ ପ୍ରମାଣ କରି ଦେଖାଇ ଦେଲା । ଏହିପରି ଭାବରେ କବି ରବୀନ୍ଦ୍ରନାଥ ଭାରତବର୍ଷକୁ କାଳ କାଳ ଧରି କାବୁ କରି ରଖିଥିବା ସ୍ପର୍ଶକାତରତାକୁ ଦୂର କରି ଦେଇଥିଲେ ।

ସ୍ୱାମୀ ବିବେକାନନ୍ଦ ବେଦାନ୍ତୀ ଥିଲେ । ବେଦାନ୍ତକୁ ଏକଦର୍ଶୀ ଭାବରେ ମାୟାବାଦ ବୋଲି ଭାବିବା ଏକ ଭ୍ରମ; ଅବଶ୍ୟ ଏକଥା ସତ ଯେ ମାୟାବାଦୀମାନେ ଅନେକ ସମୟରେ ଆମକୁ ଏହିପରି ଏକ ଭ୍ରମରେ ପକାଇବାକୁ ଇଚ୍ଛା କରିଥାନ୍ତି । ବେଦାନ୍ତର ଏକ ଭାବପ୍ରସ୍ଥ ମଧ୍ୟ ରହିଛି, ଏକ ଶ୍ରଦ୍ଧାନୁଭବର ପ୍ରସ୍ଥ-ରହିଛି । ରାମକୃଷ୍ଣପରମହଂସ ଭକ୍ତିମାର୍ଗ ଦେଇ ବେଦାନ୍ତକୁ ଓ ଜ୍ଞାନକୁ ଆସିଥିଲେ । ସ୍ୱାମୀ ବିବେକାନନ୍ଦ ଗୋଟିଏ ପ୍ରସଙ୍ଗରେ ତାଙ୍କର ଗୁରୁଙ୍କୁ ଭିତରେ ଜ୍ଞାନୀ ଓ ବାହାରେ ଭକ୍ତ ବୋଲି କହି ଆପଣାକୁ ଭିତରେ ଭକ୍ତ ଏବଂ ବାହାରେ ଜ୍ଞାନୀ ବୋଲି କହିଛନ୍ତି । ଜ୍ଞାନୀ ଶ୍ରଦ୍ଧାକୁ କାଟି ଆଗକୁ ଚାଲି ଯାଏ ନାହିଁ, ଆପଣାର ଜ୍ଞାନୋପଲବ୍ଧି ବଳରେ ସେ ଏପରି ଏକ ଶ୍ରଦ୍ଧାରେ ଆସି ଉପନୀତ ହୁଏ,

Digitized by srujanika@gmail.com

ଯାହାକି ତାକୁ ଏହି ସବୁଟି ସହିତ, ସବୁରି ସହିତ ବାନ୍ଧିପକାଏ । ସବୁରି ଭିତରେ ସତ୍ୟକୁ ଦେଖେ, ସତ୍ୟ ସମ୍ଭାବନାକୁ ଦେଖେ । ସ୍ୱାମୀ ବିବେକାନନ୍ଦ ଶୁଷ୍କ ବେଦାନ୍ତୀ ନଥିଲେ । ତାଙ୍କର ବ୍ରହ୍ମଜ୍ଞାନ ଅର୍ଥାତ ବିଶ୍ୱଜ୍ଞାନ ତାଙ୍କୁ ପୃଥିବୀ ସହିତ ବାନ୍ଧି ପକାଇଥିଲା । ତାଙ୍କ ସନ୍ନ୍ୟାସୀ ଜୀବନର ନିରାସକ୍ତି ତାଙ୍କୁ ମନୁଷ୍ୟ ମଧ୍ୟରେ ରହିଥିବା ସର୍ବୋତ୍ତମଟି ପ୍ରତି ଆସକ୍ତ କରି ରଖିଥିଲା ଏବଂ ମନୁଷ୍ୟ ସହିତ ନିଜର ଯାବତୀୟ ପରିଚୟରେ ସେ ସେହି ସର୍ବୋତ୍ତମଟିକୁହିଁ ଠାବ କରି ବୁଲୁଥିଲେ । ତେଣୁ ନାରୀକୁ ସିଏ ସର୍ବପ୍ରଥମେ ସମାଜସ୍ଥ ଏକ ଅବସ୍ଥାବାଧ୍ୟ ଜୀବ ବୋଲି ନଦେଖି ଏକ ଅନନ୍ତ ସମ୍ଭାବନାମୟ ଆକର ରୂପେ ଦେଖୁଥିଲେ । ନାରୀର ସ୍ଥାନ ସିଏ ଯେଉଁ ସମାଜରେ ଜନ୍ମ ହୋଇଛି ଓ ଯେଉଁ ସମାଜ ତାକୁ ବାଧ୍ୟ କରି ରଖିଛି; କେବଳ ତାହାରି ଦ୍ୱାରା ନିର୍ଣ୍ଣିତ ହେଉ ବୋଲି ସେ ଆଦୌ ଇଚ୍ଛା କରୁ ନଥିଲେ । ପୁରୁଷ ଭିତରେ ତା'ର ଅସଲ ଯାହା, ଜଣେ ନାରୀ ଭିତରେ ମଧ୍ୟ ତାହାହିଁ ଅସଲ । ତେଣୁ ନାରୀ କାହିଁକି ପୁରୁଷର ଦାସୀ କିମ୍ବା କାମଚାମଗ୍ରୀ ହୋଇ ରହିବ ବୋଲି ସ୍ୱାମୀ ବିବେକାନନ୍ଦ ସାହସର ସହିତ ଘୋଷଣା କରିଥିଲେ ।

ଆଗରୁ ସୂଚିତ ହୋଇଛି, ଆମେରିକା ଓ ଇଉରୋପରେ ଏକ ଅନ୍ୟ ପୃଥିବୀ ସହିତ ପରିଚିତ ହୋଇ ଭାରତବର୍ଷ ସମ୍ପର୍କରେ ସ୍ୱାମୀ ବିବେକାନନ୍ଦ ସତେ ଅବା ଏକ ଅନ୍ୟ ନୟନ ଲାଭ କରିଥିଲେ । ସେହି ସମୟରେ ସେ ଭାରତବର୍ଷକୁ ଯେଉଁସବୁ ପତ୍ର ଲେଖିଥିଲେ, ସେହି ବୃତ୍ତିକରୁହିଁ ଆମକୁ ତାହାର ସ୍ପଷ୍ଟ ପ୍ରମାଣ ମିଳି ପାରିବ । ପାଶ୍ଚାତ୍ୟ ସମାଜରେ ନାରୀକୁ ସେ ଶକ୍ତିମୟୀ ରୂପରେ ଦେଖିଥିଲେ । ପୁରୁଷର ଅନୁଗାମିନୀ ନୁହେଁ, ସହଗାମିନୀ ରୂପେ ଦେଖିଥିଲେ । ଭାରତୀୟ ନାରୀମାନଙ୍କର ଦୁର୍ଦ୍ଦଶା ତାହାର ଏକ ଦୟନୀୟ ସମାନ୍ତର ରୂପେ ତାଙ୍କୁ ପ୍ରାୟ ଅସହ୍ୟ ବୋଧ ହୋଇଥିଲା । ଭଗିନୀ ନିବେଦିତାଙ୍କ ସହିତ ତାଙ୍କ ଯାବତୀୟ କଥୋପକଥନରୁ ଆମର ତାହାହିଁ ହୃଦ୍‌ବୋଧ ହୋଇ-ଥିବ । ଭାରତୀୟ ଜାୟା, ଜନନୀ ଓ ଭଗିନୀମାନଙ୍କର ଏକ ସମ୍ମାନିତ ଅନ୍ୟ ପରିଚୟ ସେ ସତେଅବା ସେହି ପାଶ୍ଚାତ୍ୟ ଭୂଖଣ୍ଡରୁହିଁ କଳ୍ପନା କରିବାକୁ ଆରମ୍ଭ କରିଥିଲେ ଓ ଭାରତବର୍ଷକୁ ଫେରିଆସିବା ପରେ ଆପଣାର ଏକାଧିକ ବକ୍ତୃତାରେ ଓ ଲେଖାରେ ସେହି ବିଷୟଟିକୁ ପ୍ରକାଶ କରିଥିଲେ । ନାନା କାରଣରୁ ସ୍ୱାମୀ ବିବେକାନନ୍ଦଙ୍କ ପରେ ରାମକୃଷ୍ଣ ମିଶନ୍‌ର କାର୍ଯ୍ୟ ଅବଶ୍ୟ ପ୍ରଧାନତଃ ଶିକ୍ଷିତବର୍ଗଙ୍କ ମଧ୍ୟରେ ସୀମିତ ହୋଇ ରହିଲା, ଜାତିର କାର୍ଯ୍ୟକ୍ରମଟି ମୁଖ୍ୟତଃ ଏକ ସେବା କାର୍ଯ୍ୟକୁ ସଙ୍କୁଚିତ ହୋଇ ଆସିଲା । ସ୍ୱାମୀ ବିବେକାନନ୍ଦଙ୍କର ସ୍ୱତନ୍ତ୍ର ଐତିହ୍ୟଟି

Digitized by srujanika@gmail.com

ଯେପରି ଏକ ଗୌଣ ସ୍ଥାନ ଆଦରି ରହିଲା ଏବଂ ସମ୍ଭବତଃ ସେହି କାରଣରୁ ଅଧ୍ୟାତ୍ମର ମାର୍ଗରେ ଏକ ସାମାଜିକ ବିପ୍ଳବର ସନ୍ଦେଶ ମୁଖ୍ୟତଃ ଲୋକହିତୈଷିତା ମଧ୍ୟରେ ଶୀତଳ ହୋଇ ରହିଗଲା । ତଥାପି, ସ୍ୱାମୀଜୀଙ୍କର ଅଗ୍ନିମୟୀ କଥା ଏବଂ ମନୁଷ୍ୟ-ଜୀବନକୁ ସଂସ୍କାରଗତ ବହୁ ପ୍ରମାଦର ଗୁହା ଭିତରୁ ବିମୁକ୍ତ କରି ଆଣିବାଲାଗି ତାଙ୍କର ସବଳ ସ୍ୱପ୍ନଗୁଡ଼ିକର ମହତ୍ତ୍ୱ ଏବେ ମଧ୍ୟ ପ୍ରାସଙ୍ଗିକ ହୋଇ ରହିଛି ।

ପୁରାତନ ବିଭିନ୍ନ ସଭ୍ୟତା ଓ ସମାଜରେ ନାରୀର ସ୍ଥାନ ନିରୂପଣ କରିବାକୁ ଯାଇ ଶ୍ରୀଅରବିନ୍ଦ ଇଉରୋପୀୟ ମଧ୍ୟଯୁଗର ସଂସାରତ୍ୟାଗୀମାନେ ନାରୀକୁ ସତେଅବା ଏକ ହେୟବସ୍ତୁ ବୋଲି ଘୃଣା କରୁଥିଲେ ବୋଲି କହିଛନ୍ତି । ସେହି ସଂସାରବିରକ୍ତମାନେ ଭାବୁଥିଲେ ଯେ ବାବାଜୀମାନଙ୍କୁ ପ୍ରଲୋଭନରେ ପକାଇବା ଉଦ୍ଦେଶ୍ୟରେହିଁ ଭଗବାନ ନାରୀମାନଙ୍କୁ ସୃଷ୍ଟି କରି ପୃଥିବୀକୁ ପଠାଇଥିଲେ । ଭଗବାନ ତଥା ନାରୀମାନଙ୍କ ବିଷୟରେ ଏହାଦ୍ୱାରା କେତେ ନିକୃଷ୍ଟ ଧାରଣା ପୋଷଣ କରାଯାଇଛି ବୋଲି ଶ୍ରୀଅରବିନ୍ଦ ବିସ୍ମିତ ହୋଇଛନ୍ତି । ହୁଏତ କୁହାଯାଇ ପାରିବ ଯେ ମଣିଷମାନେ, ବିଶେଷ କରି ବିରକ୍ତମାନେ ନିଜକୁ ଅତ୍ୟନ୍ତ ନିକୃଷ୍ଟ ଦୃଷ୍ଟିରେ ବିଚାର କରିଥାନ୍ତି ବୋଲି ଭଗବାନଙ୍କୁ ମଧ୍ୟ ଏକ ଅନୁରୂପ ଆରୋପ ଦ୍ୱାରା ନିନ୍ଦିତ କରାଇ କିଞ୍ଚିତ୍ ସାନ୍ତ୍ୱନା ଅନୁଭବ କରିଥାନ୍ତି । ଶ୍ରୀଅରବିନ୍ଦଙ୍କର ଅନୁମାନ ଅନୁସାରେ, ଜଣେ ପୁରୁଷ ଭିତରେ ଯେତେବେଳେ ମନୁଷ୍ୟ-ଅଂଶ ଅପେକ୍ଷା ପଶୁଅଂଶଟି ଅପେକ୍ଷାକୃତ ଅଧିକ ପରିମାଣରେ ରହିଥାଏ, ସେତିକିବେଳେ ପୁରୁଷ ନାରୀ ପାଖରେ ପ୍ରଚଣ୍ଡତା ଦେଖାଏ, ନାରୀକୁ ନିଜର ଅଧୀନ କରି ରଖେ, ନାରୀ ଉପରେ ଅଧିପତି ହୋଇ ରହିଥାଏ । ପରମ୍ପରା ଅର୍ଥାତ୍ ଏକ ଉପଦ୍ରବୀ ସମାଜରେ ଯୁଗେ ଯୁଗେ ନାରୀକୁ ପୁରୁଷ ନିଜର ସମ୍ପତ୍ତି ପରି ଦେଖି ଆସିଛି । ମିଲ୍ଟନଙ୍କର କାବ୍ୟରୁ **"He for God only, she for God in him"** ପଂକ୍ତିଟିର ଉଦ୍ଧାର କରି ଶ୍ରୀଅରବିନ୍ଦ କହିଛନ୍ତି ଯେ ପୂର୍ବବର୍ତ୍ତୀ ଯୁଗମାନଙ୍କରେ ଧର୍ମ ଓ ଦର୍ଶନଗୁଡ଼ିକ ମଧ୍ୟ ଏହି ବିବେକହୀନ ଯୁକ୍ତିଟିକୁ ଆପଣାର ସମର୍ଥନ ଜଣାଇ ଆସିଛନ୍ତି । ଏଠାରେ ମଧ୍ୟ କୁହାଯାଇ ପାରିବ ଯେ, ମୂଳତଃ ଜଣେ ନାସ୍ତିକହିଁ ଏପରି ଏକ ବିଚାର ଉପରେ ଆସ୍ଥା ରଖିବାକୁ ଇଚ୍ଛା କରିବ । ଭଗବାନ ସମଗ୍ର ପୃଥିବୀକୁ ସୃଷ୍ଟି କରିଛନ୍ତି ଓ ପୃଥିବୀକୁ ପୂର୍ଣ୍ଣତା ଅଭିମୁଖରେ ଅଗ୍ରସର କରାଇ ନେବାକୁ ଏହାରି ମଧ୍ୟରେହିଁ ପ୍ରଚ୍ଛନ୍ନ ହୋଇ ରହିଛନ୍ତି, ଏହି ମୂଳ ଆଧ୍ୟାତ୍ମ ସତ୍ୟଟିକୁ ଅସ୍ୱୀକାର କଲେ ଯାଇ ଜଣେ ମନୁଷ୍ୟ ଆପଣାକୁ କେବଳ ପୁରୁଷ ବୋଲି ଦେଖିବ, ଏକପାଖିଆ ଭାବରେ

Digitized by srujanika@gmail.com

କେବଳ ନିଜ ଭିତରେହିଁ ଈଶ୍ୱର ରହିଛନ୍ତି ଓ ନାରୀ ସେହି ଈଶ୍ୱରଙ୍କୁ ନିଜ ଭିତରେ ବହନ କରିବାକୁ ସମର୍ଥ ହୋଇନାହିଁ ବୋଲି ଏକ ଚିନ୍ତାକୁ ନିଜ ଭିତରେ ପ୍ରଶ୍ରୟ ଦେବ ।

ଶ୍ରୀଅରବିନ୍ଦଙ୍କର ଅନୁମାନ ଯେ, ଭାରତବର୍ଷରେ ସାଂଖ୍ୟଦର୍ଶନର ବ୍ୟାଖ୍ୟା ଫଳରେ ସମ୍ଭବତଃ ପ୍ରଥମ କରି ନାରୀକୁ ପୁରୁଷ ପ୍ରଧାନ ସମାଜ ଗଢେଇବା ଏକ ନ୍ୟୂନତର ଜୀବ ବୋଲି ଦେଖିବାକୁ ଆରମ୍ଭ କଲା । ସାଂଖ୍ୟଶାସ୍ତ୍ରରେ ପୁରୁଷ ଓ ପ୍ରକୃତିର ବିଚାର କରାଯାଇଛି । ପୁରୁଷ ଆଗ, ତା'ପରେ ତାହାରିଠାରୁ ନିଷ୍କ୍ରାନ୍ତ ତତ୍ତ୍ୱଟି ହେଉଛି ପ୍ରକୃତି । ପ୍ରକୃତି ଯେତେବେଳେ ଜ୍ଞାନଲାଭ ଦ୍ୱାରା ପୁରୁଷ ମଧ୍ୟରେ ଲୀନ ହୋଇଯିବ, ତାହାକୁ ଯଥାର୍ଥ ଉପଲବ୍ଧି ବୋଲି କୁହାଯିବ । ପରମତତ୍ତ୍ୱରୂପୀ ପୁରୁଷ ଏବଂ ତାହାର ଗତିଶୀଳ ପରିଣାମରୂପା ପ୍ରକୃତିକୁ ହୁଏତ କୌଣସି ଅବକ୍ଷୟର ଯୁଗରେ ସମାଜର ପୁରୁଷ ଓ ନାରୀ ସହିତ ସମତୁଲ କରି ଦିଆଯାଇଛି ଓ ସେଇଥିରୁ କ୍ରମେ ନାରୀକୁ ଅବର ଓ ନ୍ୟୂନ ବୋଲି ଦେଖିବାର ଦୁଷ୍ଟ ପରମ୍ପରାଟି ଆରମ୍ଭ ହୋଇଛି । ପ୍ରାଚୀନ ଭାରତରେ ଅନ୍ତତଃ ସାମାଜିକ ବିଧାନ ତଥା ସିଦ୍ଧାନ୍ତର କ୍ଷେତ୍ରରେ **(in law and theory at least)** ପୁରୁଷ ଓ ନାରୀକୁ ସମାନ ସ୍ଥାନ ଦିଆଯାଇଛି ବୋଲି ଶ୍ରୀଅରବିନ୍ଦଙ୍କର ମତ । ମାତ୍ର ଏହି ସିଦ୍ଧାନ୍ତ ଓ ଏହି ବିଧାନଟି ହୁଏତ କେବେହେଲେ ବାସ୍ତବ ସମ୍ବନ୍ଧଗୁଡିକର କ୍ଷେତ୍ରରେ କାର୍ଯ୍ୟକାରୀ ହେଉନଥିଲା । କେତେକ ବ୍ୟତିକ୍ରମକୁ ଛାଡି଼ଦେଲେ ସମାଜରେ ନାରୀର ସ୍ଥାନ ପୁରୁଷଠାରୁ ଊଣାହିଁ ହୋଇ ରହିଥିଲା । ନାରୀର ଜୀବନ ପ୍ରଧାନତଃ ଗୃହ ଭିତରେ ବାନ୍ଧି ହୋଇ ରହୁଥିଲା । ବିବର୍ତ୍ତନର ପରବର୍ତ୍ତୀ ସୋପାନରେ ଶ୍ରୀଅରବିନ୍ଦ ଏପରି ଏକ ଆଧ୍ୟାତ୍ମିକ ସମାଜର ନକ୍ସା ଆଣି ଆମ ଆଗରେ ଉପସ୍ଥାପିତ କରିଛନ୍ତି, ଯେତେବେଳେ କି ମଣିଷର ଚେତନା ପରସ୍ପର ଭିତରେ ଦିବ୍ୟତା'ର ପ୍ରତ୍ୟକ୍ଷ କରିବ । ତେଣୁ, କେହି କାହାରିକୁ ଗିଳି ପକାଇବ ନାହିଁ ଅଥବା ଅଧସ୍ତନ କରି ରଖିବ ନାହିଁ । ମନର ସୀମାଗୁଡ଼ାକୁ ଅତିକ୍ରମ କରିଗଲେ ମନୁଷ୍ୟ ଏହି ସୋପାନରେ ଯାଇପହଞ୍ଚି ପାରିବ । ଆପଣାର ଦେହ, ମନ ଓ ପ୍ରାଣ ଯେତେବେଳେ ଚୈତ୍ୟ ଦ୍ୱାରା ପରିଚାଳିତ ହେବ । ଚୈତ୍ୟହିଁ ପୁରୋଭାଗରେ ରହିବ ଏବଂ ତେଣୁ ଆଉ ଜଣକୁ ଅନାଇବା ମାତ୍ରକେ ସେହି ଚୈତ୍ୟହିଁ ଦୃଷ୍ଟିଗୋଚର ହେବ । ଏହି ଅତିକ୍ରମଣ ଫଳରେ ପ୍ରଚଳିତ ଅର୍ଥନୀତି, ରାଜନୀତି ଶୋଷଣଧର୍ମୀ ପାରିବାରିକ ସଂସ୍ଥା ସବୁକିଛି ବଦଳିଯିବ । ପରବର୍ତ୍ତୀ ତଥା ପୃଥିବୀ ଲାଗି ଅବଶ୍ୟମ୍ଭାବୀ ହୋଇ ରହିଥିବା ଏହି ପ୍ରକ୍ରିୟାଟିକୁ ଶ୍ରୀଅରବିନ୍ଦ ଜୀବନର ଏବଂ ସମାଜର ଆଧ୍ୟାତ୍ମିକୀକରଣ ବୋଲି କହିଛନ୍ତି । ଏକ ସମ୍ବେଦନ

Digitized by srujanika@gmail.com

ସତ୍ତା ହିସାବରେ ଆମେ ପୁରୁଷ ଓ ନାରୀ ସମସ୍ତେ ଯେତିକି କ୍ରିୟାଶୀଳ ଭାବରେ ସହଯୋଗ କରିପାରିବା, ପୃଥିବୀରେ ସେହି ନୂତନ ସମ୍ଭାବନାଟି ସେତିକି ଶୀଘ୍ର ଅବତରି ଆସିବ ।

ସବଳ ବା ବୀରର ଅହିଂସା ହେଉଛି ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଆବିଷ୍କୃତ ଅସ୍ତ୍ର ସତ୍ୟାଗ୍ରହ । ଏହି ଅସ୍ତ୍ରକୁ ସେ ଏକ ଦୁର୍ଦ୍ଧର୍ଷ ସାମ୍ରାଜ୍ୟ ବିରୁଦ୍ଧରେ ପ୍ରୟୋଗ କରିଥିଲେ ଓ ସମଗ୍ର ବିଶ୍ୱରେ ସବୁକାଳ ଓ ସବୁ ଦେଶ ପାଇଁ ସକଳ ସଙ୍ଗଠିତ ଅନ୍ୟାୟ ବିରୋଧରେ ପ୍ରତିବାଦ ତଥା ପ୍ରତିରୋଧ କରିବା ଲାଗି ମନୁଷ୍ୟଜାତି ହାତରେ ଏକ ଅଭିନବ ଅସ୍ତ୍ର ଆଣି ଦେଇଥିଲେ । ଭାରତବର୍ଷର ବହୁ ଅସମର୍ଥତାକୁ ଗାନ୍ଧୀଜୀଙ୍କର ସଂଗ୍ରାମ ଅଭାବନୀୟ ଭାବରେ ଦୂର କରି ଦେଇଥିଲା ଏବଂ ଦେଶରେ ଏକ ନୂତନ ବିଶ୍ୱାସର ଜାଗୃତି ଆଣି ଦେଇଥିଲା । ସତ୍ୟାଗ୍ରହ ହେଉଛି ମୂଳତଃ ସହିବା ଗୁଣ; ମାନିଯିବାର ଗୁଣ ନୁହେଁ, ସହିବାର ଗୁଣ, ଉତ୍ପୀଡ଼ନକୁ ନମାନି ତାହାର ପରିଣାମ ସ୍ୱରୂପ ଆସୁଥିବା କଷ୍ଟ ଓ ଦୁଃଖକୁ ବରଣ କରିନେବାର ଗୁଣ । ଏଥିଲାଗି ପ୍ରଧାନତଃ ଏକ ଆତ୍ମପରିଚୟ ଲୋଡ଼ା; ଅଟଳ ବଳ ଓ ଅଟଳ ମନ୍ୟୁ (ଅନ୍ୟାୟ ଦ୍ରୋହୀ) ଯେ ନିଜ ଭିତରେ ରହିଛି, ସେହି ସତ୍ୟଟିର ଆବିଷ୍କାର କରିବା ଲୋଡ଼ା । ମହାତ୍ମା ଗାନ୍ଧୀଙ୍କର ସତ୍ୟାଗ୍ରହ ଆନ୍ଦୋଳନ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଭାରତୀୟ ନାରୀକୁ ହିଁ ସତେଅବା ଏକ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ କରାଇ ଆଣିଥିଲା । ଆଗେ ତ ରାଜନୀତିକ ସଂଗ୍ରାମରେ ବିଦ୍ୱାନ୍ ଦରକାର ହେଉଥିଲେ, ପ୍ରଧାନତଃ ବଡ଼ଘରର ବ୍ୟକ୍ତି-ମାନେ ଦରକାର ହେଉଥିଲେ, ନେତା ହୋଇପାରିବାର ବିଚକ୍ଷଣତା ରହିଥିବା ଓକିଲ ଓ ପଣ୍ଡିତମାନେ ଦରକାର ହେଉଥିଲେ । ମାତ୍ର ସତ୍ୟ ଲାଗି, ସ୍ୱତନ୍ତ୍ରତା ଲାଗି କଷ୍ଟ ବରଣ କରିବା ଲାଗି ପୁଣି ବୁଦ୍ଧି, ବିଦ୍ୟା ବା ଧନାଢ୍ୟତାର କି ଆବଶ୍ୟକତା ରହିଛି ? ଆପଣା ଭିତରେ କେବଳ ଏକ ଈଶ୍ୱରୀୟ କ୍ରୋଧ ଏବଂ ଯାବତୀୟ କଷ୍ଟକୁ ସ୍ୱୟଂ ବରଣ କରିନେବାର ଏକ ଈଶ୍ୱରୀୟ ସାହାସ ରହିଥିଲେ ହେଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ନାରୀମାନେ ଯେତେ ସଂଖ୍ୟାରେ ତଥା ଯେଉଁ ବିସ୍ମୟକାରୀ ପ୍ରତ୍ୟୟ ଓ ଉତ୍ସର୍ଗଭାବନା ସହିତ ଯୋଗ ଦେବାକୁ ଘର ଛାଡ଼ି ବାହାରି ଆସିଥିଲେ; ପୃଥିବୀରେ ତାହାର ତୁଳନା ନାହିଁ । ଜଣେ ସାଧାରଣ ନାରୀ ଭିତରେ ଯେ ସତକୁ ସତ ଏତେ ଶକ୍ତି ରହିଛି ଓ ଉପଯୁକ୍ତ ଆହ୍ୱାନ ପାଇ ପାରିଲେ ସେମାନେ ଯେ ଅତ୍ୟନ୍ତ ଅବିଶ୍ୱସନୀୟ ଭାବରେ ସେହି ଶକ୍ତିର ପରିଚୟ ଦେଇ ପାରିବେ, ମହାତ୍ମା ଗାନ୍ଧୀଙ୍କର ନେତୃତ୍ୱ ଦ୍ୱାରା ପରିଚାଳିତ ଆମ ସ୍ୱାଧୀନତା ସଂଗ୍ରାମ ସେହି ସତ୍ୟଟିର ଉଦ୍‌ଘାଟନ କରି ଦେଇଥିଲା, ବଡ଼ମାନଙ୍କୁ ଅବାକ୍ କରି ଦେଇଥିଲା ।

Digitized by srujanika@gmail.com

ସ୍ୱାଧୀନତା ଆନ୍ଦୋଳନକୁ ବଡ଼ ଘରମାନଙ୍କରୁ କେବଳ ସରୋଜିନୀ ନାଇଡୁଙ୍କ ପରି ଉଚ୍ଚଶିକ୍ଷିତା ନାରୀମାନେ ବାହାରି ଆସି ନଥିଲେ ରମାଦେବୀଙ୍କ ପରି ନିପଟ ପରଦାସୀନ୍ ବୋହୂମାନେ ମଧ୍ୟ ଆସିଥିଲେ ଏବଂ ନିଜ ନିଜ ଜୀବନରେ ଆହୁରି ଆଗକୁଯାଇ ଜଣେଜଣେ ସାହସିନୀ ଲୋକଧାତ୍ରୀ ରୂପେ ନିଜର ପରିଚୟ ଦେଇଥିଲେ । ମେଦିନୀପୁରର ମାତଙ୍ଗିନୀ ହାଜରା ଜାତୀୟ ସଂଗ୍ରାମରେ ଏପରି ଏକ ବିଜୟିନୀର ଭୂମିକା ଗ୍ରହଣ କରିପାରିବେ ବୋଲି କେଉଁ ଶିକ୍ଷମାନେ କଳ୍ପନା କରିଥିଲେ ? ଘରେ ବେଢ଼ୁଲା ହୋଇ ବଢ଼ୁଥିବା ନାରୀ ଯେତେବେଳେ ମହାତ୍ମା ଗାନ୍ଧୀଙ୍କର ଆହ୍ୱାନ ଶୁଣି ନିଜ ଦେହର ଅଳଙ୍କାର ଗୁଡ଼ିକୁ କାଢ଼ି ଦେଶ କାମରେ ଲାଗିବ ବୋଲି ତାଙ୍କ ଆଗରେ ନେଇ ରଖି ଦେଉଥିଲା ଓ ତା'ପରେ ନିଜର ଏକାନ୍ତ ବ୍ୟକ୍ତିଗତ ସୁଖୀ ଜୀବନଟିକୁ ଛାଡ଼ି ସତ୍ୟାଗ୍ରହ ସମରରେ ବାହାରି ପଡ଼ୁଥିଲା, ସେତେବେଳେ ସତେଅବା କୌଣସି ଅସମ୍ଭବ ସମ୍ଭବ ହୋଇ ଯାଉଥିଲା । ଭାରତୀୟ ନାରୀମାନଙ୍କର କ୍ଷେତ୍ରରେ ମହାତ୍ମା ଗାନ୍ଧୀଙ୍କର ଆନ୍ଦୋଳନ ଏହିପରି ବହୁ ଅସମ୍ଭବକୁ ସତକୁ ସତ ସମ୍ଭବ କରିଛି । ଗାନ୍ଧିଜୀଙ୍କର ରଚନାତ୍ମକ ସମାଜ-ପରିବର୍ତ୍ତନମୂଳକ ଯାବତୀୟ କାର୍ଯ୍ୟକ୍ରମରେ ମଧ୍ୟ ନାରୀମାନେ ମୁଖ୍ୟ ଅଂଶ ଗ୍ରହଣ କରିଛନ୍ତି, ଏବେ ମଧ୍ୟ କରୁଛନ୍ତି । ଗାନ୍ଧୀ ଅନେକ ସମୟରେ କହୁଥିଲେ ଯେ ତାଙ୍କ ଭିତରେ ନାରୀଟିଏ ରହିଛି, ସିଏ କି ତାଙ୍କୁ ଅହିଂସା ସଂଗ୍ରାମର ମାର୍ଗରେ ବିଶେଷ ଭାବରେ ଉଦ୍‌ବୁଦ୍ଧ କରିଛି, ମାର୍ଗ ଦେଖାଇଛି ଏବଂ ପୃଥିବୀର ନିୟତି ବିଷୟରେ ସାହସିକ କଳ୍ପନାମାନ କରିବାକୁ ବିଶ୍ୱାସ ଯୋଗାଇ ଦେଇଛି ।

ମହାତ୍ମାଗାନ୍ଧୀଙ୍କର ତପସ୍ୟା ତଳୁ ଆରମ୍ଭ ହେଉଥିଲା । ସେଇଥିଲାଗି ପ୍ରକୃତରେ ଅନେକ ଉପରକୁ ସ୍ପର୍ଦ୍ଧା କରି ପାରୁଥିଲା । ରାଜନୀତି, ଅର୍ଥନୀତି, ଶିକ୍ଷା, ସେବା, ଧର୍ମ ଓ ଆଧ୍ୟାତ୍ମିକତା ପ୍ରଭୃତି ଯାବତୀୟ କ୍ଷେତ୍ରରେ ଗାନ୍ଧିଜୀ ସତେଅବା ଆମର ମାନବିକ ଆକୃତିଗୁଡ଼ିକୁ ଭୂଇଁ ଛୁଆଁଇ ଆଣିଥିଲେ । ନାରୀ କହିଲେ ସବୁ ନାରୀଙ୍କୁ ବୁଝାଏ, ତେଣୁ ନାରୀ ଆନ୍ଦୋଳନ ବା ନାରୀକୁଳର ଜାଗୃତି କହିଲେ ଅଧିକାଂଶତଃ ଶୁଭାକାଂକ୍ଷୀ ପୁରୁଷମାନଙ୍କ ଦ୍ୱାରା ପ୍ରରୋଚିତ ଏବଂ ପରିଚାଳିତ ଓ ସଭା ତଥା ବକ୍ତୃତା ମଧ୍ୟରେ ସୀମିତ ପ୍ରାୟ ଏକ ଅବସର-ବିନୋଦୀ ଉତ୍ସାହକୁ ଯେ ଆଦୌ ବୁଝାଇବା ଉଚିତ ନୁହେଁ, ଅନ୍ୟ ସମସ୍ତଙ୍କଠାରୁ ସମ୍ଭବତଃ ମହାତ୍ମାଗାନ୍ଧୀହିଁ ଆମକୁ ସେହି ସତ୍ୟଟି ବିଷୟରେ ସାବଧାନ କରି ଦେଇଛନ୍ତି । ପୁରୁଷ ଭିତରେ ନାରୀଟିଏ ରହିଛି, ସେହିପରି ନାରୀ ଭିତରେ ମଧ୍ୟ ପୁରୁଷଟିଏ ରହିଥିବ । ତେଣୁ, ନାରୀ-ଆନ୍ଦୋଳନ ବା ନାରୀ-ଜାଗରଣର

Digitized by srujanika@gmail.com

ରଣପା ଉପରେ ଚଢ଼ି ନାରୀ ପୁରୁଷକୁ ଅନୁକରଣ କରିବାକୁ କାହିଁକି ଆପଣା ମୁକ୍ତିର ଧର୍ମ ବୋଲି ଗ୍ରହଣ କରିବ ? ପୃଥିବୀର ନାରୀମୁକ୍ତି-ଆନ୍ଦୋଳନ ବହୁ ପ୍ରାରମ୍ଭିକ ସୋପାନର ଉତ୍ତେଜନାକୁ ଅତିକ୍ରମ କରି ଏବେ ଏହି ପ୍ରଶ୍ନଟିକୁ ଗମ୍ଭୀର ଭାବରେ ପଚାରିବାକୁ ଆରମ୍ଭ କଲାଣି । ଭାରତର ଯେଉଁ ଚାରି ମନୀଷୀଙ୍କ କଥା ଆମେ ଏହି ପ୍ରବନ୍ଧରେ ଆଲୋଚନା କଲୁ, ସେମାନେ ମଧ୍ୟ କେବେହେଲେ ନାରୀ ପୁରୁଷର ଅନୁକରଣ କରି ଆପଣାର ମୁକ୍ତିବିଧାନ କରୁ ବୋଲି ପ୍ରସ୍ତାବ ବା ପରାମର୍ଶ ଦେଇନାହାନ୍ତି । ନାରୀ ଓ ପୁରୁଷ ଉଭୟ ଭିତରେ ଦେବାଂଶ ମଣିଷଟିଏ ରହିଛି । ସେହି ମଣିଷଟି କାହାରି ଭୃତ୍ୟ ହୋଇ ରହିବାକୁ ଚାହେଁ ନାହିଁ ଅଥବା କାହା ଉପରେ ପ୍ରଭୁତ୍ୱ ବିସ୍ତାର କରିବାକୁ ବି ଇଚ୍ଛା କରେ ନାହିଁ । ସିଏ ନିଜର ପରିପୂର୍ଣ୍ଣ ପ୍ରସ୍ଫୁଟନ ଚାହେଁ, ନିଜକୁ ପରିପୂର୍ଣ୍ଣ ଭାବରେ ଦେଖିବାକୁ ଚାହେଁ । ନାରୀ ଓ ପୁରୁଷ ପ୍ରତ୍ୟେକ ଭିତରେ ଅନନ୍ତ ସମ୍ଭାବନାପୂର୍ଣ୍ଣ ଏହି ମଣିଷଟି ହେଉଛି ତା' ଭିତରର ଦେବତା । ଦେବତା କାହିଁକି ଦେବତା ଲାଗି ବାଟ ଓଗାଳି ରହିବ ? ତେଣୁ ବାଟ ଖୋଲିବା ଦ୍ୱାରାହିଁ ନାରୀ ଓ ପୁରୁଷ ଉଭୟେ ଆପଣାର ଶୃଙ୍ଖଳଗୁଡ଼ିକୁ ଛିନ୍ନ କରି ବାହାରି ଆସି ପାରିବେ, ଜୀବନତୀର୍ଥରେ ପରସ୍ପରକୁ ଯଥାର୍ଥ ଭାବରେ ଭେଟି ପାରିବେ ।

* ତା ୧୯ । ୩ । ୯୦ ତାରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ଲେଖକ କର୍ମଶାଳାରେ ପଠିତ ।

Digitized by srujanika@gmail.com

ନାରୀର ସ୍ୱାଧିକାର ଓ ସମ୍ମାନ ରକ୍ଷା ଦିଗରେ ସାହିତ୍ୟର ଭୂମିକା

ଡକ୍ଟର ପ୍ରତିଭା ରାୟ ।

ବ୍ୟକ୍ତିକୁ ନେଇ ସମାଜ ଏବଂ ବ୍ୟକ୍ତି ପାଇଁ ସମାଜ ଗଠିତ ହୋଇଛି । ସମାଜର ନୀତିରୀତି, ବ୍ୟକ୍ତି କଲ୍ୟାଣ ତଥା ସମାଜ କଲ୍ୟାଣ ନିମନ୍ତେ ଧାର୍ଯ୍ୟ ହୋଇଥାଏ । ସେହି ରୀତି ଓ ନୀତିକୁ ଅନୁସରଣ କରିବା ପ୍ରତ୍ୟେକ ବ୍ୟକ୍ତିର ନାଗରିକ କର୍ତ୍ତବ୍ୟ ଭାବରେ ଗଣାଯାଏ । ଏହି ନାଗରିକ କର୍ତ୍ତବ୍ୟ ସଂପାଦନ କଲେହିଁ ପୁରୁଷ ହେଉ ବା ନାରୀ ହେଉ ଜଣେ ବ୍ୟକ୍ତିକୁ ତାର ଅଧିକାର ଓ ସମ୍ମାନ ମିଳେ । ଏହି ନାଗରିକ କର୍ତ୍ତବ୍ୟ ସମାଜରେ ଧାର୍ଯ୍ୟ କରାଯାଇଥିବା ରୀତି ଓ ନୀତିକୁ ଅନୁସରଣ କରିଥାଏ ।

ନୀତି ହେଉଛି ଏକ ନିର୍ଦ୍ଦିଷ୍ଟ ସମୟରେ ସମାଜ ଉପଯୋଗୀ ଉଚିତ ଆଚରଣ ଏବଂ ରୀତି ହେଉଛି ସେଇ ବ୍ୟବହାର ଓ ଆଚରଣଗତ ନିୟମ ବା ପରମ୍ପରା । ତେଣୁ ନୀତି ଅନୁସାରେ ରୀତି ଧାର୍ଯ୍ୟ ହୋଇଥାଏ । କେତେଗୁଡ଼ିଏ ଚିରନ୍ତନ ମୂଲ୍ୟବୋଧ ବା ନୀତିଗତ ଆଦର୍ଶ ସବୁ ସମୟ ପାଇଁ ସବୁ ସମାଜ ପାଇଁ ଅପରିବର୍ତ୍ତନୀୟ । ନାରୀ ପୁରୁଷ ନିର୍ବିଶେଷରେ ଏଇ ମୂଲ୍ୟବୋଧ ପ୍ରଯୁଜ୍ୟ । ଯଥା—ଦୟା, ସତ୍ୟ, ନ୍ୟାୟ, ପ୍ରେମ, କରୁଣା, ଅହିଂସା ଇତ୍ୟାଦି ସବୁକାଳେ ସବୁସମାଜରେ ନୀତି ଏବଂ ଆଦର୍ଶ ଭାବରେ ରହିଆସିଛି, ରହିଆସିବ ।

ନାରୀ ଓ ପୁରୁଷର ଅଧିକାର ଏବଂ ସମ୍ମାନର ସ୍ୱରୂପ ଭିନ୍ନ ଭିନ୍ନ ହେବାର କାରଣ ହେଉଛି, ନାରୀ ଓ ପୁରୁଷ ପାଇଁ ନୈତିକତାର ସ୍ୱରୂପ ଏବେ ବି ସମାଜ ଦୃଷ୍ଟିରେ ଭିନ୍ନ । ସମାଜର ଆବଶ୍ୟକତା ଅନୁଯାୟୀ କେତେକ ନୀତି ଓ ରୀତି ମଧ୍ୟ ପରିବର୍ତ୍ତିତ ହୋଇଥାଏ । ବେଳେବେଳେ ନୀତିର ଭ୍ରମାତ୍ମକ ବାଖ୍ୟା କରାଯାଇ ଶାସ୍ତ୍ରରେ ଲେଖାଅଛି ବୋଲି କହି ଅନେକ ଅନ୍ଧ ବିଶ୍ୱାସ ଓ କୁସଂସ୍କାରକୁ ମଣିଷ ଉପରେ ଲଦି ଦିଆଯାଏ । ଗୋଟିଏ ସମୟରେ ସମାଜର ଆବଶ୍ୟକତାକୁ ଆଖି ଆଗରେ ରଖି ଯେଉଁ ନୀତି ଓ ରୀତିକୁ ଆଦର୍ଶ ଭାବରେ

Digitized by srujanika@gmail.com

ଗ୍ରହଣ କରଯାଇଥାଏ, ପରବର୍ତ୍ତୀ କାଳରେ ସେହି ନୀତି ନିୟମ ସମାଜର ମଙ୍ଗଳ ପାଇଁ ଆବଶ୍ୟକ ହୋଇ ନପାରେ । ମାତ୍ର ପୂର୍ବରୁ ନୀତି ଓ ରୀତିକୁ କଡ଼ାକଡ଼ି ଭାବରେ ଜାବୁଡ଼ିଧରିବାର ମନୋବୃତ୍ତି କେତେକ ନ୍ୟସ୍ତସ୍ୱାର୍ଥାନ୍ୱେଷୀ କୁସଂସ୍କାରଗ୍ରସ୍ତ ମନୁଷ୍ୟଙ୍କଠାରୁ କାଳେକାଳେ ଦେଖାଯାଏ । ଯଦି ଓ ସମାଜ ପରିବର୍ତ୍ତନଶୀଳ ତଥାପି ସାଂସ୍କୃତିକ ଜୀବନରେ ଯେଉଁ ରୀତିନୀତିକୁ ସ୍ୱୀକୃତି ଦିଆଯାଇଛି ତାହାର ପରିବର୍ତ୍ତନ ଏତେ ସହଜସାଧ୍ୟ ନୁହେଁ । ଏହି ଅଭ୍ୟାସଗତ ଅନାବଶ୍ୟକ ବ୍ୟବହାରିକ ନୀୟମ ଗୁଡିକ ସମାଜର କ୍ଷତିକାରକ ବୋଲି ସମସ୍ତେ ଅନୁଭବ କଲେ ମଧ୍ୟ ପରମ୍ପରାବାଦୀ ମଣିଷ ତାକୁ ଆଦର୍ଶ ବୋଲି କହେ । ସେହି ପରମ୍ପରାବାଦୀ ମଣିଷ ସମାଜ ଓ ପରିସ୍ଥିତିର ସୁବିଧା ଅନୁଯାୟୀ ରୀତି ଓ ନୀତିର ସଜ୍ଞା ମଧ୍ୟ ବଦଳେଇ ପାରେ । ଉଦାହରଣ ସ୍ୱରୂପ, କାୟୋମନୋବାକ୍ୟରେ ସ୍ୱାମୀଛଡ଼ା ଭିନ୍ନ ପୁରୁଷର ଚିନ୍ତା ମନରେ ସ୍ଥାନ ପାଇଲେ ନାରୀ ହୁଏ ଅସତୀ । ଅଥଚ ସମାଜର ଆବଶ୍ୟକତା ପଡ଼ିଲେ ବହୁ ପୁରୁଷଭୋଗ୍ୟା ନାରୀ ବି ସତୀର ଆସନରେ ପୂଜାପାଏ । ଆମ ଶାସ୍ତ୍ରରେ କ୍ଷେତ୍ରଜ ସନ୍ତାନର ବିଧି ମଧ୍ୟଥିଲା । ବଂଶରକ୍ଷା ପାଇଁ ଅନ୍ୟ ପୁରୁଷର ଔରଷରୁ ସ୍ତ୍ରୀ ସନ୍ତାନବତୀ ହେବାରେ ନାରୀର ସତୀତ୍ୱ କ୍ଷୁର୍ଣ୍ଣ ହେଉ ନଥିଲା । ଏହି ସୁବିଧାବାଦୀ ନିୟମ ଅନୁସାରେ ମହାସତୀ କୁନ୍ତୀ ପଞ୍ଚ ପାଣ୍ଡବଙ୍କୁ, ଅମ୍ବିକା ଅମ୍ବାଳିକା ପାଣ୍ଡୁ ଓ ଧୃତରାଷ୍ଟ୍ରଙ୍କୁ ଜନ୍ମଦେଇଥିଲେ ।

କାଳେ କାଳେ ପୁରୁଷ ପ୍ରଧାନ ସମାଜରେ ପୁରୁଷର ଇଚ୍ଛା ଓ ସୁବିଧା ଅନୁସାରେ ନାରୀର ନୈତିକତାର ସ୍ୱରୂପ ବଦଳିଛି । ଏହି ନିୟମରେ ଦ୍ରୌପଦୀ, ତାରା, ମନ୍ଦୋଦରୀ ଏକାଧିକ ପତି ବରଣ କରିବାକୁ ବାଧ୍ୟ ହୋଇଛନ୍ତି ଏବଂ ସମାଜ ତାଙ୍କୁ ସତୀତ୍ୱର ମର୍ଯ୍ୟାଦା ମଧ୍ୟ ଦେଇଛି । ସଂସ୍କାରକ ଭୂମିକାରେ ରହି କୁସଂସ୍କାର ଓ ଅନ୍ଧ ବିଶ୍ୱାସମୂଳକ, ଅଯୌକ୍ତିକ, ଅବୈଜ୍ଞାନିକ ଆଚାର ବିଚାର, ଭ୍ରମାତ୍ମକ ଧର୍ମଧାରଣା ଓ ପରମ୍ପରାଗତ ଅନୁଚିତ ଅନୁଶାସନକୁ ଯେଉଁମାନେ ବିରୋଧ କରନ୍ତି ସେମାନଙ୍କୁ ଅନ୍ଧ ପରମ୍ପରାବାଦୀମାନେ ଅନୈତିକ ବୋଲି ଦୋଷାରୋପ କରିଥାନ୍ତି । ତାହା ସତ୍ତ୍ୱେବି କାଳେ କାଳେ ସମାଜ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତ ହୋଇ ନୂତନ ମୂଲ୍ୟବୋଧ ସୃଷ୍ଟି କରି ଚାଲିଛି । ବାଲ୍ୟବିବାହ ଅସ୍ପୃଶ୍ୟତା, ସତୀଦାହ, କନ୍ୟାବିକ୍ରୀ, ନରବଳୀ ଇତ୍ୟାଦି ଘୃଣ୍ୟ ଅମାନବିକ ପ୍ରଥା ମଧ୍ୟ ସମାଜରୁ ଦୂର ହୋଇଛି ବହୁ ବିରୋଧାଭାଷ ଭିତରେ । ତଥାପି ଏବେ ମଧ୍ୟ ବିଂଶ ଶତାବ୍ଦୀର ଶେଷ ଭାଗରେ ଆମ ସମାଜରେ ଶାସ୍ତ୍ରଜ୍ଞ ବୋଲାଉଥିବା ଅନେକ ପଦାଧିକାରୀ ବ୍ୟକ୍ତି ଉପରୋକ୍ତ ଘୃଣ୍ୟ ପ୍ରଥାଗୁଡ଼ିକୁ 'ଶାସ୍ତ୍ରମତ' କହି ସମର୍ଥନ କରୁଥିବାର ବିସ୍ମୟକର ଅନୁଭୂତି ସମସ୍ତଙ୍କର ଅଛି । ତେଣୁ 'ନୈତିକତା'ର ପ୍ରକୃତ ଅର୍ଥ ଓ ସ୍ୱରୂପ ସଂପର୍କରେ ସ୍ପଷ୍ଟ ଜ୍ଞାନ ହାସଲ କରିବା

Digitized by srujanika@gmail.com

ହେଉଛି ସମାଜରେ ପ୍ରତ୍ୟେକ ବ୍ୟକ୍ତିର ପ୍ରଥମ କର୍ତ୍ତବ୍ୟ । ନାରୀ ଓ ପୁରୁଷ ଭେଦରେ ନୈତିକତାର ସ୍ୱରୂପ ଓ ମାପକାଠି କ'ଣ ହେବ, ଧାର୍ଯ୍ୟ କରିବାପରେ ଯାଇ ସ୍ୱାଧୀକାର ଓ ସମ୍ମାନର କଥା ଉଠିବ ।

ଏଠାରେ ପ୍ରଶ୍ନ ଉଠୁଛି ନୈତିକତାର ସ୍ୱରୂପ ନାରୀ ଓ ପୁରୁଷ ପାଇଁ ଭିନ୍ନ ହେବା ଉଚିତ୍ କି ? କର୍ତ୍ତବ୍ୟପରାୟଣତା, ସାଧୁତା, ସମ୍ବେଦନଶୀଳତା, ନମ୍ରତା, ମାନବ ପ୍ରୀତି, ଦେଶପ୍ରୀତି, ବିଶ୍ୱସ୍ତତା ଇତ୍ୟାଦି ଆଦର୍ଶଗତ ଗୁଣଗୁଡିକ ପୁରୁଷ ଓ ନାରୀ ପାଇଁ କ'ଣ ହେବ, ଏଇଠି ଉପୁଜେ ସମସ୍ୟା । ସାମାଜିକ ପରିସ୍ଥିତି ଓ ଭାରତୀୟ ପରମ୍ପରା ଓ ଐତିହ୍ୟ ପ୍ରଭୃତିର ଆଳ ଦେଖାଇ ନାରୀଜାତି ଉପରେ ଭ୍ରମାତ୍ମକ ନୈତିକ ଆଦର୍ଶର ବିଗ୍ରହକୁ ଜୋର କରି ଯୁଗ ଯୁଗ ଧରି ଆରୋପ କରାଯାଇଛି । ପୁରୁଷର ନୈତିକ ଆଚରଣ ଉପରେ ଯେତେଟା ଗୁରୁତ୍ୱ ଦିଆ ନଯାଏ, ନାରୀର ନୈତିକ ଆଚରଣ ଉପରେ ଅଯୌକ୍ତିକ ଭାବରେ ତାଠାରୁ ଅଧିକ ଗୁରୁତ୍ୱ ଦିଆଯାଏ । ପୁରୁଷ ପାଇଁ ଯାହା ଗୌରବ, ନାରୀ ପାଇଁ ତାହା ପାପ ହୋଇ ପାରେ । ଜଣେ ରାଜା ଅନେଶ୍ୱତ ରାଣୀଙ୍କୁ ଅନ୍ତଃପୁରେ ରଖିବାରେ ପୁରୁଷତ୍ୱ ପ୍ରତିପାଦିତ ହେଉଥିବାସ୍ଥଳେ, ରାଣୀ ରାଜାଙ୍କ ଛଡ଼ା ଅନ୍ୟ ପୁରୁଷକୁ ଚାହିଁବା ଚାରିତ୍ରିକ ସ୍ଖଳନ ବୋଲି ଧରାଯାଏ ଏବଂ ସେଥିପାଇଁ କଠୋର ଶାସ୍ତିବିଧାନ କରିବା ପାଇଁ ସମାଜ ପ୍ରୋତ୍ସାହନ ଦିଏ ।

ପୁଣି ସମ୍ମାନ ବା ମର୍ଯ୍ୟାଦା ନାରୀ ଓ ପୁରୁଷ ପାଇଁ ଭିନ୍ନ ହେବା ଉଚିତ୍ କି ? ନାରୀ ଓ ପୁରୁଷର ଅଧିକାର ଭିନ୍ନ ହେଲେ ସମ୍ମାନ ଓ ମର୍ଯ୍ୟାଦା ଭିନ୍ନ ହେବା ସ୍ୱାଭାବିକ । ଆମ ଶାସ୍ତ୍ରରେ ନାରୀକୁ ଯଥେଷ୍ଟ ମର୍ଯ୍ୟାଦା ଦିଆଯାଇଛି । କିନ୍ତୁ ଏହି ମର୍ଯ୍ୟାଦା ଓ ସମ୍ମାନର ସ୍ୱରୂପ ଯୁଗ ଅନୁସାରେ ପରିବର୍ତ୍ତିତ ହେବାର ଆବଶ୍ୟକତା ରହିଛି । କେତେକ ଶାସ୍ତ୍ରକାରଙ୍କ ମତରେ ନାରୀର ଗୋଟିଏ ଖାସ୍‌କରି ସମ୍ମାନ କିଛି ନାହିଁ । ପୁତ୍ର ପ୍ରସବ ଉପରେହିଁ ତାହା ନିର୍ଭର କରେ । ସେମାନଙ୍କ ମତରେ ଗୃହହିଁ ନାରୀର କର୍ମକ୍ଷେତ୍ର । ପ୍ରତି କଥାରେ ପୁରୁଷସହ ପାଦ ମିଳାଇ ଚାଲିବା ନାରୀପକ୍ଷେ ମର୍ଯ୍ୟାଦାହାନୀକର । ତେଣୁ ଅର୍ଥନୈତିକ ସ୍ୱାଧୀନତା ହାସଲ କରିବା ପାଇଁ ନାରୀ ଯଦି ପଦାକୁ ଗୋଡ଼ କାଢ଼େ, ତେବେ ତାହାର ସମ୍ମାନ ବା ମର୍ଯ୍ୟାଦା ଊଣା ହେବାର ସମ୍ଭାବନା ରହିଛି । କାରଣ ଶାସ୍ତ୍ରରେ ବିଶେଷ କରି ନାରୀର ଶରୀରଗତ ସତୀତ୍ୱ ଉପରେହିଁ ଗୁରୁତ୍ୱ ଆରୋପ କରାଯାଇଛି । ଜଣେ ପୁରୁଷ ଅବୈଧ କାର୍ଯ୍ୟ କଲେ ପରିବାରଚ୍ୟୁତ, ସମାଜଚ୍ୟୁତ ବା ପତ୍ନୀ ପରିତ୍ୟକ୍ତ ହେବାର ଉଦାହରଣ ଆମ ସମାଜରେ ବିରଳ । ଅଥଚ ନାରୀଯଦି ବଳାତ୍କାରର

Digitized by srujanika@gmail.com

ସ୍ୱୀକାର ହୋଇ 'ଶାରୀରିକ ସତୀତ୍ୱ' ହରାଏ ତେବେ ସେ ହୁଏ ଅସତୀ, ସମାଜଚ୍ୟୁତା ଏବଂ ପତିତା । ଏଠାରେ 'ଶାରୀରିକ ସତୀତ୍ୱ, କହିବାର ତାତ୍ପର୍ଯ୍ୟ ହେଉଛି ସାଧାରଣତଃ ନାରୀର ଶାରୀରିକ ଶୁଚିତାକୁ ସତୀତ୍ୱ ଭାବେ ଗ୍ରହଣ କରାଯାଉଛି । ନାରୀର ମର୍ଯ୍ୟାଦା ଓ ସମ୍ମାନକୁ କାଚଘୋଡ଼ଣୀ ଦେଇ ରଖାଯାଇ-ଥିବାରୁହିଁ ତାହାର ସମ୍ମାନ ଓ ମର୍ଯ୍ୟାଦା କଥା କଥାକେ କ୍ଷୁର୍ଣ୍ଣ ହେବାର ଆଶଙ୍କା ଅଧିକ । କେବଳ ସେହି କାରଣରୁହିଁ ଦୁଇଟି ବ୍ୟକ୍ତି, ପରିବାର, ସଂପ୍ରଦାୟ, ଗ୍ରାମ ଓ ଦେଶ ମଧ୍ୟରେ କୌଣସି କାରଣରୁ ସଂଘର୍ଷ ଉପୁଜିଲେ ନାରୀର 'ଶାରୀରିକ ସତୀତ୍ୱ' ନଷ୍ଟ କରି ପ୍ରତିଶୋଧ ନିଆଯାଉଥିବାର ଦୃଷ୍ଟାନ୍ତ ସାରା ପୃଥିବୀରେ ଏକ ଐତିହାସିକ ତଥା ଶାସ୍ତ୍ରୀୟ ସତ୍ୟ । ଉଦାହରଣ ସ୍ୱରୂପ' ରାମଙ୍କ ପ୍ରରୋଚନାରେ ଲକ୍ଷ୍ମଣଙ୍କ ଦ୍ୱାରା ଭଉଣୀ ସୁର୍ପଣଖାର ନାସାଛେଦନ ହେବାରୁ ପ୍ରବଳ ପରାକ୍ରମୀ ବଡ଼ଭାଇ ରାବଣର ରାମଙ୍କ ଉପରେ କ୍ରୋଧଜାତ ହେବା ସ୍ୱାଭାବିକ । ପ୍ରତିଶୋଧ ସ୍ୱରୂପ ରାବଣ ରାମଙ୍କର ପତ୍ନୀ ସୀତାଙ୍କୁହିଁ ଅପହରଣ କରିଛି । ଏହିପରି ଅନେକ ଉଦାହରଣ ଆମ ଶାସ୍ତ୍ରପୁରାଣ, ଇତିହାସ ଏବଂ ଆଧୁନିକ ସମାଜ ଜୀବନରୁ ଦେଖିବାକୁ ମିଳେ । ଦୁଇ ପରିବାର ଭିତରେ କଳହ ଉପୁଜିଲେ, ଅବିବାହିତା କନ୍ୟାର ନାମରେ ଅନ୍ତତଃ ବେନାମି ଚିଠି ଖଣ୍ଡେ ପଡ଼େ । ଏହି ପ୍ରସଙ୍ଗରେ ମହାମାନବ ଗାନ୍ଧିଜୀ କହିଥିଲେ; 'ଯେଉଁଦିନ ଜଣେ ଯୁବତୀ ନିଶାର୍ଦ୍ଧରେ ରାଜରାସ୍ତାରେ ଏକାକୀ ନିର୍ଭୟରେ ଯିବା ଆସିବା କରିପାରିବ, ସେହିଦିନହିଁ ଭାରତରେ ପ୍ରକୃତ ସ୍ୱାଧୀନତା ଆସିବ' । ଗାନ୍ଧିଜୀ ଶାସ୍ତ୍ରଜ୍ଞ, ପଣ୍ଡିତ, ସମାଜ ସଂସ୍କାରକ ଏବଂ ଜାତିର ଦିଗ୍‌ଦର୍ଶକ ଥିଲେ । ବିଧବା ବିବାହ ପ୍ରସଙ୍ଗରେ ସେ କହିଥିଲେ, 'ଯେଉଁଶାସ୍ତ୍ର ମାନବ ଅଧିକାରର ବିରୋଧ କରେ, ଶାସ୍ତ୍ରବିରୋଧୀ ବୋଲାଇଲେ ମଧ୍ୟ ବରଂ ସେ ଶାସ୍ତ୍ର ମୋ ପକ୍ଷରେ ବର୍ଜନୀୟ' । ତେଣୁ ଶାସ୍ତ୍ରରେ ଯଦିବା କିଛି ଅନ୍ଧବିଶ୍ୱାସ ଅଛି, ମାନବିକ ଅଧିକାର ବିରୋଧୀ କଥା ଅଛି, ତାହାର ସଂଶୋଧନ ଆବଶ୍ୟକ ନୁହେଁକି ? ଯାହା ପ୍ରତି ମୁହୂର୍ତ୍ତରେ ବଦଳେ ତାହାହିଁ ସଂସାର । ତେଣୁ ଚିନ୍ତାଧାରାର ବିକାଶ ସଙ୍ଗେ ସଙ୍ଗେ ଶାସ୍ତ୍ରରେ ମଧ୍ୟ ସଂସ୍କାର ଆବଶ୍ୟକ । ନାରୀ ଓ ପୁରୁଷ ପାଇଁ ସମ୍ମାନ ଓ ମର୍ଯ୍ୟାଦାରେ ତାରତମ୍ୟ ରହିବାର ଆବଶ୍ୟକତା ଆଉ ଅଛିକି ? ଏହି ତାରତମ୍ୟ କାରଣରୁହିଁ ଜଣେ ପ୍ରତିଭା ସଂପନ୍ନା ମହିଳା କୌଣସି କ୍ଷେତ୍ରରେ ପ୍ରତିଷ୍ଠା ଲାଭ କଲେ ତାର କାରଣ ସ୍ୱରୂପ ତାଙ୍କର ପ୍ରତିଭା ପରିବର୍ତ୍ତେ, ରୂପ ଓ ଅନ୍ୟ କିଛି ଗୋପନୀୟ କର୍ମ ଥାଇପାରେ ବୋଲି ପ୍ରାରମ୍ଭିକ ଗୁଂଜନ ଶୁଣାଯିବାର ନଜିର ଆମ ସମାଜରେ ସ୍ୱାଭାବିକ ଘଟଣା । ଏପରିକି ରାଜନୀତି କ୍ଷେତ୍ରରେ ଉଚ୍ଚ ସ୍ତରରେ ପହଞ୍ଚିଥିବା ମହିଳାଙ୍କ ଚରିତ୍ର ଉପରେ ଆରୋପ ଲଗାଇବା ଏକ ସ୍ୱାଭାବିକ ସତ୍ୟ ଭାବରେ ଗ୍ରହଣ କରାଯାଏ ।

Digitized by srujanika@gmail.com

ନାରୀର ମର୍ଯ୍ୟାଦା ଓ ସମ୍ମାନର ସ୍ୱରୂପ ଭିନ୍ନ ହୋଇଥିବାରୁ ଏପରି ଅଦ୍ଭୁତ ଦୋଷାରୋପର ଶିକାର ମହିଳାମାନେ ବିଶେଷ ଭାବରେ ହୁଅନ୍ତି ।

ଏହି କାରଣରୁ ଉପରିସ୍ଥଙ୍କଠାରୁ ଅଶୋଭନୀୟ ବ୍ୟବହାର ପାଇଲେ ବା ଦୁର୍ଭାଗ୍ୟବଶତଃ ବଳାତ୍କାରର ଶିକାର ହେଲେ ଆଇନର ଆଶ୍ରୟ ନାରୀ ନେବାକୁ କୁଣ୍ଠା ପ୍ରକାଶ କରେ । ହୁଏତ ନ୍ୟାୟାଳୟତାକୁ ନିର୍ଦ୍ଦୋଷ ସାବ୍ୟସ୍ତ କରି ଦୋଷୀ ପ୍ରତି ଦଣ୍ଡବିଧାନ କରିପାରେ, ମାତ୍ର ସମାଜ ଦୃଷ୍ଟିରେ ସେହି ନାରୀ ସମ୍ମାନ ଓ ମର୍ଯ୍ୟାଦାର ତଳ ପାହାଚକୁ ଖସି ପଡ଼ିଥାଏ । ଏପରିକି ପରିବାରରେ ମଧ୍ୟ ତାର ସ୍ଥାନ ନିମ୍ନଗାମୀ ହୁଏ, ତାକୁ ପରିବାରଚ୍ୟୁତ ହେବାକୁ ପଡ଼େ । ବଳାତ୍କାର କର୍ମର ଯିଏ କର୍ତ୍ତା ସେ ସଜା ଭୋଗିସାରିବା ପରେ ବରଂ ବିବାହ କରିପାରେ, କିନ୍ତୁ ନିର୍ଦ୍ଦୋଷ (!) ଶିକାରଟିର ବିବାହ ଆଉ ସମ୍ଭବ ହୁଏନି । ଏହାର କାରଣ ହେଉଛି ନାରୀପାଇଁ ନୈତିକତା, ମର୍ଯ୍ୟାଦା ଏବଂ ଅଧିକାରର ଭ୍ରମାତ୍ମକ ବ୍ୟାଖ୍ୟା ଓ ପ୍ରୟୋଗ ।

ନାରୀ ତାର ଅଧିକାର ସାବ୍ୟସ୍ତ କରିବା ସଙ୍ଗେ ସଙ୍ଗେ ସାମାଜିକ ଅନ୍ୟାୟ, ଅତ୍ୟାଚାର, ଅନ୍ଧବିଶ୍ୱାସ ବିରୁଦ୍ଧରେ ଲଢ଼ିବାର ସମୟ ଏବେ ଆସିଛି; ମାତ୍ର ଏହାକୁ ମଧ୍ୟ କେତେକ କୁସଂସ୍କାରଗ୍ରସ୍ତ ସୁବିଧାବାଦୀ ମଣିଷ ଅନୈତିକ ଆଚରଣ ବୋଲି କହି ପାରନ୍ତି । ପୁରୁଷ ପ୍ରଧାନ ସମାଜର ବଡ଼ପଣ୍ଡା ମାନଙ୍କ ସପକ୍ଷରେ ମୁଣ୍ଡ ଟେକି ଠିଆ ହୋଇ ଉଚିତ ନ୍ୟାୟ ମାଗିବା ମଧ୍ୟ ଭାରତୀୟ ନାରୀ ପକ୍ଷରେ ମର୍ଯ୍ୟାଦା ଲଂଘନକାରୀ କାର୍ଯ୍ୟ ବୋଲି ବ୍ୟାଖ୍ୟା କରାଯିବାର ଦୃଷ୍ଟାନ୍ତ ଆମ ଶାସ୍ତ୍ର ପୁରାଣଠାରୁ ଆରମ୍ଭ କରି ଆଜିର ସମାଜରେ ନିତିଦିନ ଦେଖିବାକୁ ମିଳୁଛି । ଗୁରୁଜନମାନଙ୍କ ସମ୍ମୁଖରେ ଠିଆ ହୋଇ ଦ୍ରୌପଦୀ କେତୋଟି ନୀତିଗତ ପ୍ରଶ୍ନ କରିବାରୁ ତାଙ୍କୁ କାହାରି ସହାନୁଭୂତି ମିଳି ନଥିଲା । ଏପରିକି ଧର୍ମରାଜ ଯୁଧିଷ୍ଠିର ମଧ୍ୟ ଲଜ୍ଜିତ କରୁଥିଲେ ଯେ ଏପରି ଭାବରେ ପ୍ରଶ୍ନ ନକରି ରାଜସଭାରେ ଉପସ୍ଥିତ ଗୁରୁଜନ ମାନଙ୍କୁ ନିଜର ଏକବସ୍ତ୍ର ପରିହିତ ଶରୀରର ନାଭି ପ୍ରଦର୍ଶନ କରି କରୁଣା ଭିକ୍ଷା କରିବା ପାଇଁ । ତା' କରିଥିଲେ ବୋଧହୁଏ ଜଣେ ହେଲେ କେହି ସହାନୁଭୂତିଶୀଳ ହୋଇ ଦ୍ରୌପଦୀଙ୍କ ସମ୍ମାନ ରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିଥାନ୍ତା । ତେଣୁ ଏଠାରେ ପ୍ରଶ୍ନ ଉଠୁଛି ନାରୀର ନୈତିକ ଆଚରଣର ଅର୍ଥ କ'ଣ ଅନ୍ୟାୟକୁ ପାଟିବୁଜି ସହିଯାଇ ଦୁର୍ନୀତିକୁ ପ୍ରଶ୍ରୟ ଦେବା ? ଅନ୍ୟାୟର ପ୍ରତିବାଦ କ'ଣ ମର୍ଯ୍ୟାଦା ଲଂଘନ ଏବଂ ଉଦ୍ଧତ ଆଚରଣ ? ସମାଜର ଅନ୍ୟାୟ ଓ ଅତ୍ୟାଚାରକୁ ବାରମ୍ବାର ନୀରବରେ ମାନିନେଇ

Digitized by srujanika@gmail.com

ଅବଶେଷରେ ଅଗ୍ନି ପ୍ରବେଶ କରି ଆତ୍ମାହୁତି ଦେଇଥିବା ସୀତା ହିଁ ଭାରତୀୟ ନାରୀ ଚରିତ୍ରର ଆଦର୍ଶ । ଆଜିର ପରିପ୍ରେକ୍ଷୀରେ ଏହା ନାରୀ ସମାଜ ପାଇଁ କେତେଦୂର ଗ୍ରହଣୀୟ ସେ କଥା ବିଚାର କରିବାର ସମୟ ଉପସ୍ଥିତ ହୋଇଛି ।

ଏସବୁ ବିଚାର କଲେ ପ୍ରଥମେ ନୈତିକ ଆଚରଣ କ'ଣ ଏବଂ ନୈତିକତା କହିଲେ ଯୁଗୋପଯୋଗୀ ଆଦର୍ଶଗତ ଆଚରଣ କ'ଣ ହେବା ଉଚିତ୍ ସେ ସଂପର୍କରେ ଧାରଣା ସ୍ପଷ୍ଟ ହେବା ଉଚିତ । ଧାରଣା ସ୍ପଷ୍ଟ ହେବାପରେ ଅନ୍ଧ-ବିଶ୍ୱାସମୁକ୍ତ ପରିବର୍ତ୍ତିତ ଆଚରଣକୁ ଗ୍ରହଣ କରିବାପାଇଁ ଯେଉଁ ଦୃଢ଼ ମନୋବଳ ଓ ସତ୍ସାହସ ମନରେ ସୃଷ୍ଟି ହେବା ଦରକାର, ସେଥିପାଇଁ ପରିବେଶ ସୃଷ୍ଟି କରିବାର ଯଥେଷ୍ଟ ଆବଶ୍ୟକତା ଅଛି ।

କିନ୍ତୁ ଏହି ଦାୟିତ୍ୱ କାହାର ? ସରକାର ଉପରେ ଦାୟିତ୍ୱ ଲଦିଦେଲେ କୌଣସି ସମାଜ ଅନ୍ଧବିଶ୍ୱାସରୁ ମୁକ୍ତ ହୋଇପାରେନି । ତୁଣି ଆଇନଦ୍ୱାରା ଅଧିକାର ଅନୁମୋଦିତ ହୋଇଗଲେ ଅଧିକାର ସାବ୍ୟସ୍ତ ହୋଇପାରେନି । ବଳାତ୍କାରରେ ଅତ୍ୟାଚାରିତା ନାରୀ ଆଇନ ଆଖିରେ ନିର୍ଦ୍ଦୋଷ ସାବ୍ୟସ୍ତ ହେଲେ ମଧ୍ୟ ସମାଜ ଆଖିରେ ସେ ପତିତା । ଯୌତୁକ ନିରୋଧ ଆଇନ ଦ୍ୱାରା ଯୌତୁକ ନିରୋଧ ହୋଇ ପାରିନାହିଁ । ସଂପତ୍ତିରେ ଝିଅ ପୁଅଙ୍କର ସମାନ ଅଧିକାର ଆଇନ ଅନୁମୋଦିତ ହେଲେ ମଧ୍ୟ ପୈତୃକ ସଂପତ୍ତିରୁ ସମାନ ଅଂଶ ପାଇବା ଝିଅ ପକ୍ଷରେ ସହଜ ଭାବରେ ସମ୍ଭବ ହୋଇନାହିଁ । ଯେଉଁଠି ବା ଭଉଣୀ ସଂପତ୍ତି ଦାବୀ କରୁଛି ସେଠାରେ ଭାଇଭଉଣୀ ସଂପର୍କ ଛିନ୍ନ ହୋଇଯାଉଛି ଓ ଭାଇ ସଙ୍ଗେ ଝଗଡ଼ା ବସାଇଲା ବୋଲି ଝିଅଟି ବେଶୀଭାଗ ନିନ୍ଦିତା ହେଉଛି । ସଂପତ୍ତିର ଅଧିକାରତ ଦୂରର କଥା, ଉପଯୁକ୍ତ ଆହାର ଓ ଶିକ୍ଷା ପାଇବାରେ ଭଉଣୀଟିଏ ଭାଇସହ ସମକକ୍ଷ ହେବା ଆମ ସମାଜରେ ବିରଳ । ନାରୀ ପାଇଁ ପ୍ରତି ପଦେ ପଦେ ନରକର ଦ୍ୱାର ଯେମିତି ଉନ୍ମୁକ୍ତ । ଯେ ପର୍ଯ୍ୟନ୍ତ ଏ ସଂପର୍କରେ ଜନମାନସରେ ଚେତନା ଜାଗ୍ରତ ନହୋଇଛି ସେ ପର୍ଯ୍ୟନ୍ତ ଆଇନ କେବଳ ଆଇନରେହିଁ ରହିଥିବ । ତାର ସାମାଜିକ ଉପଯୋଗ ହୋଇପାରିବ ନାହିଁ । ଆଇନ୍ଦ୍ୱାରା କୌଣସି ସମାଜର ବଦ୍ଧମୂଳ ବିଶ୍ୱାସ ଓ ଅନ୍ଧବିଶ୍ୱାସକୁ ବଦଳାଯାଇ ପାରିବ ନାହିଁ । ଚେତନା ବା awarenessହିଁ ଏ ଦିଗରେ ପ୍ରଥମ ପଦକ୍ଷେପ ।

ଅଧିକାଂଶ ନାରୀ ନିଜେ ମଧ୍ୟ ଜାଣନ୍ତି ନାହିଁ ତାଙ୍କର ଅଧିକାର କ'ଣ । ଜାଣିଲେ ମଧ୍ୟ ନିଜକୁ ସାବ୍ୟସ୍ତ କରିବାପାଇଁ ସାହସ ନାହିଁ । ସମାଜର

Digitized by srujanika@gmail.com

ସମାଲୋଚନାକୁ ଭୟ । ସମାଜର ପ୍ରତିରୋଧକୁ ଏଡ଼ାଇବା ପାଇଁ ଯେତିକି ମନୋବଳ ଆବଶ୍ୟକ ତାହା ସେମାନଙ୍କଠାରେ ନାହିଁ । ନାରୀର ଆତ୍ମବିଶ୍ୱାସ ଫେରାଇ ଆଣିବା ପାଇଁ ପ୍ରଥମେ ତାକୁ ତାର ଅଧିକାର ସଂପର୍କରେ ସଚେତନ କରିବାକୁ ହେବ । ସେ ଏକ ମଣିଷ ଏବଂ ପ୍ରତ୍ୟେକ ମାନବିକ ଅଧିକାରରେ ତାର ସମାନ ହକ୍ ଅଛି, ଏ ସଂପର୍କରେ ନାରୀର ଚେତନା ଜାଗ୍ରତ ହେବା ଆବଶ୍ୟକ । ତାପରେ ଉଠିବ ଆତ୍ମବିଶ୍ୱାସର କଥା ।

ମାତ୍ର ଏ ଦାୟିତ୍ୱ କାହାର ? କିଏ ଜାଗ୍ରତ କରିବ ଚେତନା ? ସାହିତ୍ୟର କିଛି ଭୂମିକା ଏ କ୍ଷେତ୍ରରେ ଅଛି କି ? ସାହିତ୍ୟ ହେଉଛି ସମାଜ ଜୀବନର କଳାତ୍ମକ ପ୍ରତିଲିପି, ଅନ୍ୟ ଅର୍ଥରେ ଦର୍ପଣ; ଏ ଦର୍ପଣରେ ସମାଜର ଦୋଷ ତ୍ରୁଟି ମଧ୍ୟ ସ୍ପଷ୍ଟ ହେବା ଆବଶ୍ୟକ । ତେବେ ଯାଇ ପରମ୍ପରା ଓ ନୈତିକତା ନାମରେ ଯେଉଁ ଅନୈତିକତା ଓ ଅସାମାଜିକ ଘଟଣାସବୁ ଘଟୁଛି ତା' ଦୂର ହେବ । ଏଥିପାଇଁ ପୁରାତନ ପ୍ରଚଳିତ ପ୍ରଥା ଓ ସାମାଜିକ ଚଳଣୀ ବିରୁଦ୍ଧରେ ଯିବା ବା ଲେଖନୀ ଚାଳନା କରି ଚେତନା, ଜାଗ୍ରତ କରାଇବା ଏତେ ସହଜ-ସାଧ୍ୟ କାର୍ଯ୍ୟ ନୁହେଁ । ଏଥିପାଇଁ ଯେଉଁ ନିର୍ଭୀକତା ଓ ସତ୍‌ସାହସ ଦରକାର ତାହା ଅଭିର ପରିପ୍ରେକ୍ଷୀରେ ଲେଖକଙ୍କଠାରେ କେତେଦୂର ପରିଲକ୍ଷିତ ହେଉଛି ଦେଖିବାର କଥା । ଲେଖକମାନେ ଏ ଦିଗରେ ଜାଗରଣ ସୃଷ୍ଟି କରିବାହିଁ ହେଉଛି ସାମାଜିକ ଅଙ୍ଗୀକାରବଦ୍ଧତା । ଲେଖକର କୃତି ପାଠକକୁ ଆନନ୍ଦ ଦେବା ସଙ୍ଗେ ସଙ୍ଗେ ଯଦି ସାମାଜିକ କଲ୍ୟାଣ ଦିଗରେ ପଥ ନଦର୍ଶାଇଲା ତେବେ ତାର ଚିରନ୍ତନ ମୂଲ୍ୟନାହିଁ ବୋଲି କହିବାକୁ ହେବ । ଖଣ୍ଡିଏ ଖଣ୍ଡିଏ ଉପନ୍ୟାସ ଦ୍ୱାରା ପୃଥିବୀର ରାଜନୀତି ଓ ଧର୍ମନୀତି ବଦଳି ଯିବାର ଦୃଷ୍ଟାନ୍ତ ରହିଛି । ସମାଜ ସାହିତ୍ୟକୁ ଓ ସାହିତ୍ୟ ସମାଜକୁ ପ୍ରଭାବିତ ଓ ପରିବର୍ତ୍ତିତ କରିବାଦ୍ୱାରା ସାମାଜିକ ପରିବର୍ତ୍ତନ ସଙ୍ଗେ ସଙ୍ଗେ ପ୍ରଗତି ସମ୍ଭବ ହୋଇଥାଏ । ପ୍ରଥମେ ସାହିତ୍ୟ ସମାଜକୁ ଅନୁସରଣ କରେ ଓ ପରେ ସାମାଜିକ ଅଙ୍ଗୀକାର ବହନ କରିଥିବା ସାହିତ୍ୟକୁ ସମାଜ ଅନୁସରଣ କରିବାର ଦୃଷ୍ଟାନ୍ତ ରହିଛି । ସ୍ରଷ୍ଟା ଜଣେ ଦ୍ରଷ୍ଟା ମଧ୍ୟ । ସେ ଦୂରଦ୍ରଷ୍ଟା ବି ହୋଇପାରେ ।

ଓଡ଼ିଆ ସାହିତ୍ୟର କ୍ରମବିକାଶର ଧାରାରେ ନାରୀର ସମ୍ମାନ ଓ ଅଧିକାର ଦିଗରେ ସାହିତ୍ୟ କି ଭୂମିକା ଗ୍ରହଣ କରିଛି ତାହା ବିଶଦ ଭାବରେ ଆଲୋଚନା କରିବା ସମ୍ଭବ ନୁହେଁ । ସାହିତ୍ୟ ଏକ ବ୍ୟାପକ ବ୍ୟାପାର ହୋଇଥିବାରୁ ଏଠାରେ ଦୃଷ୍ଟାନ୍ତ ସ୍ୱରୂପ ବିଭିନ୍ନ ଯୁଗର କେତୋଟି ସାହିତ୍ୟକୃତି ସଂପର୍କରେ ଆଲୋକପାତ କରାଯାଇପାରେ ।

Digitized by srujanika@gmail.com

ଓଡ଼ିଆ ସାହିତ୍ୟର ଆବିର୍ଭାବ ଆରମ୍ଭ ହୁଏ ସାରଳା ଦାସଙ୍କ ଠାରୁ । ସାରଳା ଯୁଗ ହେଉଛି ଓଡ଼ିଆ ସାହିତ୍ୟର ଆତ୍ମ ପ୍ରତିଷ୍ଠାର ଯୁଗ । ସାରଳାଙ୍କ ସାହିତ୍ୟରେ ନାରୀର ବିଭିନ୍ନ ରୂପ ପ୍ରାଂଜଳ ଭାବରେ ଚିତ୍ରିତ । ତାଙ୍କର ନାରୀ ଓଡ଼ିଆ ଗାଁ ଭୂଇଁର ନାରୀ । ନାରୀର ଶକ୍ତିଶାଳୀ ରୂପ ତତ୍‌କାଳୀନ ସାମାଜିକ ପଟଭୂମିରେ କୁନ୍ତୀ, ଗଙ୍ଗା ଏବଂ ଦ୍ରୌପଦୀଙ୍କ ଚରିତ୍ରରେ ସେ ଚମତ୍କାର ଭାବରେ ଫୁଟାଇଛନ୍ତି । ଚଣ୍ଡୀପୁରାଣ ଏବଂ ବିଲଙ୍କା ରାମାୟଣକୁ ଉଦାହରଣ ସ୍ୱରୂପ ନିଆଯାଇପାରେ । ସୀତାଙ୍କ ସାହାଯ୍ୟ ବିନା ଅସୁର ନିଧନ ରାମଙ୍କଦ୍ୱାରା ସମ୍ଭବ ହୋଇ ନଥାନ୍ତା ବୋଲି ସାରଳା ଦାସ ଏଥିରେ ଦର୍ଶାଇ ଦେବୀ ମହିମା କୀର୍ତ୍ତନ କରିଛନ୍ତି । ସାରଳା ଯୁଗର ଅନ୍ୟତମ ଉଲ୍ଲେଖନୀୟ କବି ହେଉଛନ୍ତି ମାର୍କଣ୍ଡ ଦାସ । 'କେଶବ-କୋଇଲି'ରେ ମାତୃ ହୃଦୟର କୋମଳ ବାତ୍ସଲ୍ୟ ସେ ଫୁଟାଇ ଅଛନ୍ତି । ପଞ୍ଚସଖା ଅନ୍ତର୍ଗତ ବଳରାମ, ଜଗନ୍ନାଥ, ଅଚ୍ୟୁତାନନ୍ଦ, ଅନନ୍ତ ଏବଂ ଯଶୋବନ୍ତଙ୍କ ବିଶୁଦ୍ଧ କାବ୍ୟରୀତି ଏବଂ ଭାବଚେତନା ଏଠାରେ ଉଲ୍ଲେଖନୀୟ । ନାରୀର ସାମାଜିକ ଅଧିକାର ଓ ମର୍ଯ୍ୟାଦାର ଏକ ବଳିଷ୍ଠ ପ୍ରତିଲିପି ହେଉଛି ବଳରାମ ଦାସଙ୍କର (୧୪୭୦) ଲକ୍ଷ୍ମୀପୁରାଣ, ଯାହା ଆଜିକୁ ଛଅଶହ ବର୍ଷଧରି ଓଡ଼ିଶାର ପୁରପଲ୍ଲୀରେ ପ୍ରତିବର୍ଷ ନିୟମକରି ମାର୍ଗଶୀର ମାସରେ ଗୁରୁବାର ପଢ଼ାଯାଏ । "ତମା ଭଳି ଖାଇଥିଲେ ଲକ୍ଷେ ଘା ପାଇବୁ"– ବଳଭଦ୍ରଙ୍କର ଏହି ଦମ୍ଭୋକ୍ତି ଏଥିରେ କଳାତ୍ମକ ଭାବରେ ଖଣ୍ଡନ କରଯାଇଛି । ଗୃହର ଚାରିକାନ୍ଥ ବାହାରେ ନାରୀର ସାମାଜିକ କର୍ତ୍ତବ୍ୟ ରହିଛି ଏବଂ ଉଚିତ ମାର୍ଗରେ ଗ୍ରୁଲୁଥିବା ଘରଣୀକୁ ତାର ନ୍ୟାୟୋଚିତ ଅଧିକାରରୁ ବଂଚିତ କରାଗଲେ ପରିଣାମ ମଙ୍ଗଳକର ହୁଏ ନାହିଁ ଏକଥା ଲକ୍ଷ୍ମୀ ପୁରାଣରେ ସ୍ପଷ୍ଟ କରି ଦିଆଯାଇଛି ।

ସ୍ୱାଧୀନତାର ଅର୍ଥ ସ୍ୱେଚ୍ଛାଗ୍ରର ନୁହେଁ କିମ୍ବା ସ୍ୱାଧୀନତାକୁ ସ୍ୱେଚ୍ଛାଗ୍ରର ମନେକରିବା ମଧ୍ୟ ଉଚିତ ନୁହେଁ । ଯେତେବେଳେ ପତ୍ନୀ ଜାଣେ ଯେ ସେ ଠିକ୍ ବାଟରେ ଅଛି ଏବଂ ଏକ ମହାନ୍ ଲକ୍ଷ୍ୟ ସାଧନ ପାଇଁ ସେ ସ୍ୱାମୀକୁ ପ୍ରତିରୋଧ କରୁଛି ସେତେବେଳେ ନିଜର ଇଚ୍ଛାନୁସାରେ ସେ ନିଜର ରାସ୍ତା ବାଛିନେବାର ଅଧିକାର ଅଛି । ଏ କ୍ଷେତ୍ରରେ ପରମ୍ପରାବାଦୀ ସମାଜର ମୁଖପାତ୍ର ରୂପକ ସ୍ୱାମୀର ଇଚ୍ଛାର୍ ବିରୋଧ କରିବାକୁ ଯାଇ ସାହସ ସହକାରେ ତାର ପରିଣାମ ଭୋଗ କରିବା ପାଇଁ ନାରୀ ନିଜକୁ ପ୍ରସ୍ତୁତ କରିବା ଉଚିତ । ସ୍ୱାମୀର ଅନ୍ଧବିଶ୍ୱାସ ଓ ପାପାଗ୍ରରରେ ସ୍ତ୍ରୀ ସହଯୋଗ କରିବା ପାଇଁ ବାଧ୍ୟ ନୁହେଁ । ଜୀବନ ଏକ କର୍ତ୍ତବ୍ୟ, ଏକ ପରୀକ୍ଷା, ଏହାହିଁ ବଳରାମ ଦାସ ସ୍ପଷ୍ଟ କହିଛନ୍ତି ଲକ୍ଷ୍ମୀପୁରାଣରେ । ଯାହାର ବଳିଷ୍ଠ ହୃଦୟ ଥିବ ସେ ସକଳ ପ୍ରକାର ଅନ୍ୟାୟ

Digitized by srujanika@gmail.com

ଓ ଅବିଚାରରେ ବିରୋଧ କରିପାରିବ । ଅନ୍ୟାୟ ଓ ଅବିଚାରର ବିରୋଧ କରିବା ପାଇଁ ଭୀମର ବାହୁ ବଳର ଆବଶ୍ୟକତା ଅପରିହାର୍ଯ୍ୟ ନୁହେଁ ବରଂ ସହଦେବଙ୍କ ଭଳିଆ କ୍ରିୟାଶୀଳତା ଆବଶ୍ୟକ ।

ପଞ୍ଚସଖା ଯୁଗପରେ ରୀତି ଯୁଗର (୧୬୫୦-୧୮୮୦) ରୀତି ସାହିତ୍ୟ ଭୋଗାବଳୀ ସାହିତ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । କାବ୍ୟିକ ଉତ୍କର୍ଷ ଯାହା ହେଉ ନା କାହିଁକି ତିନିଶହ ବର୍ଷ ଧରି ସାହିତ୍ୟରେ ନାରୀ ଭୋଗ୍ୟ ସାମଗ୍ରୀ ଭାବରେ ରସିକ ପାଠକର ମନୋରଂଜନ କରିଛି । ଦେବଦୁର୍ଲ୍ଲଭ ଦାସଙ୍କ ରହସ୍ୟ ମଞ୍ଜରୀ, ଦୀନକୃଷ୍ଣ ଦାସଙ୍କ ରସକଲ୍ଲୋଳ, କବି ସୂର୍ଯ୍ୟଙ୍କ ଚନ୍ଦ୍ରବିଳାସ, ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ପରିମଳା ଏବଂ ଉପେନ୍ଦ୍ର ଭଞ୍ଜଙ୍କର ବିଭିନ୍ନ କାବ୍ୟ ଏହି ଶ୍ରେଣୀରେ ଅନ୍ତର୍ଗତ । ଏଠାରେ ନାୟକ ନାୟିକା ମୁଖ୍ୟତଃ ଦୁଇପ୍ରକାର । ଅଲୌକିକ ନାୟକ ନାୟିକା ରାଧାକୃଷ୍ଣ ବା ଲୌକିକ ନାୟକ ନାୟିକା ରାଜପୁତ୍ର ରାଜକନ୍ୟାଙ୍କ ପ୍ରଣୟଲୀଳା ଓ ସମ୍ଭୋଗ ଶୃଂଗାରହିଁ ସାହିତ୍ୟର ମୁଖ୍ୟ ବସ୍ତୁ । ତତ୍କାଳୀନ ଭାବନଟା ସତେ ଯେମିତି ଭୋଗସର୍ବସ୍ୱ ।

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଆଧୁନିକ ଶିକ୍ଷାପ୍ରସାରର ଅଭ୍ୟୁଦୟକାଳରେ ଆଧୁନିକ ଗଦ୍ୟସାହିତ୍ୟର ଜନକ ଫକିର ମୋହନ ଜୀବନର ଶେଷ ଏକୋଇଶ ବର୍ଷ ମଧ୍ୟରେ (୧୮୯୭-୧୯୧) ସୃଷ୍ଟିକରିଥିବା ଚାରିଖଣ୍ଡି ଉପନ୍ୟାସ ଓ ୬୧ଟି କ୍ଷୁଦ୍ରଗଳ୍ପରେ ନାରୀର ଶକ୍ତିମୟୀ ରୂପ ଅବଲୋକନ କରି ପାଠକ ସ୍ତବ୍ଧ ଓ ଚମତ୍କୃତ ହୁଏ । ଯୁଗଯୁଗର ଜଡିତ ବିଶ୍ୱାସ ଓ କୁସଂସ୍କାର ବିରୁଦ୍ଧରେ 'ରେବତୀ' ହେଉଛି ଏକ ଅଗ୍ନିଳ ପ୍ରତିବାଦ । ନାରୀଶିକ୍ଷାର ପ୍ରତିକୂଳ ଓ ଅନୁକୂଳ ଭାବ ସଂଘର୍ଷର ଏକ ପରୋକ୍ଷ ସମାଧାନ ହେଉଛି ରେବତୀ-ନାରୀର ନ୍ୟାଯ୍ୟ ଅଧିକାର ସପକ୍ଷରେ ସ୍ରଷ୍ଟା ପ୍ରାଣର ଏକ ପରୋକ୍ଷ ଆହ୍ୱାନ ହେଉଛି ରେବତୀ ।

ସେହିପରି ଛମାଣ ଆଠଗୁଣ୍ଠର ମାଆ ହେଉଛି ନାରୀ ଶକ୍ତିର ଏକ ପ୍ରତୀକ । ତତ୍କାଳୀନ ସମାଜ ବ୍ୟବସ୍ଥାରେ ଏକ ସ୍ୱାମୀହରା ନାରୀର ଅସହାୟତା ବିରୁଦ୍ଧରେ ଏଇ 'ମାତୃଶକ୍ତି'ଟି ହେଉଛି ସ୍ରଷ୍ଟା ମାନସର ଆହ୍ୱାନ । ସେ ନାରୀଟି ସ୍ୱାମୀହରା ବୋଲି ନିଜକୁ ଅସହାୟା ମଣିନି, ସେ ଗାଁ ମାଷ୍ଟରଙ୍କୁ ଉଚିତ୍ ଶିକ୍ଷା ଦେଇଛି—ମାରଣା ବଣ୍ଡ ସହ ଲଢି ଷଣ୍ଢକୁ ପରାସ୍ତ କରିଛି ଏବଂ ନିଜର ଏକମାତ୍ର ପୁଅକୁ ଏପରି ଗଢିଛି, ଯିଏକି ଅବଶେଷରେ ସମାଜ ପାଇଁ ପ୍ରାଣଦେଇ ଦେଉଛି । ସମାଜର ଗତାନୁଗତିକ ଜୀବନ ରକ୍ଷଣଶୀଳ ବଡପଣ୍ଡାଙ୍କର ଅତ୍ୟାଚାରର ପ୍ରତୀକ ହେଉଛି ମାରଣା

କ୍ଷଣ୍ଣ ଏବଂ ନାରୀ ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରିଣୀ ହେଲେ ତାକୁ ଅତିକ୍ରମ କରିପାରେ । ସେହିପରି 'ପେଟେଣ୍ଟ ମେଡ଼ିସିନ୍'ର ନାୟିକା ସୁଲୋଚନା ବିପଥଗାମୀ ସ୍ୱାମୀକୁ ବାଟକୁ ଫେରାଇ ଆଣିଛି ସମାଜଦ୍ୱାରା ଧାର୍ଯ୍ୟ ବିବାହିତା ନାରୀର ନୀତିଭିତ୍ତି କର୍ତ୍ତବ୍ୟ ଓ ଧର୍ମକୁ ଦୃଢ଼ତାର ସହ ଖଣ୍ଡନ କରି । ନାରୀ କୋମଳା, ଦୁର୍ବଳା ନୁହେଁ । ସମାଜ କଲ୍ୟାଣ ପାଇଁ ନାରୀକୁ ବେଳେ ବେଳେ କଠୋରତା ଅବଲମ୍ବନ କରିବାକୁ ହେବ । ଏହିପରି ଭାବରେ ଆଧୁନିକ କଥା ସାହିତ୍ୟର ଜନକ ଫକୀର ମୋହନଙ୍କ ସୃଷ୍ଟି ସମ୍ଭାର ନାରୀର ଶକ୍ତିମୟୀ ରୂପ ମାଧ୍ୟମରେ ନାରୀର ସମ୍ମାନ ଓ ସ୍ୱାଧିକାର ରକ୍ଷା ଦିଗରେ ସମାଜର ଚେତନା ଜାଗ୍ରତ କରିଛି ।

ପଣ୍ଡିତ ନୀଳକଣ୍ଠ ଦାସ (୧୮୮୪-୧୯୬୭)ଙ୍କ କୋଣାର୍କ ଏବଂ ଖାରବେଳ କାବ୍ୟରେ ନାରୀ ଶକ୍ତିର ଜ୍ୱଳନ୍ତ ଛବି ପରିସ୍ଫୁଟ ହୋଇଛି । ରାଧାନାଥଙ୍କ (୧୮୪୮-୧୯୦୮) ପାର୍ବତୀ କାବ୍ୟରେ ପାର୍ବତୀ ଦୁଷ୍ଟଚରିତ୍ର ସ୍ୱାମୀକୁ କ୍ଷମା ଦେଇନି । ସ୍ୱାମୀ ଦୁଷ୍ଟଚରିତ୍ର, ଲମ୍ପଟ ହେଲେବି ସ୍ତ୍ରୀ ପାଖରେ 'ଦେବତା'—ଏଇ ଅନ୍ଧ ନୀତିକୁ ଦୃଢ଼ତାର ସହ ଖଣ୍ଡନ କରିଛନ୍ତି ରାଧାନାଥ ।

କୁନ୍ତଳା କୁମାରୀ (୧୯୦୦-୧୯୩୭) ଯଥାର୍ଥରେ ଜଣେ କବି କରିଥିଲେ ମଧ୍ୟ ଭ୍ରାନ୍ତି, ନଅତୁଣ୍ଡୀ, କାଳିବୋହୂ, ପରଶମଣି, ରଘୁଅରକ୍ଷିତ ଆଦି ଉପନ୍ୟାସ ମାଧ୍ୟମରେ ତତ୍‌କାଳୀନ ସମାଜର କୁସଂସ୍କାର, ନାରୀ ନିର୍ଯ୍ୟାତନା, ଅନ୍ଧବିଶ୍ୱାସ, ସମାଜ ତଥା ପରିବାରରେ ନାରୀର ଦୟନୀୟ ସ୍ଥିତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି । ସମାଲୋଚକମାନଙ୍କ ଦୃଷ୍ଟିରେ ତାଙ୍କର ଉପନ୍ୟାସ ଗୁଡ଼ିକ ଉଦ୍ଦେଶ୍ୟ-ମୂଳକ ଓ ସେଥିଯୋଗୁଁ କଳାତ୍ମକ ଉତ୍କର୍ଷ ବାଧାଗ୍ରସ୍ତ ହୋଇଛି ବୋଲି ଦୋଷଯୁକ୍ତ ହେଲେ ମଧ୍ୟ ସାମାଜିକ ଅଙ୍ଗୀକାର ବଦ୍ଧତା ଓ ମାନବବାଦୀ ଚିନ୍ତାଧାରା ଯୋଗୁଁ ଓଡ଼ିଆ ସାହିତ୍ୟରେ ତାର ସ୍ୱତନ୍ତ୍ର ସ୍ଥାନ ରହିଛି ।

ନାରୀର ଶକ୍ତିମୟୀ ଚିତ୍ରର ଆଉ ଏକ ବଳିଷ୍ଠ ସୃଷ୍ଟି ହେଉଛି ଚନ୍ଦ୍ରଧର ମହାପାତ୍ରଙ୍କର ଉପନ୍ୟାସ ବଳାଙ୍ଗି । ଖଣ୍ଡାୟତ ଘରର ଝିଅ 'ବଳାଙ୍ଗି' ଯୁଦ୍ଧ ବିଦ୍ୟାରେ ମଧ୍ୟ ନିପୁଣା । ଦଳପତିର ଅଲିଅଳୀ କନ୍ୟା ବର୍ଗୀ ଆକ୍ରମଣରେ ସ୍ୱାମୀକୁ ହରାଇଛି । ଜଙ୍ଗଲ ଭିତରେ ସନ୍ତାନ ପ୍ରସବ କରିଛି । ନବଜାତ ଶିଶୁକୁ ଅଣ୍ଟାରେ ବାନ୍ଧିଦେଇ, ସ୍ୱାମୀର ମୃତ୍ୟୁ ଶୋକକୁ ଅତିକ୍ରମ କରି ସେ ଏକାକିନୀ ଲଢ଼ିଛି ବର୍ଗୀଙ୍କ ସଙ୍ଗେ ଏବଂ ଅବଶେଷରେ ଜିତିଛି । ନାରୀ ଯେ 'ଅବଳା'

Digitized by srujanika@gmail.com

ଏଇ କଥାଟିକୁ ଔପନ୍ୟାସିକ ଏଠାରେ ଖଣ୍ଡନ କରିଛନ୍ତି । ଡ: ମହତାବଙ୍କ 'ପ୍ରତିଭା' ଉପନ୍ୟାସ ଅଗ୍ନିଶିଖା-ଓରଫ ପ୍ରତିଭା, ବାସନ୍ତି ଉପନ୍ୟାସର ନାୟିକା ବାସନ୍ତି ଏବଂ ମାଟିମଟାଳର ଛବି ନିଜର ନାଯ୍ୟ ଅଧିକାରକୁ ସାବ୍ୟସ୍ତ କରିବାର ସାହସ କରିପାରିଛନ୍ତି ।

କାହ୍ନୁଚରଣଙ୍କ ସୃଷ୍ଟି ପ୍ରକ୍ରିୟାରେ ନାରୀ ତା'ର ଅଧିକାର ଓ ମର୍ଯ୍ୟାଦାକୁ ବଜାୟ ରଖିଛି । ନାରୀର ଦୃଢ଼ମନୋବଳ ଏବଂ ତ୍ୟାଗର ପରାକାଷ୍ଠା କାହ୍ନୁଚରଣଙ୍କର ବହୁ ନାୟିକାଙ୍କ ଭିତରେ ପ୍ରତିଫଳିତ । 'ଝଂଜା'ର ନାୟିକା 'କ୍ଷଣପ୍ରଭା' ହେଉଛି ଏକ ପ୍ରତିନିଧିମୂଳକ ନାରୀ ଚରିତ୍ର ଯିଏ ଜୀବନର ପ୍ରତିକୂଳ ପରିସ୍ଥିତି ସହ ଦୃଢ଼ତାର ସହ ଲଢ଼ିଛି, ହାରଜିତ୍‌କୁ ଖାତିର ନକରି । ଗୋପୀନାଥଙ୍କ 'ଦୁଇବାର' ଗଳ୍ପରେ ନାରୀହିଁ ସଂସ୍କୃତିର ରକ୍ଷାକାରିଣୀ ଭାବରେ ଚିତ୍ରିତା ।

ଏ ସଂପର୍କରେ ସାଂପ୍ରତିକ କାଳର ସାହିତ୍ୟର ସ୍ୱର କ'ଣ, ସେ କଥା ଆଲୋଚନା କରିବାର ଅବକାଶ ଏଠାରେ ନାହିଁ । ତେବେ ସାଂପ୍ରତିକ କାଳର ସାହିତ୍ୟ ଅଧିକ ବ୍ୟକ୍ତିକେନ୍ଦ୍ରିକ ହୋଇପଡୁଥିବାର ଲକ୍ଷ୍ୟ କରାଯାଏ । ଆଧୁନିକ ମଣିଷ ହେଉଛି ଏକ 'ମୁଁ' ସର୍ବସ୍ୱ ଏକାକୀ ଜୀବ । ଲେଖକ ଜଣେ ସାଧାରଣ ମଣିଷ ହୋଇଥିବାରୁ ସବୁ ମଣିଷର ଯାହା ସମସ୍ୟା ଲେଖକର ତାହା ହିଁ ସମସ୍ୟା । ସବୁ ମଣିଷ ପରି ଲେଖକର ଏକ ବ୍ୟକ୍ତିସତ୍ତା ଅଛି । ଲେଖକର ଚିତ୍ତରେ ଜୀବନ, ଜଗତ, ସମାଜ ଓ ସମସ୍ୟା ଯେଉଁରୂପ ଧାରଣ କରେ, ତାରି ଅଭିବ୍ୟକ୍ତିହିଁ ସାହିତ୍ୟ । ତେଣୁ ସାହିତ୍ୟ ହେଉଛି ଲେଖକର ବ୍ୟକ୍ତିତ୍ୱର ଅଭିବ୍ୟକ୍ତି । ବ୍ୟକ୍ତିତ୍ୱହିଁ ସ୍ରଷ୍ଟାକୁ ସୃଷ୍ଟି ପ୍ରେରଣାଦିଏ । ଯେଉଁଠି ବ୍ୟକ୍ତିତ୍ୱ ପ୍ରେମମୟ ସେଠାରେ ସୃଷ୍ଟି ପ୍ରେମମୟ । ଯେଉଁଠି ବ୍ୟକ୍ତିତ୍ୱ ବିପନ୍ନ, ସେଠାରେ ସୃଷ୍ଟିର ଛତ୍ରେ ଛତ୍ରେ ସଂକଟର ଚିତ୍ର ଫୁଟିଉଠେ । ସାଂପ୍ରତିକ ସ୍ରଷ୍ଟାମାନସ ସାଂପ୍ରତିକ ବ୍ୟକ୍ତି ସମସ୍ୟାରେ ଓତଃପ୍ରୋତ ଜଡ଼ିତ ହୋଇ ନିଃସଙ୍ଗ, ସନ୍ଦିଗ୍ଧ ଓ ବିପନ୍ନ । ତେଣୁ ସେ ଦୁର୍ବୋଧ୍ୟ— ନିଜର ଏକକ ପୃଥିବୀରେ ଅନ୍ୟଠାରୁ ବିଚ୍ଛିନ୍ନ । କିନ୍ତୁ ସଂକଟ ଭିତରେ ବି ପ୍ରତ୍ୟେକ ମଣିଷର ଭରପୁର ଆଶା ଭଳି ସ୍ରଷ୍ଟା ମାନସର ବି ଗୋଟାଏ ଅଭିପ୍ସା ଅଛି । ତୃତୀୟ ନୟନରେ ସେ ଦେଖେ ଶାପମୁକ୍ତ ସଙ୍କଟମୁକ୍ତ ଆଉ ଏକ ସୁନ୍ଦର ପୃଥିବୀର ସ୍ୱପ୍ନ । କିନ୍ତୁ ସୁନ୍ଦର ପୃଥିବୀର ସ୍ୱପ୍ନ ଭିତରେ ବାସ୍ତବତା ନଥିଲେ, ତାହା ମଣିଷ ପାଖରେ ପହଞ୍ଚି ପାରେନାହିଁ । ଆଜିର ମଣିଷ ନିଛକ ବାସ୍ତବବାଦୀ । ପ୍ରତ୍ୟେକ ଜିନିଷରେ ନିଜର ମୁଁ ଟିକୁହିଁ

Digitized by srujanika@gmail.com

ଖୋଜେ । ତେଣୁ ସାହିତ୍ୟରେ ମଣିଷର ବାସ୍ତବ ଜୀବନର ସମସ୍ୟା ପ୍ରକଟିତ ନହେଲେ ସେ ସାହିତ୍ୟ ମଣିଷକୁ ଆନନ୍ଦ ଦିଏନାହିଁ ବା ସମାଜର ହିତ ସାଧନ କରେ ନାହିଁ ।

ସ୍ରଷ୍ଟାମାନସ ଅହଂ ଭାବାପନ୍ନ ହେଲେ ସାହିତ୍ୟ ବ୍ୟକ୍ତି କୈନ୍ଦ୍ରିକ ହୋଇପଡ଼େ ଏବଂ ମଣିଷ ତାର 'ମୁଁ'ଟିକୁ ସାହିତ୍ୟରେ ଖୋଜି ପାଏ ନାହିଁ । ତେଣୁ ଅହଂଭାବକୁ ତ୍ୟାଗ ନକଲେ ସୃଷ୍ଟି ସାର୍ବଜନୀନ ହୁଏ ନାହିଁ । ଅହଂଭାବ ସ୍ଥାନରେ ବିଶ୍ୱପ୍ରାଣତା ଓ ସାର୍ବଜନୀନତା ସୃଷ୍ଟିକୁ ମଣିଷ ହୃଦୟର ନିକଟତମ କରେ ଓ ସାହିତ୍ୟ ଆନନ୍ଦଦାୟକ ହୁଏ । ତେଣୁ ସ୍ରଷ୍ଟାକୁ ନିଜର ଅହଂଭାବର ସିଂହାସନରୁ ଓହ୍ଲାଇ ଆସିବାକୁ ହେବ । ନିଜ ଚାରିପଟେ ନିଜ ଗଢ଼ା କାନ୍ଥ, ବାଡ, ପାଚେରୀକୁ ଭାଙ୍ଗିଦେଇ ସେ ସ୍ଥାନରେ ନିଜର ବ୍ୟକ୍ତିସତ୍ତା ଓ ସାର୍ବଜନୀନ ବ୍ୟକ୍ତିସତ୍ତା ମଧ୍ୟରେ ସଂପର୍କର ସେତୁ ବାନ୍ଧିବାକୁ ହେବ ।

ଲେଖକ ଯେତେବେଳେ ବ୍ୟକ୍ତିତ୍ୱର ସୀମା ଅତିକ୍ରମ କରି ସାର୍ବଜନୀନ ସତ୍ୟର ସନ୍ଧାନ କରେ, ସାହିତ୍ୟ ହୁଏ ମହିମାମୟ । ତା ନହେଲେ ଆଧୁନିକ ସାହିତ୍ୟ ମନସ୍ତାତ୍ତ୍ୱିକ ଗବେଷଣାଗାରରେ ଗବେଷଣାର ବସ୍ତୁ ହୋଇ ରହିବ । ଲେଖକର ବ୍ୟକ୍ତିତ୍ୱ— ଯୁଗର ବ୍ୟକ୍ତିତ୍ୱ ଏବଂ ଲେଖକର ସ୍ୱର— ଯୁଗ ଆତ୍ମାର ସ୍ୱର ହେବା ଦରକାର । ସ୍ଥାନ କାଳର ବାସ୍ତବତା ଓ ଘଟଣାର ସାମାଜିକ ସତ୍ୟତାହିଁ ସ୍ରଷ୍ଟା ମାନସକୁ ସାର୍ବଜନୀନ ଆତ୍ମସତ୍ତା ସହ ସାମିଲ କରେ ।

ଏସବୁ ସତ୍ତ୍ୱେ ବି ଅତ୍ୟାଧୁନିକ କାଳର ସାହିତ୍ୟରେ ନାରୀର ନାର୍ଯ୍ୟ ଅଧିକାର ଓ ସମ୍ମାନ ରକ୍ଷା ପ୍ରତି ଯେ ଦୃଷ୍ଟି ଦିଆଯାଇନାହିଁ ତାହା ନୁହେଁ । କଥାଶିଳ୍ପୀ କାହ୍ନୁଚରଣ, ଗୋପୀନାଥ, ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ ଆଚାର୍ଯ୍ୟ, ଚନ୍ଦ୍ର ଶେଖର ରଥ, ଜଗନ୍ନାଥ ପ୍ରସାଦ ଦାସ, ବୀଣାପାଣି ମହାନ୍ତି, ପ୍ରତିଭା ରାୟ, ବିଜୟିନୀ ଦାସ, ରାମଚନ୍ଦ୍ର ବେହେରା ଇତ୍ୟାଦି ଆହୁରି ଅନେକ ଲେଖକଙ୍କ ସୃଷ୍ଟିରେ ନାରୀର ସମସ୍ୟା ଓ ନାରୀର ଶକ୍ତିଶାଳୀ ବ୍ୟକ୍ତିତ୍ୱକୁ ବିଭିନ୍ନ ଭାବରେ, ନିଜସ୍ୱ ଶୈଳୀରେ ଚିତ୍ରିତ କରାଯାଇଛି । ସ୍ୱତନ୍ତ୍ର ଭାବରେ ସବୁଗୁଡ଼ିକୁ ଆଲୋଚନା କରିବା ଏଠାରେ ସମ୍ଭବ ନୁହେଁ ।

ସମାଜ ସଂସ୍କାର ଉଦ୍ଦେଶ୍ୟ ରଖି ସାହିତ୍ୟ ରଚନା କଲେ କଳାତ୍ମକ ଉତ୍କର୍ଷ ବାଧାପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ସାହିତ୍ୟ ପ୍ରଚାରର ପତ୍ରରେ ପରିଣତ

Digitized by srujanika@gmail.com

ହେବାର ଆଶଙ୍କା ରହିଛି ଏକଥା ସତ୍ୟ । କୁନ୍ତଳା କୁମାରୀଙ୍କର ଗଳ୍ପ ଉପନ୍ୟାସ ଗୁଡିକ ଏହିପରି ଦୋଷଯୁକ୍ତ । କିନ୍ତୁ ଜଣେ ସମାଜ ସଚେତନ ଶିଳ୍ପୀ ଯୁଗର ଯନ୍ତ୍ରଣା ଓ ଯୁଗର ବ୍ୟକ୍ତିତ୍ୱ ସହ ନିଜକୁ ସାମିଲ କରି ନେବାପରେ ସମାଜର ସମସ୍ୟା ସାହିତ୍ୟରେ ସ୍ୱତଃ ଫୁଟି ଉଠେ । ଜଣେ ମଣିଷର ଅନ୍ୟ ଜଣେ ମଣିଷ ପ୍ରତି ଆଗ୍ରହ ସୃଷ୍ଟି କରିବା ଦିଗରେ ଏବଂ ତା ଜୀବନ ସଂପର୍କରେ ପାଠକର ମନ ଉପରେ ପରୋକ୍ଷରେ ଏକ ସାର୍ଥକ ଛାପ ଅଙ୍କନ କରିବା ଦିଗରେ ଲେଖକ ଏଠାରେ ସଫଳ ହୁଏ ।

ସମାଜରେ ନାରୀ କି କି ସମସ୍ୟାର ସମ୍ମୁଖୀନ ହେଉଛି, କିଭଳି ଭାବରେ ବିଭିନ୍ନ କ୍ଷେତ୍ରରେ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତା ହେଉଛି, ଏସବୁ ନାରୀ ଜୀବନର ନିତିଦିନିଆ କଥା ହୋଇଥିବାରୁ ହୁଏତ ଜଣେ ଲେଖିକା ଅଧିକ ହୃଦୟଙ୍ଗମ କରିପାରିବ । ଏସବୁ ହୁଏତ ଲେଖିକାର ଅଙ୍ଗେ ନିଭେଇବା ଘଟଣା ହୋଇପାରେ । ତେଣୁ ନାରୀର ଯାତନା, ତାର କର୍ତ୍ତବ୍ୟ ଓ ଆଚରଣ ଏ କ୍ଷେତ୍ରରେ କ'ଣ ହେବ ଏବଂ ସେ କିପରି ତାର ଅଧିକାର ସାବ୍ୟସ୍ତ କରିପାରିବ ସେ କଥା ଜଣେ ଲେଖିକାର ସୃଷ୍ଟିରେ ଅଧିକ ସାର୍ବଜନୀନ ହେବା ସ୍ୱାଭାବିକ । ତାର ଅର୍ଥ ନୁହେଁ ଯେ, ନାରୀର ସମସ୍ୟା ପୁରୁଷର ଲେଖନୀରେ ଫୁଟିବ ନାହିଁ ବା ପୁରୁଷର ସମସ୍ୟା ଲେଖିକାର ଲେଖନୀରେ ଫୁଟିବ ନାହିଁ । ନାରୀର ସମସ୍ୟା କେବଳ ନାରୀର ସମସ୍ୟା ନୁହେଁ; ଏହା ପୁରୁଷ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି-କରେ । ଏ କ୍ଷେତ୍ରରେ ନାରୀ ହେଉ ବା ପୁରୁଷ ହେଉ, ସମସ୍ୟାଟି ହେଉଛି ସମାଜର । ସମାଜର ସମସ୍ୟାହିଁ ଲେଖକର ସମସ୍ୟା । ବରଂ ପୁରୁଷର ଲେଖନୀରେ ନାରୀର ବଳିଷ୍ଠ ଚିତ୍ର ଅଧିକ ପ୍ରାଂଜଳ ହେବାର ଦୃଷ୍ଟାନ୍ତ ରହିଛି । ସମାଜ ଓ ସାହିତ୍ୟ ପରସ୍ପରକୁ ଅନୁସରଣ କରୁଥିବା ଦୃଷ୍ଟିରୁ ସାହିତ୍ୟରେ ସାମାଜିକ ଅଙ୍ଗୀକାରର ନିଶ୍ଚୟ ରହିବ, ଫଳରେ ମାନବିକ ଅଧିକାର ସାବ୍ୟସ୍ତ ଦିଗରେ ସାହିତ୍ୟହିଁ ଚେତନାର ଦିଗନ୍ତକୁ ଆଲୋକିତ କରି ପାରିବାର ସମ୍ଭାବନା ରହିଛି ।

Digitized by srujanika@gmail.com

ନାରୀ ଜାତିର ସମ୍ମାନ ଓ ସ୍ୱାଧିକାର ରକ୍ଷା ଦିଗରେ ସାହିତ୍ୟର ଭୂମିକା

ଡଃ ମନୋରମା ମହାପାତ୍ର, (ବିଶ୍ୱାଳ)

ଶାସ୍ତ୍ରରେ ନାରୀକୁ ଶକ୍ତି, ଦେବୀ ଓ ଜନନୀ ବୋଲି କୁହାଯାଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ନାରୀର ସର୍ବତ୍ର ଓ ସର୍ବଦା ଏକ ଗୌଣ ସ୍ଥାନହିଁ ରହିଥିଲା । କେବଳ ପ୍ରାଚୀନ ଭାରତ ବର୍ଷରେ ନୁହେଁ; ତଥାକଥିତ ସଭ୍ୟ ଜଗତରେ ମଧ୍ୟ ନାରୀକୁ ପୁରୁଷ ସହିତ ସମକକ୍ଷ ବୋଲି କେବେ ସ୍ୱୀକାର କରାଯାଇ ନଥିଲା । ରାମାୟଣ ଓ ମହାଭାରତରେ ନାରୀ ହେଉଛି ପୁରୁଷର ଅନୁଗତା ଏବଂ ଅନୁଗାମିନୀ । ଦ୍ୟୁତ କ୍ରିଡ଼ାରେ ନିଜର ପତ୍ନୀକୁ ପୁରୁଷ ବାଜି ରଖିବାର ବିଶେଷ ଅଧିକାର ମଧ୍ୟ ଲାଭ କରିଥିଲା । ସେହି ଅଧିକାରକୁ ମାନବିକ ଦୃଷ୍ଟି କୋଣରୁ ବାଧା ଦେବାର ସାହସ ସେ କାଳରେ କୁଳବୃଦ୍ଧ ମାନଙ୍କର ମଧ୍ୟ ନଥିଲା ।

ଇତିହାସର ପୃଷ୍ଠା ଉନ୍ମୋଚନ କଲେ ଜଣାଯାଏ ଯେ ବିଭିନ୍ନ ଯୁଗରେ ଜଣେ ଜଣେ ନାରୀ ରାଜନୀତି ତଥା ସାମାଜିକ ପ୍ରତିଷ୍ଠା ଲାଭ କରି ପାରୁଥିଲେ ଏବଂ ଜ୍ଞାନାର୍ଜନ କ୍ଷେତ୍ରରେ ଆପଣାର ପରାକାଷ୍ଠା ଦେଖାଇଥିଲେ ମଧ୍ୟ ବୃହତ୍ତର ନାରୀଜାତି ଅବହେଳିତ ହୋଇ ରହିଥିଲା । ସମାଜରେ ଉପାର୍ଜନ ପ୍ରକ୍ରିୟାରେ ଭାରତୀୟ ଉଚ୍ଚ ଓ ମଧ୍ୟମ ବର୍ଗର ନାରୀମାନେ କୌଣସି ଭାଗ ନେଉ ନଥିଲେ । ତେଣୁ ସେମାନେ ଉପାର୍ଜନକ୍ଷମ ପୁରୁଷ ନିମନ୍ତେ ଭୋଗ ସାମଗ୍ରୀ ହୋଇ ରହିଥିଲେ । ଭାରତୀୟ ସମାଜରେ ପୁତ୍ର ସନ୍ତାନର ଜନ୍ମକୁ ମହା ଭାଗ୍ୟ ବୋଲି ଗଣା ହେଉଥିଲା ଏବଂ ସେହି କାରଣରୁ ସଦ୍ୟଜାତା କନ୍ୟାମାନଙ୍କୁ ନଦୀରେ ଫିଙ୍ଗି ଦେଇ ଆସିବା ପ୍ରାୟ ଏକ ସାମାଜିକ ରୀତି ହୋଇ ରହିଥିଲା । ଭାରତରେ ମୁସଲମାନ ରାଜତ୍ୱ ସମୟରେ ହିନ୍ଦୁ ସମାଜରେ ରହି ଆସିଥିବା ରକ୍ଷଣଶୀଳତା ଆହୁରି ଅଧିକ ରକ୍ଷଣଶୀଳ ହୋଇ ପଡ଼ିଥିଲା । କେତେକ ମାତୃ-ପ୍ରଧାନ ସମାଜକୁ ଛାଡ଼ିଦେଲେ ଭାରତୀୟ ପରିବାରରେ ଯବୁତୀର ପିଞ୍ଜରା ହିଁ କର୍ତ୍ତୃତ୍ୱ ରହିଥିଲା । ଏବେ ମଧ୍ୟ ଶିକ୍ଷାର ପ୍ରସାର ହେବାପରେ ଓ ଦେଶ

Digitized by srujanika@gmail.com

ରାଜନୀତିକ ସ୍ୱାଧୀନତା ଲାଭ କରିବାର ଏତେ ବର୍ଷ ପରେ ମଧ୍ୟ ଏଠାରେ ପିତୃପ୍ରଧାନ ଓ ମାତୃପ୍ରଧାନ ପରିବାର ମଧ୍ୟରେ ଏହି ପ୍ରଭେଦଟି ପରିଲକ୍ଷିତ ହୋଇଥାଏ ।

ନବଜାଗରଣ ଯୁଗରେ ଭାରତବର୍ଷରେ ବହୁ ମନୀଷୀଙ୍କର ଆବିର୍ଭାବ ହୋଇଥିଲା । ସେମାନେ ସମସ୍ତେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ସଂଘାତ ଓ ସମନ୍ୱୟରୁହିଁ ସମ୍ଭୂତ ହୋଇଥିଲେ । ଏମାନଙ୍କ ମଧ୍ୟରୁ ରାଜା ରାମମୋହନ ରାୟଙ୍କ ପରି କେତେଜଣ ଇଂରେଜମାନଙ୍କ ମାଧ୍ୟମରେ ଇଉରୋପୀୟ ସଂସ୍କୃତିର ଏହି ସଂକ୍ରମଣକୁ ଭଗବାନଙ୍କର ଏକ ସଦୟ ବରଦାନ ବୋଲି ଗ୍ରହଣ କରିଥିଲେ ଏହି ମନୀଷୀମାନେ ଧର୍ମର ନୂତନ ସମୀକ୍ଷା କରିଥିଲେ । ଶିକ୍ଷା କ୍ଷେତ୍ରରେ ନୂତନ ନେତୃତ୍ୱ ଦେଇଥିଲେ । ଦୁଇ ସଂସ୍କୃତିର ଏହି ସଂଘାତ ଦ୍ୱାରା ଭାରତବର୍ଷ ଯେଉଁ ଅଭ୍ୟୁଦୟ ଦ୍ୱାରା ସମୃଦ୍ଧ ହେଲା, କବି ରବୀନ୍ଦ୍ରନାଥ, ମହାତ୍ମାଗାନ୍ଧୀ, ସ୍ୱାମୀ ବିବେକାନନ୍ଦ ଓ ଅରବିନ୍ଦଙ୍କୁ ଆମେ ତାହାର ଗୋଟିଏ ଗୋଟିଏ ସର୍ବଶ୍ରେଷ୍ଠ ସଂଘଠନ ବୋଲି କହିବା । ରବୀନ୍ଦ୍ର ନାଥ ଓ ଅରବିନ୍ଦ ଝିଡି ଶୈଶବରୁ ୟୁରୋପ ଯାଇଥିଲେ ଓ ସେଠାରେ ଶିକ୍ଷା ଲାଭ କରିଥିଲେ । ମହାତ୍ମାଗାନ୍ଧୀ ଏବଂ ସ୍ୱାମୀ ବିବେକାନନ୍ଦ ମଧ୍ୟ ଆମେରିକା ୟୁରୋପ ଯାତ୍ରା କରିଥିଲେ । ଆପଣାର ଜୀବନ ଦୃଷ୍ଟିରେ କେହି ରକ୍ଷଣଶୀଳ ନଥିଲେ ଓ ଭାରତବର୍ଷରେ ବହୁ ନୂତନ ପ୍ରବର୍ତ୍ତନର ପୁରୋଧା ପରି କାର୍ଯ୍ୟ କରିଥିଲେ । ସମାଜକୁ ଏବଂ ସମାଜରେ ବାସ କରୁଥିବା ମନୁଷ୍ୟକୁ ଏକ ନୂତନ ଅଭିଦା ଦେଇ ଦେଖିବାର ଏହି ଯୁଗ ଆନ୍ଦୋଳନ ନାରୀ ପ୍ରତି ଭାତବର୍ଷରେ ପୁରୁଷର ରହି ଆସିଥିବା ପାରମ୍ପରିକ ଦୃଷ୍ଟିରେ ମଧ୍ୟ ଚୁମୂଳ ପରିବର୍ତ୍ତନମାନ ସମ୍ଭବ କରି ଆଣିଥିଲା । ରାଜା ରାମମୋହନ ସତୀଦାହ ପ୍ରଥାର ଆଇନଗତ ନିଷେଧ ପ୍ରବର୍ତ୍ତନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବିଧବା ବିବାହର ପ୍ରବର୍ତ୍ତନ ଲାଗି ପ୍ରାୟ ଏକ ଆନ୍ଦୋଳନର ପୁରୋଧା ହୋଇଥିଲେ । ମହାରାଷ୍ଟ୍ର ସମେତ ଆମ ଦେଶର ଅନ୍ୟାନ୍ୟ ଭାଗରେ ବାଲ୍ୟ ବିବାହ ବିରୋଧରେ ପ୍ରବଳ ଜନମତ ଜାଗ୍ରତ କରାଯାଇଥିଲା । ନାରୀକୁ ଏକ ଶକ୍ତି ରୂପେ କଳ୍ପନା କରାଗଲା ଓ ତଦନୁଯାୟୀ ନବଜାଗରଣର ମନୀଷୀମାନେ ନାରୀ ମଧ୍ୟରେ ଥିବା ଅନ୍ତର୍ନିହିତ ସାମର୍ଥ୍ୟ ତଥା ସମ୍ଭାବନା ଗୁଡ଼ିକୁ ଉଦ୍‌ଘାଟିତ କରିବାରେ ସାହାଯ୍ୟ କଲେ ।

ବିଶ୍ୱକବି ରବୀନ୍ଦ୍ରନାଥ ଆପଣାର କବିତା ଓ ପ୍ରବନ୍ଧ ଗୁଡ଼ିକରେ ନାରୀର ଏକ ଉଜ୍ଜ୍ୱଳ ଚିତ୍ର ଅଙ୍କନ କରିଛନ୍ତି । ନାରୀ ଯେ ନିଜର ଶକ୍ତିସାମର୍ଥ୍ୟ ଉପରେ

Digitized by srujanika@gmail.com

ଆଘାତରଣି କଦାପି ଛିନ୍ନ ହୋଇ ପାରିବ ନାହିଁ । ସମସାମୟିକ ସେହି ପୁରାତନ ବିଶ୍ୱାସଟିକୁ ରବୀନ୍ଦ୍ରନାଥ କବିତାର ଆବେଦନ ଦେଇ ଆମ ଆଗରେ ଉତ୍ତୋଳିତ କରି ଧରିଛନ୍ତି ଏବଂ ଭାରତୀୟ ପୁରୁଷାର୍ଥକୁ ସତେ ଅବା ଧିକ୍କାର ଦେଇଛନ୍ତି । ନାରୀ ଶକ୍ତି ଏକ ଅସାମାନ୍ୟ ଶକ୍ତି । ସେହି ଶକ୍ତି ବିଶ୍ୱବିଜୟ କରିପାରେ ପ୍ରାଚୀନ ଭାରତୀୟ ତତ୍ତ୍ୱକାରମାନେ ନାରୀକୁ ଅବଳା ବୋଲି କହିଥିଲେ ରବୀନ୍ଦ୍ରନାଥଙ୍କ ନାରୀ ଅବଳା ନୁହେଁ; ନାରୀର କୋମଳତା ସେଠାରେ ଦୁର୍ବଳତା ନୁହେଁ । ରବୀନ୍ଦ୍ରନାଥଙ୍କ କଳ୍ପନାକୁ ନେଇ ଗଠିତ ହୋଇଥିବା ଶାନ୍ତିନିକେତନରେ ନାରୀ ପୁରୁଷର କୌଣସି ତାରତମ୍ୟ ନାହିଁ । ପୁଅ ଝିଅ ଏକାଠି ଜ୍ଞାନାର୍ଜନ କଲେ । ବିଦ୍ୟାଳୟର ଯାବତୀୟ କାର୍ଯ୍ୟକ୍ରମ ଦୁହିଁଙ୍କୁ ଏକାଠି କରି ଚାଲିଲା । ନାରୀ ପୁରୁଷର ଆଖିରେ ଯେ କେବଳ ରକ୍ତ ମାଂସର କଣ୍ଢେଇଟିଏ ପରି ଆଦୌ ଦିଶିବ ନାହିଁ ଓ ପୁରୁଷ ମଧ୍ୟ ନାରୀର ଆଖିକୁ ଭୟ ଉଦ୍ରେକକାରୀ ଆଦୌ କୌଣସି କାରଣ ହୋଇ ରହିବ ନାହିଁ; ଶାନ୍ତିନିକେତନର ଆଦର୍ଶ ସେହି ସତ୍ୟକୁ ପ୍ରମାଣ କରି ଦେଖାଇ ଦେଲା ।

ବିଭିନ୍ନ ସଭ୍ୟତା ଓ ସମାଜରେ ନାରୀର ସ୍ଥାନ ନିରୂପଣ କରିବାକୁ ଯାଇ ଶ୍ରୀଅରବିନ୍ଦ ସଂସାର ତ୍ୟାଗୀମାନେ ଘୃଣା କରୁଥିଲେ ବୋଲି କହିଛନ୍ତି । ଶ୍ରୀଅରବିନ୍ଦଙ୍କ ଅନୁମାନ ଅନୁସାରେ, ଜଣେ ପୁରୁଷ ଭିତରେ ଯେତେବେଳେ ମନୁଷ୍ୟ ଅଂଶ ଅପେକ୍ଷା ପଶୁ ଅଂଶଟି ଅପେକ୍ଷାକୃତ ଅଧିକ ପରିମାଣରେ ରହିଥାଏ, ସେତିକିବେଳେ ପୁରୁଷ ନାରୀ ପାଖରେ ପ୍ରଚଣ୍ଡତା ଦେଖାଏ, ନାରୀକୁ ନିଜର ଅଧୀନ କରିରଖେ, ନାରୀ ଉପରେ ଅଧିପତି ହୋଇ ରହିଥାଏ । ଉପଦ୍ରବୀ ସମାଜରେ ଯୁଗେ ଯୁଗେ ନାରୀକୁ ପୁରୁଷ ନିଜର ସଂପତ୍ତି ପରି ଦେଖି-ଆସିଛି । ଅରବିନ୍ଦ ଅନୁମାନ କରନ୍ତି ଯେ ଭାରତବର୍ଷରେ ସାଂଖ୍ୟ ଦର୍ଶନର ବ୍ୟାଖ୍ୟା ଫଳରେ ସମ୍ଭବତଃ ପ୍ରଥମ କରି ନାରୀକୁ ପୁରୁଷ ପ୍ରଧାନ ସମାଜ ସତେ ଅବା ଏକ ନ୍ୟୂନତର ଜୀବ ବୋଲି ଦେଖିବାକୁ ଆରମ୍ଭ କଲା ।

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ମହାତ୍ମାଗାନ୍ଧୀଙ୍କର ସତ୍ୟାଗ୍ରହ ଆନ୍ଦୋଳନ ଭାରତୀୟ ନାରୀକୁହିଁ ସତେ ଅବା ଏକ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ କରାଇ ଆଣିଥିଲା । ଜଣେ ସାଧାରଣ ନାରୀ ଭିତରେ ଏକ ଅଫୁରନ୍ତ ଶକ୍ତି ଯେ ଠୁଳ ହୋଇ ରହିଛି ଓ ଉପଯୁକ୍ତ ଆହ୍ୱାନ ପାଇ ପାରିଲେ ସେମାନେ ସେହି ଶକ୍ତିର ପରିଚୟ ଦେଇ ପାରିବେ, ଏହା ଆମ ସ୍ୱାଧୀନତା ସଂଗ୍ରାମ ଉଦ୍‌ଘାଟନ କରି ପାରିଥିଲା । ସ୍ୱାଧୀନତା ଆନ୍ଦୋଳନରେ ଯେ କେବଳ ସରୋଜିନୀ ନାଇଡୁଙ୍କ

Digitized by srujanika@gmail.com

ପରି ଉଚ୍ଚଶିକ୍ଷିତା ନାରୀମାନେ ବାହାରି ଆସି ନଥିଲେ, ମା ରମା ଦେବୀଙ୍କ ପରି ଗାଁ ଗହଳର ବହୁମାନେ ମଧ୍ୟ ଆସିଥିଲେ, ଗାନ୍ଧିଜୀଙ୍କ ସମାଜ ପରିବର୍ତ୍ତନମୂଳକ ଯାବତୀୟ କାର୍ଯ୍ୟକ୍ରମରେ ମଧ୍ୟ ନାରୀମାନେ ମୁଖ୍ୟ ଅଂଶ ଗ୍ରହଣ କରିଛନ୍ତି । ଏବେ ମଧ୍ୟ କରୁଛନ୍ତି । ଗାନ୍ଧୀ ଅନେକ ସମୟରେ କହୁଥିଲେ ଯେ ତାଙ୍କ ଭିତରେ ନାରୀଟିଏ ରହିଛି; ଯିଏକି ତାଙ୍କୁ ଅହିଂସା ସଂଗ୍ରାମ ମାର୍ଗରେ ବିଶେଷ ଭାବରେ ଉଦ୍‌ବୁଦ୍ଧ କରିଛି, ମାର୍ଗ ଦେଖାଇଛି ଏବଂ ମନରେ ଅପୂର୍ବ ବିଶ୍ୱାସ ଯୋଗାଇଛି । ପୁରୁଷ ଭିତରେ ଯେପରି ନାରୀଟିଏ ରହିଛି; ସେହିପରି ନାରୀ ଭିତରେ ମଧ୍ୟ ପୁରୁଷଟିଏ ରହିଥିବ । ତେଣୁ ନାରୀ ଆନ୍ଦୋଳନ ବା ନାରୀ ଜାଗରଣରେ ନାରୀ ପୁରୁଷକୁ ଆଉ ଅନୁକରଣ କରିବ ନାହିଁ । ପୁରୁଷଠାରୁ ବୁଦ୍ଧି ବିବେକ, ମାନସିକ କ୍ଷମତା ତଥା ଆଧ୍ୟାତ୍ମିକ ଯୋଗ୍ୟତା ପ୍ରଭୃତି କ୍ଷେତ୍ରରେ କୌଣସି ଅଂଶରେ ନାରୀ କମ୍ ନୁହେଁ, ବରଂ ସହନଶୀଳତା, ଦୟା, ଆନୁଗତ୍ୟ ପ୍ରଭୃତି ବହୁ ମାନବୀୟ କୋମଳତା କ୍ଷେତ୍ରରେ ପୁରୁଷଠାରୁ ନାରୀ ଉର୍ଦ୍ଧ୍ୱରେ । ତେଣୁ ଏପରିସ୍ଥିତିରେ ପୁରାତନ ତଥା ପ୍ରଚଳିତ ସାମାଜିକ ରୀତିନୀତି ବିରୁଦ୍ଧରେ ସଂଗ୍ରାମ କରି ନାରୀମାନଙ୍କର ନ୍ୟାର୍ଯ୍ୟ ସ୍ୱାଧୀକାର ସାବ୍ୟସ୍ତ କରିବା ପାଇଁ ନୂତନ ଦୀଗନ୍ତ ସୃଷ୍ଟି କରିବା ଦିଗରେ ଲେଖକମାନେ ସଚେତନ ହେବା ଅତ୍ୟନ୍ତ ଆବଶ୍ୟକ, କାରଣ ନାରୀମାନଙ୍କର ମାନସିକଯନ୍ତ୍ରଣା, ଦୁଃଖ ଏବଂ ଅସହାୟତାକୁ କେବଳ ସାହିତ୍ୟହିଁ ଧରିରଖିବାକୁ ସକ୍ଷମ ହୋଇଥାଏ । ସାହିତ୍ୟ ମଣିଷର ବେଦନାନୁଭୂତିକ ପରିସ୍ଫୁଟ କରିବାରେ ସାର୍ବଜନୀନତା ସୃଷ୍ଟି କରିପାରେ । ଆଇନର ଆଶ୍ରୟ ନେଇ ନାରୀମାନଙ୍କର ସମ୍ମାନ ଓ ସ୍ୱାଧିକାରର ସୁରକ୍ଷା ସମ୍ଭବ ନୁହେଁ । ଅନେକ ସମୟରେ ଆଇନ ମଧ୍ୟ ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀ ବିରୁଦ୍ଧରେ ଯାଏ । ଆମ ସମାଜର ପତିତା ନାରୀମାନଙ୍କର ଅମାନୁଷିକ ଯନ୍ତ୍ରଣାକୁ କେବଳ ଲେଖକମାନେହିଁ ତାଙ୍କ ଲେଖନୀରେ ଜୀବନ୍ୟାସ ଦେଇ ପାରିବେ ।

ନାରୀ ଜାତିର ସମ୍ମାନ ଓ ସ୍ୱାଧୀକାର ତାର ଅର୍ଥନୈତିକ ସ୍ୱାଧୀନତା ଓ ଉତ୍ପାଦନଶୀଳତା ଉପରେ ଅନେକ ସମୟରେ ନିର୍ଭର କରିଥାଏ । କାରଣ ଅର୍ଥନୈତିକ ସ୍ୱାଧୀନତା ନ ଥିଲେ ସେ କ୍ରୀତଦାସୀ ପରି ରହିବାକୁ ବାଧ୍ୟ ହୋଇଥାଏ । ଏ ସଂପର୍କରେ ଆମ ଦେଶରେ ଆଇନ ହୋଇଥିଲେ ମଧ୍ୟ ବହୁ ପରିବାର ସେମାନଙ୍କ ଝିଅକୁ ସଂପତ୍ତିର ଯଥାଯଥ ଅଂଶ ଦେବାପାଇଁ ନାରାଜ । ଫଳରେ ଯୌତୁକ ପ୍ରଥା ଭୟାବହ ଭାବରେ ଦେଖା ଦେଇଛି । ବଧୂ ନିର୍ଯ୍ୟାତନା ମଧ୍ୟ ଏହାର ଏକ ବିଷମୟ ଫଳ । ଏ ବିଷୟରେ ଚେତନା ଜାଗ୍ରତ କରାଇବା ପାଇଁ ଲେଖକମାନେ ଅଗ୍ରଣୀ ହେବା ବାଞ୍ଛନୀୟ । ବିଶେଷତଃ ଏ କ୍ଷେତ୍ରରେ

Digitized by srujanika@gmail.com

ନାରୀ ଲେଖିକାର ଭୂମିକା ବହୁତ ବେଶୀ ଗୁରୁତ୍ୱପୂର୍ଣ୍ଣ । ଭାରତ ତଥା ଓଡିଶାର ନାରୀ ଲେଖିକାମାନେ ଏ ବିଷୟରେ ଯେ କିଛି ଦିଗ୍‌ଦର୍ଶନ ଦେଇ ପାରିଛନ୍ତି; ତାହା ନିଃସନ୍ଦେହରେ କୁହାଯାଇପାରେ ।

ନାରୀ ପୁରୁଷ ଭିତରେ ସ୍ୱାଧୀକାର ଓ ସମ୍ମାନ କ୍ଷେତ୍ରରେ କୌଣସି ପ୍ରଭେଦ ଦେଖାଦେବା ଅନୁଚିତ । ବରଂ ସେମାନେ ମାତୃଜାତିର ତଥା ପରିବାରର ମହାନ ଦାୟିତ୍ୱ ସ୍ୱରୂପ ରୂପେ ତୁଲାଈ ଥିବାରୁ ସେମାନଙ୍କର ସାମାଜିକ ମର୍ଯ୍ୟାଦା ଓ ସ୍ଥିତି ଆଉ ଟିକିଏ ଉଚ୍ଚତର ହେବା ଉଚିତ । ଏହି ବିଶିଷ୍ଟ ଆଦର୍ଶଗତ ମାନବୀୟ ପ୍ରେରଣା ଯୋଗୁଁ ଲେଖକଠାରେ ଦୁର୍ଦ୍ଦମନୀୟ ନିର୍ଭୀକତା ଗଢି ଉଠିବ ଓ ସତ୍ୟାନ୍ୱେଷଣ ଲାଗି ଗଭୀର ଜିଜ୍ଞାସା ସୃଷ୍ଟି ହେବ ।।।

•

Digitized by srujanika@gmail.com

ଓଡ଼ିଆ ନାଟକରେ ନାରୀ ଚରିତ୍ରର ସ୍ୱରୂପ

ଡଃ ସଂଘମିତ୍ରା ମିଶ୍ର

ନାରୀ ଚରିତ୍ର ହିଁ ନାଟକୀୟ ଚରିତ୍ର । ଜୀବନ ଯଦି ଏକ ମହାନାଟକ ହୁଏ ତହିଁରେ ସର୍ବାଧିକ ଭୂମିକାରେ ଅବତୀର୍ଣ୍ଣା ହୁଏ ନାରୀ କାରଣ ତାର ଗତିଶୀଳତା ଅଧିକ । ଗ୍ରହଣକ୍ଷମତା ତଥା ଅନୁଭୂତି ବଣ୍ଟନର କ୍ଷମତା ମଧ୍ୟ ଅଧିକ । ମାନବର ସମସ୍ତ କୋମଳ ଅନୁଭୂତିଗୁଡିକ ସ୍ତ୍ରୀଲିଙ୍ଗବାଚକ ଶବ୍ଦ । ସୃଷ୍ଟିର ପୂର୍ଣ୍ଣତା ତଥା ପ୍ରଗଳମାନତା ପାଇଁ ପୁରୁଷ ଓ ନାରୀ ଉଭୟଙ୍କର ସାହଚର୍ଯ୍ୟ ଆବଶ୍ୟକ ।

ସାହିତ୍ୟ ସମାଜର ପ୍ରତିବିମ୍ବ, ନାଟକରେ ଏହି ପ୍ରତିବିମ୍ବ ସବୁଠାରୁ ବେଶି ସ୍ୱଚ୍ଛ କାରଣ ନାଟକ ଚଳବୁଲ କରୁଥିବା ଓ କଥା କହୁଥିବା ସାହିତ୍ୟ, ଏହି ଚରିତ୍ରମାନେ ଜୀବନ୍ତ ହୋଇଥିବାରୁ ପ୍ରଭାବଶାଳୀ । ବିଭିନ୍ନ ଚରିତ୍ରମାନଙ୍କର ଏକତ୍ର ସମାବେଶ ତଥା ଏକ ଆଦିମଧ୍ୟ ଅନ୍ତ ସମନ୍ୱିତ ସନ୍ନଦ୍ଧ କଥାବସ୍ତୁକୁ ନେଇ ନାଟକ ଗଢିଉଠେ । ଗୋଟିଏ ସମୟର, ଗୋଟିଏ ସମାଜର ପ୍ରତିଭୂ ଭାବରେ ନାଟ୍ୟକାର ନିଜର ଅନୁଭୂତି ଓ ଅଭିଜ୍ଞତା ସହିତ କଳାପ୍ରାଣତାକୁ ଏକୀଭୂତ କରି ନାଟକ ସୃଷ୍ଟି କରିଥାଏ । ତେଣୁ ସମାଜତତ୍ତ୍ୱ ଦୃଷ୍ଟିରୁ ବିଭିନ୍ନ ଅର୍ଥନୀତିକ, ରାଜନୀତିକ ତଥା ସାମାଜିକ ବିଧିବ୍ୟବସ୍ଥାର ପ୍ରତିନିଧିତ୍ୱ କରୁଥିବା ଚରିତ୍ର ନାଟକରେ ପରିଲକ୍ଷିତ ହୁଏ ।

ନାରୀ ଯୁଗେ ଯୁଗେ ବନ୍ଦନୀୟା । ପୁରାଣର ଦଶରଥ କୈକେୟୀ ଓ ଅର୍ଜୁନ ସୁଭଦ୍ରା ପ୍ରସଙ୍ଗରେ ଆମେ ଅସ୍ତ୍ରଧାରିଣୀ ବୀରାଙ୍ଗନାଙ୍କ ସ୍ୱରୂପ ଦେଖୁ । ବଶିଷ୍ଠ ପତ୍ନୀ ଅରୁନ୍ଧତୀ ଓ ଅତ୍ରି ଗୃହିଣୀ ଅନସୂୟା ଏହି ଦୁଇଟି ଚରିତ୍ର ନିଜ ସ୍ୱଚରିତ୍ରିକ ବୈଶିଷ୍ଟ୍ୟ ନେଇ ଆମ ପରଂପରାକୁ ଆଲୋକିତ କରୁଛନ୍ତି । ବେଦ ମନ୍ତ୍ରଦ୍ରଷ୍ଟା ଋଷି ଭାବରେ ଗାର୍ଗୀ, ମୈତ୍ରେୟୀ, ଅପାଲା, ବିଶ୍ୱବାରା ପ୍ରଭୃତି ଥିଲେ ଅନନ୍ୟା । ପ୍ରାଚୀନ ଭାରତର ଇତିହାସରେ ନାରୀର ଗୌରବ ତଥା ମର୍ଯ୍ୟାଦା ଥିଲା ଅବିସମ୍ବାଦିତ । ମେଗାସ୍ଥିନିସ୍‌ଙ୍କର ଭାରତ ବିବରଣୀରୁ ଜଣାଯାଏ ଯେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ରାଜସଭାରେ ଅସ୍ତ୍ରଧାରିଣୀ ମହିଳାମାନେ ପ୍ରହରୀ ଭାବରେ ନିଯୁକ୍ତ ଥିଲେ । ପାତଞ୍ଜଳିଙ୍କର 'ମହାଭାଷ୍ୟ' ରେ ଅଶ୍ୱାରୋହିଣୀ ଦୂତଚରଙ୍କର ବର୍ଣ୍ଣନା ରହିଛି । ସୀତା, ସାବିତ୍ରୀ, ଦମୟନ୍ତୀ ଚରିତ୍ର ଆଜି ମଧ୍ୟ ଅନନ୍ୟ ।

Digitized by srujanika@gmail.com

ଏ ସମସ୍ତ ବୈଶିଷ୍ଟ୍ୟ ଶବ୍ଦେ ପୁରୁଷଶାସିତ ସମାଜରେ ନାରୀକୁ ଯଥେଷ୍ଟ ସମ୍ମାନ ମିଳୁ ନଥିଲା । ସମସ୍ତ ସାମାଜିକ ନିୟମ ପୁରୁଷ କର୍ତ୍ତୃକ ସୃଷ୍ଟି ହୋଇଥିଲା । ଗୋଟିଏ ନିୟମ ନାରୀର ଶାସ୍ତିବିଧାନ କରିବା ସମୟରେ ଅନୁରୂପ ନିୟମ ବଳରେ ପୁରୁଷ ଦୋଷମୁକ୍ତ ହେଉଥିଲା । ଊନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ସତୀଦାହ, ବାଲ୍ୟ ବିବାହ, ପରଦାପ୍ରଥା, ଜାତିପ୍ରଥା ପ୍ରଭୃତି ଭାରତୀୟ ଜନତାଙ୍କୁ ସ୍ତବ୍ଧ କରି ରଖିଥିଲା । ୧୯ଶ ଶତକର ଶେଷ ପାଦରେ ଅନେକ ସମାଜ ସଂସ୍କାରକ ନାରୀ ଜାତିର ସର୍ବାଙ୍ଗୀନ ଉନ୍ନତି ପାଇଁ ଜୀବନ ପଣ କରିଥିଲେ । ସେମାନେ ହେଲେ ରାଜା ରାମମୋହନ ରାୟ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଜଷ୍ଟିସ୍ ରାନାଡେ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ପ୍ରଭୃତି । ଜାତିର ଜନକ ମହାତ୍ମା ଗାନ୍ଧି ମଧ୍ୟ ନାରୀଶିକ୍ଷା ଓ ନାରୀ ପ୍ରଗତି ସଂପର୍କରେ ଉଦାର ମତ ପୋଷଣ କରିଛନ୍ତି । ଗୋଟିଏ କଥାରେ କହିଲେ ଯଥେଷ୍ଟ ହେବ ଯେ ନାରୀ ସମାଜର ସର୍ବାଙ୍ଗୀନ ଉନ୍ନତିର ଚିନ୍ତା ପ୍ରଥମେ ବିପ୍ଳବଶୀଳ ଯୁଗପୁରୁଷମାନେ ହିଁ କରିଛନ୍ତି ।

ନାରୀଶିକ୍ଷା ଓ ନାରୀ ସ୍ୱାଧୀନତା ପାଇଁ ନାନାବିଧ ପ୍ରଚେଷ୍ଟା ଜାରି ରହିଛି । ତଥାପି ବିଂଶ ଶତାବ୍ଦୀର ଶେଷ ଦଶକରେ ମଧ୍ୟ ଦେଖା ଯାଇଛି ଯେ ନାରୀ କେବଳ ଅର୍ଥନୀତି ଦୃଷ୍ଟିରୁ କିଛି ସ୍ୱାଧୀନତା ପାଇଛି କିନ୍ତୁ ତାର ସାମାଜିକ ବ୍ୟକ୍ତିଗତ ଓ ପାରିବାରିକ ଜୀବନ ମଧ୍ୟ ଏହି ଅର୍ଥନୀତିର ଯୂପକାଠରେ ବଳି ପଡ଼ିଯାଉଛି, ସମାଜରେ ନିତିପ୍ରତି ଆତ୍ମହତ୍ୟା କରିବାକୁ ନାରୀକୁ ବାଧ୍ୟ କରାଯାଇଛି । ଯେଉଁମାନେ ବଂଚି ରହୁଛନ୍ତି ସେମାନେ ମୃତ୍ୟୁ ଓ ଜୀବନ ସହିତ ସାଲିସ କରିଚାଲିଛନ୍ତି । ଏହି ଦୁଃସ୍ଥିତି ଭିତରେ ନାରୀ କେଉଁଠି ପାରଂପରିକ ମୂଲ୍ୟବୋଧକୁ ବିସର୍ଜନ ଦେଇଛି ତ କେଉଁଠି ମୂଲ୍ୟବୋଧକୁ ଜାବୁଡ଼ି ଧରି ନିଃସଙ୍ଗ ପାଲଟି ଯାଉଛି, କେଉଁଠି ଭୋଗଲାଳସା ତାର ଗତି ନିର୍ଦ୍ଧାରଣ କରୁଛି ତ କେଉଁଠି ତ୍ୟାଗର ପୀଠିକା ଉପରେ ବସାଇ ତାକୁ ଅନ୍ତଃସାରଶୂନ୍ୟ କରିଦିଆଯାଉଛି, ଓଡ଼ିଆ ନାଟକ କ୍ଷେତ୍ରରେ ଏହିଭଳି ଅଗଣିତ ନାରୀ ଚରିତ୍ର ଦୃଷ୍ଟିଗୋଚର ହୁଅନ୍ତି ।

ଏଠାରେ ଗୋଟିଏ କଥା କହିବା ଅପ୍ରାସଂଗିକ ନୁହେଁ ଯେ ଓଡ଼ିଶାରେ ନାରୀ ନାଟ୍ୟକାର ନାହାନ୍ତି କହିଲେ ଚଳେ । ଏହାର ବହୁବିଧ କାରଣ ମଧ୍ୟରୁ କେତେକ ହେଉଛି ଯେ ନାଟକର ମଞ୍ଚାୟନ ପାଇଁ ଆଗ୍ରହର ଅଭାବ, ନିର୍ଦ୍ଦେଶକ ଅଭିନେତା ଅଭିନେତ୍ରୀଙ୍କ ସହିତ ଯୋଗାଯୋଗ ରଖିବାର ଦୂରୂହତା ତଥା ନାଟକଟି ନିର୍ଦ୍ଦେଶକଙ୍କ ହାତରେ ଦେଇ ନିଜେ ଅନାସକ୍ତ ଭାବରେ ରହିବାର

Digitized by srujanika@gmail.com

ମାନସିକତାର ଅଭାବ, ତଥାପି ପାରଂପରିକ ମଞ୍ଚରେ ନାଟ୍ୟକାର ଅଭିନେତା ନିର୍ଦ୍ଦେଶକ ବ୍ୟୋମକେଶ ତ୍ରିପାଠୀଙ୍କ ପତ୍ନୀ କନକପ୍ରଭା ତ୍ରିପାଠୀଙ୍କର ୨ଟି ନାଟକ କୁଳଚନ୍ଦ୍ରମା ଓ ପାଷାଣତାର୍ଥ ମଞ୍ଚସ୍ଥ ହୋଇଥିଲା । ସଂପ୍ରତି ବୀଣାପଦବୀ, ସୁଧାଂଶୁବାଳା ପଣ୍ଡା, ବୀଣାପାଣି ମହାନ୍ତି, ଅର୍ଚ୍ଚନା ନାୟକ ପ୍ରଭୃତି ନାରୀ ନାଟକ ରଚନାରେ ହାତ ଦେଇଛନ୍ତି । ଏତଦ୍‌ବ୍ୟତୀତ ବସନ୍ତ କୁମାରୀ ପଟ୍ଟନାୟକ, ବୀଣାପାଣି ମହାନ୍ତି, ପ୍ରତିଭାରାୟ, ଗାୟତ୍ରୀବସୁ ମଲ୍ଲିକ, ସୁକାମିନୀ ନନ୍ଦ, ନନ୍ଦିନୀ ଶତପଥୀ, ଶକୁନ୍ତଳା ପଣ୍ଡା, ଜୟନ୍ତୀ ରଥ, ବୀଣା ମହାପାତ୍ର, କୁନ୍ତଳା ଆଚାର୍ଯ୍ୟ ପ୍ରଭୃତି ଲେଖିକାମାନଙ୍କର ଗଳ୍ପ ଓ ଉପନ୍ୟାସକୁ ନାଟ୍ୟରୂପ ଦିଆଯାଇଛି ଓ ଅଭିନୀତ ହୋଇ ସେହି ନାଟକଗୁଡିକ ବେଶ ଆଦୃତ ମଧ୍ୟ ହୋଇଛି, କିନ୍ତୁ ଆମେ ମୁଖ୍ୟତଃ ଯେଉଁ ନାଟକଗୁଡିକୁ ଆଲୋଚନାର ପର୍ଯ୍ୟାୟଭୁକ୍ତ କରିବା ସେ ଗୁଡିକ ପୁରୁଷମାନଙ୍କ ଦ୍ୱାରା ରଚିତ । ତେବେ ସର୍ଜନଶକ୍ତ ତ ନାରୀ ବା ପୁରୁଷ ନୁହେଁ, ତାହା ଏକ ଅନୁଭବ । ତେଣୁ ନାଟ୍ୟକାରମାନେ ନାରୀକୁ ଯେଉଁ ଭଳି ଚିତ୍ରଣ କରିଛନ୍ତି ତାହାହିଁ ଆମର ଆଲୋଚ୍ୟ ।

ସାଧାରଣତଃ ନାରୀ କହିଲେ ଆମେ ବୁଝୁ ସେ ପରିବାର ପାଇଁ ନିବେଦିତା, ସହିଷ୍ଣୁ କ୍ଷମାଶୀଳା, କଲ୍ୟାଣୀକା ତଥା ସ୍ନେହମୟୀ ଏ ସଂପର୍କରେ ପ୍ରମିଳା କଲ୍ପଣ କୁହନ୍ତି— **The ideal picture of a woman was one of an uncomplaing wife, serving her husband and his family and sacrificing herself for them. She was otherwise no separate entity. (India since Independance.)**

ଓଡ଼ିଆ ଲୋକନାଟକରେ ନାରୀ ଚରିତ୍ରଗୁଡିକ ପ୍ରାୟ ପୌରାଣିକ ଚରିତ୍ର । ତହିଁରେ ପରଂପରା ସହିତ ଅଲୌକିକତାର ସମନ୍ୱୟ ଘଟିଛି । ଧର୍ମ ନିରପରାଧକୁ ରକ୍ଷା କରୁଛି ଓ ଖଳ ଚରିତ୍ର ନାୟିକା ନିକଟରେ ନିଜର ତ୍ରୁଟି ସ୍ୱୀକାର କରୁଛି । ମନ୍ଥରା ବା କୈକେୟୀ ଭଳି ଖଳ ନାୟିକାଗଣ ବାରମ୍ବାର ଅନ୍ୟମାନଙ୍କଦ୍ୱାରା ଉପହସିତ ହେଉଛନ୍ତି, ବାବାଜୀଠାରୁ ପ୍ରାୟ କାଳୀଚରଣଙ୍କ ପର୍ଯ୍ୟନ୍ତ ନାଟକରେ ନାରୀ କନ୍ୟା, ପତ୍ନୀ, ମାତା, ବିମାତା, ପ୍ରେମିକା ଓ ଭଗିନୀ ଭାବରେ ସ୍ୱୀକୃତ, କାଳିଚରଣଙ୍କର 'ଅଭିଯାନ'ରେ ପଦ୍ମାବତୀ ଚରିତ୍ର ନିଜର ସ୍ୱାତନ୍ତ୍ର୍ୟ ବଜାୟରଖି ପାରିଛି । କାଞ୍ଚିରାଜଜେମା ପଦ୍ମାବତୀ ବୀର ପୁରୁଷୋତ୍ତମଙ୍କ ପ୍ରତି ଅନୁରକ୍ତା । ଯୁଦ୍ଧ ତାପାଇଁ ଅଧିକାର ସାବ୍ୟସ୍ତ କରିବାର ଏକ ଗୌରବମୟ ମାଧ୍ୟମ । ପଦ୍ମାବତୀଙ୍କ ନିମନ୍ତେ ପୁରୁଷୋତ୍ତମ କାଞ୍ଚି ଆକ୍ରମଣ କରିଛନ୍ତି ।

Digitized by srujanika@gmail.com

ଯେହି ସମୟରେ ପଦ୍ମାବତୀଙ୍କର ଉକ୍ତି— "ମାଗି ଆସିଥିଲେ ମୁଁ ବୁଝିଥାଆନ୍ତି, ଶାଳଗ୍ରାମ ଶିଳା ବୋଲି ମୁଣ୍ଡ ନୁଆଁଇଲି ଯାହାର ଚରଣରେ, ସେ ଦେବତା ନୁହେଁ ଶାଳିଗରଡ଼ା" କାଳିଚରଣଙ୍କ ସମୟ ହେଉଛି ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଗୌରବମୟ ଯୋଗଦାନର ସମୟ । ଜାତି ପ୍ରାଣରେ ସ୍ପନ୍ଦନ ଜଗାଇବା ପାଇଁ 'ପଟାଦେଈ'ର ନାରୀ ମନୋରମା ଗାଏ—

"ଆମେ ତ ଧର୍ମ ଆମେ ତ କର୍ମ
ପ୍ରେମ ଅଂଜନ ରେଖା
ଶାନ୍ତିର ତଳେ ମୁକ୍ତି ଆମେ ତ
ପ୍ରଳୟେ ବହ୍ନି ଶିଖା "

ବିଶ୍ୱର ରାଜନୈତିକ ଇତିହାସରେ ଭାରତର ସ୍ୱାଧୀନତା ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା । ବିଭିନ୍ନ ଉଦ୍ୟୋଗର ବିକାଶ; ସାମାଜିକ, ରାଜନୈତିକ ବିଷମତା ଓ ବିସଂଗତି ମଣିଷକୁ ରାଜନୀତିର ମଣିଷରେ ପରିଣତ କରିଛି । ବ୍ୟକ୍ତିର ଅନ୍ତର୍ମନର ବିଭିନ୍ନ ପରସ୍ପର ଅସଂପୃକ୍ତ ଘଟଣା ତାକୁ ମନସ୍ତାତ୍ତ୍ୱିକ ସ୍ତରରେ ବିପର୍ଯ୍ୟସ୍ତ କରିଛି । ଭୌତିକ ସୁଖ ଲାଳସାରେ ପରଂପରାକୁ ପାଶୋରି ପାଶ୍ଚାତ୍ୟ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଛି ଏହି ପରସ୍ପର ବିପରୀତମୁଖୀ ପରିବେଶରେ ଥିବା ନାରୀ ଚରିତ୍ର ଶଙ୍କାକୁଳ ଭାବରେ ଆତ୍ମପ୍ରକାଶ କରିଛନ୍ତି । ସମସ୍ତ ପାରଂପରିକ ସଂପର୍କଠାରୁ ଊର୍ଦ୍ଧ୍ୱରେ ଶିଳ୍ପ ଓ ବିଜ୍ଞାନର ଅଗ୍ରଗତି ନାରୀକୁ ଅଧିକରୁ ଅଧିକ ପ୍ରଭାବିତ କରିଛି ଓ ନାରୀର ସାମାଜିକ ଗୁରୁତ୍ୱ ବୃଦ୍ଧି ପାଇଛି । ଏସବୁ ସତ୍ତ୍ୱେ ପରଂପରାରେ ବିଶ୍ୱାସୀ ଅନେକ ଆଦର୍ଶବାଦୀ ନାରୀ ଚରିତ୍ର ଆମ ନାଟକରେ ଦୃଷ୍ଟିଗୋଚର ହୁଅନ୍ତି—

ଆଦର୍ଶବାଦୀ ନାୟିକା :—

ପାରଂପରିକ ମୂଲ୍ୟବୋଧ ଉପରେ ବିଶ୍ୱାସ ରଖିଥିବା ଅନେକ ନାରୀ ଚରିତ୍ର ଆମ ଐତିହ୍ୟକୁ ଧରିରଖିବାରେ ସମର୍ଥ ହୋଇଛନ୍ତି । ଏମାନେ ହେଉଛନ୍ତି ରାମଚନ୍ଦ୍ର ମିଶ୍ରଙ୍କର ଘରସଂସାରର ନାୟିକା ଶାରଦା, ବଳରାମ ମିଶ୍ରଙ୍କର 'ବଳିତା'ର ନାୟିକା ରାଧା ପ୍ରଭୃତି ଶାରଦା ଆଦର୍ଶବାଦୀ ଯୁବକ ଦୀପଚୌଧୁରୀର ପତ୍ନୀ ଭାବରେ ଚୌଧୁରୀ ବଂଶର ମାନମର୍ଯ୍ୟାଦା ପ୍ରତି ବିଶେଷ ଯତ୍ନଶୀଳା । ତାର ଆଦର ଯତ୍ନ ସେବାପରାୟଣତା ସର୍ବୋପରି ସହିଷ୍ଣୁତା ତାର ପାରିବାରିକ

Digitized by srujanika@gmail.com

ଜୀବନର ସୁଖ ଶାନ୍ତି ଅବ୍ୟାହତ ରହେ । ଏପରିକି ବିଦେଶ ଫେରନ୍ତା ମିଃ ବର୍ମାଙ୍କୁ ମଧ୍ୟ ସେ ଉପଯୁକ୍ତ ଶିକ୍ଷା ଦେଇ ଘରର ଇଜ୍ଜତ ଯାନବୋହୁ ଅନିମାକୁ କୁପଥରୁ ଫେରାଇ ଆଣିବାକୁ ଉଦ୍ୟମ କରିଛି । ପରିଣତିରେ ଶାରଦାର ବାପା ଓ ଶ୍ୱଶୁର ଘରର ମନୋମାଳିନ୍ୟ ଦୂର ହୋଇଛି ।

ବଳିତାର ନାୟିକା ସୁଧା ନାଟକର ମୁଖ୍ୟ ଆକର୍ଷଣ । ସେ ଜେଲର ଅଂଧାରୀ କୋଠରୀରେ ଜୀବନର ପନ୍ଦର ବର୍ଷ କଟାଇଛି । ସତ୍ୟର ଉଦ୍‌ଘାଟନ ହେବା ପରେ ସୁଧାର ସ୍ୱାର୍ଥତ୍ୟାଗ, ସେବା ମନୋବୃତ୍ତି ପ୍ରଭୃତି ସଂପର୍କରେ ଦର୍ଶକ ସଂପୂର୍ଣ୍ଣ ଅବଧାରଣା କରିପାରେ । ବଳରାମ ମିଶ୍ରଙ୍କର ଅନ୍ୟ ଏକ ପ୍ରସିଦ୍ଧ ନାଟକ 'ଶଙ୍ଖମହୁରୀ'ରେ ନାୟିକାଦ୍ୱୟ କ୍ଷମା ଓ ହାସିନା ଉଭୟ ମୂଲ୍ୟବୋଧରେ ବିଶ୍ୱାସୀ । ଏ ମୂଲ୍ୟବୋଧ ଧର୍ମ ସଂପ୍ରଦାୟରୁ ଊର୍ଦ୍ଧ୍ୱରେ ଥିବା ମାନବୀୟ ମୂଲ୍ୟବୋଧ । ରକ୍ଷଣଶୀଳ ହିନ୍ଦୁ ଓ ମୁସଲମାନ ଗୋଷ୍ଠୀର ସମଗ୍ର ଚକ୍ରାନ୍ତ ପଣ୍ଡ ହୁଏ ଧର୍ମର ସଂକୀର୍ଣ୍ଣତା ଅପସରି ଯାଏ । ଆଦର୍ଶ ଓ ପରଂପରାକୁ ଧରି ରଖିଥିବା ଏହିଭଳି ନାୟିକାମାନେ ଜାୟା, ଜନନୀ, ଭଗିନୀ, କନ୍ୟା ବିମାତା, ଦାସୀ ପ୍ରଭୃତି ରୂପରେ ନାଟକ ମଧ୍ୟରେ ଆତ୍ମପ୍ରକାଶ କରନ୍ତି ।

ବ୍ୟକ୍ତିସ୍ୱାତନ୍ତ୍ର୍ୟ ଖୋଜୁଥିବା ନାୟିକା :—

ଶିକ୍ଷା ଓ ଉପାର୍ଜନକ୍ଷମତା ମଣିଷକୁ ସ୍ୱାଧୀନ ହେବା ପାଇଁ ପ୍ରେରଣା ଦିଏ । ଏ ପ୍ରେରଣା ବୟସ୍କ ଗୁରୁଜନମାନଙ୍କଠାରୁ ଭିନ୍ନ ହୋଇ ସ୍ୱତନ୍ତ୍ର ହେବାର ଭାବଧାରା ସହିତ ଏକାତ୍ମ ହୋଇଯାଏ । ଦ୍ରୁତ ଶିଳ୍ପାୟନ ଫଳରେ ପାରିବାରିକ ଜୀବନର ସ୍ଥିତି ଖଣ୍ଡିତ ହୋଇଛି । ତେଣୁ ନାରୀ ମଧ୍ୟ ନିଜର ଅଧିକାରର ଉପଯୋଗ କରି ସ୍ୱତନ୍ତ୍ର ହେବାକୁ ଚାହିଁଛି । ମନୋରଂଜନ ଦାସଙ୍କର 'ବିତର୍କିତ ଅପରାହ୍ନ'ର ନାୟିକା ଶାଶ୍ୱତୀ ଏହି ଶ୍ରେଣୀର ପ୍ରତିନିଧିତ୍ୱ କରନ୍ତି । ଶିକ୍ଷିତା ଓ ଉପାର୍ଜନକ୍ଷମା ନାରୀ ଶାଶ୍ୱତୀ ଗୋଟିଏ ରବିବାର ମଧ୍ୟ ଶଶୁରଙ୍କ ମନ ନେବାକୁ ଘରେ ରହିବାକୁ ଇଚ୍ଛା କରନ୍ତି ନାହିଁ । ସେଥିପାଇଁ ତାଙ୍କର ଯୁକ୍ତି— × × ×

"ତୁମେ ରୋଜଗାର କରୁଚ ମୁଁ ବି ରୋଜଗାର କରୁଚି । ତୁମେ ଏତେ କୁଡ଼ାଏ ଟଂକା ଦେଇପାରିବା ସମ୍ଭବ ନୁହେଁ; ତୁମେ ଚେଷ୍ଟା କରୁଛ ମୁଁ ବି ଚେଷ୍ଟା କଲି, ସେଥିରେ ମୋର ଭୁଲଟା କୋଉଁଠି ରହିଲା ?" ରତିମିଶ୍ରଙ୍କର 'ସୀତା'ର ନାୟିକା ସୀତା କେବଳ ନାରୀଟିଏ ନୁହେଁ ସେ ସମାଜର ମୋହ ତଥା ଉଚ୍ଚାକାଂକ୍ଷାର ପ୍ରତୀକ, ତାର ଜମି ସୁନା ଟଙ୍କା ସବୁ ଲୋଡ଼ା । ପୁରୁଷ ତାକୁ ବିବିଧ ଉପାୟରେ ସନ୍ତୁଷ୍ଟ କରିବା ପାଇଁ ଗୋଟିଏ ପରେ ଗୋଟିଏ ଦୁର୍ନୀତି କରିଚାଲେ ।

Digitized by srujanika@gmail.com

ପରିଶେଷରେ ସେମାନଙ୍କର ସ୍ୱପ୍ନର ସୀତା ନିର୍ଜୀବ କାଠଖଣ୍ଡରେ ପରିଣତ ହୋଇଯାଏ ଠିକ୍ ଯେଉଁଭଳି ସମାଜର ସମସ୍ତ ଆଖିବୁଜା ଦୌଡ଼ର ପରିଣାମ ବ୍ୟର୍ଥତାରେ ପରିଣତ ହୋଇଯାଏ । ବ୍ୟକ୍ତିସ୍ୱାତନ୍ତ୍ର୍ୟ ଖୋଜୁଥିବା ନାୟିକାମାନେ ସ୍ୱାର୍ଥପର ତଥା ଈର୍ଷାପରାୟଣ ହୋଇଥାଆନ୍ତି । ଏମାନଙ୍କ ଚରିତ୍ରରେ ପରଶ୍ରୀ-କାତରତା ଅଧିକ ପରିସ୍ଫୁଟ ହୋଇଥାଏ ।

ଗାନ୍ଧୀବାଦୀ ଦର୍ଶନରେ ବିଶ୍ୱାସୀ ନାୟିକା .—

ସ୍ୱାଧୀନତାର ସମକାଳୀନ ଅନେକ ନାଟକରେ ବେଶ୍ ଦୃଢ଼ ତଥା ଉଜ୍ଜ୍ୱଳ ନାରୀ ଚରିତ୍ରମାନେ ଦେଖିବାକୁ ମିଳନ୍ତି । ସେମାନେ ଅନ୍ୟାୟର ପ୍ରତିରୋଧ ପାଇଁ ଅହିଂସା ଉପାୟ ଅବଲମ୍ବନ କରନ୍ତି । ଶତ୍ରୁର ହୃଦୟ ଜୟ କରିବାର ଇଚ୍ଛା ନେଇ ନିଜେ ଉଦାରଚେତା ହୋଇଯାଆନ୍ତି ନଚେତ ନିଜର ଶକ୍ତି ଦେଇ ପରିବେଶର ଦୃଢ଼ ମୁକାବିଲା କରନ୍ତି । 'ଘରସଂସାର'ର ନାୟିକା ଶାରଦା ଏହି ଗୋଷ୍ଠୀର । ସେ କର୍ତ୍ତବ୍ୟବୋଧ ମଧ୍ୟରେ ସମସ୍ତଙ୍କ ମନ ପରିବର୍ତ୍ତନ କରିପାରେ ଓ ନିଜ ପାଇଁ ଉପଯୁକ୍ତ ସମ୍ମାନ ହାସଲ କରିନିଏ । 'ଭୂତ'ର ନାୟିକା ରମା ସ୍ୱାମୀଜୀଙ୍କ ଆଶ୍ରମରେ ସୂତା କାଟେ ଶ୍ରମଧନ କରି ଆଶ୍ରମ ପାଇଁ ଚାନ୍ଦା ଆଦାୟ କରେ । ମନୋରଂଜନ ଦାସଙ୍କର 'ଅଗଷ୍ଟ ୯' ନାଟକର ବାରୁଣୀ ଚରିତ୍ର ଏକ ବିପ୍ଳବିଣୀର ଚରିତ୍ର । ସେ ବିଦ୍ରୋହ କରେ । ଛାତ୍ରନେତାମାନଙ୍କୁ ସହାୟତା କରେ । ଶେଷରେ ନିଜର ପିତା ପୋଲିସ ଅଫିସର ସଦାନନ୍ଦଙ୍କୁ ଗୁଳି କରି ହତ୍ୟା କରେ । ଏଭଳି ହତ୍ୟା ପାଇଁ ତାର ସତ୍ସାହସ ମୂଳରେ ଦେଶପ୍ରୀତି ଓ ଚାରିତ୍ରିକ ସାଧୁତା ହିଁ ନିହିତ । ଅନ୍ୟାୟର ପ୍ରତିରୋଧ ପାଇଁ ବାରୁଣୀର ଏତାଦୃଶ ପଦକ୍ଷେପ ଅଭିନନ୍ଦନୀୟ । 'ଅବରୋଧ'ର ଅନ୍ୟତମ ନାରୀ ଚରିତ୍ର ବନାନୀ ନିଜର ମୁଖ୍ୟମନ୍ତ୍ରୀ ପିତାଙ୍କୁ ଦୁର୍ନୀତିର ସର୍ବଗ୍ରାସୀ ଶିଖାରୁ ନିବର୍ତ୍ତାଇବା ପାଇଁ ଯଥାସାଧ୍ୟ ଚେଷ୍ଟା କରେ । ଚାନ୍ଦା ଭେଟି ଦେଇ ମୁଖ୍ୟମନ୍ତ୍ରୀଙ୍କୁ ବଶ କରିବାକୁ ଚାହୁଁଥିବା ବ୍ୟବସାୟୀଗୋଷ୍ଠୀଙ୍କୁ ଅସମ୍ମାନ ମଧ୍ୟ କରେ । ପିତାଙ୍କର ଆଦର୍ଶକୁ ସମ୍ମାନ କରୁଥିବା ବନାନୀ ଦେଖିପାରେ ଯେ କ୍ରମଶଃ ସ୍ୱାଧୀନତାର ସୁଫଳ କ୍ଷମତାଲୋଭୀ ତଥା ପ୍ରତିପତ୍ତିଶାଳୀ ବ୍ୟବସାୟୀଗୋଷ୍ଠୀଙ୍କ ହାତକୁ ସ୍ଥାନାନ୍ତରିତ ହୋଇଯାଉଛି ।

ଗାନ୍ଧିକ ବ୍ୟକ୍ତିତ୍ୱ ତଥା ଗାନ୍ଧିବାଦୀ ଦର୍ଶନରେ ପ୍ରଭାବିତ ଅନେକ ଚରିତ୍ର ସମଗ୍ର ଭାରତୀୟ ସାହିତ୍ୟରେ ପରିଦୃଷ୍ଟ ହୁଅନ୍ତି । ଏମାନେ ଗଠନମୂଳକ ଭାବଧାରାରେ ବିଶ୍ୱାସୀ । ଧୈର୍ଯ୍ୟଶୀଳ, ନ୍ୟାୟପରାୟଣ ତଥା ମୂଲ୍ୟବୋଧରେ

Digitized by srujanika@gmail.com

ବିଶ୍ୱାସୀ । ଗାନ୍ଧିବାଦ ଭାରତରେ କ୍ରମଶଃ କ୍ଷୟପ୍ରାପ୍ତ ହେଉଛି ସତ୍ୟ କିନ୍ତୁ ଆଦର୍ଶ ଉପରେ ପ୍ରତିଷ୍ଠିତ ଏହି ଚିନ୍ତାଧାରା ନାଟକର ଅନେକ ନାରୀ ଚରିତ୍ରଙ୍କୁ ବକ୍ତବ୍ୟରେ ଦୃଢ଼ ତଥା ଉଦ୍ୟମରେ ସାଧୁ ହେବାପାଇଁ ପ୍ରବର୍ତ୍ତାଇଛି ।

ନିଃସଙ୍ଗତା ମଧ୍ୟରେ ଛଟପଟ ହେଉଥିବା ନାୟିକା:—

ସଭ୍ୟତାର ଅଗ୍ରଗତିରେ ମନୁଷ୍ୟ ନିଜର ବୈଶିଷ୍ଟ୍ୟ ପାଇଁ ନିଜର ବ୍ୟକ୍ତିତ୍ୱର ବିକାଶ ପାଇଁ ଅଧିକ ଯତ୍ନଶୀଳ ହୋଇଛି । ଫଳରେ ପାରିବାରିକ ଜୀବନର ମଧୁର ଅନୁଭୂତି କ୍ରମଶଃ ଦୁଃଷ୍ପ୍ରାପ୍ୟ ହେଉଛି ଓ ସ୍ୱାଭାବିକ ଭାବରେ ଭାବପ୍ରବଣ ନାରୀ ଏହାଦ୍ୱାରା ବିଶେଷ ପ୍ରଭାବିତ ହେଉଛି । ନିଜର ଅସାମର୍ଥ୍ୟ ଓ ଅଭାବକୁ ଲୁଚାଇବାକୁ ପ୍ରାଣପଣେ ଚେଷ୍ଟାକରି ସେ ରମେଶ ପାଣିଗ୍ରାହୀଙ୍କର ଜଣେ ମହାପୁରୁଷଙ୍କ ଜନ୍ମ ଓ ମୃତ୍ୟୁ ସଂପର୍କରେ ନାଟକର ମାଧବୀ ଭଳି ଅଣନିଶ୍ୱାସୀ ହୋଇ ବଂଚେ । ଦୁଆର ଝରକା କିଳି ପଡ଼ୋଶୀମାନଙ୍କଠାରୁ ଦୂରତ୍ୱ ରକ୍ଷା କରି ଅପତ୍ୟହୀନା ମାଧବୀ ବେଙ୍ଗ ଗବେଷକ ସ୍ୱାମୀ କୃଷ୍ଣମୋହନଙ୍କ ସହିତ ବଂଚିବା ପାଇଁ ସତେ ଯେପରି ଅଭ୍ୟାସ କରିନିଏ । କିନ୍ତୁ ତାଙ୍କର ବାଲ୍ୟବଂଧୁ ବୀରଭାଇଙ୍କ ଅନୁରୋଧ ରକ୍ଷା କରି ସେ ସ୍ୱାମୀଙ୍କୁ ନିଦବଟିକା ଖୁଆଇ ଦେଇ ପାରେନାହିଁ କାରଣ ଦୀର୍ଘ ବିବାହିତ ଜୀବନ କାଟିଥିବା ମାଧବୀ ହୁଏତ ବୁଝିପାରେ ଯେ ବୀରଭାଇଙ୍କ କଥାରେ ଆବେଗ ଅଛି କିନ୍ତୁ ଗାମ୍ଭୀର୍ଯ୍ୟ ନାହିଁ । ପରିଶେଷରେ ତାର ବିବେକ ହିଁ ଜୟଯୁକ୍ତ ହୁଏ । ମନୋରଂଜନଙ୍କ 'କ୍ଲାନ୍ତ ପ୍ରଜାପତି'ର ନାରୀ ସୁମତି ମଧ୍ୟମବୟସ୍କା । ସ୍ୱାମୀଙ୍କ ଉଦାସୀନତା ଭିତରେ ସେ ବୁଝିଯାଇଛନ୍ତି ବଂଚିବାର ଅନ୍ୟନାମ ଆଡ୍‌ଜଷ୍ଟ ବା ଖାପ୍ ଖୁଆଇନେବା । ଯଦି ସ୍ୱାମୀଙ୍କର ବଂଧୁ ଗୌରମୋହନ ତାଙ୍କ ଚେତନାର କେନ୍ଦ୍ରବିନ୍ଦୁକୁ ସ୍ପର୍ଶ କରି ସାରିଛନ୍ତି ବୋଲି ସୁମତି ନିଜେ କୁହନ୍ତି ତଥାପି ସାମାଜିକ ବଂଧନ ଅତିକ୍ରମ କରି ଏ ଜନ୍ମରେ ଗୌରମୋହନଙ୍କୁ ନିକଟରେ ପାଇବା ତାଙ୍କ ପକ୍ଷେ ଅସମ୍ଭବ କାରଣ ଯୁବତୀ କନ୍ୟାର ଜନନୀ ତଥା ପ୍ରତିଷ୍ଠିତ ଶିଳ୍ପପତିଙ୍କ ପତ୍ନୀ ଭାବରେ ତାଙ୍କର ସାମାଜିକ ଦାୟିତ୍ୱ ବେଶ୍ ଗୁରୁତ୍ୱପୂର୍ଣ୍ଣ ଓ ମର୍ଯ୍ୟାଦାସମ୍ପନ୍ନ । ତେଣୁ ଶାରିରୀକ ଦୃଷ୍ଟିରୁ ଅକ୍ଷମ ଓ ମାନସିକ ଦୃଷ୍ଟିରୁ ଅନାସକ୍ତ ସ୍ୱାମୀଙ୍କୁ ନେଇ ମଧ୍ୟ ସେ ନିଃସଙ୍ଗ ଜୀବନ ଅତିବାହିତ କରନ୍ତି । ମନୋରଂଜନଙ୍କର ଅନ୍ୟତମ ନାରୀ ଚରିତ୍ର ହେଉଛି 'ଉର୍ମି'ର ଅଳକାନନ୍ଦା । ଜୀବନର ଅନ୍ତିମ ମୁହୂର୍ତ୍ତରେ ଡାକ୍ତରଖାନାରେ ଚିକିତ୍ସିତା ହେଉଥିବା ଅଳକାନନ୍ଦା ଦେବକାନ୍ତଙ୍କୁ ମନେ ପକାଉଛନ୍ତି ଓ ଦେବକାନ୍ତ ସେହି ଆକର୍ଷଣରେ ତାଙ୍କ ନିକଟକୁ ଟାଣି ହୋଇ ଯାଉଛନ୍ତି । ସମଗ୍ର ଜୀବନ ଅପେକ୍ଷା ଭିତରେ କଟାଇ ଦେଇଥିବା ନାୟିକା ନିଃସଙ୍ଗତା

Digitized by srujanika@gmail.com

ଭିତରେ ହିଁ ମୃତ୍ୟୁବରଣ କରିଛି । ସେହିପରି ନାଟକର ଅନ୍ୟ ଏକ ଚରିତ୍ର ନିରୂପମା ମଧ୍ୟ ସଂସାର ଜଂଜାଳରେ ଘାରି ହେଉଥିବାବେଳେ ନିଃସଂଗ । ନିଜର ଅତୀତର ସ୍ମୃତି ନିଶିକାନ୍ତଙ୍କ ସାହଚର୍ଯ୍ୟ ତାଙ୍କୁ ସର୍ବଦା ଘାରି ରଖିଛି ।

ଅପତ୍ୟହୀନ ନାୟିକା:—

ନାରୀର ଶ୍ରେଷ୍ଠ ଗୌରବ ହେଉଛି ମାତୃତ୍ୱ । ସେଥିପାଇଁ ସେ ଶତ ଲାଞ୍ଛନାକୁ ପଦାଘାତ କରିପାରେ । ରମେଶ ପାଣିଗ୍ରାହୀଙ୍କର 'ମହାନାଟକ'ର ନାୟିକା କେତକୀଟାକା ବନ୍ଧ୍ୟା । ମାତୃତ୍ୱର ଯନ୍ତ୍ରଣା ଖୋଜୁଥିବା କେତକ ଟାକା ପ୍ରଜାମାନଙ୍କୁ ସନ୍ତାନ ବୋଲି ମନେ କରି ସନ୍ତୁଷ୍ଟ ରହିପାରନ୍ତି ନାହିଁ । ତାଙ୍କର ଲେଡା ଆଂଚୁଳାଏ ଶିଶୁର କାନ୍ଦଣା ତେଣୁ ସେ ଅବନ୍ତୀ ସାଧବଠାରୁ ସ୍ୱପ୍ନ କିଣିବାକୁ ଆଗେଇ ଆସନ୍ତି । 'ଜଣେ ମହାପୁରୁଷଙ୍କ ଜନ୍ମ ଓ ମୃତ୍ୟୁ ସଂପର୍କରେ' ନାଟକରେ ଅପତ୍ୟହୀନା ମାଧବୀ ଦୁଇଟା ବେଙ୍ଗଙ୍କୁ ପୁତ୍ର କନ୍ୟା ମଣି ସ୍ନେହ କରି ବସନ୍ତି । ସେମାନଙ୍କ ସ୍ୱର ବାରି ପାରନ୍ତି । 'କାଠଘୋଡ଼ା'ର ଉଭୟ ନାରୀଚରିତ୍ର ଦୀପା ଓ ଶିଖା ସନ୍ତାନହୀନା କିନ୍ତୁ ଉଭୟଙ୍କର ଦୃଷ୍ଟିକୋଣରେ ପାର୍ଥକ୍ୟ ରହିଛି । ଦୀପା 'କାଠଘୋଡ଼ା'କୁ ଦେଖି ନିଜର ଅନାଗତ ଅଥଚ ମୃତ ସନ୍ତାନକୁ ମନେପକାଇ ଗାଉଥାଏ 'ଦୁଃଖୀଧନ ନୀଳମଣିରେ ଆ' ଥରେ ତୋତେ କୋଳକୁ ନିଏ' କିନ୍ତୁ ଶିଖାବୁଝେ ବଜାରଦର ବଢ଼ିଗଲାଣି । ଏଥର ହୋଟେଲରେ ରହିବା ବ୍ୟୟସାଧ୍ୟ ହେବ । ଏ ଉଭୟ ସନ୍ତାନହୀନା ନାରୀଙ୍କର ମନସ୍ତତ୍ତ୍ୱରେ ପାର୍ଥକ୍ୟ ସ୍ପଷ୍ଟ ଲକ୍ଷ୍ୟ କରଯାଇପାରେ । ଯେ ନିଜର ସନ୍ତାନହୀନତାକୁ ଦୁଃଖ ବୋଲି ମନେକରେ ସେ ନିଜେ ଦୁଃଖୀ ହୁଏ ଓ ଅନ୍ୟମାନଙ୍କୁ ମଧ୍ୟ ଅସନ୍ତୁଷ୍ଟ କରେ । ନଚେତ ଶିଖା ଭଳି ବୈଷୟିକ ଚିନ୍ତାରେ ଘାରି ହୋଇ ଜୀବନର ଏ ଅଭାବବୋଧକୁ ସେ ଦୃଷ୍ଟି ଦେଇପାରେନାହିଁ । 'ନିଜ ପ୍ରତିନିଧିଙ୍କଠାରୁ' (ବିଶ୍ୱଜିତ୍ ଦାସ) ନାଟକରେ ସାମ୍ବାଦିକ ଅଜୟର ପତ୍ନୀ ଇନ୍ଦୁମତୀ ସନ୍ତାନ କାମନାରେ ଅଧୀର । ସେ ପଡ଼ୋଶୀର ସନ୍ତାନକୁ ଅପଣାର କରି ସ୍ୱାମୀଙ୍କଠାରୁ ଅନେକ ପରିହାସ ଶୁଣେ । ସେହି ଶିଶୁର ଆକସ୍ମିକ ମୃତ୍ୟୁରେ ଇନ୍ଦୁମତୀ କହି ପକାଏ— "ତମେ ମଣିଷ ନୁହଁ, ତମ ଦେହରେ ଜୀବନ ନାହିଁ । ତମେ ମେସିନ" । ବିଶ୍ୱଜିତ ଦାସଙ୍କର ଅନ୍ୟ ଏକ ନାଟକ 'ନାଲି ପାନ ରାଣୀ କଳା ପାନ ଟୀକା'ରେ ନାୟିକା ଶୈଳ ସନ୍ତାନ କାମନାରେ ପାଗଳୀ ହୋଇଯାଏ । ଜ୍ୟୋତିଷର ଘୋଷଣା ଯେ ଶୈଳର ସନ୍ତାନ ପିତୃହନ୍ତା ହେବ । ତେଣୁ ଶ୍ୱଶୁର ଜବଗ୍ରାହୀ ଆତଙ୍କିତ ହୋଇ ସନ୍ତାନସମ୍ଭବା ଶୈଳର ଗର୍ଭ ନଷ୍ଟ କରିଦେବା ପାଇଁ ପରାମର୍ଶ ଦିଅନ୍ତି । ଶୈଳ ପ୍ରତିରୋଧ କରେ ସତ୍ୟ କିନ୍ତୁ ଏକଥରେ ସ୍ୱାମୀ

Digitized by srujanika@gmail.com

ଓ ଅନ୍ୟପଟେ ଅନାଗତ ସନ୍ତାନର ମୋହ ତାକୁ ବିବ୍ରତ କରିଦିଏ । ତେଣୁ ସେ ଶ୍ୱଶୁରଙ୍କ ପ୍ରସ୍ତାବରେ ରାଜି ହୋଇଯାଏ କିନ୍ତୁ ତାର ମାନସିକତା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଯାଏ ।

ଅର୍ଥନୀତି ଓ ସାମାଜିକ ବୈଷମ୍ୟରେ ବିବ୍ରତ ନାୟିକା:—

ପରିବର୍ତ୍ତିତ ଅର୍ଥନୀତି ତଥା ସାମାଜିକ ବୈଷମ୍ୟ ନାଟକର ବିଷୟବସ୍ତୁକୁ ନିୟନ୍ତ୍ରଣ କରୁଛି । କାରଣ ସମାଜର କଥା କହିବା ବେଳେ ନାଟ୍ୟକାର ସମାଜ ମଧ୍ୟରୁହିଁ ତା'ର ଚରିତ୍ରମାନଙ୍କୁ ଗ୍ରହଣ କରୁଛି । ଦାରିଦ୍ର୍ୟ ପାଇଁ ଗୋପାଳ ଛୋଟରାୟଙ୍କ 'ଭରସା' ନାଟକର ଲୀଳା ଗୃହ ଶିକ୍ଷୟିତ୍ରୀ ଚାକିରୀ ଲୋଭରେ କୁମାର ସାହେବ ଫାନ୍ଦରେ ଧରା ଦେଇଛି । କମଳଲୋଚନଙ୍କ 'ଡାକବଙ୍ଗଳା'ର ସତୀ ସେହି ଅଭାବ ଯୋଗୁଁ ସମାଜପତିମାନଙ୍କଦ୍ୱାରା ଲାଞ୍ଛିତ ହୋଇଛି, ବିଶ୍ୱଜିତ ଦାସଙ୍କର 'ମୃଗୟା'ର ନାୟିକା ମୁକ୍ତାର ପ୍ରେମ ମଧ୍ୟ ଅର୍ଥନୀତିର ଯୂପକାଠରେ ବଳି ପଡ଼ିଯାଇଛି ଶିକ୍ଷକ ପିତାର କନ୍ୟା ମୁକ୍ତା କେବଳ ହସିବାକୁ ଶିଖିଥିଲା । ପିତାଙ୍କର କୃତିଛାତ୍ର ଦରିଦ୍ର ଶୁଭେନ୍ଦୁ ଯେଉଁଦିନ ବଡ଼ ଅଫିସର ହୋଇ ତାକୁ ବିବାହ କରିବା ପାଇଁ ମୋଟା ଅଙ୍କର ଯୌତୁକ ଖୋଜିବସିଲା ସେଦିନ ତାର ହସ ହଜିଗଲା । ଔଷଧ ଦୋକାନୀ କଳ୍ପତରୁ ମଧ୍ୟ ମୁକ୍ତାକୁ କଥା ଦେଇଥିଲା ବିବାହ ପରେ ତାର ହସ ଖୁସିର ଖିଆଲ କରିବ । ସମୁଦ୍ରକୂଳରେ ତାପାଇଁ ଘର କରିଦେବ, କିନ୍ତୁ ପୁଣି ଥରେ ତାର ମୋହ ଭଙ୍ଗ ଘଟିଲା ଯେଉଁଦିନ ଘୁଲୁନାଚ ଦେଖା, ଆଇସକ୍ରୀମ ଖିଆ ଓ ପୂଜାରୁନ୍ଦା ବାବଦକୁ କିଛି ଟଂକା ଖର୍ଚ୍ଚ କରିଦେଇ ଥିବାରୁ କଳ୍ପତରୁ ତାକୁ ଅପମାନିତ କଲା । ପ୍ରସନ୍ନ କୁମାର ମିଶ୍ରଙ୍କର ଚୋଟିଏ ରୁଣ ମୂର୍ତ୍ତିକୁ ନେଇ ନାଟକରେ ସାମାଜିକ ଦ୍ୱନ୍ଦ୍ୱ ବେଶ୍ ବଳିଷ୍ଠ । ଶ୍ରେଣୀ ବୈଷମ୍ୟ ବିରୁଦ୍ଧରେ ମାନସୀର ମତ ଖୁବ୍ ସ୍ପଷ୍ଟ । ସେ ଅଭିଜାତ ପରିବାରର କନ୍ୟା ସତ୍ୟ କିନ୍ତୁ ସେ କହେ 'ଗରିବଙ୍କ ତଣ୍ଟିଚିପା ଧନରେ ତୁମ ଶ୍ରେଣୀର ଯେଉଁ ମର୍ଯ୍ୟାଦା ତିଆରି ହୋଇଛି, ପାଦଚଲା ଲୋକଙ୍କର ରାସ୍ତାରେ, ତା'ର କିଛି ହେଲେ ମୂଲ୍ୟ ନାହିଁ ଅପା', ତାର ଚରିତ୍ରର ବୈଶିଷ୍ଟ୍ୟ ହେଉଛି ତାର ବକ୍ତବ୍ୟ ଦୃଢ଼ ତଥା ପ୍ରତିଶ୍ରୁତିପୂର୍ଣ୍ଣ । କିନ୍ତୁ ଶେଷରେ ମାନସୀ ନିଜର ରୁଣର ପ୍ରତିମୂର୍ତ୍ତି ସମ୍ମୁଖରେ ବିଳାପ କରୁଥିବାର ଦୃଶ୍ୟ ଦେଖାଇ ଦିଆଯାଇଛି । ମାନସୀର ଆଶା ଓ ବିଶ୍ୱାସ ସବୁ ରୁଣମୂର୍ତ୍ତି ବିପର୍ଯ୍ୟସ୍ତ ହେବାଭଳି ପୁରୁଷର ପାଶବିକତା ନିକଟରେ ବିପର୍ଯ୍ୟସ୍ତ ହୋଇଯାଇଛି ।

Digitized by srujanika@gmail.com

କାର୍ତ୍ତିକ ରଥଙ୍କର ନାଟକ 'ମାଂସର ଫୁଲ'ର ନାୟିକା ଝରି କୁମାରବାବୁଙ୍କ କୋଠିରେ ଧର୍ଷିତା ହୋଇଛି । ପ୍ରତିଶୋଧ ପ୍ରବଣତାରେ ସେ ଚିତ୍କାର କରି ଦେଇ ଓ ସନିଆଁଙ୍କୁ କହେ—

"ଝରି ଆଜି କୁମାର ବାବୁର ଖୁନ ପିଇବାକୁ ଚାହେଁ
ତମ ଭିତରୁ କେହି ସେଇ ତାଜା ଖୁନ୍ ଆଣି ଦେଇପାରିବ"

ଏପ୍ରକାର ପ୍ରତିଶୋଧ କାମନା କିନ୍ତୁ ଦୀର୍ଘସ୍ଥାୟୀ ହୁଏ ନାହିଁ । ନାରୀ ସୁଲଭ କୋମଳ ପ୍ରବୃତ୍ତି ନେଇ ଝରି ଦୁଃଖରେ ଭାଂଗି ପଡ଼େ ଓ ଅନ୍ୟତ୍ର ମକରଙ୍କୁ କହେ—

"ମକର୍'ଇ, ତୁ ଠିକ୍ କରିଚୁ ମକର୍'ଇ
ତୁ ଚାଲିଯାଇଛୁ, ମୁଁ କେବେହେଲେ
ମୁଣ୍ଡରେ ପଖାଳ କଂସା ନେଇ
ବିଲକୁ ଯାଇ, ତତେ ଖୁଆଇ ଆସି ପାରି ନଥାନ୍ତି
ମୋ ପଣତ କାନିରେ ଅଛି
ଲାଲ୍ ଖୁନ୍ର ଦାଗ
ମୋ ଦେହଟା ଭିତରେ ଖାଲି ନରକର ପାପ
ତୁ ବରଂ ମତେ ଅଭିଶାପ ଦେ" ।

ଗୋଟିଏ ଚରିତ୍ରର ବିଭିନ୍ନ ସମୟର ଏହି ସଂଳାପ ଆମକୁ ଏହି ସତ୍ୟରେ ପହଞ୍ଚାଏ ଯେ ସାମାଜିକ ବୈଷମ୍ୟ ନାରୀକୁ ବେଶୀ ପ୍ରଭାବିତ କରେ । ନାରୀ ନିଜର ସମସ୍ତ ଶକ୍ତି ଦେଇ ତାର ମୁକାବିଲା କରିବାକୁ ଇଚ୍ଛା କଲାବେଳେ ସମାଜ ତାକୁ ନୀତି ଦୃଷ୍ଟିରୁ ସୁରକ୍ଷା ଦିଏନାହିଁ । ଯେଉଁ ଚରିତ୍ରମାନେ ଏଭଳି ଲୁଣ୍ଠିତ ହୁଅନ୍ତି ସେମାନେ ପ୍ରତିଶୋଧ ପରାୟଣା ହେବା ସ୍ୱାଭାବିକ । କିନ୍ତୁ ଏହି କ୍ରୋଧ ଦୀର୍ଘସ୍ଥାୟୀ ହୁଏ ନାହିଁ । ସେମାନେ ଯାହା କୁହନ୍ତି ତାଠାରୁ ଭିନ୍ନ ଏକ ନିରୁପଦ୍ରବ ସାମାଜିକ ଜୀବନ ହିଁ କାମନା କରିଥାଆନ୍ତି ।

ବିପନ୍ନ ମାନସିକତାର ନାୟିକା:—

ଆଧୁନିକ ନାଟକରେ ମନସ୍ତତ୍ତ୍ୱର ସ୍ଥାନ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଫ୍ରୟେଡୀୟ ତତ୍ତ୍ୱର ପ୍ରୟୋଗ ଫଳରେ ଶିକ୍ଷିତ ମଣିଷର ଅବଦମିତ କାମନାର ସ୍ୱରୂପ ଏଗୁଡିକରେ ଉଦ୍‌ଘାଟିତ ହୋଇ ପାରିଛି । ମଣିଷ ଯେତେ ଶିକ୍ଷିତ ଭଦ୍ର ଆଚରଣ କଲେ ମଧ୍ୟ ତାର ମନର ଅଂଧାରୀ କୋଣରେ ଅନେକ ସଂଗୁପ୍ତ

Digitized by srujanika@gmail.com

କାମନା ପ୍ରକାଶ ପାଇଁ ରାସ୍ତା ଖୋଜୁଥାଏ । ଅନେକ ସମୟରେ ସେଗୁଡିକ ପ୍ରକାଶିତ ହୋଇଗଲେ ସେହି ବ୍ୟକ୍ତି ଅସାମାଜିକ ପାଲଟି ଯାଏ । ତାକୁ କେନ୍ଦ୍ର କରି ଘୂରୁଥିବା ସାମାଜିକ ଜୀବନ ବିପର୍ଯ୍ୟସ୍ତ ହୁଏ । ତେଣୁ ନାରୀ ଚରିତ୍ରମାନେ ନିଜର ତ୍ରୁଟି ଜାଣିବା ପରେ ମଧ୍ୟ ସୁଧାରି ନେବାର ଉପାୟ ପାଆନ୍ତି ନାହିଁ । ଏଭଳି ନାୟିକାମାନେ ରୁଗ୍‌ଣ ମାନସିକତା ଭିତରେ ବଂଚି ରହନ୍ତି ଓ ପାଇବା ହଜାଇବାର ହିସାବ ନିକାଶ କରୁଥାଆନ୍ତି । ନାଟ୍ୟକାର ବସନ୍ତ ମହାପାତ୍ରଙ୍କର 'କାଚଘର'ର ନାୟିକା ତଟିନୀ ମାନସିକ ରୋଗିଣୀ । ସେ ସମସ୍ତଙ୍କ ଅଲକ୍ଷିତରେ ମାନସିକ ଚିକିତ୍ସାକେନ୍ଦ୍ରରୁ ଚାଲି ଆସି ଅଜଣା ଅଶୁଣା ଯୁବକ ତନ୍ମୟ ପ୍ରାଣରେ ଅଜସ୍ର ତନ୍ମୟ ସୃଷ୍ଟି କରିଥିଲା । କିନ୍ତୁ ମାନସିକ ଚିକିତ୍ସାଳୟକୁ ଫେରିଗଲାବେଳକୁ ସେ କାମନା କରୁଥିଲା ତନ୍ମୟ ତାକୁ ଉଦ୍ଧାର କରୁ, ଆପଣାର କରୁ । ମନୋରଂଜନ ଦାସଙ୍କର 'ଶବଲିପି'ର ନାୟିକା ରୀତା ତାର ମଉସା ଭକ୍ତଚରଣଙ୍କ ପୁତ୍ର ପାର୍ଥ ଦ୍ୱାରା ଅତ୍ୟାଚାରିତା ହେବା ପରେ ସଂଜୟର ପ୍ରେମକୁ ଏଡ଼ାଇ ପାର୍ଥର ପତ୍ନୀ ପାଲଟିଛି । କିନ୍ତୁ ମାନସିକ ସ୍ତରରେ ସେ ପାର୍ଥକୁ ସ୍ୱାମୀ ଭାବରେ ଗ୍ରହଣ କରି ପାରୁନାହିଁ । ଧର୍ମପତ୍ନୀ ଭାବରେ ସେ ପାର୍ଥର ସେ ସ୍ଖଳିତକୁ ପାରିଲାପଣ, ପରନାରୀ ସହିତ ସଂପର୍କକୁ ପୁରୁଷାକାର କରିପାରେ ମାତ୍ର ତାହା ତାର ଆତ୍ମ ସମର୍ପଣର ଆବେଗ ନୁହେଁ ପ୍ରତିବାଦର ସ୍ୱରୂପ ମାତ୍ର । ନିଜର ତ୍ରୁଟିରୁ ରୀତା ପାର୍ଥର ପାଶବିକତାକୁ ପ୍ରେମର ପର୍ଯ୍ୟାୟଭୁକ୍ତ କରିଛି । ତେଣୁ ଯନ୍ତ୍ରଣା ପାଇବା ବ୍ୟତୀତ ସେ ଆଉ କ'ଣ କରିପାରିଥାଆନ୍ତା ? ଶୂନ୍ୟତାର ସିଡିର ନାୟିକା ଅସୀମା ମାଇଲ ମାଇଲ କ୍ଷୁଧା ଭିତରେ ବଂଚେ ଏବଂ କହେ "ଖାଦ୍ୟ ନ ମିଳିଲେ ମଣିଷ ଅଖାଦ୍ୟ ଖାଏ" । ଅସୀମା ନିଜ ସ୍ୱାମୀଙ୍କର କ୍ଳୀବତ୍ୱ ସଂପର୍କରେ ସଚେତନ ତେଣୁ ସେ ମାନସ (କଳ୍ପିତ ଚରିତ୍ର)କୁ ନିଜର ଶୋଇବା ଘର ଦେଖାଇ କହିବାକୁ ଚାହେଁ ଯେ ତାର ସମସ୍ତ ସ୍ୱପ୍ନ ଅଳନ୍ଧୁ ହୋଇ ଶୋଇବା ଘର ଛାତରେ ଜମାଟ ବାନ୍ଧିଯାଇଛନ୍ତି । ବିଜୟ ମିଶ୍ରଙ୍କର 'ଯାଦୁକର'ର ନାରୀ ଚରିତ୍ର ମାମୀ ଚାହେଁ ସୌରଭ ମିଶ୍ରର **intellect** ଓ ନିରଂଜନ ବେହେରାର **physique** ନେଇ ଗଢ଼ା ହୋଇଥିବା ଏକ ପୁରୁଷ ଯାହାକୁ ସେ ଇଚ୍ଛାକଲେ ଭ୍ୟାନିଟି ବ୍ୟାଗରେ ରଖିପାରିବ । 'ଯାଦୁକର'ର ଅନ୍ୟ ଏକ ନାରୀ ଟୁନି ବିବାହିତା ହୋଇ ମଧ୍ୟ ରିସେପ୍‌ସନିଷ୍ଟ ଚାକିରୀରେ ହାକିମଙ୍କୁ ଖୁସି କରିବା ପାଇଁ ଅବିବାହିତାର ଛଳନା କରେ । ଏହି ଛଳନା ଭିତରେ ସେ ଜୀବନ ଓ ଜୀବିକାକୁ କୌଣସିମତେ ଚଳାଇ ନେବାକୁ ଚାହେଁ ଓ ନିଜ ଭିତରେ ଜଡ଼ସଡ ହୋଇଯାଏ । ମନୋରଂଜନର 'ଅରଣ୍ୟ ଫସଲ'ର ବେବି ମଧ୍ୟ ଏହି ଶ୍ରେଣୀଭୁକ୍ତ ।

Digitized by srujanika@gmail.com

ରତ୍ନାକର ଚଇନିଙ୍କ ରାଜହଂସର ରୀତା—

ପାରିବାରିକ ଜୀବନର ହାହତାଶ ଅବସାଦ ନାରୀର ମନସ୍ତତ୍ତ୍ୱକୁ ଅଧିକ ପ୍ରଭାବିତ କରେ । ଏ ଭିତରେ ଗୋଟିଏ କଥା ସ୍ପଷ୍ଟ ଯେ ଏହି ଧରଣର ନାୟିକା-ମାନେ ସାଧରଣତଃ ଶିକ୍ଷିତା, ଉଚ୍ଚମଧ୍ୟବିତ୍ତ ପରିବାରର ନାରୀ ଯେଉଁଠି ଉଦର ପୂରଣର ଚିନ୍ତା ଏତେ ଭୟଙ୍କର ନୁହେଁ । କ୍ଷୁଧା, ଯୌନାକାଙ୍କ୍ଷା ଓ ନିଜକୁ ଅପରଠାରୁ ଅଧିକ ବିଚାରଶୀଳ ବୁଦ୍ଧିମାନ ତଥା ଦୋଷମୁକ୍ତ ବୋଲି ଭାବିବା ହେଉଛି ମଣିଷର ତିନୋଟି ପ୍ରାଥମିକ ଆବଶ୍ୟକତା । ଖାଦ୍ୟର ସମସ୍ୟାକୁ ନେଇ ବିବ୍ରତ ମଣିଷ ଏତେ ନିଃସଂଗତାର ଅନୁଭବ କରିପାରେ ନାହିଁ । ତେଣୁ ଆମର ନାଟ୍ୟକାରମାନେ ଶିକ୍ଷିତ ଉଚ୍ଚବର୍ଗର ନାରୀମାନଙ୍କର ରୁଗ୍ଣ ମାନସିକତାକୁ ବେଶ୍ ସଫଳ ଭାବରେ ଚିତ୍ରଣ କରିଛନ୍ତି ବୋଲି ମନେ କରିବାକୁ ହେବ ।

ନିମ୍ନବର୍ଗର ନାୟିକା :—

ସମାଜର ନିମ୍ନବର୍ଗରୁ ଗୃହୀତ ନାୟିକାମାନେ ଅନେକ ସମୟରେ ଉଦାର ମାନବିକତାର ପରିଚୟ ଦେଇଥାଆନ୍ତି । ସେମାନେ ଉଚ୍ଚବର୍ଗର ମଣିଷମାନଙ୍କୁ ପରିହାସ କରିବାକୁ ପଶ୍ଚାତପଦ ହୁଅନ୍ତି ନାହିଁ । ବିଶ୍ୱଜିତ ଦାସଙ୍କର 'ନିଶିପଦ୍ମ'ର ନାୟିକା ଅପସର ସାମାନ୍ୟ ପାନବାଲୀ । ଗୋଟିଏ ବସ୍‌ର ଯାତ୍ରୀ ଶିକ୍ଷିତା ଉଚ୍ଚବଂଶ ମର୍ଯ୍ୟାଦାସଂପନ୍ନା ତରୁଣୀ ରଂଜନା ସହିତ ସେ ଆତ୍ମୀୟତା ସୃଷ୍ଟି କରିବାକୁ ସ୍ୱୟଂ ଉପସ୍ଥାପିତା ହୋଇଥିଲା । କିନ୍ତୁ ଅରଣ୍ୟ ମଧ୍ୟରେ ବସ୍ ଅଚଳ ହେବାରୁ କ୍ଷୁଧାର ତାଡ଼ନାରେ ଧନୀ ଦରିଦ୍ର ଏକାକାର ହୋଇ ଯାଇଛନ୍ତି । ଅପ୍ସରା ନିଜ ବୋଝରୁ ପିଠା ବାହାର କରି ଅନ୍ୟମାନଙ୍କୁ ବାଣ୍ଟିଛି ଓ ନିଜେ ଖାଇଛି । କ୍ଷୁଧାର ତୃପ୍ତି ପରେ ରାତ୍ରିର ଅଂଧକାରର ସୁଯୋଗ ନେଇ ରାଜନୀତିଜ୍ଞ ନେତା ପ୍ରକାଶବାବୁ ଅପ୍‌ସରା ପ୍ରତି ଯୌନ ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ କରିବାକୁ ଚେଷ୍ଟା କରିଛନ୍ତି । ଉତ୍ତେଜନାରେ ପାନବାଲୀ ଅପ୍‌ସରା ଶିକ୍ଷିତ ଭଦ୍ର ସମାଜ ପ୍ରତି ତଥା ନେତାମାନଙ୍କୁ ଗାଳି ଦେଇଛି । ତା ଚରିତ୍ରର ଔଜ୍ଜ୍ୱଲ୍ୟରେ 'ନିଶିପଦ୍ମ'ର ଅନ୍ୟାନ୍ୟ ଚରିତ୍ରମାନେ ନିଷ୍ପ୍ରଭ ମନେ ହୋଇଛନ୍ତି । ରମେଶ ପାଣିଗ୍ରାହୀଙ୍କର 'ତୃଷ୍ଣା' ନାଟକରେ ବସ୍ତିର ଝିଅ କାକଳୀ ଖୁବ୍ ଅସୁବିଧାରେ ପଡି ତୃଷ୍ଣାବାବଲୁ ନିକଟରେ ଆଶ୍ରୟ ନିଏ । ସେ ନିଜର ସ୍ନେହ ଓ ପ୍ରେମ ଦେଇ ଅସାମାଜିକ ଯୁବକ ବାବ୍‌ଲୁର ପ୍ରାଣରେ ଆବେଗର ପ୍ରସ୍ରବଣ ସୃଷ୍ଟି କରିପାରେ । ସେ କହେ ସବୁ ପୁଅ ଏମିତି, ଖାଇବା ଠିକ୍ ନଥାଏ, ଶୋଇବା ଠିକ୍ ନଥାଏ । ଦିନସାରା ଖରାରେ ବୁଲିବା, ଗୁଳି ମାରିବା, ହୋଟେଲରେ ରୁ' ଜଳଖିଆ, ଶୋଟାକ ପରେ

Digitized by srujanika@gmail.com

ଗୋଟାଏ ସିଗାରେଟ୍, ଷଡିଫ୍ରେଲେ ଏମିତି ଗୋଟାଏ ଘର ଭିତରକୁ ପଶି ଆସି ସେମିତି ଧୂଳି ଉପରେ ଶୋଇ ପଡିବା ଛି.....ଛି..... ବାହା ହୋଇଗଲା ପରେ କିନ୍ତୁ ସବୁ ଠିକ୍। ଏମାନଙ୍କୁ ଶାସନ ଦରକାର। ଠିକ୍ ଅଛି, କ'ଣ ନାଁ ମନେ ମନେ ଗୁଣ୍ଡା। ଆମେ ସବୁ କରି ପାରୁନୁ। ଆମ ହାତରେ ସବୁ ହଉଚି।" କାକଳି ସ୍ୱପ୍ନ ଦେଖେ ବାବ୍‌ଲୁ ଭଦ୍ରଲୋକ ହୋଇ ଘରସଂସାର କରିଛି। ବାବ୍‌ଲୁ କାକଳୀର ସାହଚର୍ଯ୍ୟରେ ବଂଚିବା ଶିଖିଲାବେଳକୁ କାକଳୀ ଦୀପେନ୍ ହାତରେ ପ୍ରାଣ ଦିଏ। ଯାଯାବର (ବିଜୟ ମିଶ୍ର)ର ଝିଲି, ଧନେଶ୍ୱର ପଟ୍ଟନାୟକଙ୍କର 'ଆଦିବାସୀ' ନାଟକର ଛାୟା ଓ ଶେଲି ଏହି ପର୍ଯ୍ୟାୟର ନାୟିକା।

ପ୍ରତିଶୋଧପ୍ରବଣା ନାୟିକା:—

ସମାଜ ନିଜର ସ୍ୱାର୍ଥ ପାଇଁ ଅନେକ ସମୟରେ ନାରୀକୁ ଉପଭୋଗ କରିଥାଏ। ଯଶ ଖ୍ୟାତି ତଥା ସାମାଜିକ ମର୍ଯ୍ୟାଦା ଲୋଭରେ ନାରୀ ସେହି ଅସତ୍ୟ ସହରକୁ ପାଦ ବଢାଏ ଓ ସେଠାରେ ବନ୍ଦୀ ହୋଇଯାଏ। ସେ ନିଜର ତ୍ରୁଟି ବୁଝିବା ବେଳକୁ ସମୟ ଅତିକ୍ରାନ୍ତ ହୋଇଥାଏ ଫଳରେ ପ୍ରତିଶୋଧ ନେବାର ଆକାଂକ୍ଷା ତା ମଧ୍ୟରେ ବଳବତ୍ତର ହୋଇଉଠେ। ବିଜୟ ମିଶ୍ରଙ୍କର 'ତିମିରତୀର୍ଥ' ନାଟକର ରୂପବାଈ ଏଭଳି ଏକ ପ୍ରତିଶୋଧପରାୟଣା ନାରୀ। ସେ ସମାଜ ପତିମାନଙ୍କୁ ଉଚିତ ଶିକ୍ଷା ଦେବା ପାଇଁ ଶରୀରର ବିପଣୀ ଖୋଲି ବସିଛି। ଦିନର ଆଲୁଅରେ ତାକୁ ପରିହାସ କରୁଥିବା ଶିଳ୍ପପତି ନେତାମାନେ ରାତିର ଅଂଧାରରେ ତାର ଅତିଥି ପାଲଟିଛନ୍ତି। ସେମାନଙ୍କୁ ରୂପା ଉପହାର ଦେଇଛି ଦୁସାଧ୍ୟ ବ୍ୟାଧିର ଜୀବାଣୁ ଯାହା କେବଳ ସେମାନଙ୍କୁ ନୁହେଁ, ସେମାନଙ୍କର ଆଗାମୀ ବଂଶଧରମାନଙ୍କୁ ମଧ୍ୟ ପଙ୍ଗୁ ଅଥର୍ବ କରିଦେବ। ସେ ନିଜେ ନଷ୍ଟ ହୋଇଯାଉଛି ସତ କିନ୍ତୁ ପ୍ରତିଶୋଧ ନେଇଥିବାରୁ ସେ ଆଶ୍ୱସ୍ତ ହୋଇଛି। ବିଜୟ ମିଶ୍ରଙ୍କର ଅନ୍ୟତମ ମଞ୍ଚ ସଫଳ ନାଟକ 'ଅସତ୍ୟ ସହର'ର ନାୟିକା ରୂପା ମଧ୍ୟ ସମାଜ ଉପରେ ପ୍ରତିଶୋଧ ନେଇଛି। ଶୁଭେନ୍ଦୁର ପ୍ରେମକୁ କେବଳ ବିଳାସ ବୋଲି ଜାଣି ସାରିବା ପରେ ପ୍ରେମ ପ୍ରତିଥିବା ତାର ପାରଂପରିକ ଭାବନା ବଦଳିଯାଏ। ଧନଗୋପାଳ ଦ୍ୱାରା ଅତ୍ୟାଚାରିତା ହେବା ପରେ ସେ ଧନଗୋପାଳକୁ ହତ୍ୟା କରିବା ପାଇଁ ପଶ୍ଚାତ୍‌ପଦ ହୁଏନାହିଁ। 'ହେ ସ୍ୱର୍ଗ ବିଦାୟ'ର ନାୟିକା ଗିନ୍ତା ନିଜ ଭଉଣୀ ଉପରେ ହୋଇଥିବା ଜୁଲମର ପ୍ରତିବାଦ କରିଛି।

Digitized by srujanika@gmail.com

ବୟସ୍କା ଅବିବାହିତା ନାୟିକା—

ଏଠାରେ ଅବିବାହିତା ବୟସ୍କା କହିଲେ ସାଧାରଣତଃ ଶିକ୍ଷିତା ଓ ଉପାର୍ଜନକ୍ଷମା ବୋଲି ଗ୍ରହଣ କରିବାକୁ ହେବ । ଅଧିକ ଶିକ୍ଷା ପାଇଥିବା ନାରୀ ମନୋମତ ସ୍ୱାମୀ ଖୋଜିବା ଭିତରେ ତାର ବୟସ ଅତିକ୍ରାନ୍ତ ହୁଏ । ଅନେକ ସମୟରେ ପରିବାରର ଗୁରୁଜନମାନେ ଉପାର୍ଜନକ୍ଷମା ଝିଅଟିକୁ ପାତ୍ରସ୍ଥ କରିବାକୁ ଚାହାନ୍ତି ନାହିଁ । ଏଭଳି ଅନାସକ୍ତ, ଆଗ୍ରହଶୂନ୍ୟତା ତଥା ଅର୍ଥନୀତି ମଧ୍ୟରେ କିଛି ନାରୀ ଅବିବାହିତା ରହିଯାଆନ୍ତି । ସେମାନେ ନିଜର ସୁଖ-ସ୍ୱାଚ୍ଛନ୍ଦ୍ୟ ଭୁଲି ପରିବାର ପାଇଁ ନିବେଦିତା ହୋଇଯାଆନ୍ତି କିନ୍ତୁ ବୟସ ବୃଦ୍ଧି ସହିତ ସେମାନଙ୍କ ଆବଶ୍ୟକତା ଊଣା ହୋଇଯାଏ । ଏଭଳି ମର୍ମଦାହରେ ଘାରି ହେଉଥିବା ନାରୀ ଭିତରେ ଅନେକ ନୈରାଶ୍ୟର ଦୀର୍ଘଶ୍ୱାସ ଶୁଣାଯାଏ । ମନୋରଂଜନ ଦାସଙ୍କର 'ଅବିବାହିତାର ସ୍ୱପ୍ନ'ର ନାୟିକା ଡଃ ଦୀପା ସାମନ୍ତରାୟ ଅଠେଇଶ ବର୍ଷୀୟା ତରୁଣୀ । ତା ଉପରେ ରୁଗ୍‌ଣା ସାନଭଉଣୀ, ଅବସରପ୍ରାପ୍ତ ବୃଦ୍ଧପିତା, ଖେଳୁଆଡ ଭାଇ ଅମରର ବୋଝ । ତାର ପ୍ରେମ ମଧ୍ୟ ସଫଳ ହେବା ପୂର୍ବରୁ ନିକ୍ଷେପିତ ହୋଇଯାଇଛି ।

ବାପାଙ୍କର ସନ୍ଦେହ, ଭଉଣୀର ଅସହାୟତା ଓ ଭାଇ ପ୍ରତି କର୍ତ୍ତବ୍ୟ ଭିତରେ ତାର ପ୍ରେମ ହୀନପ୍ରଭ ହୋଇଯାଇଛି । ଅବିବାହିତା ଭଳି ଅସମାପିକା ହୋଇ ଦୀପା ରହିଯାଇଛି ଶେଷ ପର୍ଯ୍ୟନ୍ତ । ଶିକ୍ଷା ଓ ଉପାର୍ଜନ କ୍ଷମତାର ଉପଯୋଗ କରି ଏଭଳି ନାୟିକାମାନେ ଦେଶର ଅର୍ଥନୀତିକୁ ପରିପୁଷ୍ଟ କରୁଥିଲା ବେଳେ ମାନସିକ ଦାରିଦ୍ର୍ୟ ଭୋଗ କରୁଛନ୍ତି ଓ କ୍ରମଶଃ ନିଃସଂଗ ହୋଇ ଯାଇଛନ୍ତି ।

ନଷ୍ଟ ମୂଲ୍ୟବୋଧର ନାୟିକା—

ସଭ୍ୟତାର ଅଗ୍ରଗତିରେ ମୂଲ୍ୟବୋଧର ନିକିତି ବଦଳିଯାଏ, ନିଷ୍ଠା ବ୍ୟାହତ ହୁଏ । ମଣିଷ ପାପକୁ ପାପ ଓ ପୁଣ୍ୟକୁ ପୁଣ୍ୟ କହିବାର ସାମର୍ଥ୍ୟ ହରାଇ ବସେ, କାରଣ ପ୍ରତିଷ୍ଠିତ ସାମାଜିକ ସତ୍ୟାନୁଭୂତିକ ପରିବେଶର ଉପରେ ରଂଗ ହରାଇ ସାରିଥାଏ । ଏଠାରେ ମୂଲ୍ୟବୋଧ କହିଲେ ପାରଂପରିକ ମୂଲ୍ୟବୋଧ ବୋଲି ବୁଝିବାକୁ ହେବ । ଅର୍ଥନୀତିର ରେସ୍ କୋର୍ସରେ ବାଜି-ଲଗାଇ ସଫଳ ମସ୍ତିଷ୍କର ବାହାଦୁରୀ ନେଉଥିବା ବିଂଶ ଶତାବ୍ଦୀର ମଣିଷ ପାଇଁ 'ମୂଲ୍ୟ'ହିଁ ଯଥେଷ୍ଟ ମୂଲ୍ୟବୋଧ ନୁହେଁ । ବିଜୟ ମିଶ୍ରଙ୍କର 'ଶବବାହକମାନେ'ର

Digitized by srujanika@gmail.com

ଅଜନ୍ତା ଏହିଭଳି ଏକ ସୁଖଲୋଭୀ ତରୁଣୀ । ତା ପାଇଁ ପ୍ରେମର ଆବେଗ ପ୍ରବଣତା ପିଲାଖେଳ ସଦୃଶ ବରଂ ଅବଶିଷ୍ଟ ଜୀବନ ଭୋଗ ବିଳାସର ପ୍ରାଚୁର୍ଯ୍ୟ ଭିତରେ କଟାଇବାକୁ ସେ ଇଚ୍ଛା କରେ । ନବେନ୍ଦୁର ବାକ୍‌ଦତ୍ତା ହୋଇ ମଧ୍ୟ ସେ ଭୁଲିଯାଏ ତାର ପ୍ରତିଶ୍ରୁତି । ଅପରପକ୍ଷରେ ଯାହା ହାତରେ ଶକ୍ତିର ପ୍ରତୀକ ଖଇଂତି ଅଜନ୍ତା ତାକି ନିକଟରେ ପ୍ରେମନିବେଦନ କରିବାକୁ ଆଗେଇ ଆସେ ନିର୍ଲଜ୍ଜ ଭାବରେ । ଭୀତା ଅଜନ୍ତା ହଠାତ୍ ସାହସିନୀ ପାଲଟିଯାଏ ଓ ଘରର ଆସବାବ ଘୁଞ୍ଚାଇ ବିଭିନ୍ନ ଶବ୍ଦ ସୃଷ୍ଟି କରିବା ଭିତରେ ନବେନ୍ଦୁ ଓ ତାର ବଂଧୁମାନଙ୍କ ଗୁପ୍ତ ରହସ୍ୟ ଉଦ୍‌ଘାଟନ କରିବାର ସୁଯୋଗ ଦିଏ । ସେ ନବେନ୍ଦୁକୁ ବୁଝାଇ ଦିଏ "ଭଲ ପାଇବା ଓ ଭୁଲ କରିବା" ଏକା କଥା । ସେହିପରି 'ବିତର୍କିତ ଅପରାହ୍ନ'ର ଅନ୍ୟତମ ନାରୀ ଚରିତ୍ର ଲୀନା ଭବିଷ୍ୟତ ପାତ୍ରର ପ୍ରତିନିଧିତ୍ୱ କରେ । ବୁଲ୍‌ବୁଲ୍‌ର ପ୍ରେମିକା ଲୀନା ବୁଝିବସେ ବୁଲ୍‌ବୁଲ ବାପାଙ୍କର ଶକ୍ତିସାମର୍ଥ୍ୟ ଓ ସଂପତ୍ତି ଖବର । ବୁଲ୍‌ବୁଲଠାରୁ ମୁଦି ନେଇ ସେ ନିଜେ ପିନ୍ଧିପକାଏ ଅଥଚ ନାଟକର ଶେଷ ପର୍ଯ୍ୟନ୍ତ ସେ ଜାଣି ନଥାଏ ଯେ ବୁଲ୍‌ବୁଲର ଘରଦ୍ୱାର ବାପା ମାଆଙ୍କ ସଂପର୍କରେ, ସେ ମଉଜ ମଜଲିସକୁ ଉଚ୍ଚସ୍ଥାନ ଦିଏ । ବୁଲ୍‌ବୁଲ ପ୍ରତି ଥିବା ତାର ଆଗ୍ରହ ପ୍ରେମର ନୁହେଁ ବରଂ ଚୋଟାଏ ଉତ୍ସାହ ଭିତରେ ସୀମିତ । 'ବିତର୍କିତ ଅପରାହ୍ନ'ର ଶାଶ୍ୱତୀ ମଧ୍ୟ ନିଜର ସମସ୍ତ କର୍ତ୍ତବ୍ୟ ଭୁଲି ଆଦିତ୍ୟଙ୍କ ସହିତ ସମୟ କଟାଇବାକୁ ପସନ୍ଦ କରେ । ସେ ବଧୂ, ପତ୍ନୀ ଓ ମାତା ସତ୍ୟ କିନ୍ତୁ ମୂଲ୍ୟବୋଧର ପାହାଚରୁ ତଳକୁ ଓହ୍ଲାଇଲେ ଯେଉଁ ବହ୍ନର, ସେଠାରେ ସେ ଆବିଷ୍କାର କରେ ଯେ ସେ ନିଜେ ହିଁ ନିଜର ସମ୍ମୁଖୀନ ହୋଇଛି । ମନୋରଂଜନଙ୍କ 'କ୍ଳାନ୍ତ ପ୍ରଜାପତି'ର ରଶ୍ମି ମୂଲ୍ୟ ଓ ମୂଲ୍ୟବୋଧ ଭିତରେ ମୁହ୍ୟମାନ ହୋଇ ପଡେ । ଆର୍ଯ୍ୟ ସହିତ ସାଂଗ ରାତି ବାହାରେ କଟାଇ ଫେରିବାପରେ ମଧ୍ୟ ସେ ରହେ ଁ ଜିଜ୍ଞାସୁ ଯୁବକ ଅନୁପମଠାରୁ ଟିକିଏ ସ୍ୱୀକୃତି । ଗୋଟିଏ ରାତିର ଭୁଲ ପାଇଁ ସାରାଜୀବନ ଅନୁତାପରେ ଦଗ୍‌ଧ ହେବାକୁ ସେ ପସନ୍ଦ କରେନାହିଁ ବରଂ ନିଜର ସ୍ଖଳନ ସଂପର୍କରେ ସିଧାସଳଖ ଅନୁପମକୁ କହିଦିଏ ।

ବିଜ୍ଞାନ ଶିଳ୍ପ ଓ ରାଜନୀତିର ଶିଖରରେ ଥିବା ନାୟିକା—

ଦ୍ରୁତ ଶିଳ୍ପାୟନ, ବୈଜ୍ଞାନିକ ଅନୁସନ୍ଧିତ୍ସା ଓ ରାଜନୀତିର ଆପାତବସ୍ତୁଳର ଲୋଭନୀୟ ବିଚାରଧାରା ଆଧୁନିକ ମଣିଷକୁ ବିଭିନ୍ନ ଉପାୟରେ ପ୍ରଭାବିତ କରିଛି । ମହାକାଶଚାରିଣୀ ଭାଲେଣ୍ଟିନା ନିକୋଲାୟେଭା ତେରେସ୍‌କୋଭା, ଶାସିକା ଇନ୍ଦିରା ଗାନ୍ଧୀ, ମାର୍ଗାରେଟ୍ ଥାଚର, ଶିରିମାଭୋ ବନ୍ଦର ନାୟକେ, ସମାଜ

Digitized by srujanika@gmail.com

ସେବିକା ମଦରଟେରେସା, ରମା ଦେବୀ ପ୍ରଭୃତି କେବଳ ଓଡ଼ିଆ ନାଟକକୁ ନୁହେଁ ସର୍ବଭାରତୀୟ ସ୍ତରରେ ସାହିତ୍ୟକୁ ପ୍ରଭାବିତ କରିଛନ୍ତି । ବିଜ୍ଞାନର ପରୀକ୍ଷାଗାରରେ ନାରୀର ତପସ୍ୟା ଯେ କୌଣସି ସାଧକର ତପସ୍ୟାଠାରୁ ଊଣା ନୁହେଁ । କିନ୍ତୁ ଜଗତର ସାମ୍ରାଜ୍ଞୀ ଭାବରେ ଅଖଣ୍ଡ ଆଧିପତ୍ୟର ଅଧିକାରିଣୀ ହୋଇ ମଧ୍ୟ ନାରୀ ତାର କୋମଳତାକୁ ସଂପୂର୍ଣ୍ଣ ପରିତ୍ୟାଗ କରିପାରେ ନାହିଁ ବରଂ ନିଜସ୍ୱ ଔଜଲ୍ୟରେ ଉଜ୍ଜ୍ୱଳି ଉଠେ । ଓଡ଼ିଆ ନାଟକ କ୍ଷେତ୍ରରେ ପ୍ରସନ୍ନ ମିଶ୍ରଙ୍କର 'ସୁବର୍ଣ୍ଣ ବସୁଧା'ରେ ମହାକାଶ ବିଜୟ ସଂପର୍କିତ ଅନେକ ତତ୍ତ୍ୱ ଓ ତଥ୍ୟ ପରିବେଷଣ କରଯାଇଛି । 'ସୁବର୍ଣ୍ଣ ବସୁଧା'ର ନାୟିକା ସୋଫିଆ ନିଜର ପରିଚିତ ପୃଥିବୀ ସ୍ୱାମୀ ଓ ସନ୍ତାନ ଛାଡ଼ି ମହାକାଶର ମାୟାରେ ପାଗଳୀ ହୋଇଛି । ତାର ସୃଷ୍ଟିଚିତ୍ରଣ ଭିତରେ ଏକ ଚିରନ୍ତନୀ ନାରୀର ଇଚ୍ଛୁକତା ଓ ଆବେଗ ଲକ୍ଷ୍ୟଣୀୟ । କିନ୍ତୁ ମହାକାଶଯାନ ମଧ୍ୟରେ ଅଶ୍ରୁତ୍ୟାଗ ଅର୍ଥ ଚେତନାହୀନତା । ସହଯାତ୍ରୀ ଇନ୍ଦ୍ରଜିତ ଓ ଜନ୍ କ୍ରମଶଃ ନିଦେଇ ଯାଉଥିବା ସୋଫିଆ ଉପରେ ପ୍ରବଳ ରୂପ ପ୍ରୟୋଗ କରି ତାକୁ ଫ୍ରିଜିଡ୍ କରି ଦେଇଛନ୍ତି ଓ ତାକୁ ଗୋଟିଏ ବିନ୍ଦୁ କରି ଇନ୍ଦ୍ରଜିତଙ୍କ ହାତରେ ଲଗାଇ ଦେଇଛନ୍ତି । ମନୁଷ୍ୟର ବାସୋପଯୋଗୀ ଭୂମି ପାଇବା ମାତ୍ରେ ସେମାନେ ସୋଫିଆକୁ ପୁଣି ଥରେ ମନୁଷ୍ୟକୁ ରୂପାନ୍ତରିତ କରିଛନ୍ତି । ଇନ୍ଦ୍ରଜିତ ଓ ସୋଫିଆଙ୍କ ସନ୍ତାନ ହୋଇଛି ନୂତନ ସୃଷ୍ଟିର ଆଦିବୀଜ । ଶେଷରେ ସମୟହୀନତାରୁ ସମୟ ଭିତରକୁ ଫେରିବାର ଔଷଧ ତିଆରି କରିଥିବା ବୈଜ୍ଞାନିକ ଜନ୍ ସେହି ମୂଲ୍ୟବୋଧକୁ ସମ୍ମାନ ଦେଇ ସୋଫିଆ ଓ ଇନ୍ଦ୍ରଜିତଙ୍କୁ ଦୀର୍ଘ ଜୀବନ ଦେଇଛନ୍ତି ଓ ନିଜେ ବୃଦ୍ଧ ହୋଇ ମହାକାଶଯାନ ସୁବର୍ଣ୍ଣବସୁଧା ସହିତ ସମୁଦ୍ର ଭିତରକୁ ଚାଲିଯାଇଛନ୍ତି, କାରଣ ସେମାନେ ପୃଥିବୀରୁ ବିଭିନ୍ନ ବୀଜ ଆଣି ନୂତନ ପୃଥିବୀକୁ ଶସ୍ୟଶ୍ୟାମଳା କରିଛନ୍ତି ସତ କିନ୍ତୁ ଜଳଚର ଜୀବ ଆଣିବାକୁ ଭୁଲିଯାଇଥିଲେ । ଜନ୍‌ଙ୍କ ଦେହରୁ ଅବଶେଷରୁ ହିଁ ଜଳଚରମାନେ ସୃଷ୍ଟି ହେବେ ଓ ନୂତନ ସୃଷ୍ଟି ପୂର୍ଣ୍ଣାଙ୍ଗ ହେବ ବୋଲି ଜନ୍ କାମନା କରିଛନ୍ତି । ମନୋରଂଜନଙ୍କର 'ଅତିମାନବ' ଏକାଂକି ବିଜ୍ଞାନର ଧ୍ୱଂସାତ୍ମକ ଦିଗ ଉପରେ ଆଲୋକପାତ କରେ । ବୈଜ୍ଞାନିକ ସୁଶାନ୍ତର ସହକର୍ମିଣୀ ଭାବରେ ଇରାବତୀ ଚାହେଁ ସୁଶାନ୍ତକୁ ବିବାହ କରିବ । କିନ୍ତୁ ଅନୁକମ୍ପା ନାମ୍ନୀ ଯୁବତୀ ସୁଶାନ୍ତ ପାଇଁ ବହୁପୂର୍ବରୁ ପିତାମାତାଙ୍କ-ଦ୍ୱାରା ନିର୍ବାଚିତା । ଇରାବତୀ ଅନୁକମ୍ପାଙ୍କୁ କହେ "X X ତାଙ୍କ ଜୀବନର ସେଇ ଅସଂପୂର୍ଣ୍ଣ ଦିଗଟି ପୂରଣ ପାଇଁ ମୁଁ ତାଙ୍କୁ ବିବାହ କରିବାକୁ ଚାହିଁଥିଲି । ତାଙ୍କରି ସନ୍ତାନକୁ ବିକଳାଙ୍ଗ କରି ଜନ୍ମ ଦେଇ ତାଙ୍କର ପରୀକ୍ଷାକୁ ମୁଁ ପୂର୍ଣ୍ଣ କରିଦିଆନ୍ତି ଅନୁ । ଏ ଅଭିଶାପ ତୁମେ ପାରିଥାଆନ୍ତ ଗ୍ରହଣ କରି ? "ଏଭଳି ସ୍ପଷ୍ଟ ନିର୍ଭୀକ ତଥା ଦୁଃସାହସିକ ମତପୋଷଣ କରୁଥିବା ବୈଜ୍ଞାନିକା ସମ୍ମାନର ହିଁ ପାତ୍ରୀ ।

Digitized by srujanika@gmail.com

ମନୋରଂଜନଙ୍କର ଅନ୍ୟ ଏକ ଏକାଂକି 'ଆବଉନି'ରେ ଅର୍ଚ୍ଚନା ଏକ ବିରଟ ଶିଳ୍ପାନୁଷ୍ଠାନର ଡାଇରେକ୍ଟର ବୋର୍ଡର ସଦସ୍ୟା । ଜ୍ଞାନପାଗଳ ଡାକ୍ତର ନିଜର କନ୍ୟାଙ୍କ ଜିମାରେ ଶିଳ୍ପାନୁଷ୍ଠାନ ଛାଡି ଗବେଷଣାରେ ବ୍ୟବସାୟଠାରୁ ଦୂରେଇ ରହନ୍ତି । ଅର୍ଚ୍ଚନା ନାରୀ ସୁଲଭ କୋମଳତାର ବଶବର୍ତ୍ତୀ ହୋଇ ଶିଳ୍ପନଗରୀର ନାମ "ପ୍ରକାଶ ଅବିନାଶ ନଗରୀ" ରଖିବାକୁ ଚାହାନ୍ତି ଯାହାକୁ ଅନ୍ୟ ଡିରେକ୍ଟରମାନେ ପସନ୍ଦ କରିପାରନ୍ତି ନାହିଁ । ପରିଶେଷରେ ପାରସ୍ପରିକ ସନ୍ଦେହରୁ ଶିଳ୍ପନଗରୀର ମୂଳଦୁଆ ମଧ୍ୟ ଦୋହଲି ଯାଉଛି । ଡଃ ପ୍ରସନ୍ନ ମିଶ୍ର-ଙ୍କର ନାଟକ 'ଜନସେବକ'ର ମହାମାୟା ଦେବୀ ବୟନ ଶିଳ୍ପର ସର୍ବମୟୀ କର୍ତ୍ତୀ । 'ଜନସେବକ' ଲୁଗାକଳର ଲକ୍ଷ ଲକ୍ଷ ଟଂକା ଆୟ କରୁଥିବା ମହାମାୟା ଖୁବ୍ କଡ଼ା ମିଜାଜର ଭଦ୍ର ମହିଳା । ଶ୍ରମିକ ମାନଙ୍କ ଦାବୀ ପ୍ରତି ସଂପୂର୍ଣ୍ଣ ଉଦାସୀନ। ଏହି ନାରୀ ବିଦେଶରୁ ପାଠ ପଢି ଫେରିଥିବା ପୁଅ ଅରୁଣର ଜୀବନ ପ୍ରତି ଦୃଷ୍ଟିଭଂଗୀ ଦେଖି ପ୍ରଥମେ କ୍ରୁଦ୍ଧ ଓ ପରେ ପ୍ରଭାବିତ । ତେଣୁ ବିଳାସପୂର୍ଣ୍ଣ ଲୁଗା ତିଆରି ନକରି ଯେ ସାଧାରଣ ମେହେନତି ମଣିଷ ପାଇଁ ଅଳ୍ପ ଦାମର ଲୁଗା ବୁଣିବାର ଆଦେଶ ଦେଇଛନ୍ତି । ତାଙ୍କର କଠୋର ପ୍ରବୃତ୍ତି ମାତୃତ୍ୱର ମହିମାରେ ଝଲସି ଉଠିଛି । ରାଜନୀତି କ୍ଷେତ୍ରରେ ଖୁବ୍ ଉଚ୍ଚ ଆସନର ଅଧିକାରିଣୀ ହୋଇଥିବା ନାରୀ ଚରିତ୍ର ବୋଧହୁଏ ଓଡ଼ିଆ ନାଟକରେ ନାହାନ୍ତି । କିନ୍ତୁ ଯେଉଁମାନେ ରାଜନୀତିର ସଂସ୍ପର୍ଶରେ ଆସିଛନ୍ତି ସେମାନଙ୍କୁ ମାଧ୍ୟମ କରି ନେତାମାନେ ବିଭିନ୍ନ ଫାଇଦା ଉଠାଉଛନ୍ତି । ରାଜନୀତିଜ୍ଞ ନେତାମାନଙ୍କର କ୍ରୀତଦାସୀ ହୋଇ ନିଜସ୍ୱ ବିସର୍ଜନ ଦେଇଥିବା ନାୟିକାଙ୍କର ସଂଖ୍ୟା ମଧ୍ୟ ନ୍ୟୂନ ନୁହେଁ ... ଏମାନେ ନିଜର ଭୁଲ ବୁଝିପାରି ପ୍ରାୟଶ୍ଚିତ କାମନା କରନ୍ତି ସତ୍ୟ କିନ୍ତୁ ସେମାନଙ୍କୁ ଉଚିତ ମାର୍ଗ ଦର୍ଶକ ମିଳନ୍ତି ନାହିଁ । ଶେଷରେ ଏମାନେ ଅନୁତପ୍ତ ହୋଇ ବଂଚିରହନ୍ତି ନଚେତ୍ ମୂଲ୍ୟବୋଧ ନିକଟରେ ଆତ୍ମସମର୍ପଣକରି ବଂଚିବାର ମାନ ବଦଳାଇ ଦିଅନ୍ତି ।

ମାନବ ସମାଜ ପାଇଁ ନିବେଦିତା ନାୟିକା:—

ଏଭଳି ଅନେକ ନାରୀଚରିତ୍ର ଅଛନ୍ତି ଯେଉଁମାନେ ବ୍ୟକ୍ତିଗତ ଦୁଃଖ ସ୍ୱାଚ୍ଛନ୍ଦ୍ୟକୁ ଭୁଲି ମାନବ ସମାଜ ପାଇଁ ତ୍ରାଣକର୍ତ୍ତୀର ଭୂମିକା ନିର୍ବାହ କରିଥାଆନ୍ତି । ବିଜୟ ମିଶ୍ରଙ୍କ 'ଜଣେ ରାଜା ଥିଲେ'ର ଦେବୀ ଏହି ପର୍ଯ୍ୟାୟଭୁକ୍ତ । ତାର ତୁଣ୍ଡରେ କଥା ନ ଦେଇ ମଧ୍ୟ ନାଟ୍ୟକାର ତାକୁ ଅଶେଷ ଆତ୍ମଶକ୍ତି ଦେଇଛନ୍ତି । ସେ ଛୁଇଁଦେଲେ ବିବେକ ଜାଗ୍ରତ ହେଉଛି । ଶାସକ ସୁରେନ୍ଦ୍ର ପ୍ରତାପ ପରାଜିତ ହୋଇଛନ୍ତି । ଜ୍ଞାନୀ ବ୍ୟକ୍ତିମାନେ ନୂଆ ଜାତୀୟ ସଂଗୀତ ଲେଖିଛନ୍ତି ।

Digitized by srujanika@gmail.com

ଓଟ ମୁହଁ ମଣିଷ ମୁହଁରେ ରୂପାନ୍ତରିତ ହୋଇଛି । କିନ୍ତୁ ନୂତନ ରଜା ଭାବରେ ନିରଂଜନ ପ୍ରତାପଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଦେଖି ଦେବୀ ମର୍ମାହତ । କ୍ଷମତାର ସିଂହାସନ ନିକଟରେ ବିବେକର ପ୍ରତୀକ ଦେଶ ପହଞ୍ଚି ପାରୁନି । ନାଟକର ଶେଷରେ ମଧ୍ୟ ଦେଶର କାଳ ସରିନି । ନିଜର ପରିବାର, ସଂସାର ସ୍ୱାମୀ ପିତା ମାତାଙ୍କ ବିଷୟରେ କିଛି ଜାଣିନଥିବା ଦେଶ ପଥରେ ପାଲଟି-ଯାଇଛି ମାନବାତ୍ମାର ତ୍ରାଣକର୍ତ୍ତୀ ଦେବୀ । ମନୋରଂଜନଙ୍କ 'ନନ୍ଦିକାକେଶରୀ'ର ନନ୍ଦିକା ଏହି ଶ୍ରେଣୀଭୁକ୍ତା ରାଜଦୁଲାଳୀ ନନ୍ଦିକା ଚାହେଁ "ଜଗାଇ ଶାଠିକା ନୀତି ଭାଂଗିଯିବ ପ୍ରଜାଙ୍କ ମତରେ ଶାସନ ଚାଲିବ" ପ୍ରଥମେ ସେ ବିଶ୍ୱାସ କରେ ନିଜର ସହପାଠୀ ବାସୁଦେବଙ୍କୁ । ପରେ ପିତା ସୁବର୍ଣ୍ଣ କେଶରୀଙ୍କୁ ଓ ଶେଷରେ ବୀର ଭୈରବଙ୍କୁ । କିନ୍ତୁ ସେ ଦେଖେ ଯେ ବିନା ଯୁଦ୍ଧରେ ଶାନ୍ତି ପ୍ରତିଷ୍ଠା ଏମାନେ କେହି ହେଲେ କାମନା କରନ୍ତି ନାହିଁ । ନନ୍ଦିକା କହେ— "ଏଇ ଛଳନା ହିଂସା, ପ୍ରତାରଣା, ଶଠତା ଭିତରେ ମୁଁ ମୋ ସ୍ଥାନ ସ୍ଥିର କରି ନେଇଛି । ମୋର ପଥ ବାଛି ନେଇଛି । ମୋ ପାଇଁ ମୋ ବିଶ୍ୱାସର ବାସୁଦେବ… ମୋ ମମତାର ସୁବର୍ଣ୍ଣ କେଶରୀ.....ମୋ ସ୍ୱପ୍ନର ଗଙ୍ଗଦେବ ସମସ୍ତେ ସମାନ.... ସମସ୍ତେ ବିଷାକ୍ତ… ରୁଗ୍ଣ …କ୍ଷତିଗ୍ରସ୍ତ । କାହାର ଚେତନାରୁ ଆଲୋକ ଲିଭି ଯାଇଛି… କାହାର ଚେତନାରେ ଆଲୋକ ସ୍ପର୍ଶ କରି ପାରିନାହିଁ....." । ନନ୍ଦିକା ନିରୁପାୟ ହୋଇ ହୀରକ ଅଙ୍ଗୁରୀୟ ଚୁମ୍ବନ କରି ଆତ୍ମହତ୍ୟା କରିଛି । ତାର ଆତ୍ମହତ୍ୟା ବ୍ୟର୍ଥ ହୋଇନାହିଁ, ନୂତନ ଆଶା ଆଲୋକର ତୋରଣ ପାଲଟି ଯାଇଛି । ରତ୍ନାକର ଚଇନିଙ୍କ 'ଅଥାଚାଣକ୍ୟ'ର ନାରୀ ଚରିତ୍ର ସୁହାସିନୀ ମଧ୍ୟ ଅନୁରୂପ ଭାବନାରେ ଗରୀୟସୀ । ସେ ଚାଣକ୍ୟଙ୍କୁ ପ୍ରେମ କରେ କିନ୍ତୁ ଚାଣକ୍ୟ ତାର ପ୍ରେମରେ ବାନ୍ଧି ହୋଇ ରାଜ୍ୟ ପ୍ରତି ଅବହେଳା କରନ୍ତୁ ଏହା ସେ ଚାହେଁ ନାହିଁ । ପିତୃ ମୁକ୍ତି ପାଇଁ ଆଣିଥିବା ସୁହାସିନୀ ଜାତୀୟ ମୁକ୍ତିର ନିରବ ସୈନିକ ପାଲଟି-ଯାଏ ଓ ଚାଣକ୍ୟଙ୍କ ପାଇଁ ତାର ପ୍ରତୀକ୍ଷା ଶେଷ ହେବା ଆଗରୁ 'ଲୋକ' ହାତରେ ମୃତ୍ୟୁବରଣ କରେ । ଏଭଳି ଚରିତ୍ରମାନେ ଖ୍ୟାତି ଓ କଳଂକରୁ ଊର୍ଦ୍ଧ୍ୱରେ ଏକ ମାନବୀୟ ସ୍ପର୍ଶରେ ମହୀୟାନ ।

ଅଭିମାନର ପାହାଡ଼ ଉପରେ ନିଃସଙ୍ଗ ନାୟିକା:—

ନାରୀ ନିଜର ଅଭିମାନକୁ ଜାବୁଡ଼ି ଧରି ଅନେକ ସମୟରେ ଓ ହଜାଇବାର ଊର୍ଦ୍ଧ୍ୱକୁ ଚାଲିଯାଏ । ଏହି ପର୍ଯ୍ୟାୟରେ ବିଜୟ ମିଶ୍ରଙ୍କର 'ତଟନିରଂଜନା'ର ନାୟିକା ଗୋପାଙ୍କୁ ଗ୍ରହଣ କରଯାଇପାରେ । ସେ ଇଚ୍ଛାମତୀ ଭଳି ଉତ୍ତର ଖୋଜନ୍ତି ନାହିଁ । ଚେତନାର ଅନ୍ୟ ଏକ ସ୍ତରରେ ପ୍ରତୀକ୍ଷାହିଁ ତାଙ୍କ

Digitized by srujanika@gmail.com

ପାଇଁ ଅସରନ୍ତି ସମୟର ନାମାନ୍ତର ପାଲଟିଯାଏ । ଭଗବାନ ତଥାଗତ କପିଳବାସ୍ତୁ ପେରିଛନ୍ତି । ସମଗ୍ର ନଗରୀରେ ଆନନ୍ଦଉତ୍ସବ । କିନ୍ତୁ ଗୋପା ନିରବ ନିଥର । ତାଙ୍କର ଆବେଗର ପାତ୍ର ନିଃଶେଷିତ । କିଶୋର ପୁତ୍ର ରାହୁଳକୁ ସେ ପିତାଙ୍କ ସହିତ ପରିଚିତ କରାଇ ଦେଇ ପାରୁନାହାନ୍ତି । ତଥାଗତଙ୍କୁ ସ୍ୱାଗତ କରି ପାରୁନାହାନ୍ତି । ତାଙ୍କ କଣ୍ଠରେ "ଗୌତମ, ଆପଣ ମୋ ଦେହର ବେଷ୍ଟନୀ ଆଉ ଇଚ୍ଛାର କେନ୍ଦ୍ରବିନ୍ଦୁ । କିନ୍ତୁ ତଥାଗତ ମୋର ସ୍ୱପ୍ନର ମୋର ଅହଂକାରର" । ଭଗବାନ ବୁଦ୍ଧ ସମଗ୍ର ବିଶ୍ୱର ମାର୍ଗଦର୍ଶକ ପାଲଟିଛନ୍ତି କିନ୍ତୁ ଗୋପାଙ୍କର ସ୍ୱପ୍ନ ତାଙ୍କର ସମୟ ତାଙ୍କୁ ସତେ ଯେପରି ଉପହାସ କରିଛି । ଏଭଳି ଚରିତ୍ର ମଧ୍ୟ ଅଧିକ ଆଲୋଚନାର ଅପେକ୍ଷା କରେ ।

ପରିଶେଷରେ ଏ ସମସ୍ତ ଆଲୋଚନା ହେଉଛି ନାଟକର ବିଷୟବସ୍ତୁ ଭିତ୍ତିକ ଆଲୋଚନା । ଓଡିଶା ନାଟକର ସମୂହରୁ କେତେକ ପ୍ରତିନିଧି ଶ୍ରେଣୀୟ ନାଟକକୁ ନେଇ ଏ ଆଲୋଚନା କରାଯାଇଛି । ଅଭିନେତ୍ରୀମାନେ ନିଜ ନିଜର ଅଭିନୟଦକ୍ଷତା ସହିତ ଏହାକୁ ପରିବେଷଣ କରି ଦର୍ଶକର ସହାନୁଭୂତି ଆକର୍ଷଣ କରିବା ପାଇଁ ସ୍ୱତନ୍ତ୍ର ତତ୍ତ୍ୱ ନାଟ୍ୟାଧାରରେ ରଚିତ ନାଟକ ଗୁଡିକରେ ଏଭଳି ଚରିତ୍ର ଦୃଷ୍ଟିଗୋଚର ହୁଅନ୍ତି ଯେଉଁମାନେ ଏକାଧିକ ଭୂମିକାରେ ଅଭିନୟ କରନ୍ତି । ଏମାନଙ୍କୁ ଅଚରିତ୍ର କୁହାଯାଉଛି । ନାମ ନୁହେଁ ସଂଖ୍ୟାରେ ଏମାନେ ଚିହ୍ନିତ ହେଉଛନ୍ତି । ଖଣ୍ଡିତ ବ୍ୟକ୍ତିତ୍ୱର ଅବତାରଣା ପାଇଁ, ନାଟକକୁ ପ୍ରଯୋଜନା ଦୃଷ୍ଟିରୁ ଆହୁରି ସମୃଦ୍ଧ କରିବା ପାଇଁ ଏଭଳି ପ୍ରୟାସ ହେଉଛି । ତେଣୁ ସଂପୂର୍ଣ୍ଣ ଗୋଟିଏ ଚାରିତ୍ରିକ ବୈଶିଷ୍ଟ୍ୟ ନେଇ ଚରିତ୍ର ସୃଷ୍ଟି ହେବାର ସମୟ ମଧ୍ୟ କ୍ରମଶଃ ଅତିକ୍ରାନ୍ତ ହୋଇଛି ।

କିନ୍ତୁ ନାରୀ ଚରିତ୍ରର ସ୍ୱରୂପ ବିଷୟରେ ଏତିକି ମନେ ରଖିବାକୁ ହେବ ଯେ ଏସମସ୍ତ ଚରିତ୍ର ନାଟ୍ୟକାରଙ୍କର ସାମାଜିକ ଦାୟିତ୍ୱବୋଧ ସଂଜାତ । ଅନେକ ସମୟରେ ଏମାନଙ୍କର ବ୍ୟକ୍ତିସ୍ୱାତନ୍ତ୍ର୍ୟକୁ କ୍ଷୁର୍ଣ୍ଣ କରି ଜୋର କରି ଏମାନଙ୍କ ଉପରେ ସମାଜିକ ଦାୟିତ୍ୱ ଲଦି ଦିଆଯାଏ । ବେଳେ ବେଳେ ପ୍ରତିବାଦର ସ୍ୱର ସାହିତ୍ୟ ଭିତରୁ ହିଁ ପ୍ରତିଧ୍ୱନିତ ହୁଏ । ସମଗ୍ର ଜୀବନ ଭିତରେ ନିଜର ନିରାପତ୍ତା ହରାଇବା ଭୟରେ ନାରୀଟିଏ ଯେଉଁ କେତେପଦ କଥା ଉଚ୍ଚାରଣ କରିପାରେ ନାହିଁ ନାୟିକା ତାହାକୁ ସ୍ପଷ୍ଟ ସ୍ୱରରେ କହିଦେଇପାରେ । ସେଥିପାଇଁ ତ ନାଟକ ଏକ ପ୍ରଭାବଶାଳୀ ଗଣମାଧ୍ୟମ, ଅଭିନେୟତାକୁ ନେଇ ସ୍ୱତନ୍ତ୍ର ଏହି ମାଧ୍ୟମରେ ଚରିତ୍ରମାନେ ସବୁଠାରୁ ବିଳକ୍ଷଣରେ

Digitized by srujanika@gmail.com

(ଅନ୍ୟାନ୍ୟ ମାଧ୍ୟମଠାରୁ) ଆଧୁନିକତା ଆଡକୁ ପାଦ ବଢାନ୍ତି । କାରଣ ପ୍ରଚଳିତ ସମାଜପ୍ରଥା ବିରୁଦ୍ଧରେ ଅତିଶୀଘ୍ର ଜନମତ ଜାଗ୍ରତ ହେଲେ ତାହା ସାମାଜିକ ବିଧିବ୍ୟବସ୍ଥାକୁ ବିଶୃଙ୍ଖଳିତ କରି ଦେଇପାରେ । ସେଥିପାଇଁ ନାଟ୍ୟକାର 'ଜଣେ ରଜା ଥିଲେ'ର ମହାରାଣୀ ପୁତ୍ତଳିକାଙ୍କ ଭଳି ପ୍ରତୀକାତ୍ମକ ଚରିତ୍ର ସୃଷ୍ଟିକରେ ଯେ ପ୍ରତିବାଦ କରିବାର ସାମର୍ଥ୍ୟ ଥାଇ ମଧ୍ୟ ପୁତ୍ତଳିକା ଭଳି ଆଚରଣ କରନ୍ତି । ଅଭିନୟର ସୁବିଧା ଦୃଷ୍ଟିରୁ ଅନେକ ଅନୁଷ୍ଠାନର ଅନୁରୋଧରେ ନାରୀ ଚରିତ୍ରହୀନ ନାଟକ ସୃଷ୍ଟି ହୋଇଛି ତଥାପି ନାରୀ ଚରିତ୍ରର ପରୋକ୍ଷ ଉପସ୍ଥିତିକୁ ବାଦ୍ ଦେବା ସମ୍ଭବ ହୋଇ ପାରିନାହିଁ । ଓଡ଼ିଆ ସାହିତ୍ୟରେ ଗୋପାଳ ଛୋଟରାୟଙ୍କ 'ଶତରଞ୍ଜି', ବିଶ୍ୱଜିତ ଦାସଙ୍କ 'ଇଣ୍ଟରଭ୍ୟୁ' କାର୍ତ୍ତିକ ରଥଙ୍କର ନାୟିକା ସମ୍ବାଦ, ରମେଶ ପାଣିଗ୍ରାହୀଙ୍କର ପଶୁ, ରତ୍ନାକର ଚଇନିଙ୍କର ଅନେକ ନିଶ୍ୱାସର ଆକାଶ ପ୍ରଭୃତି କେବଳ ନାରୀ ଚରିତ୍ରକୁ ନେଇ ରଚିତ ଏକାଙ୍କିକା ।

ଆଜି ଅନେକ ନାଟ୍ୟକାର ନାଟକ ରଚନା କରୁଛନ୍ତି । ଅନେକ ସୂକ୍ଷ୍ମ ଅନୁଭୂତି ସମ୍ପନ୍ନା ନାରୀ ଚରିତ୍ର ସୃଷ୍ଟି ହେଉଛି । ତଥାପି ଆମେ ସେହିଦିନକୁ ଅପେକ୍ଷା କରିବା ଯେତେବେଳେ ବହୁସଂଖ୍ୟାରେ ନାରୀ ନାଟ୍ୟକାର ଓଡ଼ିଶାରେ ସୃଷ୍ଟି ହେବେ ଓ ନାରୀ ସମସ୍ୟା ବ୍ୟାଖ୍ୟା କରିବା ପାଇଁ, ଅଂଶେ ଲିଖିଇବା ପାଇଁ ଆହୁରି ଶକ୍ତିଶାଳୀ ଆହୁରି ପ୍ରାଣବନ୍ତ ନାରୀଚରିତ୍ର ସୃଷ୍ଟି ହେବ ।

Digitized by srujanika@gmail.com

ଓଡ଼ିଆ ସାହିତ୍ୟରେ ନାରୀର ସାମାଜିକ ସ୍ଥିତି ଓ ସ୍ୱରୂପ ।

ଡଃ ରଂଜିତା ନାୟକ

ନାରୀ ଓ ପୁରୁଷ ଉଭୟଙ୍କୁ ନେଇ ମଣିଷ ସମାଜ ଗଠିତ । ଏ ଦୁହେଁ ସମାଜ ରୂପକ ଶକଟର ଦୁଇଟି ଚକ । ଗୋଟିଏ ଚକ ଭାଙ୍ଗିଗଲେ ବା ସେଥିରେ କିଛି ଅସୁବିଧା ଉପୁଜିଲେ ଶକଟଟି ନିଜର କର୍ମସାଧନ କରିବା ପାଇଁ ସମର୍ଥ ହୁଏନାହିଁ । ଅକାମି ହୋଇଯାଏ । ସେହିପରି ନାରୀ ପୁରୁଷ ମଧ୍ୟରୁ କେହି ଜଣେ ଏକାକୀ ସମାଜ ବୋଝକୁ ବୋହିପାରେ ନାହିଁ । ସମାଜକୁ ନିଜ ଲକ୍ଷ୍ୟ-ସ୍ଥଳରେ ପହଞ୍ଚାଇ ପାରେନାହିଁ । ସମାଜ ପଙ୍ଗୁ ପାଲଟେ । ସୁତରାଂ ସମାଜ ପାଇଁ ଦୁହିଁଙ୍କର ଆବଶ୍ୟକତା ନିଶ୍ଚିତଭାବେ ସମାନ । ସେଥିପାଇଁ ସୃଷ୍ଟିର ପ୍ରାରମ୍ଭରୁ ପ୍ରକୃତି ପୁରୁଷ ଆଦାମ ଓ ଇଭ୍‌ର ପରିକଳ୍ପନା ।

ମାତ୍ର କେଉଁ ଯୁଗରେ କାହିଁକି କେଜାଣି ସମାଜରେ ପୁରୁଷଠାରୁ ନାରୀର ସ୍ଥାନକୁ ନିମ୍ନକୁ ଖସାଇ ଦିଆଯାଇଛି ତାର ଇତିହାସ ଆଜି ଆମ ପାଖରେ ନାହିଁ । ହୁଏତ ଶାରୀରିକ ଶକ୍ତିସାମର୍ଥ୍ୟରୁ ଏହି ବିଭେଦର ସୃଷ୍ଟି । ପରବର୍ତ୍ତୀ ସମୟରେ ନାରୀର ମାନସିକ ବିକାଶକୁ ମଧ୍ୟ ପୁରୁଷର ସମକକ୍ଷ ବୋଲି ପ୍ରାୟ ମନେ କରାଯାଇନାହିଁ । ପୁରୁଷର ସୃଷ୍ଟି ପରେ ନାରୀର ସୃଷ୍ଟି ବୋଲି ପ୍ରାଚୀନ ଶାସ୍ତ୍ର ମାନଙ୍କରେ ଉଲ୍ଲେଖ ଅଛି । ଆଦାମ୍‌ଙ୍କ ପିଞ୍ଜରାସ୍ଥିରୁ ଈଶ୍ୱର ପ୍ରଥମା ନାରୀକୁ ସୃଷ୍ଟି କରିଥିବା ବାଇବେଲ୍‌ରେ ବର୍ଣ୍ଣିତ ଅଛି । ଏହି ସବୁ ଶାସ୍ତ୍ରୀୟ ମତବାଦ କାଳକ୍ରମେ ଏକ ବଦ୍ଧମୂଳ ଧାରଣା ସୃଷ୍ଟି କରିଦେଇଛି ଯେ ସମାଜରେ ନାରୀର ସ୍ଥାନ ପୁରୁଷଠାରୁ ନିମ୍ନରେ । କେବଳ ପ୍ରାଚ୍ୟ ଖଣ୍ଡରେ ନୁହେଁ ପୃଥିବୀର ବିଭିନ୍ନ ଦେଶର ସମାଜ ବ୍ୟବସ୍ଥାରେ ନାରୀକୁ ନବୁବେଳେ ଉଚ୍ଚାସନ ମିଳିନାହିଁ । ପ୍ରାଚୀନ ଯୁଗରେ ନାରୀ ସାଧାରଣତଃ ପୁରୁଷର ସମ୍ପତ୍ତି ହୋଇ ରହିଥିଲା । ସେଥିପାଇଁ ସେ ଥିଲା ପରାଧୀନା । ମନୁ ସଂହିତାର ନବମ ଅଧ୍ୟାୟରେ ଉଲ୍ଲେଖ ଅଛି—

"ପିତା ରକ୍ଷତି କୌମାରେ, ଭର୍ତ୍ତା ରକ୍ଷତି ଯୌବନେ
ରକ୍ଷନ୍ତି ସ୍ଥବିରେ ପୁତ୍ରା ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟ ମର୍ହତି ।"

Digitized by srujanika@gmail.com

ଅର୍ଥାତ୍ କୌମାର ଅବସ୍ଥାରେ ପିତାଙ୍କଦ୍ୱାରା, ଯୌବନରେ ପତିଦ୍ୱାରା ଏବଂ ବୃଦ୍ଧାବସ୍ଥାରେ ପୁତ୍ରଙ୍କ ଦ୍ୱାରା ରକ୍ଷଣୀୟା ହୋଇଥିବାରୁ ନାରୀର ସ୍ୱାଧୀନ ସ୍ଥିତି ସମ୍ଭବ ନୁହେଁ । ପ୍ରାଚୀନ ଯୁଗର ଏହି ଧାରଣା ଯୁଗ ଯୁଗ ଧରି ଗଡ୍ଡାଳିକା ପ୍ରବାହ ପରି ଗଡି ଆସିଛି ।

ଏହା ସତ୍ତ୍ୱେ ଆର୍ଯ୍ୟ ସଂସ୍କୃତିରେ ନାରୀ ଦେବୀ ଭାବେ କଳ୍ପିତ ହୋଇଛି । ସ୍ୱର୍ଗ ତାର କ୍ଷେତ୍ର । ମର୍ତ୍ତ୍ୟ ତାର ଲୀଳାଭୂମି । ସୃଷ୍ଟି ସ୍ଥିତି ଓ ବିଲୟର କାରଣ ସେ । ଚଣ୍ଡୀର ଦ୍ୱିତୀୟ ଅଧ୍ୟାୟରେ ବର୍ଣ୍ଣିତ ଅଛି—

"ଅତୁଳମ୍ ତତ୍ର ତେଜଃ
ସର୍ବଦେବ ଶରୀରଜମ୍
ଏକସ୍ଥମ୍ ତଦ୍‌ଭୂନାରୀ
ବ୍ୟାପ୍ତଲୋକ ତ୍ରୟମ୍ ତ୍ୱିଷ ।"

ଅର୍ଥାତ୍ ସବୁ ଦେବତାଙ୍କର ତେଜ ତିନିଲୋକକୁ ବ୍ୟାପୀଗଲା ଓ ସେଥିରୁ ଏକ ଦିବ୍ୟନାରୀ ଉଦ୍‌ଭବ ହେଲା । ଏଇ କେତୋଟି ଧାଡ଼ିରେ ଭାରତୀୟ ଦର୍ଶନରେ ନାରୀର ସ୍ୱରୂପକୁ ବୁଝାଇ ଦିଆଯାଇଛି । ଦୟା, କ୍ଷମା, କରୁଣା ଓ କୋମଳତାର ମୂର୍ତ୍ତିମନ୍ତ ବିଗ୍ରହ ସେ । ମରୁଭୂମିର ବାଲୁକା ରାଶିକୁ ପବନ ଘଡ଼ି ଘଡ଼ି ସଜାଇଲା ଭଳି ସେ ସଜେଇ ଦିଏ ଜୀବନକୁ, ପରିବାରକୁ ଓ ସମାଜକୁ, ବିଭିନ୍ନ ରୂପରେ ବିଭିନ୍ନ ରଙ୍ଗରେ । ତାର ସୁରଭିରେ ଜୀବନର ଗଳିକନ୍ଦି, ବାହାର ଭିତର ଚତୁର୍ଦ୍ଦିଗ ମହକି ଉଠେ । ବିଭିନ୍ନ ରୂପରେ ସେ ଦେଖାଦିଏ । ଦୁଷ୍ଟର ବିନାଶ ପାଇଁ ସେ କୃପାଣ ପଜାଇ ମହିଷାମର୍ଦ୍ଦିନୀ ସାଜେ, ଖଣ୍ଡା ଖର୍ପର ଧାରଣ କରି ମୁଣ୍ଡମାଳ ବେକରେ ପକାଇ ଭୈରବୀ ରୂପରେ ଆତଙ୍କ ଖେଳାଏ । କେତେବେଳେ ଦେବୀ ସାଜି ଧନଜନ ଗୋପଲକ୍ଷ୍ମୀ ଅଡ଼ାଚିତେ ଅଞ୍ଜଳି ପକାଇ ପୂଜାର୍ଚ୍ଚନା ଘେନେ । ତପସ୍ୱିନୀ ହୋଇ ତପବଳରେ ଯମ କବଳରୁ ପତି ଜୀବନକୁ ଲେଉଟାଇ ଆଣେ । ପୁଣି କେତେବେଳେ ନୟନ ଅଶ୍ରୁରେ ସୁବର୍ଣ୍ଣ ଲଙ୍କାକୁ ଭସ୍ମୀଭୂତ କରେ । ଆଉ କେତେବେଳେ ଚଉରା ମୂଳରେ ସଂଜବତୀ ପରି ନିଜେ ଜଳି ଜଳି ଅନ୍ୟକୁ ଆଲୋକିତ କରେ । ଜନନୀ ରୂପରେ ଲୁହଲହୁ ଉଷୁମଛାତିରେ ସନ୍ତାନକୁ ଚାକିଧରେ । ତାର ପରଶରେ ହୃଦୟରୁ ତାତିକମିଯାଏ, ମନରୁ ଦରଜ ଯାଏ । ପତ୍ନୀ ରୂପରେ ସେ ପୁରୁଷର ହୃଦୟକୁ ପ୍ରୀତିରସରେ ସିକ୍ତ କରେ । ଜୀବନକୁ ଛନ୍ଦମୟ କରେ । ଆଗେଇ ଯିବାକୁ ପ୍ରେରଣା ଦିଏ । ଜାୟା-ଜନନୀ-ଭଗିନୀ ରୂପରେ କୁଳପାବନୀ ସାଜି ସେ କୁଳ ଉଦ୍ଧାର କରେ ।

Digitized by srujanika@gmail.com

ପୁଣି କେତେବେଳେ ସେ ସ୍ୱେଚ୍ଛାଗ୍ରହିଣୀ ହୁଏ । ଭରତା ସାଜି ଋଷ୍ୟଶୃଙ୍ଗ ମୁନିର ତପଭଙ୍ଗ କରେ । ସେ ବହୁରୂପୀ । ବିଭିନ୍ନ ଦିଗର ଦେଖିଲେ ସେ ଭିନ୍ନ ଭିନ୍ନ ରୂପରେ ଦେଖାଦିଏ । ବିଶେଷତଃ ସମୟ ଓ ପରିବେଶକୁ ଗ୍ରହି ସ୍ଥିତି, ସ୍ୱରୂପ ପ୍ରକୃତି ନିୟନ୍ତ୍ରିତ ହୁଏ । ସାହିତ୍ୟ ରୂପକ ଦର୍ପଣରେ ପ୍ରତିବିମ୍ବିତ ହୁଏ ତାର ଛବି ।

ପ୍ରାଚୀନ ଯୁଗରେ ସ୍ଥଳବିଶେଷରେ ନାରୀର କୃତିତ୍ୱ ଓ ମହନୀୟତା ଉଦ୍‌ଘୋଷିତ ହୋଇଥିବାର ଲକ୍ଷ କରଯାଏ । ତତ୍‌କାଳୀନ ସମାଜରେ ନାରୀର ସ୍ୱାଧୀନତା ଥିଲା । ବିବାହ, ନୃତ୍ୟଗୀତ, ଭୋଜିଭାତ ପ୍ରଭୃତି ସାମାଜିକ ଉତ୍ସବ ଓ ଧର୍ମ କାର୍ଯ୍ୟରେ ସେ ଯୋଗ ଦେଇ ପାରୁଥିଲା । ପରିଣତ ବୟସରେ ସେ ବିବାହ କରୁଥିଲା ଓ ନାରୀ ଜାତିର ନୈତିକମାନ ଉଚ୍ଚରେ ଥିଲା । ବୌଦ୍ଧିକ କ୍ଷେତ୍ରରେ ମଧ୍ୟ ସେ କୃତିତ୍ୱ ପ୍ରଦର୍ଶନ କରି ବୈଦିକ ମନ୍ତ୍ର ରଚନା କରିପାରୁଥିଲା । ପାଣିନି ଓ ପତଞ୍ଜଳିଙ୍କ ଯୁଗରେ ପରଦା ପ୍ରଥାର ପ୍ରଚଳନ ନଥିଲା । ଆର୍ଯ୍ୟମାନଙ୍କ ଭାରତକୁ ଆଗମନର ବହୁ ଶତାବ୍ଦୀ ପରେ ମଧ୍ୟ ସମାଜରେ ନାରୀର ଆସନ ଉଚ୍ଚରେ ଥିଲା ।

ମଧ୍ୟଯୁଗରେ ମୁସଲମାନମାନଙ୍କର ବାରମ୍ବାର ଆକ୍ରମଣ ଫଳରେ ଭାରତରେ ରାଜନୈତିକ ଅସ୍ଥିରତା ଦେଖା ଦେଇଥିଲା । ସାମାଜିକ ଓ ଆର୍ଥିକ ସଙ୍କଟ ଫଳରେ ନାରୀମାନଙ୍କ ସ୍ୱାଧୀନତା ଅପହୃତ ହେଲା । ପରଦା ପ୍ରଥାର ପ୍ରଚଳନ ଫଳରେ ନାରୀ ଘର କୋଣରେ ବନ୍ଦିନୀ ହେଲା । ରାଜା ଓ ସାମନ୍ତ ପରିବାରରେ ବହୁ ପତ୍ନୀ ଗ୍ରହଣ, ବାଲ୍ୟ ବିବାହ ପ୍ରଚଳନ ନାରୀ ସମସ୍ୟାକୁ ବହୁଗୁଣିତ କଲା । ବିଧବାର ପୁନର୍ବିବାହ ଅଧିକାର ଆଉ ରହିଲା ନାହିଁ । ଫଳରେ ସେ ସନ୍ନ୍ୟାସିନୀର ଜୀବନଯାପନ କଲା । ଅଶିକ୍ଷା ଓ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନାରୀସମାଜ ଦୁର୍ବଳ ହେଲା ।

ପଞ୍ଚଦଶ ଶତାବ୍ଦୀରେ ରଚିତ ସାରଳା ମହାଭାରତ ତତ୍‌କାଳୀନ ସମାଜରେ ନାରୀର ସ୍ଥିତି ଓ ସ୍ୱରୂପ ସମ୍ପର୍କରେ ସମ୍ୟକ୍ ସୂଚନା ଦିଏ । ମହାଭାରତରେ ସ୍ଥାନିତ ଅସଂଖ୍ୟ ନାରୀଚରିତ୍ର ଆଦର୍ଶ ଓ ବାସ୍ତବତାର ପୃଷ୍ଠଭୂମି ଉପରେ ଦଣ୍ଡାୟମାନ । ସେମାନେ ରକ୍ତମାଂସ ଧାରିଣୀ ନାରୀ । ସୁତରାଂ ସେମାନଙ୍କ ଜୀବନରେ ଆଶା-ଆକାଂକ୍ଷା, ହିଂସା-ଦ୍ୱେଷ, କ୍ରୋଧପରି ଦୋଷଗୁଣ ସହିତ ଦୟା କ୍ଷମା ଉଦାରତା ଓ କର୍ତ୍ତବ୍ୟପରାୟଣତା ଆଦି ସଦ୍‌ଗୁଣାବଳୀ ନିହିତ । ଗୃହିଣୀ ରୂପରେ ସେ ସମସ୍ତ ପାରିବାରିକ ଦାୟିତ୍ୱ ବହନ କରିଛି ।

Digitized by srujanika@gmail.com

ଗୃହସୁଲଭ କର୍ମମାନ ସମ୍ପାଦନ କରିଛି । ନିଜ ହାତରେ ରନ୍ଧନ କରି ପରିବାର-ବର୍ଗଙ୍କୁ ଭୋଜନ କରାଇଛି । ନବବଧୂ ତାର ସ୍ୱାମୀଙ୍କର ପ୍ରତ୍ୟେକ ସଂପର୍କୀୟମାନଙ୍କ ସହିତ ସୌହାର୍ଦ୍ଦପୂର୍ଣ୍ଣ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିଛି । ନାରୀର କର୍ତ୍ତବ୍ୟ କେବଳ ପାରିବାରିକ କର୍ମରେ ସୀମିତ ହୋଇ ରହିନାହିଁ । ଆବଶ୍ୟକ ସ୍ଥଳେ ପୁରୁଷକୁ ସତ୍‌ପରାମର୍ଶ ଦେଇଛି । ଭାନୁମତୀ ଓ ଦ୍ରୌପଦୀଙ୍କ ଜୀବନରୁ ଏହାର ସତ୍ୟତା ଉପଲବ୍‌ଧି କରିହୁଏ । ପଣ୍ଡୁଙ୍କର ଧନ ସମ୍ପଦ ଦେଖି ଧୃତରାଷ୍ଟ୍ର ନିଜ କର୍ମକୁ ନିନ୍ଦା କଲାବେଳେ ଗାନ୍ଧାରୀ ତାଙ୍କୁ ପରାମର୍ଶ ଦେଇ ଉଚିତ ମାର୍ଗ ଦର୍ଶାଇଛନ୍ତି ।

> "ଛାଡ଼ ଛାଡ଼ ଅଭିମାନ ନୃପତି ଏଥେ
> ଦୁଃଖ ସୁଖ ହୃଦଗତେ ସଦା ରହିଥାଏ
> ଅପର ସମ୍ପଦ ଦେଖି ନହୁଅ ବିକଳ
> ଦୁଦଶା କୁଦଶା ହୁଏ ଅଳପକେ ଭଲ ।"
>
> (ସା: ମ: ଆଦିପର୍ବ)

ସେହିପରି ଦୁର୍ଯ୍ୟୋଧନଙ୍କ ପତ୍ନୀ ଭାନୁମତୀ ସ୍ୱାମୀଙ୍କୁ ଶ୍ରୀକୃଷ୍ଣଙ୍କ ପ୍ରସ୍ତାବରେ ରାଜି ହୋଇ ପାଣ୍ଡବମାନଙ୍କୁ ପାଞ୍ଚଗୋଟି ଗ୍ରାମ ଦାନ କରିବା ପାଇଁ ପରାମର୍ଶ ଦେଇଥିଲେ । କେବଳ ପଞ୍ଚଦଶ ଶତାବ୍ଦୀରେ ନୁହେଁ, ଏଯାବତ୍‌ ମଧ୍ୟ ନାରୀ ପାରିବାରିକ ଜୀବନରେ ଆବଶ୍ୟକ ସ୍ଥଳେ ପୁରୁଷକୁ ପରାମର୍ଶ ଦେଇ-ଆସିଛି । କେତେବେଳେ ତାହା ପୁରୁଷ ଦ୍ୱାରା ଗ୍ରାହ୍ୟ ହୋଇଛି ତ କେତେ-ବେଳେ ଦାମ୍ଭିକ ପୁରୁଷ ତାର ପରାମର୍ଶକୁ ହେୟ ମନେକରି ଅଗ୍ରାହ୍ୟ କରି ଦେଇଛି ।

ଉପାର୍ଜନ କ୍ଷେତ୍ରରେ ମଧ୍ୟ ନାରୀ ପୁରୁଷକୁ ସାହାଯ୍ୟ କରିଥିବାର ଦୃଷ୍ଟାନ୍ତ ସାରଳା ମହାଭାରତରୁ ମିଳେ । ବିଭିନ୍ନ ବିଷୟରେ ଶିକ୍ଷାଲାଭ କରି ଉତ୍କଳୀୟ ନାରୀ ନିଜ ବିଦ୍‌ବତ୍ତାର ପରିଚୟ ପ୍ରଦାନ କରିଛି । ଭାନୁମତୀ ପରମ ଜ୍ଞାନବତୀ ଥିଲେ, ଦ୍ରୌପଦୀ ସକଳ ଶାସ୍ତ୍ର ନିପୁଣା ପଣ୍ଡିତା ଥିଲେ । ରାଣୀ ସୁଦେଷ୍ଣା ଯୁଦ୍ଧ ବିଦ୍ୟା ଓ ରାଜନୀତି ସମ୍ବନ୍ଧରେ ଜ୍ଞାନଲାଭ କରିଥିଲେ । ଭୁବନେଶ୍ୱରର ମନ୍ଦିର ଗାତ୍ରରେ ଥିବା ଚିତ୍ରପଟରୁ ଉତ୍କଳରେ ନାରୀ ଶିକ୍ଷାର ପରମ୍ପରା ଥିବା ସହଜରେ ଉପଲବ୍‌ଧି କରିହୁଏ । ପଞ୍ଚଦଶ ଶତାବ୍ଦୀରେ ମାଧବୀ ଦାସୀ କାବ୍ୟ ରଚନା କରିଥିଲେ । 'ଶଶିରେଖାବତୀ' ଓ 'ଉଷାଭିଳାସ' କାବ୍ୟର ନାୟିକା ନୃତ୍ୟଗୀତ ଓ ସାହିତ୍ୟରେ ନିପୁଣା ଥିଲେ ।

Digitized by srujanika@gmail.com

ମହାଭାରତ ଯୁଗରେ ଉତ୍କଳୀୟ ନାରୀ ବୀରତ୍ୱ ଓ ସାହସର ପରିଚୟ ଦେଇଥିଲା । ଉତ୍କଳର ବୀର ରମଣୀଗଣ ହସି ହସି ପତି ପୁତ୍ରଙ୍କୁ ଯୁଦ୍ଧଭୂମିକୁ ପ୍ରେରଣ କରୁଥିଲେ । ରାଣୀ ସୁଦେଷ୍ଣା ଜଣେ ବୀର ରମଣୀ ଥିଲେ । ଯୁଦ୍ଧକୁ ଗଲାବେଳେ ରାଣୀ ଦ୍ରୌପଦୀ ସ୍ୱାମୀମାନଙ୍କୁ ବନ୍ଦାପନା କରି ବିଦାୟ ଦେଉଥିଲେ । ପାଣ୍ଡବ ମାତା କୁନ୍ତୀ ବୀର ସନ୍ତାନର ଜନନୀରୂପେ ପରିଚିତା ହେବାପାଇଁ ଏକାନ୍ତ ଭାବେ ମହାଭାରତ ଯୁଦ୍ଧ କାମନା କରିଥିଲେ । କେବଳ ମହାଭାରତ ନୁହେଁ; ଚଣ୍ଡୀ ପୁରାଣରେ ଦୁର୍ଗା ନାରୀ ବେଶରେ ଅସୁର ନିଧନ କରିଥିଲେ । 'ଶଶୀସେଣା' କାବ୍ୟରେ ନାୟିକା ଶଶୀସେଣା ପୁରୁଷ ବେଶ ଧରି ସାହସର ସହିତ ଗଣ୍ଡା ବଧ କରିଥିଲେ । କିମ୍ବଦନ୍ତୀ କହେ ତାଙ୍କ ମୃତ୍ୟୁର ରାଣୀ ଶତ୍ରୁ ବିରୁଦ୍ଧରେ ସୈନ୍ୟ ଚାଳନା କରିଥିଲେ ।

ପରଦାପ୍ରଥା ସାର୍ବଜନୀନ ରୀତି ନଥିଲା । ବୟସ୍କା ରମଣୀ ପରଦା ବ୍ୟବହାର କରୁନଥିଲେ । କେବଳ ବିବାହ କରିବାକୁ ଯାଉଥିବା ନାରୀ ଓ ନବବଧୂ ପାଇଁ ପରଦା ଉଦିଷ୍ଟ ଥିଲା । ସାଧାରଣରେ ବିଧବା ବିବାହର ପ୍ରଚଳନ ନଥିଲା । ବିଧବାମାନେ ପବିତ୍ର ନିଷ୍ଠାପର ଜୀବନଯାପନ କରୁଥିଲେ । ରାଜ ପରିବାରରେ ବହୁପତ୍ନୀ ଗ୍ରହଣ ପ୍ରଥା ପ୍ରଚଳିତ ଥିଲେ ମଧ୍ୟ ଏକପତ୍ନୀ ଗ୍ରହଣ ଆଦର୍ଶ ରୀତି ଥିଲା । ମୋଟ ଉପରେ ପଞ୍ଚଦଶ ଶତାବ୍ଦୀରେ ସମାଜରେ ନାରୀ ଜାତି ପ୍ରତି ଭଲ ମନୋଭାବ ଥିଲା । ସଭ୍ୟତାର ଦୀର୍ଘ ଇତିହାସରେ ଅସଂଖ୍ୟ ବାଧାବିଘ୍ନ ବହିଃଶତ୍ରୁ ଆକ୍ରମଣ, ବିଭିନ୍ନ ଧର୍ମଧାରଣା କୁସଂସ୍କାର ଓ ଅନ୍ଧବିଶ୍ୱାସର ସମ୍ମୁଖୀନ ହୋଇ ସମାଜ ପରିବର୍ତ୍ତିତ ହୋଇଛି । ତତ୍ ସଙ୍ଗେସଙ୍ଗେ ସମାଜରେ ନାରୀର ସ୍ଥାନ, ନାରୀ ଜାତି ପ୍ରତି ମନୋଭାବ ମଧ୍ୟ ପରିବର୍ତ୍ତିତ ହୋଇଛି । ବିଭିନ୍ନ ସାମାଜିକ ପ୍ରଥା ସହିତ ନାରୀଜାତି ସଂଶ୍ଳିଷ୍ଟ ହେବାଦ୍ୱାରା ନାରୀ ସମାଜର ପ୍ରଗତି ପଥରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଅଶିକ୍ଷା ଓ ଅନ୍ଧବିଶ୍ୱାସର ବଶବର୍ତ୍ତିନୀ ହୋଇ ତାର ସାମାଜିକ ସ୍ଥିତିକୁ ସେ ଦୃଢ଼ କରିପାରି ନାହିଁ ।

ଷୋଡଶ ଶତାବ୍ଦୀରେ ଇଂରେଜମାନଙ୍କ ଭାରତକୁ ଆଗମନ ଏକ ଯୁଗାନ୍ତକାରୀ ଘଟଣା । ସେମାନଙ୍କ ଆଗମନ ପରେ ଭାରତରେ ଆଧୁନିକ ଶିକ୍ଷାର ପ୍ରସାର ଘଟିଥିଲା । ଆଇନ୍ ପ୍ରଣୟନ କରି ସତୀଦାହ ପ୍ରଥାକୁ ଉଠାଇ ଦିଆଗଲା । ବିଧବା ବିବାହର ପ୍ରଚଳନ ହେଲା । ନାରୀଶିକ୍ଷାର ପ୍ରସାର ଘଟିଲା । ସାହିତ୍ୟରେ ଏହାର ଦ୍ୟୁତ ପ୍ରକଟିତ ହେଲା ।

ମଧ୍ୟଯୁଗୀୟ ଓଡ଼ିଆ କାବ୍ୟକଳାର ପ୍ରତିଭାଶାଳୀ ସ୍ରଷ୍ଟା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ସାଧାରଣତଃ ଜୀବନର ଚିତ୍ର ପ୍ରକାଶ ପାଇଛି ।

Digitized by srujanika@gmail.com

'ଲାବଣ୍ୟବତୀ' 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' 'ବୈଦେହୀଶ ବିଳାସ' ପ୍ରଭୃତି କାବ୍ୟ ପ୍ରତ୍ୟେକ କାବ୍ୟ ନାୟିକା ହୁଏତ ଦେବୀ ନଚେତ୍ ରାଜକନ୍ୟା । ନାରୀ ଏଠି ପ୍ରେମମୟୀ । ସମଗ୍ର ସୃଷ୍ଟିରେ ଏହି ନାରୀର ବନ୍ଦନା କରି କରି ନିଜକୁ ଧନ୍ୟ ମଣିଛି । ନାରୀ ଚରିତ୍ରର ବିଭିନ୍ନ ଦିଗ ପ୍ରତି ସେ ଉଦାସୀନ ହୋଇ ଉଠିଛି । ନାରୀର ରୂପରେ କେବଳ ପ୍ରକୃତିର ଅପରୂପ ସାମ୍ୟ ଦର୍ଶନ କରିଛି । ଫଳରେ ନାରୀ ସୃଷ୍ଟି ପ୍ରକୃତି ସର୍ବସ୍ୱ ହୋଇ ଉଠିଛି ।

ଆଧୁନିକ ଯୁଗର ଆଦ୍ୟ ଯୁଗରେ ଶିକ୍ଷାର ପ୍ରସାର ଘଟିଛି । ପାଶ୍ଚାତ୍ୟ ଶିକ୍ଷା ସଭ୍ୟତାର ପ୍ରଭାବରେ ପ୍ରଭାବିତ ହୋଇ କବିବର ରାଧାନାଥ ସୃଷ୍ଟି କରିଛନ୍ତି ତାଙ୍କ କାବ୍ୟ ସମୂହ । କେଦାର-ଗୌରୀ, ଉଷା, ନନ୍ଦିକେଶ୍ୱରୀ, ପାର୍ବତୀ, ଚନ୍ଦ୍ରଭାଗା ପ୍ରଭୃତି କାବ୍ୟରେ ସେ ବିଦେଶିନୀ ନାରୀଙ୍କୁ ଓଡ଼ିଶାର ବେଶ-ପୋଷାକ ପିନ୍ଧାଇ ଏହି ପାଣି ପବନରେ ବର୍ଦ୍ଧିତ କରାଇବାକୁ ଚେଷ୍ଟା କରିଛନ୍ତି । ଓଡ଼ିଆ ସମାଜ ଓ ସଂସ୍କୃତି ସହିତ ସେମାନେ ସଂପୂର୍ଣ୍ଣ ଅପରିଚିତା । ପରମ୍ପରା ଓ ଆଦର୍ଶଠାରୁ ବହୁ ଦୂରରେ । ସୁତରାଂ ସେମାନେ ପାଦ ମିଳାଇ ଚାଲିପାରି ନାହାନ୍ତି । ହାସ୍ୟାସ୍ପଦ ହୋଇଛନ୍ତି, ନିନ୍ଦିତ ହୋଇଛନ୍ତି । ନିଶାର୍ଦ୍ଧରେ ନନ୍ଦିକା ପିତାଙ୍କ ମସ୍ତକରୁ ଚୈତ୍ରମଣି ନେଇ ପ୍ରେମିକ ଚୋଡ଼ଗଙ୍ଗଙ୍କ ଶିବିରରେ ଉପସ୍ଥିତ ହୋଇଛି । ନନ୍ଦିକାର ପ୍ରେମ ନାରୀ ଜଗତରେ ବିରଳ । ଅପର ପକ୍ଷରେ ପିତୃଦ୍ରୋହୀ, ରାଜଦ୍ରୋହୀ ହୋଇ ପରମ୍ପରାକୁ ଭଗ୍ନ କରିଥିବାରୁ କବିବର ରାଧାନାଥ ଅନେକ ସମାଲୋଚନାର ଶରବ୍ୟ ହୋଇଛନ୍ତି—

"ଘର ଛାଡ଼ି କିମ୍ବା ଯିବେ ସେ ବୀରବାଳା ନନ୍ଦିକା
ସହକାର ଦ୍ରୁମ ଗହଳେ ଭେଦି କ୍ଷୀଣ ଚନ୍ଦ୍ରିକା ।"

ତଥାପି ଅନେକତ୍ର କବି ନାରୀର ଦୋଷତ୍ରୁଟି ପାପ ଦୁର୍ବଳତା ପ୍ରଦର୍ଶନ କରିଛନ୍ତି । ଜନନୀର ଆଦର୍ଶ, ପତ୍ନୀର କର୍ତ୍ତବ୍ୟ ଓ ସାଧାରଣ ନାରୀର ବ୍ୟସ୍ତତା ହିଁ ତାଙ୍କ ସୃଷ୍ଟି କଳାର ଧର୍ମ ।

ଓଡ଼ିଆ କଥା ସାହିତ୍ୟରେ ଆଧୁନିକତାର ବାର୍ତ୍ତାବହ କଥା ଶିଳ୍ପୀ ଫକୀରମୋହନ ପାରମ୍ପରିକତାଠାରୁ ଦୂରେଇ ଯାଇଛନ୍ତି । ସମାଜର ଘଟଣା ଓ ଚରିତ୍ରକୁ ନେଇ ସେ ସୃଷ୍ଟି କରିଛନ୍ତି କଳାର କୋଣାର୍କ । ନାରୀର ଦ୍ୱିବିଧ ରୂପକୁ ସେ ସନ୍ଦର୍ଶନ କରିଛନ୍ତି । ଗୋଟିଏ ଦେବୀ ଅନ୍ୟଟି ଦାନବୀ । ଏକା ଧାରରେ ସେ ନାରୀକୁ ସମ୍ମାନ ଓ ଭକ୍ତି କରିଛନ୍ତି ପୁଣି ଘୃଣାରେ ନାସାକୁଞ୍ଚନ କରିଛନ୍ତି ।

Digitized by srujanika@gmail.com

ଭାରତୀୟ ନାରୀ ବହୁ ସଦ୍‌ଗୁଣ ଓ ମହତ୍ତ୍ୱର ଅଧିକାରିଣୀ । ସେ ଦୟା କ୍ଷମା ସହାନୁଭୂତି, ତ୍ୟାଗ ସଂଯମ, ଧର୍ମପରାୟଣତା ପ୍ରଭୃତି ଗୁଣର ମୂର୍ତ୍ତିମନ୍ତ ଦେବୀ ସୀତା । ତାର ଆଦର୍ଶ । ଯାହାକିଛି ପବିତ୍ର, ନିଷ୍ପାପ, ସୁନ୍ଦର, ଯାହା ଭିତରେ ନାରୀର ସତୀତ୍ୱ ନିହିତ ସୀତା କହିଲେ ଭାରତରେ ତାହାହିଁ ବୁଝାଏ । ସେ ସତୀତ୍ୱର ମୂର୍ତ୍ତ ବିଗ୍ରହ । ଦାରୁଣ ଦୁଃଖ କଷ୍ଟ ଭୋଗ କରିବା ସତ୍ତ୍ୱେ ସେ ରାମଙ୍କ ବିରୁଦ୍ଧରେ ପଦେ କଥା କହିନାହାଁନ୍ତି । ଧର୍ମ ପରିପ୍ରେକ୍ଷିରେ ସେ ସମଗ୍ର ଜୀବନକୁ ଉତ୍ସର୍ଗ କରିଯାଇଛନ୍ତି । ଅଗ୍ନି ପରୀକ୍ଷା ପରେ ମଧ୍ୟ ସୀତାଙ୍କୁ ସମାଜ ଗ୍ରହଣ କରିନି, ନିର୍ବାସିତ କରାଇ ତାଙ୍କ ପ୍ରତି ଘୋର ଅନ୍ୟାୟ କରାଯାଇଛି । ତଥାପି ସୀତା ନିଜ ଭାଗ୍ୟ ବ୍ୟତୀତ କାହାରିକୁ ଦୋଷାରୋପ କରିନାହାଁନ୍ତି । ଏହାହିଁ ଭାରତୀୟ ଆଦର୍ଶ, ଆହତ ହୋଇମଧ୍ୟ ସେ କେବେହେଲେ ପ୍ରତ୍ୟାଘାତ କରିନାହାନ୍ତି । ଭାରତୀୟ ନାରୀ ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ହସି ହସି ଦୁର୍ବୃତ୍ତର ଅତ୍ୟାଚାର ସହିଛି । ପ୍ରାଚୀନ ଯୁଗଠାରୁ ଆଧୁନିକ ଯୁଗପର୍ଯ୍ୟନ୍ତ ନାରୀର ଏହି ରୂପକୁ ସାହିତ୍ୟିକ ସାହିତ୍ୟ ପୃଷ୍ଠାରେ ପ୍ରକଟିତ କରିଛି । 'ମହାଭାରତ'ର କୁନ୍ତୀ ଗାନ୍ଧାରୀଠାରୁ ଆରମ୍ଭ କରି ଆଧୁନିକ ଯୁଗର 'ଛମାଣ ଆଠଗୁଣ୍ଠ'ର ସାଆନ୍ତାଣୀ, 'ମାମୁଁ'ର ସରସ୍ୱତୀ ଦେଇ, ଶ୍ରୀମତୀ, 'ଲଛମା'ର ମହାଦେବୀ କମଳାକାନ୍ତ ଦାସଙ୍କ 'ଶରଦୀନାନୀ' 'ତୁ ମୋ ମା'ର ରମା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ-ଠାରେ ଏହି ଆଦର୍ଶ ପରିଲକ୍ଷିତ ହୁଏ ।

ସେନାପତିଙ୍କ ସୃଷ୍ଟିରେ ନାରୀଚରିତ୍ରର ଅନ୍ୟ ଦିଗଟି ହେଲା ସର୍ପ-କୁମ୍ଭୀରଶଙ୍କୁଳା ଚର୍ମଦ୍ରତା । ଚମ୍ପା ଚନ୍ଦ୍ରକଳା ଆଦି ନାରୀ ଏହିପର୍ଯ୍ୟାୟର ଅନ୍ତର୍ଭୁକ୍ତ । କୁଳଚୋତ୍ରହୀନା ଏହି ନାରୀ ଡାଳରୁ ଡାଳକୁ ଉଡିଲା ପକ୍ଷୀ । ଟଙ୍କାଏ ଖାଇ ଖଣ୍ଡିଏ ପିନ୍ଧିବାର ବାସନା ଏମାନଙ୍କର ନାହିଁ । ଅନ୍ୟର ଘରକୁ ଚୂନାକରି ଏମାନେ ଆନନ୍ଦ ପାଆନ୍ତି । ଠିକ୍ ସେହିପରି 'ପେଟେଣ୍ଟ ମେଡିସିନ୍' ଗଳ୍ପର ଉସ୍‌ମାନ ଡାକ୍ତର ଓ ସଭ୍ୟ ଜମିଦାର ଗଳ୍ପର ନୟନତାରା । ପରମ୍ପରାକୁ ଘୃଣା କରୁଥିବା ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ଓଡ଼ିଆ ଯୁବସଂପ୍ରଦାୟ ଏମାନଙ୍କର ଶିକାର ହୋଇଛି, ନିଜକୁ ନିଃଶେଷ କରିଛି ।

ଆଧୁନିକ ଯୁଗର ପ୍ରାଥମିକ ପର୍ଯ୍ୟାୟରେ ବୈଧବ୍ୟ ସମସ୍ୟା ଏକ ମୌଳିକ ସମସ୍ୟାଭାବେ ଦେଖାଦେଇଛି । ବିଧବାର ଦୁଃଖ ଯନ୍ତ୍ରଣା, ଅଶ୍ରୁ ଓ ତା ପ୍ରତି ସମାଜର ବିଦ୍ରୂପ ସାହିତ୍ୟକୁ ସକରୁଣ କରିଛି । ଏହି ବିଧବାମାନଙ୍କୁ ସମାଜ ପୁନର୍ବିବାହର ସୁଯୋଗ ଦେଇନାହିଁ । ସେମାନଙ୍କ ବୁକୁଫଟା ବିଳାପକୁ କର୍ଣ୍ଣପାତ କରିନାହିଁ । ଗୋଦାବରୀଶ ମହାପାତ୍ରଙ୍କ କ୍ଷୁଦ୍ରଗଳ୍ପ 'ନାଳ ମାଷ୍ଟ୍ରାଣୀ', ନନ୍ଦକିଶୋର

Digitized by srujanika@gmail.com

ବଳଙ୍କ କବିତା 'ବାଲ୍ୟବିଧବା'ରେ ବିଧବା ଜୀବନର ଚିତ୍ର ଅଙ୍କିତ । ଏତଦ୍-ବ୍ୟତୀତ 'ବିବାସିନୀ' ଉପନ୍ୟାସର କଳାବତୀ, 'କନକଲତା'ର ଉମା, 'କାଳି ବୋହୂ'ର ଲକ୍ଷ୍ମୀ, 'ବିଦ୍ରୋହ' ଉପନ୍ୟାସର ଗଉରୀ ଆଦି ନାରୀ ବାଲ୍ୟବିଧବାର ଜୀବନ ଅତିବାହିତ କରିଛନ୍ତି । 'ତୁଷବାଇଦ'ର ତୁଳସୀ, 'ଶାନ୍ତି'ର ଧୋବୀ ମଧ୍ୟ ଏହିପରି ଏକ ଏକ କରୁଣ ଚରିତ୍ର ।

ବୈଦିକ ଯୁଗରେ ବିଧବାର ପୁନର୍ବିବାହ ଶାସ୍ତ୍ରାନୁମୋଦିତ ଥିବାବେଳେ ପୁରାଣରେ ବିଧବା ବିବାହ ସପକ୍ଷରେ ଅନେକ ଦୃଷ୍ଟାନ୍ତ ମିଳେ । ରାମାୟଣରେ ବାଳିର ପତ୍ନୀ ତାର ଦେବର ସୁଗ୍ରୀବଙ୍କୁ ବିବାହ କରିଥିବା ବର୍ଣ୍ଣିତ ଅଛି । ମାତ୍ର ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସାଧାରଣ ସ୍ତରରେ ବିଧବା ବିବାହର ପ୍ରଚଳନ ନଥିଲା । ବାପ ମା ପିଲା କନ୍ୟା ଦାନ ଦେଇ ପୁଣ୍ୟ ଅର୍ଜନ କରୁଥିଲେ । କନ୍ୟାଟି ଯୌବନରେ ପଦାର୍ପଣ ନ କରୁଣୁ ବିଧବା ହୋଇଥିଲା । ବିବାହ କ'ଣ ଜାଣିବା ପୂର୍ବରୁ ତା ମଥାରୁ ସିନ୍ଦୂର ଓ ହାତରୁ ଚୂଡ଼ି କାଢ଼ି ନିଆଯାଉଥିଲା । ସଂପୂର୍ଣ୍ଣ ନିରାଭରଣା ହୋଇ ସେ ହବିଷ୍ୟ ଖାଉଥିଲା । ନିର୍ଜଳା ଏକାଦଶୀ ପାଳନ କରୁଥିଲା । ସାମାଜିକ ନୀତି ନିୟମରେ ବାନ୍ଧି ହୋଇ ସକଳ ନିର୍ଯ୍ୟାତନା ଭୋଗ କରୁଥିଲା । ତା ମନରେ ଅସଂଖ୍ୟ ପ୍ରଶ୍ନ ଉଠୁଥିଲା ଯେମିତି 'କାଳିବୋହୂ' ଉପନ୍ୟାସରେ ଲକ୍ଷ୍ମୀ ଭାବିଛି— "ସେ କିମ୍ବା ଆଜି ଏକ ନିରାଶ୍ରୟ ନିଃସଙ୍ଗ ଜୀବନ ବହନ କରି ଏ ଜଗତରେ ବଞ୍ଚିଛି ? କିମ୍ବା ଜଗତର ସମସ୍ତ ଭୋଗ ତା ପାଇଁ ବାରଣ ? ନାରୀତ୍ୱ ମାତୃତ୍ୱରୁ କାହିଁକି ବା ସେ ବଞ୍ଚିତ ? କି ଦୋଷରୁ କି ପାପରୁ ଏ ଦାବଦହନ । ବିବାହ, ପାତିବ୍ରତ୍ୟ ଇତ୍ୟାଦି କୌଣସି ବିଷୟ ସେ ବୁଝି ପାରିନାହିଁ । ବିବାହ କ'ଣ ? କାହାକୁ ସେ ବିବାହ କରିଥିଲା ? କିଏ ତାର ପତି ? ତାହାର ପାତିବ୍ରତ୍ୟର ଦାବୀ କିଏ କରେ, ଏହା ସେ ଏକାନ୍ତରେ ପୋଖରୀ ତୁଠରେ ବସି ଭାବେ । ସଞ୍ଜ ବୁଡ଼ିଯାଏ । ଦୀପ ଲାଗେ, ଠାକୁର ଘରେ ଆରତୀ ହୁଏ, ଲକ୍ଷ୍ମୀ ଉଠିପାରେ ନାହିଁ । ତା ପ୍ରଶ୍ନର ଉତ୍ତର କେହି ଦିଏ ନାହିଁ । ହେଲେ ସମାଜ ବିରୁଦ୍ଧରେ ସେ ବିଦ୍ରୋହ କରିପାରେ ନାହିଁ । କାରଣ ସେ ନାରୀ । ଗାତି ଫିଟାଇବା ତା ପାଇଁ ପାପ । କୁସଂସ୍କାରଗ୍ରସ୍ତ ସମାଜର ନୀତି ନିୟମ ଭିତରେ ଲକ୍ଷ୍ମୀ କେବଳ ସନ୍ତୁଳି ହୋଇଛି ।

ଔପନ୍ୟାସିକା କୁନ୍ତଳା କୁମାରୀଙ୍କୁ ବିଧବା ଜୀବନର କରୁଣ କାହାଣୀ ବ୍ୟଥିତ କରିଛି । ସମାଜର ସମସ୍ତ ବାଧାବିଘ୍ନ ମଧ୍ୟରେ ବନ୍ଦ୍ୟୋପାଧ୍ୟାୟ ସହିତ ସେ ଲକ୍ଷ୍ମୀର ବିବାହ କାର୍ଯ୍ୟ ସମ୍ପନ୍ନ କରି ଦେଇଛନ୍ତି । ମାତ୍ର ଜାହ୍ନବୀଚରଣଙ୍କ ଧୋବୀ ? ଧୋବୀ ଜୀବନର ଦାବୀକୁ ତତ୍କାଳୀନ ସମାଜ ଉପେକ୍ଷା କରିଛି ସତ ମାତ୍ର

Digitized by srujanika@gmail.com

ମନ ଉପେକ୍ଷା କରିପାରିନାହିଁ । ଧୋବ'ର ଆତ୍ମା ପରମେଶ୍ୱର ବିରୁଦ୍ଧରେ ପ୍ରତିବାଦ କରିଛି । ହେଲେ ତୁଣ୍ଡ ଖୋଲି ନାହିଁ, ପ୍ରାଣ ଭିତରେ ତା'ର ନାରୀତ୍ୱ କେବଳ ବୁକ ଫଟା ବିଳାପ କରିଛି । ସେ ବିଳାପ ଅନ୍ତର୍ଭେଦୀ ହେଲେ ମଧ୍ୟ ରକ୍ଷଣଶୀଳ ସମାଜକୁ ଭେଦ କରି ପାରିନାହିଁ । ବିନ୍ଧ୍ୟର ସୋଲଙ୍କି ଭାଷାରେ— "ହୋଇ ଘର ଝିଅ ବିଧବା ବିବାହ କଲେ ସେ ଆଉ ଛାତି ଫୁଲାଇ ବାଟ ଚାଲିପାରିବେ ନାହିଁ । ଆଗରେ ନହେଲେ ମଧ୍ୟ ଲୋକେ ପଛରେ ନିନ୍ଦା କରିବେ । ନାଏକ ବଂଶର ବି କଳଙ୍କ ହେବ । ଏତେବଡ଼ କୁଳର ବୋହୂ ଯାଇ ପରଘରେ ଚୂଲି ଫୁଙ୍କିବ ?"

ସାମାଜିକ ଜୀବନରେ କନ୍ୟାଶୁନା ଓ ଯୌତୁକ ଦୁଇଟି ଘୃଣ୍ୟ ଓ କଳଙ୍କିତ ପ୍ରଥା । ଯୌତୁକପ୍ରଥା ସମାଜର ବହୁ ପ୍ରାଚୀନ କାଳରୁ ପ୍ରଚଳିତ । ଅବଶ୍ୟ ସେତେବେଳେ ଏହା ଏକ ଜୁଲମ୍ ହୋଇ ନଥିଲା । କନ୍ୟାଦାନ ସମୟରେ ପିତାମାତା ନିଜର ସାମର୍ଥ୍ୟ ଅନୁଯାୟୀ ସ୍ୱତନ୍ତ୍ରସ୍ଫୂର୍ତ୍ତ ଭାବରେ ଯୌତୁକ ଦେଉଥିଲେ । ଆଜିର ସମାଜରେ ସେହି ସ୍ୱତନ୍ତ୍ରସ୍ଫୂର୍ତ୍ତ ଭାବ ବାଧ୍ୟବାଧକତାରେ ପରିଣତ ହୋଇଛି । ଉତ୍ତମ ପାତ୍ର ନିମିତ୍ତ କନ୍ୟାପିତା ଅର୍ଥନୈତିକ ଜୀବନକୁ ବିପର୍ଯ୍ୟସ୍ତ କରୁଛି । କବି ବୈକୁଣ୍ଠନାଥ ସାହୁଙ୍କ 'କନ୍ୟାଦାନ' କବିତାରେ ଏହା'ର ମାର୍ମିକ ଚିତ୍ର ପ୍ରଦର୍ଶିତ ହୋଇଛି—

"ଯଦି ତୁ ପରେ ଜାଣିବୁ ।
ତୋ ଉପରେ ହସ ଟିକେ ପାଇଁ ତୋ ବାପା ବିକିଲେ ଦିମାଣ ଶାରଦ ଜମି
ମା'ର ସୁନା ଗହଣା ଓ ଅନେକ ପ୍ରିୟ ପାଣ୍ଡୁଲିପି
ଲୁହ ମୋଟେ ଗଡ଼ାଇବୁ ନାହିଁ ।"

ପୁନଶ୍ଚ ଯଦି ଏହି ଯୌତୁକରେ ମୂଢ଼ାଏ ଏପାଖ ସେପାଖ ହେଉଛି ତେବେ କନ୍ୟାର ଜୀବନ ବିପର୍ଯ୍ୟସ୍ତ ହେଉଛି । ଯୌତୁକ ଜନିତ ଅତ୍ୟାଚାର, ପୋଡ଼ାଜଳା ଓ ହତ୍ୟା ଆଦି ଆଜିର ସମାଜରେ ସାଧାରଣ ଘଟଣା ହୋଇଛି । ଶ୍ରୀନିବାସ ଉଦ୍‌ଗାତାଙ୍କ 'ଚିଠି' କବିତାରେ ଝିଅଟିଏ ସ୍ୱାମୀ ଶାଶୁଶ୍ୱଶୁର ନଣନ୍ଦ ଦିଅରଙ୍କ ଦାବୀକୁ ପରିତୃପ୍ତ ପୂରଣ କରିବାକୁ ମା ପାଖକୁ ଚିଠି ଲେଖିଛି । ଅପର ପକ୍ଷରେ—

"ହବ ନାହିଁ ଯଦି
କିରସିନୀ ଟିଣଟିଏ ଆଉ
ଦିଆସିଲି ନିଆଁ କାଠି ପଠାଇବୁ ।
ଆପଣା ହାତରୁ ଖର୍ଚ୍ଚ କରି
ଯେତକ ବା କାହିଁ ପାଇଁ ସେମାନେ କିଣିବେ ।"

Digitized by srujanika@gmail.com

ସେହିପରି 'ନାଟକ ଓ କଥା ସାହିତ୍ୟର ପ୍ରତି ଛତ୍ରେ ଛତ୍ରେ ଯୌତୁକ ଜନିତ ମର୍ମନ୍ତୁଦ ଚିତ୍ର ବର୍ଣ୍ଣିତ ।

କନ୍ୟାସୁନା ପ୍ରଥା ଯୌତୁକ ପ୍ରଥାର ସମ୍ପୂର୍ଣ୍ଣ ବିପରୀତ ପ୍ରଥା । କନ୍ୟା ସୁନା ପ୍ରଥାରେ ସୁନା ବା ଅର୍ଥନେଇ କନ୍ୟାର ପିତା ନିଜ କନ୍ୟାକୁ ସତୁରି ଅଶୀ ବର୍ଷର ବୃଦ୍ଧକୁ ବିକ୍ରୟ କରିଦିଏ । କିଛିଦିନ ପରେ କନ୍ୟାଟି ବିଧବା ହୁଏ । ବୈଧବ୍ୟ ଯନ୍ତ୍ରଣାରେ ଛଟପଟ ହୋଇ ସେ ସମୟ କଟାଏ । ଏହି କନ୍ୟାସୁନା ପ୍ରଥାକୁ ଭେଦ୍‌କରି ଫକୀର ମୋହନ 'ବାଉଳ ବିଭାଟ', 'ମାଧ ମହାନ୍ତିଙ୍କ କନ୍ୟାସୁନା' ଗଳ୍ପ ରଚନା କରିଛନ୍ତି । କୁନ୍ତଳାକୁମାରୀଙ୍କ 'ରଘୁ ଅରକ୍ଷିତ' ଉପନ୍ୟାସ ଓ ହରିହରଣ ମିଶ୍ରଙ୍କ କନ୍ୟାସୁନା ଉପନ୍ୟାସ ଏହି ସମସ୍ୟା ଉପରେ ପ୍ରତିଷ୍ଠିତ ।

ମୁସଲମାନ ରାଜତ୍ୱ ସମୟରୁ ଏ ଦେଶରେ ପରଦାପ୍ରଥାର ପ୍ରଚଳନ ହୋଇଥିଲା । ଏହି ପରଦାପ୍ରଥା ସମାଜରେ ଏପରିକି ପରିବାରରେ ନାରୀର ଚଳିତଳନ ଅସ୍ୱର ବ୍ୟବହାର ସ୍ୱାଭାବିକ ସ୍ୱାଧୀନତା ଟିକକୁ ସଙ୍କୁଚିତ କରିଥିଲା । ସମାଜର ବହୁବିଧ କଟକଣା ଭିତରେ ନାରୀ ଜୀବନ ନିୟନ୍ତ୍ରିତ ହେଲା । ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ରହି କେବଳ ଗୃହକାର୍ଯ୍ୟ ଓ ସନ୍ତାନ ସନ୍ତତିର ଲାଳନପାଳନ ନାରୀ ଜୀବନର ଦାୟିତ୍ୱ ହେଲା । ସମାଜର ସର୍ବାଙ୍ଗୀନ କଲ୍ୟାଣ ସାଧନ ଦିଗରେ ତାର ଭୂମିକାକୁ ହେୟଜ୍ଞାନ କରାଗଲା । ରକ୍ଷଣଶୀଳତା କ୍ରମେ ଉତ୍କଟରୂପ ଧାରଣ କଲା ଯେ ଏପରିକି ଡେଇଁ ବାହାରକୁ ଗଲେ ନାରୀର ଚରିତ୍ର କଳଙ୍କିତ ହେଲା ବୋଲି ସାଧାରଣ ଜନତାଙ୍କର ବିଶ୍ୱାସ ହେଲା । ସୁତରାଂ ବହିର୍ଜଗତରୁ ବିଚ୍ଛିନ୍ନ ହୋଇ ନାରୀ ଶିକ୍ଷାଲୋକରୁ ବଞ୍ଚିତା ହେଲା । ପୁନଶ୍ଚ ନାରୀଶିକ୍ଷା ପରିବାର ପାଇଁ ଅମଙ୍ଗଳର କାରଣ ବୋଲି ଏକ କୁସଂସ୍କାର ଓ ଅନ୍ଧବିଶ୍ୱାସ ଜନ ଚିତ୍ତରେ ପ୍ରଭାବ ବିସ୍ତାର କଲା । ସମକାଳୀନ ସାମାଜିକ ଜୀବନର ଏହି ଧାରଣାକୁ ଫକୀର ମୋହନ 'ରେବତୀ' (୧୮୯୭) ଗଳ୍ପରେ କଳାତ୍ମକ ରୂପରେଖ ପ୍ରଦାନ କଲେ ।

ଏହି ଗଳ୍ପରେ ପୁରାତନର ପ୍ରତୀକ ଜେଜେମା । ଆଧୁନିକତାର ପ୍ରତୀକ ରେବତୀ । ଆଧୁନିକତାକୁ ପାରମ୍ପରିକତା ଗ୍ରହଣ କରି ପାରୁନାହିଁ । ରେବତୀର ପାଠପଢ଼ା ବିରୁଦ୍ଧରେ ତା'ର ପ୍ରତିକ୍ରିୟା ପ୍ରକାଶ କରି ଜେଜେମା କହିଛି – "ପାଠ କ'ଣ ଲୋ ? ମାଇକିନିଆ ଝିଅଟା ପାଠ କ'ଣ ? ରନ୍ଧାବଢ଼ା ଶିଖ, ଗୋବରପାଣି କରି ଶିଖ, ଦହିମନ୍ଥା ଶିଖ, ପାଠ କ'ଣ ? " ହେଲେ ରେବତୀ ପାଠ ପଢ଼ିଛି ।

Digitized by srujanika@gmail.com

ପରବର୍ତ୍ତୀ ସମୟରେ ଯେଉଁସବୁ ଦୁର୍ଘଟଣା ଘଟିଛି ସବୁପାଇଁ ବୁଢ଼ୀ ରେବତୀର ପାଠପଢ଼ାକୁ ଦାୟି କରିଛି । ଏପରିକି ବୟସର ଆଧିକ୍ୟ ହେତୁ ବୁଢ଼ୀର ଆଖିକୁ ଯେତେବେଳେ ଦିଶିନାହିଁ ସେତେବେଳେ ମଧ୍ୟ ସେ ରେବତୀର ପାଠପଢ଼ାକୁ ଦାୟୀ କରିଛି ।

ଏହା ବ୍ୟତୀତ ଗୋଦାବରୀଶ ମହାପାତ୍ରଙ୍କ 'ନୀଳ ମାଷ୍ଟ୍ରାଣୀ' ଗଳ୍ପରେ ନୀଳ ମାଷ୍ଟ୍ରାଣୀ ପାଠ ପଢ଼ିଛି, ମାଷ୍ଟ୍ରାଣୀ ହୋଇଛି । ବିବାହ କରିଛି । ଦୁର୍ଯୋଗକୁ ବିବାହର ଛ'ମାସ ପରେ ସେ ବିଧବା ହୋଇଛି । ଲୋକେ କହିଛନ୍ତି 'ଏହା ତାର ପାଠର ଦୋଷ ।

କମଳାକାନ୍ତ ଦାସଙ୍କ 'ମନର ଦାଗ' (୧୯୪୬) ଉପନ୍ୟାସରେ ସୁମାର ମାଉସୀ ସୁମୀ ପାଠପଢ଼ାର ଘୋର ବିରୋଧ କରି କହିଛି – ମାଆଲୋ, ଏତେ ବଡ଼ ଝିଅଟାଏ ହେଲଣି, ଅଣ୍ଡିରି ପୁଅପରି ଦାଣ୍ଡଘାଟରେ ବୁଲିବ । କାଲିସକାଳେ ଶାଶୁଘରକୁ ଗଲେ ସମସ୍ତେ ଶୁଣିବେ । ମାଇପି ଝିଅ । କାହିଁ ଘରକରଣା ଶିଖନ୍ତା, ପାଞ୍ଚପାଇଟି କରିପକାନ୍ତା, ଇଶାଣରେ ପଶି ଭାତ ତିଅଣ ରାନ୍ଧି ପକାନ୍ତା ନା ସକାଳୁ ସଂଜଯାଏ ସ୍କୁହାଳିରେ ଟୋକାଙ୍କ ଭିତରେ ପଶି ଏତେ ପାଟିରେ ତାକ ଛାତୁଟି କ'ଣ ନା ଆଠକେ ଆଠ ଚଁ, ଆଠ ଦୁଣେ ଷୋଳ ପଁ । ଆଲୋ ମାଁ — ଆଠ ଦୁଣେ ଷୋଳପଁ ନହୋଇ ବାଇଶିପଁ ହେଲେ ତୋର କି ଗଲା ? ଏଟୁତାକ କ'ଣ ତୋ ଶାଶୁ ଶଶୁରଙ୍କ ଶ୍ରାଦ୍ଧକୁ ଲୋଡ଼ା ହେବ ?"

ଏସବୁ ନିଶ୍ଚିତଭାବେ ଆଧୁନିକ ଚିନ୍ତାଧାରା ବିରୁଦ୍ଧରେ କ୍ଷୟିଷ୍ଣୁ ରକ୍ଷଣଶୀଳତାର ପୁଞ୍ଜିଭୂତ ଅସହିଷ୍ଣୁତାର ଅଭିବ୍ୟକ୍ତି ,

ଯେଉଁ ସମୟରେ ନାରୀଶିକ୍ଷା ବିରୋଧୀ ଚିନ୍ତାଧାରାର ପ୍ରାବଲ୍ୟ ସମାଜରେ ଉତ୍ତାଳ ତରଙ୍ଗ ସୃଷ୍ଟି କରିଥିଲା ସେହି ସମୟରେ ସମସ୍ତ ବାଧାବିଘ୍ନ ସତ୍ତ୍ୱେ ନାରୀ ନିଜକୁ ପ୍ରତିଷ୍ଠିତା କରିବା ପାଇଁ ତାର ନ୍ୟାଯ୍ୟ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଆଗେଇ ଆସିଛି । 'ବାସନ୍ତୀ' (୧୯୩୧) ଉପନ୍ୟାସର ନାୟିକା ପାରମ୍ପରିକତାର ବିରୋଧ କରିଛି । ତୀକ୍ଷ୍ଣ ବୁଦ୍ଧିବଳରେ ସମାଜରେ ନାରୀର ନ୍ୟାଯ୍ୟ ସ୍ଥାନକୁ ଅନ୍ୱେଷଣ କରିଛି । ବ୍ରଜ ସହିତ ଆଲୋଚନା କଲାବେଳେ ବାସନ୍ତୀ ପ୍ରକାଶ କରିଛି "ଶାସ୍ତ୍ର ରଚନା ଓ ସମାଜ ଗଠନ ସମ୍ପର୍କରେ ନାରୀର ସ୍ୱାଧୀନ କୌଣସି ଇଚ୍ଛା ବା ଶକ୍ତି କେବେ ନଥିଲା । ସମାଜର ପ୍ରବଳ ପ୍ରତିପକ୍ଷ ଅଧିକାରରୁ ଏସବୁ ସମ୍ପର୍କରେ ନାରୀକୁ ଏଡ଼ି ଏଡ଼ି ଆସୁଛି । ସେହିଯୋଗରୁ ତାକୁ କୂପମଣ୍ଡୁକ ହୋଇ ରହିବାକୁ ହୋଇଛି । ତୁମେ ଯାହା କୁହ,

Digitized by srujanika@gmail.com

ତୁମେ ଯେଉଁ ବ୍ୟବସ୍ଥାକୁ ଆଦର୍ଶ ଓ ସନାତନ ବୋଲି କହୁଛି, ମୁଁ କଦାପି ତାକୁ ସମର୍ଥନ କରିପାରିବି ନାହିଁ । କାରଣ ମୋ କ୍ଷୁଦ୍ର ବିଚାର ବୁଦ୍ଧିରେ ମୁଁ କହେ ଆଦର୍ଶ ସମାଜ ଗଢ଼ିବାକୁ ହେଲେ ଗଠନମୂଳରେ ପୁରୁଷ ଓ ନାରୀ ଦୁହିଁଙ୍କର ସମାନହାରର ସମନ୍ୱୟ ରହିବା ଉଚିତ୍ । ପୁରୁଷ ଓ ନାରୀ କାହାକୁ ପ୍ରାଧାନ୍ୟ ହେବାକୁ ଦିଆଯିବ ନାହିଁ । ସମାଜରେ ଯମଜ ସନ୍ତାନ ପରି ସେମାନେ ଯେପରି ରହି ପାରିବେ ତାର ଚେଷ୍ଟା କରିବା ଉଚିତ୍ । (ବାସନା ପୃ-୧୭୯) ଅନ୍ୟାୟ ଓ ଅପମାନକୁ ସେ କଦାପି ସହ୍ୟ କରିପାରି ନାହିଁ । ସେ କଠିନ ହୋଇଛି, ନିଷ୍ଠୁର ହୋଇଛି, ଦୁର୍ବଳ ନହୋଇ ତାର ଅଧିକାର ଷୋଳଅଣା ବୁଝିନେବାକୁ ସେ ଆଗେଇ ଆସିଛି ।

ସେହିପରି ଡଃ ହରେକୃଷ୍ଣ ମହତାବଙ୍କ ପ୍ରତିଭା । ଗ୍ରାମ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ରୀ 'ଅଗୁଛି' ସମୟକ୍ରମେ ବୌଦ୍ଧିକ ଚେତନା ତଥା ସାମାଜିକ ସଂହତିର ପ୍ରତିମୂର୍ତ୍ତି ରୂପେ ପ୍ରତିଭାକୁ ଉନ୍ନୀତ ହୋଇଛି । ଅନ୍ୟାୟ ଅନୀତିକୁ ସେ ପ୍ରଶ୍ରୟ ଦେଇପାରିନାହିଁ । ଶ୍ୱଶୁରଙ୍କ ସମସ୍ତ ଆକଟ ତଥା ପ୍ରତିବନ୍ଧକ ସତ୍ତ୍ୱେ ସେ ପ୍ରଜା ହତ୍ୟାକାଣ୍ଡକୁ କେନ୍ଦ୍ର କରି ପ୍ରଜାମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆନ୍ଦୋଳନକୁ ସମର୍ଥନ କରିଛି । ସଭାନେତ୍ରୀ ଭାବେ ଯୋଗଦେଇ ଓଜସ୍ୱିନୀ ଭାଷାରେ ଉଦ୍‌ବୋଧନ ଦେଇଛି । ସମାଜରେ ନାରୀର ସାମ୍ୟ-ଅଧିକାର ଯୋଗ୍ୟତା ଓ ଜାଗୃତି ସମ୍ବନ୍ଧରେ ବହୁଯୁକ୍ତି କରି ପ୍ରତିଭା ନିଜ ଶକ୍ତି-ମତ୍ତାର ପରିଚୟ ଦେଇଛି ।

ଏ ନାରୀ ସୀତା ନୁହେଁ, ଦମୟନ୍ତୀ ନୁହେଁ, ଏ ସ୍ୱର ମହାଭାରତର ନାୟିକା ଦ୍ରୌପଦୀର । ପ୍ରଶ୍ନ ପରେ ପ୍ରଶ୍ନ ଉତ୍‌ଥାପନ କରି ସମଗ୍ର କୁରୁସଭାକୁ ସେ ସ୍ତମ୍ଭୀଭୂତ କରିଦେଇପାରେ । କାହାରି ଦୟା ସେ ଚାହେଁ ନାହିଁ ! ସେ ଚାହେଁ ନ୍ୟାୟ । ତାର ଅଧିକାରକୁ ସେ ସାବ୍ୟସ୍ତ କରିବାକୁ ଚାହେଁ ।

ସମୟର ପରିବର୍ତ୍ତନ ଘଟିଛି । ନାରୀ ସ୍ୱାଧୀନତା ଓ ନାରୀ ଶିକ୍ଷାର ପ୍ରସାର ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ସମାଜର ସାଧାରଣ ନାରୀ ଶିକ୍ଷାଲୋକରେ ଆଲୋକିତା ହୋଇ ପୁରୁଷର ସମକକ୍ଷ ହୋଇଛି । ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରି ସେ ସୁନାମ ଅର୍ଜନ କରିଛି । ଦେଶ ଜାତିର ଉନ୍ନତିକଳ୍ପେ ପ୍ରାଣହୋମ କରିବାକୁ ସେ କୁଣ୍ଠାବୋଧ କରୁନାହିଁ । ସମାଜରୁ ଦାରିଦ୍ର୍ୟ ଦୂର କରିବା ପାଇଁ ସେ ନୂତନ ଯୋଜନା କରୁଛି । ଏକ ନୂତନ ସମାଜ ଗଢ଼ିବାର ସ୍ୱପ୍ନରେ ସେ ମାଟିମଟାଳର ଛବିପରି ଆଜି ବିଭୋର

Digitized by srujanika@gmail.com

ହେଉଛି । ଏସବୁ ସତ୍ତ୍ୱେ, 'ବିନାଶ୍ରୟେ ନ ବର୍ତ୍ତନ୍ତି କବିତା ବନିତା ଲତା'— ଏହି ଅଭିଧାରାରୁ ସେ ଦୂରେଇ ଯାଇ ପାରୁନି । ସମାଜ ପ୍ରଗତିପଥରେ ଗତି କରୁଥିଲେ ମଧ୍ୟ ନାରୀର ସାମାଜିକ ସ୍ଥିତି ଓ ସ୍ୱାଧୀନତା ଆଜି ମଧ୍ୟ ସୁଦୂର ପରାହତ । ଯୌତୁକରୂପକ ବ୍ୟାଧିରେ ସେ ପୀଡ଼ିତା । ସ୍ୱାଧୀନଭାବେ ବିଚରଣ କରିବାର ଅଧିକାରରୁ ସେ ବଞ୍ଚିତା । ଏପରିକି ଆଜିର ସମାଜରେ ସ୍ୱାମୀ ମଧ୍ୟ ସ୍ତ୍ରୀକୁ ନିର୍ଭୟ ଆଶ୍ରୟ ଦେଇପାରୁ ନାହିଁ । ଡ଼ଃ ପ୍ରତିଭା ରାୟଙ୍କ 'ପୁଣ୍ୟତୋୟା' ଉପନ୍ୟାସରେ ଏହାର ମାର୍ମିକ ଚିତ୍ର ଉତ୍‌କୀର୍ଣ୍ଣ ।

ଉପନ୍ୟାସର ନାୟିକା ବର୍ଷା । ସ୍ୱାମୀ କଲ୍ଲୋଳ ସହିତ ବିଚରଣ କରୁଥିବାବେଳେ ଗୁଣ୍ଡାମାନଙ୍କର ଶିକାର ହୋଇଛି । ସେମାନଙ୍କଠାରୁ ମୁକ୍ତି ପାଇ ସ୍ୱାମୀଗୃହକୁ ଫେରି ଆସିଥିଲେ ମଧ୍ୟ ଆଉଥରେ ସ୍ୱାମୀ ତାକୁ ଗ୍ରହଣ କରିନାହିଁ । ସମାଜ ତାକୁ ପତିତା ଆଖ୍ୟା ଦେଇଛି । ନିଜ ପାଇଁ ଆଶ୍ରୟ ଟିକିଏ ଖୋଜି ଖୋଜି ସମାଜର ବିଭିନ୍ନ ସ୍ଥାନକୁ ସେ ଯାଇଛି, ହେଲେ ପ୍ରତ୍ୟେକ ସ୍ଥାନରେ ସେ ମୁଖାପିନ୍ଧା ମଣିଷକୁ ଭେଟିଛି । ମାନସିକ ଅସ୍ଥିରତା ଭିତରେ ବିଚଳିତ ହୋଇଉଠିଛି ବର୍ଷା । ସେ ସ୍ୱଗତୋକ୍ତି କରିଛି— 'ଗୃହପାଳିତ ପଶୁଟିକୁ ହିଂସ୍ର ଜନ୍ତୁଟିଏ ବଣ ଭିତରକୁ ଘୋଷାରି ନେଇ ତାକୁ କ୍ଷତାକ୍ତ କରି ଅର୍ଦ୍ଧମୃତ ଅବସ୍ଥାରେ ଛାଡିଦେଲା ପରେ ମଣିଷ ତାକୁ ଆଣି ତାର ସେବାଶୁଶ୍ରୁଷା କରି ବଞ୍ଚାଉଛି । ମୋ ଅବସ୍ଥା ତ ଠିକ୍ ସେହି ନୀରିହ ପଶୁଟି ପରି । ମୋ ଜୀବନରେ ଯେଉଁ ଦୁର୍ଘଟଣା ଘଟିଲା ତାହା ତ ମୋର ଇଚ୍ଛାକୃତ ନଥିଲା । ସେଥିପାଇଁ ମୁଁ ତ ଦାୟୀ ନୁହେଁ । କିଛି ଦୋଷ ନଥିବା ସତ୍ତ୍ୱେ ସମାଜ ମୋ ପାଇଁ କାହିଁକି ଏ ଦଣ୍ଡବିଧାନ କଲା । ମୁଁ କ'ଣ ଗୃହପାଳିତ ପଶୁଠାରୁ ଏପରି ହୀନ । ବର୍ଷା ମନରେ ଅନେକ ପ୍ରଶ୍ନ । ସମାଜ ତାର ଯଥାର୍ଥ ଉତ୍ତର ଦେଇନାହିଁ । ସୁତରାଂ ଅନନ୍ୟୋପାୟ ହୋଇ ନିଜ ଗୋଡରେ ଛିଡାହୋଇ ଦୁନିଆଁ ସହିତ ମୁକାବିଲା କରିବାକୁ ସେ ମନରେ ସାହସ ବାନ୍ଧିଛି ।

ନାରୀସମାଜ ଆଜି ଏହିପରି ଅନେକ ସମସ୍ୟାର ସମ୍ମୁଖୀନ । ବିଭିନ୍ନ ସାମାଜିକ ପ୍ରଥା ତା ଗୋଡ଼ରେ ବେଡ଼ି ପକାଇଛି, ଅହରହ ତା ଉପରେ ଅତ୍ୟାଚାର ଲହଡି ଭାଙ୍ଗୁଛି । ନାରୀକୁ ସୁରକ୍ଷା ତଥା ସ୍ୱାଧୀକାର ଦେବାପାଇଁ ସରକାର ଅନେକ ଆଇନ ପ୍ରଣୟନ କରିଛନ୍ତି ହେଲେ ତାହା ସଠିକ୍ ରୂପେ କାର୍ଯ୍ୟକାରୀ ହେଉନାହିଁ । ସମାଜ ମଧ୍ୟ ସଂପୂର୍ଣ୍ଣରୂପେ ସହଯୋଗ କରୁନାହିଁ । ତେବେ ଆଜି ପ୍ରଶ୍ନ ହେଉଛି ସମାଜରେ ନାରୀର ସ୍ଥାନକୁ ସୁଦୃଢ଼ କରିବାର ଦାୟିତ୍ୱ କାହାର ? ଆଇନ୍‌ର ? ସମାଜର ? ଲେଖକର ? ନା ନାରୀର ?

Digitized by srujanika@gmail.com

ଥରେ ବିଧବା ବିବାହ ଓ ସ୍ତ୍ରୀ ପ୍ରଭୃତି ସମ୍ବନ୍ଧରେ ବିବେକାନନ୍ଦଙ୍କୁ ପ୍ରଶ୍ନ ପଚରାଯିବାରୁ ସେ କହିଥିଲେ— "ସ୍ତ୍ରୀ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ତୁମେ କିଏ ? ତୁମେ କ'ଣ ବିଧାତା ପୁରୁଷ ଯେ ପ୍ରତ୍ୟେକ ବିଧବା ଓ ପ୍ରତ୍ୟେକ ରମଣୀକୁ ଶାସନ କରିବାକୁ ଚାହୁଁଛ ସେମାନଙ୍କ ପାଇଁ କେବଳ ଉପଯୁକ୍ତ ଶିକ୍ଷାର ବ୍ୟବସ୍ଥା କରି ଆଗେଇ ଯାଅ, ନାରୀମାନେ ନିଜେହିଁ ନିଜର ସମସ୍ୟା ସମାଧାନ କରିପାରିବେ ।"

ବାସ୍ତବିକ ନିଜ ସମସ୍ୟାର ସମାଧାନ ନିଜ ବ୍ୟତୀତ ଆଉ କେହି କରିପାରିବେ ନାହିଁ । ସତ୍ ଶିକ୍ଷା ମାର୍ଗଦେଇ ନିଜ ଅଧିକାରକୁ ନିଜେ ସାବ୍ୟସ୍ତ କରିବାକୁ ହେବ । ସମାଜରେ ନିଜ ସ୍ଥିତିକୁ ବଜାୟ ରଖିବାକୁ ହେବ । ଏ ଦାୟିତ୍ୱ ଆଜି ସଂପୂର୍ଣ୍ଣରୂପେ ସରକାରଙ୍କର ନୁହେଁ, ସମାଜର ନୁହେଁ, ଲେଖକର ନୁହେଁ ଏହା ନାରୀର ।।

Digitized by srujanika@gmail.com

ନାରୀଜାତିର ସମ୍ମାନ ଓ ସ୍ୱାଧୀକାର ରକ୍ଷା କରିବା ଦିଗରେ ସାହିତ୍ୟର ଭୂମିକା ।

ବିଜୟିନୀ ଦାସ

ମାନବ ଜୀବନରେ ସାହିତ୍ୟର ଭୂମିକା ଯେ କେତେ ବ୍ୟାପକ, କେତେ ପ୍ରଗାଢ଼ ତାହା ଯୁଗେ ଯୁଗେ ସମାଲୋଚକମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଆସିଛି । ଜୀବନର ବିଭିନ୍ନ ବିଭବକୁ ଏହା ଶ୍ରୀ ଓ ଧୀ ମଣ୍ଡିତ କରି ସ୍ୱକୀୟ ମହିମାରେ ମହିମାନ୍ୱିତ କରିଥାଏ । ସାହିତ୍ୟ ହେଉଛି ସହିତରେ ବର୍ତ୍ତମାନ । ତେଣୁ ପରିବର୍ତ୍ତନଶୀଳ ସମୟ ସହିତ ସମତାଳରେ ସାହିତ୍ୟ ପାଦ ମିଳାଇ ଚାଲିଥାଏ । ବିଗତକାଲି ଯେଉଁ ଧାରଣା, ରୀତି ବା' ଚଳଣିର ଜୟ-ଗାନରେ ସାହିତ୍ୟ ଶତମୁଖ ହୋଇଥିଲା, ଆଜି କିନ୍ତୁ କହିବା ପୂର୍ବରୁ ତା'ର ଗଭୀର ବିଶ୍ଳେଷଣ କରୁଛି ଓ ଆଜିକାଲି ସେହି ଧାରଣା, ରୀତି ଓ ଚଳଣିର ବିରୁଦ୍ଧରେ ଜନ ସମାଜକୁ ଚେତାଉଛି, ମତାଉଛି । ଏହା ସତ୍ତ୍ୱେ ଆମକୁ ସ୍ୱୀକାର କରି ନେବାକୁ ହେବ ଯେ ସାହିତ୍ୟ ଚିରନ୍ତନ ସତ୍ୟର ସନ୍ଧାନ ହିଁ କରି ଆସିଛି । ସେହି ସତ୍ୟର ସ୍ୱର କେତେବେଳେ ପ୍ରଚଳିତ ସାମାଜିକ ଧାରାର ଚାପ ତଳେ କ୍ଷୀଣ ଶୁଭିଛି ତ କେତେବେଳେ ନୀତି ନିୟମର ଅର୍ଗଳ ଭିତରୁ ମୁକୁଳି ଆସି ନିଜସ୍ୱ ଦୀପ୍ତିରେ ସେ ଶାଣିତ ହୋଇଛି । ମାନବ ଜୀବନରେ ଅନୁଭୂତିର ଭଣ୍ଡାର ଯେତେ ପୂର୍ଣ୍ଣ ହୋଇଯାଉଛି ସାହିତ୍ୟର ମର୍ମବାଣୀ ସେତେ ଗଭୀର ଓ ସୁସ୍ପଷ୍ଟ ହୋଇଛି । ସାହିତ୍ୟ ମାନବ ଜୀବନର ବିଚିତ୍ରବର୍ଣ୍ଣା ଅନୁଭୂତିର ବାଙ୍ଗ୍‌ମୟ ପରିପ୍ରକାଶ ମାତ୍ର ।

ପ୍ରଶ୍ନ ଉଠୁଛି ନାରୀ ଜାତିର ସମ୍ମାନ ଓ ସ୍ୱାଧୀକାର ସହ ସାହିତ୍ୟର ସଂପର୍କ କ'ଣ ସାମଗ୍ରିକ ଭାବେ ମାନବ ଜାତିର ସ୍ୱାଧିକାର ଓ ସମ୍ମାନ ସହ ସମ୍ପର୍କଠାରୁ ଭିନ୍ନ ? ଉତ୍ତର ହୁଏତ କାହିଁକି ନିଶ୍ଚିତ ଭାବରେ ନାଁ । ସାର କଥା ଯଦି ସାହିତ୍ୟ, ପୁରୁଷ ଓ ନାରୀ ନିର୍ବିଶେଷରେ ମାନବ ଜାତିର ଗତି, ବିଧି ପ୍ରକୃତି ଓ ସଂସ୍କାରକୁ ସାହିତ୍ୟ ନିଶ୍ଚିତ ଭାବରେ ପ୍ରଭାବିତ କରିଥାଏ । ତେବେ ଯେତେବେଳେ ଆଲୋଚନାର କାଠଗଡ଼ା ଭିତରକୁ ମୁଖ୍ୟ ଆସାମୀ ଭାବେ ନାରୀ

Digitized by srujanika@gmail.com

ସମାଜକୁ ଠେଲି ଦିଆ ଯାଉଛି, ସେତେବେଳେ ନାରୀ ତା'ର ସମ୍ମାନ ଓ ସ୍ୱାଧିକାର ରକ୍ଷା ଲାଗି ସାହିତ୍ୟକୁ ତା'ର ପ୍ରଥମ ସାଥୀ ରୂପେ ଠିଆ କରାଇବାକୁ ବାଧ୍ୟ ।

'ସାହିତ୍ୟ' ଶବ୍ଦଟି ଏତେ ବ୍ୟାପକ ଯେ ପୃଥିବୀର ପରିସର ଭିତରୁ ଭାରତୀୟ ସାହିତ୍ୟକୁ କେବଳ ଆଲୋଚନାର ପରିସରଭୁକ୍ତ କରାଗଲେ ଦେଖାଯାଏ ବୈଦିକ ଯୁଗରେ ନାରୀର ସମ୍ମାନ ବହୁ ଉର୍ଦ୍ଧ୍ୱରେ ଥିଲା । ତେଣୁ ବେଦ ବର୍ଣ୍ଣିତ ଗାର୍ଗୀ, ମୈତ୍ରେୟୀ, ଲୋପାମୁଦ୍ରା ଓ ଅରୁନ୍ଧତୀ ଭଳି ନାରୀମାନେ ତେଜସ୍ୱିନୀ ଓ ବିଦୁଷୀ ଥିଲେ । ଏପରିକି ବେଦର କେତେକ ପଂକ୍ତି ମଧ୍ୟ ସେମାନେ ରଚନା କରିଥିଲେ । ସେମାନେ ଜ୍ଞାନରେ, ବିଦ୍ୱତାରେ ଓ ପାଣ୍ଡିତ୍ୟରେ ଅତୁଳନୀୟା ଥିଲେ ବୋଲି ବର୍ଣ୍ଣନା କରଯାଇଛି । ସେହି ସମୟର କାହିଁକି, ଆଧୁନିକ ନାରୀ ସମାଜ ମଧ୍ୟ ସେହି ବିଦୂଷୀ ମାନଙ୍କର ଜ୍ୱଳନ୍ତ ବ୍ୟକ୍ତିତ୍ୱ ନିକଟରେ ଆଜି ନତମସ୍ତକ ହେଉଛି ।

ବେଦ ବର୍ଣ୍ଣିତ ଜାବାଳା ଉପାଖ୍ୟାନ ଆଜି ଅନେକ ଅରକ୍ଷାଙ୍କୁ ସମ୍ମାନର ସହ ବଂଚିବା ପାଇଁ ପ୍ରେରଣାର ଆଲୋକ ଦେଖାଉଛି । ଗୁରୁକୁଳରେ ପୁତ୍ର ସତ୍ୟକାମର ବିଦ୍ୟାଧ୍ୟୟନ ନିମନ୍ତେ ଯେତେବେଳେ ପୁତ୍ରର ପିତୃ ପରିଚୟ ମଗାଗଲା, ଦ୍ୱିଧାହୀନ କଣ୍ଠରେ ଜାବାଳା ଘୋଷଣା କରିଛି "ସତ୍ୟକାମର ପରିଚୟ ସେ ଜାବାଳା ସନ୍ତାନ । ସେ ମାତୃ ପରିଚୟରେ ପରିଚିତ । ସେଥିପାଇଁ ପିତୃ ପରିଚୟର ପ୍ରୟୋଜନ ନାହିଁ ।"

ପ୍ରାଚୀନ ଯୁଗରେ ସଂସ୍କୃତିର ଅଭ୍ୟୁଦୟ ହୋଇଛି 'ନାରୀ' ବା ଶକ୍ତିର ଉପାସନାରୁ । ମା'ର ନାମ ଅନୁସାରେ ସନ୍ତାନର ପରିଚୟ ଥିଲା । ଯେପରି କୁନ୍ତୀସୁତ କୌନ୍ତେୟ, ବିନତାଙ୍କ ପୁତ୍ର (ଗରୁଡ) ବୈନତେୟ, ରାଧେୟ ଇତ୍ୟାଦି । ଯୁଗରେ ଧାରକୁ ସାହିତ୍ୟ ପ୍ରବାହିତ କରି ଆଣୁଥିଲା ଓ ନାରୀକୁ ମଧ୍ୟ ସେହି ପରିମାଣରେ ସମ୍ମାନ ଓ ମର୍ଯ୍ୟାଦା ଦିଆ ଯାଉଥିଲା । କାଳର ନିୟାମକ ଥିଲା ସାହିତ୍ୟ, ମାନବ ଓ ମାନବୀୟ ଆଚରଣ କ୍ରିୟା ପ୍ରକ୍ରିୟାର ଦର୍ପଣ । ଉଦାର କଣ୍ଠରେ ସେହି ସାହିତ୍ୟ ଦିନେ ଘୋଷଣା କରିଥିଲା—"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ" ବା 'ଯା ଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତାଃ' । 'ଦେବୀ' ରୂପରେ ନାରୀକୁ ସମାଜରେ ପୂଜିତ କରିବା ମୂଳରେ ସାହିତ୍ୟର ଭୂମିକା ଅନସ୍ୱୀକାର୍ଯ୍ୟ ।

Digitized by srujanika@gmail.com

ସମାଜ ଯେତେବେଳେ ମାତୃ ପ୍ରଧାନରୁ ପିତୃପ୍ରଧାନ ସମାଜକୁ ରୂପାନ୍ତରିତ ହେଲା, ସାହିତ୍ୟ ପୁନଶ୍ଚ ତା'ର ସ୍ୱର ବଦଳାଇ ଦେଲା ଓ ତା'ର ପ୍ରଥମ ଶରବ୍ୟ ହେଲା ନାରୀ । ଯେଉଁ ସମାଜ ତାକୁ ଦେବୀର ଆସନ ଦେଇଥିଲା, ସେହି ସମାଜ ପୁଣି "ନାରୀ ନର୍କର ଦ୍ୱାର" "ସବୁ ଅନର୍ଥର ମୂଳରେ ନାରୀ" ବୋଲି କହିବାକୁ ପଶ୍ଚାତ୍‌ପଦ ହେଲାନାହିଁ । ସମଗ୍ର ପୃଥିବୀର ସାହିତ୍ୟ ସେପରି ନାରୀକୁ ପରମ ସମ୍ମାନନୀୟା ମହିମାମୟୀ ଦେବୀର ସିଂହାସନରୁ ଟାଣି ଆଣି ଲାଂଛିତା ଦାସୀ ରୂପରେ ଭୂଲୁଣ୍ଠିତା କରି ଦେବା ପାଇଁ ବଦ୍ଧ ପରିକର ହୋଇ ଉଠିଲା ।

ଭାରତୀୟ ଶାସ୍ତ୍ରକାରମାନେ ଲେଖିଲେ 'ଶହେ ଜଣ ପୁରୁଷ ଏକତ୍ର ରହିପାରିବେ, ଦୁଇ ଜଣ ନାରୀ ଏକତ୍ର ରହିପାରିବେ ନାହିଁ । ଅର୍ଥାତ୍ ନାରୀ ଏପରି କଳହ ପରାୟଣା ।

ଚୀନ୍‌ର ସାହିତ୍ୟକାର ମାନେ କହିଲେ—"ସ୍ତ୍ରୀ ଲୋକର ପରାମର୍ଶ ନେଲେ ସୁଦୃଢ଼ ଦୁର୍ଗର ସହର ଧୂଳିସାତ୍ ହୋଇଯାଏ । "

ଜର୍ମାନ ସାହିତ୍ୟ କହିଲା—"ନାରୀର ଶରୀର ରୂପ ସର୍ପର ହୃଦୟ ଏବଂ ଗଧର ବୁଦ୍ଧି । "

ଗ୍ରୀସ୍ ସାହିତ୍ୟ ନାରୀକୁ ସବୁଠାରୁ ଅବିଶ୍ୱାସୀ ପ୍ରାଣୀ ଭାବେ ଘୋଷଣା କରି କହିଲା—"ମୃତ ନାରୀକୁ ମଧ୍ୟ ବିଶ୍ୱାସ କରିବ ନାହିଁ । "

ଆୟାରଲ୍ୟାଣ୍ଡର ସାହିତ୍ୟରେ ଲେଖାଗଲା ତିନୋଟି ଜୀବ ଆଇନ କ'ଣ ଜାଣନ୍ତି ନାହିଁ । ସେମାନେ ହେଲେ ଘୁଷୁରୀ, ନାରୀ ଓ ଘୋଡ଼ା ।

ଏସବୁକୁ ଆଲୋଚନାର ପରିସର ଅନ୍ତର୍ଭୁକ୍ତ କରିବାର ଅର୍ଥ ଯେଉଁ ସମୟରେ ସାହିତ୍ୟ ଏଭଳି କଦର୍ଯ୍ୟ ଭାବରେ ନାରୀକୁ ଚିତ୍ରଣ କରିଥିଲା, ସେଭଳି ସମୟର ସମାଜରେ ନାରୀର ସମ୍ମାନ ଓ ସ୍ୱାଧୀକାରର ସ୍ଥିତି ଓ ସ୍ୱରୂପ କିଭଳି ଥିବ, ସହଜେ ଅନୁମେୟ ।

ତତ୍କାଳୀନ ସାମାଜିକ ବ୍ୟବସ୍ଥା ବା' ସାହିତ୍ୟର କଥା ଦୂରେ ଥାଉ, ଆଜି ମଧ୍ୟ ଏକବିଂଶ ଶତାବ୍ଦୀର ଦ୍ୱାର ଦେଶରେ ସମାଜ ଓ ସାହିତ୍ୟର ଠିକ୍‌ଦାର ମାନେ, ପରିବାରର ମୁରବୀ ମାନେ ନାରୀ ତଥା ବୋହୂଟିକୁ ଯେଉଁଭଳି ଭାବରେ

Digitized by srujanika@gmail.com

ସର୍ବ ସମୟରେ ଚିତ୍ରଣ କରିଆନ୍ତି, ସମାଜ ତାକୁ ସେହି ଦୃଷ୍ଟିରେ ଶ୍ରେୟ ବା' ହେୟ ଭାବେ ଦେଖିଥାଏ । ସାହିତ୍ୟ କହିଲା ରାଧା କଳଙ୍କିନୀ ଅସତୀ, ସମାଜ ତାହା ଗ୍ରହଣ କରିନେଲା । ସାହିତ୍ୟ କହିଲା ରାଧା ପରମସାଧିକା, ପରମ ବୈଷ୍ଣବୀ, ସମାଜ ତାକୁ ପୋଷଣ କଲା । ନାରୀ କାବ୍ୟ କବିତାରେ ଭୋଗର ସାମଗ୍ରୀ ହୋଇ ରହିଗଲା ଓ ସମ୍ଭୋଗ ଶୃଙ୍ଗାର ଭିତରେ ସାହିତ୍ୟ ସୀମାବଦ୍ଧ ହୋଇଗଲା, ନାରୀର ସମ୍ମାନ ମଧ୍ୟ ।

ସମୁଦ୍ରାଭିମୁଖୀ ନଦୀର ସ୍ରୋତ ଆଗରେ ଯେତେ ବାଧା ଓ ପ୍ରତିବନ୍ଧକ ଆସିଲେ ମଧ୍ୟ ସେ ସବୁକୁ ଏଡ଼ାଇ ନଦୀ ତା'ର ଗତିପଥ ଆପେ ବାଛିନିଏ । ସାହିତ୍ୟର ସ୍ରୋତସ୍ୱିନୀ ସେଇଭଳି ସତ୍ୟର ସନ୍ଧାନ ପଥରେ ସମୟର ସାମୟିକ ବାଧା ବନ୍ଧନରୁ ଆପଣାକୁ ମୁକୁଳାଇ ନିଜସ୍ୱ ଢଙ୍ଗରେ ପୁଣି ପ୍ଳାବିତ ହୁଏ ।

ନାରୀ ଦେବୀ ନୁହେଁ ବା' ଦାସୀ ନୁହେଁ । ନାରୀ ପୁରୁଷର ସହ-ଧର୍ମିଣୀ, ସହକର୍ମିଣୀ, ପୁରୁଷର ସମଗ୍ର ଜୀବନକୁ ପ୍ରଭାବିତ କରୁଥିବା ମାନବୀ, ଅର୍ଦ୍ଧାଙ୍ଗିନୀ, ସେ ମା' ରୂପରେ ମମତାମୟୀ, ଭାର୍ଯ୍ୟା ରୂପରେ ପ୍ରେମମୟୀ, ଭଗ୍ନୀ ରୂପରେ ସ୍ନେହମୟୀ ଓ ବାଂଧବୀ ରୂପରେ ପ୍ରେରଣାଦାତ୍ରୀ ଭାବରେ ପୁରୁଷକୁ ତା'ର ଜୀବନ ପଥରେ ଅନୁପ୍ରାଣିତ କରେ । କିଂତୁ ସେ ନିଜେ ଅନୁପ୍ରେରଣା ପାଇଲା କେଉଁଠୁ ? ସାହିତ୍ୟ ତାକୁ ଆଣିଦେଲା ସେଇ ଆତ୍ମ-ପରିଚୟ, ଆତ୍ମ ବିଶ୍ୱାସ ଓ ମର୍ଯ୍ୟାଦା ବୋଧ । ନାରୀ "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି" । ସମ୍ମାନରେ ଏଣିକି ସମ୍ମାନିତା ହେଲା । ସାହିତ୍ୟକାର-ମାନେ ହୃଦୟଙ୍ଗମ କଲେ ସୃଷ୍ଟିର ପ୍ରକୃତ ସୌନ୍ଦର୍ଯ୍ୟ ଓ ଗୌରବ ପ୍ରତିଷ୍ଠିତ ହେବ ଯେତେବେଳେ ନାରୀକୁ ଉପଯୁକ୍ତ ମର୍ଯ୍ୟାଦା ସମାଜରେ ଦିଆଯିବ ।

ଏକଥା ମିଥ୍ୟା ନୁହେଁ ଯେ ପୁରାଣକାରମାନେ ନାରୀକୁ ଦେବୀ ଭାବରେ ପୂଜା କରିନାହାନ୍ତି ? ସୀତା, ସାବିତ୍ରୀ, କୁନ୍ତୀ, ଦମୟନ୍ତୀ, ଦ୍ରୌପଦୀ ଭଳି ଚରିତ୍ରମାନ ସୃଷ୍ଟି କରିନାହାନ୍ତି !! ସାହିତ୍ୟରେ ଯୁଗେ ଯୁଗେ ନାରୀ ପାଇଁ ଗୁଡ଼ାଏ ପରସ୍ପର ବିରୋଧୀ ତଥ୍ୟ ମଧ୍ୟ ପ୍ରଦାନ କରାଯାଇଛି । ଯେଉଁ ଯୁଗରେ ନାରୀକୁ ଦେବୀ ସମ୍ମାନ ଦିଆଯାଇଛି, ସେ ଯୁଗରେ ମଧ୍ୟ ସତୀ ସୀତା ଅପବାଦର ବୋଝ ବହନ କରି ନିର୍ବାସିତା ହୋଇଛନ୍ତି ଓ ପରମ ତେଜସ୍ୱିନୀ ନାରୀ ଦ୍ରୌପଦୀଙ୍କୁ ଗୁରୁଜନଙ୍କ ସମ୍ମୁଖରେ ବିବସ୍ତ୍ରା କରାଯାଇଛି । ସେ ପୁଣି ଅତୁଳନୀୟ ଶୌର୍ଯ୍ୟ ବୀର୍ଯ୍ୟବନ୍ତ ପଞ୍ଚପତି ତଥା ଧର୍ମରାଜ ଯୁଧିଷ୍ଠିରଙ୍କ ସମ୍ମୁଖରେ । ସଭାସଦ୍ ଓ ପଞ୍ଚପତି ପ୍ରତିବାଦ ହୀନ, ମୌନ ।

Digitized by srujanika@gmail.com

ତୀକ୍ଷ୍ଣ ବୁଦ୍ଧି ସଂପନ୍ନ ଅସାଧାରଣ ପଣ୍ଡିତା ଖନା ଶ୍ୱଶୁର ବରାହ ଓ ସ୍ୱାମୀ ମିହିରଙ୍କ ଠାରୁ ଜ୍ଞାନ ଗରିମାରେ ଅଧିକ ଥିଲେ ବୋଲି, ତାଙ୍କର ଜିହ୍ୱା ଛେଦନ କରାଯାଇଥିଲା ।

ସାହିତ୍ୟ ଯଦି ସମାଜର ଦର୍ପଣ ହୁଏ ନାରୀର ରୂପ ଏହିଭଳି କାଳେ-କାଳେ ସେହି ଦର୍ପଣରେ ବିଭଙ୍ଗ ଓ କୁବ୍ଜ ଦେଖା ଯାଇଛି ।

ପୁରାଣକାରମାନେ ନାରୀଙ୍କୁ ଦେବୀର ରତ୍ନ ମୁକୁଟ ପିନ୍ଧାଇ ଦେଇ ଆଦର୍ଶର ସୀମାଙ୍କିତ ଚୌହଦୀ ଭିତରେ ବନ୍ଦୀ କରି ଦେଇନାହାନ୍ତି କି ? ପତିବ୍ରତ ପ୍ରାଣା ସତୀ ସୀତାଙ୍କୁ ରାବଣପୁରରେ ଚଉଦ ମାସ ଲାଂଛିତ ଜୀବନ ବିତାଇବାକୁ ପଡ଼ିଛି ? ଏହା ତାଙ୍କର ଅପରାଧ ନୁହେଁ । ଅଥଚ ପ୍ରଜାନୁରଂଜନ ରାମ ତାଙ୍କଠାରୁ ଅଗ୍ନିପରୀକ୍ଷା ନେଇଛନ୍ତି । ସେତିକିରେ କଥା ସରିନାହିଁ । ପ୍ରଜାଙ୍କ ମିଥ୍ୟା ଅପବାଦରେ ସୀତା ପୁଣି ସ୍ୱାମୀ କର୍ତ୍ତୃକ ନିର୍ବାସିତା ହୋଇଛନ୍ତି । ନିର୍ବାସନ ଶେଷରେ ମଧ୍ୟ ବନବାସିନୀ ସୀତାଙ୍କୁ ପୁନର୍ବାର ଅଗ୍ନିପରୀକ୍ଷା ଦେବାର ନିର୍ଦ୍ଦେଶ ହୋଇଛି ଓ ଅପମାନିତା ସୀତା ପାତାଳଗାମୀ ହୋଇଛନ୍ତି । ଅଥଚ ସୀତା ଆଦର୍ଶର ଚୌହଦୀ ବାହାରକୁ ଆସି ଓଠ ଖୋଲି ପ୍ରଶ୍ନ କରି ନାହାନ୍ତି "ତୁମେ ସ୍ୱାମୀ ରାମଚନ୍ଦ୍ର, ସୁନ୍ଦରୀ ଅହଲ୍ୟାକୁ ପଦସ୍ପର୍ଶ ଦେଇଛ, ମୋ ବ୍ୟତୀତ ବାରବର୍ଷ ଦଶ ମାସ ଅରଣ୍ୟରେ ବୁଲିଛ, ଶବରଣୀର ଅତିଥି ହୋଇଛ, ତୁମ ଚାରିତ୍ରିକ ଉଜ୍ଜ୍ୱଳତାର ପ୍ରମାଣ କରିବାକୁ ତୁମେ ଅଗ୍ନି ପରୀକ୍ଷା ଦେଇ ପାରିବ କି ? ଯଦି ନାଁ, ଏକବର୍ଷ ଦୁଇମାସ ତୁମ ବିନା ବିତାଇଛି ବୋଲି ମୁଁ କାହିଁକି ଅଗ୍ନିପରୀକ୍ଷା ଦେବି ?

ହୁଏତ ସାଧାରଣ ମାନବୀ ହୋଇଥିଲେ ସୀତା ଏ ପ୍ରଶ୍ନ ପଚାରି ପାରିଥାନ୍ତେ । ତାଙ୍କପ୍ରତି ସେ ଅବିଚାରର ପ୍ରତିବାଦ କରିଥାନ୍ତେ । ସୀତାଙ୍କ ମନକୁ ଏଭଳି ଚିନ୍ତା ଆନ୍ଦୋଳିତ କରିଥିଲେ ମଧ୍ୟ ସେ ତାକୁ ପ୍ରକାଶ କରି ପାରିନଥିବେ, ଯେହେତୁ ସେ ଆଦର୍ଶର ମୂର୍ତ୍ତିମତୀ ପ୍ରତୀକ, ଉତ୍ତମା ନାରୀ, ଦେବୀ ।

ମାତ୍ର ମହାଭାରତର ନାରୀ ସାଧାରଣ ଜୀବନୀର ସୁଖ ଦୁଃଖ ଓ ସଂଘର୍ଷ ସହ ଏତେ ଏକାତ୍ମ ଯେ ସବୁ କାଳର ନାରୀ ସମାଜ ଉପରେ ଏହା ପ୍ରଭାବ ବିସ୍ତାର କରି ରଖି ପାରିଛି ।

Digitized by srujanika@gmail.com

ମହାଭାରତର ଏକ ଅନାଲୋଚିତ ମହନୀୟ ନାରୀ ଚିତ୍ରାଙ୍ଗଦା । ତୀର୍ଥଯାତ୍ରା ବେଳେ ତୃତୀୟ ପାଣ୍ଡବ ଅର୍ଜୁନ ମଣିପୁର ରାଜକୁମାରୀ ଚିତ୍ରାଙ୍ଗଦାଙ୍କୁ ଗାନ୍ଧର୍ବ ମତରେ ବିବାହ କରିଥିଲେ । ହସ୍ତିନାକୁ ଫେରିବା ବେଳେ ଚିତ୍ରାଙ୍ଗଦାଙ୍କୁ କହିଥିଲେ "ଦେବୀ" ମୁଁ ଯାଉଛି । ବଡଭାଇଙ୍କ ଅନୁମତି ନେଇ ଆସିଲେ ମୁଁ ତୁମକୁ ମୋ ସହ ନେଇଯିବି ।

ଚିତ୍ରାଙ୍ଗଦା ଉତ୍ତର ଦେଇଥିଲେ ସ୍ୱାମୀ, ମୁଁ ଦେବୀ ହେବାକୁ ଚାହେଁ ନାହିଁ କି ଦାସୀ ହେବାକୁ ଚାହେଁ ନାହିଁ । ସାଧାରଣ ନାରୀ ଭାବରେ ପତ୍ନୀର ମର୍ଯ୍ୟାଦା ଚାହେଁ" ।

ନାରୀର ସମ୍ମାନ ଓ ସ୍ୱାଧୀନତାର ଦୃଷ୍ଟାନ୍ତ ବଳରାମ ଦାସ ମହାଲକ୍ଷ୍ମୀଙ୍କ ବ୍ୟକ୍ତିତ୍ୱ ମାଧ୍ୟମରେ ସମଗ୍ର ନାରୀ ସମାଜକୁ ଅତି ପ୍ରାଞ୍ଜଳ ଭାବରେ ଦର୍ଶାଇ ଦେଇଛନ୍ତି ।

ଶ୍ରୀୟା ଚଣ୍ଡାଳୁଣୀ ଗୃହକୁ ମହାଲକ୍ଷ୍ମୀ ଯାଇଥିଲେ ବୋଲି ସ୍ୱାମୀ ଓ ଦେଢଶୁରଙ୍କ ଦୃଷ୍ଟିରେ ସେ ହେଲେ ଅପରାଧିନୀ, ପରିତ୍ୟକ୍ତା । ତେଣୁ ଠାକୁର ବଳରାମ ଓ ପ୍ରଭୁ ଜଗନ୍ନାଥଙ୍କ ଦ୍ୱାରା ଶ୍ରୀମନ୍ଦିରରୁ ବିତାଡିତା ହୋଇ ମହାଲକ୍ଷ୍ମୀ ପିତ୍ରାଳୟକୁ ନଫେରି ଅନ୍ୟତ୍ର ବାସ କରିଛନ୍ତି । ଦୁଇଭାଇ "ଲକ୍ଷ୍ମୀଛଡା"ଭାବରେ ଅନେକ କଷ୍ଟ ଭୋଗି ଶେଷରେ ମହାଲକ୍ଷ୍ମୀଙ୍କର ଶରଣାପନ୍ନ ହୋଇ ଶ୍ରୀମନ୍ଦିରକୁ ଫେରି ଆସିବା ପାଇଁ ନିବେଦନ କରିଛନ୍ତି । ଠିକ୍ ସେତିକି ବେଳେ ସ୍ୱାଭିମାନୀ ପଦ୍ମାଳୟା ସର୍ତ୍ତ ରଖିଛନ୍ତି ସେ ଶ୍ରୀମନ୍ଦିରକୁ ଫେରିଯିବେ ଯଦି—

"ଚଣ୍ଡାଳୁ ବ୍ରାହ୍ମଣଯାଏ ଛୁଆଁ ଖୋଇ ହେବେ
ସମସ୍ତେ ଖାଇଣ ହସ୍ତ ଜଳେ ନ ଧୋଇବେ
ଅନ୍ନ ଖାଇ ସର୍ବେ ମୁଣ୍ଡେ ପୋଛୁଥିବେ ହାତ
ତେବେ ବଡ ଦେଉଳକୁ ଯିବି ଜଗନ୍ନାଥ ।"

ନାରୀ ଯେତେବେଳେ ନିଜର ଅନ୍ତର୍ନିହିତ ଶକ୍ତି ସଂପର୍କରେ ସଚେତନ ଓ ଆତ୍ମମର୍ଯ୍ୟାଦାବୋଧରେ ଅଟଳ, ସେତେବେଳେ ତା'ର ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ନିକଟରେ ପୁରୁଷ ନତ ମସ୍ତକ ହେବାକୁ ବାଧ୍ୟ । ତାହାହିଁ ଘଟିଥିଲା ।

ସାହିତ୍ୟ ମାଧ୍ୟମରେ ମହାଲକ୍ଷ୍ମୀଙ୍କର ଏଇ ଦୃଢ ବ୍ୟକ୍ତିତ୍ୱର ପରିଚୟ ନାରୀ ସମାଜକୁ ବଳରାମ ଦାସ ଯେଉଁଭଳି ଭାବରେ ଦେଇଛନ୍ତି, ପରବର୍ତ୍ତୀ କାଳର ସାହିତ୍ୟରେ ବିଶେଷ କରି କାବ୍ୟ କବିତାରେ ତାହା ପ୍ରାୟ ଦେଖା ଦେଇ ନାହିଁ ।

Digitized by srujanika@gmail.com

ଶିଳ୍ପ ବିପ୍ଳବ, ଫରାସୀ ରାଷ୍ଟ୍ର ବିପ୍ଳବ ଓ ବୈଜ୍ଞାନିକ ଅନୁଶୀଳନ ମାନବ ଜୀବନକୁ ଯେତେବେଳେ ଓତ ପ୍ରୋତ ଭାବେ ଅନୁପ୍ରାଣିତ କଲା, ତାହାର ପ୍ରକାଶ ଭଙ୍ଗୀକୁ କାବ୍ୟ କବିତା ଧରି ରଖି ନପାରିବାରୁ ଗଳ୍ପ ଉପନ୍ୟାସର ସୃଷ୍ଟି ହେଲା । ସେହି ସମୟରେ ସମସ୍ତ ଭାରତୀୟ ଗଳ୍ପ ଉପନ୍ୟାସରେ ନାରୀ କେବଳ ସମ୍ଭୋଗ ଶୃଙ୍ଗାରର ମୂର୍ତ୍ତି ନ ହୋଇ ଜୀବନ ସଂଘର୍ଷର ଅଂଶୀଦାର ଭାବେ ରୂପ ପାଇଲା । ସାହିତ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦେଲା—ଏଇ ତୋର ସ୍ୱରୂପ, ଏଇ ତୋର ପରିଚୟ ।

ଆଧୁନିକ ଓଡ଼ିଆ ସାହିତ୍ୟର କଥା ବିଗ୍ରହକୁ ନେଲେ ବ୍ୟାସ କବି ଫକୀର ମୋହନଙ୍କ ନାରୀ ଚରିତ୍ର ଗୁଡ଼ିକଙ୍କ ମଧ୍ୟରେ ଉତ୍କଳୀୟ ନାରୀ ଆପଣାର ପ୍ରତିବିମ୍ବ ଦେଖି ପାରିଲା । ଅନ୍ଧାରରେ ପଥ ଖୋଜୁଥିବା ବେଳେ ପ୍ରଦୀପ ଭଳି ଜଳି ଉଠିଲା "ଛ ମାଣ ଆଠ ଗୁଣ୍ଠ"ର ସାଆନ୍ତାଣୀ ଚରିତ୍ର । ସାଆନ୍ତାଣୀଙ୍କ ହୃଦୟରେ ଅତ୍ୟାଚାରୀ ସ୍ୱାମୀଙ୍କ ବିରୁଦ୍ଧରେ ବିଦ୍ରୋହର ଯେଉଁ ସ୍ଫୁଲିଙ୍ଗ ଟିକକ ଲୁଚି ରହିଥିଲା ତାହା ତାଙ୍କ କାର୍ଯ୍ୟ କଳାପରେ ଫୁଟି ଉଠିଲା । ମଙ୍ଗରାଜେ ପରର ତଣ୍ଟି ଚିପି ଧନ ଠୁଳ କରିନ୍ତି, ଅଥଚ ସାଆନ୍ତାଣୀ ଦୁଃଖୀ-ରଙ୍କିଙ୍କୁ ଖାଲି ହାତରେ ଦୁଆରୁ ଫେରାନ୍ତି ନାହିଁ । ସ୍ୱାମୀଙ୍କୁ ପରଧନ ଲୋଭ ପ୍ରବୃତ୍ତିରୁ ନିବୃତ୍ତ କରିଛନ୍ତି ।

ଦରଦୀ ସ୍ରଷ୍ଟା ଫକୀର ମୋହନଙ୍କ ସୃଷ୍ଟିରେ ଆଉ ଏକ ଚମକାର ନାରୀ ଚରିତ୍ର ରଣ୍ଡିପୁଅ ଅନନ୍ତାର ମା'—ବେହେରାଣୀ । ଗୋଟିଏ ହାତରେ ଦହି ଠେକି ଓ ଗୋଟିଏ ହାତରେ ବାଟ ଓଗାଳିଥିବା ଅରଣା ମଇଁଷିର ଶିଙ୍ଗ ଧରି ସେ ତାକୁ ବାଟରୁ ହଟାଇ ଦେଇଥିଲା । ଗାଁ ପାଖ ବନ୍ୟାର ଘାଇରେ ପ୍ରାଣତ୍ୟାଗ କରିବା ଭଳି ମାନସିକ ଦମ୍ଭ ଅନନ୍ତା ତା' ମା'ଠାରୁ ହିଁ ଲାଭ କରିଥିଲା ।

ଅନ୍ୟ ଏକ ଅନବଦ୍ୟ ସୃଷ୍ଟି ତାଙ୍କର ପେଟେଣ୍ଟ ମେଡ଼ିସିନ୍‌ର ସୁଲୋଚନା ଚରିତ୍ର । ମଦ୍ୟପ ସ୍ୱାମୀଙ୍କୁ ସତ୍‌ପଥକୁ ଫେରାଇ ଆଣିବା ପାଇଁ ସେ ଯେଉଁ ଅଭିନବ ଉପାୟ ଉଦ୍ଭାବନ କରିଛନ୍ତି ତାହା ପୁରୁଷ କର୍ତ୍ତୃକ ଚିରଦିନ ଲାଂଛିତା ନାରୀର ପ୍ରଶସ୍ତ ବିପ୍ଳବ । ଏ ନାରୀ ଦ୍ୱୟଙ୍କର ଶିକ୍ଷା ଦୀକ୍ଷା ନଥିଲେ ମଧ୍ୟ ସେମାନେ ନିଜର ସମ୍ମାନ ଓ ସ୍ୱାଧୀକାରକୁ ଆପଣା ଢଙ୍ଗରେ ବଜାୟ ରଖିଛନ୍ତି । ଫକୀର ମୋହନଙ୍କ ଗଳ୍ପ ଉପନ୍ୟାସରେ ସୃଷ୍ଟ ନାରୀ ଚରିତ୍ରମାନେ ଦିଶାରୀ ଭଳି ସମସ୍ତ ନାରୀ ସମାଜକୁ ପଥ ପ୍ରଦର୍ଶନ କରୁ ଅଛନ୍ତି ।

Digitized by srujanika@gmail.com

ନାରୀ ଜାତିର ସମ୍ମାନ କଥା ବିଚାରକୁ ନିଆଗଲା ବେଳେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ମାଟିର ମଣିଷର "ହାର ବୋଉ" ଆଦର୍ଶ କିଛି କମ୍ କଥା ନୁହେଁ । ଷାଠିଏ ବର୍ଷ ତଳେ ଏପରି ଏକ ଗୃହ କୋଣର ବଧୂ ସ୍ୱାମୀର ହାତ ଧରି ପରସ୍ପର ଈର୍ଷା ଅସୂୟାର ଅନ୍ଧକୂପ ରୂପୀ ଚୁଲ୍ହରୁ ଦାଣ୍ଡକୁ ବାହାରି ଆସିଛି । ଯେଉଁଠାରେ ନାରୀର ସମ୍ମାନ ବିପନ୍ନ, ସେଠାରେ ସ୍ୱାଧୀକାର ଏକ ପ୍ରହସନ । ଅଧିକାରରୁ ବରଂ ବଂଚିତ ହେବି, ସମ୍ମାନର ସହ ବଂଚିବି । ଏହି ଉପଲବ୍ଧି କାହାଣୀର ହାର ବୋଉଙ୍କଠାରୁ ବାସ୍ତବ ଦୁନିଆର ନାରୀ ସମାଜକୁ ସଂକ୍ରମିତ ହୋଇ ଆସୁଛି ।

ସାହିତ୍ୟ ମାଧ୍ୟମରେ ନାରୀଜାତିକୁ ତାର ସମ୍ମାନ ଓ ସ୍ୱାଧିକାର ସଂପର୍କରେ ସଚେତନ କରାଇଥିବା ଓଡ଼ିଆ ଲେଖକ ମାନଙ୍କ ଭିତରୁ ଔପନ୍ୟାସିକ କାହ୍ନୁ ଚରଣ ଅନ୍ୟତମ । ତାଙ୍କ ଝଂକାରର "କ୍ଷଣପ୍ରଭା", ଶାସ୍ତିର "ଧୋବୀ" ଚରିତ୍ର ଭିତରେ ମାନବୀୟ ପରିସ୍ଫୁଟନ ଏତେ ଅଧିକ ଯେ ପୁନଶ୍ଚ ମହାଭାରତର ଚିତ୍ରାଙ୍ଗଦାଙ୍କ ଉକ୍ତି ମନକୁ ଛାଏଁ ପ୍ରଭାବିତ କରେ—"ମୁଁ ଦେବୀ ହେବାକୁ ଚାହେଁନା କି ଦାସୀ ହେବାକୁ ଚାହେନା । ସାଧାରଣ ନାରୀଟିଏ ପରି ସମ୍ମାନର ମର୍ଯ୍ୟାଦା ଚାହେଁ ।"

ଆଧୁନିକ କବିତା ବା' କ୍ଷୁଦ୍ରଗଳ୍ପରେ ଖୁବ୍ ବେଶୀ ନାରୀର ସମ୍ମାନ ଓ ସ୍ୱାଧିକାର କଥା କୁହାଯାଇ ନାହିଁ । ଆଦର୍ଶର କଥା କୁହାଯାଇଛି, ପ୍ରେମର କଥା କୁହାଯାଇଛି, ତ୍ୟାଗ ଓ ଜୀବନ ସଂଘର୍ଷର କଥା କୁହାଯାଇଛି । ଏପରିକି ପୁରୁଷ ଶାସିତ ସମାଜରେ ଦୟନୀୟ ଭାବେ ଜୀବନ ବିତାଉ ଥିବା ନାରୀର କଥା କୁହା-ଯାଇଛି । ଯଦିଓ ଦାବୀ ବା' ସ୍ୱାଧୀକାର ମାଧ୍ୟମରେ ନାରୀ ବ୍ୟକ୍ତିତ୍ୱର ଔଜ୍ଜ୍ୱଲ୍ୟ ଦିଗଟିକୁ ଦେଖାଇ ଦିଆ ଯାଇଛି ତାହା ଶାଣିତ ବ୍ୟଙ୍ଗ ବା' ବକ୍ରୋକ୍ତି ଢଂଗରେ । ଉପନ୍ୟାସରେ ସଂପୂର୍ଣ୍ଣ ଭାବେ ନହେଲେ ମଧ୍ୟ ବହୁ ଲେଖକ ଲେଖିକା ନାରୀର ଅଧିକାର, ସ୍ୱାଧୀକାର, ସମ୍ମାନ ଓ ସ୍ୱରୂପ ସଂପର୍କରେ ପ୍ରୟାସ କରିଛନ୍ତି । ବହୁ ପ୍ରଭାବବିସ୍ତାରୀ ନାରୀ ଚରିତ୍ରର ସୃଷ୍ଟି କରିଛନ୍ତି ।

ପ୍ରବନ୍ଧର ସୀମିତ କଳେବର ଓ ସଂକ୍ଷିପ୍ତ ସମୟ ଦୃଷ୍ଟିରୁ ବା ହେଉଛି ଗଳ୍ପ ଓ ଉପନ୍ୟାସ ମାନଙ୍କର ବ୍ୟାଖ୍ୟା କରିବା ଏଠାରେ ସମ୍ଭବପର ହେଉ ନଥିବାରୁ ମୋର ଅଗ୍ରଜ ଉପନ୍ୟାସକାର ଓ କଥାକାର ମାନଙ୍କ ଠାରୁ ମୁଁ ନମ୍ରତାର ସହ କ୍ଷମା ଭିକ୍ଷା କରୁଛି । ସତୀର୍ଥ ମାନଙ୍କ ଉଦାରତା କାମନା କରୁଛି । ପ୍ରତ୍ୟେକେ ପ୍ରତ୍ୟେକଙ୍କ ନିଜସ୍ୱ ଢଙ୍ଗରେ ସମୃଦ୍ଧ ଓ ସ୍ୱତନ୍ତ୍ର ଆଲୋଚନାର ଅଧିକାରୀ ହେବାର ଯୋଗ୍ୟ ।

Digitized by srujanika@gmail.com

ବିଭିନ୍ନ ଅଧ୍ୟାୟରେ ନାରୀର ମାନସିକ ବିଶ୍ଳେଷଣର ଚିତ୍ର ପ୍ରଦାନ କରୁଥିବା ବିଶିଷ୍ଟ ଗାଳ୍ପିକ କିଶୋରୀ ଚରଣ ଦାସଙ୍କର ଉଦାହରଣ ନିଆଯାଉ । "ଇନ୍ଦିରା" ଓ "ମୁକ୍ତକେଶୀ" ଗଳ୍ପରେ ନାରୀ ଭିତରେ କିଛି ସମ୍ମାନ ସ୍ୱାଧିକାରର ଉଷ୍ଣତା ଭରିଦେବା ଭଳି ପ୍ରୟାସ କରିଛନ୍ତି । ଯଥା— "ସେତିକିବେଳେ ତୁମର ରିପୁନାଶିନୀ ଖଡ୍ଗ ଧାରିଣୀ ରୂପ ମୋତେ ଉସ୍‌କେଇ ଥିଲା, ତତେଇ ଥିଲା ଯେ ଆପଣା ଦାବୀ ନିଜେ ହାସଲ କରି ନେବାକୁ ହେବ । ସେଥିପାଇଁ କାହାର ଦ୍ୱାରସ୍ଥ ହେଲେ ଚଳିବ ନାହିଁ ।" (ଇନ୍ଦିରା)

"ମୁକ୍ତକେଶୀ" ଗଳ୍ପରେ ଯୁବତୀ ବିଧବା ସରସୀ ମହାନ୍ତିର ନୀରବ ବିଦ୍ରୋହର ସ୍ୱର 'ତାହେଲେ କ'ଣ ସମାଜ ଉପରେ ରଗିବି ? କି ଓ, ଏତେ ଆଧୁନିକ ଯଦି ମୋତେ ଚାହିଁବି ଆଉଥରେ ବାହା ଦେଲ ନାହିଁ କହିବି ? ସରସୀ ପ୍ରଶ୍ନର ନିଷ୍ଟ ନିର୍ଲଜ୍ଜତାରେ ହସି ଉଠିଲେ । ସମ୍ଭ୍ରାନ୍ତ କରଣ ଘର ବୋହୂ, ତାଳ ବିଧବା ନୁହେଁ । କୋଳରେ ଛଅ ସାତ ବର୍ଷର ପୁଅ, ତାକୁ ପୁଣି ବାହାଘର ମଡ଼ିଛି ? ଏଇ ହେଉଛି ତା'ର ବିଦ୍ରୋହ, ଜଗନ୍ନାଥଙ୍କ ଦେଶରେ ଉଇମେନ୍ସ ଲିବ୍ ।"

ନାରୀଜାତିର ସମ୍ମାନ ଓ ସ୍ୱାଧୀକାର ରକ୍ଷା ସଂଗେ ସାହିତ୍ୟର ସଂପର୍କ କଥା ଆଲୋଚନାର ପରିସର ହୋଇଥିବାରୁ ନାରୀମାନଙ୍କ ସୃଷ୍ଟ ସାହିତ୍ୟରେ ନାରୀଜାତିର ସମ୍ମାନ ତଥା ସ୍ୱାଧିକାରର ଆଲୋଚନା ପୃଥକ୍ ଭାବେ ଯଦି ଏଠାରେ ଉଲ୍ଲେଖ କରଯାଏ, ଦୋଷାବହ ହେବନାହିଁ ।

ସମ୍ମାନ ଓ ସ୍ୱାଧିକାରର ସ୍ୱରୂପ କ'ଣ ହେବା ଉଚିତ୍ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ରଚନାବଳୀ ତା'ର ସ୍ପଷ୍ଟ ରୂପରେଖ ଦେଇ ପାରିଛି ।

ତାଙ୍କର ଉପନ୍ୟାସ ରଘୁ ଅରକ୍ଷିତ, କାଳି ବୋହୂ, ନଅତୁଣ୍ଡିରେ ନାରୀର ସ୍ୱାଧୀକାର ଓ ନାରୀପ୍ରତି ହେଉଥିବା ଅବିଚାର ବିରୁଦ୍ଧରେ ସେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ରଘୁ ଅରକ୍ଷିତରେ ବିଧବାର ପୁନର୍ବିବାହ କଥା ଉଠାଇଛନ୍ତି । ମାତ୍ର ତାଙ୍କର ଅଗଣିତ କବିତାବଳୀରେ ଏହି ଭାବ ଅଧିକ ତୀକ୍ଷ୍ଣ ଓ ଅଧିକ ଶକ୍ତିଶାଳୀ ଭାବରେ ସ୍ଫୁଲିଙ୍ଗ ବିଚ୍ଛୁରୀତ କରିପାରିଛି । ଯଥା—

"ଆମେ ଭାରତର ଶକତି ସଂହତି
ଡିଳେ ଭୀତି ଚିତ୍ତେ ନାହିଁ ବୈରୀପ୍ରତି
ଭାରତର ନାରୀ ନୋହୁ ଆମେ ହୀନା
ଷୋଳ କୋଟି ଅମେ ନୋହୁ ଅତି କ୍ଷୀଣା ।"

Digitized by srujanika@gmail.com

ଏହିପରି ଅଗଣିତ କବିତାରେ ସେ ତାଙ୍କର ମର୍ମବାଣୀ ଶୁଣାଇ ନାରୀ ଜାତିକୁ ଉଦ୍ଧାର କରାଇ ପାରିଥିଲେ । ଔପନ୍ୟାସିକ ବସନ୍ତ କୁମାରୀ ପଟ୍ଟନାୟକଙ୍କ ଉପନ୍ୟାସ 'ଅମଡ଼ାବାଟ'ର ମାୟା ଚରିତ୍ର ଏଭଳି ଜୀବନ୍ତ ହୋଇଥିଲା ଯେ, ବହିର ପୃଷ୍ଠାରୁ ବାହାରି ଆସି ସମାଜରେ ଅନେକ କିଶୋରୀ ତରୁଣୀଙ୍କ ଭିତରେ ମାୟା ଛପି ଯାଇଥିଲା । ବସନ୍ତ କୁମାରୀଙ୍କର 'ମାୟା'ର କାୟା ପ୍ରବେଶ ପରେ ଅନେକ ତରୁଣୀମାନଙ୍କ ବ୍ୟକ୍ତିତ୍ୱ ବଦଳି ଯାଇଥିଲା ।

କବିତା ମାଧ୍ୟମରେ ନାରୀର ସାର୍ବଜନୀନ ଆବେଦନ, ସମ୍ମାନବୋଧ ଓ ଦାବୀର ବାଣି ଶୁଣାଇଛନ୍ତି କବି ବ୍ରହ୍ମୋତ୍ରୀ ମହାନ୍ତି ତାଙ୍କ କବିତା 'ଭିକ୍ଷା' (ଅବତରଣ)ରେ

" ମତେ ନେବ, ମତେ କୁଳବଧୂ କରି ନେବ
ମୁଁ ତ ବାରବଧୂ 'ବରବଧୂ'ର କି ଗଉରବ ମତେ ଦେବଁ ? "

ବାରବଧୂ ଯେ ଜଣେ ନାରୀ ଓ ତା' ମନରେ ନାରୀର ସମ୍ମାନବୋଧ ଓ ସ୍ୱାଧିକାର ପାଇଁ ଅଭିପ୍ସା ଜାଗ୍ରତ ହୋଇଥାଏ, ଶ୍ରୀମତୀ ମହାନ୍ତି ପ୍ରଥମେ ତାହା ଓଡ଼ିଆ କବିତାରେ ଦର୍ଶାଇଛନ୍ତି ।

ଆଧୁନିକ ଯୁଗ ଯନ୍ତ୍ରଣାରେ ଜର୍ଜରୀତ, ଅନେକ ସମସ୍ୟାର ଅନ୍ଧଗଳିରେ ପଥ ପାଇଁ, ଆଲୋକ ପାଇଁ ନାରୀ ଯେତେବେଳେ ଅଣ୍ଡାଳି ହେଉଛି, ମନଗଢ଼ା ଆଦର୍ଶ ଠିକ୍, ନାଁ ମନର ଆବେଦନ ଠିକ୍ ବାରି ପାରୁନାହିଁ; ସେତିକିବେଳେ ଶ୍ରୀମତୀ ବୀଣାପାଣି ମହାନ୍ତି ସମାଧାନର ପ୍ରଦୀପ ଜାଳି ଦେଉଛନ୍ତି ତାଙ୍କର ଶାଣିତ ପ୍ରକାଶ ଭଙ୍ଗୀରେ । ତାଙ୍କ ଗଳ୍ପର ଚରିତ୍ରମାନେ ନାରୀକୁ ପ୍ରେରଣା ଦେଉଛନ୍ତି ମଣିଷ ଭଳି ବଂଚିବାକୁ । ଅଶିକ୍ଷାର ଅନ୍ଧକାରରେ ବଢ଼ୁଥିବା ନାରୀ ଭଙ୍ଗା ସିଲଟକୁ ଯୋଡ଼ି ଯୋଡ଼ି ଅକ୍ଷର ମଡାଉଛି, ଖାନଦାନ ଘର ରକ୍ତହୀନତା ଭୋଗୁଥିବା ବୋହୂଟି ନିଜର ସ୍ୱାଧିକାର ଓ ସମ୍ମାନର କଥା ଚିନ୍ତା କରି ଘରର ଚାକରାଣୀ ହାତକୁ ଟିଫିନ୍ କ୍ୟାରିୟର ବଢ଼ାଇ ଦେଇ ହୋଟେଲରୁ ଖାଦ୍ୟ ମଗାଇ ନେଉଛି । ପରଂପରାର ଅନ୍ଧ ଅର୍ଗଳାରୁ ବାହାରି ଆସି ବୋହୂଟିଏ ଆତ୍ମନିର୍ଭରଶୀଳା ହେବା-ପାଇଁ ଚାକିରୀ କରିଛି । "ପାଟ ଦେଇ" ଜାବାଳାର ଦମ୍ଭ ନେଇ ଠିଆ ହୋଇଛି ପିଲାଟିକୁ ତା'ର ମାତୃ ପରିଚୟରେ ପରିଚିତ କରିବା ପାଇଁ । କାରଣ ଯାହା

Digitized by srujanika@gmail.com

ଘଟିଯାଇଛି, ସେଥିପାଇଁତ ସେ ଦାୟୀ ନୁହେଁ, ତେବେ ନିନ୍ଦା ଅପବାଦର ଅଂଶୀଦାର ସେ କାହିଁକି ହେବ ?

ସେହିଭଳି ଡଃ ପ୍ରତିଭା ରାୟଙ୍କ 'ଉତ୍ତର ଦାୟୀ' ଗଳ୍ପଟିର ନାୟିକା ପରଂପରା ମୂଳରେ କୁଠାରଘାତ କରି ବାପ ମୁହଁରେ ମୁଖାଗ୍ନି ଦେଇଛି । ପୁଅ ଝିଅ ନିର୍ବିବାଦରେ ସନ୍ତାନର ତଥା ନାରୀର ସ୍ୱାଧିକାର ଘୋଷଣା କରିପାରିଛି ।

ସାହିତ୍ୟ ତ କେବଳ ନିର୍ଦ୍ଦେଶ ଦିଏ ନାହିଁ, ତାହା ମାନବ ସମାଜକୁ ଅନୁପ୍ରାଣିତ କରେ, ସଂସ୍କୃତି ଓ ସାମାଜିକ ଚେତନାର ଧାରାକୁ ବହନ କରିନିଏ । ଆଜି ସାହିତ୍ୟର ମର୍ମବାଣୀକୁ ବହନ କରିନେଇ ସମାଜର ସବୁ ସ୍ତରରେ ପହଞ୍ଚାଇ ପାରିବାରେ ଗଣ ମାଧ୍ୟମ ଗୁଡିକର ଭୂମିକା ଅନେକ ଗୁରୁତ୍ୱପୂର୍ଣ୍ଣ ହୋଇ ପାରିଲାଣି । କ୍ରମେ ନାରୀ ସମାଜ ନିଜର ଅଧିକାର, ସ୍ୱାଧୀକାର ଓ ସମ୍ମାନ ସଂପର୍କରେ ସଚେତନ ହେବାକୁ ଲାଗିଲେଣି ।

"ବିନାଶ୍ରୟେ ନବର୍ତ୍ତନ୍ତି କବିତା ବନିତା ଲତା"ର ଅନ୍ଧ ସମର୍ଥକ ଭାବେ ଆଜି ନାରୀ ଜାତି ରହିବାକୁ ପ୍ରସ୍ତୁତ ନୁହେଁ । ସାହିତ୍ୟ ତା'ର ପ୍ରଶଂସାରେ ଶତମୁଖ ହେଉ ବା' ନିନ୍ଦା ରଟନାରେ ଲକ୍ଷଚ୍ଛିଦ୍ର ହେଉ ନାରୀ ଜାତି ଆଜି ନିଜର ସମ୍ମାନ ଓ ସ୍ୱାଧିକାର ରକ୍ଷା କରିବାକୁ ଦୃଢ଼ ଆତ୍ମ ବିଶ୍ୱାସ ଓ ସତ୍ୟନିଷ୍ଠତା ଉପରେ ନିର୍ଭର କରି ଶିଖିଛି । ଶୈଶବାବସ୍ଥାରେ ପ୍ରାଣୀ ନିଜର ନିରାପତ୍ତା, କ୍ଷୁଧା, ତୃଷା, ଭଲ ମନ୍ଦ ଓ ସମସ୍ତ ପ୍ରକାର ସୁବିଧା ପାଇଁ ମା' ଉପରେ ସଂପୂର୍ଣ୍ଣ ନିର୍ଭର କରେ । ମାତ୍ର ବୟସ ବଢିବା ସଂଗେ ସଂଗେ ଅନେକ କାର୍ଯ୍ୟ ନିଜେ ନିଜେ ସଂପନ୍ନ କରି ପାରିଥାଏ । କାରଣ ମା' ହିଁ ଶିଶୁକୁ ଆତ୍ମନିର୍ଭରଶୀଳ ହେବାର ଜ୍ଞାନ ପ୍ରଦାନ କରିଥାଏ ।

ସାହିତ୍ୟର ଭୂମିକା ସେହି କଲ୍ୟାଣମୟୀ ଜନନୀର ଭୂମିକା ଠାରୁ କୌଣସି ଗୁଣରେ କମ୍ କି ??

ତଥାପି ନାରୀ ସମାଜର ବର୍ତ୍ତମାନ ସମସ୍ୟାକୁ ଆଖି ଆଗରେ ରଖି ଯୁଗୋପଯୋଗୀ ସାହିତ୍ୟ ସୃଷ୍ଟିର ଆବଶ୍ୟକତା ଆହୁରି ଅଛି । କେତୋଟି

Digitized by srujanika@gmail.com

ସାର୍ବଜନୀନ ସମସ୍ୟାବାଦ୍, ନାରୀ ଗୋଟିକେ ସମସ୍ୟା ଗୋଟିଏ । ଲେଖକ ଲେଖିକା ମାନେ ସେହି ସମସ୍ୟା ଓ ତା'ର ସମାଧାନର ପଥ କଳାତ୍ମକ ଭାବରେ ସାହିତ୍ୟ ମାଧ୍ୟମରେ ଦର୍ଶାଇ ଦେବାର ସମୟ ଆସିଛି । ପ୍ରତ୍ୟେକ ଲେଖକ/ଲେଖିକାଙ୍କର ଏହି ସାମାଜିକ ଅଙ୍ଗୀକାର ବୋଧ ରହିବା ଶୁଭ ସୂଚକ ।

ସତ୍‌ସାହିତ୍ୟ ଓ ସତ୍‌ସାହିତ୍ୟକାର ଯାବତ୍ ଚନ୍ଦ୍ରାର୍କେ ନାରୀ ପୁରୁଷ ନିର୍ବିଶେଷରେ ମାନବ ସମାଜ ଉପରେ ପ୍ରଭାବ ବିସ୍ତାର କରି ଚାଲିଥିବ । ସମାଜ ତା'ର ସ୍ୱରୂପ ସାହିତ୍ୟ ଭିତରେ ଖୋଜି ନେଉଥିବ । ଏହା ସତ୍ୟ ଯେ ସାହିତ୍ୟ ସମାଜକୁ ପ୍ରଭାବିତ କରେ, ମାତ୍ର ସେ ଧର୍ମଯାଜକ ବା' ଶିକ୍ଷକ ହେବାକୁ ବାଧ୍ୟ ନୁହେଁ ॥

●

Digitized by srujanika@gmail.com

ଓଡ଼ିଆ ସାହିତ୍ୟରେ ନାରୀର ସାମାଜିକ ସ୍ଥିତି ଓ ସ୍ୱରୂପ

ଶ୍ରୀମତୀ ଗୀତା ହୋତା

ମଣିଷକୁ ସଚେତନ, ଶୃଙ୍ଖଳିତ, ସୁନ୍ଦର ଓ ଉଦ୍ୟମଶୀଳ କରିବା ପାଇଁ ସାହିତ୍ୟ ସବୁ ଯୁଗରେ ଏକ ମହନୀୟ ଭୂମିକା ଗ୍ରହଣ କରିଛି । ସମାଜକୁ ସୁସ୍ଥ ଓ ସମୃଦ୍ଧ କରିବା ନିମନ୍ତେ ମଧ୍ୟ ସାହିତ୍ୟ ଭିତ୍ତିଭୂମି ପ୍ରସ୍ତୁତ କରିଥାଏ । କେତେକ ମନେକରନ୍ତି ଯେ, ସାହିତ୍ୟ କେବଳ ମନ ବିନୋଦନ ପାଇଁ ଉଦ୍ଦିଷ୍ଟ । ମୁଁ ସେମାନଙ୍କ ସହିତ ଏକମତ ନୁହେଁ । ସଭ୍ୟତା ମଣିଷକୁ ଆତ୍ମ ନିରୀକ୍ଷଣ କରିବା ପାଇଁ ଓ ନିଜ ଭିତରେ ଲୁଚି ରହିଥିବା ସମ୍ଭାବନାକୁ ଜାଣିବା ପାଇଁ ଯେଉଁ ଶକ୍ତି ଦେଇଛି; ସେଥିରୁ କଳା, ସାହିତ୍ୟ, ବିଜ୍ଞାନର ସୃଷ୍ଟି । ତେଣୁ ଜୀବନ ପ୍ରତି ସାହିତ୍ୟର ଏକ ବଡ଼ କର୍ତ୍ତବ୍ୟ ରହିଛି । ଜୀବନରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂରକରିବା ଯେପରି ସାହିତ୍ୟର ଧର୍ମ; ସେହିପରି ସମାଜରୁ ଅନ୍ୟାୟ, ଅତ୍ୟାଚାର ଓ ଅସମାନତା ଦୂର କରିବା ଲାଗି ନିରନ୍ତର ମାର୍ଗ ପ୍ରଦର୍ଶନ କରାଇବାରେ ସାହାଯ୍ୟ କରିବା ମଧ୍ୟ ସାହିତ୍ୟର ଧର୍ମ । ଆମ ବୈଦିକ ସାହିତ୍ୟ ଓ ପୌରାଣିକ ସାହିତ୍ୟ ଏହାର ନିଦର୍ଶନ ।

ନାରୀ ମଣିଷ ସମାଜର ଅଂଶ ବିଶେଷ । ପୃଥିବୀର ଅଧେ ଲୋକ ନାରୀ । ଆମ ଦେଶର ଅବସ୍ଥା ମଧ୍ୟ ତାହା । ତେଣୁ ମଣିଷ ଓ ସମାଜର ଉନ୍ନତି କହିଲେ ନାରୀ ଓ ପୁରୁଷ ଉଭୟଙ୍କର ଉନ୍ନତିକୁ ବୁଝାଏ । ଜଣକୁ ଛାଡ଼ି ଆଉ ଜଣେ ବିଧାତାଙ୍କ ସୃଷ୍ଟିରେ ଯେପରି ସଂପୂର୍ଣ୍ଣ ନୁହେଁ, ସେହିପରି ଜନ ସଂଖ୍ୟାରେ ଅଧେ-କୁ ବାଦ୍ ଦେଇ କୌଣସି ସମୃଦ୍ଧ ଓ ସୁଖୀ ସମାଜ ମଧ୍ୟ ପ୍ରତିଷ୍ଠା କରାଯାଇ ନପାରେ । ନାରୀକୁ ପୁରୁଷର ସମକକ୍ଷ ଓ ତାହା ସହିତ ସମାନ ବୋଲି ଗ୍ରହଣ ନକଲେ, ସମାଜ ଦୁର୍ବଳ ହୁଏ ଏବଂ ଏକ ବଡ଼ ଜନସଂଖ୍ୟା ଅବହେଳିତ ହୋଇଯାଏ । ସୃଷ୍ଟିର ନିୟମ ଏପରି ଯେ ନାରୀ ଓ ପୁରୁଷ ଉଭୟଙ୍କର ସହଯୋଗ ଦ୍ୱାରାହିଁ ଶିଶୁଟିଏ ଜନ୍ମ ନିଏ । ପୁଣି ଦୁହିଁଙ୍କର ସହଯୋଗ ଦ୍ୱାରାହିଁ ସଂସାର ଗଢ଼ିଉଠେ । ସଂପର୍କ ବଢ଼େ । ତେଣୁ ସମାଜ ଓ ସଭ୍ୟତାର

Digitized by srujanika@gmail.com

ଗଠନରେ ନାରୀ ଓ ପୁରୁଷ ଉଭୟଙ୍କର ଅବଦାନ ଓ ସ୍ୱତନ୍ତ୍ରତାକୁ ଗ୍ରହଣ କରିବାକୁ ହେବ । କିନ୍ତୁ ଯେଉଁଦିନୁ ନାରୀକୁ ସମାଜରେ ଅବହେଳା କରିବାର ମାନସିକତା ଦେଖାଦେଇଛି ସେହିଦିନଠାରୁ ନାରୀ ଦୁର୍ବଳ ହୋଇଛି । ତା ସହିତ ସମାଜ ମଧ୍ୟ ଦୁର୍ବଳ ହୋଇଛି । ରାଷ୍ଟ୍ର ମଧ୍ୟ ଶକ୍ତି ହୀନ ହୋଇଛି । ଯେଉଁଦିନ ଧର୍ମର ସୁରକ୍ଷା ନାମରେ ଶାହାବାନୁ ମାମଲାରେ, ସଂବିଧାନର ସଂଶୋଧନ କରି ନାରୀର ମୌଳିକ ଅଧିକାର ସଂକୁଚିତ କରି ଦିଆଗଲା ସେହିଦିନ ଏହି ଜାତିର ଶକ୍ତି ଆହୁରି ହ୍ରାସ ପାଇଲା ।

ଶରୀର ଗଠନରେ ନାରୀ ଓ ପୁରୁଷ ମଧ୍ୟରେ ପାର୍ଥକ୍ୟ ଯଥେଷ୍ଟ । କିନ୍ତୁ ଉଭୟଙ୍କର କାର୍ଯ୍ୟ କରିବାର ପଦ୍ଧତି ମଧ୍ୟ ଅଲଗା । ତାହା ସତ୍ତ୍ୱେ ଏପରି ଅନେକ କାମ ଅଛି ଯାହା ପୁରୁଷ ନାରୀର ସହାୟତା ବିନା କରି ପାରେନାହିଁ । ପୁଣି ପୁରୁଷକୁ ଛାଡ଼ି ନାରୀ ମଧ୍ୟ ସବୁ କାମ ସମାନ ଦକ୍ଷତାର ସହିତ କରିବା ସମ୍ଭବ ନୁହେଁ । ଏଥିପାଇଁ ସଭ୍ୟତାର ପ୍ରାକ୍ କାଳରୁ ଏ ଯାବତ୍ ନାରୀ ଓ ପୁରୁଷ ଉଭୟଙ୍କ ମଧ୍ୟରେ ସମତା, ସମଧର୍ମତ୍ୱ ଓ ସଂପର୍କ ପ୍ରତିଷ୍ଠା କରିବା ଲାଗି ସାହିତ୍ୟ ଯୋର ଦେଇ ଆସିଛି । ଜୀବନକୁ ସୁନ୍ଦର, ସୁ ସଂହତ ଓ ସୃଜନଶୀଳ କରିବା ପାଇଁ ସାହିତ୍ୟ ମାଧ୍ୟମ ଭାବରେ କାର୍ଯ୍ୟ କରିଛି । ମଣିଷକୁ ପ୍ରେରଣା ଯୋଗାଇ ଦେଇଛି । ଭାବିବା ପକାଶେ ଓ ବିସ୍ତାର କରିବା ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସାହିତ୍ୟ ସହାୟକ ହୋଇଛି ।

ସମତାବୋଧ, ସମବାୟକ ଭିତ୍ତିରେ ସମବେତ ପ୍ରଚେଷ୍ଟା ଓ ସଂପର୍କ ମାଧ୍ୟମରେ ଜୀବନରେ ମମତ୍ୱବୋଧ, ସ୍ନେହ ଓ ପ୍ରୀତି ସାହିତ୍ୟରୁ ହିଁ ବିକାଶ ଲାଭ କରିଛି । ଆଜି ସମାଜରେ ଯେଉଁ ଅଶାନ୍ତି ଓ ଅସ୍ଥିରତା ଦେଖାଯାଉଛି, ତାହା ନାରୀ ଓ ପୁରୁଷ ମଧ୍ୟରେ ଗଢ଼ି ଉଠିଥିବା ଅସମାନତାର ଫଳ । ସାହିତ୍ୟ ନାରୀ ଓ ପୁରୁଷକୁ ସମାନ ଅଂଶୀଦାର ଭାବରେ କାମ କରିବା ଲାଗି ଯେଉଁ ପ୍ରେରଣା ଦିଏ, ତାହା ପୁରୁଷ ଅକୁଣ୍ଠିତ ଚିତ୍ତରେ ଗ୍ରହଣ କରି ନଥିବାରୁ ଏପରି ଦୁର୍ଦ୍ଦଶା । ଆମପରି ଗୋଟିଏ ଗଣତାନ୍ତ୍ରିକ ଦେଶରେ ଅବସ୍ଥା ଆହୁରି ଖରାପ । ଗଣତନ୍ତ୍ର ଶାସନ କେତେ ଗୁଡ଼ିଏ ସର୍ତ୍ତ ପାଳନ କରିବା ଉପରେ ନିର୍ଭର କରେ । ଏହି ସର୍ତ୍ତ ପାଳନ କରିବା ଦ୍ୱାରା ହିଁ ଗଣତାନ୍ତ୍ରିକ ଜୀବନ ଧାରା ସମାଜରେ ପ୍ରଚଳିତ ହୁଏ । ଏହି ସର୍ତ୍ତ ଗୁଡ଼ିକ ହେଲା ପରସ୍ପର ମଧ୍ୟରେ ସମତାବୋଧ, ଆଚରଣରେ ସହିଷ୍ଣୁତା ଓ ଶୃଙ୍ଖଳା, ସଂପଦ ଓ ସୁଯୋଗ ଉପରେ ସମସ୍ତଙ୍କର ସମାନ ଅଧିକାର ଓ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ନ୍ୟାୟ ପ୍ରଦାନ । ଏଣୁ ଏହି ସର୍ତ୍ତ ପୂରଣ ନ ହେଲେ, ଗଣତାନ୍ତ୍ରିକ ବ୍ୟବସ୍ଥା ବିପର୍ଯ୍ୟ ହୁଏ ।

Digitized by srujanika@gmail.com

ବୈଦିକ ଯୁଗରୁ ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ ସମସ୍ତେ ସାଥୀ ହୋଇ ଚଳିବା ଉପରେ ଜୋର ଦିଆ ଯାଇଛି । ଋକ୍‌ବେଦର ଦଶମ ମଣ୍ଡଳରେ ୧୯୧ ସୂକ୍ତିର ଦ୍ୱିତୀୟ ମନ୍ତ୍ରରେ କୁହାଯାଇଛି ଯେ ହେ ମନୁଷ୍ୟଗଣ ! ଏକାଠି ମିଳିମିଶି ଚାଲ ! ମିଳିମିଶି ପ୍ରୀତି ସହକାରେ କଥାବାର୍ତ୍ତା କର । ତୁମ୍ଭମାନଙ୍କ ଚିତ୍ତ ସମାନ ଭାବରେ ଜ୍ଞାନ ଲାଭ କରୁ ।

ତା ପରବର୍ତ୍ତୀ ମନ୍ତ୍ରରେ ପୁଣି କୁହାଯାଇଛି ଯେ— ମନୁଷ୍ୟ ମାନଙ୍କର ବିଚାର ସମାନ ହେଉ, ପରସ୍ପର ମନ ସମାନ ହେଉ, ଅନ୍ତଃକରଣ ସମାନ ହେଉ ଇତ୍ୟାଦି ।

ବ୍ୟକ୍ତିପରି ପରିବାର ମଧ୍ୟ ସାହିତ୍ୟର ଉପାଦାନ । ବ୍ୟକ୍ତି ଓ ପରିବାର, ଶୁଦ୍ଧ ଶକ୍ତିଶାଳୀ ନହେଲେ ସମାଜ ଶକ୍ତିଶାଳୀ ହେବ ନାହିଁ । ଏପରିକି ହିନ୍ଦୁ ମାନଙ୍କର ଯେଉଁ ବିବାହ ପଦ୍ଧତି ରହିଛି, ସେଥିରେ ମଧ୍ୟ ଏଇ ଆଚରଣର ଶୁଦ୍ଧତା ଉପରେ ଜୋର ଦିଆଯାଇଛି । ବର ଓ କନ୍ୟା ଉଭୟେ ଉଭୟଙ୍କୁ ସମ୍ମାନ ଓ ଶ୍ରଦ୍ଧା କରିବା ପାଇଁ ଶପଥ ନିଅନ୍ତି । ଏହି ଶପଥ ପାଳନ କରିବା ଓ ନିର୍ମଳ ଜୀବନ ଯାପନ କରିବା ଦ୍ୱାରାହିଁ ଜୀବନ ସୁନ୍ଦର ହୁଏ, ସମାଜ ଦୃଢ଼ ହୁଏ ।

ବେଦ ଓ ଉପନିଷଦରେ ଏପରି ସାହିତ୍ୟର ବହୁ ଉପାଦାନ ରହିଛି । ସାବିତ୍ରୀ, ଗାର୍ଗୀ, ମୈତ୍ରେୟୀ, ଅରୁନ୍ଧତୀ ପ୍ରଭୃତି ଶକ୍ତିଶାଳୀ ନାରୀ କେବଳ ନାରୀ ଜାତିର ନୁହେଁ, ସମଗ୍ର ମାନବ ଜାତିର ଶ୍ରଦ୍ଧା ଓ ସମ୍ମାନ ଚିରକାଳ ପାଉଛନ୍ତି ଓ ପାଉଥିବେ । ପୌରାଣିକ ସାହିତ୍ୟରେ ମଧ୍ୟ ଏପରି ଦୃଷ୍ଟାନ୍ତ ରହିଛି, ଶ୍ରୀ ଶ୍ରୀ ଚଣ୍ଡୀର ମାତୃଶକ୍ତିର ଜୟଗାନ କରାଯାଇଛି । ଧର୍ମର ଗ୍ଳାନି ହେଲେ, ଅସୁରମାନଙ୍କ ଉତ୍ପାତ ବଢିଲେ ଲୋକମାନଙ୍କର କଲ୍ୟାଣ ପାଇଁ ଭଗବାନ ଅବତାର ଭାବରେ ଜନ୍ମ ଗ୍ରହଣ କରନ୍ତି ବୋଲି ଯେପରି ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି ସେହିପରି ଦେବତାମାନଙ୍କୁ ଆଶ୍ୱାସନା ଦେଇ ଦେବୀ ଶ୍ରୀଚଣ୍ଡୀରେ କହିଛନ୍ତି ଦୁଷ୍ଟ ଦଳନ କରି ଧର୍ମ ସଂସ୍ଥାପନ କରିବା ସକାଶେ ସେ ବାରମ୍ବାର ଜନ୍ମଗ୍ରହଣ କରିବେ । ତେଣୁ ଅଧର୍ମ, ଅବିଚାର ଉତ୍ପୀଡନ ବିରୁଦ୍ଧରେ ସାହିତ୍ୟରେ ଯଥେଷ୍ଟ ଉପାଦାନ ରହିଛି । ଅଧର୍ମ ବିରୁଦ୍ଧରେ ଧର୍ମର ବିଜୟ ପ୍ରତିଷ୍ଠା କରିବା ଲାଗି ଲେଖାଯାଇଛି ରାମାୟଣ ଓ ମହାଭାରତ ।

କିନ୍ତୁ ପରବର୍ତ୍ତୀ କାଳରେ ସାହିତ୍ୟରେ ଧର୍ମ ଓ ନ୍ୟାୟ ବିଚାରର, ସତ୍ୟ ଓ ସମତାର ସ୍ୱର ହ୍ରାସ ପାଇଛି । ମଧ୍ୟଯୁଗୀୟ ସାହିତ୍ୟରେ ଭକ୍ତି ପରମ୍ପରା

Digitized by srujanika@gmail.com

ପ୍ରାଧାନ୍ୟ ପାଇଥିଲେ ବି ଓଡ଼ିଆ ଓ ବଙ୍ଗଳା ସାହିତ୍ୟରେ ସହଜିଆ ଭାବନ ଧାରା ପ୍ରବେଶ କରିଛି । ଫଳରେ ନାରୀ ଶକ୍ତି ଓ ସଂଗ୍ରାମର ମାଧ୍ୟମ ନହୋଇ ପୁରୁଷର ସମ୍ଭୋଗର ଉପାଦାନ ହୋଇ ଯାଇଛି । ରୀତିଯୁଗର ସାହିତ୍ୟ ପରମ୍ପରା ନାରୀକୁ ସମାଜର ବ୍ୟକ୍ତି ଭାବରେ ଗ୍ରହଣ ନକରି ସମ୍ଭୋଗର ଉପାଦାନ ଭାବରେ ଗ୍ରହଣ କରିଛି । ତେଣୁ ନାରୀ ମନର ଚିନ୍ତାଧାରା ପରିବର୍ତ୍ତେ ତାର ଶରୀର ଓ ରୂପର ବର୍ଣ୍ଣନା ପ୍ରାଧାନ୍ୟ ପାଇଛି । ଅତି ରସାଳ ଓ ଉତ୍ତେଜକ ଭାଷାରେ ନାରୀର ଏହି ବର୍ଣ୍ଣନା କରାଯାଇଛି, ଯେହିପରି ସମଗ୍ର ମଧ୍ୟଯୁଗୀୟ ଓ ତତ୍ ପରବର୍ତ୍ତୀ ସାହିତ୍ୟରେ ନାରୀକୁ ପୁରୁଷର ମନୋରଂଜନର ସାମଗ୍ରୀ ଭାବରେ ଚିତ୍ରଣ କରାଯାଇଛି ।

ଆଧୁନିକ ସାହିତ୍ୟ ଏହି ପ୍ରଭାବରୁ ମୁକ୍ତ ନୁହେଁ । ବରଂ ଆଧୁନିକ ମାନସିକତା ସହିତ ତାଳ ନଦେଇ ନାରୀର ସେଇ ଯୌନ ଆବେଦନ ଆହୁରି ତୀବ୍ର ଭାବରେ ପ୍ରକାଶ ପାଇଛି । କେତେକ ଆଧୁନିକ କବି ଓ ଲେଖକଙ୍କ ରଚନାରେ । ବିଜ୍ଞାନର ଜୟଯାତ୍ରା ଫଳରେ ମଣିଷ ମନର ଓ ସମାଜର, ବ୍ୟକ୍ତି-ଗତ ଆଚରଣରେ ଓ ସଂପର୍କରେ, ଉତ୍ପାଦନ ପ୍ରଣାଳୀ ଓ ସଂଗଠନରେ ଯେଉଁ ପରିବର୍ତ୍ତନ ଆସିଲା ତାହା ଆମ ସାହିତ୍ୟକୁ ସ୍ପର୍ଶ କରିଛି ସତ୍ୟ; କିନ୍ତୁ ପ୍ରଭାବିତ କରି ପାରିନାହିଁ । ଫଳରେ ଫ୍ରଏଡ଼ଙ୍କ ଯୌନତତ୍ତ୍ୱ ଓ ଚିନ୍ତାଧାରାର ପ୍ରଭାବ ଦ୍ୱାରା ବହୁଳ ଓ ରସାଳ ବର୍ଣ୍ଣନା ପ୍ରକାଶ ପାଇଥିବାବେଳେ, ମାର୍କସ୍‌ଙ୍କ ପରି ପ୍ରଗତିଶୀଳ ଚିନ୍ତାଧାରା ଆମ ଚେତନାରେ ବିଶେଷ ଭାବରେ ବିସ୍ତାର କରି ପାରିନାହିଁ । ମାୟାଧର ମାନସିଂହଙ୍କ ନାୟିକା ଓ ସଚ୍ଚି ରାଉତରାୟଙ୍କ ନାୟିକା ଏକ ନହେଲେ ବି ସମାଜକୁ ବଦଳାଇବାର ଶକ୍ତି ଏହି ଉଭୟ ନାୟିକାଙ୍କର ନାହିଁ । ଫକିର ମୋହନ କିନ୍ତୁ ନାରୀ ଚରିତ୍ରର ଉନ୍ମେଷଶୀଳ ପ୍ରତିଭା ବିଷୟରେ ସଚେତନ । ତାଙ୍କର ଶାରୀଆ ଓ ଚମ୍ପା ଚରିତ୍ରରେ ନାରୀ ଚରିତ୍ରର ବ୍ୟାପକ ପ୍ରସାର ଘଟିଛି । ସେହିପରି କାଳିନ୍ଦୀ ଚରଣ ପାଣିଗ୍ରାହୀ, ଗୋପୀନାଥ ମହାନ୍ତି, କାହ୍ନୁ ଚରଣ ମହାନ୍ତି ନାରୀକୁ କେବଳ ଉପଭୋଗର ସାମଗ୍ରୀ ନକରି ପରିବାର ଓ ସମାଜରେ ତାକୁ କିଛି ବିଶେଷ ଭୂମିକା ଦେଇଛନ୍ତି । କିନ୍ତୁ ଯେଉଁ ସମାଜର ଅଧେ ମଣିଷ ନାରୀ ସେଠାରେ ନାରୀ ମାନଙ୍କର ମର୍ଯ୍ୟାଦା ରକ୍ଷା କରିବା ଲାଗି ଏହା ଯଥେଷ୍ଟ ନୁହେଁ ।

ସ୍ୱାଧୀନତା ପରେ ଆମେ ଏକ ଗଣତାନ୍ତ୍ରିକ ଚେତନା ସହିତ ନିଜକୁ ଶାସନ କରିବା ପାଇଁ ନୀତିନିୟମ ସମ୍ବଳିତ ଏକ ସଂବିଧାନ ପାଇଲୁ । ଯୁଗ

Digitized by srujanika@gmail.com

ଯୁଗର କୁସଂସ୍କାର ଯୋଗୁଁ ନାରୀ ଯେଉଁ ଦୟନୀୟ ଅବସ୍ଥାରେ ଅଛି ତାହା ଦୂର କରିବା ଲାଗି ସଂବିଧାନର ନିର୍ଦ୍ଦେଶନାମାରେ ମଧ୍ୟ କିଛି ବ୍ୟବସ୍ଥାର ସୂଚନା ଦିଆଯାଇଛି । ଆମ ସଂବିଧାନ ନାରୀ ଓ ପୁରୁଷ ନିର୍ବିଶେଷରେ ସମସ୍ତେ ସମାନ ନାଗରୀକ ଓ ସମସ୍ତଙ୍କର ଅଧିକାର ଏବଂ ସୁଯୋଗ ସମାନ ବୋଲି ଘୋଷଣା କରଯାଉଥିବା ସତ୍ତ୍ୱେ ସ୍ୱାଧୀନତା ଅର୍ଜନ କରିବାର ଏହି ଚୋୟାଳିଶ ବର୍ଷ ପରେ ମଧ୍ୟ ଆମେ ଆମ ଜନ ସଂଖ୍ୟାର ଅଧେ ଲୋକଙ୍କୁ ପଦଦଳିତ କରି ରଖିଛୁ । ନାରୀ ମାନଙ୍କୁ ସମାନ ଅଧିକାର ଦେବାପାଇଁ ଓ ସମାଜ ଏବଂ ରାଷ୍ଟ୍ର ଗଠନରେ ସେମାନଙ୍କୁ ସକ୍ରିୟ ଭୂମିକା ଦେବା ଲାଗି ରାଜନୈତିକ ଦଳମାନଙ୍କ ଠାରୁ ଯେଉଁ ପ୍ରତିବଦ୍ଧତା ଆଶା କରଯାଉଥିଲା ତାହା ଦେଖା ଯାଇନାହିଁ । ବଡ଼ ବଡ଼ ଦଳ ଗୁଡିକ ନାରୀମାନଙ୍କ ପାଇଁ ଶତକଡ଼ା ତିରିଶ ଭାଗ ସ୍ଥାନ ବିଧାନ ସଭା ଓ ଲୋକସଭାରେ ସଂରକ୍ଷିତ ରଖିବା ଲାଗି ଘୋଷଣା କରି ସୁଦ୍ଧା ପ୍ରତିକ୍ରିୟାଶୀଳ ନ୍ୟସ୍ତ ସ୍ୱାର୍ଥୀଙ୍କ ଚକ୍ରାନ୍ତ ଯୋଗୁଁ ସଫଳତାର ସହିତ ପହୁଞ୍ଚା ଦେଇଛନ୍ତି । ଏହା ସାଂଗକୁ ଆହୁରିବି ଦେଖାଯାଉଛି ଯେ ଜନ-ଜୀବନରେ ସଂସ୍କାର ଓ ସଂଶୋଧନ ପାଇଁ ଅନ୍ତର୍ନିହିତ ଶକ୍ତି ଅଛି ତାକୁ ଯୌନ ସମ୍ଭୋଗର ସହଜିଆ ଭାବର ପ୍ରଚାର ଦ୍ୱାରା ନଷ୍ଟ କରି ଦିଆଯାଉଛି । ଚଳଚିତ୍ର, ବିଜ୍ଞାପନ ଓ ଗଣମାଧ୍ୟମ ଗୁଡିକରେ ନାରୀର ଅଶ୍ଳୀଳ ଚିତ୍ର ପ୍ରତିଦିନ ପ୍ରସ୍ତୁତ ହେବାରେ ଲାଗିଛି । ବ୍ୟବସାୟର ପ୍ରସାର ସକାଶେ ନାରୀକୁ ପ୍ରଲୋଭନ ଉପାଦାନ ଭାବରେ ବ୍ୟବହାର କରଯାଇଛି ।

ଦୁର୍ଭାଗ୍ୟର ବିଷୟ ଯେ, ଆମ ସାହିତ୍ୟ ଜାତୀୟ ଜୀବନର ଏହି ଅବକ୍ଷୟକୁ ରୋକିବା ଲାଗି ସମର୍ଥ ହୋଇ ପାରିନାହିଁ । ଆଧୁନିକ ସାହିତ୍ୟର ଏପରି ଅସଂଗତି ବିରୁଦ୍ଧରେ ଯେପରି ଉପାଦାନ ରହିବା ଉଚିତ୍ ତାହା ରହି ନାହିଁ ।

ସାହିତ୍ୟ ମାଧ୍ୟମରେ ଚେତନା ପ୍ରସାରିତ ହୁଏ । ସଂସ୍କୃତିର ଗଠନ ଓ ପ୍ରସାରରେ ମଧ୍ୟ ସାହିତ୍ୟ ପ୍ରମୁଖ ଭୂମିକା ଗ୍ରହଣ କରେ । ବିଶ୍ୱ ସାହିତ୍ୟରେ ଯେପରି ଏହାର ପ୍ରଚୁର ଦୃଷ୍ଟାନ୍ତ ରହିଛି ଭାରତୀୟ ସାହିତ୍ୟରେ ସେହିପରି ବହୁ ଉପାଦାନ ରହିଛି । ମୃତ୍ୟୁ ଉପରେ ଜୀବନର ବିଜୟ ସାବିତ୍ରୀହିଁ ସ୍ଥାପନ କରିଥିଲେ । ଅସତ୍ ପରିତ୍ୟାଗ କରି ସତ୍‌ମାର୍ଗରେ ଯିବାଲାଗି ମୈତ୍ରେୟୀ ପ୍ରାର୍ଥନା କରିଥିଲେ । ସେଭଳି ଚରିତ୍ର ଆଜିର ସାହିତ୍ୟରେ ସ୍ଥାନ ପାଇଲେ ନାରୀ ଦ୍ୱାରା ଗୌରବ ଫେରିପାଇବାର ସହାୟକ ଭୂମିକା ଗ୍ରହଣ କରିବ । ନାରୀକୁ ଅସହାୟ ଦୁର୍ବଳ ଓ ମନୋରଂଜନ ଭୂମିକା ନନେଇ ଏକ ସଂଗ୍ରାମୀ ଭୂମିକା ଗ୍ରହଣ କରିବାକୁ ପଡିବ ।

Digitized by srujanika@gmail.com

ସମାଜର ଗଠନ ଓ ସଂସ୍କାରରେ ରାଷ୍ଟ୍ରର ନିର୍ମାଣ ଓ ପରିଚାଳନାରେ ନାରୀ ଆପେ ଆପେ ନିଜର ଅଧିକାର ପାଇପାରିବ ନାହିଁ । ଏଥିରେ ପୁରୁଷର ସମାନ ଅଂଶୀଦାର ଭାବରେ ତାଙ୍କୁ ଗ୍ରହଣ କରିବାଯାଏ ଏହି ଅସମତୁଲ ଅବସ୍ଥା ରହିଥିବ । ଗୋଟିଏ ଜାତିର ଅଧେ ଲୋକ ନାରୀ । ପୁଣି ଦେଶର ଶତକଡ଼ା ଷାଠିଏ ଭାଗ ନିରକ୍ଷର । ନାରୀମାନଙ୍କ ମଧ୍ୟରେ ସାକ୍ଷର ସଂଖ୍ୟା ଶତକଡ଼ା କୋଡ଼ିଏ । ଏହି ବିପୁଳ ସଂଖ୍ୟାର ଲୋକଙ୍କୁ ପଦଦଳିତ କରି ଅନ୍ଧାରରେ ଆଉ କେତେଦିନ ରଖାଯିବ ?

ତେଣୁ ମଣିଷ ମନରେ ଏହି ଅବହେଳା ବିରୁଦ୍ଧରେ ସଚେତନା ସୃଷ୍ଟି କରି ଏକ ସୁଷମ ସମାଜ ଗଠନ କରିବା ଉଦ୍ଦେଶ୍ୟରେ ନାରୀକୁ ପୁରୁଷର ସମାନ ଅଂଶୀଦାର ଭାବରେ ଏକ କ୍ରିୟାଶୀଳ ଭୂମିକା ଦେବାଲାଗି ଯେଉଁ ପ୍ରସ୍ତୁତି ଓ ମାନସିକତା ଦରକାର ତାହା ସାହିତ୍ୟ ଜରିଆରେ ହିଁ ହୋଇପାରିବ । ତେଣୁ ସାହିତ୍ୟରେ ନାରୀର ଚିତ୍ର ଦେବାବେଳେ ତାକୁ ସମ୍ଭୋଗର ବସ୍ତୁ ଭାବରେ ଚିତ୍ର ନକରି ସମାଜ ଗଠନରେ ତାର ସକ୍ରିୟ ଭୂମିକାର ଚିତ୍ର ଅଙ୍କନ କରିବାକୁ ପଡ଼ିବ । ପୁରୁଷ ମନରେ ଯେଉଁ ଅହଙ୍କାର ଯୁଗ ଯୁଗ ଧରି ଦାନା ବାନ୍ଧିଛି ଶହ ଶହ ବର୍ଷ ଧରି ଯେଉଁ ସ୍ୱେଚ୍ଛାଚାରୀ ଆଚରଣ ପୁରୁଷକୁ ଅତ୍ୟାଚାରୀ କରିବାରେ ସାହାଯ୍ୟ କରୁଛି—ସେସବୁ ସୁସ୍ଥ ମନର ପରିଚୟ ନୁହେଁ, ସେସବୁ ଭାରତୀୟ ସଂସ୍କୃତିର ଅନୁକୂଳ ନୁହେଁ ।

କଥାଦ୍ୱାରା, କାହାଣୀ ବା କବିତା ରଚନା କରିବା ଦ୍ୱାରା ନାରୀ ନିଜର ମର୍ଯ୍ୟାଦା ବା ଅଧିକାର ପାଇପାରିବ ନାହିଁ । ମା' ଭାବରେ, ଭଉଣୀ ଓ କନ୍ୟା ଭାବରେ, ସ୍ତ୍ରୀ ଓ ବାନ୍ଧବୀ ଭାବରେ ନାରୀ ଯେଉଁ କାର୍ଯ୍ୟ କରେ ତାହା ଘୃଣାର ବସ୍ତୁ ନୁହେଁ । ଜନନୀ ଓ ଜନ୍ମଭୂମି ସ୍ୱର୍ଗଠାରୁ ଶ୍ରେଷ୍ଠ । ସାହିତ୍ୟରେ ସମତା ବୋଧ ନ ରହିଲେ ତାହା ଚେତନାକୁ ପ୍ରଭାବିତ କରିବନାହିଁ । ସାହିତ୍ୟ ମାଧ୍ୟମରେ ହିଁ ଆମ ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରାଯାଇ ପାରିବ । ଯେଉଁ ସହଜିଆ ଯୌନ ଆଶ୍ରିତ ଭାବନଧାରା ଆମ ଯୁବଶକ୍ତିକୁ ଜାତି ଗଠନ ପରିବର୍ତ୍ତେ ବିଶୃଙ୍ଖଳା, ନିଶାସେବନ ଓ ବ୍ୟଭିଚାର ଆଡ଼କୁ ଟାଣି ନେଉଛି ତା'ର ପ୍ରତିରୋଧ ସାହିତ୍ୟ ଦ୍ୱାରାହିଁ ସଫଳତାର ସହିତ କରାଯାଇ ପାରିବ ।

ସନ୍ଥକବି 'ତୁକାରାମ' କହିଥିଲେ ଯେ—ଶବ୍ଦହିଁ ବ୍ରହ୍ମ । ଶବ୍ଦହିଁ ଶକ୍ତି । ଏହାର ସଦୁପଯୋଗ ଦ୍ୱାରା ଜନଜୀବନକୁ ସଂଶୋଧନ ଓ ସମାଜର ସଂସ୍କାର

Digitized by srujanika@gmail.com

କରିହେବ । ଆଉଟବେଲ୍‌ରେ କୁହାଯାଇଛି ଯେ, 'ଦୁର୍ବଳ ଓ ନିରୀହ ଦିନେ ଏହି ଜଗତକୁ ଭୋଗ କରିବ । କୋରାନ ଓ ଗୁରୁଗ୍ରନ୍ଥ ସାହେବରେ ମଧ୍ୟ ନାରୀକୁ ସମ୍ମାନ ଦିଆଯାଇଛି । ତେଣୁ ଯେଉଁ କାର୍ଯ୍ୟ ବୈଦିକ ଯୁଗରେ ଆରମ୍ଭ ହୋଇ ପୁରାଣ ଯୁଗରେ ପ୍ରସାରଲାଭ କରି ମଧ୍ୟ ଯୁଗରେ ଅଟକି ଯାଇଥିଲା, ସେହି କାର୍ଯ୍ୟ ପୁନର୍ବାର ପ୍ରତିବଦ୍ଧତାର ସହିତ ଆରମ୍ଭ ହେଉ । ଋକ୍ ବେଦରେ କୁହାଯାଇଛି ଯେ—ପ୍ରତ୍ୟେକ ଦିଗରୁ ମହତ୍ ଚିନ୍ତା ଆମ ପାଖକୁ ଆସୁ । ଘରର କବାଟ ଝରକା ଖୋଲି ଦିଅ, ମୁକ୍ତ ବାୟୁର ଓ ଆଲୋକର ପ୍ରଚଳନ ପାଇଁ ମନର ସବୁ କୋଠରୀ ଖୋଲିଦିଅ ନୂତନ ଚେତନାର ସଂଚରଣ ପାଇଁ । ସାହିତ୍ୟର ଅବହେଳିତ ଦିଗଟିକୁ ଶକ୍ତିଶାଳୀ କର । ସାହିତ୍ୟ ଜରିଆରେ ନୂତନ ମୂଲ୍ୟ-ବୋଧ ମନକୁ ପ୍ରଭାବିତ କରୁ । ଆଚରଣକୁ ଶୁଦ୍ଧ କରୁ । ବିବେକାନନ୍ଦ ଓ ଶ୍ରୀଅରବିନ୍ଦଙ୍କ ବାଣୀ ସାହିତ୍ୟ ଓ ଲେଖକମାନଙ୍କୁ ଉଦ୍‌ବୁଦ୍ଧ କଲେ ସଠିକ୍ ମାର୍ଗ ମିଳିଯିବ ଓ ନାରୀ ସଂଭୋଗର ବସ୍ତୁ ଭାବରେ ରହି ନଯାଇ ସମାଜ ଓ ରାଷ୍ଟ୍ର ନିର୍ମାଣରେ ଅଂଶୀଦାର ହେବ ।

※ ଉପସଂହାର—

ସଂକ୍ଷେପରେ ଶେଷରେ ଏତିକି କହିବି ଯେ ନାରୀ ଓ ପୁରୁଷ ପରିବାର, ସମାଜ ଓ ରାଷ୍ଟ୍ର ଗଠନର ସମାନ ଅଂଶୀଦାର । ଏହି କାର୍ଯ୍ୟରେ ପରିଣତ କରିବା ସକାଶେ ଚିନ୍ତା ଓ ଚେତନାରେ ଆଚରଣ ଓ ଆଭିମୁଖ୍ୟରେ ଏହି ଆଦର୍ଶ ପ୍ରତିଫଳିତ ହେବା ଉଚିତ୍ ।

ଲେଖକ ମାନଙ୍କର ଗୁରୁଦାୟିତ୍ୱ ରହିଛି । ସାହିତ୍ୟରେ ତାହା ପ୍ରସାରିତ ହେବା ଉଚିତ୍ ।

୧- ସାମାଜିକ ସମତା ସହିତ ନାରୀମାନଙ୍କୁ ରାଜନୈତିକ ସମତା ପ୍ରଦାନ କରିବା ଏବଂ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ।

୨- ନାରୀମାନଙ୍କ ସୁରକ୍ଷା ଲାଗି କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ।

୩- ସାହିତ୍ୟରେ ପୁରୁଷକୁ ପ୍ରାଧାନ୍ୟ ନଦେଇ ଉଭୟ ପୁରୁଷ ଓ ସ୍ତ୍ରୀକୁ ସମାନ ଆସନ ଦେବା ।

୪- ନାରୀକୁ ଭୋଗର ଉପାଦାନ ନ ଭାବି ସେବା ଓ ନିଷ୍ଠାର ପ୍ରତୀକ ମନେ କରିବା ।

Digitized by srujanika@gmail.com

ଏସବୁ କଥା ଦ୍ୱାରା ହୋଇପାରିବ ନାହିଁ । ପ୍ରତିଶ୍ରୁତି ବହୁତ ଦିଆ ହୋଇଛି । କିନ୍ତୁ ସେ ସବୁକୁ ପୂର୍ଣ୍ଣ କରିବାକୁ ହେବ । ଯୁଗ ଯୁଗ ଧରି ଯେଉଁ ପାର୍ଥକ୍ୟ ସୃଷ୍ଟି ହୋଇଛି, ତାହା ଦୃଷ୍ଟିକୋଣର ମୌଳିକ ପରିବର୍ତ୍ତନ ଦ୍ୱାରା ଦୂର କରାଯାଇ ପାରିବ । ଦୃଷ୍ଟିକୋଣ ପରିବର୍ତ୍ତନ ସାହିତ୍ୟ ଦ୍ୱାରାହିଁ ହୋଇଥାଏ । ଚିନ୍ତା ଓ ଚେତନାର ପ୍ରସାର ପାଇଁ ସବୁ କାଳରେ ସାହିତ୍ୟ କାର୍ଯ୍ୟ କରି ଆସିଛି । ଏହି ସାମାଜିକ ଦାୟିତ୍ୱକୁ ପାଳନ କରିବା ପାଇଁ ଯେଉଁ ଆହ୍ୱାନ ଆସିଛି, ଲେଖକ ମାନଙ୍କୁ ତାହା ଗ୍ରହଣ କରିବାକୁ ହେବ । ଏହା ଯେତିକି ବିଳମ୍ବିତ ହେବ, ସମାଜର ପରିବର୍ତ୍ତନ ତଥା ନାରୀ ମାନଙ୍କର ସ୍ୱାର୍ଥ ସଂରକ୍ଷଣ ସେତିକି ବ୍ୟାହତ ହୋଇ ଉଠିବ ।

ଗୀତା ହୋତା
ସଂପାଦିକା "ଅମୃତାୟନ"
୯ ଷ୍ଟେସନ ସ୍କୋୟାର, ଭୁବନେଶ୍ୱର - ୭୫୧୦୦୧
ଫୋନ୍ ନମ୍ବର—୪୦୩୭୧୧

Digitized by srujanika@gmail.com

ନାରୀର ସମ୍ମାନ ଓ ସ୍ୱାଧିକାରର ସୁରକ୍ଷା ଦିଗରେ ସାହିତ୍ୟର ଭୂମିକା

ସୁଧାଂଶୁବାଳା ପଣ୍ଡା

ଘୋର ପରିତାପର ବିଷୟ ଯେ, ଶତାବ୍ଦୀ ଶତାବ୍ଦୀ ଧରି, ନାରୀ ନିଜର ସ୍ୱାତନ୍ତ୍ର୍ୟତା ସମାଜରେ ଆଣିବା ପାଇଁ ସ୍ୱର ଉତ୍ତୋଳନ କରି କରି ଅଦ୍ୟାପି ତାର ସ୍ୱାତନ୍ତ୍ର୍ୟତା ଆଣି ପାରିନାହିଁ ।

ବଧୂ ନିର୍ଯାତନା, ବଧୂ ହତ୍ୟା, ଯୌତୁକ ବିନା ବିବାହ ଅସମ୍ଭବ ଏଇ ଭଳି ନାନା ଭାବରେ ଏଇ ଆଧୁନିକ ଯୁଗରେ ବି ନାରୀ ନିର୍ଯାତନା ନାହିଁ ନଥିବା ପାଠ ଶାଠ ପଢି ଶିକ୍ଷିତା କନ୍ୟାର ମଧ୍ୟ ସମାଜରେ ନିଜକୁ ଏକାକୀ ଚଳାଇ ବଂଚିବାର କୌଣସି ବନ୍ଦୋବସ୍ତ ନାହିଁ । ପୁରୁଷ ସହିତ ଏକତ୍ର ବସବାସ କରି ବଂଚିବା ବ୍ୟତୀତ ନାରୀର ଯେ ଅନ୍ୟ କୌଣସି କ୍ଷେତ୍ରରେ ନିରପତ୍ତା ଅଛି, କିମ୍ବା ଗର୍ବ ଗୌରବ ଅଛି, ଏକଥା କାହା ବିଶ୍ୱରରେ ନାହିଁ ।

ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀର କୌଣସି ସତ୍ତା ନାହିଁ, ଯେତେ ସୁଗୁଣର ଅଧିକାରୀ ହୋଇଥିଲେ ବି ତାର କୌଣସି ମୂଲ୍ୟ ନାହିଁ, ତାକୁ କେହି ନିଜର ବୋଲି ବିଶ୍ୱରୁ ନାହିଁ ବୋଲି କହି ସେ ଅନବରତ ନିର୍ଯାତନାର ଶିକାର ହୋଇ ଚାଲିଛି । ଯେମିତି ସେ ଏକ ନିର୍ଯାତୀତ ଜାତି, ନିର୍ଯାତନା ଭୋଗିବା ବ୍ୟତୀତ ତାର ଅନ୍ୟ କୌଣସି ପନ୍ଥା ନାହିଁ । ସେଇଭଳି ସେ ବିଭିନ୍ନ ଯୁଗରେ ଭିନ୍ନ ଭିନ୍ନ ଭାବରେ ନିର୍ଯାତୀତ ହୋଇ ପୁରୁଷାନୁକ୍ରମେ ଇତିହାସ ସୃଷ୍ଟି କରି ଚାଲିଛି, ଯାହାର ଶେଷ ହେଉନି କି ଶେଷ ହେବାର କୌଣସି ସମ୍ଭାବନା ବି ନାହିଁ ।

ମାତ୍ର ଘୋର ଦୁଃଖର ସହିତ ଏକଥା ପ୍ରକାଶ କରିବାକୁ ବାଧ୍ୟ ଯେ ଏହି ସବୁ ନାହିଁ ନାହିଁର ମୂଳ କାରଣ ହେଉଛି ଏଇ ନାରୀ । ନଚେତ୍ ଯୋଉ ସମାଜରେ ତାର ସାମାଜିକ ସ୍ୱୀକୃତୀ ନାହିଁ, ଯୋଉ ସମାଜରେ ସେ ନିଷ୍ଠୁର ଭାବରେ ଅବହେଳିତା, ଯୋଉ ସମାଜରେ ସେ ଏକ ଅଛୁଆଁ ଜାତିଠାରୁ ବି

Digitized by srujanika@gmail.com

ଆହୁରି ହ'ନ, ସେ ସେଇ ସମାଜକୁ ଭୟ କରି, ଭକ୍ତି ଦେଖାଇ ତାରି ନିଷ୍ଠୁର ନିୟମରେ ନିଜକୁ ବାନ୍ଧି ରଖିବାରେ ସେ ସଦା ଆଗ୍ରହୀ । ସମାଜର ପ୍ରତିଟି କୁତ୍ସିତ ନିୟମ କାନୁନ୍‌କୁ ମାନି ନେବାରେ ସେ ଆନନ୍ଦିତ । ତା' ପ୍ରତି ଯେତେ ଅମାନୁଷିକ ଅତ୍ୟାଚାର ହେଉ, ତାକୁ ସହି ଯିବାହିଁ ତାର କର୍ତ୍ତବ୍ୟ ବୋଲି ଏବେ ବି ନାରୀ ମନରୁ ଏ ଧାରଣା ଲୁପ୍ତ ହୋଇନାହିଁ । ସେ ଭବେ ଯେତେ ସବୁ କୁସଂସ୍କାର ଚକାବରେ ଚଲି, ନିଜେ ଦୁଃଖ ଭୋଗିଲେବି, ଏଇ ହିଁ ହେଉଛି ନାରୀର ପୁଣ୍ୟର ପଥ । ତେଣୁ ସେ ସମାଜରେ ଏଇଟା ନାଇଁ, ଏକଥା କଲେ ଲୋକେ ହସିବେ, ସମାଜ ବାସନ୍ଦ କରିଦେବେ, ଏହାଦ୍ୱାରା ସମାଜର ଅମଙ୍ଗଳ ହେବ, ପରିବାର ନଷ୍ଟ ଭ୍ରଷ୍ଟ ହୋଇଯିବ, ଏଇ ଚିନ୍ତାରେ ନିଜକୁ ସଂକୁଚିତ କରିଦେଲା । ସେ ଆଜ ଜାଣି ପାରିଲା ନାହିଁ ଯେ, ଅପରର ମଙ୍ଗଳ କାମନା କରିବାକୁ ଯାଇ ନିଜେ କିଭଳି ଅମଙ୍ଗଳ ପଥରେ ଏକ ଅଦରକାରୀ ଜୀବ ଭଳି ଜୀଇ ରହୁଛି ।

ସମାଜ ପ୍ରତି ନାରୀର ଏଇ ଦୁର୍ବଳ ମନୋଭାବକୁ ନାରୀର ସ୍ୱୀକୃତୀ ବୋଲି ଧରିନେଇ, ସମାଜ ନାରୀପ୍ରତି ମନଇଚ୍ଛା ଆକଟ କଟକଣା କରି ଚାଲିଲା । ଏଇ ଆକଟ କଟକଣାକୁ ମାନି ନେଇ ଚଳି ଯିବାରେ, ପୁରୁଷ ସମାଜରେ ତାର ଶ୍ରେଷ୍ଠ ହୋଇ ପଡିଲା । ଉପାୟହୀନ ଭାବେ ନାରୀ ତାକୁ ମାନି ଚାଲିଲା ନିର୍ଦ୍ୱନ୍ଦରେ, ବିନା ଆପତ୍ତି ଅଭିଯୋଗରେ । ଶେଷରେ ସେ ପୁରୁଷକୁ ଏମିତି ଶ୍ରେଷ୍ଠ ମଣିଲା ଯେ, ସେ ନିଜକୁ ନିଃଶେଷ କରିଦେଇ, ନିଜ ବୁଦ୍ଧି ବିଦ୍ୟାକୁ ଜଳାଞ୍ଜଳି ଦେଇ, ପୁରୁଷର ପ୍ରତିଟି ଉନ୍ନତି ପ୍ରତି ଯତ୍ନଶୀଳ ହୋଇପଡିଲା । ସେ ନିଜେ ମୂର୍ଖ ହୋଇ, ସ୍ୱାମୀ ତାର ପଣ୍ଡିତ ହେଲେ, ସେଥିରେ ସେ ଦୁଃଖିତ ନହୋଇ ନିଜର ତାହା ସୁଖ ବୋଲି ବିଚାର କରି ଦିନ କାଟିଲା । ନିଜ ପାଖରେ ପଇସାଟିଏ ନଥାଇ, ସ୍ୱାମୀ ପାଖରେ ଥିଲେ, ସେ ନିଜକୁ ଧନି ବୋଲି ମାନି ନେଲା । ଏଇ ପରିପ୍ରେକ୍ଷୀରେ ସ୍ୱାମୀ ତାର ବହୁ ସ୍ତ୍ରୀ ଗ୍ରହଣ କଲେବି, ତାହା ତାର ଗୌରବ ବୋଲି ଭାବିବାକୁ ବାଧ୍ୟ ହୋଇ ନୀରବ ରହିଲା । ସେ ଆଜ ଜାଣି ପାରିଲା ନାହିଁ ଯେ, ଏହାଦ୍ୱାରା ତାର ସକଳ ନିଜସ୍ୱ କିପରି ନିଃଶେଷ ହୋଇ ହୋଇ ଯାଉଛି । ପରିଶେଷରେ ତାର ପରିଣତି ଏମିତି ହେଲା, ସ୍ୱାମୀର ମୃତ୍ୟୁରେ ନିଜ ଜୀବନକୁ ତୁଚ୍ଛ ମଣି ତାରି ଚିତାଗ୍ନିରେ ନିଜକୁ ଝାସ ଦେଇ ସ୍ୱଇଚ୍ଛାରେ ମୃତ୍ୟୁ ବରଣ କଲା । ନଚେତ୍ ପୁନଃ ବିବାହ ନକରି, ବୈଧବ୍ୟ ଭୋଗି ଭୋଗି ସାରା ଜୀବନ ପ୍ରତିଟି ସୁଖରୁ ସେ ବଂଚିତ ହେଲା ।

ବୈଧବ୍ୟର ଭୟାବହତା ଏ ସମାଜରେ ଏତେ ଉକଟ ଯେ ସ୍ୱାମୀର ମୃତ୍ୟୁ ପରେ ପରେ ଆଭୂଷଣହୀନ ହୋଇ, କୁଖାଦ୍ୟ ଖାଇ, ପ୍ରତିଟି ଶୁଭକାର୍ଯ୍ୟରୁ

Digitized by srujanika@gmail.com

ବଂଚିତ ହୋଇ ଶ୍ରୀହୀନ ଭାବେ ବଂଚି ରହିବାରେ ଯେଉଁ କଷ୍ଟ ତାକୁ ମଧ୍ୟ ନାରୀ ବିନା ପ୍ରତିବାଦରେ ଗ୍ରହଣ କରି ନେଲା । ଏଯାବତ୍ ଯେତେ ଅନ୍ୟାୟ ଅତ୍ୟାଚାର, ତା'ର ବିନା ପ୍ରତିବାଦରୁ ଯେ ହୋଇ ଯାଉଛି, ଏ ଉପଲବ୍ଧି ବି ତାର ରହିଲା ନାହିଁ । ଏହାକୁ ସ୍ୱଇଚ୍ଛାରେ ଗ୍ରହଣ କରି ଯିବା ପରେ ପୁରୁଷକୁ ଦୋଷ ଦେଇ ସମାଜକୁ ଦୋଷ ଦେଇ ଏଥିରୁ ମୁକ୍ତି ଲଭିବା ସମ୍ଭବ କି ? ଧିରେ ଧିରେ ସେ ଏକ ବିକଳାଙ୍ଗ ଜୀବ ରୂପେ ନିଜକୁ ବଂଚାଇ ପୁରୁଷର ଅନୁଗତ ହୋଇ ପଡିଲା । ଏଇ ଆନୁଗତ୍ୟ ଲାଗି, ସେ ପୁରୁଷ ସାମ୍ରାଜ୍ୟ ସମାଜକୁ ଦୋଷି ସାବ୍ୟସ୍ତ କରୁଥିଲା ବେଳେ, ପ୍ରଚ୍ଛଦ ଭାବେ ସେ ପୁରୁଷର ପ୍ରାଧାନ୍ୟକୁ ସ୍ୱୀକାର କରିଗଲା ।

ଯଦି ସେ ପୁରୁଷର ପ୍ରାଧାନ୍ୟକୁ ସ୍ୱୀକାର କରୁ ନଥାନ୍ତା, ସମାଜର ନାରୀ ପ୍ରତି ଅବିଚାରକୁ ମାନି ନେଉ ନଥାନ୍ତା, ତେବେ ନାରୀ ଆଜି ଏକ ନିର୍ଯ୍ୟାତୀତ ଜାତି ଭାବେ ପରିଗଣିତ ହେଉ ଥାଆନ୍ତା କି ? ନିଜର ଦୋଷ ଦୁର୍ବଳତାରୁ ଯେ ତାର ଏ ଦୁର୍ଦ୍ଦଶା, ଏଇ ଉପଲବ୍ଧି ଥିଲେ ସେ ଅନେକ ଆଗରୁ ନିଜକୁ ଦୋଷ ମୁକ୍ତ କରି ସାରନ୍ତାଣି ।

ସେ ଯେ ସବୁରେ ଏକ ନିର୍ଯ୍ୟାତୀତ ଜାତି, ଏହା ଦ୍ୱାରା ତାର ବାସ୍ତବରେ ସମ୍ମାନ ହାନି ହେଉଛି, ଏ ଭାବନା ତାର ଥିଲେ, ସେ ନିଜକୁ ଏକ ନିର୍ଯ୍ୟାତୀତ ଜାତି ଭାବେ ସଂଗଠିତ କରି ନିଜର ନ୍ୟାର୍ଯ୍ୟ ଦାବୀ ନିଜେ ପାଇ ପାରନ୍ତାଣି ।

କାରଣ, ଅନ୍ୟ ଯେ କୌଣସି ଜାତିଠାରୁ ତାର ସଂଖ୍ୟା ଯଥେଷ୍ଟ ଅଧିକ । ଶ୍ରମିକ ଶ୍ରେଣୀ ହେଉ, କିମ୍ବା ଦଳିତ ନିଷ୍ପେଷିତ ହେଉଥିବା କୃଷ୍ଣକାୟ ଜାତି ହେଉ; ଅବା ହରିଜନ ଆଦିବାସୀ ହୁଅନ୍ତୁ, ସବୁ ଜାତିଠାରୁ ନାରୀର ଜାତି ଢେର ଅଧିକ । ଅର୍ଦ୍ଧେକରୁ ଅଧିକ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏତେ ସଂଖ୍ୟା ଗରିଷ୍ଠତା ଥିବାବେଳେ, ସଂଖ୍ୟାହୀନ ଦଳିତ ଜାତି ଯଦି ସମାଜରେ ସ୍ୱାତନ୍ତ୍ର୍ୟତା ଆଣି ପାରୁଛନ୍ତି, ତେବେ ନାରୀ ନିଜର ସ୍ୱାତନ୍ତ୍ର୍ୟତା ଆଣି ପାରୁନାହିଁ କାହିଁକି ? ଏଇଥିରୁ ସ୍ପଷ୍ଟ ଅନୁମେୟ ଯେ, ସେ ନିଜକୁ ସଂଗଠିତ କରିନାହିଁ କି କରିବାର ପ୍ରୟୋଜନ ସମ୍ବନ୍ଧରେ ତଥାପି ସେ ଅଜ୍ଞ ଅଛି, ସେଇ ଅଜ୍ଞତାହିଁ ତାର ଅସମ୍ମାନର ମୂଳ କାରଣ ।

ସେ ଯେତେ ଦୁଃଖ ଭୋଗୁ, ଯେତେ ହୀନ ମନ୍ୟତାରେ ଜୀବନ କଟାଉ, ସେଥିପ୍ରତି ତାର ଚିନ୍ତା ଦୁଃଖନାହିଁ । କିଏ ଭାବୁ କି ନଭାବୁ, ସେ ଭାବେ, ନାରୀର ସୃଷ୍ଟି ଯେମିତି ନିଜକୁ ନ୍ୟୁନ କରି ଦେଖାଇବାପାଇଁ ପୁରୁଷ ପାଖରେ ନିଜକୁ ନିଃଶେଷ

Digitized by srujanika@gmail.com

କରି ଦେବାପାଇଁ । ହୀନ ମାନ୍ୟତାର ଜୀବନ୍ତ ବଂଶଜ ବାହାଦୁରୀ ଦେଖାଇବା ପାଇଁ । ଏଇ ହୀନମାନ୍ୟତା, ଏଇ ଅଭାବ ମନର ପ୍ରତିନିଧିତ୍ୱ କରି, କାଳ କାଳ ନାରୀ ସେଇ ନାରୀ ହୋଇହିଁ ରହି ଆସୁଛି । ଯେଉଁ ନାରୀର ସଂଜ୍ଞା, ପୁରୁଷର କ୍ରୀଡ଼ନକ ଓ ସମାଜର ଅବହେଳିତ ଜୀବ । "ନାରୀ" ।।

ଏହା ହୋଇ ନଥିଲେ, ଆଜି ନାରୀ ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ପୁରୁଷ ସହିତ ସମକକ୍ଷ ହେବା ପାଇଁ ପ୍ରତିଟି ଅଧିକାର ପାଇବି, ନିଜର ସେ ସ୍ୱାତନ୍ତ୍ର୍ୟତା ଆଣିପାରୁ ନାହିଁ ! ଏ ସୁବିଧା ସୁଯୋଗର ଉପଯୁକ୍ତ ବିନିଯୋଗ କରିବା ପାଇଁ, ସେ ମାନସିକ ସ୍ତରରେ ବି ନିଜକୁ ପ୍ରସ୍ତୁତ କରି ପାରୁନାହିଁ । ଏହାର କାରଣ, ସେ ନିଜେ ନହୋଇ, ସମାଜ ବା ପୁରୁଷର ପ୍ରାଧାନ୍ୟ, କାରଣ ହେବ କାହିଁକି ? ନିଜକୁ ଦୋଷ ନଦେଇ, ଅନ୍ୟକୁ ଦୋଷ ଦେବାହିଁ ଅଜ୍ଞତା ।

ସେ ବୁଝି ପାରୁନାହିଁ ଯେ, ତାର ଏଇ ଅଜ୍ଞତା, ସରଳ ଉଦାର ବ୍ୟବହାର, ନମନୀୟ ସ୍ୱଭାବ ପୁରୁଷ ପ୍ରାଣକୁ ହିଂସ୍ର କରି ତୋଳୁଛି । ପୁରୁଷ ନିଜକୁ ଅକ୍ଲେଶରେ ନାରୀ ଠାରୁ ଶ୍ରେଷ୍ଠ ଜୀବ ବୋଲି ମନେ କରି ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ଏକତରଫା ଉପଭୋଗ କରିବାରେ ଲାଗିଛି । ନାରୀ ଠାରୁ ତାର ଏହା ପ୍ରାପ୍ୟ ବୋଲି ଗର୍ବ ଓ ଗୌରବରେ ମସଗୁଲ ହୋଇ ଉଠୁଛି ।

କେବଳ ଏହା ଆଜିର କଥା ନୁହେଁ । ପୁରାଣ ଯୁଗରୁ ଲକ୍ଷ୍ୟ କଲେ ସ୍ପଷ୍ଟ ଅନୁମେୟ ଯେ, ନାରୀ ନିଜର ସ୍ୱାମୀ, ପୁତ୍ର, ପରିବାର ପାଇଁ ଯେତେ ଶୁଭ ମନାସେ, ତା ନିଜ ପାଇଁ ଆଦୌ ଶୁଭ ମନାସେ ନାହିଁ । ସତୀ ହେବାର ଗର୍ବ, ଶତ ପୁତ୍ରର ଜନନୀ ହେବାର ଗର୍ବରେ ସେ ଗର୍ବିତା । ନାରୀର ନିଷ୍ଠା ତାର ସ୍ୱାମୀ ସଂସାର ପାଇଁ ଯେଉଁ ପରିମାଣରେ ଦେଖାଯାଏ, ତା' ନିଜପ୍ରତି କୌଣସି ନିଷ୍ଠା ନାହିଁ । ପୂଜା, ପର୍ବ, ଉପାସନାରେ ସେ ଯେଉଁ ନିଷ୍ଠା ରଖେ, ସେ କେବଳ ସ୍ୱାମୀ, ପୁତ୍ର, ପରିବାର ପାଇଁ ହିତ ଚିନ୍ତାର ନିଷ୍ଠା, ନିଜ ହିତ ଚିନ୍ତାର ନିଷ୍ଠା ନୁହେଁ ।

ଏହି ନିଷ୍ଠା ଦ୍ୱାରା ତାର ସ୍ୱାମୀ, ସନ୍ତାନ, ସଂସାର ସମୃଦ୍ଧ ହେଉଛନ୍ତି ସତ, କିନ୍ତୁ ଏହାଦ୍ୱାରା ସେ ନିଜକୁ ଯେ ସମୃଦ୍ଧ କରି ପାରୁନାହି, ଏହାହିଁ ଚିନ୍ତା ରାଜ୍ୟର ବହିର୍ଭୂତ । ଆମ ଦେଶର ଯେଉଁମାନେ ଶିକ୍ଷିତା, ସେମାନଂକ କ୍ଷେତ୍ର ଶିକ୍ଷା କ୍ଷେତ୍ରରେ ବ୍ୟାପକ ହୋଇପାରେ, ମାତ୍ର ନିଜ କ୍ଷେତ୍ରରେ ନିଜେ ଅନ୍ୟ-ମାନଙ୍କ ପରି ଖୁବ୍ ସଂକୀର୍ଣ୍ଣମନା । ଯଦିଓ ସେମାନେ ଭଲ ଭାବେ ଜାଣନ୍ତି ଯେ

Digitized by srujanika@gmail.com

ସେମାନେ ଏଇ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ କୌଣସି ଭଲ କାମ କରିବାକୁ ଯାଉ ନାହାନ୍ତି, ତଥାପି ପରମ୍ପରାଗତ ମନୋଭାବ ତାଙ୍କର ବଦଳି ପାରୁନାହିଁ । ବଦଳାଇବାକୁ ଚେଷ୍ଟା ବି କରୁନାହାନ୍ତି । ଯାହାଦ୍ୱାରା ସମାଜଠାରୁ ନିଜକୁ ଦୂରେଇ ଦେବା ସଙ୍ଗେ ସଙ୍ଗେ ନିଜ ଜୀବନ ସହ ସମଗ୍ର ନାରୀ ଜାତିର ପ୍ରଗତି ପଥ ଅବରୁଦ୍ଧ ହୋଇ ଯାଉଛି । ଶିକ୍ଷିତା ମହିଳା ମାନଙ୍କ ମନୋଭାବ ଯଦି ଏୟା ହେବ, ତେବେ ଅର୍ଦ୍ଧଶିକ୍ଷିତା, ଅଶିକ୍ଷିତା ମାନଙ୍କ ମନୋଭାବ ବଦଳିବ କେମିତି ?

ଯଦିଓ ଆମ ଦେଶ ଲୋକସଂଖ୍ୟାର ବହୁ ଅଂଶ ନାରୀ ଅଶିକ୍ଷିତ, ତଥାପି ଆମ ଦେଶ ନାରୀମାନେ ବୁଦ୍ଧିହୀନା ନୁହଁନ୍ତି । ତାଙ୍କୁ ସୁବିଧା ସୁଯୋଗ ମିଳିଲେ ସେମାନେ ସବୁକିଛି କରି ପାରିବେ । ବିଶ୍ୱ ବିଖ୍ୟାତ କୋଣାର୍କ ମନ୍ଦିରର ଶିଳ୍ପୀ ମାନଙ୍କ ଭିତରେ ଜଣେ ନାରୀ ଶିଳ୍ପୀ ଥିବାର ଜଣାଯାଇଛି । ଯୁଦ୍ଧ ନିପୁଣା ନାରୀ ମାନଙ୍କ ସଂଖ୍ୟା କିଛି କମ୍ ନୁହେଁ । ରାଣୀ ଶୁକଦେଈ, ଝାନ୍ସି ରାଣୀ ଲକ୍ଷ୍ମୀବାଈ ଏବଂ ରେଜିଆ ସୁଲତାନା ଆଦି ବୀର ରମଣୀମାନେ ଯେଉଁଭଳି ସେମାନଙ୍କ ବିରତ୍ୱର ପ୍ରମାଣ ଦେଇ ଅଛନ୍ତି, ତାହା ଭାବିଲେ ଆଜି ଭାବି ହେଉନି । ନାରୀ ପ୍ରଗତିର ଏହା ହେଉଛି ଏକ ଦୃଢ ଭୂମି, ଯାହା ଉପରେ ନାରୀର ସହନଶୀଳତା ଦଣ୍ଡାୟମାନ । ଯଦିଓ ଏ ଦେଶର ନାରୀ ଦରିଦ୍ର ଓ ଅନଗ୍ରସର, ତଥାପି ଆମ ଲୋକେ ନାରୀକୁ ମାନବିକ ମୂଲ୍ୟବୋଧ ଦେଇ ପ୍ରେମାନୁବନ୍ଧ କରି ରଖି ଆସିଛନ୍ତି । ନାରୀଜାତିର ଯାହାକିଛି ଉନ୍ନତି ଘଟିଛି, ଏଇ ପୁରୁଷମାନଙ୍କ ଦ୍ୱାରା । ରାଜା ରାମମୋହନ ରାଏ ହେଉଛନ୍ତି, ଏହାର ଜ୍ୱଳନ୍ତ ନମୁନା ।

ଦିନଥିଲା ଯେତେବେଳେ ସମାଜର ଅତ୍ୟାଚାରରେ ନାରୀମାନଙ୍କ ପାଟି ଫିଟୁ ନଥିଲା । ନିଜେ ନିଜ ଗୋଡରେ ଠିଆ ହୋଇ ନିଜ ପେଟ ଓ ଖଣ୍ଡକ ପୋଷିବାର କ୍ଷମତା ନଥିଲା । ଯେତେ ବୁଦ୍ଧି ଥିଲେବି, ପଠନର ଅଭାବରୁ ନିଜକୁ ଦୋଷ ମୁକ୍ତ କରିବା ପାଇଁ ସାହାସ ପାଇ ପାରୁନଥିଲେ । ଫଳରେ ସମାଜର, ପୁରୁଷର ଅତ୍ୟାଚାରକୁ ମୁଣ୍ଡପାତି ସହି ନେଇ ନେଇ, ନିଜେ ନିଜକୁ ଅତ୍ୟାଚରିତ କରିବା ଅଭ୍ୟାସରେ ପରିଣତ ହୋଇ ଯାଉଥିଲା । ଯେଉଁ ଅଭ୍ୟାସର ଦାସତ୍ୱ ଅଦ୍ୟାପି ନାରୀ ମନରୁ ଅପସରି ଯାଇନି ।

ରାଜା ରାମମୋହନ ରାଏଙ୍କ କୃପାରୁ ସତୀ ହେବାର ବିଧି ଲୋପ ପାଇ ଯାଇଥିଲେ ବି, ବିଧବା ହେବାର ପ୍ରବୃତ୍ତି ଲୋପ ପାଇ ନାହିଁ । ପ୍ରତି ବର୍ଷ କାର୍ତ୍ତିକ ମାସରେ ପୁରୀ ଜଗନ୍ନାଥ ମନ୍ଦିରରେ ଯେଉଁ ଭଳି ବିଧବାଙ୍କ ଭିଡ ଜମୁଛି ସେଥିରୁ ବି ନାରୀର ନାରୀ···ପ୍ରବୃତ୍ତି କମିବାର ଜଣାପଡୁଛି ? ସ୍ୱାମୀର ମୃତ୍ୟୁରେ

Digitized by srujanika@gmail.com

ନାରୀର ଏଇ ପରିଣତି ବୋଲି ଆମ ସାମାଜିକ ସମ୍ବିଧାନ କିମ୍ବା କୋର୍ଟ କଚେରୀରେ କିଛି ଲିଖିତ ନିୟମ ତ ନାହିଁ । ତେବେ କାହାର ନିର୍ଦ୍ଦେଶରେ ଆଜିର ସ୍ୱାଧିନଚେତା ରମଣୀମାନେ ନିଜକୁ ଏକ ଅପାଂକ୍ତେୟ ତାଲିକାଭୁକ୍ତ କରାଉଛନ୍ତି ? କୌଣସି ପରିବାରର ପୁରୁଷ, ଜୋର କରି ବିଧବା ବ୍ରତ ହବିଶ୍ୟ ପାଳିବା ପାଇଁ ଜଗନ୍ନାଥ ମନ୍ଦିରକୁ ଜୋର କରି ପଠାଇ ଦେଉଛି କି ? କିମ୍ବା ସମାଜର ତାଡ଼ନାରେ ସେ ଯିବାକୁ ବାଧ୍ୟ ହେଉଛି କି ?

ନାଁ— । ନିଜର ଦୁର୍ବଳତା । ପରମ୍ପରାଗତ ଅଭ୍ୟାସ ଓ ଏହା ଦ୍ୱାରା ପୁଣ୍ୟ ଅର୍ଜନ କରିବାର ନୀଚ ପ୍ରବୃତ୍ତିହିଁ ନୀଚ ପଥରେ ଠିଆ କରାଉଛି । ପ୍ରଭୁ ପ୍ରୀତି କିମ୍ବା ପ୍ରଭୁ ଦର୍ଶନ ମନ୍ଦ ମନୋଭାବ ନୁହେଁ । କିନ୍ତୁ ବୈଧବ୍ୟ ଯୋଗୁଁହିଁ ଏହା ବାଧ୍ୟ ବାଧକତା କର୍ମ ବୋଲି ମନୋଭାବ ରଖିବା ଭଲ ମନୋଭାବର ନିଦର୍ଶନ ନୁହେଁ ।

ଏଇ ହୀନ ମନ୍ୟତାରେ ଲିପ୍ତ ରହି, ନିଜର କୌଣସି କଲ୍ୟାଣ ସାଧନ ହୋଇ ନପାରି, ଏତେ ସ୍ୱାଧିନତା ପାଇ ବି, ବୁଡି ଯାଉଥିବା ମଣିଷର ଗୋଡ଼ ତଳକୁ ତଳକୁ ପରି ଆମେ ବୁଡି ବୁଡି ଚାଲିଛୁ । କେମିତି ଉପରକୁ ଉଠିବା, କେହି ଚିନ୍ତା କରୁନାହୁ । ମଣିଷ ସମାଜରେ ମଲ୍ଲଙ୍ଗ ହୋଇ ବଂଚି ରହିବାର ଚେତନାଟା ଯେମିତି ଆମ ମାନଙ୍କର ସହଜାତ ସମ୍ପତ୍ତି, ସେଇ ପରି ଆମେ ଆମ ପ୍ରଗତି ପ୍ରତି ନିଃସ୍ପୃହ । ଆମ ସମ୍ମାନ ପ୍ରତି, ସ୍ୱାଧିକାର ପ୍ରତି, ବୀତଶ୍ରଦ୍ଧ । ଆରିଷ୍ଟଟଲ ଯେଉଁ ମତବ୍ୟକ୍ତ କରିଛନ୍ତି, "ନାରୀ ହେଉଛି ଏକ କେତେକ ଅଭାବିତ ଗୁଣର ପ୍ରତିନିଧି" ଏହା ଠିକ୍ ନୁହେଁ କି ?

ଯଦି କେହି ଏଥିରେ ସ୍ୱର ଉତ୍ତୋଳନ କରି ପ୍ରତିବାଦ କରେ ଯେ, ଏଥିରେ ଆମର ଇଚ୍ଛା ନାହିଁ ଆମେ ଏହାକୁ ଇଚ୍ଛା ବିରୁଦ୍ଧରେ କରୁ, ତେବେ କେହି ଏଇ ପ୍ରତିବାଦକୁ ଭ୍ରୂକ୍ଷେପ କରିବେ ନାହିଁ । କାରଣ, ଇଚ୍ଛା ନଥାଇ, ବିତୃଷ୍ଣାରେ ଆମେ ଯାହା ଯାହା କରୁ, ତାହା ସଦିଚ୍ଛାଠାରୁ ବଳି ପଡ଼େ । ଆମ ମାନଙ୍କର ଏଇ ଗତି ବିଧି ଏମିତି ଏକ ପ୍ରଣାଳୀ ସୃଷ୍ଟି କରି ଚାଲିଛି ଯେ, ଦୁଃଖ ଯାତନା, ଅବହେଳା, ନିର୍ଯାତନା ଆମ ସ୍ନାୟୁରେ ସ୍ନାୟୁରେ ଅସଂଖ୍ୟ ତରଙ୍ଗ ସୃଷ୍ଟି, ଆମକୁ ଉଡେଇ ଟୁଟେଇ ମାରି ପକାଉଥିଲେବି, ଆମେ ଏଥିରୁ ମୁକ୍ତ ହୋଇ ନପାରି ଆମ ସ୍ୱାତନ୍ତ୍ର୍ୟତା ଆଣିବା ପାଇଁ ସକ୍ଷମ ହୋଇ ପାରୁନାହୁଁ ।

Digitized by srujanika@gmail.com

ଆଜିକାଲି ନାରୀବାଦୀର ସ୍ୱରୂପରେ ସାମାନ୍ୟ ପରିବର୍ତ୍ତନ ପରିଲକ୍ଷିତ ହେଉଥିଲେବି, ଅନ୍ତରରେ ପରିବର୍ତ୍ତନର ଅଭ୍ୟୁଦୟ ଘଟି ନାହିଁ । ଶିକ୍ଷା, ଦୀକ୍ଷା, ଖେଳ ଓ ରାଜନୀତି ଆଦି ଦୌଡ଼ରେ ପୁରୁଷ ସହିତ ସମାନ ହୋଇ ପୁରୁଷ ସ୍ତରରେ ପହଞ୍ଚି ଗଲେବି, ଅନ୍ତରର ଦୌଡ଼ରେ ସେ ସ୍ଥିର ଅବିଚଳିତ । ଯାହା ଦ୍ୱାରା ବି ଆମେ ଆମର ସ୍ୱାତନ୍ତ୍ର୍ୟତା ଆଣିବାରେ ନିଜେ ଅନ୍ତରାୟ ହୋଇଉଠୁଛୁ ।

ଏଇ ସବୁ ଦୃଷ୍ଟିକୋଣରୁ ବିଚାର କଲେ, ଆମେମାନେ ଯେ ଏକ ଦୁର୍ବଳ ମସ୍ତିଷ୍କର ଜୀବ, ପୁରୁଷର ଅଧିନତାରେ ଆମେ ସୁଖି, ନିଜର ଆତ୍ମ ଗ୍ଳାନି ନେଇ ବଞ୍ଚିବାରେ ଆମେ ଆନନ୍ଦିତ ଏଥିରେ ସନ୍ଦେହ ନାହିଁ । ଏପଟେ ସମାଜର କୁସଂସ୍କାରକୁ ଓ ପୁରୁଷର ପ୍ରାଧାନ୍ୟକୁ ନାସିକା କୁଞ୍ଚନ କରୁଥିଲାବେଳେ, ସେପଟେ ସମାଜର କୁସଂସ୍କାରରେ ବୁଡ଼ ପକାଇ ପୁରୁଷର ପ୍ରାଧାନ୍ୟକୁ ମୁଣ୍ଡରେ ମୁଣ୍ଡାଉ ।

ଅତୀତର ଗାର୍ଗୀ ମୈତ୍ରେୟୀ ଆଦିଙ୍କର ଆମେ ଯେ ବଂଶଧର, ଆମେ ଶିକ୍ଷିତା, ବୁଦ୍ଧିମତୀ ଏବିଶ୍ୱାସ ଆମର ନାହିଁ । ଲେଖାଲେଖି କ୍ଷେତ୍ରରେ ମଧ୍ୟ ନାରୀ ନିଜର ଲେଖନୀରେ ଯାହା ପ୍ରକାଶ କରେ, ତାହା ତାର ପ୍ରକୃତ ଚରିତ୍ର ନୁହେଁ । ନିଜକୁ ନିଜେ ସମ୍ମାନିତ କରିବାର ଅଭୀପ୍ସା ନଥାଇ, ଯାହା ଲେଖା ଯାଏ, ସେ ଲେଖା ଯେତେ ବଳିଷ୍ଠ ହେଲେ ବି, ବାସ୍ତବ କ୍ଷେତ୍ରରେ ଯେ ତାହା ଦୁର୍ବଳ ଏକଥା କାହାକୁ ଅଛପା ରହେ ନାହିଁ । କାଳ କାଳ ଧରି ନିତ ନିର୍ଯାତନାର ଦୁଃସହ ପୀଡ଼ାକୁ ରଚନା ମାଧ୍ୟମରେ ଫୁଟାଇ ଦେଇ, ତାହା କେବଳ ଦୁର୍ବଳ ମନର ପରିଚୟ ଦିଏ ସିନା, ଲେଖାରେ କୌଣସି ଆଦର୍ଶବାଦ ବା ଶିକ୍ଷଣୀୟ ସନ୍ଦେଶ ରହେ ନାହିଁ ।

ଗାର୍ଗୀ ମୈତ୍ରେୟୀ ଆଦି ଯଦି ଲେଖନୀ ଚାଳନା କରି କିଛି କିଛି ନାରୀ ଜାତିକୁ ସନ୍ଦେଶ ଦେଇ ଥାଆନ୍ତେ, ତେବେ ଆମେମାନେ ସେମାନଙ୍କ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ଆମମାନଙ୍କ ଉନ୍ନତି ପଥରେ ଆମେ ଅକ୍ଲେଶରେ ଅଗ୍ରସର ହୋଇ ପାରି ଥାଆନ୍ତୁ । ସେମାନେ ନହେଲେ ନାହିଁ । ଆମେମାନେ ସେମାନଙ୍କ ପରି ହୋଇ ଆମେ ଆମକୁ କିଛି ଆଦର୍ଶବାଦର ସନ୍ଦେଶ ଯୋଗାଇବା ଯେ ଆମର କର୍ତ୍ତବ୍ୟ, ଏହା ମଧ୍ୟ ଆମେ ମନକୁ ଆଣୁ ନାହୁଁ । ଗୋଟାଏ ଚିରଚରିତ ନିଷ୍ଠୁରତାରେ ଢାଇ ଯାଇଛୁ ସ୍ୱାମୀ ସଂସାରକୁ ସଫଳ କରି କରି... ।

Digitized by srujanika@gmail.com

ଆମ ନାରୀ ମାନଙ୍କର ଏକ ବିରଟ ଭୁଲ ଯେ, ଆମେ ଆମ ଅତୀତ ରମଣୀମାନଙ୍କୁ କେବଳ ଉଦାହରଣରେ ରଖି ଦେଉ । ତାଙ୍କ ପରି ହେବାକୁ ମନ ବଳାଉ ନାହୁଁ । ତାଙ୍କ ସହିତ ଆମମାନଙ୍କ ସମ୍ପର୍କ ଯୋଡ଼ିଲେ ଆମେ ଅତି ମାତ୍ରାରେ ନିଜକୁ ନ୍ୟୁନ କରିଦେଉ । ଏଇ ନ୍ୟୁନ ମନୋଭାବ ଯୋଗୁଁ ପ୍ରଗତିଶୀଳ ବୁଦ୍ଧିଜୀବି ମହିଳା ଓ ସାଧାରଣ ମହିଳାଙ୍କ ଭିତରେ ସମ୍ପର୍କ ଆଦୌ ରହିପାରୁନି । ଏବେ ବି ସେମାନଙ୍କ ସହିତ ସମ୍ପର୍କ, ଅନ୍ୟ ମାନଙ୍କ ସହିତ ସମ୍ପର୍କ ବଳିଷ୍ଠ ନୁହେଁ । ଫଳରେ ନାରୀ ଏକକ ଭାବେ ଯେତେ ଉପରକୁ ଉଠିଲେ ବି, ସମୂହ ଭାବରେ ଉଠିବାର ସମ୍ଭାବନା ରହି ପାରୁନି ।ସେହି କାରଣରୁ ଗତ ପଚାଶ ବର୍ଷ ଭିତରେ କୌଣସି ପ୍ରଗତିଶୀଳା ମହିଳା, ମହିଳାମାନଙ୍କ ଉନ୍ନତି କଲେ କୌଣସି କାର୍ଯ୍ୟ କରିଥିବାର ଉଦାହରଣ ନାହିଁ । ଯଦି କିଛି ମହିଳାଙ୍କ ଉନ୍ନତି ଘଟିଥାଏ, ତେବେ ଏ ପୁରୁଷ ପ୍ରାଧାନ୍ୟ ଦେଶର ପୁରୁଷମାନଙ୍କ ଦ୍ୱାରା । ନାରୀମାନଙ୍କ ଦ୍ୱାରା ନୁହେଁ । ନାରୀ ନିଜର ହିତ ସାଧନରେ ଅଦ୍ୟାପି ବ୍ରତୀ ହୋଇ ପାରିନାହିଁ ।

ସମାଜରେ ପ୍ରଚଳିତ ବିରୋଧାଭାସ, କୁସଂସ୍କାରପୂର୍ଣ୍ଣ ଅନ୍ଧବିଶ୍ୱାସରୁ ନାରୀ ନିଜେ ମୁକ୍ତ ନହେଲେ; ତାର ପ୍ରଗତି ଅସମ୍ଭବ । ଏଥିରୁ ମୁକ୍ତ ହେବା ପାଇଁ ନିଜର ସାହସ ଦରକାର । ନିଜେ ସାହାସର ଏକ ସିଡ଼ି ଗଢ଼ି, ସେଇ ସିଡ଼ିରେ ଚଢ଼ି ଜାଣିଲେ ନାରୀର ପ୍ରଗତି ସୁନିଶ୍ଚିତ । ଏଥିପାଇଁ ସମାଜ, ପୁରୁଷ ଆଦୌ ଦାୟୀ ନୁହଁନ୍ତି । ନିଜେ ହିଁ ସେ ଦାୟୀ ।

ଆଜିର ଶୀର୍ଷକ, "ନାରୀର ସମ୍ମାନ ଓ ସ୍ୱାଧିକାରର ସୁରକ୍ଷା ଦିଗରେ ସାହିତ୍ୟର ଭୂମିକା" ଏକ ମହତ୍ତ୍ୱ ପୂର୍ଣ୍ଣ ଶୀର୍ଷକ । ଏଇ ଶୀର୍ଷକକୁ ଅନୁଧ୍ୟାନ କଲେ ସହଜରେ ଆଖି ଆଗରେ ଆମ ପ୍ରଗତିର ଚିତ୍ର ଉଦ୍ଭାସିତ ହୋଇ ଉଠୁଛି । ସମାଜର କୁସଂସ୍କାର ଠାରୁ ଦୂରେଇ ରହି, ଆମେ ଆମ ନିଜକୁ କିଭଳି ଉନ୍ନତି ପଥରେ ଆଗେଇ ନେଇ ଆମେ ଉନ୍ନତମାନର ହୋଇ ଉଠିବୁ, ମାତ୍ର ଲିଖିତ ଉପନ୍ୟାସ ଯଦି ସୃଷ୍ଟି କରି ପାରନ୍ତୁ ତେବେ, ଆମ ଆଗାମୀ ବଂଶଧରଙ୍କ ପାଇଁ ଏ ଚରିତ୍ର ଗୁଡ଼ିକ ବଳିଷ୍ଠ ଚରିତ୍ର ରୂପେ ପ୍ରତୀୟମାନ ହୁଅନ୍ତା । ଆମେ ଓ ଆମର ପୂର୍ବ ସୁରୀମାନେ ଲୁଚି ଯାଇ ଉପନ୍ୟାସର ଚରିତ୍ରମାନେ ଜୀବନ୍ତ ହୋଇ ଉଠନ୍ତେ । ଯୋଉମାନେ କି ଆଗାମୀ ବଂଶଧରଙ୍କୁ ଆଙ୍ଗୁଠି ଦେଖାଇ ବାଟ କଢ଼ାନ୍ତେ ।

Digitized by srujanika@gmail.com

ଅବସର ଧରି ନିଜ ପ୍ରଗତି ପାଇଁ ଆଗେଇ ଯିବାର ଶିକ୍ଷା ଆମ ପାଖରେ ନାହିଁ । ଶିକ୍ଷା ଆମର ପୁସ୍ତକ ପଠନ । ଏହି ପଠନ ଦ୍ୱାରା ଆମେ ଆମର ହିତ ନ ଦେଖିଲେ ଅନ୍ୟ କୋଉ ଉପାୟରୁ ଦେଖି ପାରିବୁ ନାହିଁ । ତେଣୁ ସାହିତ୍ୟିକା ବୃନ୍ଦଙ୍କୁ ବିନୀତ ଅନୁରୋଧ, ସେମାନେ ସେମାନଙ୍କ ଲେଖନୀରେ ଏଭଳି ନାରୀ ପ୍ରତିଭର ଯାଦୁ ଭରନ୍ତୁ, ଯାହାକି ନାରୀ ସାହିତ୍ୟ ମାଧ୍ୟମରେ ହିଁ ନିଜର ସମ୍ମାନ ଓ ସ୍ୱାଧିକାରର ସୁରକ୍ଷା ରଖିପାରୁ । କିଏ କହିବ, ଆଜିର ଏ ଉଦ୍ୟମ ଦିନେ ସଫଳତାର ଚରମରେ ନ ପହଞ୍ଚିବ ବୋଲି ।

‘ସତ୍ୟ-ସୁଧା’
ଏନ୍ ୧, ଏ/୫, ନୟାପଲ୍ଲୀ
ଭୁବନେଶ୍ୱର—୧୨

Digitized by srujanika@gmail.com

ନାରୀର ସମ୍ମାନ ଏବଂ ସ୍ୱାଧିକାର

ଡଃ ଅପର୍ଣ୍ଣା ମହାନ୍ତି

ସଂପ୍ରତି ନାରୀ ଜାତିର ସମ୍ମାନ, ସ୍ୱାଧିକାର ଓ ସମସ୍ୟାକୁ ନେଇ ସମଗ୍ର ବିଶ୍ୱରେ ଏକ ଆନ୍ଦୋଳନ ସୃଷ୍ଟି ହୋଇଛି । ନାରୀ ଜାତି ନିଜକୁ ସମାଜର ଦ୍ୱିତୀୟ ଶ୍ରେଣୀ ନାଗରିକା ଭାବେ ଆବିଷ୍କାର କରି କ୍ଷୁବ୍ଧ ହୋଇଛି ଏବଂ ସଂଗଠିତ ଭାବେ ନିଜ ଅଧିକାରର ସୀମା ସମ୍ପର୍କରେ ପ୍ରଶ୍ନ ଉଠାଇଛି । ଏଥିରୁ ସ୍ପଷ୍ଟ ଯେ ନାରୀ ସ୍ୱୟଂ ନିଜର ସମ୍ମାନ କ୍ଷୁର୍ଣ୍ଣ ହେବାର ଅନୁଭବରେ ବର୍ତ୍ତମାନ ଆନ୍ଦୋଳିତା ହେଉଛି ଓ ନାରୀ ମାନବଶିଶୁ ତଥା ଭବିଷ୍ୟତର ସମାଜ ପାଇଁ ଏହା ଏକ ଆହ୍ୱାନ ସୃଷ୍ଟି କରିଛି । କିନ୍ତୁ ମଣିଷର ପ୍ରତି ସମସ୍ୟାକୁ ବିଶ୍ଳେଷଣ କରି ତାର ପ୍ରତିକାର ସମ୍ପର୍କରେ ଯେତେବେଳେ ଚିନ୍ତା କରଯାଏ ସେତେବେଳେ ଚିନ୍ତନ କ୍ଷେତ୍ରରେ ଆଜିକାଲି ଦୁଇଟି ସ୍ପଷ୍ଟ ପଥ ଦେଖାଯାଏ । ଗୋଟିଏ ଭାବବାଦୀ ଚିନ୍ତାଧାରା ଓ ଅନ୍ୟଟି ବିଜ୍ଞାନ ଆଧାରିତ ବସ୍ତୁବାଦୀ ଚିନ୍ତାଧାର । ଭାବବାଦୀ ଚିନ୍ତାରେ ବ୍ୟକ୍ତିଗତ ଉନ୍ନତ ଚିନ୍ତା ଓ ଦର୍ଶନର ମାର୍ଗଦର୍ଶନ ଥିବାବେଳେ ବୈଜ୍ଞାନିକ ବିଶ୍ଳେଷଣରେ ଅତୀତର କାର୍ଯ୍ୟକାରଣ ଅନୁସନ୍ଧାନ ପୂର୍ବକ ବାସ୍ତବ ପରିବେଶକୁ ଅନୁଶୀଳନ କରି ବର୍ତ୍ତମାନର ସମସ୍ୟା ଓ ଭବିଷ୍ୟତର ସମ୍ଭାବନା ସମ୍ପର୍କରେ ନିର୍ଣ୍ଣୟ ନେବାକୁ ଚେଷ୍ଟା କରଯାଏ । ଏହା ଏକ ପ୍ରମାଣିତ ସତ୍ୟ ଯେ ମାନବଚିନ୍ତା ଏକ ନିର୍ଦ୍ଦିଷ୍ଟ ସମୟରେ ଏକ ନିର୍ଦ୍ଦିଷ୍ଟ ପ୍ରୟୋଜନର ଏକ ସୀମିତ ସ୍ତର ପର୍ଯ୍ୟନ୍ତ ପରିପକ୍ୱତା ଲାଭ କରେ । ଗୀତାର ଶ୍ରୀକୃଷ୍ଣ କିମ୍ବା ଗୌତମ ବୁଦ୍ଧ ଗଣତାନ୍ତ୍ରିକ ଭୋଟ ଅଧିକାର ସମ୍ପର୍କରେ ଚିନ୍ତା କରିପାରିନଥିଲେ । କିନ୍ତୁ ଆଜି ପୃଥିବୀରେ ଏହା ଏକ ଉନ୍ନତତମ ସାମାଜିକ ଦର୍ଶନ । ତେଣୁ ବୈଜ୍ଞାନିକ ବିସ୍ତୃତ ବିଶ୍ଳେଷଣ ପଦ୍ଧତିରେ ନାରୀର ସମ୍ମାନ ଓ ସ୍ୱାଧିକାର ସମ୍ପର୍କରେ ଆଲୋଚନା କରିବା ମୁଁ ପ୍ରାସଙ୍ଗିକ ମନେ କରୁଛି ।

ଡାରଉଇନ୍‌ଙ୍କର ବିବର୍ତ୍ତନବାଦର ପ୍ରସାର ହେବା ଫଳରେ ସମାଜ ଓ ପ୍ରାଣୀଜଗତ ସୃଷ୍ଟି ସମ୍ପର୍କରେ ପୂର୍ବର ସମସ୍ତ ଆଧ୍ୟାତ୍ମିକ ଧାରଣା ପ୍ରଭାବହୀନ ହୋଇପଡିଲା । ମଣିଷ ସମାଜର ସୃଷ୍ଟି ଓ ବିକାଶ ସମ୍ପର୍କରେ ସମାଜବିଜ୍ଞାନୀ ମର୍ଗାନ୍, ମାର୍କସ୍ ଓ ଏଙ୍ଗେଲସ୍ ପ୍ରଭୃତି ବିଜ୍ଞାନ ଆଧାରିତ ତଥ୍ୟ ପରିବେଷଣ

Digitized by srujanika@gmail.com

କଲେ-ମନୋବିଜ୍ଞାନୀ ଫ୍ରୟେଡ୍ ମଣିଷର ଅନ୍ତଃବାଦୀ ମନର ରହସ୍ୟ ଉଦ୍‌ଘାଟନ କଲେ । ଏହାଦ୍ୱାରା ମଣିଷ ସମାଜର ବିବର୍ତ୍ତନ ସହିତ ନାରୀଜାତିର ଜୀବନ ଧାରାର ପର୍ଯ୍ୟାଲୋଚନା ମଧ୍ୟ ସମ୍ଭବ ହେଲା । ନାରୀଜାତି ଆଜି ଯେଉଁ ସାମାଜିକ ସ୍ଥିତି ଓ ମାନବିକ ଅବମୂଲ୍ୟାୟନର ଶିକାର ହୋଇଛି ଏହି ସ୍ଥିତି ଯେ ସମାଜ ବିକାଶର ପ୍ରାରମ୍ଭରେ ନଥିଲା ଏହା ସ୍ପଷ୍ଟ ହୋଇ ଉଠିଲା ।

ସମାଜ ବିଜ୍ଞାନୀ ମର୍ଗାନ ତାଙ୍କର ବିଶ୍ଳେଷଣରେ ମନୁଷ୍ୟ ସମାଜକୁ ବନ୍ୟ, ବର୍ବର ଓ ସଭ୍ୟସମାଜ ଏହି ତିନୋଟି ପର୍ଯ୍ୟାୟରେ ବିଭକ୍ତ କରିଛନ୍ତି । ଏଥିରୁ ପ୍ରଥମ ଦୁଇଟି ପର୍ଯ୍ୟାୟରେ ସମାଜ ମାତୃକେନ୍ଦ୍ରିକ ଥିଲା ସେଠାରେ ନାରୀ ସର୍ବୋଚ୍ଚ ସମ୍ମାନ ତଥା ସ୍ୱାଧୀନତା ଉପଭୋଗ କରୁଥିଲା ବୋଲି ସେ ଦର୍ଶାଇଛନ୍ତି । ଏହି ପର୍ଯ୍ୟାୟରେ ଅନ୍ୟାନ୍ୟ ଇତର ପ୍ରାଣୀମାନଙ୍କ ପରି ନର ନାରୀଙ୍କ ମଧ୍ୟରେ ଅବାଧ ଯୌନ ସମ୍ପର୍କ ଚାଲୁଥିଲା । ପ୍ରକୃତିର ପ୍ରତିକୂଳ ପରିସ୍ଥିତି ସହ ସଂଗ୍ରାମ କରି ବଞ୍ଚିବାକୁ ପଡୁଥିବାରୁ ଅଧିକ ସନ୍ତାନ ଉତ୍ପାଦନ ସେ ସମୟର ଏକମାତ୍ର ସାମାଜିକ ଆବଶ୍ୟକତା ଥିଲା ଓ ଏହି ଦାୟିତ୍ୱ ତୁଲାଇବାର କ୍ଷମତା କେବଳ ନାରୀର ଥିବାରୁ ନାରୀ ଥିଲା ଗୋଷ୍ଠୀର ଜନନୀ ତଥା ସର୍ବୋଚ୍ଚ କର୍ତ୍ତ୍ରୀ । ଏହି ପର୍ଯ୍ୟାୟରେ ନାରୀ ଅବାଧରେ ନିଜର ମନୋମତ ପୁରୁଷ ସହ ଯୌନ ସମ୍ପର୍କ ସ୍ଥାପନ କରିପାରୁଥିଲା । ଦୈନନ୍ଦିନ ଖାଦ୍ୟ ସଂଗ୍ରହ ଓ ଶିକାର ଇତ୍ୟାଦି କରିବାକୁ ପଡୁଥିବାରୁ ନାରୀ ଶାରୀରିକ ଦୃଷ୍ଟିରୁ ପୁରୁଷ ପରି ଅତ୍ୟନ୍ତ ଶକ୍ତିଶାଳୀ ଥିଲା । ମାର୍କସ ଓ ଏଙ୍ଗେଲସ୍ ପରବର୍ତ୍ତୀ ସମୟରେ ମର୍ଗାନଙ୍କ ସମାଜ ବିଶ୍ଳେଷଣକୁ ଅଧିକ ବ୍ୟାପକ ଅନୁଶୀଳନ କରିଛନ୍ତି ଓ ଅର୍ଥନୈତିକ ତଥା ସାମାଜିକ ଉତ୍ପାଦନ ବ୍ୟବସ୍ଥାର ଭିତ୍ତିରେ ନାରୀର ସ୍ଥାନ ଓ ସମ୍ମାନ କିପରି ନିୟନ୍ତ୍ରିତ ହୋଇଛି ତାହା ସୂଚାଇଛନ୍ତି । ସମାଜର ଆଦି ଅବସ୍ଥାରେ ବା ପୁରାତନ ପ୍ରସ୍ତରଯୁଗର ପ୍ରାଗ୍ ଐତିହାସିକ ମାନବ ଗୋଷ୍ଠୀରେ ପ୍ରତ୍ୟେକ ନାରୀ ପ୍ରତି ପୁରୁଷ ପରସ୍ପରର ସ୍ୱାମୀ ସ୍ତ୍ରୀ ହେଉଥିଲେ । କିନ୍ତୁ ଏହି ସମ୍ପର୍କ ସ୍ଥାପନରେ ନାରୀର ସ୍ୱୀକୃତିକୁ ଅଗ୍ରାଧିକାର ଦିଆଯାଉଥିଲା । କ୍ରମେ ଏକ ନିର୍ଦ୍ଦିଷ୍ଟ ବକ୍ତର ମନୁଷ୍ୟଙ୍କ ମଧ୍ୟରେ ଯୌନ ସମ୍ପର୍କ ନିଷିଦ୍ଧ ହେଲା ଅର୍ଥାତ୍ ବାପା-ମାଆଙ୍କ ସହ ଯୌନ ସମ୍ପର୍କକୁ ନିଷେଧ କରାଗଲା । ଏହି ସମସ୍ତ ଅବସ୍ଥାରେ ପିଲାର ବାପା କିଏ ଜାଣିବାର ଆବଶ୍ୟକତା ସୃଷ୍ଟି ହୋଇନଥିଲା । ଏହି ଗୋଷ୍ଠୀ ପରିବାରର ପରବର୍ତ୍ତୀ ପର୍ଯ୍ୟାୟରେ ଭାଇଭଉଣୀଙ୍କ ମଧ୍ୟରେ ଯୌନ ସମ୍ପର୍କକୁ ବାରଣ କରାଗଲା । ଏହାର ମଧ୍ୟ ଏକ ନିର୍ଦ୍ଦିଷ୍ଟ ସାମାଜିକ ଓ ପ୍ରାକୃତିକ କାରଣ ଥିଲା । କାରଣ ଗୋଟିଏ ଗୋଷ୍ଠୀ ମଧ୍ୟରେ ଯୌନ ସମ୍ପର୍କରୁ ଜାତ ସନ୍ତାନ ଅପେକ୍ଷା ଅନ୍ୟ ଏକ ଗୋଷ୍ଠୀର ବ୍ୟକ୍ତି ଔରସରୁ ଜାତ ସନ୍ତାନ ଅଧିକ ହୃଷ୍ଟପୁଷ୍ଟ ଓ ବଳଶାଳୀ ହେଉଥିଲା । ତେଣୁ ଏହି

Digitized by srujanika@gmail.com

ଆବଶ୍ୟକତାରୁ କ୍ରମେ ଭିନ୍ନଭିନ୍ନ ଗୋଷ୍ଠୀ ବା ଗୋତ୍ର ମଧ୍ୟରେ ଯୌନସମ୍ପର୍କ ସ୍ଥାପନ ପାଇଁ ମାନବ ଉତ୍ସାହିତ ହେଲା । ଏଠାରେ ମଧ୍ୟ ପତି ନିର୍ବାଚନର ସ୍ୱାଧୀନତା ଥିଲା ସର୍ବୋଚ୍ଚଭାବେ ନାରୀର । ଗୋଷ୍ଠୀ ପରିବାରରୁ ମନୁଷ୍ୟ କ୍ରମେ ଯୁଗଳ ପରିବାର ଗଠନ କଲା । ଏହାର କାରଣ ହେଲା ମନୁଷ୍ୟର ଚେତନାର ବିକାଶ ସଙ୍ଗେ ସଙ୍ଗେ ବନ୍ୟ ଓ ବର୍ବର ସଭ୍ୟତାର ଯୌନ ସମ୍ପର୍କ କ୍ରମେ ତାର ଜଟିଳ ଚରିତ୍ର ହରାଇବାରୁ ନାରୀ ନିମନ୍ତେ ଏହା ଅଧିକ ପୀଡ଼ାଦାୟକ ହୋଇପଡ଼ିଲା ଓ ନିଜର ସୁବିଧା ଅନୁଯାୟୀ ସେ ନିଜର ପ୍ରିୟପୁରୁଷ ସହ ଏକକ ଭାବେ ରହିବାକୁ ପସନ୍ଦ କରିବା ସ୍ୱାଭାବିକ୍ ମନେ ହୁଏ । କିନ୍ତୁ ଏହା ଏକନିଷ୍ଠ ପତିବ୍ରତ ନୁହେଁ । ନାରୀର ଏହି ପ୍ରବୃତ୍ତିର ସୁବିଧା ନେଇ ପରବର୍ତ୍ତୀ ସମୟରେ ପୁରୁଷହିଁ ନିଜର କର୍ତ୍ତୃତ୍ୱ ବଜାଇ ରଖିବା ନିମନ୍ତେ ଏକନିଷ୍ଠ ପତିବ୍ରତର ପ୍ରଚଳନ କରିଥିଲା । ସଭ୍ୟତା ବିକାଶର ଏହି ଆଦ୍ୟ ପର୍ଯ୍ୟାୟରେ ନାରୀହିଁ ପ୍ରଥମେ ସାମୟିକ ବା ଦୀର୍ଘଦିନ ଧରି ହେଉ ଏକ ପତି ସହ ରହିବାର ସୁଖକର ପ୍ରଥାକୁ ସ୍ୱାଗତ ଜଣାଇଥିଲା ।

ଅଗ୍ନିର ବ୍ୟବହାର ଓ କୃଷିଭିତ୍ତିକ ସ୍ଥାୟୀସମାଜର ପ୍ରତିଷ୍ଠା ହେବା ସଙ୍ଗେ ସଙ୍ଗେ ନାରୀର ସାମାଜିକ ଭୂମିକାରେ ପରିବର୍ତ୍ତନ ଘଟିଲା । କୃଷିଦ୍ୱାରା ଅଳ୍ପ କେତେ ମାସର ପରିଶ୍ରମ ଫଳରେ ବର୍ଷସାରା ଚଳିବାର ସମ୍ବଳ ଯୋଗାଡ଼ କରାଯାଇପାରିଲା । ବର୍ଷର ଏକ ନିର୍ଦ୍ଦିଷ୍ଟ ଋତୁରେ କୃଷିକାର୍ଯ୍ୟ ହେଉଥିବାରୁ ନିଜର ଗର୍ଭଧାରଣ ଜନିତ ଅସୁବିଧା ଯୋଗୁଁ ନାରୀ ଏଥିରେ ସବୁବେଳେ ପ୍ରତ୍ୟକ୍ଷ ଯୋଗଦାନ ଦେଇପାରିଲା ନାହିଁ ଏବଂ ଆପାତତଃ ଶୃଙ୍ଖଳ ଅବସ୍ଥା ମଧ୍ୟ ତାକୁ ଏ ଦିଗରେ ନିରୁତ୍ସାହିତ କଲା । ଏଣୁ ପୁରୁଷ କୃଷି କ୍ଷେତ୍ରର ରକ୍ଷଣାବେକ୍ଷଣ ଓ ନାରୀ ସନ୍ତାନର ରକ୍ଷଣାବେକ୍ଷଣ କାର୍ଯ୍ୟ ଆପେ ଆପେ ବାଛି ନେଲେ । ସ୍ଥାୟୀ ସମାଜ ବ୍ୟବସ୍ଥାରେ ଜନମୃତ୍ୟୁର ହାର କମିଯିବାରୁ ଅଧିକ ସନ୍ତାନ ଉତ୍ପାଦନ ଆଉ ଅପରିହାର୍ଯ୍ୟ ସାମାଜିକ ଆବଶ୍ୟକତା ହୋଇରହିଲା ନାହିଁ । ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହେଲେ ବିଜେତା ଗୋଷ୍ଠୀ ବନ୍ୟଯୁଗ ପରି ବିଜିତ ଗୋଷ୍ଠୀର ଲୋକମାନଙ୍କୁ ହତ୍ୟା ନକରି ଦାସ ଭାବରେ ଖଟେଇଲା ଓ ଏହିପରି ମାଲିକ ଓ ଦାସ ଧାରଣାର ଉଦ୍‌ଭବ ଘଟିଲା । ଏହି ସମୟରେ ମନୁଷ୍ୟ ପାଇଁ ପ୍ରଭୂତ ଅବସର ସୃଷ୍ଟି ହେବାରୁ ଶିଳ୍ପ ସାହିତ୍ୟ ଇତ୍ୟାଦି ସୁକୁମାର ପ୍ରବୃତ୍ତିର ବିକାଶ ଘଟିଲା । ଏହି ସମୟରେ କୃଷିଜମି ଓ ଦାସ ଗୋଷ୍ଠୀର ମାଲିକାନାକୁ କେନ୍ଦ୍ର କରି ପୁରୁଷର ଅଧିକାରର ସୀମା କ୍ରମେ ପ୍ରସାରିତ ହେଲା ଓ ସ୍ଥାୟୀ ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ ପୁରୁଷ ନିଜର ଉତ୍ତରାଧିକାରୀ ଲୋଡ଼ିଲା । ନାରୀ ବାହ୍ୟ ସଂସାରରୁ ବିଚ୍ୟୁତ ହୋଇପଡ଼ିବା ସଙ୍ଗେ ସଙ୍ଗେ ପୁରୁଷ ଗୃହସ୍ଥଳୀରେ ମଧ୍ୟ କ୍ରମେ କର୍ତ୍ତୃତ୍ୱ ଜାହିର

Digitized by srujanika@gmail.com

କଲା । କିନ୍ତୁ ସେତେବେଳେ ମଧ୍ୟ ଇଚ୍ଛାନୁଯାୟୀ ପତି ନିର୍ବାଚନ କରିବାର ସ୍ୱାଧୀନତା ସ୍ୱୀକୃତ ଥିବାରୁ ଓ ସନ୍ତାନମାନେ ମା'ର ପରିଚୟରେ ପରିଚିତ ହେଉଥିବାରୁ ଏହା ସମ୍ଭବ ନଥିଲା । ଫଳରେ ଏହି ବ୍ୟବସ୍ଥାର ପରିବର୍ତ୍ତନ କରିବା ଆବଶ୍ୟକ ହୋଇ ଦେଖାଦେଲା ଓ ତାହାହିଁ କରଗଲା । ସନ୍ତାନମାନେ ମା'ର ଗୋତ୍ରଚ୍ୟୁତ ହୋଇ ପିତୃଗୋତ୍ରର ଅନ୍ତର୍ଭୁକ୍ତ ହେଲେ । କିନ୍ତୁ ନାରୀର ଅନ୍ୟ ସମସ୍ତ ସ୍ୱାଧୀନତା ସେହିପରି ରହିଥିଲା ଏହି ପର୍ଯ୍ୟାୟରେ ତେଣୁ ବେଦ ଇତ୍ୟାଦିରେ ନାରୀ ସ୍ୱାଧୀନତାର ଅନେକ ଉଦାହରଣ ଦେଖିବାକୁ ମିଳେ । କିନ୍ତୁ ପରିବାର ଓ ସମାଜର ସାର୍ବଭୌମ କର୍ତ୍ତୃତ୍ୱ ପାଇବାର ଉନ୍ମାଦନା ପୁରୁଷକୁ ନିଜର ପିତୃତ୍ୱ ନିର୍ଦ୍ଧାରଣର ନିଶ୍ଚିତତା ଦିଗରେ ପ୍ରରୋଚିତ କଲା ଓ ସେ ଏକ ନିର୍ଦ୍ଦିଷ୍ଟ ନାରୀକୁ ଚିରଦିନ ପାଇଁ ନିଜ ଅଧୀନରେ ରଖିବାକୁ ଚେଷ୍ଟା କଲା । ବିବାହର ବର୍ତ୍ତମାନ ଆଦର୍ଶ ଏହିଠାରୁ ହିଁ ସୃଷ୍ଟି ହୋଇଥିଲା । ଏହି ସମୟରେ ହୁଏତ ସ୍ୱାଧୀନା ନାରୀ ଏହି ଜୋର ଜବରଦସ୍ତିକୁ ସ୍ୱୀକାର କରିନଥିବ ଓ ବିଦ୍ରୋହ କରିଥିବ । ତେଣୁ ଏହି ସମୟରେ ପୁରୁଷ ସମାଜ ପତିମାନଙ୍କ ଦ୍ୱାରା ନାରୀ ଉପରେ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଆରମ୍ଭ ହୋଇଛି ଓ ସତୀତ୍ୱର ମହିମା ତଥା ନାରୀର ଦୁର୍ବଳତାର ପୃଷ୍ଠପୋଷକତା କରି ପୁରାଣ ସାହିତ୍ୟମାନ ରଚନା କରାଯାଇଛି ।

ନାରୀକୁ ଦେବୀ କିମ୍ବା ଦାସୀ ରୂପରେ ସଜାଇ ସାଧାରଣ ନାରୀକୁ ସମାନ ଅଧିକାରରୁ ବଞ୍ଚିତା କରାଯାଇଛି । ନାରୀର ବ୍ୟକ୍ତିତ୍ୱ ଅପେକ୍ଷା ସତୀତ୍ୱ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ନାରୀର ସମ୍ମାନ ଏହିଠାରେ ହିଁ ଅଧିକ ଭୂଲୁଣ୍ଠିତ ହୋଇଛି ବୋଲି ଧରିନେବାକୁ ହେବ କାରଣ ସତୀତ୍ୱ ଓ ବ୍ୟକ୍ତିତ୍ୱ ଏ ଦୁଇଟି କେବେହେଲେ ଏକକଥା ନୁହେଁ । ଗୋଟିକରେ ପୁରୁଷ ପ୍ରଧାନ ସମାଜର ସଂକୀର୍ଣ୍ଣ ପ୍ରୟୋଜନ ଓ ଅନ୍ୟଟିରେ ଏକ ମନୁଷ୍ୟ ସ୍ୱଭାବର ସଂହତି ତଥା ସ୍ୱାଧୀନ ବିକାଶର ଅବକାଶ ରହିଛି । ତେଣୁ ସତୀତ୍ୱଜନିତ ସମ୍ମାନ ନାରୀର ସମ୍ମାନ ନହୋଇ ପୁରୁଷର ସ୍ୱାର୍ଥର ସମ୍ମାନ ବୋଲି ସ୍ୱୀକାର କରିବାକୁ ହେବ । ମାତୃ ଅଧିକାର ଉଚ୍ଛେଦ ସଙ୍ଗେ ସଙ୍ଗେ ନାରୀର ସ୍ୱାଧୀନତା ତ ଯାଇଥିଲା ଏବେ ବ୍ୟକ୍ତିଗତ ସମ୍ମାନ ଓ ପରିଚୟ ଟିକକ ମଧ୍ୟ ଗଲା । ସାଧାରଣ ନାରୀ ସମାଜରେ କେବଳ ସମ୍ମାନିତ ଓ ସ୍ୱୀକୃତ ଗର୍ଭାଶୟଟିଏ ହୋଇ ଅବସ୍ଥାନ କଲା । ପରାଧୀନତା ଓ ପରିଚୟହୀନତାକୁ ସେ ଗୌରବମୟ ଆଚରଣ ବୋଲି ନିଜେ ଗ୍ରହଣ କରିନେଲା । ମଧ୍ୟଯୁଗୀୟ ସାମନ୍ତବାଦ ଓ ରାଜତନ୍ତ୍ରର ପିତୃକେନ୍ଦ୍ରିକ ସମାଜରେ ନାରୀର ସମ୍ମାନ ଓ ସ୍ଥିତିରେ ଚରମ ଅବକ୍ଷୟ ହୋଇଥିଲା । ଭାରତ ବର୍ଷରେ ଏହି ସମୟରେ ବାଲ୍ୟ ବିବାହ, ବିଧବାର ନିର୍ଯ୍ୟାତନା ଓ ଶିଶୁ

Digitized by srujanika@gmail.com

କନ୍ୟା ହତ୍ୟା ପ୍ରଭୃତି ଚରମ ଅମାନବିକ ପ୍ରଥା ଗୁଡିକ ଧର୍ମର ପରମ ସମର୍ଥନ ପାଉଥିଲେ ଓ ଅଶିକ୍ଷିତା ଆତଙ୍କିତା ନାରୀଜାତି ଏହାକୁହିଁ ନାରୀଧର୍ମ ଭାବି ନିଷ୍ଠାର ସହ ସେ ସମସ୍ତ ପାଳନ କରୁଥିଲା । ନିଜ ଉପରେ ହେଉଥିବା ସମସ୍ତ ଅତ୍ୟାଚାରକୁ ସେ କର୍ମଫଳ ଓ ନାରୀ ଜନ୍ମ ଜନିତ ପାପ ଭାବି ସହ୍ୟ କରୁଥିଲା ।

ଏହି ସମୟରେ ଇଉରୋପରେ ଶିକ୍ଷା ବିପ୍ଳବ ଗଣତାନ୍ତ୍ରିକ ନବଜାଗରଣ ବିଶ୍ୱରେ ଚମକ ସୃଷ୍ଟିକଲା । ବାଷ୍ଟାଇଲ୍‌ର ପତନ ସଙ୍ଗେ ସଙ୍ଗେ ମାନବ ମୁକ୍ତିର ନୂତନ ଦିଗ୍‌ବଳୟ ଉଦ୍‌ଘାଟିତ ହେଲା । ଶିଳ୍ପୋଦ୍ୟୋଗୀ ଓ ପୁଞ୍ଜିପତି-ମାନେ ନାରୀକୁ ପୁନଶ୍ଚ ସାମାଜିକ ଉତ୍ପାଦନର ପରିସର ମଧ୍ୟକୁ ଆଣିବାକୁ ଚେଷ୍ଟା କଲେ ଓ ଏଥିନିମନ୍ତେ ନାରୀ ପୁନଶ୍ଚ ଶିକ୍ଷା ଇତ୍ୟାଦିରେ ଆଗ୍ରହୀ ହେଲା । ରୁଷୋ ଭଲଟେୟାର ଇତ୍ୟାଦି ଚିନ୍ତାନାୟକଗଣ ପ୍ରତ୍ୟେକ ମଣିଷର ସମାନ ଅଧିକାର ଘୋଷଣା କରିବାରୁ ନାରୀ ମଧ୍ୟ ସେଥିରେ ଆଶାନ୍ୱିତା ହେଲା । ଏହାହିଁ ଆଧୁନିକ ନାରୀ ବ୍ୟକ୍ତିତ୍ୱର ଆରମ୍ଭ କାଳ । ଦୁଇଟି ବିଶ୍ୱଯୁଦ୍ଧର ପ୍ରଭାବ ଓ ବୈଜ୍ଞାନିକ ଅଗ୍ରଗତି ଦ୍ୱାରା ଧର୍ମୀୟ ମୂଲ୍ୟବୋଧରେ ବିପୁଳ ପରିବର୍ତ୍ତନ ହେଲା । ମନୋବିଜ୍ଞାନର ବିକାଶ ନାରୀକୁ ଆତ୍ମବିଶ୍ଳେଷଣରେ ସାହାଯ୍ୟ କଲା । କିନ୍ତୁ ଏହି ବ୍ୟବସାୟିକ ଭିତ୍ତିରେ ପ୍ରତିଷ୍ଠିତ ସମାଜ ବ୍ୟବସ୍ଥା ତଥାପି ପିତୃକେନ୍ଦ୍ରିକ ହୋଇ ରହିଲା । ତେଣୁ ଅର୍ଥନୈତିକ ସ୍ୱାଧିନତା ସତ୍ତ୍ୱେ ନାରୀର ସମ୍ପତ୍ତି ଉପରେ କୌଣସି ମାଲିକାନା ରହିଲା ନାହିଁ । ଫଳରେ ତା ପାଇଁ ଏକ ନୂତନ ଅସହାୟ-ତାର ବଳୟ ସୃଷ୍ଟି ହେଲା । ଗୃହ ଓ କର୍ମସ୍ଥଳୀ ଏହିପରି ପୂର୍ବଠାରୁ ଦ୍ୱିଗୁଣ କର୍ମଭାର ଗ୍ରହଣ କଲେ ହେଁ ନାରୀ ପୁରୁଷର ଅଧୀନସ୍ଥା ହୋଇରହିଲା । ପୁନଶ୍ଚ ପ୍ରତିଯୋଗିତାମୂଳକ ବ୍ୟବସାୟ ଓ ଉପାର୍ଜନ କ୍ଷମତାକୁ କେନ୍ଦ୍ରକରି ନାରୀ ତାର ସଦ୍ୟପ୍ରାପ୍ତ ସାମାନ୍ୟ ଅଧିକାରର ଅସଦ୍‌ବ୍ୟବହାର କରିବାକୁ ମଧ୍ୟ ପଛାଇଲା ନାହିଁ । ଦୁର୍ବଳ ହୋଇ ଯାଉଥିବା ଧର୍ମୀୟ ମୂଲ୍ୟବୋଧ ବ୍ୟଭିଚାରକୁ ଅଟକେଇ ପାରିଲା ନାହିଁ । ଫଳରେ ସମାଜରେ ଏକ ବିକୃତ ଚିନ୍ତାଧାରାର ପ୍ରସାର ଘଟିଲା । ନରନାରୀର ସୁସ୍ଥ ସମ୍ପର୍କ ସ୍ଥାପନ ହେବା ସ୍ଥଳେ ଅଶ୍ଳୀଳ ରୁଚି ଓ ଅପସଂସ୍କୃତିର ପ୍ରସାର ଘଟିଲା । ପୁଂଜିବାଦୀ ସମାଜ ବ୍ୟବସ୍ଥାର ଏହି ଅବକ୍ଷୟ କାଳରେ ଭାରତବର୍ଷରେ ସ୍ୱାଧୀନତା ଆନ୍ଦୋଳନ ହୋଇଥିଲା । ତେଣୁ ନାରୀ ସ୍ୱାଧୀନତା ଦିଗରେ ରାଜା ରାମମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ଶ୍ରୀ ଅରବିନ୍ଦ, ରବୀନ୍ଦ୍ର ନାଥ, ବିବେକାନନ୍ଦ ତଥା ମହାତ୍ମା ଗାନ୍ଧୀଙ୍କ ପରି ମହାନ୍ ଚିନ୍ତାନାୟକ ଗଣଙ୍କର ଉନ୍ନତ ଦିଗ୍‌ଦର୍ଶନ ସତ୍ତ୍ୱେ ସ୍ୱାଧୀନତା ପରବର୍ତ୍ତୀ ପୁଂଜିବାଦୀ ଭାରତୀୟ ସମାଜରେ ନାରୀର ସମ୍ମାନ ଓ ସ୍ୱାଧିକାର ରକ୍ଷା ଦିଗରେ ଉଚିତ୍ ପଦକ୍ଷେପ

Digitized by srujanika@gmail.com

ନିଆଯାଇ ପାରିଲାନାହିଁ । କ୍ରମେ ଯୌତୁକ, ସତୀଦାହ, ନାରୀ ନିର୍ଯାତନା, ଅଶ୍ଳୀଳତା, ଧର୍ଷଣ ଇତ୍ୟାଦି ମାରତ୍ମକ ସାମାଜିକ ବ୍ୟାଧିଗୁଡ଼ିକର ବିଭତ୍ସ ରୂପ ପ୍ରକାଶିତ ହେଲା ।

ଅପସଂସ୍କୃତିର ଓ ନାରୀନିର୍ଯାତନାର ଏହି ଉକଟ ରୂପହିଁ ଆଜି ପ୍ରତି ସଚେତନ ଭାରତୀୟଙ୍କୁ ନାରୀର ଅଧିକାର ସମ୍ବନ୍ଧରେ ପୁନରାଲୋଚନା କରିବାକୁ ପ୍ରରୋଚିତ କରିଛି । ନାରୀଙ୍କୁ ଚନ୍ଦ୍ରକୋଣକୁ ଫେରିଯିବାର ପରାମର୍ଶ ମଧ୍ୟ ଅଧିକାଂଶ ସ୍ଥଳେ ଦିଆଯାଉଛି । ନିଜେ ନାରୀ ମଧ୍ୟ ନିଜ ଜାତିର ଅଧୋଗତିରେ ଆତଙ୍କିତା ହୋଇ ପ୍ରତିକାରର ବାଟ ଖୋଜୁଛି । କିନ୍ତୁ ଥରେ ମୁକ୍ତିପଥରେ ପାଦଦେଲେ ପଛକୁ ଫେରିବାର ଉଦାହରଣ ମାନବ ଇତିହାସରେ ବିରଳ । ପଛକୁ ଫେରିବା ମାନବ ସମାଜ ପାଇଁ କେବେ ଶୁଭଙ୍କର ମଧ୍ୟ ହୋଇନାହିଁ । ବରଂ ଏକ ଯୁଗୋପଯୋଗୀ ନୂତନ ମୂଲ୍ୟବୋଧର ପ୍ରତିଷ୍ଠା ଓ ପୃଷ୍ଠପୋଷକତା ଆଜି ଭାରତୀୟ ନାରୀର ଆବଶ୍ୟକତା ହୋଇ ଦେଖାଦେଉଛି । ପ୍ରବୃତ୍ତିର ଅଧୀନ ଯୌନତୃଷ୍ଣା କିମ୍ବା ବ୍ୟବସାୟୀ ମନୋଭାବରୁ ଯୌନ ବ୍ୟଭିଚାରକୁ ମୁକ୍ତି କୁହାଯିବା ଅନ୍ୟାୟ । କିନ୍ତୁ ସୁସ୍ଥ ଯୌନସମ୍ପର୍କ ପାଇଁ ପାରମ୍ପରିକ ବିବାହପ୍ରଥା ମଧ୍ୟ ଏକମାତ୍ର ଅବଲମ୍ବନ ହେବା ବର୍ତ୍ତମାନ ପରିପ୍ରେକ୍ଷିରେ ସମୀଚୀନ ନୁହେଁ । ଏଠାରେ କହିବା ବାହୁଲ୍ୟ ସୁସ୍ଥ ଯୌନସମ୍ପର୍କ ସୁସ୍ଥ ବ୍ୟକ୍ତି ଓ ସମାଜ ଗଠନ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ନାରୀକୁ ସେ ଦିଗରୁ ମନୋମତ ସ୍ୱାଧୀନତା ମିଳିବା ଆବଶ୍ୟକ । ଅଥଚ ଏକ ଧନତାନ୍ତ୍ରିକ ସମାଜ ବ୍ୟବସ୍ଥାରେ ବ୍ୟବସାୟ ଓ ଲାଭପାଇଁ ଉତ୍ପାଦନ ମୁଖ୍ୟ ଲକ୍ଷ୍ୟ ହୋଇ ଯାଉଥିବାରୁ କଳା-ସଂସ୍କୃତି-ସାହିତ୍ୟ-ଚଳଚିତ୍ର ଓ ଗଣମାଧ୍ୟମମାନ ଯାହାକି ସମାଜ ଚେତନାକୁ ଅତ୍ୟନ୍ତ ପ୍ରଭାବିତ କରିଥାଏ ସେ ସବୁରେ ମୂଲ୍ୟବୋଧର ପ୍ରଚାର ଅପେକ୍ଷା ବ୍ୟବସାୟିକ ମୂଲ୍ୟାୟନର ପ୍ରାଧାନ୍ୟ ରହୁଛି । ଏଣୁ ମନୁଷ୍ୟର ଅନ୍ତଃଚେତନାର ସଂସ୍କାର ଆଣିବାରେ ଏହା ଅସମର୍ଥ ହେଉଛି ଓ ପରୋକ୍ଷରେ ଅପସଂସ୍କୃତିକୁ ଉତ୍ସାହିତ କରୁଛି । ଗୋଟିଏ ଉଦାହରଣ ଦେବି— ପରିବାର ନିୟୋଜନ ପ୍ରତିରୋଧକ ବ୍ୟବସ୍ଥା, ଗର୍ଭପାତ ଆଇନ ଏସବୁ ଅଧୁନିକ ସମାଜରେ ନାରୀମୁକ୍ତିର ଏକ ସହାୟକ ଦିଗ ନିଶ୍ଚୟ । କିନ୍ତୁ ସଚେତନତା ଅଭାବରେ ଏହାର ଅବଶ୍ୟମ୍ଭାବୀ ପ୍ରତିକ୍ରିୟାରୂପେ ବ୍ୟଭିଚାର, କନ୍ୟା ଭ୍ରୁଣ ହତ୍ୟା ଏବଂ ଅବୈଧ ଗର୍ଭପାତ ଯୋଗୁଁ ନାରୀର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟହାନୀ ଘଟୁଛି । ପ୍ରାଣୀ ତତ୍ତ୍ୱବିତ୍ ମାନଙ୍କର ମତ ଯେ ଉନ୍ନତ ଶ୍ରେଣୀର ପ୍ରାଣୀମାନଙ୍କର ଜନ୍ମହାର କମ । ଯେହିପରି ନାରୀର ସାମାଜିକ, ଆର୍ଥିକ ଓ ମାନସିକ ସ୍ତରରେ ଉତ୍ତରଣ ଘଟିଲେ ସେ ନିଜେ ସଂଯମୀ ଓ ନିୟନ୍ତ୍ରିତ ହେବ । ସୁସ୍ଥ ସମାଜର ବିକାଶ ପାଇଁ ସେ

Digitized by srujanika@gmail.com

ଦିଗରେ ଆର୍ଥିକ ଯନ୍ତ୍ର ସହ ଆନୁଷଙ୍ଗିକ ବୈଜ୍ଞାନିକ ସାହାଯ୍ୟ ଯୋଗାଇଦେବା ଜନମଙ୍ଗଳ ରାଷ୍ଟ୍ରର ଦାୟିତ୍ୱ ହେବା ଉଚିତ । ଅଥଚ ଧନତାନ୍ତ୍ରିକ ସମାଜବ୍ୟବସ୍ଥା ଏହି ଆର୍ଥିକ ସଚେତନତା ଦିଗରେ ବିଶେଷ ଦୃଷ୍ଟି ଦିଏ ନାହିଁ । ନିଶାଦ୍ରବ୍ୟ ଉପରେ ବୈଧାନିକ ସତର୍କତା ଲେଖିଦେଇ ଅଧିକ ବିକ୍ରୟ ଆଦାୟ ନିମନ୍ତେ ଏହା ବିକ୍ରୀକୁ ପରୋକ୍ଷରେ ଉତ୍ସାହିତ କରେ ଓ କର୍ତ୍ତବ୍ୟ ପାଳନର ଏକ ଛଳନା ମାତ୍ର କରେ । ଏହି ପ୍ରକାରର ଏକ ସାମାଜିକ ପୃଷ୍ଠପୋଷକତା ଭିତରେ ନାରୀର ସମ୍ମାନ ଓ ଅଧିକାର ନେଇ ପ୍ରଣୀତ ଆଇନଗୁଡ଼ିକ ମଧ୍ୟ ବିଡମ୍ବନାର ଶିକାର ହେଉଛନ୍ତି । ନାରୀ ସ୍ଥିତିରେ ଏକ କିଂକର୍ତ୍ତବ୍ୟ ବିମୂଢ଼ ଅବସ୍ଥା ସୃଷ୍ଟି ହୋଇଛି । ମୁସଲିମ ମହିଳା ବିଲ ଏହାର ଅନଂତମ ଉଦାହରଣ । ନାରୀର ଏହି ଅସହାୟ ସ୍ଥିତି ପାଇଁ ପ୍ରଶାସନ, ସମାଜବ୍ୟବସ୍ଥା ଓ ଅର୍ଥନୀତି ନିଶ୍ଚିତ ଭାବେ ଦାୟୀ । ଏହି ସମାଜରେ କେତୋଟି କୀଟ ଦ୍ରଂଷ୍ଟ ମୂଲ୍ୟବୋଧକୁ ଜନପ୍ରିୟ କରିବାର ଚେଷ୍ଟା ବ୍ୟବସାୟିକ ଦୃଷ୍ଟିକୋଣରୁହିଁ କେବଳ କରାଯାଉଛି । ଏହି ଜନପ୍ରିୟ ଧାରଣା ଅପେକ୍ଷା ନାରୀର ବାସ୍ତବ ପ୍ରୟୋଜନ ବହୁ ଅଧିକ ଆଗକୁ ଯାଇଥିଲେହେଁ ତାର ଯଥାର୍ଥ ଚିତ୍ରଣ ନିମନ୍ତେ ଚେଷ୍ଟାର ଅଭାବ ରହିଛି । ମୁକ୍ତିର ପରିଭାଷା ବିକୃତରୂପେ ପରିବେଷିତ ହେଉଛି । ତେଣୁ ଶିଳ୍ପସାହିତ୍ୟରେ ମୌଳିକ ପରିବର୍ତ୍ତନର ଆବଶ୍ୟକତା ଆଜି ଦେଖାଦେଇଛି । ସଂପ୍ରତି ସ୍ରଷ୍ଟା ନାରୀ ହୁଅନ୍ତୁ ବା ପୁରୁଷ ହୁଅନ୍ତୁ ନାରୀ ସମ୍ବନ୍ଧୀୟ ତାଙ୍କର ସୃଷ୍ଟି ଓ ଦୃଷ୍ଟିରେ ନିମ୍ନୋକ୍ତ କେତୋଟି କଥାକୁ ସେମାନେ ବିଚାରକୁ ନେବା ଅତ୍ୟନ୍ତ ଜରୁରୀ ।

୧- ସୃଷ୍ଟି ଢାଞ୍ଚାରେ କେବଳ ଲୋକପ୍ରିୟ ତଥା ବ୍ୟବସାୟିକ ସଫଳତା ପାଇବାର ଲକ୍ଷ୍ୟ ନରଖି ସାହିତ୍ୟିକ କ୍ରାନ୍ତିଦର୍ଶୀ ହେଉ ଓ ବାସ୍ତବ ପ୍ରୟୋଜନକୁ ଦୃଷ୍ଟି ରଖୁ ।

୨- ନାରୀଶିକ୍ଷାକୁ ଲୋକପ୍ରିୟ କରିବାର କଳାତ୍ମକ ପ୍ରଚେଷ୍ଟା ତଥା ନାରୀର ସାମାଜିକ ଉତ୍ପାଦନରେ ଅଂଶଗ୍ରହଣ ଓ ଅର୍ଥନୈତିକ ସ୍ୱାଧିନତା ପ୍ରାପ୍ତି କ୍ଷେତ୍ରରେ ସଚେତନ କଳାତ୍ମକ ପ୍ରୋତ୍ସାହନ ଦେଉ ।

୩- ସାହିତ୍ୟିକ ବିବାହ, ମାତୃତ୍ୱ ତଥା ଯୌନସମ୍ପର୍କ ନିମିତ୍ତ ନାରୀର ବ୍ୟକ୍ତିଗତ ନିଷ୍ପତ୍ତି ଏବଂ ସ୍ୱାଧିନତାକୁ ମର୍ଯ୍ୟାଦା ପ୍ରଦାନ କରୁ ଏବଂ ଉକ୍ତ ସମ୍ପର୍କରେ ଆଧାରଭୂମି ସମ୍ପର୍କରେ ଉଚ୍ଚ ମୂଲ୍ୟବୋଧର ପୃଷ୍ଠପୋଷକତା କରୁ । ନାରୀର ଅନ୍ତରକୁ ସଂସ୍କାରମୁକ୍ତ କରି ନଡୁ ।

Digitized by srujanika@gmail.com

୪- ବେଦ-ପୁରାଣରେ ଥିବା ନାରୀ ବ୍ୟକ୍ତିତ୍ୱର ଯୁଗୋପଯୋଗୀ ବ୍ୟାଖ୍ୟା ତଥା ପାରମ୍ପରିକ ଧାରଣାରେ ପରିବର୍ତ୍ତନ ଆଣୁ ।

(ଦ୍ରଷ୍ଟବ୍ୟ— ଅହଲ୍ୟା-ସୀତା ଚରିତ୍ର, ନରେନ୍ଦ୍ର କୋହଲିଙ୍କ ରଚିତ ରାମାୟଣର ବ୍ୟାଖ୍ୟ)

୫- ଆଜିର ବିଜ୍ଞାନ ଯୁଗ ମଣିଷର ଶାରୀରିକ ସ୍ଥିତିକୁ ଗୌଣ କରିଦେଇଛି । ତେଣୁ ନାରୀର ପାରମ୍ପରିକ ଭୂମିକା ଓ ଶାରୀରିକ ସ୍ଥିତିକୁ ନେଇ ସମସ୍ତ ଅଚମାନ ମୂଲ୍ୟବୋଧ ବିରୋଧରେ ସାହିତ୍ୟିକ ସ୍ପଷ୍ଟ ଓ କଟୁ ସମାଲୋଚକ ସାଜୁ ଓ ନିର୍ଭୀକ ସତ୍ୟପ୍ରକାଶ ତାର ପ୍ରଧାନ ଅସ୍ତ୍ର ହେଉ । ସମାଜତତ୍ତ୍ୱର ବୈଜ୍ଞାନିକ ବିଶ୍ଳେଷଣ ଭିତ୍ତିରେ ନାରୀର ସମସ୍ୟାବଳୀ ଆଲୋଚିତ ହେଉ । କୌଣସି ରୋମାଣ୍ଟିକ ଭାବମୟତା ବା ନିର୍ମଳ ବିଶ୍ୱାସ ନୁହେଁ ଯୁକ୍ତିର ଭାବଭୂମି ଉପରେ ନାରୀକୁ ନିଜର ମନୋବଳର ସୌଧ ନିର୍ମାଣ କରିବାରେ ସାହିତ୍ୟିକ ସହାୟତା କରୁ ।

୬- ନାରୀକୁ କେନ୍ଦ୍ରକରି ନିଜକ ମନୋରଞ୍ଜନ କିମ୍ବା ସ୍ନାୟୁକୁ ପ୍ରଭାବିତ କରିବାର ହୀନ ଚେଷ୍ଟାକୁ ସାହିତ୍ୟରେ ନିରୁତ୍ସାହିତ କରାଯାଉ ତଥା ସାହିତ୍ୟ ଚିନ୍ତା-ଶକ୍ତିକୁ କ୍ରିୟାଶୀଳ କରିବା ନିମନ୍ତେ ଅନୁପ୍ରେରିତ ହେଉ- ନାରୀ ସୃଷ୍ଟି ମାଦକତା ନହୋଇ ସ୍ୱୟଂପୂର୍ଣ୍ଣା ହେଉ- ଶକ୍ତି ହେଉ.... କଲ୍ୟାଣୀ ହେଉ ।

କୌଣସି ସମାଜରେ ନାରୀର ସମ୍ମାନ ଓ ସ୍ଥିତିରେ ଅବକ୍ଷୟ ଘଟିଲେ ଶିଶୁର ସ୍ଥାନ ଆପେ ଆପେ ତଳକୁ ଖସିଆସେ ଓ ଭବିଷ୍ୟତର ସମାଜ ଦୁର୍ବଳ ହୋଇପଡ଼େ । ସମାଜ ଇତିହାସରେ ଏହାର ଯଥେଷ୍ଟ ପ୍ରମାଣ ରହିଛି । ତେଣୁ ନାରୀ ହୁଅନ୍ତୁ ବା ପୁରୁଷ ହୁଅନ୍ତୁ ପ୍ରତି ଚିନ୍ତାଶୀଳ ମନୁଷ୍ୟ ବିଶେଷ କରି ସମାଜ ଚେତନାର ବିଧାୟକ ସାହିତ୍ୟିକ ଏ ଦିଗରେ ବିଶେଷ ଅନୁଶୀଳନାତ୍ମକ ଦୃଷ୍ଟି ଦେବା ବାଞ୍ଛନୀୟ ।

ମୁଖ୍ୟ ଅଧ୍ୟାପିକା
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ତ୍ରିଲୋଚନ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା- ୭୫୪୨୧୧

Digitized by srujanika@gmail.com

ନାରୀ ଓ ତାର ଅଧିକାର

ଶ୍ରୀମତୀ ଭାରମଣି ଆର୍ଯ୍ୟ

ସାମାଜିକ ନ୍ୟାୟ ଓ ଅନ୍ୟାୟ ପ୍ରତି ଭ୍ରୂକ୍ଷେପ ନକରି କର୍ତ୍ତବ୍ୟତା ପ୍ରତି ବୋଧଗମ୍ୟତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ତ୍ୟାଗର ପ୍ରତିମୂର୍ତ୍ତୀ ଧାରଣକରି ଆଗେଇ ଚାଲିବା । ଅତୀତ, ବର୍ତ୍ତମାନ, ଭବିଷ୍ୟତ ସାଙ୍ଗୋପାଙ୍ଗ ଭାବରେ ଜଡିତ ଥିବାରୁ ବିବେକ ନୁମୋଦିତ ବିଚାର ଧାରାକୁ ନେଇ, ଉଚିତ ଓ ଅନୁଚିତ ପ୍ରତି ବିଶ୍ଳେଷଣାତ୍ମକ ନୀତି ଗ୍ରହଣ କରି ନିପୁଣତାର ପରାକାଷ୍ଠା ପ୍ରତିପାଦିତ କରିବା ଏକାନ୍ତ ଆବଶ୍ୟକ । ନାରୀ ନୈତିକତା ପ୍ରତି ଈଶ୍ବରପର ହୋଇ କର୍ତ୍ତବ୍ୟ ପରାୟଣତା ପ୍ରତି ଜାଗରୁକ ରହି, ପ୍ରତି ଛନ୍ଦେ ଛନ୍ଦେ ଯାହାକି ଯାଜ୍ଜୁଲ୍ୟତା ରୂପ ଧାରଣ କରି ରହିଅଛି । ଯଥା—ପ୍ରଥମତଃ ତାର ତ୍ୟାଗ ମଧ୍ୟରେହିଁ ପ୍ରତିଫଳିତ ହୋଇ ଦ୍ୱିତୀୟତଃ ସମାଜ ନିକଟରେ ଗୃହରୁହିଁ ମନୁଷ୍ୟ ରୂପରେ ମନୁଷ୍ୟ ଦଣ୍ଡାୟମାନ ହୋଇ ଦେଶର ନୈତିକତାକୁ ପ୍ରତିହତ କରିଥାଏ । ମାନବିକତାର ମୂଲ୍ୟବୋଧ ସନ୍ତାନ ସନ୍ତତିଙ୍କ ମଧ୍ୟରେ ଅଧିକନ୍ତୁ ମାତାଠାରୁହିଁ ପ୍ରତିଫଳିତ ହୋଇଥିବା ପ୍ରକାଶ । ନାରୀ ଜାତିହିଁ ମାତା ହେବା ସହଜସାଧ୍ୟ, ନାରୀଜାତି ପଶୁ ପକ୍ଷୀ ଠାରୁ ଆରମ୍ଭ କରି ନିଜର ସନ୍ତାନ ସନ୍ତତି ପ୍ରତି ମମତା ଆଚରଣରୁହିଁ, ମାଆ ନାମରେ ଆଖ୍ୟାହିତ ହୋଇଥିବା ଅନୁଭୂତ ହୁଏ । ମାତ୍ର ମାତାର ମୌଳିକ ରୂପ ସନ୍ତାନ ସନ୍ତତିଙ୍କ ମଧ୍ୟରେ ମାନବିକତାର ମୌଳିକତା ପ୍ରତିପାଦିତ ହୋଇଥାଏ । କାରଣ ଯେଉଁ ମାଆର ସନ୍ତାନ ସନ୍ତତି ପୃଥିବୀର ମନୁଷ୍ୟ ସମାଜ ଆଗରେ ମନୁଷ୍ୟ ପଦବାଚ୍ୟ ରୂପରେ ଗଣନା ହୋଇନାହାନ୍ତି କିମ୍ବା ହେଉନାହାନ୍ତି, ସେହି ନାରୀ, ମାତା ରୂପରେ ପରିଗଣିତ ହେବା ଉଚିତ ନୁହେଁ । ନାରୀ ମାତାର ଆଖ୍ୟାଲାଭ କରିଥିବା କାରଣ, ମମତା ହେତୁହିଁ ମାଆ ଆଖ୍ୟା ଗ୍ରହଣ କରିଅଛି ଓ ବୈଦିକ ତାରତାମ୍ୟିକତା ହୃଦୟରେ ବହନ କରିଥିବା ହେତୁହିଁ, ତାର ଗରିଷ୍ଠତା ଗୌରବମୟ ଅଧ୍ୟାୟ ବହନ କରି ମାତା ନାମରେ ପରିଚିତା । ତେଣୁ ଯାହାର ସନ୍ତାନ ସନ୍ତତି ପୃଥିବୀ ନିକଟରେ ମନୁଷ୍ୟ ରୂପରେ ପରିଗଣିତ ହେଉଥାନ୍ତି ସେହି ନାରୀ ମାତା ରୂପରେ ପରିଗଣିତ ହୋଇଥାଏ । ସେଇଥିପାଇଁ କଥିତ ଅଛି ମାଆ ହେବା ସହଜସାଧ୍ୟ, କିନ୍ତୁ ମାତା ହେବା ସହଜସାଧ୍ୟ ନୁହେଁ । ନାରୀର ପବିତ୍ରତା, ଇନ୍ଦ୍ରିୟ ବଶିକରଣ ନୀତି ଅଧିକାରର

Digitized by srujanika@gmail.com

ପରକାଷ୍ଠା, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ରୂପରେ ବିଦ୍ୟମାନ । ବ୍ରହ୍ମା ଯେପରି ଧର୍ମଠାରେ ବିଶ୍ୱାସ କରି, ଭରତ ପ୍ରତିଷ୍ଠା କରି ପାରିଥିଲେ । ଯଥା—ଧର୍ମୋବିଶ୍ୱ-ସ୍ରଜତେ ପ୍ରତିଷ୍ଠା ତଥା ନାରୀ ନିଜର କର୍ତ୍ତବ୍ୟ କରି ଚାଲିଥାଏ । ବିଷ୍ଣୁ ଯେଉଁଭଳି ଜୀବ ଜଗତକୁ ପାଳନ ନୀତି ଗ୍ରହଣ କରି ନୈତିକତା ସହିତ ଆଗେଇ ଚାଲିଛନ୍ତି ନିଜର କର୍ତ୍ତବ୍ୟବୋଧତା ଉପରେ । ସେହିଭଳି ନାରୀ କୁଟୁମ୍ବର ପ୍ରତିପାଳନ ପାଇଁ ଯତ୍‌ପରୋନାସ୍ତି ପରିଶ୍ରମ କରିଚାଲିବା ପାରିଶ୍ରମିକତା ପାଇବା ପାଇଁ ନୁହେଁ । ତ୍ୟାଗର ତାତ୍ତ୍ୱିକତା ଉପରେହିଁ ପାଦ ପକାଇ ଗତି କରିଚାଲିବ । ମହେଶ୍ୱର, ଯେଉଁଭଳି କାର୍ପଣ୍ୟତା ଦେଖି ଆଶିର୍ବାଦ କରିଥାନ୍ତି କିମ୍ବା ଧୃଷ୍ଟତାର ଦାରୁଣତା ସ୍ୱରୂପ ଅଭିଶାପ ନୀତି ଗ୍ରହଣ କରି ନୈତିକତାର ଆସ୍ଥାକୁ ଲୋକ ଲୋଚନକୁ ଆଣି ନ୍ୟାୟ ଅନ୍ୟାୟର ଦିଗଦର୍ଶନ ସ୍ୱରୂପ ସମାଜ ନିକଟରେ ଉପସ୍ଥାପିତ କରିଥାନ୍ତି । ତାହା ମଧ୍ୟ, ପରିବେଶ ପରିବେଷ୍ଟନୀ ଅନୁଯାରେ ଗ୍ରହଣ କରିଚାଲିଛି, ଆଉ ମଧ୍ୟ ପ୍ରଳୟର ସ୍ୱରୂପକୁ ନେଇ, ତାଙ୍କର ଯଥାର୍ଥତା ପ୍ରତିପାଦନ କରିଥାନ୍ତି, ସୃଷ୍ଟି, ସ୍ଥିତି ଓ ପ୍ରଳୟ । ସେହିଭଳି ନାରୀ ଗୃହରେହିଁ ରହି ତାର ସନ୍ତାନ, ସନ୍ତତିଙ୍କୁ ବହିର୍ଜଗତକୁ ଛାଡେ ଏବଂ ନିଜେ ମଧ୍ୟ ଆସେ । ଉପରୋକ୍ତ ନୀତିଗୁଡିକୁ ତାର ଜୀବନରେ ଅବଧାରଣ କରି ଚାଲିଛି, ମାତ୍ର ସମୟର ସାଧୁତା କିମ୍ବା ଅସାଧୁତା ଅବଲୋକନ କରି, ମୈତ୍ରେୟୀ, ଗାର୍ଗି, ଅଥବା, ଚଣ୍ଡୀ ରୂପ ଧାରଣ କରି ଜାଜ୍ଜୁଲ୍ୟତା ପ୍ରକାଶ କିମ୍ବା ଅପ୍ରକାଶ ରୂପରେ ଦୃଷ୍ଟିଗୋଚର ହେଉ-ଥିବ । ଆଉ ମଧ୍ୟ ଷଡଶତ୍ରୁ ଯେଉଁଭଳି ଭାବରେ ସମସ୍ତଙ୍କୁ ଆକ୍ରମଣ କରୁଅଛନ୍ତି ତାହା ସମସ୍ତଙ୍କୁ ବିଦିତ; କିନ୍ତୁ, ନାରୀମାନଙ୍କଠାରୁ ଅଧିକାଂଶ କ୍ଷେତ୍ରରେ ପରସ୍ତ ହୋଇ ପଶ୍ଚାଧାବନ କରୁଅଛନ୍ତି । ନାରୀଜାତି ଏହି ଷଡଶତ୍ରୁ (କାମ, କ୍ରୋଧ, ଲୋଭ,ମୋହ, ମଦ ଓ ମାତ୍ସର୍ଯ୍ୟ)କୁ ଦମନ କରି ବିଜୟିନୀ ହୋଇଅଛନ୍ତି ଯଥା— ଅନୁସୂୟା, ବ୍ରହ୍ମା, ବିଷ୍ଣୁ ମହେଶ୍ୱର କାମନାର ବଶବର୍ତ୍ତୀ ହୋଇ ତାର ସତୀତ୍ୱକୁ ଲୁଣ୍ଠନ କରିବା ପାଇଁ ତାଙ୍କ ନିକଟରେ ଉପସ୍ଥିତ ହୋଇଥିଲେ । ମାତ୍ର ନାରୀ ସତୀତ୍ୱର ଚତୁର୍ଥୀର ପରକାଷ୍ଠା ସ୍ୱରୂପ, ତିନି ଦେବତାଙ୍କୁ ଦେଖିଲାକ୍ଷଣି ପ୍ରଣାମ କରି, ସତୀତ୍ୱର ଆଭାରେ ସେମାନଙ୍କୁ ହତପ୍ରଭ କରିଥିଲାଭଳି ନୀତି ଏହିଠାରେ ବ୍ୟବହାରିକ ରୂପ ପାଇଅଛି । ଯଥା— ଛ, ଛ ମାସର ଶିଶୁ ରୂପରେ ପରିଣତ କରିଥିବା ପ୍ରକାଶ । କାହିଁକି ତା ସେମାନେ ତା'ଙ୍କ ସ୍ତନ୍ୟପାନ କରିଥିବା କହିଥିଲେ ଓ ଆଶିର୍ବାଦ ମାଗିଥିଲେ । ତେଣୁ ନାରୀର ଚତୁରତାହିଁ, କିନ୍ତୁ ସେ ତ୍ୟାଗର ମୂଲ୍ୟ ସମାଜ ଆଜି ପର୍ଯ୍ୟନ୍ତ ହୃଦୟଙ୍ଗମ କରିପାରିନାହିଁ । ସବୁଠାରୁ ଦୁଃଖଦାୟକ ବିଷୟ ଏହି ଯେ ନାରୀ ଜାତି ଜାତୀୟତା ପାଇଁ ଲୁପ୍ତ ପରି ମନେ ହୁଏ । ପ୍ରମାଣ ସ୍ୱରୂପ ଯୌତୁକ ନିଆସାଜ, ଯୌତୁକ ଜନିତ ବ୍ୟାଧି ସମାଜରେ ଏଭଳି ଭାବରେ ପରିବ୍ୟାପ୍ତ ହୋଇଛି ଯେ ତାହା ସମସ୍ତଙ୍କୁ ଜଣା । କିନ୍ତୁ ପ୍ରଶ୍ନବାଚୀ ? ଏଇଥିପାଇଁ

Digitized by srujanika@gmail.com

ନାରୀମାନେହିଁ ଦାୟୀ ନୁହଁନ୍ତିକି ? ଯେତେବେଳେ ସେ ଶାଶୁ ହୋଇଯାଏ, ସେ ନିଜର ଅତୀତକୁ ଭୁଲିଯାଏ ଏବଂ ବର୍ତ୍ତମାନକୁ ଏଭଳି ଭାବରେ ସେ ଧାରଣ କରେ ଯେପରି ତୋନାଡି, ନୈତିକତା ପ୍ରତି କୁଠାରଘାତ କରେନ୍ତକି ? ନାରୀ ନୈତିକତାର ପ୍ରତିମୂର୍ତ୍ତୀ ଏଠାରେ କାହିଁକି ସେ ଚେତନାକୁ ମୃତବତ୍ କରିଦିଏ । ଭବିଷ୍ୟତ ପ୍ରତି ଦୃଷ୍ଟି ଦିଏ କି ? କାହିଁକି ଅଛି ଯାହା ଭୁଲ ହେଉ ବା ଠିକ୍ ହେଉ ଭବିଷ୍ୟତରେ ତାର ପରିଣାମ ଭୋଗ କରିବାକୁ ପଡିବ ନାହିଁକି ? ଆଉ ମଧ୍ୟ କ୍ଷମତାଶୀଳମାନେ ନିଜର କ୍ଷମତାକୁ ଏମିତି ଅପବ୍ୟବହାର କରି ଚାଲିଛନ୍ତି, ଯାହାକି କହିବା ସହଜସାଧ୍ୟ କିନ୍ତୁ କାମରେ ପରିଣତ କରିବା ଠିକ୍ ତାର ବିପରୀତମୁଖୀ ଅନୁଭୂତ ହୁଏ ।

ନାରୀର ଅଧିକାର କଣ ? ଅଚ୍ଛା, ସମ୍ବିଧାନରେ ୧୯୫୬ ମସିହାରେ ପିତା ସମ୍ପତ୍ତିର ଉଭୟ ପୁଅ ଝିଅଙ୍କର ସମାନ ଭାଗ ରହିଛି ବୋଲି ଉଲ୍ଲେଖିତ କରାଯାଇଛି । ସେଥିପାଇଁ ତ କହିବାର ସମୟ ନାହିଁ । ସେଥିପାଇଁ ମୋର ଲିଖିତ ନାରୀ ବିବାହରେ ସମସ୍ତେ ଦୃଷ୍ଟି ପକାଇବା ଉଚିତ । ଏହା ମଧ୍ୟରେ ତା'ର ଦିଗ୍‌ଦର୍ଶନ ମୁଁ ଦେଇଦେଇଛି । ସମୟର ମୂଲ୍ୟ ମାନବିକତା ମଧ୍ୟରେ ନିହୀତ । ଯାହାକି ମାତା ଦ୍ୱାରହିଁ ପ୍ରତିଫଳିତ ହୋଇଥିବାହିଁ ପ୍ରକାଶ । ଏଇଟା ମଧ୍ୟ ତାର ଅଧିକାର ମଧ୍ୟରେ ପ୍ରବେଶ କରିଛି । ଆତ୍ମସଂଯମ ନୀତି ସହ ଆବଶ୍ୟକତା ଅନୁସାରେ ସେ ପାଞ୍ଚ ସ୍ଥାନର ଅଧିକାରିଣୀ ହୋଇପାରିଛି । ଯଥା- କନ୍ୟା, ଜାୟା, ଜନନୀ, ଭଗିନୀ ଓ ମାତା । ମନୁଷ୍ୟ ଶରୀର ଯେଭଳି ଦୁଇ ଭାଗରେ ବିଭକ୍ତ ହୋଇଛି ଡାହାଣ ଓ ବାଁ, ସେଭଳି ଭାବରେ ନାରୀ ଓ ପୁରୁଷ ଲିଙ୍ଗ ପ୍ରଭେଦ ହୋଇପାରେ କିନ୍ତୁ ଅମୃତ ପୁରୁଷ ଯିଏ ନାରୀ ନାହିଁ । କିନ୍ତୁ ତାକୁ ଏଭଳି ଉପେକ୍ଷା କାହିଁକି କରାଯାଉଛି ? ପୁରୁଷକୁ ପ୍ରଭୁ ନାରୀକୁ ଦାସୀ । ପ୍ରମାଣ ସ୍ୱରୂପ, ଘରେ ଯାହାକିଛି ହୁଏ ମାଲିକ ନାଁରେ ହୁଏ । ଘରକରର ଯେଉଁଠି କିଛି ଭୂମିକା ନାହିଁ, ସେଭଳି ନାରୀର ଅବସ୍ଥା କହିଲେ ଚଳେ । ପ୍ରମାଣ ସ୍ୱରୂପ ପ୍ରକାଶ କରିବାକୁ ବାଧ୍ୟ ପଡିକର ହେଲି ସେ ସନ୍ତାନ ସନ୍ତତିଙ୍କର ପରିଚୟ ପ୍ରଦାନରେ ପିତାର ନାମକୁହିଁ ରଖାଯାଇଛି । ମାତାର ନାମ ସହିତ କୌଣସି ସମ୍ପର୍କହିଁ ନାହିଁ । ମାତା ସେଠାରେ ମୃତବତ । ପୃଥିବୀର ମନୁଷ୍ୟ ସମାଜକୁ ମୁଁ ପଚାରୁଅଛି ଯେ ମାନବିକତାର ମୂଲ୍ୟବୋଧ ଏହିଠାରେ ମୂଲ୍ୟହୀନ ହୋଇ ଯାଇଛି କି ? ତେଣୁ ଆଜି ବିଜ୍ଞାନ ଯୁଗ ବୋଧହୁଏ ତା'ର ପରାକାଷ୍ଠା ନେଇ ଆଗେଇ ଚାଲିବାର ଇଚ୍ଛା ପ୍ରକାଶ କରିଥିବାରୁ ଏହି ନୀତି ପ୍ରକାଶ କରିବା ପାଇଁ ମୁଁ ବାଧ୍ୟ ପଡିକର ହେଲି । କାହିଁକି ନା ଏହା ନ୍ୟାୟବ, ଧାର୍ମିକତାର ଲୌକିକତାକୁ ସବୁଧାରଣ ସ୍ୱରୂପ ସନ୍ତାନ ସନ୍ତତିଙ୍କର ପରିଚୟ ପ୍ରଦାନ କ୍ଷେତ୍ରରେ

Digitized by srujanika@gmail.com

ପୁରୁଷ ସହିତ ନାରୀର ନାଁ ଉଲ୍ଲେଖିତ ରହିବା ଏକାନ୍ତ ଅପରିହାର୍ଯ୍ୟ ହୋଇ ପଡିଛି । ଏହାହିଁ କାମନା କରି ସମତାର ମାନଦଣ୍ଡ ରକ୍ଷା କରିବା ପାଇଁ ମୋର କ୍ଷୁଦ୍ରମତିକୁ ଏଠାରେ ପ୍ରକାଶ କରେ । ତେଣୁ ଆଜି ସାହିତ୍ୟିକ ମହିଳାଗଣ ଓ ପୁରୁଷମାନେ ମଧ୍ୟ ଏ କ୍ଷେତ୍ରରେ ସମସ୍ତେ ଏହି ନ୍ୟାୟକୁ ନିକିତୀର ରୂପ ଦେଇ ନାରୀ ପୁରୁଷ ଉଭୟର ମାନ ମର୍ଯ୍ୟାଦା ସହିତ ଧାରଣ କରି ଆଗେଇ ଚାଲିବେ ଏହି ଆଶା ।

ଆଉ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ପୁରୁଷ ନାରୀ ଏଭଳି କୌଣସି ସ୍ଥିତି, ପରିସ୍ଥିତିକୁ ଅବଲୋକନ କରି ନାରୀ ଜାତି ଦେଶ ପ୍ରତି ଏଭଳି ଓତଃ ପ୍ରୋତଃ ଭାବରେ ଜଡିତ ହୋଇଗଲେଣି ଅକ୍ଷର ଶିଖି ନଥିବା ସ୍ତ୍ରୀଲୋକ ମଧ୍ୟ ହାଣ୍ଡିଶାଳ ଛାଡି ସଂଗ୍ରାମରେ ଯୋଗ ଦେଇଥିଲେ । ତେଣୁ ନାରୀ ଜାତି ପାଇଁ ଏଭଳି ନୀଚ ମନବୃତ୍ତି କାହିଁକି ? କିନ୍ତୁ ମୁଁ ଦୁଃଖର ସହିତ କହିବାକୁ ବାଧ୍ୟ ପରିକର ହେଲି ଯେ ଏହା ମୋର ନିଜର ଗବେଷଣା, ନାରୀ ଜାତି ନିଜ ଜାତି ପ୍ରତି ସୁପ୍ତ ଭଳିହିଁ ମନେହୁଏ । ପାଞ୍ଚସ୍ଥାନର ଅଧିକାରିଣୀ ହୋଇ ମଧ୍ୟ ଏଭଳି ଚେତନା ସୃଷ୍ଟି କରୁନାହିଁ କାହିଁକି ? ଏ କର୍ତ୍ତବ୍ୟ ନାରୀର । ଯେଉଁଭଳି ସମାଜରେ ସମତା ପ୍ରତିଷ୍ଠା ହୋଇପାରିବ । ମୁଁ ବିଶ୍ୱକୁ ଦାବୀ କରୁଛି ଯେ ଘର ବିଶ୍ୱବିଦ୍ୟାଳୟ ମାତା ହେଉଛନ୍ତି ତାର ଅଧ୍ୟକ୍ଷା । ସିଏ ଯେଉଁଭଳି ଶିଶୁକୁ ଗଢିବେ ସେ ସେଭଳି ହେବେ । ତେଣୁ ପିଲାଙ୍କ ମନରେ ନାରୀ ଓ ପୁରୁଷ ଉଭୟ ସମାନଭାବରେ ଅଛନ୍ତି ବୋଲି ଧାରଣା କରାଇବା ଆବଶ୍ୟକ । ତେଣୁ ନାରୀଜାତି ଅଧିକାର ପାଇବା ପାଇଁ କର୍ତ୍ତବ୍ୟ ପରାୟଣତାର ପରାକାଷ୍ଠା ଦେଇ ଆଗେଇ ଚାଲୁ ମୋର ଆଶା ଓ କାମନା ।

ସମାଜସେବୀ, ସ୍ୱାଧୀନତା ସଂଗ୍ରାମ ଓ ଲେଖିକା
ବାରଙ୍ଗଡିଆ, କଟକ ।

Digitized by srujanika@gmail.com

ନାରୀଜାତିର ସମ୍ମାନ ଓ ତାର ଅଧିକାର ସୁରକ୍ଷା ଦିଗରେ ଲେଖିକାଙ୍କ ଭୂମିକା :

ଅଧ୍ୟାପିକା : ଶ୍ରୀମତୀ କିରଣବାଳା ରଥ

ସ୍ୱାଧୀନତା ପ୍ରାପ୍ତିର ବିଗତ ଛଅଗୋଟି ଦଶନ୍ଧି ମଧ୍ୟରେ ଭାରତରେ ନାରୀ ଶିକ୍ଷାର ପ୍ରଚଳନ ଓ ପ୍ରଗତିକୁ ଆଖି ଆଗରେ ରଖି ଏଯାବତ୍ ନାରୀ ଜାଗରଣ, ନାରୀର ସ୍ୱାଭିମାନର ସମ୍ମାନ ନିରୂପଣ ଓ ନାରୀ ସମାଜରେ ମାନବିକ ଅଧିକାରର ପ୍ରଶ୍ନ ଉଠାଇଲା ବେଳେ ମନେହୁଏ, ବିଶ୍ୱ ମାନବିକ ଘୋଷଣାପତ୍ର (୧୯୪୮) ଏବଂ ଭାରତର ସମ୍ବିଧାନ (୧୯୫୦) ନାରୀକୁ ପୁରୁଷ ସହିତ ସାମ୍ବିଧାନିକ ସମାନତା ଦେବା ସତ୍ତ୍ୱେ ନାରୀ ତଥାପି ସ୍ୱଚ୍ଛନ୍ଦ ଜୀବନର ସ୍ୱାଦ ଉପଲବ୍ଧି କରିନାହିଁ । ଏହାର ବହୁବିଧ କାରଣ ଗୁଡିକ ମଧ୍ୟରୁ ସବୁଠାରୁ ମୁଖ୍ୟ ଓ ପ୍ରଧାନ କାରଣ ହେଉଛି—ପୁରୁଷର ଯାହା ସମସ୍ୟା, ନାରୀର ସମସ୍ୟା ତାହା ନୁହେଁ, ପୁରୁଷ ପାଇଁ ଯାହା ସାମାଜିକ ବାଧା ବା ପ୍ରତିବନ୍ଧକ ନାରୀ ପାଇଁ ତାହା ନୁହେଁ, ନାରୀର ଶାରୀରିକ ଗଠନ, ପ୍ରାକୃତିକ ନିୟମର ପରିଚର୍ଯ୍ୟା ପୁରୁଷଠାରୁ ଭିନ୍ନ । ତଦନୁଯାୟୀ ତା'ର ଦେହ, ମନ ଓ ଆତ୍ମାର ଅନୁଭବ ଭିନ୍ନ । ଚିନ୍ତାଧାରା, କାର୍ଯ୍ୟକାରୀତା ଶକ୍ତି, ବୁଦ୍ଧିମତ୍ତାରେ ପୁରୁଷ ସହ ସେ ସମାନ ହୋଇ ପାରିବା ସ୍ଥଳେ ନାରୀର ଏକ ସ୍ୱତନ୍ତ୍ର ସ୍ୱାଭିମାନ, ସାମାଜିକ ସମ୍ମାନ ତଥା ତା'ର ଅଧିକାରର ସମ୍ମାନ ସେ ସବୁବେଳେ ସମାଜଠାରୁ ଆଶା କରିଛି । ଯେଉଁ ବ୍ୟକ୍ତିମାନେ ଭାବନ୍ତି, ସାମାଜିକ ସମସ୍ୟାର ଦୂରୀକରଣରେ ନାରୀ ଜାତିର ସମସ୍ୟା ଓ ସ୍ୱାଭିମାନ ସୁରକ୍ଷା ସହଜସାଧ୍ୟ ହୋଇ ପାରିବ, ବସ୍ତୁତଃ ତାହା ଠିକ୍ ନୁହେଁ । ନାରୀଜାତିର ସମ୍ମାନ ରକ୍ଷା ନିମିତ୍ତ ଯେତିକି ମାନବିକ ଆବେଦନ ଓ ସଂପ୍ରୀତିର ଆବଶ୍ୟକତା, ନାରୀ ନିଜ ଭିତରେ ନିଜର ଅନ୍ତରାଣ ବ୍ୟକ୍ତି ତାର ପ୍ରକୃତ ପରିଚୟକୁ ଉପଲବ୍ଧି କରିବା । ସେଥିନିମନ୍ତେ ଆତ୍ମ ସଂଶ୍ଳେଷଣ ବା ସମୀକ୍ଷା କରିବା ସର୍ବାପେକ୍ଷା ଅଧିକ ପ୍ରୟୋଜନ ।

ଅନେକେ କହିଛନ୍ତି, ବହୁ ଉଦାହରଣରୁ ଏହା ସ୍ପଷ୍ଟ ହୋଇଛି ଯେ ନାରୀ ନିଜ ଗୁଣ ଅନୁଯାୟୀ ନିଜେହିଁ ଅନେକତଃ ଏବଂ ଧନଗ କାରଣ ହୋଇ

Digitized by srujanika@gmail.com

ପଡ଼ିଛି । ତା ନହୋଇଥିଲେ ଯୁଗ ଯୁଗ ଧରି ପୁରୁଷ କେବଳ ତା'ର ନିଜ ଶକ୍ତି ବା ଇଚ୍ଛାକରି ନାରୀକୁ ତାର ଅଧୀନସ୍ଥ କରି ରଖି ନଥାନ୍ତା । ନାରୀର ଆତ୍ମିକ ସଚେତନତା ସବୁରି ଊର୍ଦ୍ଧ୍ୱରେ ନାରୀ ଜାତିର ସ୍ୱାଭିମାନ, ନାରୀ ସମାଜରେ ତା'ର ସ୍ଥିତି, ସାମ୍ୟିତ୍ୱ, ଅଧିକାର ତଥା ମର୍ଯ୍ୟାଦାକୁ ଯେ ଅକ୍ଷୁର୍ଣ୍ଣ ରଖି ପାରିବ, ଏଥିରେ ଦ୍ୱିମତ ହେବାର କିଛି ନାହିଁ । ଆଜିର ଅଗ୍ରଗତି ଯୁଗରେ ନାରୀ ଆଜି ସମାଜର ବିଭିନ୍ନ ସ୍ତରରେ ବିଭିନ୍ନ ସ୍ଥାନରେ ବିଭିନ୍ନ କର୍ମରେ ନିଯୁକ୍ତ ହୋଇଛି । କର୍ମଜୀବନ ସଂପୃକ୍ତ ମହିଳା ମାନଙ୍କଠାରୁ ଆରମ୍ଭ କରି ଦିନ ମଜୁରିଆ ମହିଳା ଶ୍ରମିକ ପର୍ଯ୍ୟନ୍ତ ସମସ୍ତ ନାରୀଜାତିର ସମ୍ମାନ ରକ୍ଷା କରୁଥିବା ପାଇଁ ନାରୀର ଆତ୍ମିକ ଉପଲବ୍ଧି, ନିଜକୁ ନିଜେ ଆବିଷ୍କାର କରିବା ଗୁଣହିଁ ହେବ ତା'ର ରକ୍ଷା କବଚ — ପୁରୁଷର ଶକ୍ତି ଓ ବାହୁବଳ ଅପେକ୍ଷା ଯାହାର ବଳ ସର୍ବଦା ଅଧିକ ।

ତେବେ ଏ ଲେଖାର ଉଦ୍ଦେଶ୍ୟ ହେଉଛି, ନାରୀ ସମାଜର ସମ୍ମାନ ତଥା ତା'ର ଅଧିକାର ସଂପର୍କରେ ଯେଉଁ ଆଲୋଚନା ବା ଆନ୍ଦୋଳନ ଆବଶ୍ୟକ ସେଥି ନିମନ୍ତେ ନାରୀ ଲେଖିକା ମାନଙ୍କର କର୍ତ୍ତବ୍ୟ କ'ଣ ହେବା ଉଚିତ ।

ଦେଖାଯାଏ, ଏଯାବତ୍ ଯେଉଁ ନାରୀ ଲେଖିକାମାନେ ସେମାନଙ୍କ ସୃଜନଶୀଳ ଗଳ୍ପ, ଉପନ୍ୟାସ, କବିତା ତଥା ପ୍ରବନ୍ଧ ଗୁଡ଼ିକ ଲେଖି ଖ୍ୟାତି ଅର୍ଜନ କରିଛନ୍ତି, ସେମାନେ ମଧ୍ୟ ନାରୀର ମୂଳ ସମସ୍ୟା କଥା ବିସ୍ତୃତ ପରିସରକୁ ଆଣି ନାହାନ୍ତି ଯଦିବା ଆଣିଛନ୍ତି, ସମାଧାନର ପଥ ନିର୍ଦ୍ଦେଶ କରିବାରେ କୁଣ୍ଠା ପ୍ରକାଶ କରିଛନ୍ତି । ତେଲ, ଲୁଣ ସଂସାର ଭିତରେ ସ୍ୱାମୀ ଆଜ୍ଞା ପାଳନ, ସନ୍ତାନ ଲାଳନ ପାଳନ ବା ବନ୍ଧୁବର୍ଗ ତଥା ପରିବାର ବର୍ଗ ସହ ଚଳଣି ଭିତରେ ଯେଉଁ ସମସ୍ୟା ଗୁଡ଼ିକ ଆସିଛି, ସେ ଭିତରର ମାନସିକ ସଂଘର୍ଷର ଚିତ୍ର ନାରୀ ଲେଖିକାଙ୍କ ଲେଖା ଗୁଡ଼ିକରେ ଫୁଟିଛି, ଯୌନ ମନସ୍ତତ୍ତ୍ୱର ଚିତ୍ର ଫୁଟିଛି—ନାରୀର ଅସହାୟତା ଫୁଟିଛି—ବୈଧବ୍ୟର ଯନ୍ତ୍ରଣା ଫୁଟିଛି—କିନ୍ତୁ ସେଥିରେ ନାରୀର ମୁକ୍ତିର ବାଟ ଫିଟିନାହିଁ ।

ପୁରୁଷ ନିଜେ ନାରୀକୁ ବୁଝି ମୁକ୍ତ ବୋଲି ଘୋଷଣା କରିନାହିଁ—ହୃଦୟର ସହ ମୁକ୍ତି ଇଚ୍ଛା କରିନାହିଁ । ତେବେ ପାରସ୍ପରିକତା କିପରି ସମ୍ଭବ ? ନାରୀର ମୁକ୍ତି ରହୁଁ ନଥିବା ସ୍ୱାମୀର ବଶମ୍ବଦ ହେବା ଭିତରେ ଯେଉଁ ଅସତ୍ୟ, ଛଳନା

Digitized by srujanika@gmail.com

ରହିଛି, ସେଥିରୁ ମୁକ୍ତିର ପଥ ଆଲୋକିତ ହେବ କିପରି । ଅନ୍ତରାତ୍ମାର ମୁକ୍ତିହିଁ ପ୍ରକୃତ ନାରୀ ମୁକ୍ତି । ନାରୀର ବାହ୍ୟ ମୁକ୍ତି ଆବଶ୍ୟକ ନାହିଁ, ସାମ୍ବିଧାନିକ ମୁକ୍ତି ବା ସମାନତା ଅଧିକାର ତା ପାଇଁ କେବଳ ବଡ଼ କଥା ନୁହେଁ, ସେ ପ୍ରାଣର ସମସ୍ତ ସଂବେଦନ ସହ ଆତ୍ମାର ମୁକ୍ତି ଲୋଡ଼େ । ଲେଖିକାମାନେ ସେମାନଙ୍କ ଲେଖା ଗୁଡ଼ିକରେ ନାରୀର ଆତ୍ମିକ ମୁକ୍ତି ଆନ୍ଦୋଳନ ସଂପର୍କରେ ଜାଗରଣ ସୃଷ୍ଟି କରାଇବା ପ୍ରୟୋଜନ ।

ଅନେକ କ୍ଷେତ୍ରରେ ଦେଖାଯାଇଛି, ନାରୀର ଯୌନକ୍ଷୁଧା, ଅତୃପ୍ତ ଭୋଗ ଲାଳସା, କର୍ମଜଂଜାଳ ବିମୁଖତା, ପାରିବାରିକ ତଥା ଅର୍ଥନୈତିକ ମୁକ୍ତତା, ଏକ ପ୍ରାଚୁର୍ଯ୍ୟମୟ ପରିବେଶ ପାଇଁ ଲାଳାୟିତ ହୋଇ ଉଠୁଥିବା ଭୋଗ ପ୍ରବଣ ନାରୀ ମନସ୍ତତ୍ତ୍ୱ ଯେଉଁ ପନ୍ଥା ଖୋଜି ବସେ, ଯେଉଁଥିରେ ତା'ର ଅଧିକାର ଅଛିକି ନାହିଁ, ପଢ଼ିବା ଅଛି, ସେ ଅଧିକାର ଗୁଡ଼ିକ ନାରୀର ସ୍ୱଚ୍ଛନ୍ଦ ଜୀବନଯାପନ ପାଇଁ ସାମ୍ବିଧାନିକ ଅଧିକାର ହେଲେ ମଧ୍ୟ ମାନବିକ କି ନାହିଁ, ସେ ବିଚାର ନାରୀ ନିଜେ କରିବା ଆବଶ୍ୟକ ।

ନାରୀର ସ୍ୱଭାବରେ ଯେଉଁ ପାର୍ଥକ୍ୟ ଓ ଭିନ୍ନତା ରହିଛି, ତଦନୁଯାୟୀ ନାରୀର ମନ ଓ ଗୁଣ ଗୁଡ଼ିକ ନିୟନ୍ତ୍ରିତ ହୋଇଥିବା କଥାତ ପୂର୍ବରୁ କୁହା-ଯାଇଛି । ତେବେ ସମସ୍ୟା ବୋଲି ଯେଉଁ ପ୍ରଶ୍ନ ଉଠୁଛି ତାହା ସାଧାରଣ ଦୃଷ୍ଟିରେ ଏଇଭଳି । ଯେମିତି ନାରୀକୁ ବଳାତ୍କାର କଲେ । ଇଚ୍ଛା ବିରୁଦ୍ଧରେ ତା'ର ମାନସିକ ଭାରସାମ୍ୟ ନଷ୍ଟ କଲେ, ଅଶ୍ଳୀଳ ମନ୍ତବ୍ୟ ବା ଇଂଗିତ କଲେ, ଭୋଟ ଦେବାରୁ ବଂଚିତ କଲେ ଆମେ ନାରୀ ଲାଞ୍ଛିତ ବା ଅପମାନିତ ହେଉଛୁ ବୋଲି ଭାରତୀୟ ପିଙ୍ଗଳ କୋର୍ଡ (I. P. C.)ର ବିଭିନ୍ନ ଧାରାରେ ବର୍ଣ୍ଣିତ ନିର୍ଦ୍ଦେଶାବଳୀ ଅନୁଯାୟୀ ଏକ ନାରୀ ସମସ୍ୟାର ସମାଧାନ ହୋଇଯାଇ-ପାରେ ବୋଲି ଚିନ୍ତା କରୁଛୁ । କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାଦ୍ୱାରା ସମସ୍ୟା ଗୁଡ଼ିକର ସମାଧାନ ସମ୍ଭବ ହୋଇପାରୁଛି କି ନାହିଁ, ଯଦି ହେଉନାହିଁ, ଏହା ଭିତରେ ଥିବା ଅନ୍ତର୍ନିହିତ କାରଣ ଗୁଡ଼ିକ ବିଶ୍ଳେଷଣ କରିବାର ସମୟ ଆଜି ସମାଜର ଶିକ୍ଷିତା ନାରୀ ଓ ନାରୀ ଲେଖିକା ମାନଙ୍କ ଉପରେ ନ୍ୟସ୍ତ । ସେମାନଙ୍କ ସୃଜନଧର୍ମୀ ଲେଖାରେ ଉଚିତ ସମାଧାନର ପଥ ନାରୀ ଆନ୍ଦୋଳନର ଅଭିମୁଖ୍ୟ । ନାରୀ ଜାଗରଣର କାରଣ ଏବଂ ଏହାଦ୍ୱାରା ସମାଜରେ ସୁସ୍ଥ ପରଂପରା ଗଢ଼ି ଉଠିବାର ପ୍ରତିଶ୍ରୁତି ଫୁଟି ଉଠିବା ଏକାନ୍ତ ପ୍ରୟୋଜନ ।

Digitized by srujanika@gmail.com

ଟିକିଏ ତଳେଇକରି ଦେଖିଲେ ଜଣାପିବ ଯେ, ଆଇନ ପ୍ରୟୋଗ ଦ୍ୱାରା ଯୌତୁକ ସମସ୍ୟା, ବଧୂହତ୍ୟା ସମସ୍ୟା, ନାରୀ ନିର୍ଯାତନା ସମସ୍ୟା ଘୁଞ୍ଚିବ ନାହିଁ । ନିଜେ ନାରୀ ଶିକ୍ଷିତା ହୋଇ ପୁରୁଷ ପ୍ରାଣରେ ନାରୀର ସାମାଜିକ ସ୍ୱୀକୃତି ପାଇଁ ଜାଗରଣ ସୃଷ୍ଟି କରିବାକୁ ହବ । ନିଜେ ନାରୀକୁ ଏଥିପାଇଁ ସଜାଗ ସଚେତନ ହେବାକୁ ହବ— ଯୌତୁକ ନେଉଥିବା ପୁରୁଷକୁ ବିବାହ ନକରି ନିଜ ଗୋଡ଼ରେ ନିଜେ ଠିଆ ହୋଇ ଅର୍ଥନୈତିକ ଦୃଢ଼ତା ହାସଲ କରି ତା'ର ସମକକ୍ଷ ହେବାକୁ ହବ— ଘରର ସଂପତ୍ତିର ସମାନୁପାତିକ ବଣ୍ଟନକୁ ମର୍ଯାଦା ଦେବ, ଅଶିକ୍ଷାର ଅନ୍ଧକାରରୁ ନାରୀ ମାନଙ୍କୁ ଆଲୋକକୁ ଆଣିବାର ପ୍ରୟାସ ନକଲେ ଏ ସମସ୍ୟା ଘୁଞ୍ଚିବ ନାହିଁ । ଆଜି ଆବଶ୍ୟକ ନାରୀର ପ୍ରାଣର ଜାଗରଣ— ଏକ ପ୍ରାଣମୟ ସୃଜନଶୀଳ ଆହ୍ୱାନ ।

ନାରୀତ କେବଳ ସ୍ୱାମୀର କ୍ରୀଡା ପୁତ୍ତଳିକା ସଖୀ କଣ୍ଢେଇଟିଏ ନୁହେଁ, ଇଚ୍ଛା କଲେ ଅଳଂକାର ପିନ୍ଧେଇ, ଶାଢ଼ୀ ପିନ୍ଧେଇ ସଜେଇ ଦବ, ଇଚ୍ଛା କଲେ ଚୋପାଡ଼ି ଦବ, ଶରୀର-କ୍ଷୁଧା ପାଇଁ ପ୍ରତି ରାତ୍ରିରେ ସଙ୍ଗିନୀ କରିବ, ଇଚ୍ଛା ବିରୁଦ୍ଧରେ ବଳାତ୍କାର କରିବ, ମାସ ଶେଷରେ ଦରମା ନିଜେ ନେଇ ଖାଲି ଦସ୍ତଖତ କରିବାକୁ କହିବ,— ନାରୀ ନିଜେ କ'ଣ, ତା'ର ସ୍ୱାଭିମାନ କ'ଣ ଏ କଥା ପୁରୁଷକୁ ବୁଝିବାକୁ ଦେଉ । ପୁରୁଷ ମନରେ ନାରୀର ସ୍ୱଭିମାନ, ନାରୀର ବିତ୍ତର ବୈଶିଷ୍ଟ୍ୟ, ପ୍ରାଣର ମୁକ୍ତି ପାଇଁ ଆଗ୍ରହ ଜନ୍ମାଇବା ପାଇଁ ନାରୀ କି ଭୂମିକା ଗ୍ରହଣ କରିବ, ତାର ଚିନ୍ତା ସେ କରୁ । କାରଣ, ମୋ ବିଚାରରେ ଏହା ନ ହେଲେ ନାରୀ ମୁକ୍ତି ଅସଂଭବ । ନାରୀ ଲେଖିକା ମାନେ ବହୁଳ ଲେଖା ମାଧ୍ୟମରେ ଆଲୋଚନା, ସମାଲୋଚନା, ନିବନ୍ଧପାଠ, ସେମିନାର, ଆବଶ୍ୟକ ପଡିଲେ ଭ୍ରାମ୍ୟମାଣ ଶିବିର ସ୍ଥାପନ ମାଧ୍ୟମରେ ଏହାର ପ୍ରଚ୍ଛର-ଜନିତ ଚେଷ୍ଟା କରିବା ଉଚିତ ।

ଅନେକେ ନାରୀର ସହନଶୀଳତା ଭଳି ଏକ ମହନୀୟ ଗୁଣକୁ ଠିକ୍ ଭାବରେ ନବୁଝି ତା'ର ଅପପ୍ରୟୋଗ କରିବା ଦେଖାଯାଉଛି । ଯୁଗ ଯୁଗରୁ ଚାଲି ଆସିଥିବା ସାମାଜିକ କୁସଂସ୍କାର, ରକ୍ଷଣଶୀଳ ପୁରୁଷର ମନୋବୃତ୍ତି ଓ ଗତାନୁଗତିକ ପାରିବାରିକ ଜୀବନକୁ ସ୍ୱାମୀ ଆଦେଶରେ ସହ୍ୟ କରିବା ପାଇଁ ଏକ ପ୍ରକାର ନାରୀକୁ ବାଧ୍ୟ କରାଯାଇଛି । ନାରୀ ଦେହ ଧାରଣ କରିଥିବା ଦୃଷ୍ଟିରୁ ସନ୍ତାନ ପାଇଁ ଗର୍ଭଧାରଣ, ପ୍ରସବ ଯନ୍ତ୍ରଣା ଓ ଲାଳନ ପାଳନର କଷ୍ଟ

Digitized by srujanika@gmail.com

ସିନା ତାକୁ ସହ୍ୟ କରିବାକୁ ହେବ, କିନ୍ତୁ ଏହାଛଡ଼ା ଅନ୍ୟାନ୍ୟ ବିଷୟ ଗୁଡ଼ିକରେ ତା ଉପରେ ଚାପ ଦେବା ପୁରୁଷ କେନ୍ଦ୍ରିକ ସମାଜର ଅବିବେକିତା ବା ଅତ୍ୟାଚାର ବୋଲି କୁହାଯିବ ନାହିଁକି ? ଜଣେ ପୁରୁଷ ଯେତେବେଳେ ଦେଖୁଛି ଯେ ଜଣେ ନାରୀ ସନ୍ତାନ ଲାଭ କରିବା କଷ୍ଟ ସହ୍ୟ କରୁଛି, ଘରର ଯାବତୀୟ କାମ କରୁଛି, ଶାଶୁ ଶ୍ୱଶୁରଙ୍କ କଥା ବୁଝୁଛି, ତାଛଡ଼ା ସ୍ୱାମୀକୁ ସାହାଯ୍ୟ କରିବାକୁ ଚାକିରୀ କରି କିଛି ଆର୍ଥିକ ସାହାଯ୍ୟ ଯୋଗାଇ ତାକୁ ସ୍ୱଚ୍ଛଳ କରୁଛି, ସେପରି ସ୍ଥଳେ, ନାରୀ କେତେ ସମବେଦନା, ସ୍ନେହ ତଥା ଶ୍ରଦ୍ଧା ପୁରୁଷଠାରୁ ତଥା ସମାଜଠାରୁ ଆଶାକରେ । କିନ୍ତୁ ତାହା ଯଦି ତାକୁ ଦିଆ ନଯାଏ, ପୁରୁଷ ପାଇଁ ଏହା ସାମାଜିକ ଅପରାଧ ବ୍ୟତୀତ ଆଉ କଣ କୁହାଯିବ ? କଷ୍ଟ ଲାଘବ ନିମିତ୍ତ ଶ୍ରଦ୍ଧାର ସମବଣ୍ଟନ, ପ୍ରୀତିର ପରିବର୍ଯ୍ୟା ଆବଶ୍ୟକ । ଉପଯୁକ୍ତ ଅନୁଭବହିଁ ଅଧିକାରର ରକ୍ଷା ବୁଝିପାରେ । ନାରୀର ଯଥାର୍ଥ ଅନୁଭବ ପୁରୁଷ ହୃଦୟକୁ ସଂଚରଣଶୀଳ ହେଉ ତାହା କ୍ରମଶଃ ସମାଜର ପ୍ରାଣକୁ ମଧ୍ୟ ସଂଚରିଯିବ ।

ସାମାଜିକ ଚଳଣୀର ଦ୍ୱାହି ଦେଇ, ଧର୍ମକୁ ଆଳ କରି ଚଳି ଆସିଥିବା ନାରୀର ଦାସତ୍ୱ ବଂଧନ ଧାରଣାର ପରିବର୍ତ୍ତନ ହେଉ । ସମାଜର ନୈତ ଆଦର୍ଶର ପରିବର୍ତ୍ତନ ହେଉ । "ପୁରୁଷ ଓ ନାରୀ ଉଭୟେ ସମାନ" ବୋଲି ଉପରଠାଉରିଆ ଭାବରେ ନକହି ପୁରୁଷଠାରୁ ତାକୁ ଭିନ୍ନ କରି ତା'ର ଅନ୍ତରୀଣ, ବ୍ୟକ୍ତିଗତ ସମସ୍ୟା କଥା ଚିନ୍ତା କରାଯାଉ । ଏକ ରୁଚିପୂର୍ଣ୍ଣ, ଅଶ୍ଳୀଳତା-ମୁକ୍ତ, ସଂଯତ ଜୀବନର ଆଦର୍ଶ ପାଇଁ ନାରୀ ଆଗଭର ହେଉ । ଏହାଦ୍ୱାରା ନାରୀ ସୁରକ୍ଷିତ ହେବ—ନାରୀ ସୁରକ୍ଷିତ ହେଲେ ସମାଜ ସୁରକ୍ଷିତ ହେବ । ମନେ ରଖିବାକୁ ହେବ—ନାରୀ ଜାତିର ସମସ୍ୟା ଜଣେ ଜଣେ ନାରୀର ସମସ୍ୟା ନୁହେଁ, ବରଂ ତାହାହିଁ ମୂଳ ସାମାଜିକ ସମସ୍ୟା । ପୂର୍ବରୁ କୁହାଯାଇଛି ନାରୀର ଶାରୀରିକ ଗଠନ ଓ ତା'ର ମାନସିକ ଚିନ୍ତାଧାରା ପୁରୁଷଠାରୁ ଭିନ୍ନ ହେବା ପାଇଁ ବାଧ୍ୟ ।

ସମାଜରେ ନାରୀକୁ ବିବାହ ପରବର୍ତ୍ତୀ ଜୀବନ— ବିବାହ ପୂର୍ବର କୁମାରୀ ଜୀବନ ବିତାଇବାକୁ ହୁଏ । ଉଭୟ ଜୀବନର ସମସ୍ୟା ଓ ପରିତୃପ୍ତିର ପ୍ରଶ୍ନ ମଧ୍ୟ ଭିନ୍ନ ଭିନ୍ନ । କୁମାରୀ ଜୀବନଠାରୁ ବୈବାହିକ ଜୀବନ ବିଚ୍ଛିନ୍ନ । ସ୍ୱାମୀ, ଶାଶୁ, ଶଶୁର ଓ ପରିବାରଙ୍କ ଇଚ୍ଛା ଓ ଅନୁଯୋଗକୁ ସମ୍ମାନ କରିବାକୁ ଯାଇ ନାରୀ ତାର ସ୍ୱାଧୀନ ଇଚ୍ଛାକୁ ଅନେକାଂଶରେ ବଳି ଦେଇଥାଏ ।

Digitized by srujanika@gmail.com

ପାରିବାରିକ ସମତୂଲ୍ୟତା ତା ଉପରେ ନ୍ୟସ୍ତ ହୋଇଯାଏ । ଜୀବନର ଏ ଭୂମିକାରେ ଦେଖା ଦେଇଥିବା କେତେ ଗୁଡିଏ ଘଟଣା ଓ ତା'ର ବାସ୍ତବ ମୁକାବିଲା ପରବର୍ତ୍ତୀ ପର୍ଯ୍ୟାୟରେ ନାରୀର ସମସ୍ୟା ହୋଇ ଠିଆ ହୋଇଯାଏ । ଯାହା ଆମେ କିଂଚିତ୍ ଆଲୋଚନା କରି ସାରିଛୁ । ତା ଛଡ଼ା ନାରୀର କୁମାରୀ ଜୀବନ— କୁମାରୀ ଜୀବନର କିଛି ବର୍ଷ ସମାଜ ସହ କଟେଇବା ପରେ ତା' ନିକଟରେ ବହୁ ବ୍ୟକ୍ତିଗତ ସମସ୍ୟା ଉପୁଜେ, ତାକୁ ଆମେ ସାମାଜିକ ସମସ୍ୟା ବୋଲି ମଧ୍ୟ କହିପାରିବା । କୌଣସି କାରଣରୁ ବିବାହ ପୂର୍ବରୁ ଚରିତ୍ରଗତ ଆକ୍ଷେପ ଆସିଲେ, ଝିଅଟିଏ ବିବାହ କରି ନପାରି ରହିଯିବା ଦୃଷ୍ଟାନ୍ତ ଆମ ସମାଜରେ ବିରଳ ନୁହେଁ— କିଂବା ବିଧବାଟିଏ ବିବାହ କଲେ ମଧ୍ୟ ସାମାଜିକ ଦୃଷ୍ଟିରେ ଅଗ୍ରହଣୀୟ ହୋଇ ରହିଯାଏ । ପରିପୂର୍ଣ୍ଣ ସୁଖ ଓ ସ୍ୱାଚ୍ଛନ୍ଦ୍ୟ, ସାମାଜିକ ସ୍ୱୀକୃତି ହାସଲ କରିବାକୁ ତାକୁ ମାନସିକ ସ୍ତରରେ ସଂଗ୍ରାମ କରିବାକୁ ପଡ଼େ ।

କୌଣସି କାରଣରୁ ବିବାହ କରିପାରୁ ନଥିବା, ବିଧବା ପୁଣି ବୈବାହିକ ଜୀବନ ଯାପନ କରିବା ପାଇଁ ସାହାସିକ ସ୍ତରରେ ଜୀବନକୁ ସାମ୍ନା କରିବା-ପାଇଁ ଯେଉଁ ସତ୍ ସାହସ ଲୋଡ଼ା, ନାରୀ ଲେଖିକା ମାନେ ସେମାନଙ୍କ ଲେଖା ଗୁଡିକରେ ତାହା ସୃଷ୍ଟି କରିବା ସର୍ବାଦୌ ଆବଶ୍ୟକ । ନାରୀ କଣ୍ଠର ଆର୍ତ୍ତନାଦ ଓ ଅସହାୟ ସଂଳାପରେ ସମାଜ ପ୍ରତିଧ୍ୱନିତ ହେବା ଅପେକ୍ଷା, ଆଗ୍ନେୟ ଶପଥର ବଜ୍ର ଡମ୍ବୁର ପ୍ରତିଜ୍ଞାରେ ତାହା ଅନୁରଣିତ ହେଉ । ଯେମିତି ଶିଶୁ-ମାନଙ୍କର, ବୃଦ୍ଧ, ବୃଦ୍ଧାମାନଙ୍କର, ଯୁବକମାନଙ୍କର ସ୍ୱତନ୍ତ୍ର ସମସ୍ୟା ରହିଛି, ସେମିତି ନାରୀ ମାନଙ୍କର ମଧ୍ୟ ସ୍ୱତନ୍ତ୍ର ସମସ୍ୟା ରହିଛି, ତାକୁ ଆଡେଇ ଯିବାର ଅର୍ଦ୍ଧ-ସମସ୍ୟାକୁ ଅସ୍ୱୀକାର କରିବା, ବରଂ ଏହା ସ୍ୱୀକାର କରି ତା,ର ପ୍ରତିକାର ବିଧାନ ଶ୍ରେୟସ୍କର ।

ନାରୀକୁ ତାର ବ୍ୟକ୍ତି ସ୍ୱାତନ୍ତ୍ର୍ୟର ଅଧିକାର, ସ୍ୱଚ୍ଛନ୍ଦ ଜୀବନ ଯାପନର ଅଧିକାର, ଆତ୍ମାଭିମାନର ଅଧିକାର, ଗୃହର ସାମ୍ରାଜ୍ଞୀର ଅଧିକାର, ସୁପୁତ୍ର ଜନ୍ମର ଅଧିକାର, ମହିଷୀର ଅଧିକାର, ସମସ୍ତଙ୍କ ଦୃଷ୍ଟିରେ କଲ୍ୟାଣୀର ଅଧିକାର, ସର୍ବୋପରି ସୃଜନଶୀଳ ସମାଜ ଗଠନର ସାର୍ବଭୌମ ମାନବିକ ଅଧିକାର ସଂପର୍କରେ କିଏ ଆଜି ତାକୁ ସଚେତନ କରଉବ ? କିଏ ତା'ର ପ୍ରାଣରେ ସୃଷ୍ଟି କରିବ ଏକ ନବ ଜାଗୃତିର ଶିହରଣ ? ଏକ ଆହ୍ୱତ ଝଡର କଂପନ ? ଆସ ଆମେ ହେବା ଶିକ୍ଷୟିତ୍ରୀ, ନେତ୍ରୀ, ମନ୍ତ୍ରୀ, ବିଧାୟକ, ପୃଷ୍ଠପୋଷକ,

Digitized by srujanika@gmail.com

ସଂସ୍କାରକ, ଧର୍ମଯାଜକ । ଆମେ ଗଢିବା ନିଜକୁ, ପରିବାରକୁ, ସମାଜକୁ । ଆଜି ସେଇ ସମୟ ଆସିଛି । ଉଦ୍‌ବେଳିତ ସମୁଦ୍ରର ଉପକଣ୍ଠରେ ଠିଆ ହୋଇ ଷାମୁକାର ସ୍ୱପ୍ନରେ ବିଭୋର ନ ହୋଇ ସାମୁଦ୍ରିକ ଝଡର ସମ୍ମୁଖୀନ କରିବାର ସାହାସ ସଂଚୟର ବେଳ ଆଜି ଆସିଛି । ଆସ, ଆମେ ଏକଜୁଟ ହେବା ।

ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ
ଝାରସୁଗଡା

Digitized by srujanika@gmail.com

ନାରୀମୁକ୍ତି ଆନ୍ଦୋଳନ ପରିପ୍ରେକ୍ଷୀରେ

ସମାଜ, ସାହିତ୍ୟ, ନାରୀ

କନକ ଦେବୀ

ଏକବିଂଶ ଶତାବ୍ଦୀର ପ୍ରାକ୍ କାଳରେ ବିଶ୍ୱବ୍ୟାପୀ ଏ ଯେଉଁ ନାରୀ ମୁକ୍ତି ଆନ୍ଦୋଳନର ସ୍ୱର ଉଚ୍ଚାରିତ ହୋଇଛି, ଚରମ ସଭ୍ୟତା ଲାଭ କରିଥିବା, ସମୃଦ୍ଧଶାଳୀ, ସମ୍ବେଦନଶୀଳ ମାନବ ସମାଜର ମାନବିକତା ପ୍ରତି ଏହା ଏକ ତୀବ୍ର ତାଚ୍ଛଲ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଏ ସ୍ୱର କେବଳ ବିପ୍ଳବର ସ୍ୱର ନୁହେଁ କି ବିଦ୍ରୋହର ସ୍ୱର ମଧ୍ୟ ନୁହେଁ । ଏହା ମାନବ ଆତ୍ମାର ଏକ କରୁଣ ଆର୍ତ୍ତନାଦ ଓ ପୃଥିବୀର କୋଣେ କୋଣେ ରହିଥିବା ଶିକ୍ଷିତ, ଅଶିକ୍ଷିତ ଉନ୍ନତ, ଅନୁନ୍ନତ ପ୍ରତ୍ୟେକ ନାରୀର ଅନ୍ତଃଧ୍ୱନି ମାତ୍ର । ଏକଦା ନାରୀ ପରମ୍ପରାରେ ସମୃଦ୍ଧ ଆମର ଭାରତବର୍ଷର ଅନ୍ତଃକରଣ ଏହି ଧ୍ୱନିରେ ଧ୍ୱନିତ ଓ ବିକ୍ଷୁବ୍ଧ ମଧ୍ୟ । ଆଜି ଭାରତବର୍ଷର ସହର ଓ ଗ୍ରାମାଞ୍ଚଳ ମାନଙ୍କରେ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ, ନାରୀସତ୍ତା ଏପରି ନାରକୀୟଭାବେ ବିପନ୍ନତାର ଶିକାର ହୋଇପଡ଼ିଛି ଯେ, ଚିନ୍ତାଶୀଳ ରାଷ୍ଟ୍ରନାୟକ ମାନେ, ବୁଦ୍ଧିଜୀବି ମାନେ ଏଥିନିମିତ୍ତ ଗଭୀର ଉଦ୍‌ବେଗ ପ୍ରକାଶ କଲେଣି ଓ ନାରୀ ନିର୍ଯାତନା ଏକ ଜାତୀୟ ସମସ୍ୟା ରୂପେ ବିବେଚିତ ହେଲାଣି ।

ଏଠାରେ ପ୍ରଶ୍ନ କରଯାଇପାରେ ଏହି 'ନାରୀ ମୁକ୍ତି' କଥାଟିର ତାତ୍ପର୍ଯ୍ୟ କ'ଣ ? କେଉଁ ବନ୍ଧନର ଏହି ମୁକ୍ତି ଆକାଙ୍କ୍ଷା ? ସେ ବଂଧନର ରୂପରେଖ କଣ ଓ ସେ ମୁକ୍ତିର ସ୍ୱରୂପ ଅବା କେଉଁପରି ? ଊନବିଂଶ ଶତାବ୍ଦୀରେ ନାରୀମୁକ୍ତି ଆନ୍ଦୋଳନର ଯେଉଁ ଅଗ୍ରମାରମ୍ଭ ଘଟିଥିଲା, ଏହା କଣ ତାହାର ଏକ ସୂକ୍ଷ୍ମ ରୂପାନ୍ତର ନାଁ ଅନ୍ୟକିଛି ? ଏହାର ଆଲୋଚନା କରିବାକୁ ଗଲେ, ଆମର ସମାଜ ଜୀବନକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରିବାକୁ ହେବ ଓ ସମାଜର ବାହ୍ୟ ଓ ଅନ୍ତଃ ପରିକ୍ରମା କରିବାକୁ ହେବ ।

ଆମଦେଶ ଭାରତବର୍ଷରେ ଏକ ସମୟରେ, ସମାଜରେ ନାରୀର ସ୍ଥିତି ଉନ୍ନତ ପର୍ଯ୍ୟାୟରେ ଥିଲା, ସେ ସମାଜକୁ ପ୍ରଭାବିତ କରିପାରୁଥିଲା । ବ୍ୟକ୍ତି ନିଜ

Digitized by srujanika@gmail.com

ମାତ୍ର ନାମରେ ପରିଚିତ ହେଉଥିଲେ ଏହା ଆଜି ଇତିହାସ ଓ କିମ୍ବଦନ୍ତୀର କାହାଣୀ ହୋଇ ରହିଛି । କାଳକ୍ରମେ ଏହି ଉନ୍ନତ ପରମ୍ପରା ବିଲୁପ୍ତି ଘଟିଲା । ନାରୀର ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ନିଷିଦ୍ଧ କରାଗଲା । ଭିନ୍ନ ଭିନ୍ନ ସମୟରେ ସମାଜପତି ମାନେ, ନିଜ ସୁଖ ସୁବିଧାକୁ ଆଖିରେ ରଖି, ନାରୀ ପାଇଁ ପ୍ରକାର ପ୍ରକାର ବିଧି, ନିଷେଧ,କଟକଣା ତିଆରି କରି ରଖିଲେ, ଏହି ଅଶିକ୍ଷାରେ ଶୃଙ୍ଖଳିତ ହୋଇ ନାରୀ ଅନ୍ତଃପୁରରେ ବନ୍ଦିନୀ ହୋଇ ରହିଲା । ସେ କେବଳ ପୁରୁଷର ଭୋଗ୍ୟବସ୍ତୁ ଓ ସଂପତ୍ତି ସଦୃଶ ଥିଲା । ତାକୁ ମନଇଚ୍ଛା ସଂରକ୍ଷଣ ଅବା ଖର୍ଚ୍ଚ କରାଯାଉ- ଥିଲା । ପୁରୁଷମାନେ ବହୁପତ୍ନୀ, ଉପପତ୍ନୀ ଅବାଧରେ ଗ୍ରହଣ କରୁଥିଲେ ଏହା ନାରୀମନରେ ହୀନମନ୍ୟତା ସୃଷ୍ଟି କରୁଥିଲା ଓ କ୍ରମଶଃ ସେ ଅସହାୟ ବୋଧରେ ଆତ୍ମବିଶ୍ୱାସ ଟିକକ ହରାଇ ବସୁଥିଲା । ବାଲ୍ୟବିବାହ ପ୍ରଥା ଓ ସତୀଦାହ ପ୍ରଥା ସମାଜରେ ବଳବତ୍ତର ଥିଲା । ଦଶ ବର୍ଷ ପୂର୍ବରୁ ବିବାହ କରି ବିଧବା ହୋଇ- ଥିବା ବାଳିକାଟି ଚରମ ନିଷ୍ଠା ଓ ଅନୁଶାସନ ମଧ୍ୟରେ ଜୀବନ ନିର୍ବାହ କରୁଥିଲା । ଦଶବର୍ଷ ବୟସରେ ବିଧବା ହୋଇଥିବା ବାଳିକାଟି ପରବର୍ତ୍ତୀ ସମୟରେ "ମୋର ଦିନେ ସ୍ୱାମୀ ଥିଲେ", ଏତିକି ମାତ୍ର ସ୍ମରଣର ପରିତୃପ୍ତି ମଧ୍ୟରେ ତମାମ ଜୀବନ ବ୍ରତ, ଉପବାସ ଓ ତପଶ୍ଚର୍ଯ୍ୟା ମଧ୍ୟରେ କାଟି ଦେଉଥିଲା । ଅସମ୍ଭବ ଥିଲା ସେତେବେଳର ଏହି ନାରୀମାନଙ୍କର ନିଷ୍ଠା । କେବେ କାହାର ପଦସ୍ଖଳନ ଘଟିଲେ ସମାଜ ତାକୁ କଠୋର ଦଣ୍ଡ ଦେଉଥିଲା ଓ ପ୍ରାୟଶ୍ଚିତ ସ୍ୱରୂପ, ସମାଜପତିଙ୍କୁ କିଛି ଅର୍ଥଦାନ କଲେ, ତାର ଦଣ୍ଡ କୋହଳ ହେଉଯାଉଥିଲା । ସମାଜରୁ ବହିଷ୍କାର ହୋଇଥିବା ଆଦେଶ, ପ୍ରତ୍ୟାହୃତ ହେଉଥିଲା ଓ ସେ ପୁଣି ସମାଜରେ ମିଶୁଥିଲା । ଏହିଭଳି ନିତି ନିୟମ ମଧ୍ୟରେ ନାରୀ ନିର୍ଯ୍ୟାତିତ ହୋଇ ରହୁଥିଲା ।

ଉନବିଂଶ ଶତାବ୍ଦୀରେ ବହୁ ମନିଷୀ ଜନ୍ମଗ୍ରହଣ କରି, ଏହି କୁସଂସ୍କାରଗ୍ରସ୍ତ ସମାଜର ସଂସ୍କାରରେ ଜୀବନ ଉତ୍ସର୍ଗ କରିଥିଲେ । ଏହି ମନିଷୀବୃନ୍ଦ ନାରୀ ସତ୍ତାର ନିର୍ଯ୍ୟାତନାରେ ବ୍ୟଥିତ ହୋଇ, ନାରୀ ଚେତନାର ଜାଗୃତି ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ । ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ବିଧବା ବିବାହ ପ୍ରଚଳନ କରିବାରେ, ରାଜା ରାମମୋହନ ରାୟ ସତୀଦାହ ପ୍ରଥା ବିରୁଦ୍ଧରେ ସଂଗ୍ରାମ ଚଳାଇ ତତ୍କାଳୀନ ସମାଜରେ ଗୁଞ୍ଜଲ୍ୟ ଆଣିଥିଲେ ଓ ବହୁନିନ୍ଦିତ ହୋଇ ପଡିଥିଲେ । ଏମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆନ୍ଦୋଳନ ପରବର୍ତ୍ତୀ ସମୟରେ ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପରିପୂର୍ଣ୍ଣ ରୂପ ପ୍ରାପ୍ତ ହୋଇଥିଲା । ମହାତ୍ମା ଗାନ୍ଧୀହିଁ ନାରୀର ବ୍ୟକ୍ତି ସ୍ୱାତନ୍ତ୍ର୍ୟର ପ୍ରତିଷ୍ଠା, ତାର ଶିକ୍ଷା, ସୁରକ୍ଷା, ସ୍ୱାଧିକାର

Digitized by srujanika@gmail.com

ଓ ଚେତନାର ସର୍ବାଙ୍ଗୀନ ବିକାଶ ନିମିତ୍ତ ଆହ୍ୱାନ ଦେଇଥିଲେ ଓ ଏହି ଆହ୍ୱାନ ହିଁ ଭାରତୀୟ ନାରୀ ଚେତନାରେ ପ୍ରାଣ-ସଞ୍ଚାର କରି ପାରିଥିଲା । ମହାତ୍ମାଗାନ୍ଧୀଙ୍କ ଆହ୍ୱାନ କ୍ରମେ ଗୃହ କୋଣରୁ ବାହାରି ଆସି ଅସଂଖ୍ୟ ନାରୀ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରି ଯେଉଁ ଶକ୍ତି ଓ ପରାକାଷ୍ଠାର ପରିଚୟ ଦେଇଛନ୍ତି ତାର ପଟାନ୍ତର ନାହିଁ ।

ସ୍ୱାଧୀନତା ପ୍ରାପ୍ତି ପରେ ଆଜିପର୍ଯ୍ୟନ୍ତ ଦେଶରେ ବହୁ ଉନ୍ନତି ସାଧିତ ହୋଇଛି ଓ ସମାଜର ବହୁ ପରିବର୍ତ୍ତନ ଘଟି ସାରିଛି । ନାରୀ ଶିକ୍ଷାର ଦ୍ରୁତ ପ୍ରସାର ହୋଇଛି । ନାରୀର ଶିକ୍ଷା, ସୁରକ୍ଷା, ସ୍ୱାଧିକାର, ବିବାହ, ଛାଡ଼ପତ୍ର ଆଦି ସମସ୍ୟାକୁ ନେଇ ଅନୁକୂଳ ଆଇନ୍ ପ୍ରଣୟନ କରାଯାଇଛି । ସମ୍ବିଧାନରେ ନାରୀ ପୁରୁଷ ସହ ସମାନ ହେବାର ଅଧିକାରକୁ ସାବ୍ୟସ୍ତ କରାଯାଇଛି । ନାରୀଶ୍ରମର ଯଥାର୍ଥ ମୂଲ୍ୟାୟନ, ଅର୍ଥନୈତିକ ମୂଲ୍ୟ ନିର୍ଦ୍ଧାରଣ, ନାରୀ ମନରେ ଆତ୍ମବିଶ୍ୱାସ ତଥା ଆତ୍ମ ସଚେତନତା ସୃଷ୍ଟି କରିବାର ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ବହୁ ନାରୀ ଆଜି ବିଭିନ୍ନ କ୍ଷେତ୍ରରେ ବଡ଼ ବଡ଼ ପଦ ପଦବୀରେ ରହି ନିଜର ପରାକାଷ୍ଠା ଦେଖାଇ ପାରିଛନ୍ତି । ନାରୀ ଆଜି ପ୍ରତି କ୍ଷେତ୍ରରେ ପୁରୁଷ ସହିତ ସମାନ ହୋଇ କାର୍ଯ୍ୟ କରିପାରିଛି । ତାର ପାଇଁ ଅସମ୍ଭବ ବୋଲି ଆଉ କିଛି ନାହିଁ । ଏସବୁ ସତ୍ତ୍ୱେ, ସମାଜରେ ନାରୀର ସ୍ଥିତି ଠିକ୍ ଯେଉଁପରି ଥିଲା ଏବେ ମଧ୍ୟ ସେହିପରି ଅଛି । ତାର ସାମାଜିକ ସ୍ଥିତି ସୁଦୃଢ଼ ହୋଇନାହିଁ । ଊନବିଂଶ ଶତାବ୍ଦୀରେ ନାରୀ ନିର୍ଯ୍ୟାତନା ଏବେ ରୂପାନ୍ତରିତ ହୋଇଛି ମାତ୍ର । ସମାଜରେ ନାରୀ ନିର୍ଯ୍ୟାତନା ବୃଦ୍ଧି ପାଇଛି ସିନା କମିନାହିଁ । ଏମିତିକି ଦୁଇ ଦଶନ୍ଧି ତଳେ ସମାଜରେ ନାରୀର ଯେଉଁ ଅବସ୍ଥା ଥିଲା ଏବେ ତାହା ଆହୁରି ଦୁର୍ବଳ ହୋଇ ପଡ଼ିଛି । ସଂଧ୍ୟା ପରେ, ଝିଅଟିଏ ବାହାରକୁ ବାହାରିବାକୁ ଭୟ କରୁଛି । କିଛିବର୍ଷ ତଳେ ଏପରି ନଥିଲା । ସମାଜରେ ମୂଲ୍ୟବୋଧ ଥିଲା, ନାରୀ ପ୍ରତି କିଛି ସଂଭ୍ରମ ଥିଲା । ଆଜି ଏହି ନିର୍ଯ୍ୟାତନାକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ । ପରୋକ୍ଷ ଓ ପ୍ରତ୍ୟକ୍ଷ, ଏହି ପ୍ରତ୍ୟକ୍ଷ ନିର୍ଯ୍ୟାତନାକୁ ପୁଣି, ମାନସିକ ଓ ଶାରୀରିକ ଦୁଇଭାଗ କୁହାଯାଇପାରେ । ପ୍ରତିଦିନ ସକାଳୁ ଉଠି ଆଖି ଖୋଲିଲେ ହିଁ, ଆମେ ଏହି ପରୋକ୍ଷ ନିର୍ଯ୍ୟାତନା ଦେଖୁ । ରାସ୍ତାଘାଟରେ, ପ୍ରାଚୀର ପତ୍ରରେ, ନାରୀ ନଗ୍ନ ଦେହର ପୋଷ୍ଟର ମାରିବା, ବିଭିନ୍ନ ବିଜ୍ଞାପନ ମାନଙ୍କରେ ନାରୀ ଦେହ ନଗ୍ନତା ପ୍ରଦର୍ଶନ କରାଇବା, ସିନେମାରେ ଯୌନ ଆବେଦନ ମୂଳକ ଅଶ୍ଳୀଳ ଦୃଶ୍ୟ ରଖିବା, ଗଳିକନ୍ଦିରେ ଅବାଧରେ ଭିଡିଓ ଦ୍ୱାରା ବ୍ଲୁ ଫିଲ୍ମ୍ ପ୍ରଦର୍ଶନ କରିବା ବା ଅଶ୍ଳୀଳ ସାହିତ୍ୟର ପ୍ରସାର ଓ ପ୍ରଚାର କରିବା ପରୋକ୍ଷ

Digitized by srujanika@gmail.com

ନିର୍ଯାତନା ବୋଲି କୁହାଯାଏ ଓ ଏହା ଦିନକୁଦିନ ବୃଦ୍ଧି ପାଇଛି ସିନା କମ୍ ହେଉନାହିଁ । ଏହାର ଶିକାର ନାରୀ ହେଉଛି । ପ୍ରତ୍ୟକ୍ଷ ନିର୍ଯାତନାତ ଘରେ ହୋଇଥାଏ, ନାନା ଭାବରେ, ନାନା ରୂପରେ, ସଂପ୍ରତି ସମାଜରେ ଯେଉଁ ନୂତନ ବ୍ୟାଧି ଦେଖା ଦେଇଛି 'ଯୌତୁକ' । ଏଇ ବ୍ୟାଧିରେ, ପରିବାରର ପ୍ରତ୍ୟେକ ବ୍ୟକ୍ତି ପୀଡିତ, ଏଥିପାଇଁ ବଧୂହତ୍ୟା ଓ ନିର୍ଯାତନାର କରୁଣ କାହାଣୀ ସମ୍ବାଦପତ୍ରର ପୃଷ୍ଠା ପୃଷ୍ଠା ପ୍ରକାଶିତ ହୋଇ ସାରିଛି । ଯୌତୁକ ପାଇଁ କେଉଁଠି ବଧୂକୁ ସିଧାସଳଖ ହତ୍ୟା କରାଯାଉଛି କେଉଁଠି ପରୋକ୍ଷ ଭାବେ ହତ୍ୟା କରାଯାଉଛି, କେହି କେହି ଆତ୍ମହତ୍ୟା ମଧ୍ୟ କରନ୍ତି । ଏସବୁ ବଡ ଧରଣର ଆଖିଦୃଶିଆ ନିର୍ଯାତନା । ମାନସିକ ନିର୍ଯାତନା ଆହୁରି କଷ୍ଟପ୍ରଦ ହୁଏ । ଯିଏ ମାରେ ନାହିଁ, କିନ୍ତୁ ଗଞ୍ଜଣାରେ, ଲାଞ୍ଛନାରେ, କଟୁକ୍ତିରେ, ଉଲ୍ଲୁଣ୍ଠନାରେ ତାଆନ୍ତା ମରଣରେ ଦୁଃଖ ଦିଏ । ଏହିପରି ମାନସିକ ନିର୍ଯାତନାରେ ଆମ ସମାଜର ଅଧିକାଂଶ ନାରୀ ବଞ୍ଚିଛନ୍ତି । ସବୁ ଯେ ଯୌତୁକ ପାଇଁ ଘଟେ ଏହା ମଧ୍ୟ ନୁହେଁ, ଅକାରଣ କ୍ରୋଧ, ହିଂସା, କାମନାର ଶିକାର ହୁଏ ନାରୀ । ଘରେ ଓ ବାହାରେ ମଧ୍ୟ, ଏଥିରୁ ଅନୁମାନ କରାଯାଇଛି, ସଭ୍ୟତା ଓ ଉନ୍ନତି ବୋଲି ଆମେ ଯାହା ଦେଖୁଛୁ, ତାହା ସମାଜର ବାହ୍ୟରୂପ । ଚକ୍ ଚକ୍ ପୋଷାକ । ସମାଜର ଅନ୍ତଃରୂପ ବଦଳି ନାହିଁ ତେବେ ଏହି ସମାଜର ସଂଜ୍ଞା କଣ ? ଗୋଷ୍ଠୀ ଜୀବନର ବୃହତ୍ତର ଅନୁଷ୍ଠାନତ ସମାଜ । ବ୍ୟକ୍ତିକୁ ନେଇତ ସମାଜ ଆଜି ବ୍ୟକ୍ତି ଚେତନା ନିମ୍ନଗାମୀ ହୋଇଛି । ବ୍ୟକ୍ତି ଚେତନା ଆଜି ଦ୍ୱିଧା ବିଭକ୍ତ ଓ ପରସ୍ପର ବିରୋଧି ଚିନ୍ତାଧାରାର ଜଟିଳତାରେ ବିପନ୍ନ ହୋଇ ପଡିଛି । ଏହାର ବହୁଳ ପ୍ରମାଣ ଆମ ଚତୁଃପାର୍ଶ୍ୱରେ ଦେଖିବାକୁ ମିଳେ । ଯୌତୁକ ବିରୋଧୀ ଆଇନ୍ ପ୍ରଣୟନ କରାଯାଇଛି । ହେଲେ ଏ ଆଇନ୍ କେହି ମାନି ଚଳୁନାହାନ୍ତି । ଏହାକୁ ପାଳନ କରିବା ପାଇଁ ଯେଉଁମାନେ ଓଜସ୍ୱିନୀ ଭାଷଣ ଦିଅନ୍ତି, ସଭାରେ, ରେଡିଓରେ, ଦୂରଦର୍ଶନରେ, ସେହିମାନେହିଁ ନିଜ ଝିଅ ବିଭାଘରରେ ବହୁଳ ଯୌତୁକ ଦେଇ, ସାଇପଡିଶାଙ୍କ 'ବାହାବା' ପାଇ ଛାତି ଫୁଲାନ୍ତି ଓ ପୁଅ ବିଭା-ଘରରେ ନାନା ଛଳରେ ଏହାର ଚ୍ରିଗୁଣ ଆଦାୟ କରି ଆଣନ୍ତି । ଠିକ୍ ସେହିପରି ନାରୀ ସ୍ୱାଧୀନତା କଥା ବେଶୀ କହୁଥିବା ଲୋକେ, ନିଜଘରେ ନିଜର ଝିଅବୋହୂଙ୍କୁ ସୋକେଶ୍‌ରେ କାଚ କଣ୍ଢେଇ କରି ରଖିଥାନ୍ତି । ଆଜି ଅନେକ ନାରୀ ଚାକିରୀ କରିଛନ୍ତି ପରିବାରର ଅନିଚ୍ଛାରେ । କିନ୍ତୁ ଯେଉଁଠାରେ ନାରୀ ପରିବାରର ଇଚ୍ଛା ଅନୁସାରେ ଚାକିରୀ କରିବାକୁ ପାଇଛି ତାହା ନାରୀର ବ୍ୟକ୍ତି ସ୍ୱାତନ୍ତ୍ର୍ୟର ପ୍ରତିଷ୍ଠା ପାଇଁ ନୁହେଁ, ତାର ଉପାର୍ଜିତ ଅର୍ଥ ପାଇଁ । ଆଜି ପ୍ରତି ବ୍ୟକ୍ତି ମନରେ ଅହେତୁକ ଅର୍ଥ ପିପାସା ବଳବତ୍ତର ରହି, ଏକ ବ୍ୟବସାୟିକ

Digitized by srujanika@gmail.com

ମନୋବୃତ୍ତି ପରିବାର ମଧ୍ୟରେ ବି ପରିଚାଳିତ କରୁଛି ଓ ସେ ପରିବାରରେ ମଧ୍ୟ ମୁନାଫା ଖୋଜୁଛି, ଏଥିରେ ବାଧା ଆସିଲେ ହିଂସ୍ର ହୋଇପଡୁଛି । ଆଜି ସମସ୍ତେ ଯେମିତି ଏକ ଛଳନାର ଜାଲରେ ବନ୍ଦି ହୋଇଛନ୍ତି ଓ ଛଳନାରେ ବଞ୍ଚିଛନ୍ତି । ଆଜି ମଣିଷ ଅଧିକ ଲୋଭାତୁର ହୋଇ ପଡିଥିବାରୁ ତାର କାମନା ଓ ପ୍ରାପ୍ତିରେ ସାମଞ୍ଜସ୍ୟ ନାହିଁ, ପରିକଳ୍ପନା ଓ ପରିଚାଳନାରେ ସାମଞ୍ଜସ୍ୟ ନାହିଁ, ଚିନ୍ତା ଓ ଚେତନାରେ ସାମଞ୍ଜସ୍ୟ ନାହିଁ, କଥା ଓ କାର୍ଯ୍ୟରେ ସାମଞ୍ଜସ୍ୟ ନାହିଁ । ଆଜି ସମାଜରେ, ଦୋକାନ ବଜାର ଗଢି ଉଠୁଛି, କିନ୍ତୁ ଘର ଭାଙ୍ଗି ଯାଉଛି । ଏହା ପଛରେ ନାରୀର ତୀବ୍ର ଆତ୍ମସଚେତନତା ଯେତିକି ଅଛି, ସେତିକି ଅଛି ପୁରୁଷର ଅସହିଷ୍ଣୁତା ଓ ହୀନମନ୍ୟତା । ଅନ୍ୟ ପକ୍ଷରେ ଯୁଗ ଯୁଗଧରି ପୁରୁଷ ନାରୀକୁ ନିଜ ଅକ୍ତିଆରରେ ରଖିବାର ଯେଉଁ ପ୍ରବୃତ୍ତି ବଳବତ୍ତର ରହିଆସିଛି, ତାହା ବାଧାପ୍ରାପ୍ତ ହେବାରୁ ସେ ହିଂସ୍ର ହୋଇ ପଡୁଛି । ଆଜି ସମାଜରେ ନାରୀକୁ ନେଇ ଯାହାକିଛି ବିଶୃଙ୍ଖଳା ଘଟୁଛି ଏହା ପଛରେ କେବଳ ଲୋଭ, ହିଂସା, ଈର୍ଷା, ପ୍ରତିହିଂସା ଓ ଯୌନ ଲୋଲୁପତାହିଁ ରହିଛି । ତେଣୁ ଏହି ଅଧଃପତିତ ସମାଜର ପରିବର୍ତ୍ତନ ପାଇଁ ଆଜି ମଣିଷ ମନର ପରିବର୍ତ୍ତନ ତୁରନ୍ତ ଆବଶ୍ୟକ । ବ୍ୟକ୍ତି ଚେତନା ଓ ବ୍ୟକ୍ତି ମାନସର ସଂସ୍କାର ନହୋଇ, ସମାଜ ସଂସ୍କାର କରି ବସିବା ପ୍ରହସନର କଥାମାତ୍ର ।

ଏହି ପରିପ୍ରେକ୍ଷୀରେ ନେତୃବୃନ୍ଦ, ବୁଦ୍ଧିଜୀବି ଗଣ, ସାହିତ୍ୟିକ ମାନଙ୍କୁ ଆହ୍ୱାନ ଦେଇ ନାରୀ ନିର୍ଯାତନା ଦୂର କରିବାରେ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଦୃଢ ସ୍ୱରରେ କହୁଛନ୍ତି । ଏଥିପାଇଁ ସାହିତ୍ୟିକମାନେ ନିଜ ନିଜ ଲେଖା ମାଧ୍ୟମରେ ଏକ ଆନ୍ଦୋଳନ ଆରମ୍ଭ କରିବା ଉଚିତ୍ ବୋଲି ସାହିତ୍ୟିକ ମାନଙ୍କୁ ଉଦ୍‌ବୋଧନ ଦିଆଯାଉଛି । ଅସୀଠାରୁ ମସୀର ବଳ ଅଧିକ ବୋଲି କହି ଏ କାର୍ଯ୍ୟଟି ସାହିତ୍ୟିକଙ୍କ କାନ୍ଧରେ ଲଦି ଦେଉଛନ୍ତି । ନାରୀ-ନିର୍ଯାତନା ହେଉ, କି ସମାଜର ଯେ କୌଣସି କୁସଂସ୍କାର ହେଉ, ତାକୁ ସାହିତ୍ୟ ସୁଧାରି ପାରିବ କି ନାଁ ଏହା ଏପରି ବିବଦମାନ ବିଷୟ ଯେ ଏହା ସପକ୍ଷରେ ଯେତିକି ଯୁକ୍ତି ଆସେ, ବିପକ୍ଷରେ ମଧ୍ୟ ସେତିକି ଯୁକ୍ତି ଆସେ । ଉଭୟ କଥାକୁ ଅନୁଶୀଳନ କଲେ ସତ୍ୟ ପ୍ରମାଣିତ ହୁଏ କିନ୍ତୁ ଅନୁଭୂତ ହୁଏ-ନାହିଁ । ଏସବୁ ସତ୍ତ୍ୱେ ସମାଜ ଓ ସାହିତ୍ୟ ଏତେ ପାଖାପାଖି ଏତେ ଘନିଷ୍ଠ ଯେ, ଠିକ୍ କୂଳ ନଦୀକୁ ବାନ୍ଧିଲା ପରି, ଛାଇ ମଣିଷକୁ ବାନ୍ଧିଲା ପରି, କିଏ କାହାକୁ ଅନୁସରଣ କରୁଛି ତାହା ନିର୍ଣ୍ଣୟ କରିବା ମୁସ୍କିଲ ହୋଇପଡେ । ତେଣୁ

Digitized by srujanika@gmail.com

ଏ କ୍ଷେତ୍ରରେ ଉଭୟ ପରସ୍ପରର ପରିପୂରକ ବୋଲି କୁହାଯାଇ ପାରେ । ସମାଜ ଏକ ବୃହତ୍ତର ଗୋଷ୍ଠୀ ଓ ସାହିତ୍ୟ ତାର ଏକ ପ୍ରତିଫଳିତ ଅବସ୍ଥା । ମଣିଷ ଓ ସମାଜ ସାମ୍ନାରେ ସାହିତ୍ୟ ଦର୍ପଣପରି ଥାଏ । ଏଥିରେ ସମାଜ ଜୀବନର ପ୍ରତିଫଳନ ଘଟେ । ଜଳ ପାତ୍ରରେ ରହି ପାତ୍ରର ଆକାର ଧାରଣ କଲାପରି ସାହିତ୍ୟ ସମାଜର ଆକାର ଧାରଣ କରିଥାଏ । ଏଥିପାଇଁ ଯେକୌଣସି ଦେଶର ସାହିତ୍ୟରୁ ହିଁ ଦେଶର ବ୍ୟକ୍ତିର ଜୀବନଚର୍ଯ୍ୟା, ବିଚାରଧାର ଜଣା-ପଡିଥାଏ । ଜଣେ ସାହିତ୍ୟିକ ଗୋଷ୍ଠୀଛଡ଼ା ନୁହେଁ କି ସମାଜଚ୍ୟୁତ ନୁହେଁ । ସେ ସମାଜରେ ଜନ୍ମିଥାଏ, ସେଇଠି ବଢିଥାଏ ଓ ସେଇଠି ମୃତ୍ୟୁଲାଭ କରେ । କିନ୍ତୁ ସେ ଲେଖା ଆରମ୍ଭ କଲାବେଳେ ସମାଜକୁ ସାମ୍ନାରେ ରଖି ଲେଖିବ ବୋଲି କେବେବି ଭାବି ନଥାଏ । ପରବର୍ତ୍ତୀ ସମୟରେ ନିଜର ଅଜ୍ଞାତସାରରେ ସାମାଜିକ ଅଂଗୀକାରର ଏକ ନିଭୃତଗଣ୍ଠି ସେ ନିଜଭିତରେ ଅନୁଭବ କରିଥାଏ । ଜଣେ ସଚ୍ଚା ସାହିତ୍ୟିକ ତାର ଅନ୍ତଃ କରଣକୁ ଚାହିଁଲେ ଦେଖିପାରିବ ଯେ ସେ କେତେ ଭଲପାଏ ତାର ଦେଶକୁ, ତାର ମାଟି ପାଣି ପବନକୁ, ତାର ଆଖ ପାଖର ମଣିଷ ଓ ତାଙ୍କର ସୁଖ ଦୁଃଖକୁ ସେ ଭଲପାଏ ତା ଅତୀତ ଭବିଷ୍ୟତ ଓ ପରିପାଶର ସର୍ବମୟତାକୁ, ଏହି ବିପୁଳ ଭଲପାଇବା, ବୁଝିବା, ଅନୁଭବିବା ଓ ଆପଣାଇବାର ପ୍ରଗାଢତମ ରୂପଟି ତାର କଳାଶକ୍ତି, ତାର ସୃଜନଶୀଳତାର ଆଧାର ଉତ୍ସ । ଏହି ଉତ୍ସ ତାର ଦୃଷ୍ଟିଶକ୍ତିର ରସଧାରରେ ପୁଷ୍ଟ ହୋଇ ସାହିତ୍ୟ ବୋଲାଇଥାଏ ! ସେ ସମାଜ ଓ ମଣିଷର ଚିତ୍ର ଦେଖାଏ । ଧାରା ବିବରଣୀ ଦିଏ ନାହିଁ । ସେ ସମାଜର ଅଭ୍ୟନ୍ତରର ପ୍ରତି ଘଟଣା ଦୁର୍ଘଟଣାରେ ଆଲୋକପାତ କରେ । ଏଇ ଘଟଣା ଦୁର୍ଘଟଣା, ହସ କାନ୍ଦ, ପାପ ପୁଣ୍ୟ ମଧ୍ୟରେ ଯେ ଅନ୍ତର୍ନିହିତ ସତ୍ୟକୁ ହିଁ ଖୋଜିଥାଏ, ତେଣୁ ସାହିତ୍ୟିକକୁ ସତ୍ୟଦ୍ରଷ୍ଟା କୁହାଯାଏ । ସେ ଆଂଗୁଠି ଦେଖାଇ ସତ୍ୟକୁ ଚିହ୍ନାଏ ନାହିଁ, ସାହିତ୍ୟିକ ବିଚାରକ ନୁହେଁ । ସେ ବିଚାର କରିବାକୁ ହିଁ ଛାଡିଦିଏ । ସାହିତ୍ୟର ପରିମା ଏତିକି । ସେ ଯଦି ଆଙ୍ଗୁଠି ଦେଖାଇ କହିବ, ଏହା ଭଲ, ଏହାହିଁ କରଯାଅ, ଅବା ଏହା ମନ୍ଦ ଏହା ନ କରଯାଅ, ତେବେ ତାହା ଶୁଷ୍କ ଉପଦେଶ ହେବ । ସାହିତ୍ୟ ହେବନାହିଁ । ସାହିତ୍ୟ ଦେଶ ଓ ଜାତିର ଏକ ଐଶ୍ୱର୍ଯ୍ୟ । ଏକ ସଞ୍ଚୟ । ଏହି ଐଶ୍ୱର୍ଯ୍ୟ ପ୍ରାଣର ଦାରିଦ୍ର୍ୟ, ଆତ୍ମାର କ୍ଷୁଧା ମେଣ୍ଟାଇଥାଏ, ମନକୁ ଭରପୁର ରସ ସ୍ନିଗ୍ଧ କରେ, କିନ୍ତୁ ଜୀବନର ଅଭାବକୁ ମେଣ୍ଟାଇବାକୁ ସକ୍ଷମ ହୁଏନାହିଁ । ଯୁଗ ଯୁଗ ଧରି ରାମାୟଣ ମହାଭାରତ ଭାରତବର୍ଷର ପ୍ରତି ହିନ୍ଦୁମାନଙ୍କୁ ଏଯାଏଁ-ମଧ୍ୟ ପ୍ରଭାବିତ କରି ରଖିଛି । ଏହାର ପ୍ରଭାବରୁ ମୁକ୍ତ ହେବାକୁ ମଧ୍ୟ କେହି ଚାହାନ୍ତି ନାହିଁ । ଏହି ପ୍ରଭାବ ଏତେ ଶକ୍ତିଶାଳୀ ଯେ ବ୍ୟକ୍ତି ମାନସକୁ ଆଚ୍ଛନ୍ନ

Digitized by srujanika@gmail.com

କରି ରଖିଛି । କିନ୍ତୁ ତାହା କେତେଜଣଙ୍କ ଜୀବନଧାରକୁ ନିୟନ୍ତ୍ରିତ କରିଛି ? ଅନ୍ୟ କଥାରେ କେତେଜଣ ସାହିତ୍ୟ ପଢ଼ନ୍ତି ? ଯେଉଁ କମ ସଂଖ୍ୟକ ବ୍ୟକ୍ତି ସାହିତ୍ୟ ପଢ଼ନ୍ତି, ସେମାନେ ରସଗ୍ରାହୀ ପାଠକ । ତାଙ୍କ ମନ ଚେତନାକୁ ସାହିତ୍ୟ ଆଚ୍ଛନ୍ନ କରେ, ଏହା ଧ୍ରୁବ ସତ୍ୟ । କିନ୍ତୁ ଜୀବନଧାର ବଦଳାଇ ପାରେ, ଏହା କୁହାଯାଇ ନପାରେ । ତେଣୁ ସାହିତ୍ୟର ପ୍ରଭବ, ମନରେ, ଚେତନା ପର୍ଯ୍ୟନ୍ତ ରହେ, ଜୀବନଚର୍ଯ୍ୟା ଭିତରକୁ ଆସିପାରେ ନାହିଁ । ସାହିତ୍ୟର ଏକ ନିର୍ଦ୍ଦିଷ୍ଟ ସ୍ଥାନ ରହିଛି, ଦେଶ ଜାତି ପାଖରେ ଏହା ଆଦୌ କୁହାଯାଉ-ନାହିଁ ଯେ ସାହିତ୍ୟ ସମାଜରୁ ଦୂରେଇଯିବା ଉଚିତ ଓ ସମାଜ ଗଠନରେ ତାହାର ଭୂମିକା ନାହିଁ । ଏଠାରେ କୁହାଯାଉଛି ଯେ ସମାଜ ଗଠନରେ ସାହିତ୍ୟର ଭୂମିକା ଗୌଣ । ସମାଜକୁ ବାଦ ଦେଇ ଯେଉଁ ସାହିତ୍ୟ, ତାହା ଉଦ୍ଭଟତା ଓ ବ୍ୟକ୍ତିବାଦ ମଧ୍ୟରେ ସଂକୀର୍ଣ୍ଣ ହୋଇ ପଡିଥାଏ ତେଣୁ କାଳଜୟୀ ହୋଇପାରେ ନାହିଁ । ସୁତରାଂ ସାହିତ୍ୟିକ ଆନ୍ଦୋଳନ ଦ୍ୱାରା, ନାରୀ ନିର୍ଯ୍ୟାତନା ଦୂର ହୋଇପାରେ, ଏହା ସଠିକ୍ କହିହୁଏ ନାହିଁ । ସାହିତ୍ୟ ଦ୍ୱାରା ନାରୀ ନିର୍ଯ୍ୟାତନାର ସୂକ୍ଷ୍ମାତିସୂକ୍ଷ୍ମ ରୂପ ଉଦ୍‌ଘାଟନ କରଯାଇପାରେ, ମାତ୍ର ମୀମାଂସା ଓ ସମାଧାନ କରିବା ତାର ଶକ୍ତି ବହିର୍ଭୂତ । ତେଣୁ ସାହିତ୍ୟିକ ଆନ୍ଦୋଳନ-ଦ୍ୱାରା ସମାଜରେ ନାରୀର ସ୍ଥିତିକୁ ଦୃଢ଼ ଓ ଉଜ୍ଜ୍ୱଳ କରିହେବ, ଏହା ଏକ ସୁନ୍ଦର ପରାହତ ସ୍ୱପ୍ନ ।

ଏଠି କୁହାଯାଇ ପାରେ ଯେ, ସମାଜରେ ନାରୀର ସ୍ଥିତି ଦୃଢ଼ କରିବା ପାଇଁ ଓ ତାର ନାରୀତ୍ୱର ସର୍ବାଙ୍ଗୀନ ବିକାଶ ସାଧିତ କରିବା ପାଇଁ ସାହିତ୍ୟର ଭୂମିକା ଯଥେଷ୍ଟ ନୁହେଁ । ଏଥିପାଇଁ ଅନ୍ୟ ମାଧ୍ୟମ ବାଛି ନେବାକୁହିଁ ହେବ । ପ୍ରଥମେ ଆଜି ପ୍ରତିଟି ବ୍ୟକ୍ତି, ପ୍ରତିଟି ନାରୀକୁ ଶ୍ରଦ୍ଧା ଓ ସମ୍ମାନ ଦେଇ ଶିଖିଲେ, ଆଗ୍ରହ ରଖିଲେ ଏହାର ପ୍ରଭବ ତନ ଜୀବନରେ ସଞ୍ଚାରିତ ହେବାର ସମ୍ଭାବନା ରହିବ,ତେଣୁ ପ୍ରତିଟି ବ୍ୟକ୍ତିର ମନର ସଂସ୍କାରହେବା ଆବଶ୍ୟକ । ପ୍ରତ୍ୟେକ ନାରୀ ପୁରୁଷ ଏଥିପାଇଁ ସଚେତନ ହୋଇ ନିଜକୁ ସଂଶୋଧନକରି ସମାଜ ସଂଶୋଧନ କରିବାର ବେଳ ଆଜି ଆସିଅଛି । ମିଳିତ ସହଯୋଗରେ, ଆଗ୍ରହରେ ଆନ୍ତରିକ-ତାରେ, ବୁଝାମଣାରେ ସବୁକାମ ଫଳପ୍ରଦ ହୁଏ । ଏହାଛଡା ନାରୀମୁକ୍ତି ଆନ୍ଦୋଳନ ପୁରୁଷମାନଙ୍କଦ୍ୱାରା କଡ଼ାକଡ଼ି କରଗଲେ,ଏହା ଅଧିକ ସଫଳ ହୁଅନ୍ତା । ଅତୀତରେ ଯେଉଁ ଆନ୍ଦୋଳନ ହୋଇଥିଲା ସତୀଦାହ ଓ ବିଧବା ବିବାହ,ବାଲ୍ୟ-ବିବାହ ନିଷେଧ, ଏସବୁ କାର୍ଯ୍ୟକ୍ରମ ପୁରୁଷମାନଙ୍କ ଦ୍ୱାରା ଫଳପ୍ରଦ ହୋଇଥିଲା । ଏବେବି ସମାଜ ପୁରୁଷ ପ୍ରଧାନ ହୋଇଥିବାରୁ ଏସବୁ କାର୍ଯ୍ୟ ପୁରୁଷମାନଙ୍କ ଦ୍ୱାରା ଅଧିକ ସଫଳ ହୋଇ ପାରିବ ବୋଲି ନିଃସନ୍ଦେହରେ କୁହାଯାଇପାରେ । ଆଜି

Digitized by srujanika@gmail.com

ନାରୀ ମୁକ୍ତି ଆନ୍ଦୋଳନର ମୁଖ୍ୟ ସ୍ୱର, କେବଳ ସଂପୂର୍ଣ୍ଣ ନାରୀତ୍ୱର ବିକାଶ ସାଧନ ଓ ପରିପୂର୍ଣ୍ଣ ଜୀବନ ବଂଚିବାର ଆକାଙ୍କ୍ଷା ନୁହେଁ, କି କୁସଂସ୍କାର ଦୂର କରିବାର ସ୍ଲୋଗାନ ଦେବା ନୁହେଁ, ସମାଜର ଅନ୍ତଃକରଣ ଓ ଦୃଷ୍ଟିକୋଣ ପରିଷ୍କୃତ କରିବା ଓ ଏଥିପାଇଁ କାର୍ଯ୍ୟ କରିବାର ପଦକ୍ଷେପ ନବା ଏହାହିଁ ହେବା ଆବଶ୍ୟକ । ଏହି ଦାୟିତ୍ୱ ନାରୀ ନେବା ଉଚିତ୍ । ବେଦରେ ନାରୀକୁ ମାନବ ସମାଜର ନେତ୍ରୀ ବୋଲି କୁହାଯାଇଛି । ମାନବ ସଂସ୍କୃତିର ମୂଳ କଥା, ସତ୍ୟ, ଧର୍ମ, ନ୍ୟାୟ, ଓ ପ୍ରେମ ଓ ନାରୀ ଏହାର ଧାରଣକର୍ତ୍ତୀ ଓ ଲାଳନକର୍ତ୍ତୀ । ଏହି ମୂଳ କଥାତକ ଜାଣିରେ ବାଳି ତ୍ୟାଗ ନିଆଁରେ ଜଳି ଜଳି ନାରୀ ସୁବର୍ଣ୍ଣ ହୋଇ ପାରିନାହିଁ କୁହୁଳି କୁହୁଳି ଅଙ୍ଗାର ହୋଇଛି । କାରଣ ଚତୁଃପାର୍ଶ୍ୱରେ ମାତୃଜାତି ପ୍ରତି ଶ୍ରଦ୍ଧା ସମ୍ମାନ କମି ଯାଉଛି । ନାରୀକୁ ଭୋଗ୍ୟବସ୍ତୁ ଭାବେ ଏବେ ବି ଚିନ୍ତା କରାଯାଉଛି । ସମାଜରେ ଅପସଂସ୍କୃତିର ପ୍ରସାରଧାରା ଏତେ ଦ୍ରୁତ ଯେ ତାହା ରୋଧ କରି ହେଉନାହିଁ କି ରୋଧ କରିବାର ନୈତିକ ସାହସ କାହାରିଠାରେ ଅବଶିଷ୍ଟ ନାହିଁ । କାରଣ ନିଜର ମୂଳ ସଂସ୍କୃତି ପ୍ରତି ଶ୍ରଦ୍ଧା ଓ ସମ୍ମାନ ବିଶ୍ୱାସ ରହୁନାହିଁ । ଚଉପାଶରେ ଅଶାନ୍ତ ବାୟୁମଣ୍ଡଳ ଦେଖାଯାଉଛି । ଏଥିପାଇଁ ନାରୀ ମଧ୍ୟ ଦାୟୀ । ନାରୀମାନେ ଆଜି ଆତ୍ମସଚେତନତାକୁ, ନିଜର ସ୍ୱାର୍ଥ ଖିଆଲ ଚରିତାର୍ଥ କରିବା ପାଇଁ, ସବୁ କ୍ଷେତ୍ରରେ ବଳବତ୍ତର ରଖୁଥିବାରୁ ଅଶାନ୍ତି ସୃଷ୍ଟି ହେଉଛି । ଏହାଛଡା ସ୍ୱେଚ୍ଛାଚ୍ଚର ଜୀବନଯାପନ, ଅସଂଯତ ବେଶ ପୋଷାକ, ଦୃଷ୍ଟି ଆକର୍ଷଣକାରୀ ଉଗ୍ର ପ୍ରସାଧନ, ସଂସ୍କାରହୀନ ଗ୍ଭଲି-ଚଳନ, ଶାଳିନତା ବିହୀନ ଜୀବନଯାତ୍ରାକୁ ପ୍ରଶୟ ଦେଇ ନାରୀ ନିଜ ସମ୍ମାନକୁ ନିଜେ ହତ୍ୟା କରୁଛି । ଆଜି ବିଭିନ୍ନ ନାରୀ ସଂଗଠନ ବିଜ୍ଞାପନରେ ନାରୀ ଦେହକୁ ବ୍ୟବହାର ବିରୁଦ୍ଧରେ ସ୍ଲୋଗାନ ଦେଉଛନ୍ତି । କିନ୍ତୁ ବିଦ୍ରୋହର କିଛି କାର୍ଯ୍ୟପନ୍ଥା କାର୍ଯ୍ୟକାରୀ କରୁଛନ୍ତି କି ? ଯୌତୁକ ଆଇନ୍ ପାଳନ କରଯାଉଚି କି ନାଁ, ଏହା ଦେଖିବା ପାଇଁ ସରକାରୀ, ବେସରକାରୀ ପଦକ୍ଷେପ କିଛି ନିଆ ଯାଉଛିକି ? ଏବେ ମଧ୍ୟ ନାରୀମାନେ ସଂଘବଦ୍ଧ ହୋଇ, ଧର୍ମଘଟ କରି ଯଦି ପ୍ରତିଘରେ 'ତାଲାବନ୍ଦ' ଆହ୍ୱାନ ଦିଅନ୍ତେ, ତେବେ ଏହି ଆନ୍ଦୋଳନ ସ୍ୱାଧୀନତା ଆନ୍ଦୋଳନଠୁ ବଳିପଡନ୍ତା ଓ ଜେଲରେ ସ୍ଥାନ ନିଅଣ୍ଟ ପଡନ୍ତା, ନୂଆ ହୋଇ ଇତିହାସ ହୁଅନ୍ତା । କିନ୍ତୁ ନାରୀମାନେ ତା ପାରିବେ ନାହିଁ, କାରଣ ତାଙ୍କର ସବୁଠୁ ବଡ ଦୁର୍ବଳତା 'ଘର ଓ ପରିବାର' । ଏ ଦୁର୍ବଳତାକୁ ଜିଣିବାକୁ ହେବ । ଅନ୍ତତଃପକ୍ଷେ ପାଞ୍ଚ ବର୍ଷ ପାଇଁ ଗୋଟିଏ ଗାଁର ଝିଅମାନେ ମିଳିତ ଭାବେ ବିବାହ ବର୍ଜନ କଲେ, ଏହା କିଛି ପ୍ରଭାବ ନିଶ୍ଚୟ ପଡିବ । କେତେଜଣ ନମୁନା ହେଲେ, ଫଳ ଅନ୍ୟମାନଙ୍କୁ ମିଳିବ । ଏ ତ୍ୟାଗ ସ୍ୱୀକାର କରିବାର ବେଳ ଆସିଛି । ନାରୀମାନେ ସଂଘବଦ୍ଧ ହୋଇ, ନିଜକୁ ସଂଶୋଧନ ଆଗ କରିପାରି, ବିନ୍ଦୁବର

Digitized by srujanika@gmail.com

ଆହ୍ୱାନ ଦିଅନ୍ତୁ, ସମାଜରେ ଯେଉଁ ଅଶୋଭନୀୟତା ବ୍ୟାପିଛି, ତାକୁ ଦୂର କରିବା ପାଇଁ ବିପ୍ଳବ ମଧ୍ୟ କରନ୍ତୁ, ତା ନହେଲେ ତାଳିପକା ନ୍ୟାୟରେ ଅଧିକ ଦିନ ଏହି ଜୀର୍ଣ୍ଣ ପୋଷାକ ଧାରଣ କରି ହେବନାହିଁ । ଭାରତୀୟ ସଂସ୍କୃତିର ମୂଳପୀଠ 'ଗୃହ' । ଏ ଗୃହ ଆଜି ନର୍କ ହୋଇଯାଇଛି । ଏ ଗୃହକୁ ରକ୍ଷା କରିବା ଦାୟିତ୍ୱ ନାରୀର ଓ ପୁରୁଷର । ଗୃହର ପ୍ରତି ସଦସ୍ୟ ପରସ୍ପରକୁ ଜାଣି, ବୁଝି, ଭଲପାଇ, ସହ୍ୟ କରିଲେ, ଗୃହ ଧର୍ମ ସୁସ୍ଥରୂପେ ପାଳିତ ହେବ । ସବୁଠୁ ଶାଣିତ, ସବୁଠୁ କୋମଳ, ସବୁଠୁ ବଡ ମହୌଷଧି ପ୍ରେମ । ଏହା ପଶୁକୁ ବି ବଶ କରେ । ଏହି ପ୍ରେମଭାବ, ପରିବାରରେ, ସାଇ ପଡିଶାରେ, ଗ୍ରାମ ଗ୍ରାମାନ୍ତରେ ରହିଲେ, ଶୁଭକାମନା ରହିଲେ, ଜୀବନରେ କୌଣସି ବିଳକ୍ଷଣ ଆସିବ ନାହିଁ । କହିବା ବାହୁଲ୍ୟ ଯେ ସ୍ୱାର୍ଥ, ଲୋଭ, ଅହଂକାର ଦୂରିଭୂତ ନହେଲା ଯାଏ ପ୍ରେମଭାବ ଉତ୍ପନ୍ନ ହୁଏନାହିଁ କି ପ୍ରେମହୀନ ଅନ୍ତରରେ କାହାରି ପ୍ରଭାବ ପଡେ ନାହିଁ । ତେଣୁ ସମଗ୍ର ବିଶ୍ୱ ପାଖରେ, ଏହି ପ୍ରେମ, ସଦିଚ୍ଛା, ସହଯୋଗିତା ଓ ସହଧର୍ମିତା ପାଇବା ପାଇଁ ନିଖିଳ ନାରୀ ସମାଜ ଏକବିଂଶ ଶତାବ୍ଦୀର ଉପକଂଠରେ, ଗଭୀର ବିଶ୍ୱାସ ଓ ଶ୍ରଦ୍ଧାରେ ଠିଆ ହୋଇଛି, ସେହି ଅନାଗତ ସକାଳ ପ୍ରତୀକ୍ଷାରେ । ସେ ସକାଳ ଆସିବ କି ନାଁ ଏକଥା କହି ହୁଏନାହିଁ ।

'ପୂର୍ବାଶା'
ହାଉସିଂ ବୋର୍ଡ କଲୋନୀ
ଖୋରଧା, ପୁରୀ ।

ଓଡ଼ିଆ ସାହିତ୍ୟରେ ନାରୀର ସାମାଜିକ ସ୍ଥିତି ଓ ସ୍ୱରୂପ

ଶ୍ରୀମତୀ ଶ୍ୱେତପଦ୍ମାସିନୀ ମହାନ୍ତି

ବର୍ତ୍ତମାନର "ଓଡ଼ିଆ ସାହିତ୍ୟରେ ନାରୀର ସାମାଜିକ ସ୍ଥିତି ଓ ସ୍ୱରୂପ"— ଏ ବିଷୟଟିର ପରିସର ମଧ୍ୟରେ ନାରୀର ଅନେକ ସମସ୍ୟା ମଧ୍ୟ ଓତପ୍ରୋତ ଭାବେ ଜଡ଼ିତ । ଏହା ଏତେ ବ୍ୟାପକ ଯେ—ଆଲୋଚନା କରଗଲେ ମଧ୍ୟ ତାର ଆଦି ଅନ୍ତ ମିଳିବ ନାହିଁ ।

ପ୍ରକୃତରେ ସମାଜରେ ଯାହା ନାରୀର ସ୍ଥିତି-ତାକୁହିଁ ସାହିତ୍ୟିକ ରୂପ ଦେଇଥାଏ । ସାହିତ୍ୟରେ ଯାହା ନାରୀର ସ୍ୱରୂପ ତାକୁ ସମାଜ ଗ୍ରହଣ କରିଥାଏ- ଏହା ତି ଏକ ବିତର୍କିତ ପ୍ରଶ୍ନ । ଉତ୍ତର ଯାହା ମିଳୁନା କାହିଁକି ତାହା ସନ୍ତୋଷଜନକ ନୁହେଁ ।

ନାରୀ ଯେ ବର୍ତ୍ତମାନ ସମାଜରେ ନିର୍ଯାତିତା ସେଥିରେ ସନ୍ଦେହ ନାହିଁ । ତେଣୁ ଆମ ସାହିତ୍ୟରେ ତା'ର ପ୍ରଭାବ ଯଥେଷ୍ଟ ଅନୁଭୂତ ହୁଏ । ମୋର ତ ମନେହୁଏ ଯେମିତି ସାହିତ୍ୟ ସୃଷ୍ଟି ପାଇଁ ବର୍ତ୍ତମାନ "ନାରୀର ସ୍ଥିତି ଓ ସ୍ୱରୂପ" ହିଁ ଏକ ବିଶେଷ ମାଧ୍ୟମ ହୋଇପଡ଼ିଛି । ନାରି ନିର୍ଯାତନା, ନାରୀତ୍ୱର ଅପମାନ, ନିଃସହାୟତା ଏବଂ ଭାବପ୍ରବଣତାକୁ ନେଇ ଅନେକ କଥା, କାହାଣୀ ଚମତ୍କାର ଭାବେ ପାଠକ ପାଖେ ପହଞ୍ଚି ପାରିଛି । ଯୋଗାଇ ଦେଉଛି କିଛିଟା ରୋମାଂଚ, ହର୍ଷ ଓ ବିଷାଦ । ମାଗୁଛି ଟିକିଏ ସ୍ନେହ, ସହାନଭୂତି । ସତେ ଯେମିତି ସେ ଏକ ନଗଣ୍ୟ ମଣିଷ । ଦାବୀ ବୋଲି ଜିନିଷଟି ତାର ଆଦୌ ନାହିଁ । ଅଧିକାର ସାବ୍ୟସ୍ତ କରିବା ପାଇଁ ସ୍ୱର ତା'ର ନାହିଁ । ଯଦି କେଉଁଠି ଏହାର ବ୍ୟତିକ୍ରମ ହୁଏ—ତେବେ ନାରୀ ସେଠି ହୁଏ ନଷ୍ଟ ଚରିତ୍ରାର ଆଖ୍ୟା ପାଇଥାଏ ।

ଏଇ କଥାଟି ଯେ ସମସ୍ତେ ଗ୍ରହଣ କରନ୍ତି ତା ନୁହେଁ, କିନ୍ତୁ ପ୍ରତିକାର କେହି କରି ପାରନ୍ତି ନାହିଁ । କେମିତି ଗୋଟାଏ ବିଶେଷ ଆଙ୍ଗ ରହିଗଲା ପରି

Digitized by srujanika@gmail.com

ନନେହୁଏ । ତେଣୁ ଆମେ ଆଜିର ସାହିତ୍ୟିକ ମାନେ ଏହାର ପ୍ରତିକାର କଥା ଭାବିବା ଉଚିତ । ତାହାହିଁ ଲେଖିବା ଉଚିତ । ନାରୀ ନିଜକୁ କେମିତି ଭାବେ ଗଢି ପାରିବ, ରକ୍ଷା କରିପାରିବ, ନିଜର ଭାବମୂର୍ତ୍ତି ଅକ୍ଷୁର୍ଣ୍ଣ ରଖିପାରିବ, ଏ ବିଷୟରେ ଖୁବ୍ କମ୍ ଲେଖାଯାଉଛି । ଏହାହିଁ ବୋଧେ ଆମ ସମାଜର ସଚେତନ ବ୍ୟକ୍ତି ବିଶେଷଙ୍କୁ ଅନ୍ଧାରରୁ ଆଲୋକକୁ ଟାଣି ଆଣି ପାରୁନାହିଁ । ପ୍ରଥମେ ନାରୀ ଲେଖିକାମାନେ ହିଁ ଏଥିପାଇଁ ସଚେତନ ହୋଇ ଏକ ଗଠନ ମୂଳକ ଭୂମିକା ଗ୍ରହଣ କରିବା ଆବଶ୍ୟକ । "ଦୁଃଖ—ଦୁଃଖ" ବୋଲି ଖାଲି କହି ବୋଲିଲେ ହେବ ନାହିଁ—ତାକୁ ପ୍ରତିରୋଧ କରିବାର ସୁଚିନ୍ତିତ ପଦକ୍ଷେପ ଆମ ସାହିତ୍ୟରେ ସ୍ପଷ୍ଟ ହେବା ଏକାନ୍ତ ବିଧେୟ । ଅନ୍ୟାୟକୁ ବରଦାସ୍ତ କରିବା ନାରୀତ୍ୱର କୋମଳତା ନୁହେଁ ବରଂ ଦୁର୍ବଳତା । ଏହା ଏକଦମ୍ ସତ୍ୟ । ଆଉ ଗୋଟିଏ ବିଶେଷ କଥା ହେଲା—ପୁରୁଷର ଉଦାରତା ନିକଟରେ ହିଁ ନାରୀତ୍ୱର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହେ—ଏହି ସୂକ୍ଷ୍ମ ତତ୍ତ୍ୱଟି ପୁରୁଷ ସମାଜ ଅନୁଭବ ନକଲା ଯାଏଁ ନାରୀର ସ୍ଥିତି ଓ ସ୍ୱରୂପ ନିଶ୍ଚିତ ଭାବେ ବିପନ୍ନ ଅବସ୍ଥାରେ ହିଁ ରହିଥିବ । ସେ ପୁରୁଷ ଯଦି ଜଣେ ଲେଖକ ହୋଇଥାଏ—ଏବଂ ଏକଥା ବୁଝି ନଥାଏ—ତେବେ ସେ ନିଜ ସୃଷ୍ଟିରେ ନାରୀ ମନସ୍ତତ୍ତ୍ୱ ଉପରେ ଘୋର ଆଘାତ ଆଣିଦିଏ । ଗଳ୍ପର ନାରୀଟିକୁ ସର୍ବଦା "ପରନାରୀ" ବୋଲି ଜ୍ଞାନ କରି ତାକୁ ବ୍ୟଭିଚାରୀ ଦୃଷ୍ଟିରେ ଦେଖେ । ଅଥଚ ଏଇଠି ଏକ ପ୍ରଶ୍ନ—ଯଦି ସେ ଗଳ୍ପର ନାୟିକାଟି ଲେଖକର ମା, ସ୍ତ୍ରୀ ଅବା ଭଉଣୀର ସ୍ଥିତିରେ ଥାଆନ୍ତେ—ତେବେ ସେମାନେ କେମିତି ତାଙ୍କୁ ଦେଖନ୍ତେ ? କ'ଣ ଲେଖନ୍ତେ ?

ହଁ · ଏଇ ଆଲୋଚନା ବେଳେ ଆଉ ଗୋଟାଏ କଥା ମନକୁ ଆସେ ଯେ—ଏବେ ବି ଗଳ୍ପ, ଉପନ୍ୟାସର ପାଠକ ସଂଖ୍ୟା ପୁରୁଷ ତୁଳନାରେ ନାରୀ ଅଧିକ । ଅଳ୍ପଶିକ୍ଷିତାଠାରୁ ଉଚ୍ଚଶିକ୍ଷିତା ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶଙ୍କ ହାତରେ ଗଳ୍ପ ବହି ପଡେ । ତେଣୁ ସାହିତ୍ୟିକମାନେ ଯଦି ନାରୀର ପୂର୍ବ ସ୍ଥିତି ଓ ସ୍ୱରୂପର ଉଜ୍ଜଳ ଦିଗଟିକୁ ଦର୍ଶାଇ ବର୍ତ୍ତମାନର ପରିସ୍ଥିତି ସହ ମୁକାବିଲା କରିବାର ଉପାୟଟି ଜଣାଇବା ଆବଶ୍ୟକ । ନାରୀର ମାନସିକ ଉପର ଅବସାନ ପାଇଁ, ଆତ୍ମସମ୍ମାନ ବଢାଇବା ପାଇଁ, ରୁଚିର ସଂସ୍କାର ପାଇଁ ସାହିତ୍ୟିକମାନେ ଯତ୍ନବାନ ହେବା ଉଚିତ । ସୁନ୍ଦର, ଶୋଭନୀୟ ରୂପରେ ଆମ ସମାଜରେ ନାରୀକୁ ଉପସ୍ଥାପନ କରି ପାରିଲେ, ସେମାନଙ୍କର ପବିତ୍ରତା, ମର୍ଯ୍ୟାଦା ରକ୍ଷା କରିପାରିଲେ ଯାଇ ଅନେକ ମାନସିକ ବିକାର ଦୂର ହୋଇ ପାରିବ ।

Digitized by srujanika@gmail.com

ନାରୀର ଭାବପ୍ରବଣତା ଉପରେ ଆଘାତ କରି, ତା'ର ରୂପକୁ ବିକୃତ କରି ଯେଉଁ ସାହିତ୍ୟ ସୃଷ୍ଟି ହୋଇଥାଏ—ତାହା ଯଥାର୍ଥରେ ଏକ ବିଷାକ୍ତ ଖାଦ୍ୟ । ଯାହାକୁ କି ଜୋର କରି ପାଠକମାନଙ୍କୁ ଖୁଆଇ ଦିଆଯାଏ । ପ୍ରତିଟି କ୍ଷେତ୍ରରେ ନାରୀ ସହ୍ରହିଁ ବଳାତ୍କାର କରାଯାଉଛି । କଲମ ମୁନରେ, କାନ୍ଥ ବାଡ଼ର ନଗ୍ନ ସିନେମା ପୋଷ୍ଟର ମାଧ୍ୟମରେ, ପରିବାର ଓ ସମାଜର ରୁଦ୍ଧ କୋଠରୀ ମଧ୍ୟରେ—ନାରୀର ସ୍ୱରୂପ ବିକୃତ ହୋଇ ଉଠୁଛି । ଅଥଚ ଏଇମାନେହିଁ ଏକାନ୍ତ ଭାବେ ସେଇ ନାରୀର ସୃଷ୍ଟି । ବୟସ ନିର୍ବିଶେଷରେ ଏକ ଆତଙ୍କିତ, ଅପବିତ୍ର ବାତାବରଣ ତା ଚାରିପଟେ ଘେରି ରହିଛି । ଯେଉଁମାନେ ତାର ଆପଣାର, ଯାହା ପାଇଁ ସେ ବଂଚେ, ଦୁଃଖରେ ହସି ପକାଏ—ସେମାନେ ତାକୁ ସେମିତି ନିଛକ ସ୍ନେହମୟ ଆନ୍ତରିକତା ଟିକିଏ ଦିଅନ୍ତି ନାହିଁ ।

ଏସବୁ ସତ୍ତ୍ୱେ ନାରୀ ଓ ପୁରୁଷ ଉଭୟହିଁ ଆମ ସମାଜର ଦୁଇଟି ପ୍ରଚଣ୍ଡ ଶକ୍ତି । ଜଣେ ପ୍ରଦୀପ ତ ଅନ୍ୟଟି ସଳିତା । ସମାଜ ପାଇଁ ମନୋରମ ଆଲୋକ ଟିକିଏ ବିତରଣ କରିବା ସେମାନଙ୍କର ଧର୍ମ । ପରସ୍ପରକୁ ବୁଝି ପାରିବା ସେମାନଙ୍କର କର୍ତ୍ତବ୍ୟ ।

ତେଣୁ ଏସବୁ ଦିଗକୁ ମନରେ ରଖି, ସମାଜକୁ ନିୟନ୍ତ୍ରଣ କରିବା ପାଇଁ, ନାରୀର ସାମାଜିକ ସ୍ଥିତିକୁ ଅଧିକ ଦୃଢ଼ ଓ ସ୍ୱରୂପକୁ ସୁନ୍ଦର, ନିର୍ମଳ ରଖିବା ପାଇଁ ସାହିତ୍ୟ ରଚନା ହେବା ଆବଶ୍ୟକ । ପ୍ରଥମେ ନାରୀ ହିଁ ଏ ଦିଗରେ ପ୍ରଥମ ପଦକ୍ଷେପ ନେବା ବିଧେୟ । ପୁରୁଷ ବା ସମାଜକୁ ଦୋଷ ଦେଲେ—ସମସ୍ୟାର ସମାଧାନ ହୋଇଯିବ ନାହିଁ । କିଛି ନା କିଛି ହିଁ କରିବାକୁ ପଡ଼ିବ । ନିଜକୁ ନିଜେ ପରଖିବା ଆବଶ୍ୟକ ।

Digitized by srujanika@gmail.com

ନାରୀ ସ୍ୱାଧୀନତାର ସ୍ୱର ଏବଂ ସାଧନା

ଶ୍ରୀମତୀ କନକଲତା ମହାନ୍ତି

ବର୍ତ୍ତମାନର ସମୟ ଗୋଟାଏ ଘଡିସନ୍ଧି ସମୟ । ଗୋଟାଏ ଉତ୍ତାଳ ତରଙ୍ଗିତ ମନ୍ଥିତ ସମୁଦ୍ରର ସମୟ । ମନେ ହୁଏ, ଯା'କୁ ଯେଉଁ ନାରୀ ପୁରୁଷ ବା ଯେଉଁ ଦେବାସୁର ମନ୍ଥୁଛନ୍ତି, ତାଙ୍କରି ଅଭିପ୍ସାରୁ ଅମୃତ ଉଠୁଛି । ତାଙ୍କରି କାମନାରୁ ବିଷ ଉଠୁଛି ଶିବଟିଏ ମିଳୁନାହାନ୍ତି । ଏଣୁ ସମସ୍ତଙ୍କ ଉପରେ ଟୋପାଏ ଟୋପାଏ ବିଷ ପଡୁଛି । ଟୋପାଏ ଟୋପାଏ ଅମୃତ ବି ପଡୁଛି । ଅମୃତ ଯୋଗୁ ବିଷ ପୂରା ମାରି ପାରୁନାହିଁ । ବିଷ ଯୋଗୁ ଅମୃତ ବି ସଂପୂର୍ଣ୍ଣ ଅମରତ୍ୱ ଦେଇ ପାରୁନାହିଁ ।

ଏହି ସମୟର ଗୋଟାଏ ନିଜସ୍ୱ ସ୍ୱର ଅଛି । ଗୋଟାଏ ଆବଶ୍ୟକତା ମଧ୍ୟ ଅଛି । ତାହା ହେଉଛି ସଂପୂର୍ଣ୍ଣ ସ୍ୱାଧୀନତା । ମଣିଷ'ର ସ୍ୱାଧୀନତା । ପୁରୁଷମାନେ ଭାବୁଛନ୍ତି ସେମାନେ ସ୍ୱାଧୀନ । ନାରୀମାନେ ପରାଧୀନ । ନାରୀ ମାନଙ୍କ ଉପରେ ଯା'ର ପ୍ରଭାବ ଗଭୀରଭାବେ ପଡୁଛି । ଧ୍ୱନିର ପ୍ରତି-ଧ୍ୱନି ରୂପେ ବାଜୁଛି ।

ଦେଖାଯାଉଛି ମଧ୍ୟ ପୁରୁଷର ସର୍ବତ୍ର ଅବାଧଗତି, ସମସ୍ତ ସ୍ଥାନରେ ଅବାଧ ସ୍ଥିତି । ପୁଣି ସର୍ବ କ୍ଷେତ୍ରରେ କ୍ଷେତ୍ରାଧିପତିର ଭୂମିକା । ଏଠି ଆଉ ଥରେ ସ୍ପଷ୍ଟ ଦିଆଯାଇପାରେ, ଯେଉଁ ଯାଏ ଦିଶୁଛି, କେବଳ ସେତିକିର କଥା କୁହାଯାଉଛି । ଏଣୁ ନାରୀ ସ୍ୱାଧୀନତାର ପ୍ରଶ୍ନ ଉଠୁଛି ।

ନାରୀମାନେ ଘରେ ଆବଦ୍ଧ । ନାରୀମାନେ ବାହାରେ ଅସହାୟ । ନାରୀମାନେ ଅର୍ଥନୈତିକ ରାଜନୈତିକ କ୍ଷେତ୍ରରେ ଆହୁରି ଅନେକ ଅନେକ କ୍ଷେତ୍ରରେ ପରାଧୀନ । ସ୍ୱାମୀମାନେ ଟଙ୍କା ଦେଲେ ଖର୍ଚ୍ଚ କରନ୍ତି । ସ୍ୱାମୀମାନେ କୋଉ ଚିହ୍ନରେ ମୋହର ମାରିବୁ, କହିଦେଲେ ଭୋଟ ବି ଦିଅନ୍ତି । ସ୍ୱାମୀ ଖାଇବା ପିନ୍ଧିବାକୁ ଦେଇ ଭର୍ତ୍ତା ବୋଲାନ୍ତି ।

କନ୍ୟା କାଳରେ ପିତା, ଯୁବା କାଳରେ ପତି, ବୃଦ୍ଧାବସ୍ଥାରେ ପୁତ୍ରର ଅଧୀନରେ ରହନ୍ତି । ଏଣୁ ନାରୀର ପୁରୁଷଠାରୁ ମୁକ୍ତି ଲୋଡା । ରାଜନୈତିକ

Digitized by srujanika@gmail.com

ସଚେତନତା ଲୋଡ଼ା । ଅର୍ଥନୈତିକ କ୍ଷମତା ବା ନିଜ ସ୍ୱେଚ୍ଛାରେ ନିଜକୁ ଚଳାଇବାର ଶକ୍ତି ଲୋଡ଼ା । ନିଜଠାରୁ ନିଜ ପାଇଁ ଆହୁରି କେତେ କଥା ଲୋଡ଼ା ।

ମୋଟାମୋଟି ସେ ପୁରୁଷ ସଙ୍ଗେ ଯେଉଁ ଯେଉଁ କ୍ଷେତ୍ରରେ ଯେଉଁଠି ବାନ୍ଧି ହେଉଛି, କୃପାପାତ୍ରୀ ହୋଇଅଛି, ସେଠୁ ମୁକ୍ତି ଲୋଡ଼ା ।

ଆଗ ଧରଯାଉ ଦୈହିକ କ୍ଷେତ୍ର କଥା । କାରଣ ବିବାହରେ ଦୁଇଟି ମଣିଷ, ନାରୀ ଓ ପୁରୁଷ, ଦେହ ମିଳନର ସ୍ୱୀକୃତି ପାଇଯାଆନ୍ତି । ସ୍ୱାମୀଟି ଯଦି ତାକୁ ଅଧିକାର ବୋଲି ଧରିନେଲା ଏବଂ ନିଜ ଇଚ୍ଛା ଓ ମତ ଯାହିର କଲା ହେଲା ଅଧ ଡଜନେ ଛୁଆ । ଅଥବା ଗର୍ଭ ନଷ୍ଟ । ନଚେତ୍ ଜନ୍ମ ନିୟନ୍ତ୍ରଣ । ନାରୀ ଜନ୍ମର ଯନ୍ତ୍ରଣା ଭୋଗିଲା ଗର୍ଭନଷ୍ଟର ଦୈହିକ କଷ୍ଟ ସହ୍ୟ କଲା ।

ଶାରୀରିକ କଷ୍ଟ ଅପେକ୍ଷା ମାନସିକ ଯନ୍ତ୍ରଣା ବେଶୀ ଭୋଗିଲା । ସେଇଠୁ ସଚେତନ ନାରୀଟିଏ ଯେ' ଅଚେତନ ପୁରୁଷ କବଳରୁ ମୁକ୍ତି ଖୋଜେ ବା ନିରୁପାୟ ଭାବେ ପ୍ରତି ରାତିରେ ଏହି ଅଚେତନତା ଦ୍ୱାରା ଅତ୍ୟାଚାରିତା ହୁଏ । ଅଥବା ନିଜ ବ୍ୟକ୍ତିତ୍ୱ ବଳରେ, ମହିମାରେ ପୁରୁଷକୁ ସଚେତନ କରିଦିଏ । ପରିବର୍ତ୍ତନ କରିଦିଏ ।

ଲିମ୍ବକୁ ଚନ୍ଦନ କରି ଦେଇପାରେ । ପରିବର୍ତ୍ତନର ପ୍ରଶ୍ନ ଉଠୁଛି । ମଣିଷ ଉପରେ ବିଶ୍ୱାସ ଅଛି ବୋଲି ।

ସେହିଭଳି ପ୍ରାଣିକ ବନ୍ଧନ ଆଉ ମୁକ୍ତି । ସ୍ୱାମୀଟିଏ ସ୍ତ୍ରୀର ଯଶ ସହ୍ୟ କରି ପାରୁନାହିଁ । ପ୍ରକାଶ ସହ୍ୟ କରି ପାରୁନାହିଁ । ପ୍ରତିଭା ବରଦାସ୍ତ କରି ପାରୁନାହିଁ । ଈର୍ଷାତୁର କ୍ରୋଧ କାରେ ହେଇ ଉଠୁଛି । ଏଠି ମୁକ୍ତିର ବା ପରିବର୍ତ୍ତନର ପ୍ରଶ୍ନ ଉଠେ ।

ସେମିତି ମନର ବନ୍ଧନ ଆଉ ମୁକ୍ତି । ସ୍ତ୍ରୀ କହୁଛି ମନ୍ଦିରକୁ ଯିବ । ପୁରୁଷ କହୁଛି ଘରେ ବସି ଶୁଖୁଆ ଶୁଖାଇବି ? ଏଠି ସାଲିସ୍ ହୋଇ ପାରେନା । ହବା ଉଚିତ ନୁହେଁ । ମୁକ୍ତି ଲୋଡ଼ା ।

ଦେଖାଗଲା – ଏଇ ତିନୋଟି ଭୂମିରେ ବନ୍ଧନ ଏଇ ତିନୋଟି ଭୂମିରେ ମୁକ୍ତି । ଏଇଥିରେ ଆମ ଘର ସଂସାର । ଆମ ବ୍ୟବସାୟ ବାଣିଜ୍ୟ । ଆମ ଚାକିରୀ ରାଜନୀତି, ଆମ ଧର୍ମ, ସାହିତ୍ୟ, ବିଜ୍ଞାନ କଳା, ଆମ ବିକୃତି, ଆମ ପ୍ରକୃତି ।

Digitized by srujanika@gmail.com

ତା' ନହେଲେ ଘମ ଜନ୍ମଭୂମି ବାବରି ମସ୍‌ଜିଦ୍ ବିବାଦ ପଞ୍ଜାବର ହଣା କଟା ଲାଗି ନଥାନ୍ତା । ଯେତେ ଯେତେ ଦୁର୍ଘଟଣାମାନ ଘଟୁଛି ଘଟି ନଥାନ୍ତା । ପଞ୍ଜାବରେ କେତେ ସ୍ତ୍ରୀ ସ୍ୱାମୀକି ହରେଇ, କେତେ ମା' ପୁଅକୁ ହରେଇ, କେତେ ଭଉଣୀ ଭାଇକି ହରେଇ, କେତେ କନ୍ୟା ପିତାକୁ ହରେଇ କାନ୍ଦୁଛନ୍ତି । ସେ କାନ୍ଦ ଆମକୁ ସତକୁ ସତ ଲାଗୁଛି କି ? ଆମ ନାରୀ ସ୍ୱାଧୀନତାର ସ୍ୱର ତାଙ୍କୁ ଶୁଭୁଛି କି ?

ଆମ ପଡିଶା ଘର ଝିଅ ଦେହରେ କିରେସିନି ଢାଳି ପୋଡି ଦେଲେ ଆମକୁ ଲାଗୁଛି କି ? ଆଉ ସାହି ଝିଅ ଚିତ୍ ରାସ୍ତାରେ ଧର୍ଷିତା ହେଲା ! ଆମକୁ ବାଧୁଛି କି ? ଆଉ ଫ୍ଲାଟ୍ କ୍ୱାଟରର ବୋହୂ ଚାକିରୀ କରି, ସ୍ୱାମୀ ହାତକୁ ସବୁ ଟଙ୍କା ବଢେଇ ଦେଇ, ସ୍ୱାମୀର ଅକାରଣ ସଂଦେହ ପାତ୍ରୀ । ଶାଶୁର ଇତର ଈର୍ଷାର ଶୀକାର ହେଇ ମାଡ ଖାଇଲା, ଆମେ ବିଚଳିତ ହେଲୁ କି ? ରାସ୍ତା ଛକରେ ଅଶ୍ଳୀଳ ନାରୀ ଅଙ୍ଗ ପ୍ରଦର୍ଶନର ପୋଷ୍ଟର ମରାହେଲା ଆମକୁ ଲଜ୍ୟା ହେଲାକି ?

ସେସବୁ ଆମ ମା' ଭଉଣୀ ମାଉସୀ ନାନି ମାନଙ୍କର ନୁହେଁ । ଆମର ନୁହେଁ । ଯୋଉ ଝିଅକୁ ତା ସ୍ୱାମୀ ଛାଡି ଦେଇଛି । ସେ ମୋ ଝିଅ ନୁହେଁ ।

ଏଇଠି ବିଚ୍ଛିନ୍ନତାର ସ୍ୱର । ଏଠି ଏମିତି ଗୋଟିଏ ଏକୁଟିଆ ଗୁମ୍ଫା । ଏଠି ନାରୀ ପୁରୁଷ ସଙ୍ଗେ ବାନ୍ଧି ହେଇଛି । କିନ୍ତୁ ଏକାଠି ରହିଲିନାହିଁ । ଏକ ହୋଇ ନାହିଁ । ଏଇଠି ନାରୀକି ସ୍ୱାଧୀନତା ପାଇବାକୁ ହବ । କାମ କରିବାକୁ ହବ । ଏଇଠି ବି ସମସ୍ୟାର ମୁହାଁମୁହିଁ ହବାକୁ ହବ । ସମାଧାନ କରିବାକୁ ହବ । ସମସ୍ୟାକୁ ଅତିକ୍ରମ କରିଯିବାକୁ ହବ ।

ନାରୀ ପୁରୁଷଠାରୁ ମୁକ୍ତି ପାଇଲେ, ପୁରୁଷ ନାରୀଠାରୁ ମୁକ୍ତି ପାଇଯିବ । ଏଇଠି ମଧ୍ୟ ଅନ୍ୟ ବାଟେ ବଞ୍ଚିବାକୁ ପଡିବ । ଅନ୍ୟ ଭୂମିର ଆଲୋକରେ ବଞ୍ଚିବ । ଅନ୍ୟ ଦୃଷ୍ଟିରୁ ଜୀବନଚର୍ଯ୍ୟା କରିବ । ନାରୀ ଆଗ ନିଜ କଥା ନିଜେ ବାସ୍ତବ ଭାବେ ଭାବିଲାଣିକି ? ନିଜ ସମସ୍ୟା ନିଜେ ଗଭୀର ଭାବେ ବୁଝିଲାଣିକି ? ନାରୀ ବୃନ୍ଦ ଚାକିରୀ କଲେ କି କି ସମସ୍ୟା ଉପୁଜିବ ତା ପାଇଁ । ତାକୁ ଘେରି ବଞ୍ଚୁଥିବା ଅନ୍ୟମାନଙ୍କ ପାଇଁ । ବାହାହେଲେ, ଅବିବାହିତା ରହିଲେ, କଣ ସମସ୍ୟା ଦେଖାଦେବ । ଅତି ପରିଷ୍କାର କରି ବୁଝିବାକୁ ଚେଷ୍ଟା କରୁ । ନାରୀ

Digitized by srujanika@gmail.com

ଭାବୁ ପୁଣି ଚାକିରୀ କରି ନିଜ ଗୋଡ଼ରେ ନିଜେ ଠିଆ ହେଲା ଉତ୍ତାରେ ଯୌତୁକ ନେଇ ବାହା ହବାର ଆବଶ୍ୟକତା ଅଛି କି ନାଁ ? ମା ହବା ତା ଜୀବନରେ ଏକମାତ୍ର ସ୍ୱାର୍ଥ କଣ କି ନାଁ ? ନାରୀ ଭାବୁ ଜଣେ ପୁରୁଷର ମିଛ ସଂଦେହ ମିଛ ଅହଂକାର ଭିତରେ ଶ୍ୱାସରୁଦ୍ଧ ହେଇ, କାଚ ସିନ୍ଦୁର ନାଇ ମିଛ ଘର କରିବାର ଆବଶ୍ୟକତା ଅଛି କି ନାଁ ? ପୁଣି ନାରୀ ଭାବୁ ଯଶୋଦା ଭଳି ହବ ନାଁ ନାହିଁ ? ଲଳିତା ଶାସ୍ତ୍ରୀ ଭଳି ପତ୍ନୀଟିଏ ହବ ନା ନାହିଁ ? ଇନ୍ଦିରାଗାନ୍ଧୀ ଭଳି ନେତ୍ରୀଟିଏ ହବ ନା ନାହିଁ ? କାରଣ ଏସବୁ କଥା ଏଇଠି ହେଉଥିଲା ।

ଏଇ ବାସ୍ତବ ସଂସାରରେ ବାସ୍ତବ ଜୀବନରେ ଏତିକି ହୋଇପାରେ । ଯାହାଠାରୁ ଯଥେଷ୍ଟ ଅଧିକ ବି ହୋଇପାରେ । କାରଣ ଗୋଡ଼ରୁ ବେଡ଼ି ଫିଟିଗଲେ, ଗୋଡ଼ ସ୍ୱାଭାବିକ ଭାବେ ଗତିଶୀଳ ହବ । ସ୍ୱାଧୀନତାର ଅବଶ୍ୟମ୍ଭାବୀ ଫଳ ହଉଛି ଗତି । ନଭାବିଲେ ନଚିନ୍ତିଲେ ନବୁଝିଲେ କିଛି ସତ୍ୟ ପ୍ରତିଷ୍ଠା ନକଲେ ଗତି ହୋଇଯିବ ତୁଚ୍ଛା ଭୁଆଁବୁଲଣି । ସ୍ୱାଧୀନତା ହୋଇଯିବ ଦୁର୍ବହ ଭାର ସ୍ୱରୂପ । ନାରୀ ଯେଥିରେ ପୋଡ଼ି ହୋଇଯିବ । ପୁରୁଷକୁ ପୋଡ଼ିଦବ । ସଂସାରକୁ ପୋଡ଼ିଦବ । ଯେତେ ସରକାର ସିଲେଇ ମେଶିନ ଯୋଗାନ୍ତୁ, ଚାକିରୀ ଯୋଗାନ୍ତୁ ସବୁଜ କାର୍ଡ ବାଣ୍ଟନ୍ତୁ, ସ୍କୁଲ କଲେଜ ଖୋଲନ୍ତୁ କର୍ମଶାଳା କରନ୍ତୁ । ଏପତନ ହାତରୁ ରକ୍ଷା କରି ପାରିବେ ନାହିଁ ।

ଯଶୋଦା ଯଶୋଦା ହୋଇଥିଲେ ବାତ୍ସଲ୍ୟ ପ୍ରେମର ସତ୍ୟଟି ଜୀବନରେ ପ୍ରତିଫଳିତ କରି । କୃଷ୍ଣଙ୍କ ସଙ୍ଗେ ତାଙ୍କର ବନ୍ଧନ ନଥିଲା । ଏତେ ସବୁ ଲହୁଣୀ ଖାଇ ରଥ'ର ପତାକାଟି ଦେଖେଇ କୃଷ୍ଣ ମଥୁରା ଗଲେ । ରାଜା ହେଲେ ତାଙ୍କୁ ପଚାରିଲେ ନାହିଁ ବୋଲି କେଉଁଦିନ ତାଙ୍କର ସକ୍ରୋଧ ଅଭିଯୋଗ, ଭାଗବତରେ କେଉଁଠି ଲେଖାନାହିଁ । ଶାସ୍ତ୍ରିଜୀ ଜେଲରେ ଥିଲାବେଳେ ଲଳିତା ଚନ୍ଦ୍ର ହାସ'ର ଭାର ବହନ କରି ଶାସ୍ତ୍ରିଜୀଙ୍କ ଚିନ୍ତାର ଭାର କମାଉଥିଲେ । ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଶତ ତ୍ରୁଟି ବ୍ୟତ୍ୟୁତି ସତ୍ତ୍ୱେବି ଦେଶ ପାଇଁ ସ୍ୱପ୍ନ ଦେଖୁଥିଲେ, ଦେଶକୁ ଭଲ ପାଉଥିଲେ । ଦେଶପ୍ରେମର ଉଚ୍ଚ ଆଦର୍ଶ ପାଖେ କିଛି ପରିମାଣରେ ସମର୍ପିତା ଥିଲେ । ଜୀବନରେ ଯଦି କିଛି ସତ୍ୟ ଥାଏ, ପ୍ରେମଥାଏ, ଆଦର୍ଶଥାଏ, ସେ ଜୀବନ ପାଇଁ ସମାଜରେ କ୍ଷେତ୍ର ସୃଷ୍ଟି ହୁଏ । ସାହାଯ୍ୟ ଆସେ । ବିଚ୍ଛିନ୍ନତା ପରିବର୍ତ୍ତେ ଅଭେଦତା ଆସେ । କିନ୍ତୁ ତ୍ୱରାନ୍ୱିତ ଭାବେ ହେଉ ବା ବିଳମ୍ବରେ ହେଉ ଆସେ ନିଶ୍ଚୟ । ତା ପାଇଁ ଚିତ୍କାର କରିବାକୁ ପଡ଼େ ନାହିଁ । ନାରୀ ଏବଂ ପୁରୁଷର ଅନ୍ତତଃ ଗୋଟିଏ ଭୂମିରେ ସ୍ୱାଧୀନ ମୁକ୍ତ ମିଳନ ହେଲେ, ରଚିତ

Digitized by srujanika@gmail.com

ହେଲେ ଜୀବନର ସତ୍ୟ ଭିତ୍ତିଭୂମି, ସେଥିକି ଆସେ ତପସ୍ୟାର ଦାୟୀତ୍ୱ ଓ ଆବଶ୍ୟକତା । ସେଥିକି ତପସ୍ୟା କର । ଆଦର୍ଶର ଦୀପକୁ ଶ୍ରମର କାନିରେ ଢାଙ୍କି ରଖିବାର ତପସ୍ୟା ।

ସେଥିକି ଉଠି ଖଳ । କାରଣ ତୂଳ ସ୍ପର୍ଶ କରିବାକୁ ହବ । ଦୈହିକ ଭୂମିରେ ଉଭୟଙ୍କର ସପ୍ରେମ ମିଳନ ଲୋଡ଼ା ମାତ୍ର ସେତିକି ଯଥେଷ୍ଟ ନୁହେଁ । ପ୍ରାଣର ସ୍ତରରେ ମିଳନ ଦରକାର ମାତ୍ର ସେତିକି ଯଥେଷ୍ଟ ନୁହେଁ । ମନର ଚିନ୍ତା ଚେତନା ସ୍ତରର ମିଳନ ଅପରିହାର୍ଯ୍ୟ ମାତ୍ର ସେତିକି ଯଥେଷ୍ଟ ନୁହେଁ । ଏଇ ତିନୋଟି ଭୂମିପରେ, ଏଇ ବାସ୍ତବ ସଂସାର, ସାହିତ୍ୟ, ରାଜନୀତି ସମାଜ ଜୀବନ ଅନ୍ତରାଳରେ ଅଛି କୁଆଡ଼େ ଏକ ଗୋପନ ସତ୍ୟ ପରିଚୟ ସତ୍ୟ ମିଳନର ବିନ୍ଦୁ । ସତ୍ୟ ସ୍ୱାଧୀନତା, ଯଦି ପାର ସେଇଠି ପହଞ୍ଚିଯାଇପାର ।

ଶୁଣା ଅଛି ସେଠି କୁଆଡ଼େ ଆଶ୍ଚର୍ଯ୍ୟ କଥା, ସେଠି—

ନୁହଇ ଅଣ୍ଡିରା, ନୁହଇ ମାଇ
ପୁରୁଷ ନୁହେଁ ନାରୀ ନୁହଇ ।

ସେଠି କୁଆଡ଼େ ପ୍ରତ୍ୟେକ ଗୋଟିଏ ଗୋଟିଏ ବିକାଶଶୀଳ ଆତ୍ମା । ଏଥର ଓହ୍ଲାଅ, ଯୋଉଁଠୁ ଉଠିବା ଆରମ୍ଭ କରିଥିଲ ସେଇଠିକି । ଦେହ ଭୂମିକି । ଚେଳ ଲୁଣର ସଂସାରକୁ । ସ୍ୱାଧୀନ ହୋଇ ସାରିଛ । ସମସ୍ୟାର ସ୍ୱରୂପ ବୁଝି ସାରିଛ ମୂଳ ଛୁଇଁ ସାରିଛ । ସମାଧାନ କର ।

ଯାହା ମଣିଷ ଜାତିର ସମସ୍ୟା, ତାହା ନାରୀର ସମସ୍ୟା । ଯାହା ସମୟର ଆହ୍ୱାନ, ସମୟର ସ୍ୱର । ତାହା ନିୟତି ଆହ୍ୱାନ ନିୟତିର ସ୍ୱର । ତାହା ନାରୀର ଆହ୍ୱାନ, ନାରୀର ସ୍ୱର ।

'ବିଲେଇ ବେକରେ ଘଣ୍ଟି କିଏ ବାନ୍ଧିବ'ର ଉତ୍ତର ଆଉ ଗୋଳମାଳିଆ ଅସ୍ପଷ୍ଟ ନୁହେଁ । ପରିଷ୍କାର ସ୍ପଷ୍ଟ । ମୁଁ ହିଁ ବାନ୍ଧିବି । ଆଉ ଏଇ ଆରୋହଣ ଅବରୋହଣ ପଥରେ ଯୋଉ ବେଦନା ଯନ୍ତ୍ରଣା ଯୋଉ ପୀଡ଼ା ତାକୁ କିଏ ଭୋଗିବ ନାଁ ମୁଁ ଭୋଗିବି । ଆମେ ଭୋଗିବୁ ।।

□

Digitized by srujanika@gmail.com

ସାଂପ୍ରତିକ ନାରୀ : ଭୂମି ଓ ଭୂମିକା

କୁମାରୀ ଜୟଶ୍ରୀ ମିଶ୍ର

ମାନବର ସୃଷ୍ଟିରେ ନାରୀ ପୁରାତନୀ, ନାରୀ ଶକ୍ତି ସ୍ୱରୂପା, ଆଦ୍ୟାଶକ୍ତିଙ୍କ ଅଂଶଭୂତା ଜନନୀ । ନାରୀ ହେଉଛି ସେଇ ମାତୃଶକ୍ତି, ଯାହା ଜୀବଲୋକରେ ପ୍ରାଣକୁ ବହନ ଓ ପରିପୋଷଣ କରେ । ସୃଷ୍ଟିକ୍ରିୟାର ଅଭିବ୍ୟକ୍ତିରେ ନାରୀ ଏବଂ ପୁରୁଷ ସେହି ପରସଂବିତ୍ ବା ସର୍ବୋତ୍ତମ ଚେତନାର ପରିପ୍ରକାଶ, ଏହି ପରମ ଚେତନାହିଁ ନୀନାର ପରିପ୍ରକାଶ ନିମିତ୍ତ ଶିବ ଓ ଶକ୍ତି, ପୁରୁଷ ଓ ପ୍ରକୃତି ରୂପରେ ପ୍ରକାଶିତ ହୁଅନ୍ତି ।

ମାନବର ସଂସାରରେ ଏହି ଦୁଇଟି ସୃଷ୍ଟିଧାରା ଗଂଗା ଯମୁନାର ସ୍ରୋତ ପରି ମିଳିତ । ଗୋଟିଏ ହେଉଛି ପ୍ରାକୃତିକ ମନୁଷ୍ୟର ସନ୍ତାନ ସୃଷ୍ଟି, ଅନ୍ୟଟି ହେଉଛି ସାମାଜିକ ମନୁଷ୍ୟର ସଭ୍ୟତା ସୃଷ୍ଟି, ଗୋଟିଏ ପ୍ରାଣର ଜଗତ, ଅନ୍ୟଟି ମନର ଜଗତ । ଏହି ଦୁଇଟି ସୃଷ୍ଟି ମଧ୍ୟରେ ନାରୀ-ପୁରୁଷ ଉଭୟଙ୍କର ସଂଯୋଗ ବିଦ୍ୟମାନ । କାରଣ ସୃଷ୍ଟି ମାତ୍ରେହିଁ ଦ୍ୱୈତର ଲୀଳା; କିନ୍ତୁ ଏହି ସଂଯୋଗର ସ୍ୱଭାବ ଦୁଇ ସୃଷ୍ଟିରେ ଦୁଇ ପ୍ରକାର ରୂପ ଗ୍ରହଣ କରେ । ସନ୍ତାନ ସୃଷ୍ଟି ଓ ତାର ଉପଯୁକ୍ତ ପରିପାଳନରେ ପୁରୁଷର ଦାୟିତ୍ୱ ଗୌଣ, ଅପରିହାର୍ଯ୍ୟ । ନାରୀର ଅପେକ୍ଷାକୃତ ଅକ୍ରିୟ ବୀଜକୁ ପୁରୁଷର ସକ୍ରିୟ ବୀଜ ପ୍ରାଣ ଚଞ୍ଚଳ କରିବାଠାରୁ ଗର୍ଭଧାରଣ ଓ ସନ୍ତାନ ଜନ୍ମଦାନର ସୁଦୀର୍ଘ ଧାର ପର୍ଯ୍ୟନ୍ତ ନାରୀକୁ ସମସ୍ତ ଦାୟିତ୍ୱ ବହନ କରିବାକୁ ହୁଏ । ତେଣୁ ଏ ସକଳ କର୍ମଗ୍ରହଣର ପରିପ୍ରେକ୍ଷୀରେ ଗୁରୁତର କଷ୍ଟ ଓ ବେଦନା ସ୍ୱୀକାର ନାରୀକୁହିଁ କରିବାକୁ ହୁଏ ।

ନାରୀର ପ୍ରକୃତିରେ ଯେଉଁ ସ୍ୱାଭାବିକ ହୃଦୟବୃତ୍ତିର ପ୍ରାବଲ୍ୟ ପରିଲକ୍ଷିତ ହୁଏ, ତାହାହିଁ ତାକୁ ସୃଷ୍ଟିକର୍ମରେ ନିଯୋଜିତ କରେ । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ମତରେ ଏହି 'ହୃଦୟ ବୃତ୍ତିର ଗୋଟିଏ ଆନୁସଙ୍ଗିକ ଉତ୍ପାଦିତ ପଦାର୍ଥ ଅଛି, ଯାହାକୁ ମାଧୁର୍ଯ୍ୟ ବୋଲି କୁହାଯାଇପାରେ । ଏହି ମାଧୁର୍ଯ୍ୟ ଆଲୋକ ସଦୃଶ, ଏହା ମଧ୍ୟ ଗୋଟିଏ ଶକ୍ତି' । ପୁରୁଷର ସୃଷ୍ଟିକର୍ମରେ ନାରୀ ସ୍ୱଭାବର ଏହି ଅନିର୍ବଚନୀୟ ମାଧୁର୍ଯ୍ୟ ଚିରକାଳ ସହାୟତା ପ୍ରଦାନ କରିଛି । ପୁରୁଷର ଚିତ୍ତକୁ

Digitized by srujanika@gmail.com

ନାରୀର ଏହି ପ୍ରାଣବାନ ମାଧୁର୍ଯ୍ୟ ସ୍ପର୍ଶ କରି ସକ୍ରିୟ ନକଲେ ତାହା ନିଜର ପୂର୍ଣ୍ଣଫଳ, କର୍ମୀର ସକଳ କର୍ମୋଦ୍ୟମ, କଳାକାରର କଳାକୃତିତ୍ୱ ପ୍ରଭୃତି ମାନବ ସଭ୍ୟତାର ସକଳ ବିରାଟ ପ୍ରୟାସର ପୂର୍ଣ୍ଣାଙ୍ଗ ଫଳ ଦେଇପାରେ ନାହିଁ ।

ନାରୀର ଦୁଇଟି ରୂପ ପୁରୁଷକୁ କର୍ମ ଚଞ୍ଚଳକରେ । ଗୋଟିଏ ମାତୃରୂପ ଓ ଅନ୍ୟଟି ପ୍ରେୟସୀ ରୂପ । ଏହାକୁ ନାରୀର କଲ୍ୟାଣମୟୀ ରୂପ ବା କାମିନୀରୂପ ବୋଲି କୁହାଯାଇପାରେ । ମାତୃରୂପରେ ନାରୀର ଏକପ୍ରକାର ସାଧନା ବିହିତ । ଉପଯୁକ୍ତ ସନ୍ତାନ ସୃଷ୍ଟି ପାଇଁ ତା'ର ଯଥାର୍ଥ ତ୍ୟାଗ ଓ ତପସ୍ୟା । ପ୍ରେୟସୀ ରୂପରେ ତାର ସାଧନା ପୁରୁଷର ସକଳ ପ୍ରକାର କର୍ମରେ ଉତ୍କର୍ଷତା ପ୍ରତିପାଦନ କରି ତାକୁ ପ୍ରାଣ ପ୍ରାଚୁର୍ଯ୍ୟରେ ପୂର୍ଣ୍ଣ କରେ । ଭାରତବର୍ଷ ଏହି ମାଧୁର୍ଯ୍ୟକୁ ଶକ୍ତି ଆଖ୍ୟା ଦେଇଅଛି । 'ଆନନ୍ଦଲହରୀ'କାବ୍ୟରେ ଶ୍ରୀଶଙ୍କରାଚାର୍ଯ୍ୟ ବିଶ୍ୱର ମର୍ମଗତ ଏହି ଆନନ୍ଦଦାୟିନୀ ନାରୀଶକ୍ତିର ସ୍ତୁତିଗାନ କରିଛନ୍ତି । ଏହି ବିଶ୍ୱଗତ ଆନନ୍ଦକୁ ସେ ନାରୀ ରୂପରେ ପ୍ରତ୍ୟକ୍ଷ କରି ପରିତୃପ୍ତ ହୋଇଛନ୍ତି । ଏହି ମାଧୁର୍ଯ୍ୟ ଶକ୍ତି ମଧ୍ୟରେ ଧୈର୍ଯ୍ୟ, ଅସୀମ ତ୍ୟାଗ, ସଂଯମ ସମନ୍ୱିତ ଚାରିତ୍ରିକ ନିଷ୍ଠା, ସହଜ ବୁଦ୍ଧି ଓ ବିବେକ, ସହଜ ନିପୁଣତା, ଚିନ୍ତାର ସୂକ୍ଷ୍ମ ବ୍ୟବହାର, ଭାବ ଓ ଭଙ୍ଗୀରେ ଶ୍ରୀ-ପ୍ରକାଶ ପ୍ରଭୃତି ବହୁ ଗୁଣର ସମାହାର ହୋଇଛି । ଏହାର କେନ୍ଦ୍ରଶକ୍ତି ବା ଉତ୍ସ ହେଉଛି ଆନନ୍ଦ ଯାହା ଆଲୋକ ସଦୃଶ ସ୍ୱଭାବତଃ ଆପଣାକୁ ବିକୀର୍ଣ୍ଣ ଓ ବିତରଣ କରିଥାଏ ।

ଭାରତରେ ନାରୀର ଆଦର୍ଶ ରୂପ ହେଉଛି ତାହାର ଜନନୀତ୍ୱର ସ୍ୱାଭାବିକ ତ୍ୟାଗ ଓ ତପସ୍ୟା । ସ୍ୱାମୀ ବିବେକାନନ୍ଦଙ୍କ ମତରେ ନାରୀର ଏହି ମାତୃଭାବହିଁ ପ୍ରଥମ ଓ ଶେଷ କଥା । ନାରୀ ଶବ୍ଦ ହିନ୍ଦୁମନରେ ମାତୃତ୍ୱକୁହିଁ ସ୍ମରଣ କରାଇଦିଏ । ଭାରତରେ ଈଶ୍ୱରଙ୍କୁ ମା' ବୋଲି ସମ୍ବୋଧନ କରନ୍ତି । କିନ୍ତୁ ପାଶ୍ଚାତ୍ୟରେ ନାରୀ ଜାୟା । ସେଠାରେ ଜାୟା ରୂପରେହିଁ ନାରୀତ୍ୱର ଭାବଟି କେନ୍ଦ୍ରୀଭୂତ ହୋଇଛି । ଭାରତର ସାଧାରଣ ମଣିଷ ନିକଟରେ ନାରୀତ୍ୱର ସମଗ୍ର ଶକ୍ତି ମାତୃତ୍ୱରେ ଘନୀଭୂତ ହୋଇଛି, ସେହି ମାତୃଭାବ ନାରୀକୁ ପୂର୍ଣ୍ଣକରେ । ମାତୃତ୍ୱରେହିଁ ନାରୀତ୍ୱର ପୂର୍ଣ୍ଣାଙ୍ଗ ପ୍ରତିଫଳନ ଘଟେ । ଏହି ତ୍ୟାଗର ଆଦର୍ଶ ପାଇଁ ଭାରତୀୟ ନାରୀ ବିଶ୍ୱରେ ମର୍ଯ୍ୟାଦାପୂର୍ଣ୍ଣ ଆସନଲାଭ କରିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ମାତୃତ୍ୱ କେବଳ ସନ୍ତାନ ଜନ୍ମଦାନରେ ନାରୀ ଲାଭ କରେ ନାହିଁ, ବରଂ ଏହା ତାର ଜନ୍ମଗତ ମୂଳଭାବ ।

Digitized by srujanika@gmail.com

ସଭ୍ୟତାର କ୍ରମ ସୋପାନରେ ଗତି କରି ସଂପ୍ରତି ସାମାଜିକ ସ୍ତରରେ ନାରୀ ଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ପ୍ରେମସାରୂପିଣୀ ନାରୀର ଏହି ଆନନ୍ଦଶକ୍ତି ପୁରୁଷର ପ୍ରଲୋଭନ ଦ୍ୱାରା ବିକ୍ଷିପ୍ତ ଓ ବିକୃତ ହୋଇଛି । ପୁରୁଷ ନାରୀକୁ ବିଷୟ ସଂପତ୍ତି ପରି ଆପଣାର ଈର୍ଷାବେଷ୍ଟିତ ସଂକୀର୍ଣ୍ଣ ବ୍ୟବହାର ମଧ୍ୟରେ କଳୁଷିତ କରିଛି । ଫଳତଃ ନାରୀ ସ୍ୱୀୟ ଅନ୍ତରରେ ଯଥାର୍ଥ ଶକ୍ତିର ପୂର୍ଣ୍ଣ ଗୌରବ ଉପଲବ୍ଧି କରି ନପାରି କ୍ଷୁର୍ଣ୍ଣ ହୋଇଛି । ପୁରୁଷର ସମ୍ଭୋଗର ସାମଗ୍ରୀରେ ପରିଣତ ହେବା ଫଳରେ ନାରୀର-ବ୍ୟକ୍ତି ସ୍ୱରୂପର ମର୍ଯ୍ୟାଦାହାନି ଘଟିଛି । ଏଇଥିପାଇଁ ଆଜି ନାରୀ ପୁରୁଷର କର୍ମକ୍ଷେତ୍ରରେ ଅବତୀର୍ଣ୍ଣା ହୋଇ ଆପଣାର ସାମର୍ଥ୍ୟ ପ୍ରତିପାଦନ କରିବାକୁ ଆଗ୍ରହୀ ହୋଇଛି । ପୁରାତନ ସାହିତ୍ୟ, ଧର୍ମଶାସ୍ତ୍ରର ପୃଷ୍ଠା ଉନ୍ମୋଚନ କଲେ ଜଣାଯାଏ ନାରୀର ସ୍ଥିତି ସମାଜରେ ପୁରୁଷମାନଙ୍କ ବିଭିନ୍ନ ସ୍ତରରେ ନିମ୍ନଧରଣର ଥିଲା । ପାରିବାରିକ, ସାମାଜିକ, ରାଜନୈତିକ ଓ ଧାର୍ମିକ କ୍ଷେତ୍ରରେ ନାରୀକୁ ପୁରୁଷ ସମାନ ମର୍ଯ୍ୟାଦା ପ୍ରଦାନ କରିନାହିଁ, ନାରୀକୁ ଏକ ନିମ୍ନ ପ୍ରକୃତିର ପ୍ରାଣୀ ଭାବରେ ବିବେଚନା କରାଯାଇ ତାହାକୁ ପ୍ରକୃତ ମାନବିକ ଅଧିକାର ଲାଭରୁ ବଂଚିତ କରାଯାଇଛି, ମାନବ ସଭ୍ୟତାର ନବଜାଗରଣ ଓ ଫ୍ରାନସ୍ ବିପ୍ଳବ ପରେ ବ୍ୟକ୍ତିବାଦୀ ଚିନ୍ତାଧାରା ଓ ମାନବବାଦୀ ଚିନ୍ତାଧାରାର ପ୍ରସାର ଘଟିବା ଫଳରେ ନାରୀ କ୍ରମଶଃ ଉପଲବ୍ଧି କଲା ଯେ ସେ କେବଳ ପୁରୁଷର ସମ୍ଭୋଗର କ୍ରୀଡ଼ା ପୁତ୍ତଳିକା ନୁହେଁ ସେ ସର୍ବପ୍ରଥମେ ବ୍ୟକ୍ତି ମଣିଷ । ଏହି ଚିନ୍ତାଧାରାର ପ୍ରସାର ପରେ ବିଶ୍ୱର ବିଭିନ୍ନ ଦେଶରେ ନାରୀ ତାହାର ସାମାଜିକ, ରାଜନୈତିକ, ଅର୍ଥନୈତିକ, ଧାର୍ମିକ ଓ ସର୍ବୋପରି ମାନବିକ ଅଧିକାର ଲାଭକରିବା ପାଇଁ ସଂକଳ୍ପବଦ୍ଧ ହେଲା । ଯାହାର ପରିଣତି ସ୍ୱରୂପ ୟୁରୋପୀୟ ଦେଶମାନଙ୍କରେ ଫେମିନିଷ୍ଟ ମୁଭମେଣ୍ଟ ଗଢ଼ିଉଠିଲା, ନାରୀ ଗୃହାଙ୍ଗନ ପରିତ୍ୟାଗ କରି ବିଭିନ୍ନ କ୍ଷେତ୍ରରେ ଅଂଶ ଗ୍ରହଣ କରି ଆପଣାର ସାମର୍ଥ୍ୟ ଶାରୀରିକ, ମାନସିକ, ବୌଦ୍ଧିକ, ସାମାଜିକ, ରାଜନୈତିକ ଓ ଧାର୍ମିକ କ୍ଷେତ୍ରରେ ପ୍ରତିପାଦିତ କରିବାକୁ ପ୍ରୟାସ କଲା ଓ ଏଦିଗରେ ଯଥା ସମ୍ଭବ ସଫଳତା ମଧ୍ୟ ହାସଲ କଲା । ଅନ୍ତଃପୁରର ପ୍ରାଚୀରକୁ ଅତିକ୍ରମ କରି ପୁରୁଷର କର୍ମକ୍ଷେତ୍ରରେ ଆପଣାର ସାମର୍ଥ୍ୟ ପ୍ରତିପାଦନ କରିସାରିଥିଲେ ମଧ୍ୟ ନାରୀ ପ୍ରକୃତ ମର୍ଯ୍ୟାଦା ଲାଭରୁ ବଞ୍ଚିତ ହୋଇଛି । ନାରୀ ସାମାଜିକ ସ୍ୱୀକୃତି ଲାଭ ନିମିତ୍ତ ଭୌତିକ ଜୀବନର ସକଳ କ୍ଷେତ୍ରରେ ଅଂଶ ଗ୍ରହଣ କରି ଯୋଗ୍ୟତା ପ୍ରତିପାଦନ କରିଛି, ତଥାପି ତାହାର ଏପରି କିଛି ଅଭାବ ସେ ଅନୁଭବ କରୁଛି । ଯାହା ପାଇଁ ବର୍ତ୍ତମାନ ବିଶ୍ୱବ୍ୟାପୀ ନାରୀମୁକ୍ତି ଆନ୍ଦୋଳନ ମୁଣ୍ଡଟେକି ଉଠିଛି । ଦୈନିକ ସମ୍ବାଦପତ୍ରରେ ନାରୀ ଅପହରଣ, ନାରୀ ଧର୍ଷଣ, ବଧୂହତ୍ୟାହିଁ ମୁଖ-ସମ୍ବାଦରେ ପରିଣତ ହୋଇଛି । ସମାଜର ସକଳ କ୍ଷେତ୍ରରେ ନାରୀ ପୁରୁଷଦ୍ୱା

ସମାନ ସାମର୍ଥ୍ୟ ପ୍ରଦର୍ଶନ କରୁଥିଲେ ମଧ୍ୟ ସାମାଜିକ ସମ୍ମାନ ଲାଭକରି ନାହିଁ । ଅର୍ଥଗତ ସ୍ୱାଧୀନତା ନିମନ୍ତେ ସେମାନେ ବିଭିନ୍ନ ବୃତ୍ତି ଅବଲମ୍ବନ କରୁଥିଲେ ମୁଦ୍ଧା ଯୌତୁକ ଭଳି ସାମାଜିକ କୁସଂସ୍କାର ଯନ୍ତ୍ରରେ ବହୁ ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓ ଶିକ୍ଷିତ ନାରୀ ବଳି ପଡୁଛନ୍ତି । ଆଜି ମଧ୍ୟ ସତୀଦାହ ପ୍ରଥା ସମାଜସ୍ତରରେ ଏକ ଘୃଣିତ ଅପରାଧ ରୂପେ ଗୃହୀତ ହୋଇନାହିଁ, ନାରୀର ବୌଦ୍ଧିକ ବିକାଶରେ ଈର୍ଷାନ୍ୱିତ ପୁରୁଷ ଯେପରି ଉପାୟହୀନ ଭାବରେ ନାରୀପୋଡି ମଧ୍ୟରୁ ଆପଣାର ଢାନ୍ତବ ପରିତୃପ୍ତି ଆସ୍ୱାଦନ କରୁଛି । ଏହି ଅବିଗ୍ରର ଓ ଅନାଗ୍ରର ମଧ୍ୟରୁ ମୁକ୍ତିଲାଭ ନିମିତ୍ତ ନାରୀ ସଚେତନ ହୋଇଉଠିବା ଫଳରେ ନାରୀ ମୁକ୍ତି ନିମିତ୍ତ ବହୁ ସଂଘ, ପ୍ରତିଷ୍ଠାନ ଇତ୍ୟାଦି ଗଢି ଉଠିଛନ୍ତି । କିନ୍ତୁ ଏକଥା ମଧ୍ୟ ଜାଣି ରଖିବା ଆବଶ୍ୟକ ଯେ ନାରୀର ମୁକ୍ତି ପୁରୁଷର ହାତରେ ନାହିଁ । ନାରୀର ପ୍ରକୃତ ମୁକ୍ତି ଏପରି ଏକ ସମାଜରେ ସମ୍ଭବପର, ଯେଉଁଠାରେ ନାରୀଶକ୍ତି, ଆନନ୍ଦଶକ୍ତି, ନିଜର ଉଚ୍ଚତମ, ପ୍ରଶସ୍ତତମ ଅଧିକାର ସର୍ବତ୍ର ଲାଭ କରିପାରିବ ଏବଂ ଏଥିପାଇଁ କେବଳ ଗୃହାଙ୍ଗନ ନୁହେଁ ବରଂ ସମଗ୍ର ସମାଜ ନାରୀର ଗ୍ରଣଭୂମି ହୋଇ ଉଠିବ । ତାହାର ସୃଷ୍ଟିକର୍ମ ଓ ପ୍ରେରଣା କେବଳ ସନ୍ତାନ ଜନ୍ମ ଓ ପରିପାଳନରେ ନୁହେଁ ବରଂ ସମାଜର ସକଳ ସ୍ତରରେ ସ୍ୱାଭାବିକ ଭାବରେ ନିୟୋଜିତ ହେବା ପାଇଁ କୌଣସି ବାଧା ବା ପ୍ରତିବନ୍ଧକର ସମ୍ମୁଖୀନ ହେବ ନାହିଁ । କିନ୍ତୁ ସମାଜର ପ୍ରହରୀମାନେ ପୁରୁଷ-ପ୍ରଭୁତ୍ୱର ଅଧିକାରୀ ହୋଇଥିବା ଯୋଗୁଁ ନାରୀ ନିଜର ପ୍ରକୃତିର ପରିପୂର୍ଣ୍ଣତା ଦ୍ୱାରା ସମାଜକୁ ଯେଉଁ ଐଶ୍ୱର୍ଯ୍ୟ ପ୍ରଦାନ କରିପାରନ୍ତା, ତାହା ଦେଇପାରିବାରୁ ବଂଚିତ ହେଉଛି, ଏହି ଅଭାବ ବୋଧ ଯୋଗୁଁ ନାରୀକୁ ପୁରୁଷ ସହ ପ୍ରତିଦ୍ୱନ୍ଦିତା କରିବାକୁ ପଡୁଛି ।

ନାରୀକୁ ଅବଳା ଦୁର୍ବଳା ଭାବରେ ଅପମାନିତ କରି ତାହାର ମର୍ଯ୍ୟାଦା ନଷ୍ଟ କରାଯାଇଛି । ଏହି ଅବଳାତ୍ୱକୁ ଅତିକ୍ରମ କରିବା ପାଇଁ ନାରୀ ତାହାର ଆପ୍ରାଣ ଉଦ୍ୟମ ଅବ୍ୟାହତ ରଖିଛି । ମହାତ୍ମାଗାନ୍ଧୀଙ୍କର ଉକ୍ତି ଏ ପ୍ରସଙ୍ଗରେ ଉଦ୍ଧାର ଯୋଗ୍ୟ । ଗାନ୍ଧିଜୀଙ୍କ ମତରେ "ନାରୀକୁ ଅବଳା ବୋଲି କହିବାଟା ଅପମାନଜନକ, ଏଥିରୁ ପୁରୁଷ ନାରୀପ୍ରତି କରୁଥିବା ଅନ୍ୟାୟର ନିଦର୍ଶନ ହିଁ ମିଳିଥାଏ । ବଳ କହିଲେ ଯଦି କେବଳ ପଶୁବଳକୁ ବୁଝାଏ, ତେବେ ନାରୀକୁ ପୁରୁଷଠାରୁ କମ୍ ପାଶବିକ ବୋଲି କୁହାଯାଇ ପାରେ । ପୁରୁଷଠାରୁ ନାରୀ ଅନେକ ଗୁଣରେ ଶ୍ରେଷ୍ଠ । ନାରୀର ଆତ୍ମତ୍ୟାଗ, ସହିଷ୍ଣୁତା, ସାହସ ବ୍ୟତୀତ ପୁରୁଷ ସମ୍ଭବ ହୋଇପାରି ନଥାନ୍ତା । ଯଦି ଅହିଂସା ହିଁ ଆମ ଜୀବନର ନିୟମ ହୋଇଥାଏ, ତେବେ ନାରୀ ହାତରେ ହିଁ ଭବିଷ୍ୟତ ରହିଛି ବୋଲି

Digitized by srujanika@gmail.com

ଚାଲିବାକୁ ହେବ" । ନାରୀର ହୃଦୟର ମାଧୁର୍ଯ୍ୟ ଓ ସେବା ନୈପୁଣ୍ୟକୁ ଧର୍ମ, ନୀତି, ନିୟମର ନିଗଢ଼ ମଧ୍ୟରେ ଶୃଙ୍ଖଳିତ କରି ପୁରୁଷ ନିଜର ବ୍ୟକ୍ତିଗତ ଅଧିକାରରେ ପରିଣତ କରିଛି । ଅବଶ୍ୟ ନାରୀ ସ୍ୱଭାବରେ ବନ୍ଧନକୁ ସ୍ୱୀକାର କରିବା ଭଳି ଏକ ପ୍ରବଣତା ରହିଥିବାରୁ ଏହା ସର୍ବତ୍ର ସହଜସାଧ୍ୟ ହୋଇ ପଡିଛି । ପୁରୁଷମାନଙ୍କ ଦ୍ୱାରା ରଚିତ ସକଳ ଶାସ୍ତ୍ରର ନୀତି ନିୟମ ମଧ୍ୟରେ କାଳକ୍ରମେ ନାରୀ ନିଜର ସ୍ୱୀୟ ଶକ୍ତି ବିସ୍ମୃତ ହୋଇଛି ।

ପୃଥିବୀର କ୍ରମବିକାଶରେ ନାରୀ ସମାଜର ସଂକୀର୍ଣ୍ଣ ଅର୍ଗଳି ଅତିକ୍ରମ କରି ଆଜି ବାହ୍ୟ ଜୀବନରେ ମୁକ୍ତତା ଲାଭ କରିପାରିଛି । ବାହ୍ୟ ସଂଘାତରେ ଅବସ୍ଥାର ପରିବର୍ତ୍ତନ ଘଟିଛି । ନୂତନ ନୂତନ ପ୍ରୟୋଜନ ସହିତ ସାମାଜିକ ଆଚାର ବିଚାରର ପରିବର୍ତ୍ତନ ମଧ୍ୟ ଅନିବାର୍ଯ୍ୟ ହୋଇ ପଡିଛି । ପ୍ରାକୃତିକ କାରଣରୁ ନଦୀରେ ଯଦି ଜଳଧାରର ପରିମାଣ ବର୍ଦ୍ଧିତ ହୁଏ, ତେବେ ତାର ତଟଭୂମିର ସୀମା ସ୍ୱୟଂ ବିସ୍ତାରିତ ହୋଇଯାଏ । ଏହି କାରଣରୁ ନାରୀ-ସମାଜକୁ ଅନୁଧ୍ୟାନ କଲେ ସ୍ୱତଃ ଜଣାଯାଇଛି । ଏହି ନଦୀ ଗୁଡିକ କ୍ରମଶଃ ମହାନଦୀରେ ପରିଣତ ହୋଇଛନ୍ତି । ଜୀବନର ପ୍ରଶସ୍ତ ଭୂମିକାରେ ଦଣ୍ଡାୟମାନ ହୋଇ ନାରୀର ମନ ବଡ଼ ଧରଣର ଚିନ୍ତା ଓ ବିଚାର କରିବାରେ ପ୍ରବୃତ୍ତ ହୋଇଛି । ନାରୀ ଜୀବନରେ ଏହି ସ୍ୱତଃ ପ୍ରସାରିତ ଜୀବନ ଭୂମିରେ ଆଜି ନାରୀ ଠିଆ ହୋଇଛି । ଗୃହାଙ୍ଗନର ପରିବେଶ ଓ ନିରାପତ୍ତା ତାକୁ ଆଉ ସହାୟତା କରି ପାରୁନଥିବାରୁ ମୁକ୍ତ ସଂସାର କ୍ଷେତ୍ରରେ ନାରୀର ଆତ୍ମରକ୍ଷା ଓ ଆତ୍ମ ସମ୍ମାନ ଲାଗି ସେମାନଙ୍କ ପକ୍ଷରେ ବୁଦ୍ଧିର ଚର୍ଚ୍ଚା ଓ ବିଦ୍ୟାର ଚର୍ଚ୍ଚା ଏକାନ୍ତ ଆବଶ୍ୟକ ହୋଇପଡିଛି । ଗୃହର ଚତୁଃସୀମା ଅତିକ୍ରମ କରି ବିଶ୍ୱର ଉନ୍ମୁକ୍ତ ପ୍ରାଙ୍ଗଣରେ ନାରୀ ଦଣ୍ଡାୟମାନ ହୋଇ ତାହାର ବିରାଟ ଦାୟିତ୍ୱକୁ ବହନ କରିବା ପାଇଁ ପ୍ରସ୍ତୁତ ହେଉଛି । କିନ୍ତୁ ଏଥିପାଇଁ ଯେଉଁ ଆତ୍ମଶକ୍ତି ଆବଶ୍ୟକ, ତାହା ଲାଭ କରିବା ପାଇଁ କଠିନ ସାଧନାର ଅପରିହାର୍ଯ୍ୟତାକୁ ନାରୀ ପୂର୍ଣ୍ଣାଙ୍ଗ ରୂପେ ଉପଲବ୍ଧି କରିନାହିଁ । ଏହାହିଁ ନାରୀର ସମସ୍ୟା ରୂପେ ଠିଆ ହୋଇଛି ।

ଏକଦା ସମାଜର ଅଧଃପତନ ନାରୀଶକ୍ତିର ନିଷ୍କ୍ରିୟତା ଯୋଗୁଁ ଘଟିଥିଲା । ଶ୍ରୀମାଙ୍କ ମତରେ **Women are the principle the executive power** ନାରୀ ସମାଜର ଅର୍ଦ୍ଧଶକ୍ତି । ସେମାନଙ୍କୁ ବାଦ ଦେଇ ପୂର୍ଣ୍ଣାଙ୍ଗ ମାନବ ସମାଜ ପରିକଳ୍ପନା ଅସମ୍ଭବ । କାଳର ପ୍ରଭାବରେ ସ୍ୱଗୃହର ନାରୀମାନେ ବିଶ୍ୱର ନାରୀ ରୂପେ ଦେଖା ଦେଇଛନ୍ତି । ସଭ୍ୟତା ଆଉ

Digitized by srujanika@gmail.com

ଏକ ମୋଡ଼ ନେଇଛି । ମନୁଷ୍ୟର ଚିନ୍ତାରାଜ୍ୟରେ ନୂତନ ଚିନ୍ତାର ସଂଯୋଗ ଓ ତହିଁରୁ ଉଦ୍ଭୂତ ନୂତନ ତେଜ ଆତ୍ମପ୍ରକାଶ କରିଛି । ପୁରୁଷ ଗଠିତ ସଭ୍ୟତାରେ ଯନ୍ତ୍ର-ସାମ୍ରାଜ୍ୟର ଅଭାବ ପ୍ରକୃତର ଯେଉଁ ବୀଜ ବହନ କରେ ତାହା ମଧ୍ୟରୁ ମାନବ ଜାତି ମୁକ୍ତ ହେବାକୁ ଯାଉଛି । ନୂତନ ସଭ୍ୟତା ଗଠନ କରିବା ଦିଗରେ ନାରୀମାନେ ପୃଥିବୀର ପ୍ରତ୍ୟେକ ଦେଶରେ ପ୍ରସ୍ତୁତ ହୋଇଛନ୍ତି । କିନ୍ତୁ ନାରୀର ଏହି ପ୍ରସ୍ତୁତି ପୂର୍ଣ୍ଣାଙ୍ଗତା ଲାଭ କରି ପାରିନାହିଁ । ବ୍ୟାବହାରିକ ଜଗତରେ ନାରୀ ପୁରୁଷର ସମକକ୍ଷତା ଲାଭ ନିମନ୍ତେ ବ୍ୟାକୁଳ ହୋଇ ପଡ଼ିଥିବା ପରିଲକ୍ଷିତ ହେଉଛି । ଏହା ଫଳରେ ସେ କ୍ରମଶଃ ଆପଣାର ସ୍ୱାଭାବିକ ସୌନ୍ଦର୍ଯ୍ୟ ଓ ଶକ୍ତିର ପ୍ରଭୂତ କ୍ଷୟ ସାଧନ କରୁଛି ।

ବିଶ୍ୱରେ ଆଜି ସର୍ବତ୍ର ନାନାମୁଖୀ ନିମନ୍ତେ ସ୍ୱର ଉତ୍‌ଥିତ ହେଉଥିବା ସମୟରେ ନାରୀ ଭୁଲିଯିବା ଅନୁଚିତ ଯେ ସ୍ୱାଧୀନତା ଅର୍ଥ ସ୍ୱେଚ୍ଛାଚାରିତା ନୁହେଁ । ଶିକ୍ଷା ଲାଭ ଅଶିକ୍ଷାର କାରଣ ନହୁଏ ଯେପରି ସେଥିପ୍ରତି ନାରୀକୁ ସଚେତନ ହେବାକୁ ହେବ । ଅନେକ ସମୟରେ ସ୍ୱାଧୀନତାର ବିକୃତ ଅର୍ଥ ଫଳରେ ସାମାଜିକ ପରଂପରା ଉଲଙ୍ଘନ ପୂର୍ବକ ଯାହା ସ୍ୱେଚ୍ଛାଚାରର ରୂପ ଗ୍ରହଣ କରେ । ସ୍ୱାଧୀନତା ଅର୍ଥ ଠିକ୍ ସ୍ୱଚ୍ଛନ୍ଦତା ମଧ୍ୟ ନୁହେଁ । ସଂପୂର୍ଣ୍ଣ ଭାବରେ ଆତ୍ମନିର୍ଭରଶୀଳତା ଓ ସ୍ୱ-ଭାବର ଅନୁବର୍ତ୍ତୀ ବା ସ୍ୱଚେତନାର ସତତ ନିକଟ-ବର୍ତ୍ତିତାକୁ ହିଁ ସ୍ୱାଧୀନତା ବୋଲି କୁହାଯିବ । ନାରୀର ପ୍ରକୃତ ଆତ୍ମମର୍ଯ୍ୟାଦା ପୁରୁଷତ୍ୱ ଲାଭ କରିବାରେ ନୁହେଁ, ବରଂ ନାରୀତ୍ୱର ସର୍ବୋତ୍ତମ ବିକାଶ ସାଧନରେ । ନାରୀ ଭୌତିକ ଓ ଶାରୀରିକ ସ୍ତରରେ ପୁରୁଷର ସମକକ୍ଷତା ଲାଭ କରିବାକୁ ଯାଇ ଯେପରି ଆପଣାର ଆତ୍ମିକ ଶକ୍ତି ଓ ସୌନ୍ଦର୍ଯ୍ୟ ନ ହରାଏ, ସେଥିପ୍ରତି ସଚେତ ହେବାକୁ ହେବ । ପ୍ରବୃତ୍ତିର ସାଧନ ଓ ସ୍ୱେଚ୍ଛାପ୍ରବଣ ଭୋଗାକାଂକ୍ଷା ନାରୀକୁ କେବେହେଁ ମୁକ୍ତିର ଦ୍ୱାର ଆଡ଼କୁ ନେଇଯିବ ନାହିଁ, ନାରୀର ଲକ୍ଷ୍ୟ ପୁରୁଷତ୍ୱ ସାଧନ ନୁହେଁ । ନୋବେଲ ପୁରସ୍କାର ବିଜେତା ପ୍ରଖ୍ୟାତ ଫରାସୀ ସର୍ଜନ ଓ ପ୍ରାଣୀତତ୍ତ୍ୱବିତ୍ ଡକ୍‌ଟର ଅଲେକ୍‌ସିସ୍ କାରେଲ (**Dr. Alexis Carrel**) ତାଙ୍କର **Man the unknown** ପୁସ୍ତକରେ ଉଲ୍ଲେଖ କରିଛନ୍ତି – **"In reality women differs profoundly from man Every one of the cells of her body bears the mark of her sex × × × women should develop their aptitudes in accordance with their own nature, without trying to imitate the moles. Their part in**

Digitized by srujanika@gmail.com

the progress of civilisation is higher than that of men. They should abandon their specific functions - women should receive a higher education not in order to become doctors lawyers or professors but to rear their offspring to be valuable human beings". ଅର୍ଥାତ୍ ନାରୀ ଦୈହିକ ସ୍ତରରେ ପୁରୁଷଠାରୁ ଭିନ୍ନ ହୋଇଥିବାରୁ ସେମାନେ ପୁରୁଷକୁ ଅନୁକରଣ ନକରି ସ୍ୱୀୟ ପ୍ରକୃତି ଅନୁଯାୟୀ ଆବଶ୍ୟକୀୟ ଶିକ୍ଷା ଗ୍ରହଣ କରିବା ବାଞ୍ଛନୀୟ । ସଭ୍ୟତାର ବିକାଶ ସାଧନରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନେ କେବଳ ବିଭିନ୍ନ ବୃତ୍ତିଗତ ଯୋଗ୍ୟତା ପରିବର୍ତ୍ତେ ମାନସିକ ଯୋଗ୍ୟତା ଅର୍ଜନ କରିବା ଆବଶ୍ୟକ ।

ନାରୀର ସ୍ୱାଧୀନତା ତାକୁ ଯେପରି ବିପଥଗାମୀ ନକରାଏ, ସେଥିପ୍ରତି ନାରୀ ସଚେତନ ହେବା ଉଚିତ । ପାଶ୍ଚାତ୍ୟଶିକ୍ଷା ଓ ସଭ୍ୟତାର ଅନ୍ଧାନୁକରଣ ଫଳରେ ଭାରତୀୟ ନାରୀ ନାରୀତ୍ୱର ସ୍ୱାଭାବିକ ଆଦର୍ଶଠାରୁ ଅନେକାଂଶରେ ଦୂରେଇ ଯାଇଛି । ଭୋଗ ସର୍ବସ୍ୱ ଜୀବନ ପାଇଁ ନାରୀ ଆଗ୍ରହ ପ୍ରକାଶ କରି ତ୍ୟାଗ ପଥରୁ ବିଚ୍ୟୁତ ହେଉଛି । ଭଗିନୀ ନିବେଦିତା ଏହି ପାଶ୍ଚାତ୍ୟ ସଭ୍ୟତାର ଅନୁକରଣରୁ ନିବୃତ୍ତ ହେବାପାଇଁ ନିବେଦନ କରି କହିଥିଲେ— **"Do not let Modern fashions and extravagances of the west and its Modern English education spoil your reverential humility and your lovable domestic ties"** ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତା ଅନୁସରଣ ଫଳରେ ଭାରତୀୟ ନାରୀ ଆପଣାର ଆଦର୍ଶ ଓ ସଂସ୍କୃତି ମଧ୍ୟରୁ ବିଚ୍ୟୁତ ହୋଇ ସାମାଜିକ ବିଶୃଙ୍ଖଳା ଓ କଳଙ୍କରେ ପରିଣତ ହେବ । ସାମାଜିକ ସ୍ତରରେ ନାରୀର ସ୍ୱଭାବ ଅନୁକୂଳ ଶିକ୍ଷାର ଅନଗ୍ରସରତା ନାରୀ ସ୍ୱାଧୀନତାର ପ୍ରଧାନ ପ୍ରତିବନ୍ଧକ, ଯେଉଁ ପର୍ଯ୍ୟନ୍ତ ବିଶ୍ୱର ପ୍ରତ୍ୟେକ ନାରୀ ସାକ୍ଷରତା ଲାଭ ନ କରିଛନ୍ତି, ସେ ପର୍ଯ୍ୟନ୍ତ ସେମାନେ ନିଜର ଭୂମିକା ସମ୍ପର୍କରେ ଆଦୌ କୌଣସି ସିଦ୍ଧାନ୍ତ ଗ୍ରହଣ କରିପାରିବେ ନାହିଁ । ନାରୀମୁକ୍ତି ବର୍ତ୍ତମାନ ସୁଦ୍ଧା ଉପରସ୍ତରରେ ପତ୍ରିକା, ସମ୍ବାଦପତ୍ର ଓ ସଭାମଞ୍ଚ ମଧ୍ୟରେହିଁ ଆପଣାର ସ୍ୱାତନ୍ତ୍ରତା ଲାଭ କରିଛି । ଶିକ୍ଷିତ ନାରୀମାନେ ଗ୍ରାମାଞ୍ଚଳର ନାରୀମାନଙ୍କୁ ଶିକ୍ଷିତ କରିବା ନିମିତ୍ତ ବାସ୍ତବ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରୁନାହାନ୍ତି । ନାରୀମୁକ୍ତି ଆନ୍ଦୋଳନର ପୁରୋଧାମାନେ ମୁକ୍ତି ଭଳି ଏକ ଦର୍ଶନ ସିଦ୍ଧ ଶବ୍ଦ ପରିବର୍ତ୍ତେ ଯଦି ଶିକ୍ଷା ଶବ୍ଦ ପ୍ରୟୋଗ କରି ସେଦିଗରେ ଯଥାଯୋଗ୍ୟ

Digitized by srujanika@gmail.com

ପ୍ରୟାସ କରିବେ ତେବେ, ତାହାହିଁ ନାରୀର ପ୍ରକୃତ କଲ୍ୟାଣ ସାଧନ କରିବାରେ ସାହାଯ୍ୟ କରିବ । ନାରୀର ଶିକ୍ଷା ନାରୀ ସ୍ୱଭାବର ଅନୁକୂଳ ହେବା ସର୍ବାଦୌ ଆବଶ୍ୟକ । ଏହି ଶିକ୍ଷା ଲାଭ ଫଳରେହିଁ ନାରୀ ତାହାର ଶରୀର, ପ୍ରାଣ, ମନ, ବୁଦ୍ଧି ଓ ଆତ୍ମାର ସମ୍ପୂର୍ଣ୍ଣ ବିକାଶ ସାଧନ ପାଇଁ ସାମର୍ଥ୍ୟ ଲାଭ କରିବ । ଏହାର ଅଭାବରେ ନାରୀ ମାନବିକତାର ସ୍ୱଭାବିକାଶରେ ଓ କର୍ମ ସାଧନରେ କେତେକାଂଶରେ ସକ୍ଷମ ହୋଇ ପାରୁନାହିଁ ।

ନିଜକୁ ମୁକ୍ତି ଦେବାର କ୍ଷମତା ନାରୀ ମଧ୍ୟରେ ହିଁ ନିହିତ ରହିଛି । ନାରୀର ସମସ୍ୟା ହେଉଛି ସମଗ୍ର ପୃଥିବୀର ସମସ୍ୟା ଏବଂ ଏହାହିଁ ଆଧ୍ୟାତ୍ମିକ ସମସ୍ୟା । ନାରୀର ଅନ୍ତଃପ୍ରକୃତିର ଉନ୍ମୋଚନ ଦ୍ୱାରହିଁ ସେ ଆତ୍ମଶକ୍ତିର ଅଧିକାରୀ ହୋଇପାରିବ । କାରଣ କୌଣସି ନିର୍ଦ୍ଦିଷ୍ଟ ନିୟମ ବା ସାମାଜିକ ବିଧି ବ୍ୟବସ୍ଥାର ପରିବର୍ତ୍ତନ ଦ୍ୱାରା ନାରୀ ଶୃଙ୍ଖଳାମୁକ୍ତ ହୋଇପାରିବ ନାହିଁ । ନାରୀ ମଧ୍ୟରେ ନିହିତ କେତୋଟି ମାନସିକ ବୃତ୍ତି ହିଁ ସେମାନଙ୍କୁ ଦାସତ୍ୱ ପାଶରେ ଆବଦ୍ଧ କରି ରଖିଛି । ପ୍ରଥମତଃ ପୁରୁଷ ଓ ତାର ସାମର୍ଥ୍ୟ ପ୍ରତି ନାରୀର ପ୍ରାଣିକ ଆକର୍ଷଣ, ଦ୍ୱିତୀୟତଃ ଗୃହାଙ୍ଗନରେ ନିରାପତ୍ତା ଓ ଘରୋଇ ଜୀବନର ସହଜ ଆନନ୍ଦ, ମାତୃତ୍ୱର ଆସକ୍ତି ଓ ପରିଶେଷରେ ନିଜ ଜୀବନର ସମସ୍ତ ଦାୟିତ୍ୱକୁ ପୂର୍ଣ୍ଣ ଭାବରେ ଗ୍ରହଣ କରିବା ପାଇଁ କୁଣ୍ଠାଭାବ ତା'ର ଜୀବନ ଭୂମିକୁ ସଂକୁଚିତ ଓ ଆବଦ୍ଧ କରି ରଖିଛି ।

ସଂପ୍ରତି ସମଗ୍ର ମାନବ ସମାଜ ଏକ ଭିନ୍ନ ସଂକଟର ସମ୍ମୁଖୀନ ହେବାକୁ ଯାଉଛି । ଏହି ସଂକଟ କେବଳ ସାମାଜିକତା ମଧ୍ୟରେ ଆବଦ୍ଧ ନୁହେଁ, ବରଂ ଆତ୍ମିକ ସ୍ତର ପର୍ଯ୍ୟନ୍ତ ପ୍ରଲମ୍ବିତ । ତେଣୁ ନାରୀ କେବଳ ତା'ର ବାହ୍ୟ ପ୍ରକୃତି ଓ କର୍ମଧାରାର ପରିବର୍ତ୍ତନ ନୁହେଁ, ବରଂ ଅନ୍ତର ପ୍ରକୃତିର ପରିବର୍ତ୍ତନ ନିମନ୍ତେ ସଚେତ ହେବା ଉଚିତ । ଶ୍ରୀମାଙ୍କ ମତରେ— **It is no longer the moment for frail compititions and self-interested claims, all human beings, men or women, must associate in a common effort to become conscious of the highest ideal which asks to be realised and to work ardently for its realisation. The question to be solved, the real question is there not only that of a better utilisation of their outer activities, but above all that of an inner spiritual growth. Without**

Digitized by srujanika@gmail.com

inner progress there is no possible outer progress. Thus the problem of feminism, as all the problems of the world, comes back to a spiritual problem. ନାରୀ ସ୍ୱଭାବର ସମୁଚ୍ଚ ବିକାଶ ସାଧନ ଫଳରେ ପୃଥିବୀରେ **ଆତ୍ମିକ** ବିକାଶ ସମ୍ଭବପର ହେବ । ତେଣୁ ଏହି ଦୃଷ୍ଟିରୁ ନାରୀ ସ୍ୱୀୟ ଚେତନାର ଉତ୍ତରଣ ନିମନ୍ତେ ସାଧନା କରିବା ଆବଶ୍ୟକ, ଆଧ୍ୟାତ୍ମିକତାହିଁ ନାରୀର ପ୍ରକୃତ କର୍ମକ୍ଷେତ୍ର ଯୌନ ଚିନ୍ତା ମଧ୍ୟରୁ ନାରୀ ପୁରୁଷର ଭେଦଭାବ ଗଢି ଉଠିଥିବାରୁ ସର୍ବପ୍ରଥମେ ନାରୀ ନିଜ ଚିନ୍ତା, ଚେତନାର ରୂପାନ୍ତର ଦିଗରେ ସଚେଷ୍ଟ ହେବା ଆବଶ୍ୟକ, ଏହା ଫଳରେ ତାହାର ଭାବନା ଓ ସମ୍ଭାବନାର ନୂତନ ଦିଗ୍‌ବଳୟ ଉନ୍ମୋଚିତ ହେବ ।

ପୃଥିବୀର ଏବଂ ମାନବ ସଭ୍ୟତାର ଏହି ସନ୍ଧିକ୍ଷଣରେ ଅସରନ୍ତି, ବହୁମୁଖୀ କର୍ମର ପ୍ରାଙ୍ଗଣ ମଧ୍ୟରେ କେବଳ ନାରୀତ୍ୱ ଏକ ଅଂଶ ହୋଇ ରହିବାରେ ଲାଭ କ'ଣ ? ବର୍ତ୍ତମାନ ମଣିଷ ସମାଜର ଆଦର୍ଶ ଭବିଷ୍ୟତ ମାନବ ପୃଥିବୀରେ ମୂର୍ତ୍ତିମନ୍ତ ହେବା ନିମନ୍ତେ ନାରୀକୁ ସଂପୂର୍ଣ୍ଣ ରୂପରେ ଆତ୍ମୋତ୍ସର୍ଗ କରିବାକୁ ପଡିବ, ତାକୁ ମାନସିକ ଓ ଆତ୍ମିକ ସ୍ତରରେ ପ୍ରସ୍ତୁତ ହେବାକୁ ହେବ । ନାରୀକୁ ବର୍ତ୍ତମାନ ପରିପ୍ରେକ୍ଷୀରେ ସ୍ୱୀୟ ଅନ୍ତଃକରଣକୁ ପୁଷ୍ଟ ଓ ସମସ୍ତ ଶକ୍ତିକୁ ଏକୀଭୂତ କରି ଚିରନ୍ତନ ସତ୍ୟ ଓ ସୌନ୍ଦର୍ଯ୍ୟକୁ ଆବିଷ୍କାର କରିବା ନିମିତ୍ତ ତାହାର ଜୀବନକୁ ପରିଚାଳିତ କରିବାକୁ ହେବ । ଅସଥା କୋଳାହଳ ମଧ୍ୟରୁ ନିବୃତ୍ତ ରହି ଯେତେବେଳେ ସେ ନୀରବ ମନର ଅଧିକାରିଣୀ ହେବ, ସ୍ୱଚ୍ଛ ଦର୍ପଣ ପରି ବିଶୁଦ୍ଧ ହୋଇ ପାରିବ । ଏକ ନିସ୍ତରଙ୍ଗ ସରୋବରର ସ୍ଥିର ଜଳରାଶି ପରି ନିର୍ମଳ ହୋଇପାରିବ । ସେତେବେଳେ ଜଗତ ଓ ଜୀବନର ପ୍ରତ୍ୟେକ କର୍ମ ତା'ପାଇଁ ବିଭୁପ୍ରଦତ୍ତ ଆଶୀର୍ବାଦ ଭଳି ପ୍ରତୀତ ହେବ ।

ପ୍ରାଚୀନ ଭାରତୀୟ ନାରୀର ଆଧ୍ୟାତ୍ମିକ ଆଦର୍ଶ ସହିତ ଆଜିର ବୌଦ୍ଧିକ ଓ ଭୌତିକ ଜୀବନ ମଧ୍ୟରୁ ସଂଗ୍ରହ କରିଥିବା ସମସ୍ତ ଉତ୍କର୍ଷର ମଂଜୁ ସମନ୍ୱୟ ଫଳରେ ନାରୀ ନୂତନ ସଭ୍ୟତା ଓ ସଂସ୍କୃତିକୁ ଜନ୍ମଦେବ । ଜୀବନ ବିଦ୍ୟାଳୟରେ ସେ ହେବ ବରେଣ୍ୟା ଶିକ୍ଷୟିତ୍ରୀ, ଜନନୀ ଓ ପ୍ରେରଣା-ଦାୟିନୀ ସହଧର୍ମିଣୀ । ଭବିଷ୍ୟତ ମାନବ ସମାଜକୁ ସେ ଦେବ ନୂତନ ଆଲୋକର ସନ୍ଦେଶ । ଯେଉଁ ନାରୀ ସାହସୀ ଓ ଶକ୍ତିମୟୀ, ସେ ସେତେବେଳେ

Digitized by srujanika@gmail.com

ଆପଣା ମଧ୍ୟରେ ନିହିତ ମାତୃଶକ୍ତିର ପୂଜାରିଣୀ ହେବ, ସେତେବେଳେ ଏହି ବେଦନା ବିକ୍ଷୁବ୍ଧ ମାନବ ସମାଜକୁ ସେ ପ୍ରକୃତ ଶାନ୍ତିର ସୁଧା ନିସ୍ୟନ୍ଦିନୀରେ ପ୍ଲାବିତ କରିବ । ଅନ୍ତଶ୍ଚେତନାରେ ନାରୀ ସତ୍ୟର ଶାଶ୍ୱତ ଆଦର୍ଶକୁ ଫୁଟାଇ ପାରିଲେ, କେବଳ ନାରୀର ସମସ୍ୟା ନୁହେଁ, ସମଗ୍ର ଜଗତର ସମସ୍ୟା ଦୂରୀଭୂତ ହେବ ।

ତେଣୁ ନାରୀକୁ ତ୍ୟାଗ ଓ ତପସ୍ୟାର ବିଭୂତି ଲାଭ ପାଇଁ ସାଧନା କରିବାକୁ ହେବ । ଏକଦା ଗାର୍ଗୀ, ମୈତ୍ରେୟୀ, ଲୋପାମୁଦ୍ରା, ମଦାଳସା, ଲୀଳାବତୀ, ବୈଦେହୀ, ଦ୍ରୌପଦୀ, ସାବିତ୍ରୀ ମାନଙ୍କର ଆଦର୍ଶକୁ ଅବମାନନା କରିହେବ ନାହିଁ । ଯଦିଓ ପ୍ରାଚୀନ ସମାଜର ପରଂପରାର ବେଷ୍ଟନୀରୁ ନାରୀ ମୁକ୍ତ ହୋଇଛି । ତେଣୁ ଏମାନଙ୍କର ଅନୁକରଣ ନୁହେଁ ବରଂ ମଣିଷର ଚିରନ୍ତନ ସମସ୍ୟାକୁ ଦୂରୀଭୂତ କରିବାରେ ଏମାନଙ୍କର ସୂକ୍ଷ୍ମ ପ୍ରେରଣା ହିଁ ଜୀବନକୁ ଆତ୍ମିକ ସ୍ତରରେ ସଂଗଠିତ କରିବାରେ ସାହାଯ୍ୟ କରିବ ।

ଆଧ୍ୟାତ୍ମିକ ଶକ୍ତିର ସାଧନ ଫଳରେ ସେ ନିଜ ମଧ୍ୟରେ ଓ ସମାଜ ମଧ୍ୟରେ ଶାନ୍ତି ଓ ସତ୍ୟ ପ୍ରତିଷ୍ଠା କରିବାକୁ ସମର୍ଥ ହେବ । ମନେ ରଖିବାକୁ ହେବ ଯେ ନାରୀର ରକ୍ଷାକର୍ତ୍ତା ପୁରୁଷ ନୁହେଁ, ବରଂ ତାର ଅନ୍ତରସ୍ଥ ଆତ୍ମଶକ୍ତି । ଯାହାକୁ ପଞ୍ଚପତି ଭର୍ତ୍ତୃକା ଦ୍ରୌପଦୀ ଆତ୍ମସମ୍ମାନ ରକ୍ଷା ଲାଗି ଆବାହନ କରିଥିଲେ । ନାରୀ ସ୍ୱ-ଆତ୍ମାର ଯେତିକି ନିକଟବର୍ତ୍ତୀ ହେବ । ସେତିକି ତାହାର ଶରୀରଭେଦ ଓ ମାନସିକ ସଂକଟ ମଧ୍ୟରୁ ଉତ୍ତୋଳିତ ହେବ । ରବୀନ୍ଦ୍ରନାଥଙ୍କ ଭାଷାରେ "ନାରୀକୁ ନିଜର ହୃଦୟକୁ ମୁକ୍ତ, ବୁଦ୍ଧିକୁ ଉଜ୍ଜ୍ୱଳ ଓ ଜ୍ଞାନକୁ ତପସ୍ୟା-ନିଷ୍ଠ ରଖିବାକୁ ହେବ" । ସେମାନେ ମନେ ରଖିବା ଉଚିତ, ନିର୍ବିଚାର ଅନ୍ଧ ରକ୍ଷଣଶୀଳତା ସୃଷ୍ଟିଶୀଳତାର ବିରୋଧୀ । ସେମାନଙ୍କ ସମ୍ମୁଖରେ ନୂତନ ସୃଷ୍ଟିର ଯୁଗ ଦେଖା ଦେଇଛି । ସେହି ଯୁଗର ଅଧିକାର ଲାଭ କରିବାକୁ ହେଲେ ମୋହମୁକ୍ତ ମନକୁ ସର୍ବୋଚ୍ଚଭାବେ ଶ୍ରଦ୍ଧାର ଯୋଗ୍ୟ କରିବାକୁ ହେବ । ଅଜ୍ଞାନ ଜନିତ ଜଡ଼ତା ଏବଂ ସକଳ ପ୍ରକାର କାଳ୍ପନିକ ଓ ବାସ୍ତବ ଭୟର ନିମ୍ନଗାମୀ ଆକର୍ଷଣରୁ ନିଜକୁ ଉପରକୁ ଉଠାଇବାକୁ ହେବ; ଫଳପ୍ରାପ୍ତିର ବିଚାର ପରେ କରାଯିବ—ଏପରିକି ତାହା ନ ଆସିପାରେ ମଧ୍ୟ— କିନ୍ତୁ ସେଥିଲାଗି ଯୋଗ୍ୟତା ଅର୍ଜନ ବିଷୟ ସର୍ବ ପ୍ରଥମେ ବିଚାର କରିବାକୁ ହେବ ।

Digitized by srujanika@gmail.com

ମାନବ ସଭ୍ୟତା ଯେତେବେଳେ ଆଧ୍ୟାତ୍ମିକ ଅବସ୍ଥାକୁ ଉନ୍ନୀତ ହୁଏ, ଅର୍ଥାତ୍ ଯେତେବେଳେ ମନୁଷ୍ୟର ପରସ୍ପର ବିଚ୍ଛେଦ ଅପେକ୍ଷା ସଂଯୋଗ ହିଁ ମୂଲ୍ୟବାନ ବୋଲି ସ୍ୱୀକୃତ ହୁଏ, ସେତେବେଳେ ନାରୀର ମାଧୁର୍ଯ୍ୟଶକ୍ତି ମୁଖ୍ୟ ଭାବରେ କ୍ରିୟାଶୀଳ ହେବାର ସୁଯୋଗ ଲାଭକରେ । ଆଜିସୁଦ୍ଧା ମନୁଷ୍ୟ ସମାଜରେ ଏହି ଆଧ୍ୟାତ୍ମିକ ପ୍ରୟୋଜନକୁ ବିଧିବଦ୍ଧ ଭାବରେ ସ୍ୱୀକାର କରାଯାଇ ନାହିଁ, ଏହି ଦୃଷ୍ଟିରୁ ନାରୀର ମାଧୁର୍ଯ୍ୟ ଯେ କେବଳ ବିଳାସର ସାମଗ୍ରୀ ନୁହେଁ, ତାହା ଯେ ମାନବର ଯାବତୀୟ ସାଧନାର ପରମସଂପଦ ଏକଥା ସମାଜ ଉପଲବ୍ଧି କରିନାହିଁ, ଏଥିପାଇଁ ନାରୀର ଆବଶ୍ୟକୀୟ ପଦକ୍ଷେପ ହିଁ କ୍ଷେତ୍ର ପ୍ରସ୍ତୁତ କରିବ ।

ଅବଶ୍ୟ ଭାରତ ଭଳି ଏକ ଦେଶରେ ନାରୀର ଆଧ୍ୟାତ୍ମିକ ଉତ୍ତରଣର ପ୍ରୟାସ ଅନେକାଂଶରେ ପ୍ରହସନରେ ପରିଣତ ହେବାର ସମ୍ଭାବନା ଅଛି । କାରଣ ବର୍ତ୍ତମାନ ସୁଦ୍ଧା ଗ୍ରାମାଞ୍ଚଳରେ ବହୁ ନାରୀ କ୍ଷୁଧାର ତାଡନାରୁ ମୁକ୍ତି ପାଇବା ପାଇଁ ବହୁ ଭାବରେ ନିଷ୍ପେଷିତ ଓ ନିର୍ଯ୍ୟାତିତ ହେଉଛନ୍ତି । ତେଣୁ ଏସବୁ ଦୃଷ୍ଟିରୁ ରାଷ୍ଟ୍ରର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ନାରୀର ସ୍ୱାଧିକାର ଲାଭର ପ୍ରଧାନ ପ୍ରତିବନ୍ଧକ ତାହାର ଦାରିଦ୍ର୍ୟ ଓ ନିରକ୍ଷରତା । ଜୀବନ ଧାରଣର ସର୍ବନିମ୍ନ ଆବଶ୍ୟକତା ଓ ମାନସିକ ଅଭିବୃଦ୍ଧି ନିମିତ୍ତ ଶିକ୍ଷାଦାନ ନିମନ୍ତେ ରାଷ୍ଟ୍ରୀୟ ସ୍ତରରେ ଉଦ୍ୟମ ନହେଲେ ନାରୀ ସ୍ୱାଧୀନତା ପୃଥିବୀର ବହୁ ମୃତ ବାକ୍ୟ ପରି ଏକ ଭିତ୍ତିହୀନ ସ୍ଲୋଗାନରେ ପରିଣତ ହେବ । ନାରୀର ମର୍ଯ୍ୟାଦା ବା ସ୍ୱାଧୀନତା କେବଳ ନାରୀମାନଙ୍କ ପାଇଁ ନୁହେଁ ବରଂ ସମଗ୍ର ମାନବ ଜାତିର ପୂର୍ଣ୍ଣାଙ୍ଗତା ପ୍ରାପ୍ତି ପାଇଁ ଅପରିହାର୍ଯ୍ୟ । ତେଣୁ ରାଷ୍ଟ୍ର ଓ ପୁରୁଷ ସମାଜ ଯଦି ସହଯୋଗ ସମ୍ପନ୍ନ ନହୁଏ, ତେବେ ମାନବର ଭବିଷ୍ୟତ ବଂଶଧର ସୁସ୍ଥ ଜୀବନ ଲାଭ ପରିବର୍ତ୍ତେ ଜରିଷ୍ଣୁ ଓ ବିକଳାଙ୍ଗ ହୋଇ ପଡ଼ିବ । ତେଣୁ ନାରୀର ଅର୍ଥଗତ ଅଧିକାର ଓ ଶିକ୍ଷାଗତ ଅଧିକାର ପାଇଁ ରାଷ୍ଟ୍ର ସଚେତନ ହେବା ଉଚିତ ।

ସର୍ବଶେଷରେ ଏତିକି କହିରଖିବା ଆବଶ୍ୟକ, ରାଷ୍ଟ୍ର ନିର୍ମାଣରେ, ଜାତି ନିର୍ମାଣରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଜୀବନର ମୂଳନୀତି ଓ ପ୍ରବୃତ୍ତି, ସଂସ୍କୃତିର ମୂଳଭାବର ପ୍ରତ୍ୟାଖ୍ୟାନ ଦ୍ୱାରା ଏହା ସମ୍ଭବ ହେବନାହିଁ । ଆଦର୍ଶ ସର୍ବଦା ଲୋକ କଲ୍ୟାଣମୁଖୀ ହେବା ଉଚିତ । ଏହି ଲୋକକଲ୍ୟାଣ ସାଧନ

Digitized by srujanika@gmail.com

ଦୃଷ୍ଟିରୁ ନାରୀର ଆଦର୍ଶ ଓ ଭୂମିକା କିପରି ରୂପ ଲାଭ କରିବା ଉଚିତ ତାହାର ଦୃଷ୍ଟାନ୍ତ ହେଉଛି ଭଗିନୀ ନିବେଦିତା, ମୀରାବେନ, ମଦର ଟେରେସା ପ୍ରଭୃତି ମହିୟସୀ ମହିଳା ବୃନ୍ଦଙ୍କର ଚିନ୍ତାଧାରା ଓ କର୍ମଧାରା ।

ଏହି ବିଶ୍ୱମୁଖୀ କଲ୍ୟାଣର ଆହ୍ୱାନକୁ ଗ୍ରହଣ କରିବାର ସମୟ ସମୁପସ୍ଥିତ । ସମ୍ମୁଖରେ ଉପସ୍ଥିତ ଏହି ବିରାଟ କର୍ମକ୍ଷେତ୍ର ମଧ୍ୟରେ ନାରୀ ଏକାକୀ ନୁହେଁ ସ୍ୱୀୟ ମାତୃଶକ୍ତିର ସାଧନା ଫଳରେ ସେ ଅଗ୍ରସର ହେଲେ ତା'ର କର୍ମରେ ପୁରୁଷ ବାଧକ ନହୋଇ ସହାୟକ ହେବା ପାଇଁ ବାଧ୍ୟ ହେବ । ଏହାର ପରିଣତି ସ୍ୱରୂପ ଭବିଷ୍ୟତର ପୂର୍ଣ୍ଣାଙ୍ଗ ମାନବ ସମାଜ ଉନ୍ନତ କରିବ ।

ଅଧ୍ୟାପିକା, ଖଲ୍ଲିକୋଟ ମହାବିଦ୍ୟାଳୟ
ବ୍ରହ୍ମପୁର ।

Digitized by srujanika@gmail.com

ନାରୀ ଜାତିର ସମ୍ମାନ ଓ ସ୍ୱାଧିକାର

ହୃଷୀକେଶ ମଲ୍ଲିକ

ଅତ୍ୟନ୍ତ ଦୁଃଖର କଥାଯେ, ବିଗତ କେତେ ବର୍ଷ ଧରି ନାରୀ ଜାତିର ସମ୍ମାନ ଓ ସ୍ୱାଧିକାର ସମ୍ବନ୍ଧରେ ବିଶ୍ୱର ଚିନ୍ତାନାୟକମାନେ ତତ୍ପର ହୋଇ ଉଠିଛନ୍ତି ଓ ୧୯୯୦ ମସିହାକୁ "ଆନ୍ତର୍ଜାତିକ ଶିଶୁକନ୍ୟା ସମ୍ବତ୍ସର" ଭାବେ ପାଳନ କରୁଯାଉଛି । ଏହି ଅବକାଶରେ ନାରୀ ସମ୍ବନ୍ଧରେ ଆମର ପାରଂପାରିକ ବିଶ୍ୱାସ ବୋଧର ଧାରଣା ସହିତ ମୁଁ ଏଠାରେ ନାରୀ ଜାତିର କେତେକ ସମସ୍ୟା ସଂପର୍କରେ ମୋର ବିନମ୍ର ମତ ଉପସ୍ଥାପନା କରୁଛି । ବୃହଦାରଣ୍ୟକ ଉପନିଷଦରେ କୁହାଯାଇଛି—ପୁରୁଷାକାର ଆତ୍ମା ତା'ର ଚତୁର୍ଦ୍ଦିଗକୁ ଅନୁବୀକ୍ଷଣ କରି ଯେତେବେଳେ ନିଜକୁ ନିଃସଙ୍ଗ ଅନୁଭବ କଲା, ସେତେବେଳେ ସେ ଭୟଭୀତ ହୋଇ ପଡିଲା । ତା'ପରେ ସୃଷ୍ଟି ହେଲା ନାରୀ । ଆତ୍ମାର ଗୋଟିଏ ଭାଗ ପୁରୁଷ ଓ ଅନ୍ୟ ଭାଗଟି ନାରୀ । ନାରୀକୁ ପୁରୁଷର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ବହୁ ପ୍ରାଚୀନ କାଳରୁ ମଣିଷ ଦେଖି ଆସିଛି । ଭାର୍ଯ୍ୟା ହେଉଛି ମଣିଷର ଅର୍ଦ୍ଧାଙ୍ଗ ଓ ଶ୍ରେଷ୍ଠତମ ସଖା (୧) । ଭାର୍ଯ୍ୟା ଶବ୍ଦର ଅର୍ଥ ହେଉଛି ଧାରଣ, ପୂରଣ ଓ ଗ୍ରହଣ । ଯାହାକୁ ଗ୍ରହଣ କରାଯାଏ ଓ ଯାହାଦ୍ୱାରା ଜୀବନକୁ ପୂର୍ଣ୍ଣ କରାଯାଏ, ସେହିହିଁ ଭାର୍ଯ୍ୟା । ଭାର୍ଯ୍ୟା "ମନୋବୃତ୍ତ୍ୟାନୁସାରିଣୀ" (ଶ୍ରେଷ୍ଠା) ନାରୀ ଓ ପୁରୁଷ ଉଭୟେ ସେମାନଙ୍କର ସର୍ବୋତ୍ତମ ମୁହୂର୍ତ୍ତ ଗୁଡିକରେ ଲିଂଗଗତ ପାର୍ଥକ୍ୟକୁ ଭୁଲି ଯାଇଥାନ୍ତି (୨) । ସଂହିତାକାର ମନୁଂକ ଉପଲବ୍ଧିରେ ନାରୀହିଁ ଥିଲା ସର୍ବମଙ୍ଗଳକର୍ତ୍ତ୍ରୀ । ଅପତ୍ୟ, ଧର୍ମକାର୍ଯ୍ୟ, ଶୁଶ୍ରୂଷା, ଉତ୍ତମ ରତି ଏବଂ ପିତୃଗଣଂକର ସ୍ୱର୍ଗ ସମସ୍ତ ହେଉଛି ପତ୍ନୀଧୀନ (୩) । ଅନ୍ତର ଭିତରୁ ଋଷିମାନଙ୍କର

---

(୧) "ଅର୍ଦ୍ଧଂ ଭାର୍ଯ୍ୟା ମନୁଷ୍ୟସ୍ୟ, ଭାର୍ଯ୍ୟା ଶ୍ରେଷ୍ଠତମ ସଖା/ଭାର୍ଯ୍ୟା ମୂଳଂ ତ୍ରିବର୍ଗସ୍ୟ, ଭାର୍ଯ୍ୟା ମୂଳଂ ତରିଷ୍ୟତି" (ମହାଭାରତ)

(2) *'Both men and woman can, however in their best moments forget the difference of sex. (page-5, The problem of women.*
THE MOTHER

(୩) 'ଅପତ୍ୟଂ ଧର୍ମ କାର୍ଯ୍ୟାଣି ଶୁଶ୍ରୂଷାର ତିରୁତ୍ତମା/ଦାରାଧୀନ ସ୍ତଥା ସ୍ୱର୍ଗ ପିତୃଣାମାତ୍ମନଶ୍ଚହ' । (୯/୨୮ ଶ୍ଳୋକ, ମନୁସଂହିତା)

Digitized by srujanika@gmail.com

ଅବାଢ୍ ଶୁଭେ । ନାରୀର ଅଶ୍ଳେଷ ବିନା ହୃଦୟ ଓ ଆତ୍ମାର ବଂଧନ କେବେ କ'ଣ ନିବିଡ ହୋଇପାରେ ?

ପ୍ରାଚୀନ ଭାରତ ତଥା ସମଗ୍ର ବିଶ୍ୱ ନାରୀ ଜାତିର ଏପରି ବିଭୂତି ପ୍ରତ୍ୟକ୍ଷ କରିଥିବା ବେଳେ ନାରୀର ସ୍ୱାଭିମାନ ଓ ସ୍ୱାଧିକାରକୁ ନେଇ କାହିଁକି ଆମେ ଆଜି ବିଚଳିତ ? ଏହାର ଉତ୍ତର ଅତି ସାଧାସିଧା ଓ ସହଜ । ଆମର ସମସ୍ତ ଶାସ୍ତ୍ରୀୟ ସମ୍ମାନବୋଧ ସତ୍ତ୍ୱେବି ଏଯାବତ୍ ଆମେ ନାରୀକୁ ଇତର ବା କମ ମହତ୍ତର ଜୀବନ ଯାପନର ଏକ ଉପାଦାନ ଭାବେ ଗ୍ରହଣ କରି ଆସି ନାହୁଁ କି ? ବୁଦ୍ଧଦେବ ତାଙ୍କର ପ୍ରିୟଶିଷ୍ୟ ଆନନ୍ଦକୁ ସେଦିନ କହିଥିଲେ "ଦେଖ ଆନନ୍ଦ ! ବୌଦ୍ଧଧର୍ମ ପାଞ୍ଚହଜାର ବର୍ଷ ବଞ୍ଚି ପାରିଆନ୍ତା, ମାତ୍ର ନାରୀ-ମାନଙ୍କୁ ଏଥିରେ ପ୍ରବେଶାଧିକାର ଦେବାରୁ ଏହା ମାତ୍ର ପାଞ୍ଚଶହ ବର୍ଷ ବଂଚି ରହିବ" । ମାତୃଜାତିର ସ୍ୱାଧୀନତାରେ ପରମ ବିଶ୍ୱାସୀ ହୋଇବି ବିବେକାନନ୍ଦ ନାରୀ ଓ ପୁରୁଷମାନଙ୍କ ପାଇଁ ସ୍ୱତଂତ୍ର ମଠର ବିଧାନ କରିଥିଲେ । ଆଉ କହିଥିଲେ "ଆମକୁ ସବୁବେଳେ ଆମର ଅତୀତ ଅଭିଜ୍ଞତାରୁ ଶିକ୍ଷା କରିବାକୁ ପଡିବ" । 'ଅତୀତ ଅଭିଜ୍ଞତା' ଶବ୍ଦଟି ପରୋକ୍ଷରେ ଆମକୁ 'ନାରୀହିଁ ନରକର ଦ୍ୱାର' ଧାରଣାକୁ ସ୍ମରଣ କରାଇଦିଏ । ଅତ୍ୟନ୍ତରେ ନାରୀକୁ ଯେତିକି ସ୍ୱାଧୀନତା ଦିଆଯାଇଛି, ଅଙ୍କୁଶ ଲଗାଯାଇ ତତୋଽଧିକ ସେହି ସ୍ୱାଧୀନତାକୁ ନିୟନ୍ତ୍ରଣ ମଧ୍ୟ କରାଯାଇଛି । ଗୃହପୋଷିତା ଶାରୀକୁ ମୁକ୍ତ ଆକାଶକୁ ଉଡାଇ ଦିଆ-ଯାଇଛି । ସେ ଡେଣା ଖୋଲି ନଉଡୁଣୁ ପୁଣି ପକ୍ୱ ଡାଳିମ୍ବ ମଂଜିର ଲୋଭ ଦେଖାଇ ତା'କୁ ପିଞ୍ଜରମୁଖୀ କରାଯାଇଛି । ଇତିହାସ ନାରୀ ହାତରେ ବରମାଳ୍ୟ ଦେଇ ସ୍ୱପତି ଅନ୍ୱେଷଣରେ କେବେ ନିକାଞ୍ଚନ ଅରଣ୍ୟକୁ ପଠାଇ ଦେଇଛି ତ, କେବେ କେବେ ତାକୁ ରୋକ୍ଷେଇଶାଳ ବା କଳାବୁର୍ଖା ତଳେ ଲୁଚାଇ ରଖିଛି । ଏଥିରୁ ମନେହୁଏ; ସ୍ୱାଧୀନତା ନାରୀର ହକ୍ କି ନା'— ସମଗ୍ର ବିଶ୍ୱରେ ଏଇ ପରୀକ୍ଷାହିଁ ଚଳିତ ଶତାବ୍ଦୀ ଯାଏଁ ଗ୍ଳିଆସିଛି । ନାରୀ ଉପରେ ପୁରୁଷର ହାକିମାତି ଯେପରି ଜାହିର୍ ରହୁଛି, ନାରୀ ମଧ୍ୟ ପୁରୁଷ-ଯନ୍ତାରୁ ନିକିଳି ଯିବାର ଜିଦ୍‌ରେ ସେହିପରି ଅଟଳ ରହୁଛି । ପ୍ରାଚୀନ ଭାରତରେ ନାରୀ ଓ ପୁରୁଷକୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ବିଚାର କରାଯାଇଥିଲେ ହେଁ ସବୁ କାଳରେ ଦୈବିକ (Biological) ଓ ମନସ୍ତାତ୍ତ୍ୱିକ (Psychological) ଦୃଷ୍ଟିକୋଣରୁ ନାରୀ ପୁରୁଷର ସମାନ୍ତର ନୁହେଁ ବୋଲି ଧାରଣା କରାଯାଇଛି । ହୋଇପାରେ ଯେ, ଏକ ନିର୍ଦ୍ଦିଷ୍ଟ ବୟଃକ୍ରମରେ ଉପଗତା ହେଲେ ନାରୀର ଇଂଦ୍ରିୟ ସଂଗଲିପ୍ସୁ ହୋଇଉଠେ ଓ ନିଜ ବାହାରର ଆଉ କେଉଁ ନୀଡ଼କୁ ଉଡିଯାଇ ଆପଣାର ବିଶ୍ରାମ ଓ ତଜ୍ଜନିତ ପରିପୂର୍ଣ୍ଣତା ଲୋଡେ । ବିଖ୍ୟାତ

Digitized by srujanika@gmail.com

ମନୀଷୀ ହେଭ୍‌ଲକ୍ ଏଲିସ୍‌ଙ୍କ ଭାଷାରେ 'ମାତୃତ୍ୱର ସୁଖକର ପ୍ରତ୍ୟୂଦନାହିଁ ହେଉଛି ନାରୀର ସବୁଠୁଁ ବେଶି ସୁଖକର ଶାରୀରିକ ଆନନ୍ଦ (Massive and sustained Physiological joy) ଉପଯୁକ୍ତ ବୟସରେ ପୁରୁଷ-ସଂଗ-ବଂଚିତା ହେଲେ ନାରୀ ଏକ ଦୂରଂତ ଅଭିଶାପ ପାଲଟିଯାଏ । ମହାଭାରତରେ 'ଅମ୍ବା' ଭୀଷ୍ମଙ୍କଠୁଁ ନିରାଶ ହେବା ପରେ ଏକ ଅନିବାର୍ଯ୍ୟ ବିକାରର ଶିକାର ହୋଇଛି ଓ ପରିଣାମରେ ନାରୀତ୍ୱ ପ୍ରତି ପୁରୁଷର ଏତାଦୃଶ ଅବମାନନାର ପ୍ରତିଶୋଧ ନେବାପାଇଁ 'ଶିଖଣ୍ଡୀ' ରୂପରେ ଭୀଷ୍ମଙ୍କ ମହାପତନର କାରଣ ହୋଇଛି ।

ନାରୀ ପୁରୁଷର ସଂପର୍କକୁ କେବଳ ଦୈହିକ ବା ଦାର୍ଶନିକ ପତନକୁ ଲକ୍ଷ୍ୟ କଲେ, ବେଳେବେଳେ ଆମେ ଯେଉଁ ସମାଜଟିରେ ବାସ କରୁଛୁଁ, ତା'କୁ ଉପେକ୍ଷା କରିବାକୁ ପଡିଥାଏ । ପ୍ରାଚୀନ କାଳର କଥା ଦୂରେ ଥାଉ, ସ୍ୱାଧୀନତା ପ୍ରାପ୍ତିର ବହୁ ବର୍ଷ ପରେ ବି ଆମ ଭାରତବର୍ଷର ଶତକଡ଼ା ସତୁରୀ ଭାଗରୁ ଅଧିକ ନାରୀ ନିରକ୍ଷର ବା ନାମକୁ ମାତ୍ର ସାକ୍ଷର ମାତ୍ର । ଏପରିକି ଫକୀର ମୋହନଙ୍କ ସମକାଳୀନ ସମାଜ ଅର୍ଥାତ୍ ଊନବିଂଶ ଶତାବ୍ଦୀର ଶେଷପାଦ ଓ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ରକ୍ଷଣଶୀଳ ହିନ୍ଦୁ ସମାଜ ନାରୀ ଶିକ୍ଷାର ଘୋର ବିରୋଧୀ ଥିଲା । ଖୋଦ ଫକୀରମୋହନ ମଧ୍ୟ ନାରୀ ଶିକ୍ଷା ଜନିତ ଅନ୍ଧବିଶ୍ୱାସର ଭୟାବହ କୁପରିଣାମରୁ ରେବତୀର ସମଗ୍ର ପରିବାରଟିକୁ ଉଦ୍ଧାର କରିପାରିଲେ ନାହିଁ (ଫକୀର ମୋହନଙ୍କ 'ରେବତୀ' ଗଳ୍ପ ଦ୍ରଷ୍ଟବ୍ୟ) । ତାଙ୍କର ବହୁ ପରବର୍ତ୍ତୀ ହୋଇବି ଗୋଦାବରୀଶ (ମହାପାତ୍ର) ଅସବର୍ଣ୍ଣ ବିବାହଟିଏ କରାଇ ପାରିଲେ ନାହିଁ (ନୀଳ ମାଷ୍ଟ୍ରାଣୀ) । ସାଂପ୍ରତିକ ସମାଜରେ ନାରୀର ଦୁର୍ଦ୍ଦଶା ଊଣା ଅଧିକେ ଠିକ୍ ଏହିପରି । ସ୍ପଷ୍ଟ ଦିବାଲୋକରେ ଆଜି ମଧ୍ୟ ନାରୀଟିଏ ନଗ୍ରଜନପଦ ଭ୍ରମଣକୁ ନିରାପଦ ମଣେ କି ? ଯୌତୁକ ଷଡ଼ଯନ୍ତ୍ର ଆଜି ବି ବହୁ ନାରୀଙ୍କର କିଶୋରୀ ବୟସରେ ଇହଲୀଳା ସାଙ୍ଗ ହୁଏ । ଆମର ଶଙ୍କରାଚାର୍ଯ୍ୟମାନେ ଏବେବି ସତୀପ୍ରଥାକୁ ସମର୍ଥନ କରି ଦାମ୍ଭିକ ବିବୃତିମାନ ସମ୍ବାଦପତ୍ରମାନଙ୍କରେ ଦିଅନ୍ତି ! ଏବେ ବି ମରଣାତଙ୍କ ବିଳାପରେ ସ୍ୱାମୀର ଚିତାଗ୍ନିରେ ଆତ୍ମାହୁତି ଦେଉଥିବା ବିଧବା ରମଣୀର ସମାଧିପୀଠଟି ଆଜକୁ ପରମ ତୀର୍ଥଟିଏ ପରି ମନେ ହୁଏ । 'ପ୍ରେମ'କୁ ଯେଉଁମାନେ ପୁରୁଷ ଜୀବନର ଅଧ୍ୟାୟଟିଏ ଓ 'ନାରୀ ଜୀବନର ସର୍ବସ୍ୱ' ବୋଲି କହି ରସିକତା କରନ୍ତି, ନାରୀକୁ ଖାପ୍ରା ଲଡୁଟିଏ ଧରାଇଦେଇ ନିଜେ ସବୁତକ ମୋହନଭୋଗକୁ ଉଦରସ୍ଥ

Digitized by srujanika@gmail.com

କରିଦେବାର ତଣା ଅଭିଳାଷ ସେମାନଙ୍କର ନଥାଏ । (୧) ଏହି ସମାଜପତି ମାନଙ୍କ ଡରରେ କୋର୍ଟ କଚେରୀରେ ବା ପୋଲିସ୍ ଥାନାରେ ଠିଆହୋଇ ନିଜ ଧର୍ଷଣ ଜନିତ ଅନୁଭୂତିର ଜମାନବନ୍ଦୀ ଦେବାକୁ ନାରୀ ସଂକୋଚ ବୋଧକରେ । ପରିଣାମରେ ହୁଏ କ'ଣ ? ନା' ଏଣେ କେଉଁ ମହାଲିଙ୍ଗମନ୍ଦିରରେ ଯେତେବେଳେ ଦେବଦାସୀଙ୍କର ଗଣ ବିବାହ ଚାଲିଥାଏ, ତେଣେ କେଉଁ ମହାନଗରୀରେ ଗଳଦ୍‌ଘର୍ମ ହୋଇ ଉଚ୍ଚାଭିଳାଷୀ ରମଣୀଟିଏ ନୋବେଲ ଲରିଏଟଙ୍କ ଶୁକ୍ର ସଂଗ୍ରହକୁ ଘୋର ଆତ୍ମପ୍ରସାଦ ମଣୁଥାଏ । ବହୁ ସନ୍ଥ ସାଧକଙ୍କ ଉଦ୍ୟମ ସତ୍ତ୍ୱେ ବି ନାରୀ ସେହି ବିଜ୍ଞାପନର ସାମଗ୍ରୀଟିଏ ହୋଇ ରହିଥାଏ । ନାରୀର ସବୁତକ ସ୍ୱପ୍ନ ଓ ସନ୍ତୋଷ କେବଳ ଶସ୍ତା ଚଳଚିତ୍ରଟିଏ ଦେଖିବାର ସୁଯୋଗ ଓ ସୁପର ସର୍ଫ ପ୍ୟାକେଟ୍‌ଟିଏ ସହିତ ମାଗଣା ପ୍ଲାଷ୍ଟିକ୍ ବକେଟ୍‌ଟିଏ ପାଇବାର ଅର୍ଥହୀନ ପ୍ରଲୋଭନ ଭିତରେ ସରିଯାଉଥାଏ । (୨) ଆଜିକାଲି ଏପରି କେତେକ ଶାସକଙ୍କୁ ମଧ୍ୟ ଆମେ ଦେଖିବାକୁ ପାଉ, ଯେଉଁମାନେ ତାଆନ୍ତା କିଶୋରୀର କଅଁଳ ମେଦକୁ କାଟି କାଟି ଆପଣାର ଜଳଖିଆ କରନ୍ତି । ଶିକ୍ଷିତା ଆଦିବାସୀ ବୋହୂଟିକୁ କେଉଁ ସୁନ୍ଦରବନର ଉଦ୍ଧାଳରେ ଡାହାଣୀ ବୋଲି ଘଟେଇ କରି ହତ୍ୟାକରଯାଏ । ଖାଦ୍ୟ ଓ ଚିକିତ୍ସା ଅଭାବରୁ ଅସୁମାରୀ 'ଅଂଜ' 'ବିରୂପା' ଫାଲଟିଯାଏ । ସରି ଯାଇଥିବା ଟୁଥ୍‌ପେଷ୍ଟ ଟିଉବ୍ ପରି, ଦେହ ହୋଇଯାଏ 'ଚେମଡା' (୩) ଆମେ ଏପରି ଏକ ସମାଜରେ ବାସ କରୁଁ ଯେ, ନାରୀକୁ ସାଢେ ପାଞ୍ଚଫୁଟ୍ ଅଭିମାନ ଓ ଦେଢ ଲିଟର ଅଶ୍ରୁ' (୪)ର ଉର୍ଦ୍ଧ୍ୱରେ ଦେଖିପାରୁନାହିଁ । ଦେଖିଲେ ବି ନଦେଖିଲା ପରି ଡାହାଣୋଟ ମାରୁ ଯେ, 'ନାରୀ ଯାହା କରୁ ବା ନକରୁ, କଦାପି ଧର୍ଷଣ କରିପାରିବ ନାହିଁ' । **(A woman can not rape : Sartre)** ଉଭୀର ଉଦ୍‌ବେଗର ବିଷୟ ଯେ, ସାର୍ତ୍ରେଙ୍କର ଏହି ମାରତ୍ମକ ଉକ୍ତିକୁ

---

(1) *'Man's love is of man's life a thing apart. This is woman's whole existence' – Byron*

(2) *"I, no longer feel I am Mamata kalia,*

× × × ×

I see worthless movies at reduced rates
And feel happy, at reduced rates.
I get free plastic bucket
with a lage packet of super-surf
and feel happy— (Mamata Kalia)

(୩) 'ବେମାରିଆ ଝିଅଟେ । 'ଗୁଣୁ ଗୁଣୁ ଚିତ୍ରପଟ'— ସୌରୀନ୍ଦ୍ର ବାରିକ ।

(୪) 'ନଇ ଆରପାରି'—ଭାନୁଜୀ ରାଓ ।

Digitized by srujanika@gmail.com

ଅଦ୍ୟାବଧି ଏକ ପରିହାସ ବୋଲି ମନେକରାଯାଏ । କେହିବି ଏରଟିଏ ସାହସ ବାନ୍ଧି ଏକ ପାଲଟା ପରିହାସର ବ୍ରହ୍ମ ଶ୍ୱପୁତା ମାରି ସାନ୍ତ୍ରେଂକର ଏତାଦୃଶ ଖିଆଲକୁ ଭାଂଗିବାର ପ୍ରୟାସ କରନ୍ତି ନାହିଁ । କହନ୍ତି ନାହିଁ, "ସାନ୍ତ୍ରେ ଯାହା କରନ୍ତୁ ବା ନକରନ୍ତୁ; କଦାପି ପିଲା ଜନ୍ମ କରିପାରିବେ ନାହିଁ" । ଫଳରେ ପରିସ୍ଥିତି ଯଥା ପୂର୍ବଂ ତଥା ପରଂ ହୋଇ ରହିଥାଏ । ନାରୀ ତା'ର ଦୁର୍ଭାଗ୍ୟକୁ ଆଦରି ନେଇ ସେହିପରି ବାହୁନୁ ଥାଏ ।

"ମାଡିଲି ମୁଂଡା ଗାଗର/ମାଆକୁ କହିବ, କାନ୍ଦିବ ନାହିଁ
ତୋଉଁ ତ ଗୁଣସାଗର ।" (ଲୋକଗୀତ)

ଆମ ସମାଜର କେତେ ଯେ 'ଧୂହିତା' ନା' ଏକୁଳର (ବାପ ଘରର ଝିଅ) ନା' ସେ କୁଳର (ଶାଶୁ ଘରର ବୋହୂ) ହୋଇ ପାଂରଭି ସତରେ ? ମୋର ତ' କାହିଁକି ମନେହୁଏ, ଏବେ ବି ଚିତ୍ତୋରର ରାଣୀ 'ଦୁର୍ଗାବାଈ' ଓ ରୂପକନଓ୍ୱର ଭୋଟିଏ ଚିତା ଆଗରେ ଠିଆହୋଇ କାଳାଂତକ ମୃତ୍ୟୁକୁ ଦୂରୁ ଦୂରୁ ଦକହରେ ତକେଇଥାଂତି । 'ଅହଲ୍ୟା' ଓ 'ନନ୍ଦିକେଶରୀ' ଉଭୟେ ଯେମିତି ହାତ ଧରାଧରି ହୋଇ ପତ୍ରକ୍ଷଡ଼ା କେଉଁ ଗଛଟି ତଳେ ଆପଣା ନିୟତିର କଂଟାଶେଯରେ ଅଳସ ଭାଂଗୁଥାନ୍ତି । 'ଓଁ ସମ୍ରାଜ୍ଞୀ ଶ୍ୱଶୁରେ ଭବ ସମ୍ରାଜ୍ଞୀ ଶ୍ୱଶ୍ର୍ୱାଂ ଭବ/ନ ନନ୍ଦାରି ସମ୍ରାଜ୍ଞୀ ଭବ ସମ୍ରାଜ୍ଞୀ ଅଧିଦେବୃଷୁ (୧) ଶ୍ଳୋକର ସ୍ମୃତି ମାନସପଟରୁ ନଲିଭୁଣୁ ଶହ ଶହ ଜନନୀ ଆଜି ନିଜ ଗର୍ଭାଶୟର ଭ୍ରୁଣ ପରୀକ୍ଷା କରି ନିର୍ବିକାରରେ 'କନ୍ୟାଭ୍ରୁଣ ହତ୍ୟା'ର ଅନିଚ୍ଛାକୃତ କାରଣ ହୁଅନ୍ତି ।

ନାରୀ ଜାତିର ସ୍ୱାଭିମାନକୁ ପୁନଃ ସଂସ୍ଥାପିତ କରିବାକୁ ହେଲେ ସେଇ ନାରୀମାନଙ୍କ ଭିତରୁ ଆହ୍ୱାନ ଗୁଡାକୁହିଁ ଉଚ୍ଚାରିତ କରାଇବାକୁ ହେବ । ଏଇ ଲକ୍ଷ୍ୟରେ ସମଗ୍ର ବିଶ୍ୱରେ ବିଗତ କେଇବର୍ଷ ଧରି ବାମାବାଦୀ ବା **Feminist Movement**ର ସୂତ୍ରପାତ ହୋଇଛି । ବାମାବାଦୀ ମତବାଦର ପ୍ରମୁଖ ପ୍ରବକ୍ତା । ସାଇମନ୍ ଦି-ବେଭିୟର କହନ୍ତି, **One is not born, but rather becomes women"** ମରିସ୍ ମାର୍ଲୋ-ପୋଣ୍ଟି କହନ୍ତି, 'ଆଚରଣାବଳିର ଏକ ରୀତିକୃତ ପୁନରାବୃତ୍ତି (**stylised repetion of acts**) ଦ୍ୱାରା ହିଁ ବ୍ୟକ୍ତିର ଲିଙ୍ଗ ନିରୂପିତ ହୋଇଥାଏ । ନାରୀ ଓ ପୁରୁଷର ଭେଦ ବିଗ୍ରହ ମୂଳରେ କୌଣସି ପ୍ରାକୃତିକ କାରଣ ଅପେକ୍ଷା ବରଂ ଏକ 'ଐତିହାସିକ ଧାରଣା'

(୧) 'ବିବାହମନ୍ତ୍ର, ପୁରୋହିତ ଦର୍ପଣ ।

Digitized by srujanika@gmail.com

(Historical idea) କାର୍ଯ୍ୟ କରୁଥାଏ । ସେ ଏହି ପ୍ରସଙ୍ଗରେ ଦୁଇଟି ପ୍ରବାକ୍ୟ **(Term)**ର ବ୍ୟବହାର କରିଛନ୍ତି । ତାହା ହେଉଛି; 'ଜୈବିକ ପ୍ରାମାଣିକତା' **(Biological facticity)**, 'ସାଂସ୍କୃତିକ ବିଶେଷତା' **(Cultural signification)** । ଅର୍ଥାତ୍ କେତେକ ଜୈବିକ ଲକ୍ଷଣ ଓ ସାଂସ୍କୃତିକ ଉପସ୍ଥିତିକତାକୁ ଭିତ୍ତିକରି ଆମେ ତଣ୍ଟକଠାରେ ନାରୀତ୍ୱର ଆରୋପ ମାତ୍ର କରିଥାଉ । ବାମାବାଦୀ ଆନ୍ଦୋଳନ ଏକ ଅର୍ବାଚୀନ ତତ୍ତ୍ୱ ହେଲେବି ପ୍ରଗତିଶୀଳ ଆବେଦନ ଓ ବୈଜ୍ଞାନିକ ପୃଷ୍ଠଭୂମି ଯୋଗୁଁ ସୃଜନଶୀଳ ସାହିତ୍ୟରେ ମଧ୍ୟ ଏହାର ପ୍ରତିଫଳନ ବେଶ୍ ଧ୍ୱନିତ ହୋଇପାରିଛି । ନାରୀମାନେ ସେମାନଙ୍କର ସଂକୋଚ ପରିହାର କରି ନିଜ ନିଜର ଗୋପନୀୟ ଅନୁଭୂତି ଓ ପ୍ରତିକ୍ରିୟାକୁ ସେମାନଙ୍କ ଲେଖାରେ ଅତି ନିର୍ଭୀକତାର ସହିତ ଏବେ ପ୍ରତିଫଳିତ କରୁଛନ୍ତି । ସାଇମନ୍ ଡି- ବାଭିୟର୍‌ଙ୍କ **The Second Sex (Eng. Edition, Publicshed in 1953)** ପ୍ରକାଶ ପାଇବା ପରେ ଏ ଦିଗରେ ଆଶାଜନକ ପ୍ରଗତି ଘଟିପାରିଛି । 'ନୃତ୍ୟ, ମଦ୍ୟପାନ ଓ ବିଳାସ'ର ଏକ ଅବକ୍ଷୟୀ ପରିଚିତି ମଧ୍ୟରୁ ଏହି ପୁନରୁଦ୍ଧାର ପ୍ରକ୍ରିୟା ନାରୀର ସମ୍ମାନ ଓ ସ୍ୱାଧିକାର ସାବ୍ୟସ୍ତରେ କମ୍ ସହାୟତା କରୁନାହିଁ । ଚିରଚରିତ ସମାଜ ନାରୀର ପରିଚୟକୁ ଯେପରି 'ସ୍ତ୍ରୀଅଟିଏ ବା ବୋହୂଟିଏ; ଛୁଞ୍ଚି ସୂତାର କାରିଗରଟିଏ ବା ରନ୍ଧୁଣୀଟିଏ; ନୋହିଲେ କଳିହୁଡିଟିଏ (୧) ଭିତରେ ସୀମିତ କରି ଦେଇଥିଲା, ସେଇ ସାମାବଦ୍ଧତାରୁ ଆଜିର ଲେଖକ ତା'କୁ ଉଦ୍ଧାରିତ କରିବାର ପ୍ରଚେଷ୍ଟା କରୁଛି । ବାମାବାଦୀ ଆନ୍ଦୋଳନର ବହୁ ଆଗରୁ ନାରୀ ବିଦ୍ୱେଷୀମାନଙ୍କୁ ଆମ 'ଖନା' ଯେଉଁ ଚତୁର ଢଗର ଖଣ୍ଡମୁସି ମାରିଛନ୍ତି, ତାହା ସେ କାଳର ପୁରୁଷ କବଳିତ ସମାଜର ଜଣେ ଭାରତୀୟ ନାରୀର କମ୍ ସ୍ପର୍ଦ୍ଧା ଓ ଦୁଃସାହସର ପରିଚୟକ ନୁହେଁ । ଖନା କହିଛନ୍ତି—

''ମାତ ମାରେ ଯେହୁ ନିଜ ନାରୀକୁ
ଶଳା ବୋଲି କହେ ଆଜ୍ଞାକାରୀକୁ
ବହୁ ମାନ ଦିଏ ଯେହୁ ଦାରୀଙ୍କୁ
ମାଛ ଖୁଆଏ ତିଳକଧାରୀଙ୍କୁ
ଆଖିଠାର ମାରେ ପରନାରୀଙ୍କୁ
ବୋଲେ ଦମାଇ ଦେବ ଯାଙ୍କ ଟାଙ୍କୁ'' । (ଖନାବଚନ)

---

(1) 'Be wife, they said. Be embroider/Be cook/Be a quarller with servants/ Fit in—Kcmala ' as.

Digitized by srujanika@gmail.com

ଏସବୁ ଅଧ୍ୟୟନ ଓ ଅନୁଧ୍ୟାନରୁ ମନେ ହୁଏ ଯେ, ଅନେକାଂଶରେ ପୁରୁଷହିଁ ହେଉଛନ୍ତି ସମାଜରେ ନାରୀର ଏହି ଅସମ୍ମାନଜନକ ସ୍ଥିତିର ପ୍ରକୃତ କାରଣ ଓ ଏକାଂଶ ସ୍ରଷ୍ଟା । ବର୍ଟାଣ୍ଡ୍ ରସେଲ୍ ପ୍ରମାଣ କରିଛନ୍ତି; ଜଣେ ପୁରୁଷ ସର୍ବଦା ମନେ କରିଥାଏ ଯେ, ପୃଥିବୀର କବି ଓ ବୈଜ୍ଞାନିକ ମାନଙ୍କ ମଧ୍ୟରୁ ବେଶିଭାଗ ହେଉଛନ୍ତି ପୁରୁଷ । ପୁରୁଷ ଲୋକଙ୍କ ଦ୍ୱାରା ଲିଖିତ ଉପନ୍ୟାସ ଅନ୍ତତଃ ମନ୍ଦ ଉପନ୍ୟାସ ମାନଙ୍କରେ ଯେଉଁ ନାରୀ ଚରିତ୍ରର ଚିତ୍ରଣ କରାଯାଇଥାଏ, ସେଥିରେ ନାରୀକୁ ଅତ୍ୟନ୍ତ ସୁନ୍ଦରୀ ଓ ଗୁଣବତୀ କରାଯାଇ-ଥିଲେ ମଧ୍ୟ ପ୍ରୟୋଜନ ବେଳେ ତା'କୁ ପୁରୁଷର ଆଶ୍ରୟପ୍ରାର୍ଥୀ ହେବାକୁ ବାଧ୍ୟ କରାଯାଇଥାଏ । ଆରିଷ୍ଟୋଟଲ୍‌ଙ୍କର ଧାରଣା ଥିଲା ଯେ ତାଙ୍କ ତୁଳନାରେ ତାଙ୍କ ପତ୍ନୀଙ୍କର ଦାନ୍ତ ସଂଖ୍ୟା କମ୍ । ଏହି ଚିନ୍ତାଧାରାକୁ ପୁରୁଷର ନିଜ ସଂପର୍କରେ ଏକ ଏକତରଫା 'ଅତିକଳ୍ପନା'ଛଡା ବା' ଆଉ କ'ଣ କୁହାଯାଇ-ପାରେ ? ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ, ଆମ ସମାଜରେ ନାରୀ ମାନଙ୍କ ସଂପର୍କରେ ଯାବତୀୟ ଧାରଣା ଚୁଡ଼ାକ ଆମେ ପୁରୁଷମାନେହିଁ ତିଆରି କରିଥାଉଁ । କହିବା ବାହୁଲ୍ୟ ଯେ, ନାରୀ ଦେହର କେଉଁ ଅବୟବଟି ଆମର ମନରୋଚକ ହେବ, ତା'କୁ ନିରୂପିତ କରି ନାରୀ ମାନଙ୍କର ଅଧିକାଂଶ ଫେସନ-ପୋଷାକ ଆମ ପୁରୁଷ ଦର୍ଜିମାନଙ୍କ ଦ୍ୱାରାହିଁ ତିଆରି ହୋଇଥାଏ ।

ଆଜି ନାରୀର ସମ୍ମାନ ଓ ସ୍ୱାଧିକାର ସମ୍ବନ୍ଧରେ ଚିନ୍ତା କରିବାକୁ ଗଲା-ବେଳେ, ପ୍ରଥମେ ଗୋଟିଏ କଥା ଆମକୁ ସ୍ମରଣ ରଖିବାକୁ ହେବ ଯେ, ଯୁଗ-ଯୁଗର ଘାତ ପ୍ରତିଘାତ ମଧ୍ୟରେ ନାରୀ ମନରୁ ଲୋପ ପାଇ ଯାଇଥିବା ବା ଅନ୍ତରରେ ଅବଦମିତ ହୋଇ ରହିଥିବା ତା'ର ଆତ୍ମବିଶ୍ୱାସକୁ ପ୍ରଥମେ ଆମକୁ ଫେରାଇ ଆଣିବାକୁ ହେବ । ତା'ର ଭୟ ଦୂର କରିବାକୁ ହେବ । ଭୟ ହିଁ ହେଉଛି ଯାବତୀୟ ଅଂଧ ବିଶ୍ୱାସର ମୂଳ ଉତ୍ସ । ଭୟର ଲୋପ ହେଲେ ବିକଶିତ ହୁଏ ପ୍ରଜ୍ଞା । ସତ୍ୟକାମ ତା'ର ମାଆ ଜାବାଳକୁ ସେଦିନ ପ୍ରଶ୍ନ କରିଥିଲା—"ମାଆ ମୋ'ର ବଂଶ ପରିଚୟ କ'ଣ ?" ଜାବାଳ ଉତ୍ତର ଦେଇ-ଥିଲେ "ମୁଁ ଯୁବାବସ୍ଥାରେ ଦାସୀକାମ କରୁଥିବା ସମୟରେ ବହୁ ସମୟରେ ବାହାରେ ବୁଲୁଥିଲି ଏବଂ ସେହି ସମୟରେ ତୁ' ମୋର ଗର୍ଭସ୍ଥ ହେଲୁ । ମୁଁ ଜାଣେନା' ତୁ କେଉଁ ବଂଶର । କେବଳ ଏତିକି ଜାଣେ, ମୋର ନାମ ଜାବାଳ ଓ ତୁ ଜାବାଳ-ସତ୍ୟକାମ । (ଛାନ୍ଦୋଗ୍ୟ ଉପନିଷଦ)" ଅଧୁନା ନାରୀ ମନରୁ ଅପହୃତ ଏହି ଉପନିଷଦୀୟ ନିର୍ଭୀକତାକୁ ପୁନଶ୍ଚ ଆଜି ତା'ଠିଠାରେ ହିଁ ନ୍ୟାସ କରିବାକୁ ହେବ । ଯେ ପର୍ଯ୍ୟନ୍ତ ସେ ହୃଦୟଂଗମ ନ କରିଛି ଯେ, ସେ ତା'ର

Digitized by srujanika@gmail.com

ମୃତ୍ୟୁଠାରୁ ଓ ଭାଗ୍ୟଠାରୁ ବି ଗରୀୟକ୍ 'Stronger than death and greater than fate' ; THE SAVITRI— Sri Aurobindo). ସେ ପର୍ଯ୍ୟନ୍ତ ତା'ର ସମ୍ମାନ ଓ ସ୍ୱାଧିକାର ପୂର୍ଣ୍ଣପ୍ରାପ୍ୟସ୍ତ ହୋଇପାରିବ ନାହିଁ ।

ଅନ୍ୟ ଦୃଷ୍ଟିକୋଣରୁ ବିଚାର କଲେ, ନାରୀସତ୍ତା ପୁରୁଷ ସତ୍ତାର ଠିକ୍ ପରିପୂରକ, ତଥାପି କେହି କାହାରିଠାରୁ ଗରୀୟାନ୍ ବା ନ୍ୟୂନ ନୁହନ୍ତି, ଏହା ପ୍ରତିପାଦିତ କରିବାକୁ ହେବ । ଉଭୟଙ୍କର ଉଭୟଙ୍କଠାରେ ରହିବ ସମାନ ଅଧିକାର ଓ ଉଭୟ ଉଭୟଙ୍କୁ କରିବେ ସମାନ ଶ୍ରଦ୍ଧା । ନାରୀକୁ ହୃଦୟଙ୍ଗମ କରିବାକୁ ହେବ ଯେ, ମାତାପିତା ଓ ବନ୍ଧୁତ ହେଉଛନ୍ତି ଅର୍ବାଚୀନ; କିନ୍ତୁ ପୁରୁଷ ପ୍ରକୃତି ଭାବରେ ଆମର ସମ୍ବନ୍ଧ ନିତ୍ୟ ଓ ସନାତନ । ପୁରୁଷକୁ ମଧ୍ୟ ତା'ର ବୃଥା ଅହମିକା ଛାଡି ସ୍ୱୀକାର କରିବାକୁ ପଡିବ 'ନାରୀହିଁ ହେଉଛି ମୋର ଶ୍ରବଣ ଓ ପ୍ରାଣ' (ସୁରଦାସ ପଦାବଳୀ) । ପୁରୁଷ ଓ ନାରୀର ସମ୍ବନ୍ଧ ତଥା ସ୍ୱାଧୀକାରକୁ ସମାନୁପାତିକ କରିବାକୁ ହେଲେ ଯେତିକି ଭାବରେ ଜ୍ୟୋତି ସର୍ବତ୍ୟାଗୀ ଶଂକରଟିଏ, ଠିକ୍ ସେତିକି ଭାବରେ ଜ୍ୟୋତି ବିଶ୍ୱକନ୍ୟା ଉମାଟିଏ । (ବିବେକାନନ୍ଦ) । ତାର୍ଥବାରି ବହନକାରୀ କଲ୍ୟାଣୀ ନାରୀଟିଏ କେବଳ ସେଇ ପୁରୁଷକୁ କୃତାର୍ଥ କରିଥାଏ, 'ମାନୁଷେ ଯେ ଦୁଃଖ ଦେଇନ ରହେ, ମୃତ୍ୟୁରେ ଯେ ବାଣ୍ଟେ ବାହୁପାଶେ/କାଳ-ନୃତ୍ୟକରେ ଉପଭୋଗ, ମାତୃରୂପା ତାରି କାଛେ ଆସେ' (୯) ।

ବର୍ତ୍ତମାନ ସମଗ୍ର ବିଶ୍ୱରେ ଯେଉଁ ରାଜନୈତିକ ନାରୀଜାଗରଣ ଆରମ୍ଭ ହୋଇଛି, ତାହା ମୂଳତଃ ନାରୀ ଓ ପୁରୁଷଙ୍କର ଏକ 'ଅପନ କଡିଆ' ସ୍ତରରେହିଁ ରହିଛି । ପୁରୁଷ ନିୟନ୍ତ୍ରିତ ସମାଜଦ୍ୱାରା କାଳକାଳ ଧରି ବାମାସନ ଗ୍ରହଣ କରି ଆସିଥିବା ନାରୀଟି ଏଇମାତ୍ର ତା'ର ଯଥାର୍ଥ ଅଧିକାର ସମ୍ବନ୍ଧରେ ସଚେତନ ପ୍ରତିକ୍ରିୟା ଆରମ୍ଭ କରିଛି । ଗୋଟିଏ ସାମ୍ନାଖ୍ୟ ବା ଟ୍ରେଡ୍ୟୁନିୟନ ଗଠନ କରି ପୁରୁଷଠାରୁ କେତେକ ଅଧିକାର ମାତ୍ର ଛଡ଼ାଇନେଲେ ନାରୀ କଦାପି ତା'ର ସମ୍ମାନ ଓ ସ୍ୱାଧିକାରକୁ ପୂର୍ଣ୍ଣରୂପେ ପ୍ରତିଷ୍ଠିତ କରିପାରିବ ନାହିଁ । ଯୁଗ ଯୁଗରୁ ତା' ମନରେ ବସା ବାନ୍ଧି ଆସିଥିବା ଭିତ୍ତିହୀନ ଧାରଣା (ଯେ, ସେ ହେଉଛି ପୁରୁଷର ଏକ ପ୍ରସାଧନ ସାମଗ୍ରୀ ମାତ୍ର)କୁ ତା'କୁ ମୋହହୀନ ଭାବେ ତ୍ୟାଗ କରିବାକୁ ପଡିବ । ନିଜର କାର୍ଯ୍ୟକଳାପ ଦ୍ୱାରା ତା'କୁ ବୁଝାଇଦେବାକୁ ହେବ ଯେ,

---

(୯) 'ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ରଚନା', ୬ମ ଖଣ୍ଡ, ପ୍ରକାଶକ, ବେଲୁଡ଼ ଶ୍ରୀ ରାମକୃଷ୍ଣ ମଠ, ୪ମ ସଂସ୍କରଣ—ପୃ: ୫୭୦ ।

Digitized by srujanika@gmail.com

ପରିବାର ଓ ସମାଜରେ ତା'ର ଭୂମିକା ଅତ୍ୟନ୍ତ ଅପରିହାର୍ଯ୍ୟ । ଭାରତ ଭଳି ଦେଶମାନଙ୍କରେ ଗାର୍ହସ୍ଥ୍ୟ ଧର୍ମର ସୁରକ୍ଷା ପାଇଁ ଗୋଟିଏ ପରିବାରରେ ନାରୀ ଓ ପୁରୁଷଙ୍କର ସମାନ ଅଧିକାର ଓ ସ୍ୱାଧୀନତା ରହିବା ମଧ୍ୟ ଏକାନ୍ତ ପ୍ରୟୋଜନ । ମୁସୋଲିନ ଏକଦା କହିଥିଲେ "ଯେଉଁ ନଗରୀରେ ଗୃହସ୍ଥାଶ୍ରମ ନାହିଁ, ତାହା କଦାପି ନଗରୀ ପଦବାଚ୍ୟ ନୁହେଁ (୧) ନାରୀ ଓ ପୁରୁଷ ମଧ୍ୟରେ ସମ୍ପର୍କରେ ଆନୁପାତିକତା ନରହିଲେ ସମାଜ ଶୃଙ୍ଖଳିତ ହୋଇପାରିବ ନାହିଁ କି ନାରୀର ସମାଜ ପାଇଁ କୌଣସି ଅପରିହାର୍ଯ୍ୟତା ନରହିଲେ 'ପୁରୁଷ' ନାରୀକୁ ଆଉ ଲୋଡ଼ିବେ ନାହିଁ । ଏହିପରି ଏକ ସମସ୍ୟା ଉପରେ ଷୋଡ଼ଶ ଶତାବ୍ଦୀର ବଳରାମ ଦାସ ତାଙ୍କ 'ଲକ୍ଷ୍ମୀପୁରାଣ' ରଚନା କରିଥିଲେ । ଏହି ପ୍ରସଙ୍ଗରେ 'ଶୁକବିଳାସ'ର ଉପାଖ୍ୟାନଟିଏ ମନେ ପଡ଼େ । ବିକ୍ରମାଦିତ୍ୟଙ୍କ ରାଜସଭାରେ ଥରେ ଗୋଟିଏ ରାକ୍ଷସ ଗୋଟିଏ ଗୁରୁତର ସମସ୍ୟା ଉତ୍ଥାପନ କଲା । ସମସ୍ୟାଟି ହେଉଛି, ଥରେ ଗୋଟିଏ ମୃଗ ଦମ୍ପତି ତୃଷାର୍ତ୍ତ ହେଲେ ଓ ବହୁ ଅନ୍ୱେଷଣ ପରେ ସେମାନେ ଗୋଟିଏ ଖୋଲରେ କିଛି ପାଣିଥିବାର ଦେଖିଲେ । ଖୋଲଟିରେ ଯେତିକି ପାଣିଥିଲା, ସେତିକିରେ କେବଳ ଜଣକର ଶୋଷ ମରି ପାରିବ । ମୃଗୁଣୀ ସେତେବେଳେ ଥିଲା ଗର୍ଭବତୀ, ମୃଗ କହିଲା, ପ୍ରିୟେ ! ତମେ ଏ ଜଳପାନ କରି ନିଜକୁ ଓ ଗର୍ଭସ୍ଥ ସନ୍ତାନକୁ ରକ୍ଷାକର । ମୃଗୁଣୀ କହିଲା; ପ୍ରିୟ ତମେ ମୋ'ର ସ୍ୱାମୀ, ମୋ' ଇହକାଳ ଓ ପରକାଳର ଦେବତା, ତମେ ଏ ଜଳପାନ କରି ନିଜର ଜୀବନ ରକ୍ଷାକର ଓ 'ମୋ' ନାରୀତ୍ୱକୁ କୃତାର୍ଥ କର । 'ମୃଗ କହିଲା; ପ୍ରିୟେ ! ତମେ ପ୍ରାଣ ତ୍ୟାଗିଲେ ମୋତେ ନାରୀ ହତ୍ୟା ଓ ଭ୍ରୂଣ ହତ୍ୟା ଦୋଷ ଲାଗିବ । ମୃଗୁଣୀ ମଧ୍ୟ ଅନୁରୂପ ଭାବେ କହିଲା ଯେ ପ୍ରିୟ ତମକୁ ହରାଇଲେ ମୁଁ ସ୍ୱାମୀହରା ହେବି ଓ ବୈଧବ୍ୟର ନର୍କରେ ପତିତ ହେବି । 'ଏହିପରି ପରସ୍ପର ମଧ୍ୟରେ ଯୁକ୍ତିକରି ମୃଗ ଓ ମୃଗୁଣୀ କେହିବି ସେ ପାଣି ସ୍ପର୍ଶ କଲେ ନାହିଁ । ଫଳରେ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁହେଲା । ରାକ୍ଷସର ପ୍ରଶ୍ନଥିଲା ! 'ମୃଗ ଓ ମୃଗୁଣୀ ଉଭୟଙ୍କ ମଧ୍ୟରୁ କିଏ କାହାକୁ ବେଶି ଭଲ ପାଉଥିଲା ? ପ୍ରଶ୍ନଟିର ଉତ୍ତର ନେଇ ନବରତ୍ନ ପଣ୍ଡିତଙ୍କ ମଧ୍ୟରେ ଘୋର ତର୍କ ହେଲା । କିଏ କହିଲେ; 'ମୃଗ ମୃଗଣୀକୁ ବେଶୀ ସ୍ନେହ କରୁଥିଲା ତ ଆଉ ଆଉ କିଏ କହିଲେ, 'ମୃଗୁଣୀର ମୃଗ ପ୍ରତି ସ୍ନେହ ଅଧିକ ଥିଲା' । ଏସବୁ ଉତ୍ତର ଶୁଣି ରାକ୍ଷସ କହିଲା : 'ରାଜା ! କୌଣସିଟି ଉତ୍ତର ଯଥାର୍ଥ ନୁହେଁ' । ରାଜା ବିବ୍ରତ ହୋଇ ସଭାସ୍ଥ ଶୁକପକ୍ଷୀକୁ ରାକ୍ଷସ ପଚାରିଥିବା ପ୍ରଶ୍ନର ସଠିକ ଉତ୍ତର

---

1. *"The city that ceases to be a city of homes will ceases to be a city at all"*

Digitized by srujanika@gmail.com

ଦେଖାକୁ କହିଲେ । ଶୁକ ପକ୍ଷୀ କହିଲା 'ହେ ରକ୍ଷସ ! ମୃଗ ଓ ମୃଗୁଣୀ—କେହି କାହାରିକୁ ଯଥାର୍ଥରେ ଭଲ ପାଉନଥିଲେ । ଯଦି ସେମାନଙ୍କ ମଧ୍ୟରେ ଯଥାର୍ଥ ପ୍ରେମ ଥାଆନ୍ତା; ତେବେ ଜଣେ ଜଳପାନ କରି ଜୀବନ ରକ୍ଷା କରିଥିଲେ; ସେଇ ତୃପ୍ତିରେ ଅନ୍ୟ ଜଣଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରନ୍ତା । ଶୁକ ପକ୍ଷୀର ଉତ୍ତର ଶୁଣି ରକ୍ଷସ ସନ୍ତୁଷ୍ଟ ହୋଇ ଫେରିଗଲା ।

ସୁତରାଂ ଏଥିରୁ ମନେ ହେଉଛି, କୌଣସି ସଭ୍ୟ ଓ ବିକାଶଶୀଳ ରାଷ୍ଟ୍ରର ସମାଜରେ ନାରୀକୁ ପୁରୁଷଠାରୁ କିମ୍ବା ପୁରୁଷକୁ ନାରୀଠାରୁ ଶ୍ରେଷ୍ଠ କରି ଠିଆ-କରାଇବା, ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ; ନାରୀ ଓ ପୁରୁଷ ଉଭୟଙ୍କୁ ପରସ୍ପର ପ୍ରତି ଯଥାର୍ଥରେ ଶ୍ରଦ୍ଧାଶୀଳ କରାଇବା ହେଉଛି ସେତେବେଳେ ଆବଶ୍ୟକ । ଆହୁରି ମଧ୍ୟ ଏକଥା ସତ୍ୟ ଯେ, ନାରୀ ଓ ପୁରୁଷ ଉଭୟଙ୍କ ଅନ୍ତଃକରଣରେ ପରସ୍ପର ପ୍ରତି ଏହି ଶ୍ରଦ୍ଧାର ଯଥାର୍ଥ ବୀଜାୟନ ନହେବା ଯାଏ ଏହିପରି କୌଣସି 'ପଣ୍ଡିତ-ସଭା' ସମାଜରେ ନାରୀର ସମ୍ମାନ ଓ ସ୍ୱାଧିକାର ସାବ୍ୟସ୍ତ କରିବାରେ କଦାପି ସହାୟକ ହୋଇପାରିବ ନାହିଁ । ତଥାପି ଦେବୀ ଦୁର୍ଗାଙ୍କର ମୂର୍ତ୍ତି ନିର୍ମାଣ ପୂର୍ବରୁ ବେଲ ମୂଳରେ ପୂଜା ପାଉଥିବା ବୋଧନ 'ଶିଳମାଟି'ପରି 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ଏ 'ସଂସ୍ଥାନ' ବିଶ୍ୱ ମାନବ ପ୍ରାଣରେ ନାରୀ ପ୍ରତି ଯୁଗ-ଯୁଗର ଘୃଣ୍ୟ ଓ ଶାସ୍ତ୍ରୀୟ ପୂର୍ବାଗ୍ରହ ପରିବର୍ତ୍ତେ ସତରେ ଯଦି କିଛି ନିଷ୍ଠାପର ସଂକଳ୍ପ ସୃଷ୍ଟି କରେ; ତେବେ ନାରୀର ସମ୍ମାନ ଓ ସ୍ୱାଧିକାର ଆଉ ବେଶିଦିନ ସ୍ୱପ୍ନ ବା ବିଳାପଟିଏ ହୋଇ ନରହି ଏକ ଯଥାର୍ଥ ଫଳଶ୍ରୁତିରେ ପରିଣତ ହୋଇପାରିବ ।

(ଓ: ସା: ଏକାଡେମି ପକ୍ଷରୁ ମାର୍ଚ୍ଚ ୧୯ ଓ ୨୦ ତାରିଖରେ ଭୁବନେଶ୍ୱରଠାରେ ଆୟୋଜିତ 'ଲେଖକ-କର୍ମଶାଳା'ରେ ରଚିତ ଓ ପଠିତ)

ଅଧ୍ୟାପକ, ଓଡ଼ିଆ ବିଭାଗ, ରେଭେନ୍‌ସା କଲେଜ, କଟକ-୩ ।

Digitized by srujanika@gmail.com

ତେଜୋମୟୀର ଅପେକ୍ଷାରେ

ପ୍ରତିଭା ଶତପଥୀ

ନାରୀର ମର୍ଯ୍ୟାଦାର ସୁରକ୍ଷା ଆମ ସମସ୍ତଙ୍କର ଏକ ନୈତିକ କର୍ତ୍ତବ୍ୟ । ଯେଉଁମାନେ ସାହିତ୍ୟିକ, ସମାଜର ସଜ୍ଞାନ ସଚେତନ ବ୍ୟକ୍ତି ସେମାନେ ଏ ଏ ଦିଗରେ କ'ଣ ଚିନ୍ତା କରୁଛନ୍ତି, କିଭଳି ଦେଉଛନ୍ତି ଦିଗ୍‌ଦର୍ଶନ ? ଆମ ସମାଜରେ ନାରୀ ଅବହେଳିତ, ତାକୁ ମର୍ଯ୍ୟାଦା ମିଳେନା, ଏହା ଆମେ ସ୍ୱୀକାର କରୁଛେ । ସତ୍ୟକୁ ଅସ୍ୱୀକାର କରିବାର ନୁହେଁ, ମୁଷ୍ଟିମେୟ ଶିକ୍ଷିତା, ଉପାର୍ଜନକ୍ଷମା ନାରୀଙ୍କୁ ଦେଖି ଆମେ ବାସ୍ତବତା ପ୍ରତି ଆଖିବୁଜି ଦେଇ ପାରିବା ନାହିଁ । କିନ୍ତୁ ଯୁଗ ଯୁଗର ଅନ୍ଧ ବୁଝାମଣାରୁ, ସାମାଜିକ ଚଳଣିରୁ ନାରୀକୁ ଆମେ ହେୟ ବୋଲି ଗ୍ରହଣ କରିନେଇଛେ ।

ଝିଅଟିଏ ଜନ୍ମହେଲେ ପରିବାରରେ କଳାଛାଇ ଘୋଟିଯାଏ । ଝିଅ ଯଥେଷ୍ଟ ଯତ୍ନ ପାଇବ ନାହିଁ—ତା'ର ଶିକ୍ଷା ଦୀକ୍ଷାରେ ଖୁବ୍ ମନୋନିବେଶ ଦରକାର ନାହିଁ, ଘରକାମ ଶିଖିବ, କରିବ, ସବୁ ସହିଯିବ, ତା' ପାଇଁ ବରଂ ଯୌତୁକ ଧନ ସଂଚି ରଖିବା ବେଶି ଦରକା'ର । ତା' ପରେ ବୋହୂ ଭାବରେ ପତ୍ନୀ ଭାବରେ ତା'ର ଯାହା ଅମର୍ଯ୍ୟାଦା ସାହିତ୍ୟିକ ଏ ସଂପର୍କରେ କରେ କ'ଣ ? ଏସବୁକୁ କେଉଁ ଦୃଷ୍ଟିରେ ବିଚାର କରେ ?

ମୁଁ ଦୃଢ଼ଭାବେ କହିପାରେ ଯେ ଅନେକ ସାହିତ୍ୟିକ ଏଥିପ୍ରତି ଦୃଷ୍ଟି ଦିଅନ୍ତି ନାହିଁ । ତାଙ୍କ ଉପନ୍ୟାସ, ଗଳ୍ପ ବା କବିତାର ପ୍ରେରଣା ପାଇଁ ନାରୀଟିଏ ନହେଲେ ନଚଳେ, ଅଥଚ ତାର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ମର୍ଯ୍ୟାଦାବୋଧକୁ ଅଧିକାଂଶ ଆଖି ଆଗରେ ରଖନ୍ତି ନାହିଁ—ପ୍ରେମ, ପ୍ରତାରଣା, ସହନଶୀଳତା, ତ୍ୟାଗ—ଏମିତି ଗୋଟିଏ ଛାଞ୍ଚରେ ଢାଳି ଦେଇଥାନ୍ତି ତାକୁ । ସେଥିରୁ ଅବଶ୍ୟ ନାରୀର ସମାଜରେ ସ୍ଥାନ କେଉଁଠି, ତା' ଆମେ ନିରୂପଣ କରିପାରିବା । କାରଣ ଯାହା ହେଲେବି ଲେଖକ ସମାଜଠୁଁ ବିଚ୍ଛିନ୍ନ ନୁହେଁ । ନାରୀ ଚରିତ୍ର ଲେଖୁ ଲେଖୁ ସ୍ୱାଭାବିକ ଭାବରେ ସମକାଳୀନ ସମାଜରେ ନାରୀ କିଭଳି ବଂଚି ରହିଛି, ତା'ର ଗୋଟିଏ ମୋଟାମୋଟି ଚିତ୍ର ଲେଖକ ଦେଇଥାଏ ।

Digitized by srujanika@gmail.com

ତେବେ, ସାମାଜିକ ସଂସ୍କାର, ପରଂପରା ଓ ଆଚରଣବିଧିକୁ ସାହିତ୍ୟିକ କେତେଦୂର ପରିବର୍ତ୍ତିତ କରାଇପାରେ, ତା' ଗୋଟିଏ ପ୍ରଶ୍ନ । ସାହିତ୍ୟିକର ଦୃଢ଼ ଚିନ୍ତାଧାରା, ଅକପଟ ସହାନୁଭୂତିରୁ ସଂଜାତ କଳାତ୍ମକ ଚିତ୍ର ମଣିଷର ଦୃଷ୍ଟିକୋଣକୁ ବଦଳାଇ ଦେଇପାରେ, ବିଚାରଧାରାକୁ ଦୀକ୍ଷିତ କରିପାରେ— ଏକଥା ନିହାତି ସତ । ଓଡ଼ିଶାରେ ଯେତିକି ସାହିତ୍ୟ ରଚିତ ହୁଏ, ଖୁବ୍ କମ୍ ସଂଖ୍ୟକ ପାଠକ ତାହା ପଢ଼ନ୍ତି, ପଢୁଥିବା ପାଠକଙ୍କ ଭିତରୁ ଦୀକ୍ଷିତ ହୁଅନ୍ତି ବହୁତ କମ୍ । ଆମେ ଆଶା କରିବା ଯେ, ସେହି କମ୍ ସଂଖ୍ୟକ ପାଠକହିଁ ନାରୀର ମର୍ଯ୍ୟାଦା ସଂପର୍କରେ ସାହିତ୍ୟ ପଢ଼ି ସଚେତନ ହେବେ ଓ ସେପରି ସଚେତନତାକୁ କାର୍ଯ୍ୟକାରୀ କରିବେ ।

ସାହିତ୍ୟ ସାମାଜିକ ଅବସ୍ଥାକୁ ବଦଳାଇଦିଏ - ଏ ବିଷୟରେ ମୁଁ ଖୁବ୍ ଆଶାୟୀ ନୁହେଁ କାରଣ, ଗୋଟିଏ 'ଟମକକାଙ୍କ କୁଟୀର' ଦ୍ୱାରା ଗୋଟିଏ 'ଦି ମଦର' ଉପନ୍ୟାସ ଦ୍ୱାରା କି ରବିନ୍ଦ୍ରଙ୍କ ରଚନା ବା 'ବନ୍ଦେ ମାତରଂ' ଗାନ ଦ୍ୱାରା ସାମାଜିକ ବ୍ୟବସ୍ଥା ବଦଳି ଯାଇନାହିଁ । ସେଥିପାଇଁ ପ୍ରଚୁର ବିପ୍ଳବ ଓ ରକ୍ତପାତ ହୋଇଛି । ତେବେ, ସାହିତ୍ୟ ଦ୍ୱାରା ନାରୀପ୍ରତି ଦୃଷ୍ଟିକୋଣରେ ପରିବର୍ତ୍ତନର ସଚେତନତା ଆସିପାରେ—ପାଠକ ହୃଦୟରେ ସକ୍ରିୟ ସହାନୁଭୂତି ଜାଗ୍ରତ ହୋଇପାରେ ।

ପ୍ରାଚୀନ କାଳରେ ପୁରୁଷ ସାହିତ୍ୟରେ ନାରୀ କମ୍ ନିର୍ଯ୍ୟାତିତା ହୋଇନାହିଁ । ସୀତା, ଶକୁନ୍ତଳା, ଦ୍ରୌପଦୀ ଆଦି ଚରିତ୍ରର ଅମର୍ଯ୍ୟାଦା ଯଥେଷ୍ଟ ହୋଇଛି । ପୁରାଣ ପରେ, ତାର ସ୍ଥାନ ଅଧିକାର କରିଛି ଆଧୁନିକ ଉପନ୍ୟାସ । ଆମ ଉପନ୍ୟାସକାର ମାନଙ୍କ ଭିତରୁ ଅଳ୍ପ କେତେକଙ୍କୁ ଛାଡ଼ିଦେଲେ ଅନ୍ୟ ମାନଙ୍କ ରଚନାରେ ନାରୀ ଚରିତ୍ରର ଦୃଢ଼ତା, ତାର ସାହସ ଓ ପ୍ରତିଷ୍ଠା ଖୁବ୍ କମ୍ ଦେଖାଯାଏ । ଅଧିକାଂଶ ଲେଖକ ନାରୀକୁ କନ୍ୟା, ଭଗିନୀ, ଜାୟା, ଜନନୀର ନିର୍ଦ୍ଦିଷ୍ଟ ଗୁଣାରେ ବନ୍ଧାଇ ତା'ଠାରୁ ଦୟା, କ୍ଷମା, ସହିଷ୍ଣୁତା, ତ୍ୟାଗ ଆଦାୟ କରନ୍ତି । ସେ ଜାୟା, ଜନନୀ ସତ, ମାତ୍ର ସେ ମଣିଷ—ସେଥିପ୍ରତି ଖୁବ୍ କମ୍ ସାହିତ୍ୟିକ ନଜର ଦେଇଛନ୍ତି । ନାରୀର ଏହି ବସୁଧା ପରି ସହିଷ୍ଣୁ ମୂର୍ତ୍ତିଟି ମଧ୍ୟ ସାଧାରଣ ପାଠକଙ୍କୁ ବେଶ୍ ଛୁଇଁଛି— ଉପରଠାଉରିଆ ଭାବେ ସେମାନେ ନାରୀକୁ ଗ୍ରହଣ କରିନେଇଛନ୍ତି ।

ଉପନ୍ୟାସକାର ଭାବରେ ପ୍ରଥମେ ମନେ ପଡ଼ନ୍ତି କାହ୍ନୁଚରଣ । ତାଙ୍କର କେତେକ ନାୟିକା ପରିବାରର ସମାଜର ବିରୁଦ୍ଧରେ ହୁଏତ ଠିଆ ହୋଇ

Digitized by srujanika@gmail.com

ପାରିନାହାନ୍ତି, କିନ୍ତୁ ସଂଘର୍ଷ ପାଇଁ ମନ ବଳେଇଛନ୍ତି । ନାରୀତ୍ୱର ପ୍ରତିଷ୍ଠା ଦିଗରେ ବ୍ୟାକୁଳ ପ୍ରଚେଷ୍ଟା କରିଯାଇଛନ୍ତି । 'ଶାସ୍ତିର ଧୋବୀ, 'ହା ଅନ୍ନ'ର ରମା—ଏମାନଙ୍କୁ ପରିବାର ବା ସମାଜ ଯଥାର୍ଥ ମର୍ଯ୍ୟାଦା ଦେବାରେ କୁଣ୍ଠିତ ହୋଇଛି । 'ନୀଳ ଶୈଳ'ର ସରଦେଈର 'ଚିଟାଉ ଝିଅ'ଟି ଅସହାୟା ନାରୀର ସାହସିକତାର ନମୁନା । ଶାନ୍ତନୁ ବାବୁଙ୍କ 'ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତ'ର ଅଶିକ୍ଷିତା ଗ୍ରଷ୍ଣୀ ଚରିତ୍ରର ସାମର୍ଥ୍ୟ ଓ 'ମନ୍ତ୍ରୀଙ୍କ ସେୟାର'ରେ କନ୍ୟା ସନ୍ତାନ ପ୍ରତି ଭୟାନକ ଘୃଣାର ଚିତ୍ର ପାଠକକୁ ଗୋଟେ ପ୍ରକାର ସଚେତନତା ଆଣି ଦେଇ ପାରିଛି । ନୀଳମଣି ବାବୁଙ୍କ 'ପିଙ୍ଗଳା ସେ ଅନ୍ୟ ଜଣେ' ଓ ସୁନ୍ଦରୀ ନାନା ଚରିତ୍ର ପାରଂପରିକ ନାରୀ ଚରିତ୍ରର ପ୍ରତିକୂଳ ହେଲେ ବି ଏମାନଙ୍କ ମାନବିକତା ଓ ଉଦାରତା ପ୍ରତି ସମ୍ମାନ ଆସେ । ପ୍ରଚଳିତ ମୂଲ୍ୟବୋଧ ବାହାରେ ନାରୀର ଉଚ୍ଚ ମୂଲ୍ୟାଂକନ କରାଯାଇ ପାରେ ବୋଲି ପାଠକ ସଚେତନ ହୁଏ । ପୁନଶ୍ଚ ଔପନ୍ୟାସିକା ବସନ୍ତ କୁମାରୀଙ୍କ ମାୟା ଚରିତ୍ରର ସ୍ୱଚ୍ଛତା ଓ ତ୍ୟାଗ, କାବେରୀ ଚରିତ୍ରର କପଟତା— ଯେ ଉଭୟେ ଚିତ୍ର ନାରୀ ପ୍ରତି ଆମର ଦୃଷ୍ଟିକୁ, ବିଶ୍ୱାସକୁ ଉଦ୍‌ବୁଦ୍ଧ କରେ । ଧୈର୍ଯ୍ୟ, ସହିଷ୍ଣୁତା, ସ୍ୱଚ୍ଛତା ସହିତ ମାୟା ପାଠକ ହୃଦୟରେ ସହାନୁଭୂତି ଉଦ୍ରେକ କରେ । ନାରୀ ପ୍ରତି ସମାଜର ଦୃଷ୍ଟିକୋଣ ଓ ଆଚରଣକୁ ଗଳ୍ପରେ ଉପସ୍ଥାପନ କରି ନାରୀ ମର୍ଯ୍ୟାଦା ପ୍ରତି ଆମକୁ କିଛିଟା ସଚେତନ କରନ୍ତି ଗାଳ୍ପିକା ବୀଣାପାଣି । ନାରୀ ଲାଂଛନା, କନ୍ୟା ସନ୍ତାନ ପ୍ରତି ଅବହେଳା, ଧର୍ଷିତାର ନିଷ୍ପାପ ସ୍ୱଗତୋକ୍ତି, ତଥା ଅବିଚାର ବିରୁଦ୍ଧରେ ନାରୀର ବିପ୍ଳବାତ୍ମକ ସ୍ୱର ଉତ୍ତୋଳନ ଆଦିର ଚିତ୍ର ତାଙ୍କ ଗଳ୍ପରେ ପ୍ରମୂର୍ତ୍ତ । ମୁଖ୍ୟତଃ ଏଇ ଦିଗଟିକୁ ଆପଣା ରଚନାରେ ଉଦ୍‌ଘାଟିତ କରି ତା'ର ବାସ୍ତବତାକୁ ପ୍ରକଟ କରିବା ତାଙ୍କ ରଚନାର ଉପଜୀବ୍ୟ । ଫଳରେ ନାରୀ ଚରିତ୍ରର ଦୃଢ଼ତା ଓ ସଂଭାବନା ବିଷୟରେ ବେଶ୍ କିଛି ଉଦାହରଣ ଓ ପ୍ରଶ୍ନ ମନସ୍କତା ସୃଷ୍ଟି ହୁଏ । ଗାଳ୍ପିକ ରବି ପଟ୍ଟନାୟକ 'ବନ୍ଧ୍ୟା ଗାନ୍ଧାରୀ'ପରି କେତେକ ଗଳ୍ପରେ ନାରୀପ୍ରତି ଅବିଚାର ଓ ତା'ର ଆତ୍ମିକ ମୂଲ୍ୟବ ଉଚ୍ଚତା ସଂପର୍କରେ ଖୁବ୍ ଭାବ ଉଦ୍‌ବୋଧକ ଚିତ୍ର ଦେଇଛନ୍ତି । ଏହା ବ୍ୟତୀତ କେତେକ ଉପନ୍ୟାସ, ଗଳ୍ପରେ ନାରୀ ସଂପର୍କରେ ନାଟକୀୟ ଅତିରଂଜନ, ଅବାସ୍ତବ ଚିତ୍ର

Digitized by srujanika@gmail.com

ଲେଖକମାନେ ପ୍ରକାଶ କରିଥାନ୍ତି ବା ଆଉ କେହି ପାରଂପରିକ ନିର୍ଦ୍ଦିଷ୍ଟ ଜାୟା ଜନନୀ ଚିତ୍ରଟିଏ ଆଙ୍କି ସନ୍ତୁଷ୍ଟ ରହନ୍ତି ।

ପ୍ରକୃତରେ, ନାରୀ ସମ୍ମାନର ସୁରକ୍ଷା ଦିଗରେ ଏଯାଏଁ ସାହିତ୍ୟ ଯାହା କରିଛି, ତା' ବେଶିକିଛି ନୁହେଁ । ଅସଲ କଥା ହେଲା, ନାରୀପ୍ରତି ପୁରୁଷ ଓ ନାରୀ ଉଭୟଙ୍କର ଦୃଷ୍ଟିକୋଣ ନବଦଳିଲେ, ନାରୀ ସମ୍ମାନ ସୁରକ୍ଷା ପାଇଁ ସାହିତ୍ୟ ଆଖିଦୃଶିଆ କିଛି କରିପାରିବ ନାହିଁ । ଆତ୍ମସମ୍ମାନର ସୁରକ୍ଷା ପାଇଁ ନାରୀଙ୍କୁ ନିଜେ ଦୃଢ଼ ହୋଇ ଆତ୍ମ ପ୍ରତିଷ୍ଠା ଦିଗରେ ଆପ୍ରାଣ ଉଦ୍ୟମ କରିବାକୁ ହେବ । ଏପରି କେତୋଟି ନାରୀ ଚରିତ୍ର କେତେବେଳେ ସ୍ୱୟଂ ସଂପୂର୍ଣ୍ଣ ରୂପ ନେଇ ଆମ ଆଗରେ ଠିଆ ହେବେ, ସାହିତ୍ୟିକର କଲମରେ ବିମୂର୍ତ୍ତ ହେବେ, ସେ ଦିନକୁ ଆମେ ଅପେକ୍ଷା କରିବା ।

Digitized by srujanika@gmail.com

ନାରୀର ସମ୍ମାନ ଓ ସୁରକ୍ଷା କ୍ଷେତ୍ରରେ ସାହିତ୍ୟର ଭୂମିକା

ଡକ୍ଟର ଇନ୍ଦୁ ମିଶ୍ର

ନାରୀର ସମ୍ମାନ ଓ ସୁରକ୍ଷା କଥାଟି ବିଚାରକୁ ଆସିବାବେଳେ ପ୍ରଥମରୁ ସ୍ପଷ୍ଟ ହୋଇଯାଏ ଯେ ସାଂପ୍ରତିକ ସମାଜ ବ୍ୟବସ୍ଥା ମଧ୍ୟରେ ମହିଳାମାନେ ଏଯାବତ୍ ଆବଶ୍ୟକୀୟ ସମ୍ମାନ ଓ ସୁରକ୍ଷା ପାଇ ପାରିନାହାନ୍ତି । ଏହି କାରଣରୁ ଜାତୀୟ ସ୍ତରରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣଠାରୁ ଆରମ୍ଭ କରି ଆନ୍ତର୍ଜାତୀୟ ସ୍ତରରେ ମହିଳା ସନ୍ଧସ୍ଥର ତଥା ଶିଶୁକନ୍ୟା ସନ୍ଧସ୍ଥର ପାଳନ ଜରୁରୀ ହୋଇ ପଡିଛି । ଶିକ୍ଷା ଓ ସଭ୍ୟତାର ଚରମ ବିକାଶ ଘଟିବା ସତ୍ତ୍ୱେ ଯୌତୁକଜନିତ ନାରୀ ନିର୍ଯାତନା ଓ ବଧୂ ହତ୍ୟାର ନାରକୀୟ ସମ୍ବାଦ ସାଧାରଣ ଜନଜୀବନକୁ ସ୍ତମ୍ଭୀଭୂତ କରୁଛି । ଅଥଚ କୌତୂହଳର ବିଷୟ, ଭାରତ ଭଳି ଏକ ପ୍ରାଚୀନ ଭୂଖଣ୍ଡର ଆଦି-ସାହିତ୍ୟରେ ନାରୀର ସମ୍ମାନ ଓ ସୁରକ୍ଷା ପ୍ରତି ସଚେତନତା ଜଳଜଳନ୍ତ ରହିଥିବାର ଲକ୍ଷ୍ୟ କରାଯାଏ । ନାରୀର ନିରଞ୍ଜନା ବ୍ୟତିରେକେ ଦେବତାର ଆରାଧନା ଅସମ୍ଭବ ବୋଲି ଆର୍ଯ୍ୟ-ସାହିତ୍ୟର ମତ । ନାରୀ ସତ୍ୟ, ଶିବ, ସୁନ୍ଦରର ସମନ୍ୱିତ ରୂପ । ସାମାଜିକ ଭ୍ରଷ୍ଟାଚାରର ବିଲୟ ପାଇଁ ତା'ର ଶକ୍ତି ଅପରିମିତ । ସ୍ୱରୂପରେ ସେ ଅପରାଜିତା । ସମର-ଭୂମିରେ ରୁଦ୍ରାଣୀ, ମହାଭୈରବୀ । ପୁଣି ମମତା ଓ ମୈତ୍ରୀବୋଧରେ ସେ ପରମ କଲ୍ୟାଣୀ । ପ୍ରାଚୀନ ଆର୍ଯ୍ୟ ଭୂମିରେ ନାରୀର ବ୍ୟକ୍ତିସତ୍ତା ଥିଲା ଏହିଭଳି ସମ୍ମାନିତ । ନାରୀର ନିରାପତ୍ତାହୀନ ଜୀବନରେ ସୃଷ୍ଟିର ମହାପ୍ରଳୟ । ପୁରୁଷ ସେଠାରେ ମୁଖ୍ୟ ଅଥବା ନାରୀ ଗୌଣ ନୁହେଁ । ପକ୍ଷାନ୍ତରେ ଶବ୍ଦ ଓ ଅର୍ଥ ଭଳି ଉଭୟେ ଅନବଚ୍ଛିନ୍ନ ।

ଭାରତୀୟ ସାହିତ୍ୟ, ସଂସ୍କୃତି ଓ ସଭ୍ୟତାର ମଧ୍ୟ ଯୁଗରେ ନାରୀର ସ୍ୱତନ୍ତ୍ର ବ୍ୟକ୍ତିସତ୍ତା କ୍ରମଶଃ ବିଲୁପ୍ତ । ନାରୀ ଏକ ବିଳାସ ସାମଗ୍ରୀରେ ପରିଣତ । ସାହିତ୍ୟରୁ ସାଧାରଣ ଜନଜୀବନର ଚିତ୍ର ଅବଲୁପ୍ତ । ରାଜପ୍ରାସାଦରେ ଅବରୁଦ୍ଧ ନାରୀହିଁ ସେଠାରେ ନାୟିକା ଭୂମିକାରେ ଅବତୀର୍ଣ୍ଣ । ସୁରକ୍ଷାର ଅର୍ଥ ସେଠାରେ

Digitized by srujanika@gmail.com

ଶାରିରୀକ ସ୍ଥିତିର ସଂରକ୍ଷଣ । ଶୃଙ୍ଗାର ମୁଖ୍ୟ ଜୀବନର ଆଧାର । ଏଣୁ ଆତ୍ମ ସମ୍ମାନବୋଧ ସେଠାରେ ନିରର୍ଥକ । ଉପମାନ, ଉପମେୟ, ଅତୁଳନୀୟ । ନାୟିକାପ୍ରଧାନ କାବ୍ୟଧାରା । ତଥାପି ନାରୀର ବ୍ୟକ୍ତିତ୍ୱ ଅପରିପୂର୍ଣ୍ଣ, ଖଣ୍ଡିତ । ଗବେଷକମାନଙ୍କ ମତରେ ନାରୀର ଏହି ପରିବର୍ତ୍ତିତ ସତ୍ତାର ପୃଷ୍ଠପଟରେ ରହିଛି ଦୀର୍ଘ ବର୍ଷର ମୁସଲମାନ ଶାସନ । ପରଦା ଅନ୍ତରାଳରେ ସଂଗୋପିତ ନାରୀର ଆତ୍ମସମ୍ମାନବୋଧ ପ୍ରାୟଶଃ ଥିଲା ନିଷ୍କ୍ରେଷ୍ଟ । ପୁରୁଷପ୍ରଧାନ ସମାଜର ଇଚ୍ଛା ଓ ଆକାଂକ୍ଷାରେ ପରିଚାଳିତ ନାରୀ ଥିଲା ଏକ ପକ୍ଷୀ କଣ୍ଢେଇ । ସଂସ୍କୃତ କାବ୍ୟ-ସାହିତ୍ୟ ଆଳଂକାରିକ ନିର୍ଦ୍ଦେଶର ନିଗଡ ବନ୍ଧନରେ ଆବଦ୍ଧ ଥିବାରୁ ଉଚ୍ଚ ବର୍ଗର ନାରୀ-ସମାଜର ବିଳାସ ବ୍ୟସନର ଚିତ୍ର ତହିଁରେ ସାଧାରଣତଃ ଲିପିବଦ୍ଧ ହୋଇଥିଲା । ସାଧାରଣ ନାରୀ ସମାଜର ସମସ୍ୟା, ସଂକଟ ପ୍ରତି ତାହା ଥିଲା ଉଦାସୀନ ।

ତନ୍ତ୍ର-ସାହିତ୍ୟରେ ନାରୀ ଶକ୍ତିର ପ୍ରାଧାନ୍ୟ ସ୍ୱୀକୃତ ହୋଇଥିଲେ ମଧ୍ୟ ସେଠାରେ ସାଧନା ସଙ୍ଗିନୀ ବ୍ୟତୀତ ନାରୀକୁ ଅନ୍ୟ ମହତ୍ତର ଭୂମିକାରେ ଅବତୀର୍ଣ୍ଣ ହେବାର ଦୃଷ୍ଟାନ୍ତ ମିଳେ ନାହିଁ । ବୌଦ୍ଧ ତନ୍ତ୍ରର ଗୀତିଟୁଙ୍କ ମାଧ୍ୟମରେ ଏହା ସୁ ପ୍ରମାଣିତ । ଏଣୁ ନାରୀର ସମ୍ମାନ ଓ ସୁରକ୍ଷା ଭଳି ସଂସ୍କୃତି ସଂପନ୍ନ ଚେତନାବୋଧ ତନ୍ତ୍ର ଶାସ୍ତ୍ରରେ ପ୍ରାୟଶଃ ଅପରିଦୃଷ୍ଟ । ଏହି ଦୃଷ୍ଟିରୁ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ନାରୀ ସତ୍ତାର ବିକାଶ ଓ ବିବର୍ତ୍ତନ ସ୍ୱଳ୍ପ ହେଲେ ମଧ୍ୟ ଆଶାପ୍ରଦ । ଷୋଡ଼ଶ ଶତାବ୍ଦୀରେ ସାଧକ-କବି ବଳରାମ ଦାସଙ୍କ ଦୃଷ୍ଟି ଓ ଦର୍ଶନ ମାଧ୍ୟମରେ ଏହି ଚିନ୍ତାଦର୍ଶ ପ୍ରତିଫଳିତ । ବଳରାମଙ୍କ 'ଲକ୍ଷ୍ମୀ ପୁରାଣ' ଏହାର ଏକ ସଫଳ ଉଦାହରଣ । 'ଲକ୍ଷ୍ମୀ ପୁରାଣ' ପଲ୍ଲୀଭିତ୍ତିକ ଉତ୍କଳୀୟ ଧର୍ମ ଓ ସଂସ୍କୃତିର ଏକ ଅଙ୍ଗ । ଧର୍ମ ସମଗ୍ର ସମାଜର ଧାରକ । ପୁରୁଷ ଭଳି ନାରୀର ଅସ୍ତିତ୍ୱ ତହିଁରେ ସମାନ୍ତରାଳ ଭାବେ ସୁରକ୍ଷିତ । ନାରୀ ସମାଜର ସମ୍ମାନ ଓ ସୁରକ୍ଷା ଏକ ରାଜନୀତିକ ଅଥବା ଆଇନଗତ ପ୍ରଶ୍ନ ନୁହେଁ । ବରଂ ସାମାଜିକ ଚିନ୍ତାଜଗତର ଆଲୋଡ଼ନରୁ ତାହାର ସଂଭବ । ପୁରୁଷର ସମ୍ମାନ ପରଂପରାସିଦ୍ଧ । ଯୁକ୍ତି, ସର୍ତ୍ତ ଓ ବିଚାରଶୂନ୍ୟ ସିଦ୍ଧାନ୍ତ ନାରୀ ପାଇଁ ଉଦ୍ଦିଷ୍ଟ । ଏହି ପାରଂପରିକ ଚିନ୍ତା ଓ ବିବେଚନା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ସାଧକ କବି ବଳରାମ ଦାସ । ଲକ୍ଷ୍ମୀ ଏହି ଗ୍ରନ୍ଥରେ ଏକ ଦିବ୍ୟ ନାୟିକା ମାତ୍ର ନୁହନ୍ତି, ତାଙ୍କର ଅଲୌକିକ ଶକ୍ତିର ଚମତ୍କାରିତା ପ୍ରଦର୍ଶନ ମଧ୍ୟ କବିଙ୍କର ଉଦ୍ଦେଶ୍ୟ ନୁହେଁ । ଲକ୍ଷ୍ମୀଙ୍କର ଅଲୌକିକତା ଏଠାରେ ଏକ ଉପଲକ୍ଷ୍ୟ । କାରଣ ବଳରାମ ଦାସଙ୍କ ମାନସିକତାରେ ଏହି ଦିବ୍ୟ-ନାୟିକା ସାଧାରଣ ନାରୀ-

Digitized by srujanika@gmail.com

ସଂସାରେ ପରିବର୍ତ୍ତିତ । ନାରୀର ସମ୍ମାନ ତଥା ସ୍ୱାଧୀକାର ବୋଧର ପ୍ରଶ୍ନ ହିଁ ଏଠାରେ ଉତ୍ଥାପିତ । ପ୍ରତିକୂଳ ପରିବେଶରେ ନାରୀର ଦୃଢ଼ ସଂକଳ୍ପ ତା'ର ସଂସ୍ଥିତି ତଥା ସମ୍ମାନର ରକ୍ଷା କବଚ— ଲକ୍ଷ୍ମୀ ପୁରଣରେ ଏହି ସତ୍ୟ ପ୍ରତିପାଦିତ ।

ସାହିତ୍ୟ ସତ୍ୟର ପ୍ରତିଷ୍ଠାତା ନୁହେଁ, ପ୍ରଖ୍ୟାପକ ପରିପୂର୍ଣ୍ଣ ଆଲୋକର ଉତ୍ସ ନୁହେଁ ଅନୁଭୂତିର ଏକ ସ୍ନିଗ୍ଧ ଛାୟାଲୋକ । ଷୋଡ଼ଶ ଶତାବ୍ଦୀର ସିଦ୍ଧ-ସାଧକ ସତ୍ୟ ଓ ସ୍ୱର୍ଣ୍ଣର ଯେଉଁ ସନ୍ଧାନ ଦେଇଥିଲେ ତତ୍କାଳୀନ ସମାଜ ଓ ସଂସ୍କୃତି ପରିପ୍ରେକ୍ଷୀରେ ତାହା ଏକ ରୁଚି-ସ୍ୱତନ୍ତ୍ର୍ୟ ତଥା ପ୍ରଗତିଶୀଳ ଦୃଷ୍ଟି-ଭଙ୍ଗୀର ପରିଚାୟକ ।

ନାରୀ ସେବା, ତ୍ୟାଗ, ଧୈର୍ଯ୍ୟ ଓ ସହିଷ୍ଣୁତାର ମୂର୍ତ୍ତିମନ୍ତ ଅବତାର । ଅନ୍ତତଃ ଭାରତୀୟ ସଂସ୍କୃତିରେ ଏହି ଧାରଣରେ ତା'ର ଆକୃତି । ଜୀବନର ଯେଉଁ ଶାନ୍ତି ଓ ସନ୍ତୋଷ ପୁରୁଷ ବିନା ମୂଲ୍ୟରେ ହାସଲ କରିପାରେ ନାରୀକୁ ସେଥିପାଇଁ କୃଚ୍ଛ୍ର ସାଧନା କରିବାକୁ ପଡ଼େ । ଅନ୍ୟଥା ଅଶାନ୍ତି, ନିର୍ଯାତନା । ଆତ୍ମସଚେତନତା ନାରୀ ପାଇଁ ଅମଙ୍ଗଳକର । ବିନା ସର୍ତ୍ତରେ ପୁରୁଷ ପ୍ରଧାନ ସମାଜ ନିକଟରେ ଆତ୍ମସମର୍ପଣରେ ହିଁ ତା'ର ନାରୀତ୍ୱର ସାର୍ଥକତା ।

ନାରୀର ଅବଚେତନ ଚିତ୍ତର ଆଶଙ୍କା ଓ ଆବେଗଜନିତ ଚିତ୍ତ-ବିକ୍ଷୋଭର ସୂଚନା ସାହିତ୍ୟ ଚେତନାରେ ଭିନ୍ନ ଭିନ୍ନ ସମୟରେ ସୂଚିତ । ସ୍ୱଭାବ ସୁଲଭ ଲଜ୍ଜ୍ୟାବଶତଃ ନାରୀ ତା'ର ଅନ୍ତଃମନର ସଂଗୋପିତ ବାସନା ଓ ଆକାଂକ୍ଷା ସକଳକୁ ସଂଗୋପିତ ରଖେ । ଏହାର ମୁକ୍ତ ପ୍ରକାଶନ ସାଧାରଣତଃ ସମାଜ ପକ୍ଷରେ କ୍ଷତିକାରକ ବୋଲି ଗ୍ରହଣ କରଯାଇ ନାରୀ ମାନଙ୍କୁ ତହିଁରୁ ନିବୃତ୍ତ ରହିବା ପାଇଁ ଉପଦେଶ ଦିଆଯାଏ । ମନର ନିଭୃତତମ ଇଚ୍ଛାଟିକୁ ପ୍ରକାଶ କରିଦେଲେ ସମାଜ ଅପେକ୍ଷା ନାରୀ ହିଁ ଅଧିକ କ୍ଷତିଗ୍ରସ୍ତ ହୋ'ଇଥାଏ । ସୁଧାନାଥଙ୍କ ନନ୍ଦିକା ଏହାର ଏକ ପ୍ରକୃଷ୍ଟ ଉଦାହରଣ । ପିତାଙ୍କର ଶତ୍ରୁ ଗଙ୍ଗରାଜ ବଂଶୀ ଚୋଡ଼ଗଙ୍ଗଦେବଙ୍କୁ ହୃଦୟ ସମର୍ପଣ କରି ହିତାହିତ ଜ୍ଞାନ ବିସ୍ମରି ଯାଇଥିଲେ କେଶରୀ-ରାଜଜେମା । ଫଳ ସ୍ୱରୂପ ପିତାଙ୍କର ଚୈତ୍ରମଣି ଅପହରଣକାରିଣୀ ନନ୍ଦିକା ପ୍ରଣୟୀ ଚୋଡ଼ଗଙ୍ଗଦେବଙ୍କ ଦ୍ୱାରା ନିଷ୍ଠୁର ଭାବରେ

Digitized by srujanika@gmail.com

ଲାଂଛିତ ହେଲେ । ନାରୀତ୍ୱ ହେଲା ଭୂଲୁଣ୍ଠିତ । ସମ୍ମାନ ଓ ସୁରକ୍ଷା ଉଭୟ ଆହତ ହେଲା । ଜୀବନ ଧାରଣ ପାଇଁ ବିମୁଖ ହେଲେ ନନ୍ଦିକା । ହୀରକ ମୁଦ୍ରିକା ଚୁମ୍ବନ କରି ସେ ଆତ୍ମହତ୍ୟା କଲେ । ମୃତ୍ୟୁ ବିନିମୟରେ ନିଷ୍କୃତି ଲଭିଲା ଲାଂଛିତ ନାରୀତ୍ୱ । ପ୍ରଣୟର ପରକାଷ୍ଠା ପାଇଁ ନନ୍ଦିକା ବନ୍ଦିତା ହେଲେ । ମାତ୍ର ଜୀବନର କାମନାନିଚୟ ଅସମାପ୍ତ ରହିଲା । ନାରୀ ହୋଇଗଲା ଏକ ଅସମାପିକା ଅସ୍ତିତ୍ୱର ଇତି କଥା ।

ଓଡିଶାରେ ଏକ ଲୋକୋକ୍ତି ପ୍ରଚଳିତ ଅଛି, ନାରୀ ମୃତ୍ତିକାର ପାତ୍ର— ଖାଣ୍ଟି ଓଡ଼ିଆ ଭାଷାରେ ମାଟି ହାଣ୍ଡି । ସାମାନ୍ୟ ଆଘାତରେ ଚୂର୍ଣ୍ଣ ବିଚୂର୍ଣ୍ଣ-ହୋଇଯାଏ ତା'ର ସ୍ଥିତି । ସାମାଜିକ ବିଡ଼ମ୍ବନା ମଧ୍ୟରେ ସମ୍ମାନ ତ ଦୂରର କଥା ସୁରକ୍ଷା ମଧ୍ୟ ପରାହତ ହୁଏ । ସ୍ୱାଧୀନ ଚିନ୍ତା, ଚେତନା ସତ୍ତ୍ୱେ ନିର୍ଭୀକ ମତ ପ୍ରକାଶନ ସମ୍ଭବ ହୁଏ ନାହିଁ । କୁନ୍ତଳା କୁମାରୀଙ୍କ 'ଓଡିଆଙ୍କ କାନ୍ଦଣା'ରେ ନାରୀ ଜୀବନର ଏହି ଦୁଃଖଦ ସ୍ଥିତି ସୂଚିତ । ପୁରୁଷର ପ୍ରତାରଣା, ଲାଂଛନା ତଥା ବ୍ୟବସାୟୀ ମନୋଭାବ ମଧ୍ୟରେ ଓଡ଼ିଆ ଘରର ବର-ବଧୂ ହାର-ବଧୂରେ ରୂପାନ୍ତରିତ । ବିଧ୍ୱଂସୀ ପ୍ରଭାବ ଦେଶାଙ୍କ ଦୃଷ୍ଟିରେ ନାରୀ ଦୁର୍ନୀତା । କେବଳ ଆର୍ଥିକ ଅନଟନ ନୁହେଁ ତା'ର ମାନସିକ ଶକ୍ତି ଓ ସଂବେଗ ମଧ୍ୟ ନିପୀଡ଼ିତ । ନାରୀ ଜୀବନର ଘାତ-ପ୍ରତିଘାତକୁ କବି ମର୍ମସ୍ପର୍ଶୀ ଭାଷାରେ ପ୍ରକାଶ କରନ୍ତି । ନାରୀର ରୁଚି ଓ ପ୍ରବୃତ୍ତି ଅର୍ଥଙ୍କରୀ ନହେଲେ ଗୃହସ୍ଥ ତଥା ପରିବାରର ଅନ୍ୟାନ୍ୟ ପରିଜନଙ୍କ ଦ୍ୱାରା ଅନୁପ୍ରେରିତ ହୁଏ ନାହିଁ । ସମୟ ଓ ସୁଯୋଗ ଅଭାବରୁ ନାରୀ ମନର ସୁକୁମାର ଇଚ୍ଛା ଓ ଆବେଗ ମଉଳି ଯାଏ । ଜୀବନ ହୁଏ ଏକ ରୁକ୍ଷ ମରୁଭୂମି ।

ସାହିତ୍ୟ ନାରୀର ଅପମାନ ଓ ନିର୍ଯାତନର କାହାଣୀକୁ କରେ ବାଙ୍ମୟ । ଦୁର୍ଗତି ଓ ଦୁଃସ୍ଥିତିର ସୂଚନା ଦେଇ ସମ୍ମାନ ଓ ସୁରକ୍ଷାର ପଥକୁ ତାହା ସୁଗମ କରେ । ନାରୀ କେତେବେଳେ ବିଷାଦ ଓ ବେଦନାରେ ବିମର୍ଷ ହୋଇପଡ଼େ ତ କେତେବେଳେ ବିଦ୍ରୋହର ଜ୍ୱାଳାରେ ପ୍ରଜ୍ୱଳିତ ହୁଏ । ବ୍ରହ୍ମୋତ୍ରୀ ମହାନ୍ତିଙ୍କ 'ପ୍ରତ୍ୟୟ'ରେ ପତ୍ନୀ ସ୍ୱାଧୀକାର ସଚେତନ । ନିଶାର୍ଦ୍ଧରେ ପତିଙ୍କୁ ଭର୍ତ୍ସନାର ସହ ସେ ପ୍ରଶ୍ନ କରନ୍ତି—"ଭୟାନକ ଭୁଲ କରି/ଘରେ ଫେରି ଗଭୀର ରାତିରେ/ମୋତେ କିମ୍ବା କୁହ ତୁମେ ମନ୍ଦିରରେ/ରମାୟଣ ବ୍ୟାଖ୍ୟା ଶୁଣୁଥିଲ ।" (ଦୃଷ୍ଟିର ଦ୍ୟୁତି—ପୃ -୩)

Digitized by srujanika@gmail.com

ସାଧାରଣତଃ ପତିବ୍ରତା ଭାରତୀୟା ନାରୀ ଦୃଷ୍ଟିରେ ପୁରୁଷ ପ୍ରଭୁ, ଦେବତା । ଦେବତାର ଆରାଧନା କରାଯାଏ । ତାଙ୍କର ଦୋଷ ତ୍ରୁଟି ବିବେଚନା ଉତ୍ତର ଧର୍ମ ନୁହେଁ । ଏ କ୍ଷେତ୍ରରେ ନାରୀର ପାରିବାରିକ ସୁରକ୍ଷା ଖଣ୍ଡିତ ହେବାର ସମ୍ଭାବନା ରହିଥାଏ । ପାରିବାରିକ ସୁରକ୍ଷା ଆକ୍ରାନ୍ତ ହେଲେ ସାମାଜିକ ସମ୍ମାନ ଉପରେ ଆଞ୍ଚ ଆସେ । ନାରୀ ହୁଏ ଉପହାସର ପାତ୍ରୀ । ଏଣୁ ନାରୀ ପକ୍ଷରେ କୌଣସି ମୌଳିକ ମାନସିକ ବିପ୍ଳବର ସଂଘଟନ ଏବେ ମଧ୍ୟ ଆମର ସାମାଜିକ ପରଂପରାରେ ଏକ ଗର୍ହିତ କାର୍ଯ୍ୟ । ଓଡ଼ିଆ କବିତାରେ ବିଦ୍ୟୁତ୍‌ପ୍ରଭା ଯେଉଁ ସ୍ୱୀକାରଧର୍ମୀ (confessional) କବିତାର ଧାରା ଆରମ୍ଭ କରିଥିଲେ (ପ୍ରତିଘାତ—ଲୋକାପନ, ପୃ: ୪୦) ବ୍ରହ୍ମୋତ୍ରୀଙ୍କ ସୃଷ୍ଟିରେ ତାହାର ସୁସ୍ପଷ୍ଟ ବିବର୍ତ୍ତନ ଲକ୍ଷ୍ୟଣୀୟ । ଉଭୟ ବିଦ୍ୟୁତ୍‌ପ୍ରଭା ଓ ବ୍ରହ୍ମୋତ୍ରୀ ନିଜସ୍ୱ ଧାରାରେ ସୃଷ୍ଟିଶୀଳ ହେବା ସମୟରେ ସ୍ୱୀକାରୋକ୍ତିମୂଳକ କବିତା ରଚନା କରି ନାରୀ ମନର ସଂଗୋପିତ ଭାବସମୂହକୁ ନିଷ୍କପଟ ଭାବରେ ପ୍ରକାଶ କରିଛନ୍ତି । ଶିକ୍ଷା ଓ ସଂସ୍କୃତିର ଶୀର୍ଷ ସ୍ତରରେ ଅବସ୍ଥାପିତ ନାରୀଟିଏ ମଧ୍ୟ ଅନୁଭବ କରିଛି ଯେ 'ନାରୀ ପକ୍ଷରେ କବି ହେବା ପାପ' (**'It was a sin for a woman to be a poet"—Why are you crying, we are sisters—Feminism : American and Indians,**
P. 172—Amrita Pritam)

ସାହିତ୍ୟରେ ନାରୀର ସୁରକ୍ଷା ଓ ସମ୍ମାନର ପ୍ରଶ୍ନ ଏଯାବତ୍ ଅସମାହିତ । ଜୀବନ ଶେଷହୀନ । ଜୀବନ ସଂକଟ ତଦନୁଯାୟୀ ବିପୁଳ । ନଦୀର ବହୁଶାଖା ସ୍ରୋତ ଭଳି ଭିନ୍ନ ଭିନ୍ନ ରୂପରେ ତାହା ବର୍ତ୍ତମାନ । ତା'ର ସମାଧାନ ସମୟ ସାପେକ୍ଷ । ସଂବେଦନଶୀଳତା ସହ ନାରୀର ଦୃଢ଼ ନିଷ୍ଠା ଓ ସଂକଳ୍ପର ଆବଶ୍ୟକତା ଏଥିପାଇଁ ଅନିବାର୍ଯ୍ୟ । ନାରୀ କୋମଳ ଭାବନାର ଯେଭଳି ଆଧାର ସେହିଭଳି ବିପ୍ଳବର ଅଗ୍ନି ସ୍ଫୁଲିଙ୍ଗ ମଧ୍ୟ । ଏଣୁ ସମାଜବାଦୀ କାବ୍ୟ ଚେତନାରେ ନାରୀ ଶକ୍ତିର ଜାଗରଣ ପାଇଁ ଆହ୍ୱାନ ଅଭିପ୍ରେତ । ପୁରୁଷମାନଙ୍କ ଲେଖନୀ ମଧ୍ୟ ଏ କ୍ଷେତ୍ରରେ ଚଳଚଞ୍ଚଳ । ଏହି ଧାରାରେ ବଙ୍ଗଳା ସାହିତ୍ୟର ନଜରୁଲ ଇସ୍‌ଲାମ୍, ହିନ୍ଦୀ ସାହିତ୍ୟର ସୁମିତ୍ରା ନନ୍ଦନ ପନ୍ତଙ୍କ ସମେତ ଓଡ଼ିଆ ସାହିତ୍ୟର ଅନନ୍ତ ପଟ୍ଟନାୟକ ସ୍ମରଣୀୟ । ନାରୀକୁ ତା'ର ଅନ୍ତଃଶକ୍ତି ସଂପର୍କରେ ସଜାଗ କରିବା ପାଇଁ ଉଦ୍ଦିଷ୍ଟ ଜାଗ୍ରତର ବାର୍ତ୍ତା ଦେଇଛନ୍ତି ଏହି କବିଗଣ । ଏଇ ପରିପ୍ରେକ୍ଷୀରେ ନଜରୁଲଙ୍କ କବିତାରୁ ଏକ ଦୃଷ୍ଟାନ୍ତ ଏଠାରେ ଉଦ୍ଧାର କରାଯାଇପାରେ—"ଓଗୋ ଓ ପ୍ରାଚୀର ଦୁଲାଳୀ ଦୁହିତା ତରୁଣୀରା/

Digitized by srujanika@gmail.com

ଓଗୋ ଜାୟା ଓଗୋ ଭଗିନୀର । ତାକେ ସର୍ଗୀର/ତୋମର ନାଇଗୋ/ନାଇଗୋ ଲାଞ୍ଛିତ ମୋର ତାଇ ଆଜି/ଉଠୁକ୍ ତୋମାର ମନି-ମଞ୍ଜିର ଘନବାଜି।" (ଅଗ୍ର ପଥିକ—ଝିଂଝିର୍—ନଜରୁଲ ଇସ୍ଲାମ୍ ପୃ ୧୪)

ପ୍ରାଚ୍ୟ ଭୂଖଣ୍ଡର ନାରୀ ଅବଶ୍ୟ ସଜାଗ ହୋଇଛି । ଶାସନ, ପ୍ରଶାସନ, ଶିକ୍ଷା ସଂସ୍କୃତି, କଳା ଓ ବିଜ୍ଞାନ— ସର୍ବତ୍ର ଗତିଶୀଳ ହୋଇଛି ତା'ର ଜୀବନ-ପ୍ରବାହ । ତଥାପି ସାମାଜିକ ସ୍ତରରେ ପୁରୁଷ ସହ ସମ ମର୍ଯ୍ୟାଦା ପ୍ରାପ୍ତି ତା'ର ବାସ୍ତବ ଜୀବନ ବୃତ୍ତରେ ଅସଂପୂର୍ଣ୍ଣ ରହିଛି । ଯୌତୁକର ଜ୍ୱାଳାରେ ନୀପିଡ଼ିତ ତା'ର ଅନ୍ତଃସତ୍ତା । ସକଳ ଯୋଗ୍ୟତା ସତ୍ତ୍ୱେ ତାର ପରିପୂର୍ଣ୍ଣ ମାନସିକ ସତ୍ତା ପ୍ରତି ସମାଜର ଭ୍ରୂକୁଟୀ କୁଞ୍ଚନ ଅପ୍ରମିତ । ଅଥଚ ପ୍ରାଚ୍ୟ ସଂସ୍କୃତି ପରଂପରରେ ସେ ପୁରୁଷର ଅର୍ଦ୍ଧାଙ୍ଗିନୀ । ଏହି ଦୃଷ୍ଟିରୁ ଆମର ଅର୍ଦ୍ଧନାରୀଶ୍ୱର ମୂର୍ତ୍ତିର ପରିକଳ୍ପନା । ମାତ୍ର ବାସ୍ତବ ସ୍ତରରେ ଏଯାବତ୍ ନାରୀର ଭୂମିକା ପୁରୁଷ ତୁଳନାରେ ସଂକୁଚିତ । ଭାରତୀୟ ସାମାଜିକ ଚେତନା କ୍ଷେତ୍ରରେ ଆତ୍ମସମ୍ମାନ-ବୋଧ ନାରୀ ମାନଙ୍କ ପକ୍ଷରେ ସର୍ବଥା ମଙ୍ଗଳକର ନୁହେଁ । ସାହିତ୍ୟ କ୍ଷେତ୍ରରେ ନାରୀର ସମ୍ମାନ ଓ ସୁରକ୍ଷା ଏକ ବୃହତ୍ତର ପ୍ରଶ୍ନବାଚୀ ରୂପରେ ବିଦ୍ୟମାନ । କାବ୍ୟ, କବିତା, ଗଳ୍ପ, ଉପନ୍ୟାସ ଓ ନାଟକାଦିରେ ନାରୀ ଜୀବନର ତ୍ୟାଗ ଓ ତପସ୍ୟା, ଉଦାରତା ସହିଷ୍ଣୁତା ଅଥବା ଶୂନ୍ୟତା ଓ ନିଃସଙ୍ଗତା ଯେଉଁଭଳି ପ୍ରକଟିତ ହୋଇଛି ତହିଁରେ ତା'ର ନ୍ୟାଯ୍ୟ ଦାବୀ ସେହିଭଳି ଉପସ୍ଥାପିତ ହେବା ପରିଲକ୍ଷିତ ହେଉନାହିଁ । ଏଠାରେ ପୁଣିଥରେ ଦୃଢ଼ସ୍ୱରରେ ଉଲ୍ଲେଖ କରା ଯାଇପାରେ ଏହାର ପୃଷ୍ଠପଟରେ ଅନ୍ତର୍ନିହିତ ଅଛି ଆମର ଭାରତୀୟ ମାନସିକତା । ନାରୀର ମର୍ଯ୍ୟାଦା ଓ ସୁରକ୍ଷା ପ୍ରାୟଶଃ ତା'ର ଶାରୀରିକ ସ୍ଥିତିର ସୁରକ୍ଷା ଓ ସମ୍ମାନ ପ୍ରତି ଉଦ୍ଦିଷ୍ଟ । ଏଣୁ ମାନସିକ ସ୍ତରରେ ତା'ର ତୀବ୍ର ନିପୀଡ଼ନ ଜନିତ ସନ୍ତାପର ପ୍ରକାଶନ ନୈରାଶ୍ୟଜନକ । କବିତା ପରି କଥା-ସାହିତ୍ୟ କ୍ଷେତ୍ରରେ ମଧ୍ୟ ନାରୀର ସ୍ୱାଧୀକାର ଓ ସମ୍ମାନବୋଧର ବକ୍ତବ୍ୟ ଗୌଣ । ନାରୀର ସମ୍ମାନ, ସୁରକ୍ଷା, ମର୍ଯ୍ୟାଦା ଓ ମହତ୍ତ୍ୱ ପୁରୁଷର ଇଚ୍ଛା ଓ ଅଭୀପ୍ସାରେ ହିଁ ସଞ୍ଚାଳିତ । ସମ୍ଭୋଗପ୍ରିୟ ପୁରୁଷ ପାଇଁ ନାରୀ ବସ୍ତୁଟୁ ଅତିରିକ୍ତ ଅନ୍ୟ କିଛି ନୁହେଁ । ଦାଂପତ୍ୟ ଜୀବନରେ ସେ ଏକ ନିର୍ଜୀବ ପ୍ରତିମା, ଏକ ସଖୀ କଣ୍ଢେଇ । ଗୃହ ସଜ୍ଜାର ଉପକରଣଟିଏ ମାତ୍ର । ତ୍ୟାଗ ଓ ସେବା ପରିବର୍ତ୍ତେ ସେ ଲାଭ କରେ ଚରମ ଉଦାସୀନତା । ଅବହେଳିତ ଦାଂପତ୍ୟ ଚର୍ଯ୍ୟାରୁ ପରିତ୍ରାଣ ଲୋଡ଼େ ତା'ର ନାରୀସତ୍ତା । ପୁରୁଷ ପ୍ରଧାନ ସମାଜରେ ନାରୀ ପ୍ରତି ହେଉଥିବା ଅବିଗ୍ୱର ପ୍ରତି ଲେଖିକା ମାନଙ୍କର ଦୃଷ୍ଟି କଟାକ୍ଷପୂର୍ଣ୍ଣ ।

Digitized by srujanika@gmail.com

କେତେବେଳେ ପାଠକ ହୃଦୟରେ ତାହା ବିଷାଦ, ବେଦନାର ଝଙ୍କାର ତୋଳେ ତ ଅନ୍ୟ କେତେବେଳେ ସୃଷ୍ଟି କରେ ବିଦ୍ରୋହର ଅଗ୍ନି ସ୍ଫୁଲିଙ୍ଗ । ପାଠକ ମାନସରେ ନାରୀର ଅନ୍ତଃମନର ସଂଘାତ-ସଂଘର୍ଷ ପ୍ରତି ସଚେତନତା ଜାଗ୍ରତ କରେ । ସାମାଜିକତାର ନିଗଡ଼ ବନ୍ଧନରେ ଆବଦ୍ଧ ନାରୀ ସୁରକ୍ଷା ଓ ସମ୍ମାନର ଆଶାରେ ଏକାକୀ ସଂଗ୍ରାମ କରି ଅନେକତ୍ର ପରାଜୟ ବରଣ କରେ । ବୀଣାପାଣି ମହାନ୍ତିଙ୍କ 'ବହ୍ନିଲଗ୍ନା' (କୁନ୍ତୀ କୁନ୍ତଳା ଶକୁନ୍ତଳା)ର ନାୟିକା ଏହିଭଳି ଏକ ଚରିତ୍ର । ଅଧୀର ଭାବରେ ନିର୍ଯ୍ୟାତନାର ଶିକାର ହୋଇଥିବା ଏହି ନାରୀଟି ମାନସିକ ବିକାରଗ୍ରସ୍ତ ହୋଇ ପଥଧାରରେ ଘୂରି ବୁଲୁଥିବାର ଦୃଶ୍ୟ ସଂଘର୍ଷର ଉତ୍ତାପ ସୃଷ୍ଟି କରିବା ପରିବର୍ତ୍ତେ ଚରମ କାରୁଣ୍ୟ ଉଦ୍ରେକ କରେ । ନିଷ୍ଠୁର ସମାଜ କରୁଣା ପରିବର୍ତ୍ତେ ଦିଏ ଉପହାସ । ପ୍ରତିଭା ରାୟଙ୍କ ଦ୍ରାକ୍ଷା (ଉପନ୍ୟାସିକା) ପୁରୁଷର ଅହେତୁକ ସ୍ପର୍ଦ୍ଧା ଓ ଅହଂକାରର କବଳରୁ ମୁକ୍ତିର ସନ୍ଧାନ କରିବା ବେଳେ ବର୍ଷା (ପୁଣ୍ୟତୋୟା)ର ଜୀବନ ଶେଷହୀନ ହାହାକାରରେ ପରିଣତ ହୋଇଯାଏ । ପାରିବାରିକ ସ୍ୱାଚ୍ଛନ୍ଦ୍ୟ, ଅର୍ଥ ଓ ପ୍ରତିପତ୍ତି ମଧ୍ୟରେ ପୁରୁଷ ସହ ସମ-ମର୍ଯ୍ୟାଦା ଓ ସମ୍ମାନ ପ୍ରାପ୍ତି ଆଶାରେ ଗୃହତ୍ୟାଗ କରେ ବିଜୟିନୀଙ୍କ ଅନୁରାଧା (ତାଏରା) ।

ନାରୀର ସମ୍ମାନ ଓ ସୁରକ୍ଷା ଭାଗ୍ୟ ବା ଭଗବାନ ନୁହେଁ ସାମାଜିକତାର ତଥାକଥିତ ସଂସ୍କାର ଓ ଶୃଙ୍ଖଳାର ଉପରେ ନିକ୍ଷେପିତ । ପାଶ୍ଚାତ୍ୟ ପରିବେଶରେ ଇବ୍‌ସନଙ୍କ 'ଡଲ୍‌ସ୍ ହାଉସ୍' (**Doll's House**)ର ନାୟିକା ନୋରା ସ୍ୱକୀୟ ବ୍ୟକ୍ତିସତ୍ତାର ସନ୍ଧାନରେ ପାରିବାରିକ ଜୀବନ ପ୍ରବାହରୁ ଏକଦା ମୁକ୍ତିକାମନା କରିଥିଲା । ବୈବାହିକ ଜୀବନ ହୋଇଥିଲା ପ୍ରତ୍ୟାଖ୍ୟାତ । ଆତ୍ମମର୍ଯ୍ୟାଦାର ଅଭିଳାଷରୁ ଦୁଃଖ ଓ ବେଦନାର ଦାବଦାହ । ସଂଘର୍ଷ ବ୍ୟତିରେକେ ସତେ ଅବା ସମ୍ମାନ ସୁଦୂର ପରାହତ । ମାନସିକ ସ୍ଥିତିର ବିନ୍ୟାସ ସକଳ ଅଶାନ୍ତିର କାରଣ । ବନ୍ଧନହିଁ ପ୍ରଥାସିଦ୍ଧ ରୀତିରେ ନାରୀର ସ୍ୱର୍ଗ । ଗୃହର ଚୌହଦୀରୁ ମୁକ୍ତି ପ୍ରତ୍ୟାଶାରେ ଚିନ୍ତନାର ଅଯମାରମ୍ଭ । ତା'ପରେ ଶେଷହୀନ ସଂଗ୍ରାମ ଭୂମିରେ ଅବତରଣ । ଏହି ସଂଗ୍ରାମର କ୍ଷେତ୍ର ଏଭଳି କଣ୍ଟକିତ ଯେ ମୁକ୍ତି କାମନା ପାଇଁ ନାରୀର କୋମଳ, ସଂବେଦନଶୀଳ ହୃଦୟ ସ୍ୱତଃ ପଶ୍ଚାତ୍‌ପଦ ହୁଏ । ଖାଦ୍ୟ, ବସ୍ତ୍ର ଓ ବାସଗୃହ ସଂପର୍କିତ ପାର୍ଥିବ ସ୍ୱାଚ୍ଛନ୍ଦ୍ୟ ମଧ୍ୟରେ ଗୃହର ପରିଧି ହୁଏ ଜୀବନର ତୀର୍ଥଭୂମି । ପରିବାର ପ୍ରତି ତା'ର ତ୍ୟାଗ ହୁଏ କର୍ତ୍ତବ୍ୟର ନାମାନ୍ତର ।

Digitized by srujanika@gmail.com

ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି କଳ୍ପନା କରାଯାଉଥିଲେ ମଧ୍ୟ ସାଧାରଣତଃ ଆମ ସାମାଜିକ ଦୃଷ୍ଟିକୋଣରେ ପ୍ରତି-ରୂପ ଏହି ମୁଦ୍ରାଟି ଭାରସାମ୍ୟହୀନ । ସେହିହେତୁ ତା'ର ଗଠନସୌଷ୍ଠବ ଖଣ୍ଡିତ । ସାହିତ୍ୟ ଏହି ଖଣ୍ଡିତ ଦୃଷ୍ଟିକୋଣର ପରିମାର୍ଜନା କରେ । ଭାରସାମ୍ୟହୀନତାର ସ୍ୱରୂପକୁ ପଦାରେ ପକାଇ ଦିଏ । ନାରୀକୁ ସମ୍ମାନ ଓ ସୁରକ୍ଷା ପ୍ରଦାନ କରିବା କ୍ଷେତ୍ରରେ ତା'ର ଭୂମିକା ପାଶୁପତ ଅସ୍ତ୍ର ଭଳି ଶକ୍ତିଶାଳୀ । ସାହିତ୍ୟର ଏହି ଦୃଷ୍ଟିଭଙ୍ଗୀ ଏକ ଉଦାର ତଥା ପ୍ରଗତିଶୀଳ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ସମ୍ମାନ ଓ ସୁରକ୍ଷା'ର ଦୁହାଇ ଦେଇ ନାରୀ ସମାଜକୁ ଉଶୃଙ୍ଖଳିତ କରିବା ସତ୍-ସାହିତ୍ୟର ଧର୍ମ ନୁହେଁ । ଅଧିକନ୍ତୁ ସାମାଜିକ ବିଶୃଙ୍ଖଳାକୁ ଆୟତ୍ତ କରିବା ସାହିତ୍ୟର ଅଭିମୁଖ୍ୟ । ସୃଷ୍ଟିର ସମଗ୍ରତା ନିକଟରେ ନାରୀ-ପୁରୁଷର ଭେଦଭାବ ଗୌଣ । ଏଣୁ ଉଚ୍ଚକୋଟୀର ସାହିତ୍ୟରେ ପୁରୁଷ ଓ ନାରୀର ସମାନ୍ତରାଳ ବିକାଶ ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଏ । ଅନ୍ୟଥା ସାମାଜିକ ଶାନ୍ତି ଓ ଶୃଙ୍ଖଳା ଅସମ୍ଭବ ।

ଜୀବନ ପ୍ରତି ସମାଜଶାସ୍ତ୍ରୀ ମାନଙ୍କର ଦୃଷ୍ଟିଭଙ୍ଗୀ ପରିବର୍ତ୍ତିତ ହେବାର ସମୟ ସମୁପସ୍ଥିତ । ସଭ୍ୟତା ଓ ସଂସ୍କୃତି ବହୁବିଧ ପରିବର୍ତ୍ତନର ସାହାଚ ଦେଇ ବିଂଶ ଶତାବ୍ଦୀର ଶେଷ ପାଦରେ ଉପନୀତ । ଏଇ ପରିପ୍ରେକ୍ଷିରେ ନାରୀ ସମାଜର ସଂସ୍ଥିତି ଓ ସମ୍ମାନ ଏକ ସଭ୍ୟ ରାଷ୍ଟ୍ରର ସାଂସ୍କୃତିକ ଚେତନାର ପରିପ୍ରକାଶକ । ଏଣୁ ବିବାହକୁ ଏକ ବ୍ୟବସାୟ ଏବଂ ନାରୀକୁ ଏକ ପଣ୍ୟ ସାମଗ୍ରୀ ରୂପେ ବିବେଚନା କରିବାର ବେଳ ଅତିକ୍ରାନ୍ତ ପ୍ରାୟ । ଅଥଚ ବାସ୍ତବ କ୍ଷେତ୍ରରେ ନାରୀ ପ୍ରତି ପ୍ରଚଳିତ ପାରମ୍ପାରିକ ବିଶ୍ୱାସ ଓ ଦୃଷ୍ଟିକୋଣ ଏବେ ମଧ୍ୟ ଅପରିବର୍ତ୍ତିତ । ନାରୀର ଚିନ୍ତାଗତ ସ୍ୱାତନ୍ତ୍ର୍ୟ ଏକ ଅବାନ୍ତର ପ୍ରଶ୍ନ । ଉର୍ଦ୍ଦୁ ସାହିତ୍ୟର ପ୍ରଗତିବାଦୀ ଗାଳ୍ପିକା ରସିଦ୍ ଜାଁଙ୍କ ସୃଷ୍ଟିରେ ଏହା ବିରୋଧରେ ସ୍ୱର ଉତ୍ତୋଳିତ । ତାଙ୍କର 'ଡାନ୍', 'ଜାଲ୍', 'ଦିଲ୍ଲୀ କି ସେର୍' ଆଦି ଗଳ୍ପରେ ନାରୀମାନଙ୍କ ବିରୋଧରେ ସଂଘଟିତ ସାମାଜିକ ସ୍ୱୈରତନ୍ତ୍ରର ବିପକ୍ଷରେ ଆହ୍ୱାନୀ ସ୍ୱର ଉଦ୍‌ଘୋଷିତ । ଧନ ପିପାସୁର ଲୋଲୁପ ଦୃଷ୍ଟି ଛାୟାରେ ସମ୍ମାନତ ଦୂରର କଥା ନାରୀର ସୁରକ୍ଷା ମଧ୍ୟ ବିପନ୍ନ । ସାହିତ୍ୟ ରକ୍ତାକ୍ତ ବିପ୍ଳବ ସୃଷ୍ଟି କରେ-ନାହିଁ । ସାମାଜିକ ପରିବର୍ତ୍ତନର ଇଙ୍ଗିତ ଦିଏ । ନାରୀର ଅନ୍ତର୍ଲୋକରେ ଦୃଢ଼ ଆତ୍ମବିଶ୍ୱାସର ମହତ୍ତମ ଅଭୀପ୍ସା ଜାଗ୍ରତ କରେ ।

ନାରୀ ଜୀବନରେ ସମ୍ମାନ ଓ ସୁରକ୍ଷାର ଉପଲବ୍ଧି ଅନେକତ୍ର ଆପେକ୍ଷିକ ଅନୁଭୂତି ବହୁ ଭିନ୍ନ । ଏହି ଉପଲବ୍ଧି ଜନିତ ପାର୍ଥକ୍ୟ ନେଇ

Digitized by srujanika@gmail.com

ସାହିତ୍ୟରେ ଅଭିବ୍ୟକ୍ତି ବୈଚିତ୍ର୍ୟର ସୂଚନା ସୁସ୍ପଷ୍ଟ । ଅଭିଳଷିତ ସମ୍ମାନ ଓ ସୁରକ୍ଷା ପାଇଁ ନାରୀ କେବେ ପ୍ରତିବାଦର ସ୍ୱର ଉଚ୍ଚାରଣ କରେ ତ କେତେବେଳେ ଆପଣା ଛାଏଁ ଆପେ ମୃତ୍ୟୁବରଣ କରେ । ଏହି ମୃତ୍ୟୁ ଓ ତତ୍‌ସଂପର୍କିତ ମୁକ୍ତି ସାହିତ୍ୟକୁ ଦାର୍ଶନିକତାର ବାଟରେ ହୁଏତ ପରିପୂର୍ଣ୍ଣ କରେ, ସାହିତ୍ୟିକଙ୍କର ଦୃଷ୍ଟି ଓ ଦର୍ଶନ ଆର୍ଯ୍ୟ ସଂସ୍କୃତିର ଜୀବନ ବାଣୀରେ ହୁଏ ଅଭିମନ୍ତ୍ରିତ, ମାତ୍ର ନାରୀର ବାସ୍ତବ ସ୍ଥିତି ପ୍ରତି ଏହି ମନୋଭାବ ଅଶୁଭଙ୍କର । ବିଶେଷ ସାହିତ୍ୟିକ ଓ ତା'ର ସୃଷ୍ଟି-ଉତ୍ସ ପ୍ରକୃତ ସର୍ବସ୍ୱ ସମ୍ମାନ ଓ ସୁରକ୍ଷା କବଚକୁ ଅସ୍ୱୀକାର କରିଥାଏ । ଜୀବନର ଦୃଶ୍ୟାବଳୀ ତହିଁରେ ବିଶ୍ୱସ୍ତ ଭାବରେ ଲିପିବଦ୍ଧ ହୋଇଥାଏ । ସାମାଜିକ ଚିନ୍ତା-ଚେତନା ସହ ଜୀବନର ଆଗାମୀ ଭାବବୃତ୍ତର ପ୍ରତିଲିପିରେ ଭାସ୍ୱର ହୁଏ ତା'ର ପରିସର । ଏଣୁ କୁସଂସ୍କାର ପରିପୂର୍ଣ୍ଣ ଅଥବା ଅଭିସନ୍ଧିମୂଳକ ସାମାଜିକ ସ୍ୱେଚ୍ଛାଚାର ବିରୋଧରେ ଅମିତ ଶକ୍ତି ସଞ୍ଚୟ କରିବା ପାଇଁ ନାରୀକୁ ତାହା ପ୍ରେରଣା ଦିଏ । ଫୁଲ ପରି କୋମଳ ନାରୀ ହୃଦୟ ହୁଏ ବଜ୍ରଠାରୁ କଠିନ । ସମ୍ମାନ ଓ ସୁରକ୍ଷା ବିନିମୟରେ ସହନଶୀଳତା ପ୍ରଦର୍ଶନ ତା' ପକ୍ଷରେ ଅବାଂଛିତ ।

ଯୁଗେ ଯୁଗେ ଭୂମିଖଣ୍ଡ ପରି ନାରୀର ସୁରକ୍ଷା ପାଇଁ ସମର ଓ ସଂଘାତ ସଂଘଟିତ ହୋଇଛି । ନାରୀର ମର୍ଯ୍ୟାଦାକୁ ପୁରୁଷ ଆତ୍ମମର୍ଯ୍ୟାଦାର ଧାରରେ ଗ୍ରହଣ କରିଛି । ପ୍ରାଚ୍ୟ, ପାଶ୍ଚାତ୍ୟ—ଉଭୟ ପରଂପରାର ଏହା ଏକ ପରିଚିତ ପ୍ରଥା । ସାହିତ୍ୟରେ ଏହି ଅନୁଭୂତିର ରସୋତ୍ତୀର୍ଣ୍ଣ ରୂପ ପ୍ରକଟିତ । ସାହିତ୍ୟ ବିନା ଏକ ଯୁଗର ଭାବଧାରା ସେହି ଯୁଗରେ ବିଳୟ ଘଟେ । ଇତିହାସର ପରିଧିରେ ତା'ର ତଥ୍ୟଗତ ସତ୍ୟ ହୁଏତ ସୁରକ୍ଷିତ ହୁଏ ମାତ୍ର ସେହି ତଥ୍ୟର କଙ୍କାଳରେ ଅନୁଭୂତିର ରୂପ ଲାବଣ୍ୟ ସଂଯୋଗ କରେ ସାହିତ୍ୟ । ଜୀବନର ବହୁବିଧ ଭାବବୋଧର ତାହା ଏକ ସଞ୍ଚୟ-ଭୂମି-ଏକ ମଧୁକୋଷ । ନାରୀ ଜୀବନର ଯନ୍ତ୍ରଣା ଆନନ୍ଦ ପୁଣି ବିଷାଦ ମଧୁର୍ଯ୍ୟର ପ୍ରକାଶ ବୈଚିତ୍ର୍ୟରେ ରଙ୍ଗିମନ୍ତ ତା'ର ଦିଗ୍‌ବଳୟ । ଆମର ସଂସ୍କୃତି ସଚେତନ ମନୋଭୂମିରେ ନାରୀ- ସମାଜର ଯେଉଁ ମର୍ଯ୍ୟାଦାଦୀପ୍ତ ଐତିହ୍ୟ ସାହିତ୍ୟରେ ସୁରକ୍ଷିତ ତାହାହିଁ ସାଂପ୍ରତିକ ତଥା ଅନାଗତ ଭବିଷ୍ୟତର ପୁରୋଦୃଷ୍ଟି ପାଇଁ ହେବ ଏକ ସୁସ୍ଥ ତଥା ବଳିଷ୍ଠ ଭୂୟୋଦର୍ଶନ ।

●

(ଓଡ଼ିଆ ବିଭାଗ
ଶୈଳବାଳା ମହିଳା କଲେଜ
କଟକ—୧)

Digitized by srujanika@gmail.com

ନାରୀର ସମ୍ମାନ ଓ ସ୍ୱାଧୀକାର ଦିଗରେ ସାହିତ୍ୟର ଭୂମିକା

ଜ୍ୟୋସ୍ନା ସଶତପଥ

ଯୁଗ କାଳର ଦୋଳନରେ ଦୋଳାୟିତ ଏଇ ଜୀବନ ଏବଂ ଜୀବନର ହିତ ସାଧନ କରୁଥିବା ସାହିତ୍ୟର ଲକ୍ଷ୍ୟ ହେଉଛି ସମଗ୍ର ଜୀବନର ସନ୍ଧାନ । ଜୀବନର ବିଭିନ୍ନ ବିଭବ, ଗତି ପ୍ରକୃତି, ସ୍ଥିତି ଅବସ୍ଥିତି, ସୁରକ୍ଷା ସ୍ୱାଧୀକାର ସବୁକିଛିର ଉଜ୍ଜ୍ୱଳ ପ୍ରତିଫଳନ ଘଟିଥାଏ, ସବୁ ଦେଶର ସବୁ ଭାଷାର ସାହିତ୍ୟରେ । କାରଣ ସାହିତ୍ୟ ହେଉଛି ପଥ ଏବଂ ସାହିତ୍ୟିକ ହେଉଛି ଦ୍ରଷ୍ଟା ।

ଓଡ଼ିଆ ସାହିତ୍ୟର ପ୍ରଥମ ପର୍ବରେ ନାରୀର ଭୂମିକା ଥିଲା ଏକ ପରାଗପୁଷ୍ଟ ଉଦ୍ଭିଦ । ଯିଏ କେବଳ ଗୃହର ଗୃହିକୋଣ ଭିତରେ ସନ୍ତାନ ଜନ୍ମ ଓ ସଂସାର ପାଳନର 'ଦାସୀ' ବୃତ୍ତି ଭିତରେ ଜୀବନ ଅତିବାହିତ କରୁଥିଲା । ଅଜ୍ଞାନତାର ଅନ୍ଧକାର ଓ ବ୍ୟକ୍ତିତ୍ୱହୀନ ଜୀବନ ଭିତରେ ସେତେବେଳର ନାରୀ ଥିଲା ଏକ ମାଟି କଣ୍ଢେଇମାତ୍ର । କିନ୍ତୁ କଥା ସମ୍ରାଟ ଫକୀର ମୋହନଙ୍କର 'ରେବତୀ' ଚରିତ୍ର ହିଁ ନାରୀତ୍ୱ ଓ ସ୍ୱାବଲମ୍ବନତାର ପ୍ରଥମ ସ୍ୱର ଉତ୍ତୋଳନ ବୋଲି କୁହାଯାଇ ପାରେ । ନିଜର ସମ୍ମାନ ଓ ସ୍ୱାଧୀକାର ପ୍ରତିଷ୍ଠା ପାଇଁ 'ରେବତୀ' ଶତ ଅପବାଦ, ନିଆଁ ଚୁଲୀ ରଡ ପ୍ରଭୃତି ଗାଳିକୁ ବିଷଭଳି ଆକଣ୍ଠ ପାନକରି, ବାପା ମା'ଙ୍କ ମୃତ୍ୟୁର କାରଣ ଭଳି ଅପବାଦକୁ ମଥା ପାତି ଗ୍ରହଣ କରି ଯାଉ ପଡିଛି । କିନ୍ତୁ ବଦଳରେ ତାକୁ ମିଳିଛି ମୃତ୍ୟୁଭଳି ଏକ ଚିର ନିବୁଜ କୋଠରୀ । ସମାଜ ତାର ସମ୍ମାନ ରକ୍ଷା କରିନାହିଁ, ତା'ର ସ୍ୱାଧୀକାର ପ୍ରତି ଭ୍ରୂକ୍ଷେପ କରିନାହିଁ । ବରଂ ତାକୁ ମରିଯିବାକୁ ଛାଡି ଦେଇଛି । ଏଭଳି ଏକ ବୈପ୍ଳବିକ ଚିନ୍ତାଧାରକୁ ଯୁଗ ସ୍ରଷ୍ଟା ଫକୀର ମୋହନ ତାଙ୍କର ଲେଖନୀରେ ଏତେ ଜୀବନ୍ତ ଭାବରେ ରୂପାୟିତ କରିଛନ୍ତି, ଯାହା ଏଇ ଅତ୍ୟାଧୁନିକ ପାଠକ ପ୍ରାଣରେ ମଧ୍ୟ କ୍ଷଣକ ଲାଗି ସମବେଦନା ସୃଷ୍ଟି କରିଥାଏ । ନାରୀ ପ୍ରତି ଫକୀର ମୋହନଙ୍କ ଦୃଷ୍ଟି କୋଣ ଦୁଇଟି ଭିନ୍ନ ମୁଖୀ ଚିନ୍ତାଧାରରେ ପର୍ଯ୍ୟବେସିତ ଥିଲା । ଗୋଟିଏ ନାରୀ ହେଉଛି ଚଳ ଚଞ୍ଚଳ ମଙ୍ଗଳକାରୀ ସୃଷ୍ଟି କାରିଣୀ

Digitized by srujanika@gmail.com

ଏବଂ ଅନ୍ୟଟି କୁଳପ୍ଲାବିନୀ ସଂହାର କାରିଣୀ । ଏ ଦୁଇଟି ପାର୍ଥକ୍ୟ ତାଙ୍କର 'ଛମାଣ ଅଠଗୁଣ୍ଠ' ପୁସ୍ତକରେ ସେ ଚିତ୍ରିତ କରିଛନ୍ତି 'ସାନ୍ତାଣୀ' ଓ 'ମେମା' ଚରିତ୍ର ମାଧ୍ୟମରେ ।

ସନ୍ଥକବି ଭୀମଭୋଇଙ୍କର ପ୍ରତିଟି ଲେଖାରେ ପ୍ରାୟ ଦେଖିବାକୁ ମିଳେ ନାରୀ ପ୍ରତି ଏକ ସମ୍ବେଦନଶୀଳ ମନୋଭାବ । ତାଙ୍କ ମତରେ ସୃଷ୍ଟିର ଦୁଇଟି ସୁନ୍ଦର ବିଭବ, ପୁରୁଷ ଓ ନାରୀ । ଜଳ, ବାୟୁରେ ଯେପରି କୌଣସି ପ୍ରଭେଦ ନାହିଁ, ଠିକ୍ ସେହିପରି ମଧ୍ୟ ପୁରୁଷ ନାରୀ ଭିତରେ କୌଣସି ଭେଦାଭେଦ ନାହିଁ । ଧୁହେଁ ଏକା ରକ୍ତ ମାଂସରେ ଗଢ଼ା ଦୁଇଟି ମଣିଷ ଉଭୟଙ୍କୁ ସମାନ ଅଧିକାର ପ୍ରଦାନ କରାଯିବା ଉଚିତ ।

ଭୀମଭୋଇ, ଆଜନ୍ମ ଅନ୍ଧ । କିନ୍ତୁ ପ୍ରତିଭା ଥିଲା ତାଙ୍କର ଜନ୍ମଗତ ଦୁନିଆକୁ କେବେ ଦେଖି ନଥିଲେ କେବେ ମଧ୍ୟ ଅନୁଭବ କରିନଥିଲେ, କିନ୍ତୁ ସେ ହୃଦୟଙ୍ଗମ କରିଥିଲେ ନାରୀ ସାମାଜିକ ସ୍ତରରେ ନିର୍ଯ୍ୟାତିତା ଅବହେଳିତା । ତାଙ୍କୁ ସ୍ୱାଧିକାର ଦେବାପାଇଁ ପୁରୁଷର ପ୍ରବଳ କୁଣ୍ଠା । ତେଣୁ ସେ କବିତାରେ ଗାଇ ଉଠିଥିଲେ, ଯେସନେ ଜଳସ୍ଥଳ ପବନେ, ନାହିଁ ଭେଦାଭେଦ, ତେସନେ ନରନାରୀ ଏକ ଜାଣ, ସର୍ବଲୋକ ।

ଏହାସହେ ଆସେ ଗୋଦାବରୀଶ ମହାପାତ୍ରଙ୍କର 'ନୀଳମାଷ୍ଟ୍ରାଣୀ' କ୍ଷୁଦ୍ର ଗଳ୍ପଟି, ମୁଖ୍ୟ ଚରିତ୍ର ନୀଳମାଷ୍ଟ୍ରାଣୀ ଜଣେ ବ୍ରାହ୍ମଣ କନ୍ୟା । କେଉଁ ଭାବପ୍ରବଣତା ଫଳରେ ସେ ଏକ ରଜକ ଘରର ବଧୂ ହୋଇଛି ଏବଂ ଜଣେ ବ୍ରାହ୍ମଣ ଝିଅ ଧୋବା ଘରର ବୋହୂ ହେବା ଫଳରେ ତାର ସାମାଜିକ ସ୍ଥିତି କିଭଳି ରୂପ ନେଇଛି, ତାହା ସ୍ୱର୍ଗତ ଗୋଦାବରୀଶ ମହାପାତ୍ରଙ୍କ ଲେଖନୀରେ ସୁନ୍ଦର ଭାବରେ ରୂପ ପାଇଛି ।

ଠିକ୍ ସେହିପରି ସ୍ୱର୍ଗତ ଗୋଦାବରୀଶ ମିଶ୍ରଙ୍କର 'କାଳିଜାଇ' କାବ୍ୟଟି ଏହି କବିତାରେ ତତ୍କାଳୀନ ସାମାଜିକ ବ୍ୟବସ୍ଥା ଓ ତହିଁରେ ନାରୀମାନଙ୍କର ସ୍ଥିତି ଓ ସୁରକ୍ଷା ବିଷୟରେ କବି କାଳିଜାଇ ମୁହଁରେ ଶ୍ୱଶୁର ଘରର ପାରିପାର୍ଶ୍ୱିକ ପରିସ୍ଥିତିର ଯେଉଁ ନିଖୁଣ ବର୍ଣ୍ଣନା ଦେଇଛନ୍ତି ସେଥିରୁ ନାରୀର ସ୍ୱାଧୀକାର ଓ ସୁରକ୍ଷା ସଂପର୍କରେ ସହଜରେ ଅନୁମାନ କରାଯାଇଥାଏ ।

Digitized by srujanika@gmail.com

ସ୍ୱାଧୀନତାର ପୂର୍ବବର୍ତ୍ତୀ ସମୟରେ ରଚିତ ହୋଇଥିବା କାବ୍ୟ କବିତା ଓ ଗଳ୍ପ ଉପନ୍ୟାସ ଗୁଡ଼ିକରେ ନାରୀର ସ୍ଥିତି, ସ୍ୱାଧିକାର ଓ ସୁରକ୍ଷା ସଂପର୍କରେ ଅଧିକ ନହେଲେ ମଧ୍ୟ ଯେଉଁ ଚିତ୍ର ଦେଖିବାକୁ ମିଳେ ତା'ହା ସମଗ୍ର ଓଡ଼ିଆ ସମାଜର ଚିତ୍ର ଏପରିକି ଭାରତୀୟ ସମାଜର ଚିତ୍ର ବୋଲି ଧରି ନିଆଯାଇ ପାରେ । କୁନ୍ତଳା କୁମାରୀ ସାବତ, ସ୍ୱାଧୀନତାର ବହୁ ପୂର୍ବରୁ ସାହିତ୍ୟ ସାଧନାରେ ନିଜକୁ ନିମଜ୍ଜିତ କରିଥିଲେ । ତାଙ୍କର ଅଧିକାଂଶ ଲେଖାରେ ନାରୀ ଜୀବନର ଚିତ୍ର ଅତି ନିଖୁଣ ଓ ଜୀବନ୍ତ ଭାବରେ ଚିତ୍ରିତ ହୋଇଛି । ତାଙ୍କର ବିଖ୍ୟାତ ଲେଖା 'ରଘୁ ଅରକ୍ଷିତ'କୁ ଯଦି ଉଦାହରଣ ହିସାବରେ ନିଆଯାଏ, ତେବେ ଜଣାଯିବ ଯେ, ରଘୁ ଅରକ୍ଷିତର ନାୟକ ରଘୁନାଥ ଦୋଷଦୁଷ୍ଟ ନୁହେଁ । କିନ୍ତୁ ରଘୁନାଥ ଠାରେ ନାୟକର ଶୌର୍ଯ୍ୟ ବୀରତ୍ୱ ନାହିଁ । ସବୁ ସଂଘାତ, ସବୁ ସଂଘର୍ଷ ରହିଛି ନାୟିକା ପାଖରେ । ଅନ୍ୟ ଏକ ଉଦାହରଣ କୁନ୍ତଳା କୁମାରୀଙ୍କର 'ପରଶମଣି' । ସେଥିରେ ଲେଖିକା ଯେଉଁ ପୁରୁଷ ଚରିତ୍ର 'ବିନ୍ଧ୍ୟାଧର'କୁ ସୃଷ୍ଟି କରିଛନ୍ତି, ସେଥିରେ ମଧ୍ୟ ଚରିତ୍ରର ଧୈର୍ଯ୍ୟ ଓ କାର୍ଯ୍ୟର ପରିଚୟ ଭିତରେ ରହିଛି ନାୟିକା ଚରିତ୍ରର ଅଧିକ ପରିସ୍ଫୁଟ । ଏହି ନାୟିକା ଚରିତ୍ରଟି ଏକ ବାସ୍ତବ ଚରିତ୍ର ସାମାଜିକ ମଣିଷ ଭାବରେ ସେ ଯେଉଁ ଅଭିନୟ କରିଛି ଓ ଯେଉଁ ପରିବେଶ ଭିତରେ ନିଜକୁ ଗଠନ କରିଛି, ତା'ହା ବିନ୍ଧ୍ୟାଧର ଠାରେ ନାହିଁ । ମନେହୁଏ କୁନ୍ତଳା କୁମାରୀ ନାରୀ ଜାତିକୁ ସମାଜରେ ଆଦର୍ଶସ୍ଥାନୀୟ କରି ଥୋଇବା ପାଇଁ ସେ ଚେଷ୍ଟା କରିଛନ୍ତି । କୁନ୍ତଳା କୁମାରୀ ନିଜର କାବ୍ୟ କବିତା ମାଧ୍ୟମରେ ଗୋଟିଏ କଥା ସୂଚେଇ ଦେବାକୁ ଚାହିଁଛନ୍ତି, ତାହା ହେଲା, ସକଳ କ୍ଷେତ୍ରରେ ନାରୀର ସହାୟତା ଲୋଡ଼ା ପୁରୁଷ ସହିତ ସେ ସହଯୋଗିତା । ସେ ଉତ୍ସାହଦାତ୍ରୀ, ପ୍ରେରଣା ଦାତ୍ରୀ, ଉଭୟଙ୍କର ମିଳିତ ଶକ୍ତି ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇପାରେ ।

ଏ ଶତାବ୍ଦୀର ଚତୁର୍ଥ ଦଶକରୁ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ନାଟକ ପ୍ରଭୃତି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଲେଖି ଆସୁଥିବା ବରେଣ୍ୟ କଥାକାର ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତିଙ୍କ ଅଧିକାଂଶ ଗଳ୍ପ ଓ ଉପନ୍ୟାସରେ ସମସାମୟିକ ସମାଜର ତଥା ନାରୀ ମନର ନିଭୃତ ଦିଗଟିର ଚିତ୍ର ଅତି ସ୍ପଷ୍ଟ ଓ ବାସ୍ତବ ଭାବରେ ପ୍ରକାଶ ପାଇଥାଏ । ଯାହାକୁ କେବେ ପାଠକ ଅସ୍ୱୀକାର କରିପାରେନା । ତାଙ୍କର ସାହିତ୍ୟ ସୃଷ୍ଟିର ବିପୁଳ ଭଣ୍ଡାରର ଭିତରୁ ସବୁ ଚରିତ୍ରକୁ ତ ଆଉ ଉଦାହରଣ ହିସାବରେ ନିଆଯାଇ ପାରେନା । ଅଳ୍ପ କେତୋଟିଙ୍କୁ ଏଠାରେ ଉପସ୍ଥାପିତ କରାଯାଇ ପାରେ । ସୁରେନ୍ଦ୍ର ମହାନ୍ତିଙ୍କର ଏକ ଅନନ୍ୟ ସୃଷ୍ଟି ହେଉଛି 'କବି

Digitized by srujanika@gmail.com

ଓ ନର୍ତ୍ତକୀ' । ଐତିହାସିକ ତଥ୍ୟ ଉପରେ ପର୍ଯ୍ୟବସିତ ହେଲେ ମଧ୍ୟ ଏହା ହେଉଛି ଏକ ସର୍ବକାଳୀନ କ୍ଷୁଦ୍ର ଗଳ୍ପ ସଂଗ୍ରହ । ଏହାର ଆବେଦନ ସବୁ ଯୁଗରେ, ସବୁ ସମୟରେ ଅନୁଭବ କରିହୁଏ, ଏଥିରେ କୌଣସି ସଂଦେହ ନାହିଁ । ଶିରୋନାମ ଦୁଇଟି ଯାକ ଗଳ୍ପ 'କବି ଓ ନର୍ତ୍ତକୀ'କୁ ଏଠାରେ ଉଦାହରଣ ହିସାବରେ ନିଆଯାଇପାରେ । 'କବି' ଗଳ୍ପଟିରେ ଲେଖକ, କବି ଦୀନକୃଷ୍ଣଙ୍କ ଜୀବନ ଉପରେ ଆଲୋକପାତ କରିଛନ୍ତି । ପ୍ରତ୍ୟେକ କବି ଜୀବନରେ କିଛିନା କିଛି ଘଟଣା ଥାଏ, ଥାଏ ତୁଛି କାହାର ପ୍ରେରଣା ଆଉ ଭଲପାଇବା । କବିଙ୍କ ଜୀବନରେ ସେହିପରି ଜଣେ ନାରୀର ଅଞ୍ଚଳ ମଖା ଅନୁପ୍ରେରଣା ଭରି ଦେଇଥିଲା । ସେ ହେଉଛି ମହାତ୍ମା କନ୍ୟା କଳାବତୀ । କିନ୍ତୁ ସେ ସମୟ ଥିଲା ଭିନ୍ନ ପ୍ରକାରର । ନାରୀର ଗୋଟାଏ ସ୍ଥିତି କଣ ? ସେ କଣ କେବେ ପ୍ରେରଣା ହୋଇପାରେ ? କଳାବତୀର ଅଭିସାର ଯେ ଦେହର ନୁହେଁ ମନର, କବି ସହିତ କବିତାର, ହୃଦୟ ସହିତ ବେଦନାର ପ୍ରାଣ ସହିତ ପ୍ରେରଣାର, ଏକଥା କେହି ବୁଝି ପାରି ନଥିଲେ ।

ଠିକ୍ ସେହିପରି 'ଦେବଦାସୀ' ପୂର୍ଣ୍ଣିମା । ନର୍ତ୍ତକୀ ସେ ଦେବତାଙ୍କର ପ୍ରଭୁ ଲିଙ୍ଗରାଜ ମହାପ୍ରଭୁଙ୍କର ସେ ସେବାଦାସୀ, କୌଣସି ପୁରୁଷକୁ ଆଡ଼ନେତ୍ରରେ ଚାହିଁବା ତାପାଇଁ ପାପ । ଏହା ସମାଜ ଓ ବଡ଼ପଣ୍ଡା ମାନଙ୍କର ବିଧି ନିର୍ଦ୍ଦେଶ । କିନ୍ତୁ ନର୍ତ୍ତକୀ ପୂର୍ଣ୍ଣିମା ଭୁଲ କରିଛି । ଭଲପାଇ ବସିଛି ତରୁଣ ଶିଳ୍ପୀ ନଟବରକୁ । ନିଜର କୈଫିୟତ ଦେବାକୁ ଯାଇ ସେ କହିଛି, ଶାସ୍ତ୍ର ମୁଁ ମାନେନା, ଫୁଲର ଗନ୍ଧ ଯଦି ମାନିବାକୁ ଚାହେଁନା ପାଖୁଡ଼ାର ଶାସନ, ତା'ହେଲେ ସେ ଦୋଷ ଗନ୍ଧର ନା ପାଖୁଡ଼ାର ? କିନ୍ତୁ ସେ ପ୍ରଶ୍ନ ଅମୀମାଂସିତ ରହିଯାଇଥିଲା ଏବଂ ପୂର୍ଣ୍ଣିମା ନିଜର ସୁରକ୍ଷା ଓ ସ୍ୱାଧୀକାରକୁ ପ୍ରତିଷ୍ଠା କରି ନପାରି ଆତ୍ମହତ୍ୟା କରିଥିଲା । ହଂସଗୀତି' ସୁରେନ୍ଦ୍ରବାବୁ ଅନ୍ୟ ଏକ ଯୁଗାନ୍ତକାରୀ ସୃଷ୍ଟି । ଯେଉଁଥିରେ ରହିଛି ନିଶା ସେବନର ଚରମ ବିପର୍ଯ୍ୟୟତା ଓ ପରିଣାମ ସଂପର୍କରେ ଏକ ବାସ୍ତବ ଚିତ୍ର । ଶିକ୍ଷିତ ବେକାର ଯୁବକ ସୁବ୍ରତ ଓ ତାର ଶିକ୍ଷିତା, କାମଧନ୍ଦା ପାଉନଥିବା ବାନ୍ଧବୀ ସୁମିତ୍ରା । ଯେଉଁମାନେ ସ୍ୱପ୍ନ ଭିତରେ ବନ୍ଦୀ ହୋଇଯାଆନ୍ତି । ଧର୍ମ ବିବେକ ସବୁ କିଛି ଲିଭିଯାଏ । ସୁବ୍ରତ ବହୁ ଧୋକା ଖାଇ ଶେଷରେ ନିଶା ଔଷଧର ବ୍ୟବସାୟ କରେ ଓ ସୁମିତ୍ରା ତୃଷ୍ଣୁରଣ ମେଣ୍ଟାଇବା ପାଇଁ ସେ ଦେହ ବ୍ୟବସାୟ କରେ । ସୁରେନ୍ଦ୍ର ମହାନ୍ତି ବର୍ତ୍ତମାନ ସମାଜ ଜୀବନରେ ଯେଉଁ ଗୁରୁତର 'ଅସୁଖ' ବେକାରୀ ଦେଖା ଦେଇଛି । ସେଥିରୁ ନାରୀ ସମାଜ ଯେ ରହୁମୁକ୍ତ ନୁହେଁ, ତାହାହିଁ ଚିତ୍ରିତ କରିଛନ୍ତି

Digitized by srujanika@gmail.com

ଲେଖକ । ଯେଉଁ ସୁମିତ୍ରା ନିଜର ପ୍ରେମିକ ପାଇଁ ଦେହ ଛଡ଼ା ଆଉ ସବୁକିଛି ଦାନ କରିପାରେ, ସେଇ ପୁଣି ଅର୍ଥର ତାଡ଼ନାରେ ଆଉ କା'ର ଭ୍ରୁଣକୁ ଗର୍ଭରେ ଧରିପାରେ ଭର୍ତ୍ତନଷ୍ଟ ବି କରିପାରେ । ସୁରେନ୍ଦ୍ର ବାବୁଙ୍କ ବଧୂ ଓ ପ୍ରିୟା ଗୋଟିଏ ପୁରୁଷ ଜୀବନରେ ଦୁଇଟି ଅବଶ୍ୟମ୍ଭାବୀ ଚରିତ୍ର । କାହାର କାହା ସହିତ ତୁଳନା ହୋଇପାରେନା କି କାହାକୁ ବଡ଼ ସ୍ଥାନ ଦିଆଯାଇ ପାରେନା । କିନ୍ତୁ ଗୋଟିଏ ନାରୀ ସିଏ ଯେତେବେଳେ ଗୋଟିଏ ପୁରୁଷର ପ୍ରେମିକା ହୁଏ ଏବଂ ତାପରେ ଆଉ ଅନ୍ୟ ଜଣେ ପୁରୁଷର ହୁଏ ବଧୂ । କିନ୍ତୁ ପ୍ରତିଷ୍ଠା କରିବାକୁ ଯାଇ, ପ୍ରଥମ ପ୍ରେମର ସବୁ ଦୁର୍ବଳତାକୁ ଫିଙ୍ଗି ଦେଇ ଅଗ୍ନିଦୀପ୍ତ କଣ୍ଠରେ ସେ କହିପାରେ, "କି ନୀଚ, ଅକୃତଜ୍ଞ ପଶୁ ତମେ । ମୁଁ ଆଜି ଅବିବାହିତା ବାଳିକା ନୁହେଁ । ଯାହାର ଜୀବନ ନେଇ ଖିଆଲର ଖେଳ ଖେଳି ପାରିବ ତମେ । ମୁଁ ଆଜି ଅନ୍ୟର ସ୍ତ୍ରୀ" ।

'ମାଂସର କୋଣାର୍କ' ଗଳ୍ପ ସଂକଳନ ସ୍ୱର୍ଗତ ମହାନ୍ତିଙ୍କର ଏକ ଯୁଗଧର୍ମୀ ପୁସ୍ତକ । ଦାରିଦ୍ର୍ୟ ଅସହାୟତା, କପଟତା କ୍ରୁରତା ଆଉ ବିଶ୍ୱାସହୀନତା ଭିତରେ ଜଳୁଛି ଏ ଜୀବନ । ନାରୀ ମଧ୍ୟ ଅନ୍ତଃପୁର ଛାଡ଼ି ଏ ଯୁଗ ସହିତ ସାମିଲ ହୋଇଛି । ନିଜର ସ୍ୱାମୀ ମଧ୍ୟ ତାକୁ ଦେଇପାରେନା ବଞ୍ଚିବାର ଆଶ୍ୱାସନା । କିନ୍ତୁ ଏହା ସତ୍ତ୍ୱେ କଣ ସେ ସ୍ୱାମୀକୁ ଛାଡ଼ି ପାରିବ ? ନା—କେମିତି ପାରିବ ସେ । ତେଣୁ ବାଧ୍ୟହୋଇ ସେ ଜୀବନ ପାଇଁ, ନିଜ ସ୍ୱାମୀ ସହିତ ପର୍ଣ୍ଣୋଗ୍ରାଫିକ୍ 'ଫଟୋଗ୍ରାଫ'ର ମଡେଲ ହୁଏ । ଏହା ଭିତରେ ସେଇ ନାରୀଟି ପୂରେଇ ଦେଖଉଛି ଯେ, ତାର ମଧ୍ୟ ପୁରୁଷ ସହିତ ସମତାଳରେ ବଞ୍ଚି ରହିବାର ଅଧିକାର ଅଛି । ସେ ଯେଉଁ ଉପାୟ ଅବଲମ୍ବନ କରି ହେଉନା କାହିଁକି ।

'ନୀଳଶୈଳ' ଓ 'କୃଷ୍ଣାବେଣୀରେ ସଂଧ୍ୟା' ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତିଙ୍କର ଦୁଇଟି ଐତିହାସିକ ଉପନ୍ୟାସ । ନୀଳଶୈଳର ସେଇ ଛୋଟିଆ ନାରୀ ଚରିତ୍ର 'ସରଦେଇ' । କୌଣସି ଏକ ଅଖ୍ୟାତ ପଲ୍ଲୀର ଗରିବ ପାଇକ ବଧୂଟିଏ । କିନ୍ତୁ ତାର ମଧ୍ୟ ସ୍ୱାଭିମାନ ଓ ଅଧିକାର ରହିଛି, ଯେଉଁଥିପାଇଁ ସେ କୌଣସି ବାଧା ବନ୍ଧନ ଓ ବିପତ୍ତିକୁ ଖାତିର ନକରି ଉତ୍କଳାଧିପତି ରାଜା ରାମଚନ୍ଦ୍ର ଦେବଙ୍କୁ ନିଜ ଘରେ ଲୁଚାଇ ରଖିଛି । ଯବନମାନେ ଖୋଜୁଥାନ୍ତି ଠାକୁରଙ୍କୁ ଓ ଠାକୁର ରାଜାଙ୍କୁ । ସେହି ସମୟରେ ରାଜାଙ୍କୁ ଶତ୍ରୁ କବଳରୁ ରକ୍ଷା କରି ନିଜ ଘରେ ଆଶ୍ରୟ ଦେବା ଜଣେ ସାମାନ୍ୟ ପାଇକ ବଧୂ ପକ୍ଷେ କିଛି କମ୍ କଥା ନୁହେଁ । ଏଭଳି ସାହସିକ ନାରୀ ଚରିତ୍ରର ରୂପାୟନ କରି ସୁରେନ୍ଦ୍ର ବାବୁ ଯୁଗ ଯୁଗ ପାଇଁ ସ୍ୱକୀୟ କୀର୍ତ୍ତିରେ ଉଜ୍ଜ୍ୱଳ ରହିବେ ।

Digitized by srujanika@gmail.com

'କୃଷ୍ଣାବେଣୀରେ ସଂଧ୍ୟା' ଆଉ ଏକ ଅନବଦ୍ୟ ଉପନ୍ୟାସ ସୁରେନ୍ଦ୍ର ବାବୁଙ୍କର । ଐତିହାସିକ ଦ୍ୱନ୍ଦ୍ୱ ଧର୍ମର ଆବେଦନ, ଯୁଗର ସଂଘାତ ଓ ପ୍ରେମ ଦ୍ୱନ୍ଦ୍ୱରେ ଅନ୍ତର୍ଦୃଷ୍ଟି ଅସ୍ଥିରତାରେ ଭରା ଏକ ଉପନ୍ୟାସଟିରେ ସୁରେନ୍ଦ୍ର ବାବୁ କୋଟିଏ ସ୍ଥାନରେ ନାରୀର ସ୍ୱାଧୀକାର ଆଉ ସ୍ୱାଭିମାନ ନେଇ ପ୍ରଶ୍ନ କରିଛନ୍ତି, "ଯୁଦ୍ଧରେ ନାରୀ ହରଣର ବର୍ବରତା କାହିଁକି କେଜାଣି" ?

ଯେଉଁ ରାଜା ଯୁଦ୍ଧରେ ଜୟଲାଭ କରନ୍ତି, ସେମାନେ ବିଜିତ ସାମନ୍ତ ମାନଙ୍କର କନ୍ୟା ଓ ଭଗିନୀଙ୍କୁ ନିଜ ଅନ୍ତଃପୁରରେ ସ୍ଥାନ ଦିଅନ୍ତି ସତ, କିନ୍ତୁ ସେମାନେ ପାଆନ୍ତି ନାହିଁ ମହାରାଣୀର ମର୍ଯ୍ୟାଦା ।

ଉତ୍କଳର ରାଜା ପ୍ରତାପରୁଦ୍ର ଦେବଙ୍କ ସହିତ ଦୀର୍ଘଦିନ ଧରି ବିଜୟ ନଗରର ରାଜା କୃଷ୍ଣ ଦେବରାୟଙ୍କ ଯୁଦ୍ଧ, ପାଇକ ମାନଙ୍କର ବୀରତ୍ୱ ତଥା ପ୍ରତାପରୁଦ୍ର ଦେବଙ୍କ କନ୍ୟା ଜଗନ୍ମୋହିନୀର କୃଷ୍ଣ ଦେବରାୟଙ୍କ ପ୍ରତି ପ୍ରେମ ଓ ବିଡ଼ମ୍ବିତ ଜୀବନର କାହାଣୀ, ଭିତରେ ଜଗନ୍ମୋହିନୀଙ୍କର କାହାଣୀ ବର୍ଣ୍ଣନା କରିବାକୁ ଯାଇ ଲେଖକ ନାରୀର ସ୍ୱାଧିକାର ନେଇ ପୁନର୍ବାର ପ୍ରଶ୍ନ କରିଛନ୍ତି, ଉତ୍କଳ ଗଜପତି ନନ୍ଦିନୀ ବୋଲି ଗର୍ବ କରୁଥିଲ ସତ ? ଏବେ ଆସ ଆମରି ଅନ୍ତଃପୁରକୁ । ତମେ ଆଉ ଏକ ରାଣୀ । ରକ୍ଷିତାର ନାମାନ୍ତର ମାତ୍ର ଆମରି ପରି ତମେବି ପଣ୍ୟ । ସନ୍ଧିର ସର୍ତ୍ତ । ତମର ଗର୍ଭଜାତ ସନ୍ତାନ କେବେ ବିଜୟନଗରର ସିଂହାସନର ଉତ୍ତରାଧିକାରୀ ଦାବୀ କରିପାରିବ ନାହିଁ । ସେ ରହିବ କାଳେ କାଳେ ଅପାଂକ୍ତେୟ ଓ ଅନୁଗତ ହୋଇ ।" ଏହି ସ୍ୱାଭିମାନର ଜିଜ୍ଞାସା ଯୁଗେ ଯୁଗେ ନାରୀ କରି ଆସିଛି ଲେଖନୀ ମାଧ୍ୟମରେ, ଲେଖକ ମାଧ୍ୟମରେ ଏବଂ ତେଜସ୍ୱିନୀ ଭକ୍ଷଣ ମାଧ୍ୟମରେ ।

ସୁରେନ୍ଦ୍ର ମହାନ୍ତିଙ୍କର ଲେଖନୀ ଏଇଠି ଥମି ଯାଇନାହିଁ । କୃଷ୍ଣ ଦେବରାୟ ଯେତେବେଳେ ଆବେଗରେ ଆଗେଇ ଆସୁଥିଲେ ଜଗନ୍ମୋହିନୀଙ୍କର କ୍ଷୀଣ କଟିକୁ ବାହୁ ପାଶରେ ଆଲିଙ୍ଗନ କରିବା ପାଇଁ । ଯେତେବେଳେ କ୍ଷୁଧିତା ସର୍ପିଣୀ ପରି ଜଗନ୍ମୋହିନୀ ଓଡ଼ିଆଣୀରୁ ପଟେ ସୁନା ପାଢ଼ିଆ କାଢି ଫଣାଟେକି ଉଠିଲେ, 'ମୋତେ ସ୍ପର୍ଶ କରିପାରିବେ ନାହିଁ, ନରପତି କୃଷ୍ଣ ଦେବରାୟ ! ଆପଣ ପତିତ କ୍ଷତ୍ରିୟ ମୁଁ ଉତ୍କଳ ଗଜପତି ନନ୍ଦିନୀ... । ଆପଣ ଉତ୍କଳ ଗଜପତିଙ୍କର ସର୍ବାଙ୍ଗ ହରଣ କରି ତାଙ୍କୁ ଜୟ କରି ପାରିଥାନ୍ତି ନରପତି କୃଷ୍ଣ ଦେବରାୟ । କିନ୍ତୁ ଜଗନ୍ମୋହିନୀର ହୃଦୟକୁ ନୁହେଁ ।"

Digitized by srujanika@gmail.com

ଗତ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଆ ସାହିତ୍ୟର ନାନା ପ୍ରକାର ପରୀକ୍ଷା ନୀରିକ୍ଷା ମଧ୍ୟରେ, ଅଧିକାଂଶ ଲେଖକ ନାରୀର ସ୍ୱାଭିମାନ, ସ୍ୱାଧୀକାରକୁ ଆଖି ଆଗରେ ରଖି, ତାର ସ୍ଥିତି ଅବସ୍ଥିତିକୁ ଅନୁଧ୍ୟାନ କରି ନିଜର ଗଳ୍ପ ଉପନ୍ୟାସ ଓ କବିତା ରଚନା କରିଛନ୍ତି । କବିତାରେ ସର୍ବ ଶ୍ରୀ ଉଦ୍ଭଟରାୟ (ପ୍ରତିମା ନାୟକ) ରମାକାନ୍ତ ରଥ (ସପ୍ତମ ଋତୁ) ସୌରିନ୍ଦ୍ର ବାରିକ, ସୀତାକାନ୍ତ ମହାପାତ୍ର ପ୍ରଭୃତି ଅଗ୍ରଗଣ୍ୟ । ଗଳ୍ପ ଓ ଉପନ୍ୟାସ ସାହିତ୍ୟରେ ମଧ୍ୟ ଚନ୍ଦ୍ରଶେଖର ରଥ (ଅସୂର୍ଯ୍ୟ ଉପନିବେଶ) ବିଭୂତି ପଟ୍ଟନାୟକ (ନାୟିକାର ନାମ ଶ୍ରାବଣୀ, ଗାରେ କଜ୍ଜ୍ୱଳ ଧାରେ ଲୁହ') କାହ୍ନୁଚରଣ ମହାନ୍ତି (ଶାସ୍ତି, ବନ୍ୟବାହୁ) ବୀଣାପାଣି ମହାନ୍ତି (ପାଟଦେଇ) ପ୍ରଭୃତି ସାମ୍ପ୍ରତିକ ଓ ତତ୍କାଳୀନ ନାରୀ ସମାଜକୁ ଆଖି ଆଗରେ ରଖି ସେମାନଙ୍କର ସୃଷ୍ଟି ସମ୍ଭାରକୁ ଉଜ୍ଜ୍ୱଳ କରିଛନ୍ତି ।

ଓଡ଼ିଆ ସାହିତ୍ୟରେ ପ୍ରଥମ ପର୍ବରେ ଯେଉଁ ନାରୀର ଜୀବିକା ଥିଲା ପତ୍ନୀବୃତ୍ତି ସେ ଆଜି ଜୀବନର ବିଭିନ୍ନ ବୈଚିତ୍ର୍ୟ ଓ ବିବର୍ତ୍ତନ ଭିତରେ ଗତି କରୁଛି, ସଂଘର୍ଷ କରୁଛି । ସହର ଓ ଗ୍ରାମ୍ୟ ଜୀବନରେ ବାସ୍ତବ ଅବସ୍ଥା ସହିତ ଖାପ ଖୁଆଇ ସେ ଆଗେଇ ଚାଲିଛି, କେତେବେଳେ ସେ ଯୌତୁକ ଅଗ୍ନିରେ ଝାସ ଦେଉଛି ତ କେତେବେଳେ ଦାରିଦ୍ର୍ୟର କୁଠାରଘାତରେ ବିପର୍ଯ୍ୟସ୍ତ ହୋଇ ପଡୁଛି । ନାରୀର ଜୀବନ ଏକ ଯଜ୍ଞବେଦୀର ଜୀବନ । ତାହା ଯଦି ପ୍ରତ୍ୟେକ ସମକାଳୀନ ସାହିତ୍ୟରେ ପ୍ରତିଫଳିତ ହୋଇ ପାରିଲା ତେବେ ସେ ସାହିତ୍ୟ ନିଃସନ୍ଦେହରେ ଶ୍ରେଷ୍ଠତ୍ୱ ଲାଭ କରିପାରେ ।

ସମ୍ବାଦ ଅଫିସ୍, ଭୁବନେଶ୍ୱର ।

Digitized by srujanika@gmail.com

ନାରୀ ଜାତିର ସମ୍ମାନ ଓ ସ୍ୱାଧିକାର ସୁରକ୍ଷା ଦିଗରେ ସାହିତ୍ୟର ଭୂମିକା ଏବଂ ଓଡ଼ିଆ ସାହିତ୍ୟରେ ନାରୀର ସାମାଜିକ ସ୍ଥିତି ଓ ସ୍ୱରୂପ

ବୀଣା ପଟ୍ଟନାୟକ

ଆମର ଆଲୋଚ୍ୟ ବିଷୟ ନାରୀର ସମ୍ମାନ ଓ ସ୍ୱାଧିକାର ସୁରକ୍ଷା ଦିଗରେ ସାହିତ୍ୟର ଭୂମିକା ଓ ଓଡ଼ିଆ ସାହିତ୍ୟରେ ନାରୀର ସାମାଜିକ ସ୍ଥିତି ଓ ସ୍ୱରୂପ । ଏହା ଏକ ବଡ଼ ବ୍ୟାପକ ବିଷୟ । ନାରୀ ଚରିତ୍ର ବିଷୟରେ ବିଭିନ୍ନ ଭାଷାରେ ଲିଖିତ ସାହିତ୍ୟରୁ ତା'ର ସନ୍ଧାନ ମିଳେ । ସମାଜ ମଧ୍ୟରେ ନାରୀ ତା'ର ବୈଶିଷ୍ଟ୍ୟ ପ୍ରତିପାଦନ କରିଛି ଯୁଗେ ଯୁଗେ ।

ନାରୀ ଓ ପୁରୁଷ ମଧ୍ୟରେ ଏକତ୍ୱ ସୃଷ୍ଟି ନହେଲେ ସମାଜରେ ପ୍ରତି ସ୍ତରରେ ପ୍ରଗତି ଅସମ୍ଭବ । ଆମର ସାମାଜିକ ଜୀବନରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ସଂସ୍କୃତି ତଥା ପ୍ରାଚୀନ ଭାରତରେ ମହାମନିଷୀମାନେ ମଧ୍ୟ ନାରୀକୁ ସ୍ୱତନ୍ତ୍ର ସମ୍ମାନ ଦେଇ ଆସିଛନ୍ତି । ନାରୀ ଆଜି ଅବହେଳିତା । ତାର ସ୍ୱାଧୀନ ମନୋବୃତ୍ତି ଉପରେ ଆଧୁନିକ ମଣିଷର ଶ୍ୟେନଦୃଷ୍ଟି ଅତିବ ଦୁଃଖଦାୟକ । ଶିକ୍ଷା, ରାଜନୀତି, କ୍ରୀଡ଼ା ଆଦି ପ୍ରତିଟି କ୍ଷେତ୍ରରେ ନାରୀକୁ ଯେପରି ସ୍ୱାଧୀନତା ମିଳିବା ଆବଶ୍ୟକ, ଧର୍ମର ଦୃଷ୍ଟିକୋଣରୁ ମଧ୍ୟ ସେହିପରି ସ୍ୱାଧୀନତା ଦିଆଯିବା ବିଧେୟ ।

ନାରୀ ମଧ୍ୟ ପୁରୁଷ ପରି ସ୍ୱାବଲମ୍ବୀ ହେଲଣି । ତା' ଭିତରେ ପୁରୁଷ ପରି ମଧ୍ୟ କିଛି ମାନୋବଚିତ ଗୁଣ ରହିଥାଏ । ନାରୀ ଓ ପୁରୁଷ ପରସ୍ପର ପ୍ରତି ଉଦାର ଓ ସମ୍ବେଦନଶୀଳ ମନୋଭାବ ପୋଷଣ କରିବା ଆବଶ୍ୟକ । ଯଦିଓ ବିଭିନ୍ନ ପ୍ରକାର ସରକାରୀ ସୁବିଧା ସୁଯୋଗ ମାଧ୍ୟମରେ ନାରୀକୁ ଅଗ୍ରାଧିକାର ଦିଆଯାଉଛି ତଥାପି କେତେକ ସ୍ତରରେ ସେମାନଙ୍କୁ ପୁରୁଷଠାରୁ ଅନେକ

Digitized by srujanika@gmail.com

ପଣ୍ଡରେ ରଖାଯାଇଛି । ସେମାନଙ୍କର ସ୍ୱାଧିନତାକୁ ସମାଜର ଅନେକ କ୍ଷେତ୍ରରେ ନିୟନ୍ତ୍ରିତ କରାଯାଇଛି ।

ନାରୀ ହେଉଛି ଶକ୍ତି ରୂପିଣୀ ଓ ଶକ୍ତି ପ୍ରଦାୟିନୀ । ଶିବଶକ୍ତିକୁ ଧାରଣ କରି ଜଗତରେ ପୂଜା ପାଉଛନ୍ତି । ଆମେ ସମସ୍ତେ ଶିବ-ଶକ୍ତିଙ୍କୁ ଏକତ୍ର ପୂଜା କରୁ । ଶକ୍ତିକୁ ଉପାସନା କରି ସାଧନ ସିଦ୍ଧିଲାଭ କରିଥାଏ । ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଶକ୍ତିର ଉପାସକ ଥିଲେ । ମହାକାଳୀ ରୂପିଣୀ ଶକ୍ତିଙ୍କଠାରୁ ପ୍ରେରଣା ପାଇ ତାଙ୍କ ସହିତ ସାକ୍ଷାତ ଓ କଥାବାର୍ତ୍ତା କରି ପାରୁଥିଲେ । ସେଇଥି-ପାଇଁ ସେ ତାଙ୍କର ସାଧନାରେ ସିଦ୍ଧିଲାଭ କରି ଅମର 'ପୁତ୍ୟ' ହୋଇପାରିଛନ୍ତି । ସେହିପରି ଯୋଗୀ ଶ୍ରୀ ନିଗମାନନ୍ଦ ତାଙ୍କର ତାନ୍ତ୍ରିକ ଗୁରୁ 'ବାମାକ୍ଷେପା'ଙ୍କ ଠାରୁ ଶକ୍ତିମନ୍ତ୍ର ଶିକ୍ଷା କରି ସିଦ୍ଧିଲାଭ କରିଥିଲେ ।

ସମାଜରେ ନାରୀର ରୂପ ହେଉଛି ତିନୋଟି । ସେ ଜାୟା, ଜନନୀ ଓ ଭଗିନୀ ରୂପେ ସମ୍ମାନର ଅଧିକାରିଣୀ । ଏହାଛଡ଼ା ପରିବାରରେ ଦାୟିତ୍ୱ ବହନ କରି ସେ ହୁଏ ଗୃହିଣୀ, କର୍ମକ୍ଷେତ୍ରରେ ପୁରୁଷ ସହ ଅବସ୍ଥାନ କରି ସେ ହୁଏ ସହକର୍ମିଣୀ । ନାରୀ ଶକ୍ତିରୂପିଣୀ । ସେ ତା'ର ଶକ୍ତିରେ ସୃଷ୍ଟିକୁ କରେ ସତ୍ୟ-ଶିବ ସୁନ୍ଦର । ପୁଣି ତାର ଶକ୍ତିରେ ପାପୀ, ଦୁଷ୍ଟ, ଚରିତ୍ରହୀନ ପୁରୁଷଙ୍କ ସଂହାରିଣୀ, ସମାଜକୁ ସେଜି ସାହିତ୍ୟ ସୃଷ୍ଟି ହୁଏ, ଓ ସାହିତ୍ୟରେ ମଧ୍ୟ ସମାଜକୁ ଆଦର୍ଶ ଦେଖାଇବାରେ ସମ୍ଭାବନା ଥାଏ । କେତେବେଳେ ସେ ପ୍ରେରଣାର ଅମୃତ ଢାଳିଦେଇ ସୁନ୍ଦର ମଣିଷକୁ ଗଢ଼ିଛି ଓ କେତେବେଳେ ସେ ପ୍ରତାରଣାର ବିଷ ଦେଇ ମଣିଷର ସୁନ୍ଦର ଭବିଷ୍ୟତକୁ ଖଣ୍ଡ ଚୂର୍ମାର କରି ଦେଇଛି । କେତେବେଳେ ତା' ହୃଦୟ ଫୁଲଠାରୁ କୋମଳ ତ କେତେବେଳେ ତା' ହୃଦୟ ପାଷାଣଠାରୁ ଅଧିକ କଠିନ । କେତେବେଳେ ଅବଳା ଦୁର୍ବଳା, ଆଉ କେତେବେଳେ ବୀର ରମଣୀ, କେତେବେଳେ ସେ ସୃଷ୍ଟି-କାରିଣୀ, କେତେବେଳେ ସେ ଧ୍ୱଂସକାରିଣୀ ।

ନାରୀର ପ୍ରେମ ବିଭିନ୍ନ ପ୍ରକାରର ଉପଲବ୍ଧି ହୁଏ । ମାତା ଭାବରେ ସେ ସନ୍ତାନର ଲାଳନ ପାଳନ କରେ । ପ୍ରେମିକା ଭାବରେ ମନର ମଣିଷକୁ ନିଜ ଭିତରେ ରୂପାୟିତ କରିବାକୁ ଚେଷ୍ଟା କରେ । ଏଥିପାଇଁ ନାରୀର ତ୍ୟାଗ ସର୍ବଦା ଆବଶ୍ୟକ ଅଟେ । ଭଗିନୀ ରୂପରେ ନିଃସ୍ୱାର୍ଥ ସେବା କରି ସମାଜର ସଫଳ

Digitized by srujanika@gmail.com

କାମନା କରେ । ପତିଙ୍କୁ କର୍ମ ଧର୍ମ ଓ ସଂସାର କ୍ଷେତ୍ରରେ ପ୍ରେରଣା ଯୋଗାଇବାରେ ସେ ହେଉଛନ୍ତି ପ୍ରେରଣାଦାତ୍ରୀ । ସାହିତ୍ୟରେ ସାମାଜିକ ପ୍ରତିଫଳନ ହୋଇଥିବାରୁ କାବ୍ୟ, କବିତା ଓ ଗଳ୍ପ ମାଧ୍ୟମରେ ନାରୀର ସାମାଜିକ ମୂଲ୍ୟବୋଧ, ଚାରିତ୍ରିକ ମୂଲ୍ୟବୋଧ ସର୍ବଦା ପ୍ରକଟିତ ହୁଏ ।

ମହାଭାରତରେ ଦ୍ରୌପଦୀଙ୍କୁ ଶ୍ରେଷ୍ଠ ନାୟିକାରୂପେ ଗ୍ରହଣ କରାଯାଇଛି । କୁନ୍ତି, ଗାନ୍ଧାରୀ, ଦେବକୀ ଓ ଯଶୋଦା ଇତ୍ୟାଦି କୋଟି କୋଟି ରୂପ ପ୍ରତିଭାତ ହୋଇଛନ୍ତି, ଦ୍ରୌପଦୀଙ୍କର ଶୌର୍ଯ୍ୟ, ଆତ୍ମସମ୍ମାନବୋଧ, ଅନମନୀୟ ପ୍ରତିଜ୍ଞା ଏବଂ ତେଜ ମହାଭାରତର କାବ୍ୟକୁ କରିଛି ବଳୀୟାନ । ରାଜନନ୍ଦିନୀ ହୋଇ ହେଁ ଦୁଃଖକଷ୍ଟରେ ଗତିକଟିଛନ୍ତି, ସେଥିପାଇଁ ସେ ସ୍ୱର୍ଗ ପଡି ନାହାନ୍ତି ।

“ରାଜକୁମାରୀ ଦେବକୀ ନିଜର ସନ୍ତାନ ପ୍ରେମ ପାଇଁ ସାତ/ଆଠ ଥର ଗର୍ଭଯନ୍ତ୍ରଣା ଓ କାରାଗାରର କଷ୍ଟକୁ ବରଣ କରି ସେ ହୋଇଛନ୍ତି ମହୀୟସୀ । ସେହିପରି ଯଶୋଦା ଜନନୀ ଭାବରେ ଶ୍ରୀକୃଷ୍ଣଙ୍କୁ ଲାଳନ ପାଳନ କରି ଶେଷରେ ଶ୍ରୀକୃଷ୍ଣଙ୍କଠାରୁ ଦୂରେଇ ଯାଇ ଦୁଃଖରେ ଜୀବନ ବିତାଇଛନ୍ତି ।

ପାଣ୍ଡବ ଜନନୀ କୁନ୍ତି ସନ୍ତାନ ସ୍ନେହର ଅନନ୍ୟ ନିଦର୍ଶନ । ଦୁଃଖରେ ଜନୁଳି ହୋଇ ସେ ପୁତ୍ରମାନଙ୍କ ସହ ବନବାସ ଜୀବନଯାପନ କରିଛନ୍ତି” ।

“ରାମାୟଣର ଦୁଇଟି ବିଖ୍ୟାତ ଚରିତ୍ର ସୀତା ଓ ଉର୍ମିଳା । ସୀତା ତାଙ୍କର ତ୍ୟାଗ, ଧୈର୍ଯ୍ୟ ଓ ସତୀତ୍ୱ ପାଇଁ ଚିରସ୍ମରଣୀୟ । ସୀତା ପତିଙ୍କର ସହଧର୍ମୀ ହୋଇ ସହଧର୍ମିଣୀର ଯେଉଁ ଯଶଅର୍ଜନ କରିଛନ୍ତି, ଉର୍ମିଳା ଚରିତ୍ରର ମହନୀୟତା ମଧ୍ୟ ସେଥିପାଇଁ କିଛି କମ୍ ନୁହେଁ । ରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତା ସୀତା ତାଙ୍କର ଅନୁଗାମିନୀ ହୋଇ ବନବାସିନୀ ହୋଇଛନ୍ତି, ମାତ୍ର ପତିଙ୍କର ନିବିଡ଼ ସମ୍ପର୍କରେ ଆସିଛନ୍ତି, ହେଲେ ତ୍ୟାଗପୂତ ମହୀୟସୀ ନାରୀ ଉର୍ମିଳା ତାଙ୍କର ପତିଙ୍କର ବିଚ୍ଛେଦର ବିରହ ଯାତନାକୁ ହସି ହସି ଗ୍ରହଣ କରି ନେଇଛନ୍ତି । ପତିଙ୍କର ନିର୍ଦ୍ଦେଶରେ ସେ ତାଙ୍କଠାରୁ ପୃଥକ ଭାବେ ରହି ତାଙ୍କର ମହନୀୟତା ପ୍ରତିପାଦନ କରିଛନ୍ତି । ଏଥିପାଇଁ ସମସ୍ତ ଭାରତୀୟ ସାହିତ୍ୟରେ ଉର୍ମିଳାଙ୍କୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି ।

Digitized by srujanika@gmail.com

ସେହିପରି ସେବାକାର୍ଯ୍ୟ ପାଇଁ ମଦର ଟେରେସାଙ୍କ ଅବଦାନ ଉଲ୍ଲେଖ ଯୋଗ୍ୟ। ସେବାକାର୍ଯ୍ୟ ପାଇଁ ଆମର କର୍ତ୍ତୃପକ୍ଷ ନାରୀମାନଙ୍କୁ ଅଗ୍ରାଧିକାର ଦେଉଛନ୍ତି। ବିଶେଷତଃ ସେବା କାର୍ଯ୍ୟରେ ନାରୀମାନଙ୍କ କାର୍ଯ୍ୟ ପ୍ରଶଂସନୀୟ, ଯେଉଁଟାକି ପୁରୁଷମାନଙ୍କ ଦ୍ୱାରା ବିଶେଷ ସମ୍ଭବ ନୁହେଁ। ସେହିପରି ବିଜ୍ଞାନ, ଶିଳ୍ପ ଓ ରାଜନୀତି ଇତ୍ୟାଦି କ୍ଷେତ୍ରରେ ମଧ୍ୟ ନାରୀମାନେ ଉତ୍କର୍ଷତା ଲାଭ କଲେଣି ଏବଂ ତାର ଉନ୍ନତି ଦିଗରେ ଚେଷ୍ଟିତ ଅଛନ୍ତି। ଆଧୁନିକ ଯୁଗର ଭାରତର ପ୍ରଧାନମନ୍ତ୍ରୀର ଆସନକୁ ଦୀର୍ଘଦିନ ଧରି ଅଳଙ୍କୃତ କରି ରାଜନୀତି କ୍ଷେତ୍ରରେ 'ଇନ୍ଦିରାଗାନ୍ଧୀ' ପାରଦର୍ଶିତା ଦେଖାଇଛନ୍ତି। ଭାରତ ତଥା ଭାରତ ବାହାରେ ମଧ୍ୟ ନାରୀମାନେ ରାଜନୀତି କ୍ଷେତ୍ରରେ ବେଶ୍ ପାରଦର୍ଶିତା ହାସଲ କରିଛନ୍ତି।

ନାରୀ ଲେଖକମାନଙ୍କ ଲେଖନୀରୁ ଶକ୍ତିଶାଳୀ ସାହିତ୍ୟ ସୃଷ୍ଟି ହୋଇଛି। ଓ ତାହା ଭାରତୀୟ ଭାଷା ଓ ସାହିତ୍ୟକୁ ଖୁବ୍ ସମୃଦ୍ଧ କରିଛି। ସେହି ଜ୍ୟୋତିଷୀମାନଙ୍କ ମଧ୍ୟରୁ ଆଶାପୂର୍ଣ୍ଣା ଦେବୀ, ଚନ୍ଦ୍ରକାନ୍ତା, ଅମୃତା ପ୍ରୀତମ୍ ଇତ୍ୟାଦି ସାହିତ୍ୟ ପାଇଁ ଭାରତର ସର୍ବଶ୍ରେଷ୍ଠ ପୁରସ୍କାର ପାଇ ପ୍ରଶଂସନୀୟ ହୋଇଛନ୍ତି। ଅତୀତମଧ୍ୟ ପ୍ରତିଷ୍ଠାଲାଭ କରିଥିଲେ ନାରୀ କବି କୁନ୍ତଳା କୁମାରୀ ସାବତ ଓ ସରୋଜିନୀ ନାଇଡୁ।

ଆଜିର ସାହିତ୍ୟରେ ନାରୀକୁ ଯେତିକି ସମ୍ମାନ ଦିଆଯିବା କଥା ସେହି ପରିମାଣରେ ସମ୍ମାନ ଦିଆଯାଉନାହିଁ। ଫଳରେ ନାରୀ ନିର୍ଯ୍ୟାତିତ ହେବା ଏକ ଦୈନନ୍ଦିନ ଘଟଣା ମଧ୍ୟରେ ଗୃହୀତ ହୋଇଯାଇଛି। ପ୍ରେମଜନିତ ବା ଯୌତୁକ ଜନିତ ନାରୀ ହତ୍ୟାର ବିବରଣୀ ଏବେ ଲୋକଙ୍କର ପ୍ରାୟ ସହସୁହା ହୋଇ-ଗଲାଣି। ସବୁ କ୍ଷେତ୍ରରେ ନାରୀମାନେ ଏତେ ଅଗ୍ରସର ହୋଇଥିଲେ ମଧ୍ୟ ଏଯାଏଁ ନାରୀ-ନିର୍ଯ୍ୟାତନା କମିନାହିଁ। ଅନେକ କ୍ଷେତ୍ରରେ ନାରୀର ପ୍ରଗତିରେ ନାରୀ ବାଧା ସୃଷ୍ଟି କରିଥାଏ। ନବବିବାହିତା ବୋହୂଟିଏ ଘରକୁ ଆସିବା ପରେ ଯଦି କୌଣସି ଦୈବୀ ଦୁର୍ଘଟଣା ଘଟିଯାଏ ତେବେ ସମସ୍ତ ଦୋଷାଦୋଷ ସେହି ନୂଆ ବୋହୂଟି ଉପରେ ଲଦି ଦିଆଯାଏ।

ତେଣୁ ସମାଜରେ ସାମାଜିକ ସ୍ଥିତିରେ ଉନ୍ନତି ପାଇଁ ନାରୀର ଜାଗରଣ ନିତାନ୍ତ ଆବଶ୍ୟକ। ଏଥିପାଇଁ ନାରୀକୁ ପ୍ରଥମେ ସ୍ୱାବଲମ୍ବୀ ହେବାକୁ ପଡ଼ିବ।

Digitized by srujanika@gmail.com

ସମାଜରେ ଯଦି ନାରୀପ୍ରତି ଅବହେଳା ହେଲା, ତେବେ ସେ କ୍ଷେତ୍ରରେ ସେମାନେ ଏକତ୍ର ତାର ପ୍ରତିବାଦ କରିବା ଆବଶ୍ୟକ । ମାତ୍ର ତାହା ସେମାନେ କରି ପାରନ୍ତିନାହିଁ । ମାତ୍ର ଏହି ଜାଗରଣ ସୃଷ୍ଟି କରିବା ପାଇଁ ସାହିତ୍ୟର ପ୍ରସାର ଦରକାର । ଶିଶୁ ସାହିତ୍ୟଠାରୁ ଆରମ୍ଭ କରି ବଡ ବଡ ସାହିତ୍ୟରେ ପ୍ରସାର ହେବା ନିତାନ୍ତ ଆବଶ୍ୟକ । ସାହିତ୍ୟ ମାଧ୍ୟମରେ ଉଭୟ ସ୍ତ୍ରୀ ଓ ପୁରୁଷ ଏହି ନାରୀ ନିର୍ଯାତନା ବିରୁଦ୍ଧରେ ସଚେତନତା ସୃଷ୍ଟି କରିପାରିବେ ଓ ନାରୀ ସମାଜର ସୁରକ୍ଷା ହୋଇପାରିବ ।

ସମ୍ପାଦକ 'ସୁଧନ୍ୟା'
(ମାସିକ ମହିଳା ପତ୍ରିକା)
ପ୍ଲଟ ୧୨, ଅଶୋକନଗର, ଭୁବନେଶ୍ୱର ।

Digitized by srujanika@gmail.com

ନାରୀର ସମ୍ମାନ ସ୍ୱାଧିକାର ଓ ସୁରକ୍ଷା ଦିଗରେ ସାହିତ୍ୟର ଭୂମିକା

ଡଃ ବିଜୟଲକ୍ଷ୍ମୀ ସ୍ୱାଇଁ

ଓଡ଼ିଆରେ ଦୁଇଟି ପୂର୍ବରୁ ପ୍ରଚଳିତ— (୧) ପ୍ରଥମେ ଝିଅ ହେଲେ ବାପା-ମାଙ୍କର ଆୟୁଷ ବଢ଼େ । (୨) ପୁଅ ଅଣ୍ଟୁକୁଡ଼ାକୁ ପାର କରି ହେଲେ ଝିଅ ଅଣ୍ଟୁକୁଡ଼ାକୁ ପାର ନାହିଁ । ଏଣୁ ଝିଅଟିଏ ଜନ୍ମ ନେବା ଗୌରବର କଥା, ସେହି ଝିଅଟି ବଡ଼ ହୋଇ ଚାଲବୁଲ କଲେ, ଖେଳିଲେ ବୁଲିଲେ ଘର ପୂରିଗଲା ପରି ଲାଗିବ । ଚିତ୍ର ବିଚିତ୍ର ଛିଟ ଫ୍ରକ୍ ପିନ୍ଧି, ମଥାରେ ବିଭିନ୍ନ ରଙ୍ଗ ଫୁଲ ଖୋଷି ରଙ୍ଗ ବେରଙ୍ଗ ପ୍ରଜାପତି ଧରିବା ଅଥବା ମିଛି ମିଛିକା ବୋହୂ ସାଜି ଧୂଳି ଘର କରି ଧୂଳିର ଭାତ ତରକାରୀ ରାନ୍ଧିବାର ଦୃଶ୍ୟ ପୁଅ ପାଖରେ ଦୁର୍ଲ୍ଲଭ । ଘରର ଓଷା ପୁନିଅଁ ତ ତାହାରି ପାଇଁ । ସେଥିପାଇଁ ପୁଅତୁଡ଼ାକତ 'କାଠଫଳ' । ଆହୁରି ଟିକିଏ ବଡ଼ ହୋଇଗଲେ ସେ ଘର କାମରେ ସାହାଯ୍ୟ କରିବ, କୁଣିଆ ମଇତ୍ର ଘରକୁ ଆସିଲେ ସେମାନଙ୍କ ଭଲମନ୍ଦ ବୁଝିବ, ଭାଇର ଅଳି ଅର୍ଦ୍ଦଳି ସହିବ, ସାନ ଭାଇ ଭଉଣୀଙ୍କୁ ଆଦର କରିବ । କିଶୋରୀ ଅବସ୍ଥା ଅତିକ୍ରମ କଲାପରେ ସେ ହୁଏତ ପରିଣତ ହେବ ପ୍ରିୟା ଅଥବା ଜାୟାରେ, ପ୍ରିୟା ରୂପରେ ତାର ଆବେଗ ତଥା ସାଧନାକୁ ଅକାତରରେ ଢାଳିଦେବ ଆପଣାର ପ୍ରିୟତମ ପାଇଁ । ଜାୟାରେ ପରିଣତ ହୋଇ ସେ ଅପର ଗୃହରେ ହେବ ବଧୂ ଅଥବା ଗୃହଲକ୍ଷ୍ମୀ । ଆଉ ତଣଙ୍କର ଘରକୁ ନିଜର ଗୃହ ରୂପେ ଗ୍ରହଣ କରି ସମସ୍ତ ଦାୟିତ୍ୱକୁ ମୁଣ୍ଡାଇ ସମସ୍ତଙ୍କ ପ୍ରତି ସୁଷ୍ଠୁ ରୂପେ କର୍ତ୍ତବ୍ୟ କରି ସେ ପରିଣତ ହେବ ଜନନୀରେ ସେ ରୂପାନ୍ତରିତ ହେବ ନୂତନ ସୃଷ୍ଟିଦାତ୍ରୀରେ । ସଂସାରର ବନ୍ଧନ ତା'ର ଆହୁରି ନିବିଡ଼ ହେବ, ସୃଷ୍ଟି ଏବଂ ପରିପାଳନରେ ସିଦ୍ଧି ଲାଭ କରି ତା'ର ମାତୃତ୍ୱ ସାର୍ଥକ ହେବ । ମଣିଷ ମାତ୍ରେ ହେ ଅଶୀଆ କାଳର ମଣିଆ ବୁଢ଼ା ହେଉ, ବା ଲୋତରା କୋତରୀ ବୁଢ଼ୀ ହେଉ ଆଶ୍ରା ଓ ଆଶ୍ୱାସନା ପାଇଁ ସେ ଖୋଜେ ମାଆର ପଣତ, ପରିଣତ ବୟସରେ ସେ ଆଈ ବୁଢ଼ୀରେ ପରିଣତ ହୁଏ ।

Digitized by srujanika@gmail.com

ଏତ ଗଳ୍ପ ଗୋଟିଏ କନ୍ୟାର ଜୀବନ ଚକ୍ର । ଅବସ୍ଥାନ୍ତରରେ ସେ କନ୍ୟା, ଭଗିନୀ, ପ୍ରିୟା, ଜାୟା, ଜନନୀ ଇତ୍ୟାଦି ବିଭିନ୍ନ ନାମ ଗ୍ରହଣ କରେ । କିନ୍ତୁ ସାଧାରଣୀକରଣ କଲେ ଏହାର ନାମ ହେବ 'ନାରୀ' । ଏ ସମସ୍ତଙ୍କର ସାଧାରଣ ଧର୍ମ ନାରୀତ୍ୱ ଯାହା ସ୍ନେହ, ଶ୍ରଦ୍ଧା, କ୍ଷମା, ଦୟା, ଉଦାରତା, ମୈତ୍ରୀ, ପ୍ରେମ, ଧୈର୍ଯ୍ୟ, ବିଶ୍ୱାସ, ସାହସ ଆଦି ଗୁଣ ଉପରେ ଆଧାରିତ । ଏପରି ଅନେକ ମହନୀୟ ଗୁଣର ଅଧିକାରିଣୀ ହୋଇଥିବା ଯୋଗୁଁ ସ୍ମୃତି-ଶାସ୍ତ୍ରକାର ମନୁ ଘୋଷଣା କରିଥିଲେ—ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ତତ୍ର ରମନ୍ତେ ସର୍ବ ଦେବତାଃ । ଏଣୁ ନାରୀ ଥିଲା ସକଳ ଗୌରବ ଓ ସମ୍ମାନ ଗ୍ରହଣର ଯୋଗ୍ୟ ।

ଆଜି ସମଗ୍ର ମଣିଷ ଜାତି ପାଦ ବଢ଼ାଇଛି ଏକ ବିଂଶ ଶତକକୁ । ତାର ଜ୍ଞାନର ପରିସର ହୋଇଛି ବହୁ ଉନ୍ମୁକ୍ତ । ବିଜ୍ଞାନର ଅଗ୍ରଗତି ମଧ୍ୟ ସୁଦୂର ପ୍ରସାରିତ । ଏହି ଅଗ୍ରଗତିର ତାଳେ ତାଳେ ସମଗ୍ର ବସୁଧା ଆଜି ସଙ୍କୁଚିତ : ଜ୍ଞାନ ଓ ବିଜ୍ଞାନ ଆଣି ଦେଇଛି ପ୍ରଚଣ୍ଡ ଭୌତିକ ସୁଖ ଉନ୍ନତି । ଆଜିର ନାରୀ କେବଳ ପରିବାର ମଧ୍ୟରେ ଅଥବା ଗୃହକର୍ମ ଭିତରେ ସଂକୁଚିତ ନ ହୋଇ ବ୍ୟାପ୍ତ ହୋଇଛି । ସେ ଶିକ୍ଷିତା ହୋଇ ଶିଳ୍ପ, ବିଜ୍ଞାନ, ଶିକ୍ଷା, ସ୍ୱାସ୍ଥ୍ୟ, ରାଜନୀତି ଆଦି ସୁପ୍ରତିଷ୍ଠିତା, ପୁରୁଷଙ୍କ ସହ ସମକକ୍ଷା । ତେଣୁ ସେ ପୁରୁଷର କେବଳ ସହଧର୍ମିଣୀ ନୁହେଁ ସହକର୍ମିଣୀ ମଧ୍ୟ । ଏତେ ଅଗ୍ରଗତି ସତ୍ତ୍ୱେ ଆଜିର ସାମାଜିକ ଜୀବନରେ ନାରୀର ସ୍ଥିତି ହୋଇଛି ବିପନ୍ନ । ସତେ ଯେପରି ସେ ହେଉଛି ଦ୍ୱିତୀୟ ଶ୍ରେଣୀର ନାଗରିକ । ପୁରୁଷର ଦ୍ରବ୍ୟ ପରି ତାର ପରିଚୟ । ବିଜ୍ଞାନର ଦାନ ବଳରେ ବହୁ ଶିଶୁକନ୍ୟା ଭୂପୃଷ୍ଠର ଆଲୋକ ଦେଖିବା ପୂର୍ବରୁ ହୋଇ ଯାଉଛନ୍ତି ନିଶ୍ଚିହ୍ନ । କେତେ ଯେ କେତେ ଯୌତୁକ ଜନିତ ବଧୂହତ୍ୟା ସଂଘଟିତ ହେଉଛି ତା'ର ହିସାବ କାହାରି ପାଖରେ ମିଳିବ ନାହିଁ । ଯୌତୁକ ପରି ଅର୍ଥ ବିନିମୟରେ ମଣିଷ ମଣିଷକୁ ହତ୍ୟା କରୁଛି । ଆଜି ମଧ୍ୟ ଦିନ ଦିପହରେ ରାଜ ରାସ୍ତାରେ ନାରୀ ଲାଞ୍ଛିତା ନିର୍ଯ୍ୟାତିତା ହେଉଛି । ତାକୁ ପ୍ରତିରୋଧ କରିବା ପାଇଁ କେହି ଆଗଭର ହେଉନାହାନ୍ତି । ଯୁଗ ଯୁଗ ଧରି ପରମ୍ପରା ସୂତ୍ରରେ ଗଢ଼ି ଆସୁଥିବା ନାରୀ ପ୍ରତି ସମ୍ମାନ ପରିଣତ ହୋଇଯାଇଛି ଅବଜ୍ଞନି ମୁଦ୍ରାରେ । ଅନ୍ୟ ପକ୍ଷରେ ଯେ ହରାଇଛି ତାର ସମ୍ମାନ ଓ ଅଧିକାର ।

ସାଧାରଣତଃ ସମ୍ମାନ, ଅଧିକାର, ସୁରକ୍ଷା ଆଦି ଶବ୍ଦ ଗୁଡ଼ିକ 'ଆଇନର' ପରିସରଭୁକ୍ତ । ନ୍ୟାୟାଳୟ ଏହାର ପ୍ରଚଳିତ ସ୍ଥଳ । ଆଇନଜୀବି ଓ ବିଚାରପତିଙ୍କ ସମନ୍ୱୟରେ ଏହା ସମାହିତ ହୋଇଥାଏ, ମାତ୍ର ଆଜି ଆମର ସାମାଜିକ ଜୀବନ

Digitized by srujanika@gmail.com

ଏପରି ବିପର୍ଯ୍ୟସ୍ତ ଯେ କେବଳ ଆଇନ ପ୍ରଣୟନ ହେଲେ ପରିସ୍ଥିତି ସୁଧୁରି ଯିବା ସମ୍ଭବ ନୁହେଁ । ଯୌତୁକ ବିରୋଧୀ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ଯୌତୁକର ନିରାକରଣ ପରିବର୍ତ୍ତେ ନିର୍ଯ୍ୟାତନା ବଢ଼ିଚାଲିଛି । କେବଳ ଯୌତୁକ ନିମନ୍ତେ ବହୁ ପରିବାରର ବହୁ ଝିଅ ବିବାହ କରିପାରୁନାହାନ୍ତି । ବିବାହ ବୟସ ସମ୍ପର୍କରେ ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରାଯାଇଥିଲେ ମଧ୍ୟ ବହୁ ଝିଅଙ୍କୁ ଅଠର ବର୍ଷରୁ କମ ବୟସରେ ବିବାହ କରିଦିଆଯାଉଛି । ଏ ସମ୍ପର୍କରେ ଆଇନ ବା ନ୍ୟାୟାଳୟ କୌଣସି ସହାୟତା କରିପାରୁନାହିଁ । ଏଣୁ ବିଚାର କରାଯାଉଛି ଯେ ଲୋକମାନଙ୍କର ଚେତନାକୁ ପରିବର୍ତ୍ତନ ନକଲେ ଏସବୁ ସମସ୍ୟା ଗୁଡ଼ିକର ସମାଧାନ ହୋଇପାରିବ ନାହିଁ । ଜନ ଚେତନାର ପରିବର୍ତ୍ତନ ନିମନ୍ତେ ନେତୃତ୍ୱ ନେବ ଆଇନ ପରିବର୍ତ୍ତେ ସାହିତ୍ୟ ।

ସମାଜ ଏବଂ ସାହିତ୍ୟ ପରସ୍ପର ନିର୍ଭରଶୀଳ । ସମାଜ ସାହିତ୍ୟର ଆଧାରଭୂମି ଏବଂ ସାହିତ୍ୟ ସମାଜର ଦର୍ପଣ । ନାରୀର ସମ୍ମାନ ସ୍ୱାଧିକାର ଓ ସୁରକ୍ଷା ଦିଗରେ ସାହିତ୍ୟର ଭୂମିକା କଥା ଚିନ୍ତା କଲାବେଳେ ମନ ମଧ୍ୟରେ ପ୍ରଶ୍ନ ଆସେ ଏ ସମ୍ପର୍କରେ ପୂର୍ବରୁ ସାହିତ୍ୟରେ କିଛି କୁହାଯାଇଛି କି ନାହିଁ ଅଥବା ଏହାକୁ ନେଇ ନୂତନ ସାହିତ୍ୟ ସୃଷ୍ଟି କରିବାକୁ ପଡ଼ିବ । ସାଧାରଣ ଧାରଣା ଯେ ଆଧୁନିକ ସମାଜରେ ନାରୀ ଶିକ୍ଷିତା ହେଲା ମାତ୍ର ଏହା ସତ୍ୟ ନୁହେଁ, ବୈଦିକ ସାହିତ୍ୟ ପ୍ରତି ଦୃଷ୍ଟି ଦେଲେ ଜଣାଯାଏ, ଗାର୍ଗୀ, ମୈତ୍ରେୟୀ, ଅପାଲା, ବିଶ୍ୱବାରା ପ୍ରଭୃତି ନାରୀଗଣ ବେଦବିଦ୍ୟାରେ ପାରଙ୍ଗମା ହୋଇ ବୈଦିକ ମନ୍ତ୍ର ରଚନା କରିଥିଲେ । ସେମାନେ କେବଳ ଗୃହକର୍ମରେ ଆବଦ୍ଧ ନରହି ସ୍ୱାମୀଙ୍କର ଛାତ୍ରମାନଙ୍କୁ ବିଦ୍ୟାଦାନ ମଧ୍ୟ କରୁଥିଲେ । ସମାଜରେ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଉଥିଲା । ରାମାୟଣ କଥାତ ସମସ୍ତେ ଜାଣନ୍ତି । ରାବଣ ଅସୁର ହୋଇ ସୀତାଙ୍କୁ ଚୋରୀ କରି ନେଇଥିଲା ସତ୍ୟ କିନ୍ତୁ ଅତ୍ୟାଚାର ନକରି ଅଶୋକ ବନରେ ସମ୍ମାନ ଜନକ ଅବସ୍ଥାରେ ରଖିଥିଲା । ମହାଭାରତ ଅନୁଯାୟୀ ଭୀଷ୍ମ କାଶୀ ରାଜାଙ୍କୁ ଜୟ କରି ତାଙ୍କ ତିନି କନ୍ୟା ଅମ୍ବା, ଅମ୍ବିକା ଓ ଅମ୍ବାଲିକାଙ୍କୁ ହରଣ କରିଥିଲେ । ମାତ୍ର ଅମ୍ବା ଶାଲ୍ୱ ରାଜାଙ୍କ ପ୍ରତି ଆକୃଷ୍ଟ ଥିବା ଜାଣିବା ପରେ ସମ୍ମାନ ସହ ଅମ୍ବାଙ୍କୁ ଶାଲ୍ୱ ନୃପତିଙ୍କ ନିକଟକୁ ପଠାଇ ଦେଇଥିଲେ ।

ଏତ ଗଲା ସମ୍ମାନ ଓ ସୁରକ୍ଷା କଥା । ସ୍ୱାଧିକାର ସମ୍ପର୍କରେ ଏକ ଉଦାହରଣ ମହାଭାରତରୁ ଗ୍ରହଣ କରାଯାଇପାରେ । ସର୍ବଜନବିଦିତ ସେଇ କାହାଣୀ—ଯୁଧିଷ୍ଠିରଙ୍କର ଦ୍ରୌପଦୀଙ୍କୁ ପଶା ଖେଳରେ ବାଜି ରଖିବା । ସତେ

Digitized by srujanika@gmail.com

ଯେପରି ଦ୍ରୌପଦୀ ଯୁଧିଷ୍ଠିରଙ୍କର ଅନ୍ୟାନ୍ୟ ଧନ ସମ୍ପତ୍ତି ପରି କେବଳ ନିର୍ଜୀବ ଧନ । ପ୍ରତିବାଦ କରିବାର ଅଧିକାର ଯେପରି ତାଙ୍କର ନାହିଁ । ପୁଣି ଏଭଳି ପଣ କରିଥିବା ବ୍ୟକ୍ତି ହେଉଛନ୍ତି ସ୍ୱୟଂ ଯୁଧିଷ୍ଠିର ଯେ କି ଧର୍ମରାଜ ଭାବେ ଆଖ୍ୟାତ ହେଉଥିବା ଚରିତ୍ର । ରାଜସଭାରେ ଉପସ୍ଥିତ ଥିବା ଧୃତରାଷ୍ଟ୍ର, ଭୀଷ୍ମ, ଦ୍ରୋଣ, ଶଲ୍ୟ, କୃପାଚାର୍ଯ୍ୟ ପ୍ରମୁଖ ଗୁରୁଜନ ଓ ବିଦ୍ୱମଣ୍ଡଳୀ ହୋଇଗଲେ ନୀରବ ଦ୍ରଷ୍ଟା । ଏଣୁ ନାରୀ ପ୍ରତି ସମ୍ମାନବୋଧ ଏବଂ ଅବହେଳା ଉଭୟ ଦିଗ ପ୍ରାଚୀନ ସାହିତ୍ୟରେ ଉପଲବ୍ଧ । ଅନୁଶୀଳନ କଲେ ଜଣାଯାଏ, ଭାରତବର୍ଷରେ ମୁସଲମାନ ରାଜତ୍ୱ ପ୍ରତିଷ୍ଠା ହେବା ପରେ ନାରୀର ସ୍ୱାଧୀନତା ଓ ସମ୍ମାନ ଲୋପ ପାଇଲା । ମୁସଲମାନ ଶାସକଗଣ ଏବଂ ସେମାନଙ୍କ ନିଯୁକ୍ତ କର୍ମଚାରୀଗଣ ନାରୀମାନଙ୍କ ପ୍ରତି ବଳାତ୍କାର କରିବା ସହ ଅତ୍ୟାଚାର କଲେ ।

ଊନବିଂଶ ଶତାବ୍ଦୀରେ ଭାରତବର୍ଷରେ ସଂସ୍କୃତିର ନବ ଜାଗରଣ ଦେଖାଦେବା ପରେ ରାଜା ରାମମୋହନ ରାୟ, ଆଚାର୍ଯ୍ୟ କେଶବ ଚନ୍ଦ୍ର ସେନ, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ଯୋଗୀ ଅରବିନ୍ଦ, ଗୋପାଳକୃଷ୍ଣ ଗୋଖଲେ, ବିଶ୍ୱକବି ରବୀନ୍ଦ୍ରନାଥ, ଦୟାନନ୍ଦ, ମହାତ୍ମାଗାନ୍ଧୀ ପ୍ରମୁଖ ମନୀଷୀଗଣ ନାରୀମାନଙ୍କ ସମ୍ମାନକୁ ପୁନରୁଦ୍ଧାର କରିବା ପାଇଁ ଚେଷ୍ଟିତ ହେଲେ । ସମାଜର ଅନ୍ୟାନ୍ୟ କୁସଂସ୍କାର ଅନ୍ଧବିଶ୍ୱାସ ପରି ନାରୀ ସମସ୍ୟା ମଧ୍ୟ ସେମାନଙ୍କ ଚିନ୍ତାର ପରିସରଭୁକ୍ତ ହେଲା । ମହାତ୍ମାଗାନ୍ଧୀ ଏକଦା କହିଥିଲେ ଯେ ପର୍ଯ୍ୟନ୍ତ ମଧ୍ୟରାତ୍ରରେ ଏକାକିନୀ ନାରୀ ବିଚରଣ କରି ନପାରେ ତେବେ ବୁଝିବାକୁ ହେବ ଯେ ଆମେ ପ୍ରକୃତ ସ୍ୱାଧୀନତା ଲାଭ କରିନାହୁଁ । ଆଜି ସ୍ୱାଧୀନତା ଲାଭର ଚଉରାଳିଶ ବର୍ଷ ଅତିକ୍ରାନ୍ତ ହେଲେ ମଧ୍ୟ ଆମେ ଏପରି ସାମାଜିକ ଅବସ୍ଥାରେ ପହଞ୍ଚିନାହୁଁ ।

ନାରୀର ଏପରି ଦୟନୀୟ ଅବସ୍ଥାକୁ ଲକ୍ଷ୍ୟକଲେ ଜଣାଯାଏ । ଏହି ଅଶୋଭନୀୟ ପରିସ୍ଥିତି ନିମନ୍ତେ ପୁରୁଷ ଯେତିକି ପରିମାଣରେ ଦାୟୀ ନାରୀର ଅବଦାନ ମଧ୍ୟ କୌଣସି ଗୁଣରେ କମ୍ ନୁହେଁ । ତ୍ୟାଗ ସ୍ନେହ ମମତା ପରିବର୍ତ୍ତେ ଈର୍ଷା, ଅସୂୟା, ସ୍ୱାର୍ଥପରତା ହୋଇଛି ନାରୀର ଭୂଷଣ—ଛଳନା ହୋଇଛି ତାର ଆବରଣ, ଭୋଗ ବିଳାସ ହୋଇଛି ତାହାର ଲକ୍ଷ୍ୟ, ସର୍ବୋପରି ଯେ କୌଣସି ଉପାୟରେ ଅର୍ଥ ଆହରଣ ହୋଇଛି ତାହାର ସାଧନାର ମାର୍ଗ । ବହୁ କ୍ଷେତ୍ରରେ ଉପାର୍ଜନକ୍ଷମା ନାରୀ ଅର୍ଥନୈତିକ ସ୍ୱାଧୀନତା ଦୃଷ୍ଟିରୁ ପୁରୁଷର

Digitized by srujanika@gmail.com

ସହକର୍ମିଣୀ ରୂପେ ନିଜକୁ ବିଚାର ନକରି ପୁରୁଷର ପ୍ରତିଦ୍ୱନ୍ଦୀ ରୂପେ ଆହ୍ୱାନ କରୁଛି । ଆମ ସଂସ୍କୃତିର ମୂଳ ସୂତ୍ର ଯୁଗ ଯୁଗ ଧରି ଚାଲି ଆସୁଥିବା ପାରିବାରିକ ବ୍ୟବସ୍ଥା ଆଜି ବିଲୁପ୍ତ । ସେ ବାହ୍ୟ ଆବରଣରେ ଚାକଚକ୍ୟ, ଭୋଗ ବିଳାସ, ଭଣ୍ଡାମି, ଛଳନାର ପରିପୂର୍ଣ୍ଣ ବିଗ୍ରହ ରୂପ ଧାରଣ କରୁଛି । ବାହାରକୁ ଆଦର୍ଶର କଥା କହି କାର୍ଯ୍ୟତଃ ବିରୋଧ କରିବା ହୋଇଛି ତାହାର ପ୍ରବୃତ୍ତି । ତାହାର କେଶ, ବେଶ ଓ ବାସ ବିପର୍ଯ୍ୟସ୍ତ । ବସନ, ଭୂଷଣ ଓ ଆଚରଣରେ ସେ ଅସଂଯତ । ସ୍ୱାଧୀନତା ନାଆଁରେ ସ୍ୱେଚ୍ଛାଚାର ହୋଇଛି ତାର କାମ୍ୟ । ଯୌତୁକ ଭଳି ସମସ୍ୟାରେ ନାରୀର ମୁଖ୍ୟ ଶତ୍ରୁ ସାଜୁଛି ନାରୀ, ଚଳଚ୍ଚିତ୍ର ଦେଖିବାବେଳେ ନାରୀ-ଅତ୍ୟାଚାର ଜନିତ ବୀଭତ୍ସ ଦୃଶ୍ୟକୁ ଉପଭୋଗ କରୁଛି । ରାସ୍ତାଘାଟରେ ବିଭିନ୍ନ ଅଶ୍ଳୀଳ ପୋଷ୍ଟର ଗୁଡିକୁ ଦେଖି ପ୍ରତିକ୍ରିୟା ପ୍ରକାଶ କରୁନାହିଁ । ଏସବୁ ବେଳକୁ ନାରୀ ତାହାର ସମ୍ମାନ ଓ ସ୍ୱାଧିକାର ନିମନ୍ତେ ପ୍ରତିବାଦ କରୁନାହିଁ, ସ୍ୱର ଉତ୍ତୋଳନ କରୁନାହିଁ ।

ନାରୀର ସମ୍ମାନ ଅଧିକାରକୁ ପରିସରଭୁକ୍ତ କରି ଯୌତୁକ, ବଧୂହତ୍ୟା, କନ୍ୟା ଭ୍ରୂଣହତ୍ୟା ଭଳି ବିଭିନ୍ନ ସମସ୍ୟାକୁ ଆଧାର କରି ପ୍ରବନ୍ଧ, ଗଳ୍ପ, ଉପନ୍ୟାସ ନାଟକ ପ୍ରଭୃତି ସୃଷ୍ଟି ହୋଇଛି । ତଥାପି ତାହା ପର୍ଯ୍ୟାପ୍ତ ନୁହେଁ । ଏକ ପକ୍ଷରେ ଏହା'ର ପରିମାଣାତ୍ମକ ବୃଦ୍ଧି ଘଟାଇ ଅପର ପକ୍ଷରେ ରୁଷୋଙ୍କ ରଚନା ଫରାସୀ ବିପ୍ଳବକୁ ଇନ୍ଧନ ଯୋଗାଇବା ପରି । ମିସେସ୍ ଷ୍ଟୋଙ୍କ ଅଙ୍କଲ ଟମ୍‌ସ୍ କ୍ୟାବିନ ନିଗ୍ରୋମାନଙ୍କ ଦାସ ପ୍ରଥା ନିରାକରଣ କଲାପରି, ମାକ୍ସିମ୍ ଗର୍କୀଙ୍କ ମଦର ରୁଷିଆର ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କଲାପରି ଏବଂ ଜାତୀୟ କବି ବୀରକିଶୋର ଓ ବାଞ୍ଛାନିଧିଙ୍କ କବିତା ଓଡିଶାରେ ସ୍ୱାଧୀନତା ଆନ୍ଦୋଳନକୁ ପରିବ୍ୟାପ୍ତ କରିବା ପରି ସାହିତ୍ୟରେ ନୂତନ ସୃଷ୍ଟି କରିବା ଆବଶ୍ୟକ ଯାହାକି ସମଗ୍ର ନାରୀ ଜାତିର ସମ୍ମାନ ସ୍ୱାଧିକାର ଏବଂ ସୁରକ୍ଷା ସମ୍ପର୍କରେ ପ୍ରେରଣା ଦେବ । ଏଥିପାଇଁ ଲେଖକମାନଙ୍କର ସହଯୋଗ ସର୍ବାଦୌ ଆବଶ୍ୟକ ।

ଅଧ୍ୟାପିକା : ଓଡିଆ ବିଭାଗ
ପ୍ରାଣନାଥ ମହାବିଦ୍ୟାଳୟ, ଖୋର୍ଦ୍ଧା ।

Digitized by srujanika@gmail.com

ଓଡ଼ିଆ କ୍ଷୁଦ୍ରଗଳ୍ପରେ ନାରୀ ଚରିତ୍ରର ସ୍ୱରୂପ

ଡଃ ଲାବଣ୍ୟ ନାୟକ

ଓଡ଼ିଆ କ୍ଷୁଦ୍ରଗଳ୍ପରେ ହେଉ ଅବା ସମଗ୍ର ଓଡ଼ିଆ ସାହିତ୍ୟରେ ହେଉ, ନାରୀ ଚରିତ୍ରର ସ୍ୱରୂପ ନିର୍ଣ୍ଣୟ କରିବାବେଳେ ସ୍ୱତଃ ମନରେ ପ୍ରଶ୍ନ ଉଠେ, ସ୍ୱତନ୍ତ୍ର ଭାବରେ ନାରୀର ଆଲୋଚନା କାହିଁକି ? ନାରୀ ପୁରୁଷଠାରୁ ପୃଥକ କେଉଁ ଦୃଷ୍ଟିରୁ ? ମାନସିକ ବା ଚେତନା ସ୍ତରରେ ତ ଉଭୟ ସମାନ । ଗୋଟିଏ ସୁନ୍ଦର ବସ୍ତୁ ନାରୀ ଚକ୍ଷୁକୁ ଆକୃଷ୍ଟ କରୁଥିବା ବେଳେ ତାହା ପୁରୁଷକୁ ପ'ଡ଼ା ଦିଏ କି ? ପ୍ରେମ, ଶୋକ, ଦୁଃଖ, ସୁଖ ଇତ୍ୟାଦି ନାରୀ ପୁରୁଷ ଭେଦରେ ପୃଥକ କି ? କୌଣସି ଦୃଷ୍ଟିରୁ ପାର୍ଥକ୍ୟ ନଥିଲେ ମଧ୍ୟ ସାମାଜିକ ଓ ସାଂସ୍କୃତିକ ପରିପ୍ରେକ୍ଷାତରେ ନାରୀକୁ ପୁରୁଷଠାରୁ ପୃଥକ ଦୃଷ୍ଟିରେ ଦେଖାଯାଇଛି ଏବଂ ସମଗ୍ର ମାନବ ସମାଜ ସହିତ ସାହିତ୍ୟ ଓତଃପ୍ରୋତ ଭାବରେ ସଂପୃକ୍ତ ଥିବାରୁ ସାହିତ୍ୟରେ କଳାଗତ ମୂଲ୍ୟବୋଧ ଦୃଷ୍ଟିରୁ ନାରୀ ପୁରୁଷ ମଧ୍ୟରେ ପାର୍ଥକ୍ୟ ପରିଦୃଷ୍ଟ ହେଉଛି । ନାରୀ ସଂପର୍କରେ ଅସଂଖ୍ୟ ପୁସ୍ତକ ରଚିତ ହୋଇଥିଲେ ମଧ୍ୟ ନାରୀ ଚରିତ୍ରର ପୂର୍ଣ୍ଣାଙ୍ଗ ଚିତ୍ର ଅଙ୍କିତ ହୋଇଛି ବୋଲି କୁହାଯାଇ ନପାରେ, କେବଳ ଓଡ଼ିଆ ସାହିତ୍ୟରେ ନୁହେଁ ସମଗ୍ର ବିଶ୍ୱ ସାହିତ୍ୟରେ ନାରୀର ବର୍ଣ୍ଣନା ଏକଦେଶଦର୍ଶୀ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ପୁରୁଷ ଲେଖକର ରୁଚି ଓ ଦର୍ଶନର ପରିପ୍ରେକ୍ଷୀତରେ ନାରୀର ସ୍ୱରୂପ ଅଙ୍କିତ ହୋଇଛି । ସ୍ୱର୍ଣ୍ଣଲଙ୍କା ବା ଟ୍ରୟ ନଗରୀ ଧ୍ୱଂସ ହେବାର ମୂଳରେ ନାରୀକୁ ଦାୟୀ କରାଯାଇଛି । ବର୍ଣ୍ଣାଡଶ'ଙ୍କ ପରି ବିଶିଷ୍ଟ ଲେଖକଙ୍କ "Man and supper man"ରେ ମଧ୍ୟ ନାରୀର ଅବସ୍ଥା ତଦ୍ରୂପ । ରାମରାବଣ ଯୁଦ୍ଧ କିମ୍ବା ମହାଭାରତ ଯୁଦ୍ଧ ପାଇଁ ରାବଣର କାମୁକତା କିମ୍ବା କୌରବମାନଙ୍କ ଅସାଧୁତା ଅପେକ୍ଷା ସୀତାଙ୍କ ରୂପର ଔଜ୍ଜ୍ୱଲ୍ୟ ଓ ଦ୍ରୌପଦୀଙ୍କ ପ୍ରତିହିଂସା ପରାୟଣତାକୁ ଅଧିକ ଦାୟୀ କରାଯାଇଛି । ସମାଜରେ ତଥା ସାହିତ୍ୟରେ ନାରୀକୁ ମୁଖ୍ୟତଃ ଦୁଇଟି ଭୂମିକା ଦିଆଯାଇଛି । ନାରୀ ହୋଇଛି ଧ୍ୱଂସକାରିଣୀ କିମ୍ବା ସନ୍ତାନ ସୃଷ୍ଟିକାରିଣୀ ଜନନୀ । କେତେବେଳେ ଅବା ନାରୀ ହୋଇଛି ଜାୟା, ଜନନୀ ଓ ତାହାର ନିର୍ଭୁଲ ପ୍ରତିନିଧି । କିନ୍ତୁ ନାରୀ ଯେ କେବଳ ସ୍ୱର୍ଗର ଦେବୀ ବା ପାତାଳପୁରୀର ଦାନବୀ ନହୋଇ ମର୍ତ୍ତ୍ୟମଣ୍ଡଳର ରକ୍ତମାଂସ ଦେହଧାରୀ ଜଣେ ସାଧାରଣ ମାନବୀ ହୋଇପାରେ ଏକଥା ଅନେକ ସମୟରେ ସାହିତ୍ୟକାରମାନେ ଭୁଲି ଯାଆନ୍ତି ।

Digitized by srujanika@gmail.com

ସମାଜରେ ନାରୀର ସ୍ଥିତି, ସ୍ୱାଧିକାର ଓ ଆତ୍ମସମ୍ମାନ କ୍ଷୁର୍ଣ୍ଣ ଓ ଅବହେଳିତ । ଲେଖକମାନେ ପୁରୁଷ ଅଭିମୁଖୀ ଚେତନା ଦ୍ୱାରା ପରିଚାଳିତ ହେଉଥିବାରୁ ନାରୀର ଅନ୍ତଃଚେତନା ଓ ସାମାଜିକ ସ୍ଥିତି, ଉଭୟ ପ୍ରତି ଯଥୋଚିତ ଦୃଷ୍ଟିପାତ କରିଛନ୍ତି ବୋଲି କୁହାଯାଇ ନପାରେ । ଏହାକୁ ଲକ୍ଷ୍ୟ କରି ଫ୍ରାନ୍ସ, ଆମେରିକା ପରି ଉନ୍ନତ ରାଷ୍ଟ୍ରର ସମାଲୋଚକଗଣ ସାହିତ୍ୟ ଜଟିଆରେ ସ୍ୱର ଉତ୍ତୋଳନ କରୁଛନ୍ତି ଏବଂ ନାରୀର ମନସ୍ତତ୍ତ୍ୱକୁ ବିଚାର କରି କଳାକର୍ମରେ ଚିତ୍ରିତ ନାରୀ ଚରିତ୍ରର ଯଥାର୍ଥତା ବିଚାର କରୁଛନ୍ତି, ଯାହାକୁ **Feminist Criticism** ବୋଲି ସ୍ୱତନ୍ତ୍ର ଏକ ନାମରେ ଚିହ୍ନିତ କରାଯାଇଛି ।

ଊନବିଂଶ ଶତାବ୍ଦୀରେ ରେନେସାଁ ବା ନବଜାଗରଣ ପରେ ନାରୀର ସମ୍ମାନ ରକ୍ଷା ଓ ସ୍ୱାଧିକାର ହାସଲ ପ୍ରତି ଲେଖକ ଓ ସମାଜକାରଗଣ ଦୃଷ୍ଟି ଫେରାଇଛନ୍ତି । ସେମାନେ ଅନୁଭବ କରୁଛନ୍ତି ନାରୀ କେବଳ ମହୀଷ ମର୍ଦ୍ଦିନୀ ସଂହାର ରୂପିଣୀ ତ୍ରିଶୂଳ ଧାରିଣୀ ଦୁର୍ଗା ନୁହନ୍ତି କିଂବା ନିର୍ଦ୍ୱନ୍ଦ୍ୱରେ ପୁରୁଷର ସମସ୍ତ ସିଦ୍ଧାନ୍ତକୁ ଗ୍ରହଣ କରିନେବା ଉର୍ମିଳା ନୁହନ୍ତି । ସୁଖ ଦୁଃଖ, ହସ କାନ୍ଦ ଭରା ସଂସାରରେ ନାରୀର ଅନ୍ତଃକରଣରେ ରହିଛି ଅନେକ ଅଙ୍ଗୀକାର ଓ ଦୋଳନ । ପୁଣି ଅନେକ ଅଭିପ୍ସା ଓ କୂଜନ । ଏ ଯାବତ୍ ଯଦି ନାରୀକୁ ସମ୍ମାନ ଦିଆ ଯାଇଥାଏ ତେବେ ତାହା କେବଳ ପୁତ୍ର ପ୍ରସବ ଉପରେ ନିର୍ଭରଶୀଳ । ବଙ୍ଗଳାର ବିଖ୍ୟାତ ଲେଖକ ଶରତ ଚନ୍ଦ୍ରଙ୍କ 'ନାରୀର ମୂଲ୍ୟ' ପୁସ୍ତକରେ ଉଲ୍ଲେଖ ଅଛି ଯେ ନାରୀ କ'ଣ ମହତ ଏବଂ ଉନ୍ନତତର କର୍ମ ପାଇଁ ଉପଯୁକ୍ତ ନୁହନ୍ତି ? ଏପରି ନାରୀଙ୍କର କ'ଣ ଦୃଷ୍ଟାନ୍ତ ନାହିଁ ଯେଉଁମାନେ ସାହିତ୍ୟ, ସଂସ୍କୃତି, କଳା ଇତ୍ୟାଦି ସମସ୍ତ କ୍ଷେତ୍ରରେ ନିଜର ପ୍ରଜ୍ଞା, ସାହସିକତା ଓ ପାରଦର୍ଶିତାର ପ୍ରମାଣ ଦେଇ ପାରିଛନ୍ତି ? ଅନେକ କ୍ଷେତ୍ରରେ ଯଦିବା ନାରୀକୁ ସମ୍ମାନ ଦିଆଯାଇଛି ତେବେ ବୃହତ୍ତର କିଛି ତା'ଠାରୁ ହାସଲ କରିବା ଉଦ୍ଦେଶ୍ୟରେ । ଶଗଡ଼ ଗୁଳାରୁ ଓହରି ଅନ୍ୟ ରାସ୍ତାରେ ଚାଲିବାରେ ଯେପରି ଅସୁବିଧା ପ୍ରଥମେ ହୁଏ, ପିଞ୍ଜରାବଦ୍ଧ ପକ୍ଷୀକୁ ଖୋଲିଦେଲେ ଉଡ଼ିବା ପାଇଁ ସେ ଯେପରି ଛନ୍ଦି ହୁଏ ସେହିପରି ନାରୀ ମଧ୍ୟ ତା' ଜ୍ଞାତସାରରେ ପୁରୁଣା ପଦ୍ଧତିକୁ ଛାଡ଼ିବାକୁ ହୁଏତ ଇଚ୍ଛା କରେନାହିଁ । ତେଣୁ ନାରୀର ସ୍ୱାଧିକାର ଓ ସମ୍ମାନକୁ ନେଇ ସମାଜରେ ଖୁବ୍ ବେଶୀ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ ନାହିଁ ।

ପ୍ରାଚୀନ ସାହିତ୍ୟ ସହିତ ଆଧୁନିକ ସାହିତ୍ୟକୁ ତୁଳନା କଲେ ପାର୍ଥକ୍ୟ ଯଦିଓ ଅନୁଭୂତ ହୁଏ, ତଥାପି ପ୍ରାଚୀନ ଯୁଗରେ ଯେ ନାରୀ ସ୍ୱାଧୀନତା ପ୍ରତି

Digitized by srujanika@gmail.com

ଲେଖକଗଣ ପୂରାପୁରି ନୀରବ ଥିଲେ ଏପରି କୁହାଯାଇ ନପାରେ । ନାରୀ ଦେବୀ ବା ଦାନବୀ ଭାବରେ ଚିତ୍ରିତ ହେଉଥିବା ପୁରାଣ ଯୁଗରେ, ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ଏକ ସାହସିକ ପଦକ୍ଷେପ । ତାଙ୍କ ଲକ୍ଷ୍ମୀଦେବୀ ହୋଇ ନୀରବରେ ପତି ନିର୍ଯ୍ୟାତନା ସହ୍ୟ କରି ନାହାନ୍ତି କି ଦାନବୀ ହୋଇ ସଂହାର ମୂର୍ତ୍ତି ଧାରଣ କରି ନାହାନ୍ତି । ଉପେକ୍ଷିତା ଝିଅ ହୋଇ ବାପ ଘରେ ଆଶ୍ରୟପ୍ରାର୍ଥୀ ହୋଇ ନାହାନ୍ତି କି ନିଜର ଅକ୍ଷମତା ଯୋଗୁ ଭିକ୍ଷା ମାଗି ପେଟ ପୋଷି ନାହାନ୍ତି । ତାଙ୍କର ସ୍ୱାଭିମାନ ଓ ପାରଦର୍ଶିତାରହିଁ ପରିଶେଷରେ ଜୟ ହୋଇଛି । ଜଣେ ପୁରୁଷ ଲେଖକ, ନାରୀ ପ୍ରଧାନ ଅଭିମୁଖ୍ୟ ପୋଷଣ କରିବା ଓ ନାରୀ ପାଖରେ ପୁରୁଷକୁ ନ୍ୟୂନ କରିବାରେ ଓଡ଼ିଆ ସାହିତ୍ୟରେ ଏହା ଏକ ବ୍ୟତିକ୍ରମ କହିଲେ ଅତ୍ୟୁକ୍ତି ହେବ ନାହିଁ । ରବିନ୍ଦ୍ରନାଥଙ୍କ ଚିତ୍ରାଙ୍ଗଦା ଯେହିପରି ଏକ ଚରିତ୍ର ଯିଏ କହିଛନ୍ତି—"ପୂଜା କରି ରଖିବେ ମାଥାୟ ସେ ଓ ଆମି ନଇ, ଅବହେଲା କରି ପୁଷିୟା ରଖିବେ ପିଛେ ସେଓ ଆମି ନଏ ।"

କିନ୍ତୁ ପ୍ରକୃତ ପକ୍ଷରେ ଦେଖିଲେ ଊନବିଂଶ ଶତାବ୍ଦୀରେ ହିଁ ଏହି ଚେତନା ସାହିତ୍ୟ କ୍ଷେତ୍ରରେ ପ୍ରବେଶ କରିଛି । ବାସ୍ତବଧର୍ମୀ ସାହିତ୍ୟ ରଚନା ପରିପ୍ରେକ୍ଷୀତରେ ମାନବେତର ପ୍ରାଣୀ, ଜୀବଜନ୍ତୁ, ପଶୁପକ୍ଷୀ, ଗଛଲତା ଇତ୍ୟାଦି ସାହିତ୍ୟର ପରିସରଭୁକ୍ତ ହେଲେ ଏବଂ କେବଳ ନୀତି, ନ୍ୟାୟ, ଆଦର୍ଶ ନୁହେଁ ମାନବର ବାସ୍ତବଧର୍ମୀ ଦୁର୍ଣ୍ଣଗୁଡ଼ିକ ମଧ୍ୟ ସାହିତ୍ୟରେ ସ୍ଥାନିତ ହେଲା । ଅଭିଜାତରୁ ସାଧାରଣ ପର୍ଯ୍ୟନ୍ତ ଓ ପୁରୁଷରୁ ନାରୀ ପର୍ଯ୍ୟନ୍ତ ସାହିତ୍ୟର ଅନ୍ତର୍ଭୁକ୍ତ ହେଲେ । ଆଧୁନିକ କଥା ସାହିତ୍ୟର ସମ୍ରାଟ ଫକୀର ମୋହନଙ୍କ ସାହିତ୍ୟକୁ ଏ ପ୍ରସଙ୍ଗରେ ଆଲୋଚନା କରଯାଇ ପାରେ । ତାଙ୍କ ଗଳ୍ପ କୃତି ଗୁଡ଼ିକରେ ନାରୀର ଭିନ୍ନ ରୂପ ପ୍ରକାଶ କରିବା ପାଇଁ ସେ ଚେଷ୍ଟା କରିଛନ୍ତି । 'ପେଟେଣ୍ଟ ମେଡ଼ିସିନ'ର ସୁଲୋଚନା ଦେବୀଙ୍କ ଭୂମିକା ପାଠକ ନିକଟରେ ଅଜ୍ଞାତ ନୁହେଁ । ନିଶା ଓ ନାରୀ ପ୍ରତି ଚନ୍ଦ୍ରମଣି ବାବୁଙ୍କର ଥିବା ପ୍ରଚଣ୍ଡ ଦୁର୍ବଳତା ପ୍ରତି ସୁଲୋଚନାଙ୍କର ସାହସିକ ପଦକ୍ଷେପ ନିଶ୍ଚିନ୍ତ ଭାବରେ ପ୍ରଶଂସନୀୟ । ମଦ୍ୟପ ସ୍ୱାମୀଦ୍ୱାରା ଅତ୍ୟାଚରିତ ହୋଇ ନୀରବରେ ସହ୍ୟ କରିବା ନିମନ୍ତେ ନାରୀର ଜନ୍ମ ନୁହେଁ— ଏହାହିଁ ଯେପରି ସମୁଦାୟ ଗଳ୍ପଟିର ନିର୍ଯ୍ୟାସ । ଝାଡୁଣୀ ପ୍ରହାର ପରେ ସୁଲୋଚନା ଦେବୀ ଯେତେବେଳେ ସ୍ୱାମୀ ସେବାରେ ଲାଗିପାଆନ୍ତି ସେତେବେଳେ ନାରୀ ଚରିତ୍ରର ଅପର ଦିଗଟି ଉନ୍ମୋଚିତ ହୁଏ । ତତ୍କାଳୀନ ସମାଜରେ ପ୍ରଚଳିତ କନ୍ୟାସୁନା ପ୍ରଥା ଏକ ଜଘନ୍ୟ କାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଫକୀର ମୋହନଙ୍କ ଦୁଇଟି ଗଳ୍ପ "ବୀରେଇ ବିଶାଳ" ଓ "ମାଧ ମହାନ୍ତିଙ୍କ

Digitized by srujanika@gmail.com

କନ୍ୟାସୁନା" ଉଲ୍ଲେଖନୀୟ ସୃଷ୍ଟି । ଅପ୍ରାପ୍ତ ବୟସ୍କା ବାଳିକା କନ୍ୟାକୁ ଷାଠିଏ ବର୍ଷୀୟ ବୃଦ୍ଧ ସହିତ ଟଙ୍କା ବିନିମୟରେ ବିବାହ ଦେବା ଭଳି ଅମାନୁଷିକ କାର୍ଯ୍ୟ ବିରୁଦ୍ଧରେ ନିଜେ କନ୍ୟା ସ୍ୱର ଉତ୍ତୋଳନ କରିଛି । ରଘବ ପାତ୍ରର କନ୍ୟା କମଳୀ କନ୍ୟାସୁନା ଟଙ୍କାକୁ ଚୁପ୍ତରେ ପେଟରେ ବାନ୍ଧି ଶାଶୁ ଘରକୁ ନେଇ ଯାଇଛି ! ସ୍ଫୀତ ଉଦରକୁ ଦେଖି ଶାଶୁଘର ଗାଁର ଲୋକେ ଆଖି ମିଟିକା ମାରିଛନ୍ତି । ମାତ୍ର କମଳୀ ସେ ସବୁକୁ ଭ୍ରୂକ୍ଷେପ କରି ନାହିଁ ଏବଂ ବାପା ଟଙ୍କା ଫେରେଇ ଆଣିବାକୁ ଗଲାବେଳେ ଗାଁ ଲୋକଙ୍କଠାରୁ ଉଚିତ ଶାସ୍ତି ପାଇଛି । ଚଉଦ ବର୍ଷର କନ୍ୟା ମଧ୍ୟ କୁତ୍ସିତ ସମାଜ ରୀତିର ବିରୁଦ୍ଧାଚରଣ କରିଛି । ଏଥିରୁ ଫକୀର ମୋହନଙ୍କ ସଂସ୍କାର ମନୋଭାବ ସହିତ ନାରୀ ପ୍ରତି ଥିବା ସମ୍ବେଦନଶୀଳତା ତଥା ସମ୍ମାନବୋଧର ପରିଚୟ ମିଳେ । ସେ ସମୟର ସମାଜରେ ନାରୀ ଏତାଦୃଶ ପଦକ୍ଷେପ ନେବା ତା'ର ସାହସିକତାର ପରିଚୟ ଦିଏ । ନନ୍ଦକିଶୋର ବଳଙ୍କର 'ଲକ୍ଷ୍ମୀ' ସମଧର୍ମୀ ଏକ ଗଳ୍ପ ହେଲେ ହିଁ କମଳୀ ଅପେକ୍ଷା ଲକ୍ଷ୍ମୀ ଅଧିକ ସାହସୀ । ବାହା ହୋଇ ଘରୁ ଆସିଲାବେଳେ ସେ କାନ୍ଦି ନାହିଁ । ପୁନଶ୍ଚ ବାପା ଝିଅକୁ ଟଙ୍କା ମଗିବାରୁ ସ୍ପଷ୍ଟ ଭାବେ ଉତ୍ତର ଦେଇଛି ଯେ ସେ ଟଙ୍କା ଯାହାର ତାକୁ ସେ ଫେରେଇ ଦେଇଛି । ଏତେ ଟଙ୍କା ଥିବା ସତ୍ତ୍ୱେ ଝିଅକୁ ବିକି ଟଙ୍କା ନେବା ଭଲ ନୁହେଁ । ଆଜିର ଯୌତୁକ ପ୍ରଧାନ ସମାଜରେ ଶିକ୍ଷିତ ଯୁବକମାନେ ବିକି ହୋଇ କନ୍ୟା ପିତାଠାରୁ ଟଙ୍କା ଆଣିବାକୁ ଗୌରବ ମଣୁଥିବା ବେଳେ କିଶୋରୀ କନ୍ୟାମାନଙ୍କର ସ୍ୱର ଉତ୍ତୋଳନ କରିବା ନିଶ୍ଚୟ ଭାବରେ ପ୍ରଶଂସନୀୟ । ଏପରି ପ୍ରତିକ୍ରିୟାଶୀଳ ନାରୀ ଚରିତ୍ର ଫକୀରମୋହନଙ୍କ କ୍ଷୁଦ୍ରଗଳ୍ପରେ ପ୍ରଥମେ ଦେଖାଦେଇ ନନ୍ଦକିଶୋରଙ୍କ ଲେଖାରେ ବିକାଶ ଲାଭ କରିଛି । 'ରଣ୍ଡୀ ପୁଅ ଅନନ୍ତା'ରେ ଦେବକୀକୁ ଲେଖକ ତ୍ରିଗୁଣ ସମନ୍ୱୀ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଂପୂର୍ଣ୍ଣ ସଫଳ ହୋଇପାରି ନାହାନ୍ତି । ଦେବକୀ ଠେଙ୍ଗା ଧରି ପଣ୍ଡିତଙ୍କ ପଛରେ ମାରିବାକୁ ଧାଇଁ ଯାଏ ଓ ନିଜ ଗ୍ରାମ ରକ୍ଷା ପାଇଁ ଅନନ୍ତାର ଜୀବନ ଦାନର ମହତ୍ତ୍ୱ ଉପଲବ୍ଧି କରି ଗ୍ରାମବାସୀଙ୍କୁ ଦୋଷାରୋପ କରେନାହିଁ । ପୁଣି ପୁତ୍ର ବିଚ୍ଛେଦର ଅସହ୍ୟ ଜ୍ୱାଳା ସହ୍ୟ କରି ନପାରି ନଈ ଗର୍ଭରେ ଆତ୍ମ ବିସର୍ଜନ କରେ । ତଥାପି ତାର ମାନବୀୟ ଗୁଣର ପୁଙ୍ଖାନୁପୁଙ୍ଖତା ନାହିଁ । ଆତ୍ମ ବିସର୍ଜନ ପୂର୍ବରୁ ତା'ର କିଛି ପ୍ରତିକ୍ରିୟା ହୋଇନାହିଁ ? ମାତା ଅଗ୍ନିରେ ପ୍ରବେଶ କରିବା ପରି ଦେବକୀ କ'ଣ ବିକାରହୀନ ଭାବେ ଜଳରେ ନିଜକୁ ସମର୍ପଣ କଲା ? ଫକୀରମୋହନଙ୍କ ଗଳ୍ପରେ ପରଂପରାଧର୍ମୀ କୁସଂସ୍କାରଚ୍ଛନ୍ନ ନାରୀ ଚରିତ୍ରର ମଧ୍ୟ ଅଭାବ ନାହିଁ । ରେବତୀର ଜେଜୀମା, 'ସଭ୍ୟ ଜମିଦାର'ର ଜାମାଣୀଙ୍କ ପରି କେତୋଟି ଚରିତ୍ର ପରଂପରାର

Digitized by srujanika@gmail.com

ପ୍ରତିନିଧିତ୍ୱ କରନ୍ତି । ପୁଣି କୁସଂସ୍କାର ଓ ନିର୍ଜୀବ ପରଂପରାକୁ ବିରୋଧ କରିବାକୁ ନାରୀ ପ୍ରଗତି ଓ ନାରୀଶିକ୍ଷା ନୀତିରେ ଯେଉଁ କେତୋଟି ସ୍ୱେଚ୍ଛାଚାରିଣୀ ନାରୀ ଚରିତ୍ର ପରିଦୃଷ୍ଟ ହୁଏ ତହିଁରେ ସାଧ୍ୟ ଜମିଦାର ଗଳ୍ପକୁ ସ୍ମରଣ କରଯାଇ ପାରେ । ସେ ସମୟର ସମାଜ ଏପରି ଥିଲା ଯେ ଲଜ୍ଜାକୁ କେବଳ ନାରୀ ଉପରେ ଲଦି ଦିଆ ଯାଉଥିଲା । ନୂଆବୋହୂ, ରାତି ବ୍ୟତୀତ ଅନ୍ୟ ସମୟରେ ପଦାକୁ ବାହାରିବା ନିମନ୍ତେ ଅଲବତ୍ ଲଜ୍ଜା କରିବ । ଏସବୁ ସାମାଜିକ କେଣି ବିରୁଦ୍ଧରେ 'ଗାରୁଡି ମନ୍ତ୍ର'ର କିଛିଟା ଭୂମିକା ରହିଛି । ଫକୀର ମୋହନଙ୍କ ଗଳ୍ପରେ କୁସଂସ୍କାରଜନ, ପରଂପରବାଦୀ, ଅସାମାଜିକ ନାରୀ ଚରିତ୍ର ରହିଛନ୍ତି । ପୁଣି ରହିଛନ୍ତି ଏସବୁକୁ ଦୂର କରିବାରେ ପ୍ରୟାସୀ ସଂସ୍କାରକାମୀ ଚରିତ୍ର । ଆଦର୍ଶ ଜନନୀ ଅଛନ୍ତି, ପୁଣି ଅଛନ୍ତି ବାସ୍ତବାନୁଗାମୀ ପତ୍ନୀ ।

ଫକୀର ମୋହନଙ୍କ ସମସାମୟିକ ତଥା ପରବର୍ତ୍ତୀ ସମୟରେ ଯେଉଁ କେତେକଜଣ ଗଳ୍ପ ଲେଖାରେ ମନୋନିବେଶ କରିଥିଲେ ସେମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ନନ୍ଦ, ଦୟାନିଧି ମିଶ୍ର, ଦିବ୍ୟସିଂହ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ମହାପାତ୍ର, ଚାଙ୍କନିଧି ଓଛନାୟକ, ନନ୍ଦକିଶୋର ବଳ ଓ ଚିନ୍ତାମଣି ମହାନ୍ତି ପ୍ରମୁଖ ସ୍ମରଣୀୟ । କିନ୍ତୁ ଏମାନଙ୍କ ସୃଷ୍ଟ ନାରୀ ଚରିତ୍ରଙ୍କ ଭିତରେ ଖୁବ୍ ବେଶୀ ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ । ଏମାନେ ପ୍ରାୟତଃ ଫକୀରମୋହନୀୟ ଢାଞ୍ଚାରେ ଗଳ୍ପ ରଚନା କରିଛନ୍ତି । ଚନ୍ଦ୍ରଶେଖରଙ୍କ ସୌଦାମିନୀ ମଦ୍ୟପ ପତିର ନିର୍ଯାତନା ଓ ଅତ୍ୟାଚାର ସହ୍ୟ କରୁଥିଲା । କିନ୍ତୁ ଶିଶୁ ପୁତ୍ରର ମୃତ୍ୟୁ ପରେ ଅସହ୍ୟ ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ସେ ଆତ୍ମହତ୍ୟା କଲା । ଏଇ ଲେଖକଙ୍କର 'ବାସୀ ଷାରାପିଠା'ରେ ଝିଅ ଗରିବର ପୁଅକୁ ବିବାହ କରିବା ପରେ ମା' ମନ ଦୁଃଖରେ ଆତ୍ମହତ୍ୟା କଲା । ଦୟାନିଧି ମିଶ୍ରଙ୍କ ରଚିତ 'ପ୍ରତାପ ନିର୍ମାଣ'ରେ କଳାପାହାଡ଼ଙ୍କ ଦୁର୍ଗରେ ପ୍ରବେଶ କରିବାରୁ ରାଣୀ ସତୀତ୍ୱନଷ୍ଟ ଭୟରେ ଅନ୍ୟ କେତେଜଣଙ୍କ ସହ ବୈତରଣୀରେ ଝାସ ଦେଲେ । ତାଙ୍କର ଅନ୍ୟ ଏକ ଗଳ୍ପ 'ରୂପର ମୂଲ୍ୟ'ରେ ପ୍ରଣୟୀର ମୃତ୍ୟୁ ଦେଖି ପ୍ରଣୟିନୀ ବିମଳା ବକ୍ଷରେ ଛୁରିକ ଘାତ କଲା । କାନ୍ତକବିଙ୍କ 'ପ୍ରାୟଶ୍ଚିତ୍ତ' ଗଳ୍ପରେ ମାତୃହରା କନ୍ୟା, ବିମାତାର ଅତ୍ୟାଚାରରେ ଅତିଷ୍ଠ ହୋଇ ଆତ୍ମହତ୍ୟା କରିଛି । ଏସବୁ ଗଳ୍ପର ନାରୀଚରିତ୍ର ଉପରେ ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ ଯେ ଏମାନଙ୍କ ପାଖରେ ଅନେକ ଦୁଃଖ, ଯନ୍ତ୍ରଣା ଓ ସମସ୍ୟା ଆସି ପହଞ୍ଚିଛି । ମାତ୍ର ତାହାକୁ ଅତିକ୍ରମ କରିବା ପାଇଁ ନାରୀ ପାଖରେ ଯଥୋଚିତ ସାହସ ଓ ଉପାୟର ଅଭାବ ହେତୁ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି, ସତେ ଅବା ନାରୀର ଲଲାଟର ଲିଖନ ହେଉଛି,

Digitized by srujanika@gmail.com

ଅତ୍ୟାଚାରକୁ ନୀରବରେ ସହ୍ୟ କରିବ କିଂବା ମୃତ୍ୟୁକୁ ବରଣ କରିବ । ଏତଦ୍‌ବ୍ୟତୀତ ନାରୀ ପାଇଁ ବିକଳ୍ପ ପନ୍ଥା କିଛି ନାହିଁ । ଉନବିଂଶ ଶତାବ୍ଦୀର ସମାଜରେ ନାରୀ ତା' ଜୀବନର ସ୍ୱାତନ୍ତ୍ର୍ୟ ଉପଲବ୍ଧି ନକରି କେବଳ ପୁରୁଷର କ୍ରୀଡ଼ନକ ହୋଇ ଜୀବନ ଅତିବାହିତ କରୁଥିଲା । ଏହି ଲେଖକମାନଙ୍କ ମଧ୍ୟରୁ କେହି କେହି ନାରୀଠାରେ ସାହସ ସଞ୍ଚାର କରିବାକୁ ଓ ନୂତନ ଦିଗ୍‌ଦର୍ଶନ ଦେବାକୁ ଇଚ୍ଛା କରିଛନ୍ତି । ଦୟାନିଧି ନାରୀକୁ ପୁରୁଷର କେବଳ ଦାସୀ ରୂପରେ ନ ଦେଖି ସହଧର୍ମିଣୀ ଓ ସହକର୍ମିଣୀ ରୂପରେ ମର୍ଯ୍ୟାଦା ଦେବାରେ ପ୍ରୟାସୀ ହୋଇଛନ୍ତି । ତାଙ୍କ ମତରେ ନାରୀ ପୁରୁଷ ଉଭୟଙ୍କର ସମାଜରେ ସମାନ ଅଧିକାର ରହିଛି । ବାଲ୍ୟ ବିବାହ ଓ ବୈଧବ୍ୟକୁ ଲକ୍ଷ୍ୟ କରି ଏକ ପ୍ରହସନ ମୂଳକ ଗଳ୍ପ କଳିକାଳ ଟୋକାଙ୍କୁ ବଳ ନାହିଁ । ଲେନ୍‌ସ ଲେଖିଛନ୍ତି ଯେ ପୁରୁଷର ପତ୍ନୀ ବିୟୋଗ ହେଲେ ସେ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ମଧ୍ୟ ପତ୍ନୀ ଗ୍ରହଣ କରୁଥିବ । ଏପରି ସ୍ଥଳେ ବାଳିକା କନ୍ୟା ବାଲ୍ୟବିବାହ କରି ବୈଧବ୍ୟ ବ୍ରତ ପାଳନ କରିବ କାହିଁକି ? ଚିନ୍ତାମଣି ମହାନ୍ତିଙ୍କ ରଚିତ 'ସାବିତ୍ରୀ' ଗଳ୍ପରେ ବିଧବା ଜୀବନର ମର୍ମନ୍ତୁଦ ଜୀବନର ଆଲେଖ୍ୟ ଅଙ୍କିତ ହୋଇଥିଲେ ମଧ୍ୟ ସାହସର ସହିତ ଶ୍ୱଶୁର ଘରକୁ ଯାଇ ଗ୍ରାମବାସୀଙ୍କ ସାହାଯ୍ୟରେ ଜମି ଦଖଲ କରିଛି । ପରିଶେଷରେ ତା' ମୃତ୍ୟୁପରେ ସମସ୍ତ ସମ୍ପତ୍ତି ଠାକୁର ପାଇବାର ବ୍ୟବସ୍ଥା କରିଛି ପଛକେ ସାହସର ସହିତ ସମସ୍ୟାର ମୁକାବିଲା କରି ଦାବୀ ସାବ୍ୟସ୍ତ କରିବାରେ ପଛେଇ ନାହିଁ । ଏପରି କେତେକ ଗଳ୍ପରେ ନାରୀ ମର୍ଯ୍ୟାଦା ରକ୍ଷାପ୍ରତି ଲେଖକମାନଙ୍କର ସଚେତନତା କିଞ୍ଚିତ୍ ବୃଦ୍ଧି ପାଇବାର ଲକ୍ଷ୍ୟ କରଯାଏ । ନଚେତ୍ ପୂର୍ବଭଳି ପ୍ରତିବାଦ ଶୂନ୍ୟା ନାରୀ କେବଳ ଅଶ୍ରୁ ବିସର୍ଜନ କରିଛି, ଠାକୁରଙ୍କୁ ପ୍ରାର୍ଥନା କରିଛି କିଂବା ଆତ୍ମହତ୍ୟା କରିଛି ।

ଏହାର ପରବର୍ତ୍ତୀ ସମୟର ଗାଳ୍ପିକମାନଙ୍କ ମଧ୍ୟରେ ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଭଗବତୀ ଚରଣ ପାଣିଗ୍ରାହୀ, ଅନନ୍ତ ପ୍ରସାଦ ପଣ୍ଡା, ସଚ୍ଚି ରାଉତରାୟ, ନିତ୍ୟାନନ୍ଦ ମହାପାତ୍ର ଓ ଗୋପୀନାଥ ମହାନ୍ତି ପ୍ରମୁଖ ଉଲ୍ଲେଖନୀୟ, ଭଗବତୀ ଚରଣ ପାଣିଗ୍ରାହୀ ଓ ସଚ୍ଚି ରାଉତରାୟଙ୍କ ପରି କେତେକଙ୍କର ଲେଖାରେ ପ୍ରତିବାଦ ଓ ପ୍ରତିକ୍ରିୟାଶୀଳତାର ସ୍ପଷ୍ଟ ସୂଚନା ମିଳୁଥିଲେହେଁ ତତ୍‌କାଳୀନ ଅନ୍ୟମାନଙ୍କ ଲେଖା ପ୍ରାୟ ପୂର୍ବଭଳି ବାଲ୍ୟବିବାହ, ବୈଧବ୍ୟ ଜୀବନର ସାମାଜିକ ଚଳଣି ଓ କନ୍ୟାସୁନା ଇତ୍ୟାଦି ନାରୀସମସ୍ୟା ଉପରେ ଆଧାରିତ । ଗୋଦାବରୀଶ ମିଶ୍ରଙ୍କ 'ପରାଧୀନ' ଗଳ୍ପର ସରୋଜିନୀ ଆଧୁନିକ ଶିକ୍ଷାପ୍ରାପ୍ତ । ଲେଖକଙ୍କ ମତରେ ନାରୀକୁ

Digitized by srujanika@gmail.com

ସମାଜରେ ପ୍ରତିଷ୍ଠା ଅର୍ଜନ କରିବାକୁ ହେଲେ ପ୍ରଥମେ ଶିକ୍ଷିତା ହେବାକୁ ହେବ । ଗୋଦାବରୀଶ ମହାପାତ୍ରଙ୍କୁ ନାରୀ ସମାଜର ଦୁରବସ୍ଥା ପ୍ରଭାବିତ କରିଛି, 'ମୋ' ଦରିଦ୍ର, ପୁଣି ଅସହାୟା, ତେଣୁ ଧନୀ ଯୁବକମାନଙ୍କଠାରୁ ସାହାଯ୍ୟ ସହାନୁଭୂତି ପାଇ ମନ ସ୍ୱତଃ ଆକୃଷ୍ଟ ହୋଇଛି ଓ ସମାଜର ଚଳନ୍ତି ପଥରୁ ସେ ବିଚ୍ୟୁତ ହୋଇଛି । ଏହା କ'ଣ ସ୍ୱାଭାବିକ ନୁହେଁ ? ନାରୀ ହେଲା ବୋଲି ସେ ସମସ୍ତ ପ୍ରବୃତ୍ତିକୁ ଦମନ କରିବାକୁ, ସମସ୍ତ ଅଭାବ ଅସୁବିଧାକୁ ସହ୍ୟ କରିବାକୁ ବାଧ୍ୟ ? ତେବେ ସମାଜ ସେଥିପାଇଁ ତାକୁ ନିନ୍ଦା କରିବ କାହିଁକି ? ତାହାରି ମାର୍ମିକ ପ୍ରତିଲିପି ଅଙ୍କିତ ହୋଇଛି 'ପତିତାର ଧର୍ମ' ଗଳ୍ପରେ କାଳିନ୍ଦୀ ଚରଣଙ୍କ 'ନିୟତିର କ୍ରୀଡ଼ା' ସମଧର୍ମୀ ଏକ ଗଳ୍ପ । ସୁରମା ବିଧବା ଓ ସମାଜ ପରିତ୍ୟକ୍ତା । ମାତ୍ର ସେ ନାରୀ । ଜନନୀତ୍ୱରେ ତା' ଜୀବନର ପୂର୍ଣ୍ଣତା । ସନ୍ତାନ ଅନ୍ୱେଷଣ କରିକରି ସେ ତା'ର ମାନସିକ ଭାରସାମ୍ୟ ହରାଇ ହୋଇଛି ପାଗଳିନୀ । ପୁରୁଷ ପରି ସମାଜଠାରୁ ଅନୁମୋଦନ ପାଇଥିଲେ ସେ କ'ଣ ପାଗଳ ହୋଇଥାନ୍ତା ? ଅନନ୍ତ ପ୍ରସାଦ ପଣ୍ଡାଙ୍କ ଲେଖାରେ ପୂର୍ବବର୍ତ୍ତୀ ଅନ୍ୟାନ୍ୟ ଲେଖକମାନଙ୍କ ପରି ନିନ୍ଦନୀୟ କନ୍ୟାସୁନା ପ୍ରଥା ଏବଂ ବୃଦ୍ଧ ସହିତ ବାଳିକାର ବିବାହ ଓ ତା'ର କରୁଣ ପରିଣତିର ବର୍ଣ୍ଣନା ରହିଛି । ଧରାବନ୍ଧା ନିୟମ ଭିତରେ ରହିବାରେ ନାରୀ ଏପରି ଅଭ୍ୟସ୍ତ ହୋଇ ପଡ଼ିଛି ଯେ ସୁଯୋଗ ଆସିଲେ ମଧ୍ୟ ଭୟ ଯୋଗୁଁ ସେ ତାହାକୁ ଛାଡ଼ି ପାରେ ନାହିଁ, 'ଅତୃପ୍ତ ବାସନା'ରେ ସେହିପରି ଘଟିଛି । ଶିକ୍ଷିତ ଯୁବକ ଉପେନ୍ଦ୍ରର ସମର୍ଥନ ସତ୍ତ୍ୱେ ବିଧବା ସରଳା ପୁନର୍ବିବାହ ପାଇଁ ସାହସ ପାଉ ନାହିଁ । ନିତ୍ୟାନନ୍ଦ ମହାପାତ୍ର ମାନବ ସଂବେଦୀ ସମାଜ ସଚେତନ ଜଣେ ଗାଳ୍ପିକ । ତେଣୁ ନାରୀ ନିର୍ଯ୍ୟାତନାକୁ ରୂପ ଦେଇଛନ୍ତି 'ଲୁକ' ଗଳ୍ପରେ । ଏତଦ୍‌ ବ୍ୟତୀତ ନାରୀର ମନସ୍ତତ୍ତ୍ୱ ଚିତ୍ରଣରେ ମଧ୍ୟ ଲେଖକ ସଫଳତା ଲାଭ କରିଛନ୍ତି । ବାତ୍ସଲ୍ୟ ମମତାରେ ନାରୀ ମନ ଉବୁଟୁବୁ ହୁଏ ସତ । ମାତ୍ର ନିଜର ଜନ୍ମିତ ସନ୍ତାନକୁ ଯେଉଁ ଦୃଷ୍ଟିରେ ଦେଖେ ଅନ୍ୟର ପିଲାକୁ ସେପରି ଭାବରେ ପ୍ରାୟ ଗ୍ରହଣ କରିପାରେ ନାହିଁ । 'ଖୁଡ଼ୀ'ରେ ବାପା ମା ଛେଉଣ୍ଡ ପିଲା ପ୍ରତି ନାରୀଟି ଯେଉଁ ବ୍ୟବହାର ଦେଖାଇଛି ତହିଁରୁ ନାରୀ ମନର ଅନ୍ଧାର ଦିଗଟି ବେଶ୍‌ ସୂଚିତ ହୋଇଛି । ଏହି ଗାଳ୍ପିକମାନଙ୍କ ମଧ୍ୟରେ ଭଗବତୀ ଚରଣ ପାଣିଗ୍ରାହୀ ନାରୀ ଚରିତ୍ରଠାରେ ଯେପରି ପ୍ରତିକ୍ରିୟା ସୃଷ୍ଟି କରିଛନ୍ତି ତାହା ତତ୍କାଳୀନ ସମାଜରେ ଏକ ବ୍ୟତିକ୍ରମ । ବୃନ୍ଦା ଗୁଜରାଣୀ ତା'ର ମାଲିକକୁ ନିର୍ଦ୍ଦୟଭାବେ କହେ କାହାକୁ କାହିଁକି ଡରିବି ? ହକ୍ ଖଟୁଛି, ତାହି ପାଉଣା ନେଉଛି । ଫକୀର ମୋହନଙ୍କ ସମୟର ଚାକର, ମୂଲିଆ, କୋଠିଆମାନଙ୍କ ସହିତ ତୁଳନା କଲେ ପାର୍ଥକ୍ୟ ସହଜରେ ଅନୁଭୂତ ହୁଏ । ମଙ୍ଗରାଜଙ୍କ ଚାକର ମୂଲିଆମାନେ କାମରୁ

Digitized by srujanika@gmail.com

ଆସି ଭାତ ଖାଇବା ପୂର୍ବରୁ ତୋରଣୀ ପିଇବାକୁ ବାଧ୍ୟ । ଦରିଦ୍ର ପ୍ରହାର ବିଲରୁ ଯାଆନ୍ତେ ତଳି ଉପାଡ଼ି ନେଲେ ମଧ୍ୟ ସେ ପାଟି ଫିଟାଏ ନାହିଁ । ଏଠାରେ ବୃଦ୍ଧା ଗ୍ୱକରଣୀଟି କିଂତୁ ପ୍ରତିବାଦ କରିପାରେ । ଗାର୍ହ୍ସିକ ପାଣିଗ୍ରାହୀ ନାରୀର ସ୍ଖଳନକୁ ମଧ୍ୟ ଉଦାର ଦୃଷ୍ଟିରେ ଦେଖିଛନ୍ତି । ଜୀବନ ସହିତ ସଂଗ୍ରାମ କରୁକରୁ ହୁଏତ କଳଙ୍କ ତାକୁ ଛୁଇଁଛି । କିନ୍ତୁ ଲେଖକ ତାକୁ କଳଙ୍କ ନକହି ଯୁଦ୍ଧର ବ୍ରଣ ଚିହ୍ନ ବୋଲି କହିଛନ୍ତି । 'ଜୀବନର ସମାଧି' ଗଳ୍ପରେ ନିମ୍ନବର୍ଗର ବ୍ୟକ୍ତି, ନାରୀ ତଥା ଗ୍ୱକରମାନଙ୍କ ମୁହଁରେ ଭାଷା ଓ ମନରେ ସାହସ ଆଣିବା ପାଇଁ ଲେଖକ ବିଭିନ୍ନ ଚରିତ୍ରର ଅବତାରଣା କରିଛନ୍ତି । ଅନେକ ସ୍ଥଳରେ ବର୍ଣ୍ଣନା ଚେଷ୍ଟାକୃତ ଓ ଉଦ୍ଦେଶ୍ୟମୂଳକ ହୋଇଥିଲେ ମଧ୍ୟ ସମାଜର ପ୍ରଗତିରେ ସହାୟକ ହୋଇଛି । ସଚ୍ଚିଦାନନ୍ଦ ରାଉତରାୟ ଜଣେ ପ୍ରଗତିବାଦୀ କବି । ତେଣୁ ତାଙ୍କ ଗଳ୍ପ କବିତାରେ ବାସ୍ତବବାଦୀ ଦୃଷ୍ଟି କୋଣରୁ ନାରୀ ଚରିତ୍ରକୁ ସେ ଅନୁଧ୍ୟାନ କରିଛନ୍ତି । ପୁନଶ୍ଚ ନାରୀର ମନସ୍ତତ୍ତ୍ୱ ବିଶ୍ଳେଷଣରେ ସେ ଜଣେ ସଚେତନ ଶିଳ୍ପୀ । ନାରୀ ଅନ୍ୟ ଜଣେ ନାରୀର ପ୍ରଶଂସା ସହଜରେ ଗ୍ରହଣ କରି ପାରେନାହିଁ । ପୁଣି ସେ ଯଦି ତା'ର ପ୍ରତିଦ୍ୱନ୍ଦୀ ହୋଇଥାଏ, ତେବେ ଆହୁରି ଅଧିକ ଈର୍ଷାକାତର ହୋଇଉଠେ । 'ଗଳ୍ପ ନୁହେଁ'ରେ ବାରନାରୀ ରାଧି ପାଖକୁ ଆସେ କୁଲି କୁଞ୍ଜିଆ, ଅଥଚ ରାଧି ଭିତରେ ତା' ସ୍ତ୍ରୀ ଗଉରୀକୁ ଦେଖିବାକୁ ପାଏ । 'କୁଞ୍ଜିଆ ମୁହଁରୁ ଏହା ଶୁଣି ରାଧି ସ୍ପଷ୍ଟ ଭାବରେ ପ୍ରକାଶ କରେ ଯେ ସେ ବାରନାରୀ ହୋଇପାରେ, ମାତ୍ର କାହାର ଛାଇ ନହୋଇ ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବାକୁ ଗ୍ୱହେଁ । ଲେଖକ ପ୍ରତିପାଦନ କରିବାକୁ ଗ୍ୱହିଁଛନ୍ତି ଯେ ନାରୀ ଅନ୍ୟର ପ୍ରଶଂସା ସହ୍ୟ କରେ ନାହିଁ । ଅଥଚ ଜଣେ ପୁରୁଷ ପାଖରେ ଆଉ ଜଣେ ପୁରୁଷର ସିଧା ସଳଖ ପ୍ରଶଂସା କରେ । ନାରୀ ବୁଝେ ପୁରୁଷଠାରୁ କାମ ହାସଲ କରିବାପାଇଁ ଏହା ଏକ ଅମୋଘ ଅସ୍ତ୍ର, କାରଣ ନାରୀର ପ୍ରଶଂସାରେ ନାରୀତ୍ୱ ଯେତେ ଆଘାତ ପାଏ ତା'ଠାରୁ ସତ ଗୁଣେ ଲାଞ୍ଛିତ ହୁଏ ପୌରୁଷ । 'ମଲ୍ଲିକଉଁ' ଗଳ୍ପରେ ଦୁନବୀ, ଲୋଚନାଠାରୁ କିଛି ପାଇବା ଉଦ୍ଦେଶ୍ୟରେ ତାଙ୍କ ସାହି ବନାର ଉଲ୍ଲୁଗୁଣା ଦେଉଛି । ଏହା ନାରୀ ଚରିତ୍ରର ଅନ୍ୟ ଏକ ଦିଗ । ଏଇ ଲେଖକଙ୍କର 'ମାଟିର ତାଜ' କ୍ଷୁଦ୍ରଗଳ୍ପରେ ଫ୍ରଏଡ଼୍'ସ ମନୋବିଜ୍ଞାନର ଚିତ୍ର ଦେଖିବାକୁ ମିଳେ । ନାରୀର ଅବଚେତନ ମନରେ ଥିବା ଅତୃପ୍ତ ଯୌନ ପିପାସା କିପରି ପ୍ରତିକ୍ରିୟା ସୃଷ୍ଟି କରେ ଉକ୍ତ ଗଳ୍ପରେ ତାହାରି ଚିତ୍ର ପ୍ରକଟିତ ହୋଇଛି । ଜଣେ ମାନବ ସଂବେଦୀ କଥାକାର ଭାବରେ ଗୋପୀନାଥ ମହାନ୍ତିଙ୍କର ଖ୍ୟାତି ରହିଛି । ତେଣୁ ନାରୀର ସାମାଜିକ ଓ ମାନସିକ ସ୍ଥିତିର ଚିତ୍ର ତାଙ୍କ ଗଳ୍ପରେ ଅଧିକ ଜୀବନ୍ତ । ମାତୃତ୍ୱ ଆଶାୟୀ ନାରୀର ମନସ୍ତାତ୍ତ୍ୱିକ ଚିତ୍ର ଉତ୍କୀର୍ଣ୍ଣ ହୋଇଛି 'ନୀଳିମାର କବର' ଗଳ୍ପରେ, ମାତୃତ୍ୱ ଲାଭ ନିମନ୍ତେ ନାରୀର ଆଦିମ ଆକାଂକ୍ଷାକୁ ଅଗ୍ରାଧିକାର ଦେଇ ବାଛି ରଖିଲେବି

Digitized by srujanika@gmail.com

ସୁଯୋଗ ପାଇଲେ ବେଳେବେଳେ ଉର୍ଙ୍କି ମାରେ, ଜୀବନର ତିରିଶ ବର୍ଷ ଅତିକ୍ରାନ୍ତ ହେଲାପରେ ପୁଣି ତା ମନରେ ଜାଗ୍ରତ ହୋଇଛି ମାତୃତ୍ୱର ଅଭୀପ୍‌ସା । କେତେ କୁମାରୀ କନ୍ୟାଙ୍କର ଆଶାର କୁସୁମ ଫୁଟି ଏମିତି ପର୍ଯ୍ୟୁସିତ ହେଉଛି । ସମାଜ ଏହାର କି ପ୍ରକାର ସମାଧାନ ଅବା କରିପାରିଛି ? ସ୍ୱାଧୀନତା ପୂର୍ବବର୍ତ୍ତୀ ଗଳ୍ପ ସାହିତ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଲେଖକଗଣ ନାରୀର ସମସ୍ୟା ପ୍ରତି ସଚେତନ ହୋଇଛନ୍ତି । ପୁଣି ପ୍ରୟାସୀ ହୋଇଛନ୍ତି ନାରୀର ମନୋବିଶ୍ଳେଷଣ କରିବା ଦିଗରେ । ଏ ସତ୍ତ୍ୱେ ପୁରୁଷ ପ୍ରଧାନ ସମାଜର ଚିତ୍ର ଅଧିକ ସ୍ଥାନ ପାଇଛି ଓ ନାରୀ ସ୍ୱାତନ୍ତ୍ର୍ୟ ପ୍ରତି ଶଂସୟ ରହିଛି ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଅଖିଳ ମୋହନ ପଟ୍ଟନାୟକ ସୁରେନ୍ଦ୍ର ମହାନ୍ତି, କିଶୋରୀ ଚରଣ ଦାସ, ମନୋଜ ଦାସ, ଶାନ୍ତନୁ ଆଚାର୍ଯ୍ୟ, ମହାପାତ୍ର ନୀଳମଣି ସାହୁ, ବୀଣାପାଣି ମହାନ୍ତି ଓ ପ୍ରତିଭା ରାୟ ଇତ୍ୟାଦି ବହୁ ଗାଳ୍ପିକ ଗଳ୍ପ ରଚନାରେ ମନୋନିବେଶ କରିଛନ୍ତି । ସେମାନଙ୍କ ଲେଖାରୁ ଚରିତ୍ରମାନଙ୍କର ମନଗହନର କଥା ଏବଂ କେଉଁ ପରିସ୍ଥିତିରେ କେଉଁ କାର୍ଯ୍ୟ କରିବା ପାଇଁ ମଣିଷ କିପରି ବାଧ୍ୟ ହେଉଛି ସେସବୁର ବାସ୍ତବ ଚିତ୍ର ଦେଖିବାକୁ ମିଳେ । ଅଖିଳ ମୋହନଙ୍କ ଗଳ୍ପରେ ପୁରୁଷ ଅପେକ୍ଷା ନାରୀ ଅଧିକ ସମ୍ବେଦନଶୀଳ, ସ୍ୱପ୍ନପ୍ରବଣ । ନାରୀ କେତେବେଳେ ଜୀବନ ଅପେକ୍ଷା ପ୍ରେମକୁ ଅଧିକ ସ୍ୱୀକାର କରିଛି, କେତେବେଳେ ଅବା ଯୌନସର୍ବସ୍ୱ ପ୍ରବୃତ୍ତି ମଧ୍ୟରେ ନାରୀ ଧରାଦେଇଛି । ପୁରୁଷ ପ୍ରଧାନ ସମାଜରେ ନାରୀ ତା'ର ସତ୍ତାକୁ ପୁରୁଷଠାରେ ହଜାଇ ଦେବାର ମହତ୍ତ୍ୱ ହୁଏତ ଅନୁଭବ କରିନାହିଁ । ଆଉ କେତେବେଳେ ସର୍ବତୋଭାବେ ଆତ୍ମସମର୍ପଣ କରିବାକୁ ଛଟପଟ ହୋଇ ଉଠିଛି । "ଝଡ଼ର ଈଗଲ ଓ ଧରଣୀର କୃଷ୍ଣସାର", "ପୌଷର ଗୋଟିଏ ରାତ୍ରି", "ଅହଲ୍ୟାର ଇତିବୃତ୍ତ", "ସୁକାନ୍ତ ମହାନ୍ତି" ଇତ୍ୟାଦି ଗଳ୍ପ ଗୁଡ଼ିକରୁ ତାହାର ପ୍ରମାଣ ମିଳେ । ବିବାହିତା ନାରୀ ନିହାରିକା ଆଶ୍ରୟରେ ନିଶ୍ୱାସ ନିଏ । ସ୍ୱାମୀ ଘରେ ନଥିବାରୁ ଆଜି ସେ ପ୍ରେମିକ ସହିତ ନିର୍ବିଘ୍ନରେ ରାତ୍ରି ଯାପନ କରିପାରିବ (ପୌଷର ଗୋଟିଏ ରାତ୍ରି) । ସୁମିତ୍ରା, ଶ୍ରୀକାନ୍ତକୁ ଗୋଟାସୁଦ୍ଧା ଆୟତ୍ତ କରିବାକୁ ଚାହେଁ । ମାତ୍ର ପ୍ରକାଶ କରେ ନାହିଁ । ଅପର ପକ୍ଷରେ ପିଠିରେ ବୋହି ନେଉଥିବା ମାଙ୍କଡର କଲିଜାଟାକୁ ଏକାଥରକେ ଗିଳି ଦେବାକୁ ଇଚ୍ଛା କରୁଥିବା ହିଂସ୍ର କୁମ୍ଭୀର ହେଉଛି ଶ୍ରୀକାନ୍ତ । କଲିଜା ସହିତ ଦେହକୁ ଅର୍ପଣ କରିବାକୁ ମର୍କଟ ସୁମିତ୍ରାତ ଅପେକ୍ଷା କରିଥିଲା ବହୁ ଦିନରୁ । ପ୍ରେମର ଏ ଛକାପଂଝା ଲୁଚକାଳି ଖେଳ ମଧ୍ୟରେ ସୁମିତ୍ରା'ର ଅନୁରୋଧ

Digitized by srujanika@gmail.com

ଶ୍ରୀକାନ୍ତଙ୍କୁ ପ୍ରଭାବିତ କରିଛି (ଅହଲ୍ୟାର ଉଦ୍‌ବୃତ୍ତ)। ପୁରୁଷର ଇଚ୍ଛା ଅନୁସାରେ ସବୁ ନାରୀ ନିଜକୁ ବିଆଡ଼ି କରନ୍ତି ନାହିଁ। ନାରୀର ମଧ୍ୟ ସ୍ୱାତନ୍ତ୍ର୍ୟ ଅଛି, ରୁଚି ଅଛି। ତେଣୁ ଉଭୟ ଉଭୟଙ୍କୁ ନିବିଡ଼ ଭାବରେ ଭଲ ପାଇବା ସତ୍ତ୍ୱେ ସୁଜାତା ଓ ଶ୍ରୀକାନ୍ତ ଏକାଠି ସଂସାର ବାନ୍ଧି ପାରନ୍ତି ନାହିଁ। ସତେ ଅବା ପୁରୁଷକୁ ତିଳ ତିଳ ଦଗ୍‌ଧ କରିବାରେ ନାରୀର ଆନନ୍ଦ। ପର ମୁହୂର୍ତ୍ତରେ ଦୂରରେ ଥାଇ ପ୍ରେମକୁ ଆସ୍ୱାଦନ କରିବାର ନିଶା ସୁଜାତାର କଟିଯାଏ। ନାରୀର ନରମ ତ୍ୟାଗପୂତ ମନ ନେଇ ପୁଣି ସେ ଗୃହେଁ ପ୍ରବେ। ସମୟର ସ୍ରୋତରେ ସେମାନେ ଏକାଠି ହୁଅନ୍ତି ନାହିଁ (ଝଡ଼ର ଛାଇ ଓ ଧରଣୀର କୃଷ୍ଣସାର)। ନାରୀର ପ୍ରଣୟିନୀ ସତ୍ତା ସହିତ ରୂପର ମଦକୁ ମାପି ମାପି ବିକୁଥିବା ନାରୀ (ସୁକାନ୍ତ ମହାନ୍ତି) କନ୍ୟା ବିଚ୍ଛେଦରେ ଅଧିର ମଞ୍ଜୁର ମା (ତିମିରି ଫୁଲ), ସ୍ୱାମୀର ସମସ୍ତ ଅନ୍ୟାୟ, ଅତ୍ୟାଚାରକୁ ମାନି ନେଇଥିବା 'ରେନା' (ପୁଷ୍ପଧନୁ) ଇତ୍ୟାଦି ଅନେକ ଚରିତ୍ରରେ ନାରୀର ବିଭିନ୍ନ ବ୍ୟକ୍ତିତ୍ୱକୁ ଦେଖିହୁଏ।

କିଶୋରୀ ଚରଣଙ୍କର 'ଭଙ୍ଗା ଖେଳନା', 'ମଣିହରା', 'ଶୀତ୍କାର' 'ବଡ଼ଅପା', 'ଜିଘାଂସା', 'ଦଶହରାରୁ ଦିଅଲି ଯାଏ' ଓ 'ଠାକୁର ଘର' ଇତ୍ୟାଦି କେତେକ ଗଳ୍ପରେ ନାରୀ ମନର ଅନ୍ଧାରୀ କୋଣଗୁଡ଼ିକ ଲେଖକଙ୍କ ନିରୀକ୍ଷାର ଆଲୋକରେ ଉଦ୍‌ଭାସିତ ହୋଇ ଉଠିଛି। ଅବଶ୍ୟ କେତେ ଜାଗାରେ ଯେ ଛାପିଛାପିକା ଅନ୍ଧାର ଓ ଅଳନ୍ଧୁ ରହି ନଯାଇଛି ଏପରି ନୁହେଁ। ତେବେ ନାରୀ ମନସ୍ତତ୍ତ୍ୱ ଉପରେ ଆଧାରିତ ଅନେକ ଗଳ୍ପ ସଫଳତା ଲାଭକରିଛି। କିନ୍ତୁ କିଶୋରୀ ଚରଣ ଯୌନାଭିଳାଷ ମଧ୍ୟରେ ଅଧିକାଂଶ ନାରୀକୁ ଦେଖିଛନ୍ତି। ସ୍ୱାମୀ ପାଖରେ, ପ୍ରେମିକ ପାଖରେ କିମ୍ବା କେବଳ ସେକ୍‌ସ ପାଖରେ ନାରୀର ସ୍ୱରୂପ ଉଦ୍‌ଘାଟନରେ ପ୍ରୟାସୀ ହୋଇଛନ୍ତି। ଶୋଭନା ଦେଶାଇ ପରି କେଉଁ ନାରୀ, ପୁରୁଷ-ସାନିଧ୍ୟ ଆଶାୟୀ ତ ସୁମତି ପରି ଆଉ କିଏ ସେଥିପ୍ରତି ପୂରାପୂରି ନିସ୍ପୃହ। 'ସଂଚିତାର ଭଉଣୀ (କୁଆପଥର) କୁଆପଥର ମାଡ ଓ ବର୍ଷା ପାଗରେ ଅମିତ-ଅସ୍ଥିରତା ଅନୁଭବ କରେ ସ୍ୱାମୀ ଘରକୁ ଫେରିବାର ବିଳମ୍ବ ଦେଖି। ଅଥଚ ସୁଲକ୍ଷଣା ପରି ଆଉ କେଉଁ ସମାଜସେବୀ ନାରୀ, ସ୍ୱାମୀ ଓ ସନ୍ତାନକୁ ଉପେକ୍ଷା କରି ସମାଜ ସେବାରେ ନିଜକୁ ହଜାଇ ଦିଏ। ତା'ର ମନସ୍ତତ୍ତ୍ୱ ସମ୍ଭବତଃ ଏଇଆ ଯେ ନାରୀ କେବଳ ସ୍ୱାମୀ, ସନ୍ତାନର ସେବାପାଇଁ ଜନ୍ମ ନୁହେଁ, ପୁରୁଷ ପରି ନାରୀ ମଧ୍ୟ ସବୁ କାର୍ଯ୍ୟ କରିପାରେ। ପୁଣି ପାଠକକୁ ଆଶ୍ଚର୍ଯ୍ୟ ଭାବେ ଆକୃଷ୍ଟ କରେ ଯେ ଦେହ ଭିତରର ଆହ୍ୱାନରେ ଆଇ:ଏ ଏ ସ୍: ଅଫିସରଙ୍କ ପରି କେତେ ଯୁବକଙ୍କ ପାଖକୁ ମଧ୍ୟ ଆଉଜି ଯାଏ। ଅନ୍ୟତ୍ର

Digitized by srujanika@gmail.com

ନିଜେ ଆଇ.ଏ.ଏସ୍. ଅଫିସର ସଂଚିତାର ବିବାହ ଓ ଘଟେ ତାଂହାର ପ୍ରତି ନାକଟେକାହେବ ସତ୍ତ୍ୱେ ଅନ୍ଧର ଗ୍ରାଜୁଏଟ୍ ଶ୍ରେଣୀର ଛାତ୍ର ଓ ଆହୁରି ଅନେକଙ୍କ ସହିତ ରହିଛି ସାନିଧ୍ୟ । ଅନ୍ୟର ଦୁର୍ଗୁଣ ସମ୍ପନ୍ନା ଶିକ୍ଷିତା ନାରୀ ସାବିତ୍ରୀ ବିବାହ ହୋଇ ନପାରି ଦୁଃଖରେ ସମୟ କାଟେ । ଆଧୁନିକ ସମାଜରେ ଏସବୁ ନାରୀ ଚରିତ୍ର ଗୋଟିଏ ଗୋଟିଏ ଦିଗ । ସନ୍ତାନ ବିଧୁର ନିର୍ମଳାଦେବୀ (ନଇହର)ଙ୍କ ଠାରେ ପାଠକେ ସନ୍ଧାନ ପାଏ ନାରୀର ଏକ ସମନ୍ୱିତ ରୂପ । ପରିସ୍ଥିତିର ଚାପରେ ସ୍ୱାମୀ, ସନ୍ତାନ ଓ ସେକ୍ସ ପ୍ରତି ଥିବା ଅନାକୃଷ୍ଟଭାବ ପରିଶେଷରେ କିପରି ପରିବର୍ତ୍ତିତ ହୋଇପାରେ ତାହାର ଏକ ଚମତ୍କାର ମନସ୍ତାତ୍ତ୍ୱିକ ଚିତ୍ର ମିଳେ ନିର୍ମଳା ଦେବୀଙ୍କ ଚରିତ୍ରରୁ ।

ଓଡ଼ିଆ ସାହିତ୍ୟର ଐତିହ୍ୟମନ୍ତ ଗାଳ୍ପିକ ମନୋଜ ଦାସ ପ୍ରତ୍ୟକ୍ଷ ଭାବରେ ନାରୀ ଚରିତ୍ର ଚିତ୍ରଣ ଉପରେ ଖୁବ୍ ବେଶୀ ଗୁରୁତ୍ୱ ଦେଇଛନ୍ତି ବୋଲି କୁହାଯାଇ ନପାରେ । ବରଂ ପୁରୁଷ ଚରିତ୍ର ତାଙ୍କ ଗଳ୍ପରେ ଅଧିକ ସ୍ଥାନ ଅଧିକାର କରିଛନ୍ତି । କିନ୍ତୁ ଯେଉଁ କେତୋଟି ନାରୀ ଚରିତ୍ର ତାଙ୍କ ଲେଖନୀରୁ ଜନ୍ମଲାଭ କରିଛନ୍ତି ସେଗୁଡ଼ିକ ଖୁବ୍ ସ୍ୱାଭାବିକ, ଆବେଗ ପ୍ରବଣ, ହୃଦୟସ୍ପର୍ଶୀ ସଫଳ ସୃଷ୍ଟି । ଏ ସମାଜରେ ନାରୀର ଜୀବନ ସମସ୍ୟାସଂକୁଳ ଓ ଅସହାୟ । 'ସମୁଦ୍ରର କ୍ଷୁଧା'ରେ ପୁରୁଷର କ୍ଷୁଧା ପାଖରେ ନାରୀର ଅସହାୟତାକୁ ବର୍ଣ୍ଣନା କରାଯାଇଛି । ସେଥିପାଇଁ ସମାଜ ଏପର୍ଯ୍ୟନ୍ତ କୌଣସି ସଫଳ ବ୍ୟବସ୍ଥା କରି ପାରିନାହିଁ । କେବଳ ପୁରୁଷର ଆକ୍ରମଣରୁ ନୁହେଁ, ବିଭିନ୍ନ ଦିଗରୁ ନାରୀ ସମାଜରେ ଅସହାୟ । ସୁମିତା (ବିୟୋଗାନ୍ତକ) ମିସେସ୍ ମିତ୍ତି (ଆରଣ୍ୟକ) ଓ ଅନୁ (ଏକ ଶ୍ରେଣି ବୃତ୍ତାନ୍ତ) ଇତ୍ୟାଦିଙ୍କ ଚରିତ୍ରରୁ ଏହାର ଦୃଷ୍ଟାନ୍ତ ମିଳେ । 'କନ୍ୟାହରଣ'ରେ ରାଜପୁତ୍ରର ଅକୃତ୍ରିମ ପ୍ରେମର ମହତ୍ତ୍ୱ ବୁଝି ନପାରି ପୁତ୍ରର ପ୍ରଣୟିନୀ, କାଠୁରିଆ କନ୍ୟାକୁ ରାଜ ପରିବାର ପାଇଁ ଉପଯୁକ୍ତ କରି ଗଢ଼ିବାର ସଂକଳ୍ପ ନେଇ ପରିଶେଷରେ ରାଜା ତାକୁ ଯେପରି ଏକ ଯନ୍ତ୍ରରେ ପରିଣତ କରି ଦେଇଛନ୍ତି । ସେହି ଅସହାୟ ପରାଧୀନତାର ଚିତ୍ର ଏ ଗଳ୍ପରେ ପ୍ରତିଫଳିତ । ଏହାକୁ ସମୁଦାୟ ନାରୀ ସମାଜର ପ୍ରତୀକୀ ପ୍ରକାଶ କୁହାଯାଇ ପାରେ ।

ଶାନ୍ତନୁ ଆଚାର୍ଯ୍ୟଙ୍କର 'ହିଟ୍ଲର' ନାରୀ ଧର୍ଷଣ ଉପରେ ଆଧାରିତ ଏକ ଗଳ୍ପ, ଯାହାକି ଆଜିର ସମାଜରେ ଏକ ମୁଖ୍ୟ ସମସ୍ୟା ହୋଇ ଠିଆ ହୋଇଛି । ଅଭିଜାତ-ସାଧାରଣ, ଧନୀ-ଦରିଦ୍ର ନିର୍ବିଶେଷରେ ନାରୀ ପୁରୁଷକୁ ଭୟକରି

Digitized by srujanika@gmail.com

ଆସିଛି, ନଚେତ ସମ୍ମାନ ଦେଇଛି। ଏପରିକି ଅଭିଜାତ ଘରଣୀ, ଢ଼ଙ୍କଣୀ ଠାରୁ ସ୍ୱକର ପ୍ରତି କମ୍ ନିଷ୍ଠୁର ହୁଏ (ପରିବାର ବୃକ୍ଷ)। ଏହି ନାରୀସତ୍ତା ମଧ୍ୟରେ ପୁରୁଷ ପ୍ରତି ଥିବା ଭୟ ଭବହିଁ ପ୍ରଚ୍ଛନ୍ନ ଥିବା ମନେହୁଏ।

ମହାପାତ୍ର ନୀଳମଣି ସାହୁଙ୍କ କଥା ସାହିତ୍ୟରେ ନାରୀର ଆଦର୍ଶ-ବାସ୍ତବର ସମନ୍ୱିତ ରୂପ ଦେଖିବାକୁ ମିଳେ। ନାରୀ ମନରେ ଯୌନ ଚେତନାର ଉଦ୍ବେଳନ ଉଠିଛି। ସମସାମୟିକ ସମାଜରେ ନାରୀର ବ୍ୟର୍ଥତା ଅସହାୟତା ତାକୁ ଯନ୍ତ୍ରଣା ପିଷ୍ଟ କରିଛି। ସେହି ବ୍ୟର୍ଥତାର ଚିତ୍ର ମିଳେ 'ନମିତା' (ମିଛବାଘ) ଲାବଣ୍ୟ (ପ୍ରହତତ୍ତ୍ୱବିତ) 'ମାଧବୀ' (ଅଭିନୟର ଲୁହ)ଙ୍କ ଠାରେ 'ବିଷ୍ଣୁମାୟା'ର ଅଧିକାଂଶ ଗଳ୍ପ ଏହି ଭାବଧାରା ଉପରେ ଆଧାରିତ। ଚରିତ୍ରମାନେ ଅନେକ କିଛି ଆଶା କରିଛନ୍ତି ଓ ନପାଇବାର ବେଦନାରେ ଦଗ୍ଧିଭୂତ ହୋଇଛନ୍ତି। ପର ମୁହୂର୍ତ୍ତରେ ଅଧ୍ୟାତ୍ମବାଦର ନିର୍ମଳ ଜ୍ୟୋତିରେ ପୁଣି ଉଦ୍ଭାସିତ ହୋଇ ଉଠନ୍ତି। ପ୍ରଚଳିତ ସମାଜର ଯୌନ ଧାରଣାକୁ ବଦଳାଇ ଦିଅନ୍ତି 'ସାବିତ୍ରୀ' (ବିଷ୍ଣୁମାୟା) ଓ ଇନ୍ଦୁରେଖା (ଛାୟା ଓ ମାୟା)। ଆଦର୍ଶର ଆହ୍ୱାନ ଓ ବାସ୍ତବର ତାଡନା ମଧ୍ୟରେ ଇନ୍ଦୁରେଖା ଚରିତ୍ରର ଅବତାରଣା। 'ପିଙ୍ଗଳା ଚଣ୍ଡ ଅନ୍ୟଜନେ'ରେ ବିନୋଦିନୀ ଗୋଟିଏ ବେଶ୍ୟା ଚରିତ୍ର। ଜୀବଦଶାରେ ସନ୍ନ୍ୟାସୀଙ୍କର ସାନିଧ୍ୟ ଲାଭ ଆଶାୟୀ ବିନୋଦିନୀ ପ୍ରତ୍ୟାଖ୍ୟାତ ହୋଇଥିଲା। ମାତ୍ର ମୃତ୍ୟୁପରେ ବିନୋଦିନୀ ସ୍ୱର୍ଗକୁ ଓ ବାବାଜୀ ନର୍କକୁ ଗଲେ। ମାତ୍ର ନର୍କକୁ ଯିବାପାଇଁ ବିନୋଦିନୀ ବ୍ୟଗ୍ର। ସାରା ଜୀବନରେ ସେ ଯାହାକୁ ଲାଭ କରି ପାରିଲା ନାହିଁ। ମୃତ୍ୟୁପରେ ତାଙ୍କର ସହଗାମୀ ନହେବ ବା କିପରି ? ହୋଇପାରେ ତାହା ନର୍କ, ମାତ୍ର ବିନୋଦିନୀ ପାଇଁ ଅଗମ୍ୟ ନୁହେଁ। 'ଅନ୍ଧରାତିର ସୂର୍ଯ୍ୟ'ରେ ଉଣା ଅଧିକେ ଆଦର୍ଶ ଭାବ ପ୍ରକଟିତ। ଚନ୍ଦ୍ରଶେଖର ରଥଙ୍କ 'ଉଭୟ ପକ୍ଷ' ଗଳ୍ପର ନାୟକ ଗିରୀଶ ମୃତ୍ୟୁପରେ ତା'ସ୍ତ୍ରୀର ଯେଉଁ ସାଂଘାତିକ ଅବସ୍ଥାକୁ କଳ୍ପନା କରିଛି ତାହା ନିଛକ କଳ୍ପନା ନୁହେଁ। ଆମ ସମାଜରେ ଶତ ଶତ ପରିବାରରେ ଏହା ଘଟେ, ଦୀର୍ଘ ଅତୀତରେ ଅସହାୟ ବିଧବା ନାରୀର ଅବସ୍ଥା ଯାହାଥିଲା ଆଜି ବିଂଶ ଶତାବ୍ଦୀର ସର୍ବଶେଷ ଦଶକରେ ତାହାର ବିଶେଷ ପରିବର୍ତ୍ତନ ହୋଇନାହିଁ। ଗିରୀଶ ଅନୁଭବ କରେ ତା' ସ୍ତ୍ରୀ ସୁନ୍ଦରୀ, ସହଣିକ, ଓଲୀ, ଓ ନିରୀହ ହୋଇ-ଥିବାରୁ ତାକୁ ନିର୍ଯ୍ୟାତିତ ହେବାକୁ ହିଁ ହେବ। କାମରେ ଟିକିଏ ତ୍ରୁଟି ରହିଲେ ଶାଶୁର ଗୋଇଠାମାଡ ସହିବ। ଦିଅର ତାକୁ ଅସମ୍ମାନ କରିବା ସହିତ ଦେହ ପ୍ରତି ଲୋଲୁପ ଦୃଷ୍ଟି ପକାଇବ। ଆଉ ତା'ର ପିତୃହୀନ ସନ୍ତାନ ପ୍ରତି କୃତ୍ରିମ ଆଦରର ପରିମାଣ ବଢିଯିବ।

Digitized by srujanika@gmail.com

ସୁରେନ୍ଦ୍ର ମହାନ୍ତି ଜଣେ ଜୀବନ ସଂବେଦୀ ରସଙ୍କ ଲେଖକ । ତାଙ୍କର ବହୁ ଗଳ୍ପରେ ଦେହ ସଂଶ୍ଳେଷୀ ନାରୀର ଚିତ୍ର ଅଙ୍କିତ ହୋଇ ଥିବା ଲକ୍ଷ୍ୟ କରଯାଏ । ଟି. ପି. ସହିତ ସଂସାର କରିବାର ସ୍ୱପ୍ନ ବ୍ୟର୍ଥ ହେବାରୁ ମିଷ୍ ତ୍ରାଇଭର ଅଜାତ ଶ୍ମଶ୍ରୁ କିଶୋରଠାରୁ ଆରମ୍ଭ କରି ଅସଂଖ୍ୟ ତରୁଣଙ୍କ ସହିତ ମିଳିତ ହୋଇଛି (ସବୁଜ ପତ୍ର ଓ ଧୂସର ଗୋଲାପ) । ସମସାମୟିକ ଯୁଗଧର୍ମକୁ ବହନ କରିଥିବା ସୁମିତ୍ରା (ପ୍ରିୟତମାସୁ) ନିଃସ୍ୱ କଳାକାରକୁ ପ୍ରତ୍ୟାଖାନ କରି ଅର୍ଥ ପିଣ୍ଡିତ ପୁରୁଷର ସାନିଧ୍ୟ ଲଭ କରେ । ଏପରିକି ଅନେକ ସ୍ଥଳରେ ନାରୀ ପଦ୍ମ ପାଖରୁ ଓହରି ଯାଇ ଭ୍ରମରେ ପଡି ପୋକଶୁଙ୍ଘା ପାଖରେ ପହଞ୍ଚି ଯାଉଛି । ପୁଣି ନାରୀର ଚିରନ୍ତନ ଆବେଦନ ମାତୃତ୍ୱଠାରୁ ଓହରି ନାହାନ୍ତି କୁମ (ସେ ଓ ମୁଁ)ପରି କେତେକ ନାରୀ । କୁମ ଚାହେଁ ସନ୍ତାନ କୋଳରେଧରି ସ୍ୱାମୀ ସୋହାଗିନୀ ହୋଇ ସ୍ନେହ ମମତାପୂର୍ଣ୍ଣ ଗୋଟିଏ ପୂର୍ଣ୍ଣାଙ୍ଗ ପରିବାର । 'ଶେଷ ରାତ୍ରିର ଏକ୍‌ସପ୍ରେସ'ରେ ସ୍ତ୍ରୀ ଲୋକଟି ତା'ର ମନର ମଣିଷଟି ପାଇଁ ଦୀର୍ଘ କୋଡିଏ ବର୍ଷ ଧରି ପ୍ଲାଟ୍‌ଫର୍ମରେ ଅପେକ୍ଷା କରିଛି କେଉଁଦିନ ଆସି ପହଞ୍ଚିଥିବ ପର । ଅରୁଣର ମା (ପତାକା ଉତ୍ତୋଳନ) ରୂପଶ୍ରୀ (ଜାରିପୁତ୍ର), ଗୋଟିଏ ଲେଖାଏଁ ବାତ୍ସଲ୍ୟ ମମତା ମଣ୍ଡିତ ମାତୃ ଚରିତ୍ର । ତେଣୁ କୁହାଯାଇ ପାରେ, ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପର ନାରୀମାନେ ପ୍ରେମିକା, ଗଣିକା, ଅର୍ଥସର୍ବସ୍ୱ ଯାନ୍ତ୍ରିକ ଯୁଗର ନାରୀ ପୁଣି ପ୍ରେମ ପାଇଁ ପ୍ରତୀକ୍ଷମାଣା ନିଷ୍ଠାପର ପୂଜାରିଣୀ । ସେମାନେ ଜାୟା ପୁଣି ଜନନୀ । ମାତ୍ର ଆଦର୍ଶ ମଣ୍ଡିତ ପାରଂପରିକ ଚରିତ୍ର ନୁହନ୍ତି । ଏହି ସମୟର ଗାଳ୍ପିକ ଚନ୍ଦ୍ରଶେଖର ରଥ, ବିଭୂତି ଭୂଷଣ ତ୍ରିପାଠୀ, ଭୁବନେଶ୍ୱର ବେହେରା, ଅଚ୍ୟୁତାନନ୍ଦ ପତି, ରବି ପଟ୍ଟନାୟକ ପ୍ରମୁଖ ବହୁ ଗଳ୍ପରେ ନାରୀର ସାମାଜିକ ସ୍ଥିତି ଓ ତା' ମନ ରାଜ୍ୟର କଥାକୁ ସ୍ଥାନ ଦେଇଛନ୍ତି । ସେମାନଙ୍କର ପ୍ରତ୍ୟେକ ଲେଖାକୁ ଅବଶ୍ୟ ସଫଳ ସୃଷ୍ଟି ବୋଲି କୁହାଯାଇ ନପାରେ । ବାମାଚରଣ ମିତ୍ରଙ୍କ 'ରାଣୀ ଦୁରୁଗା' ଗଳ୍ପର ଦୁଇଟି ନାରୀ ଚରିତ୍ର ଦୁର୍ଗାଦେବୀ ଓ ଦୁରୁଗା । ମହିଳା ସମିତିରେ କାର୍ଯ୍ୟ କରୁଥିବା ଶିକ୍ଷିତା, ସୁନ୍ଦରୀ, ନେତ୍ରୀ ଦୁର୍ଗାଦେବୀଙ୍କର ଛାଡ଼-ପତ୍ର ସଂପର୍କୀୟ ମତଠାରୁ ସ୍ୱାମୀର ଚିକିତ୍ସା ପାଇଁ ଟଙ୍କା ଧାର ଖୋଜୁଥିବା ଦୁରୁଗାର ମତ ସଂପୂର୍ଣ୍ଣ ପୃଥକ । ଭାରତୀୟ ସଂସ୍କୃତିରେ ନାରୀର ଭୂମିକାକୁ ଏଥିରୁ ନିର୍ଣ୍ଣୟ କରଯାଇ ପାରେ ।

ବର୍ତ୍ତମାନ ଦେଖାଯାଉ ଲେଖିକାମାନେ ନାରୀ ଚରିତ୍ର ଚିତ୍ରଣରେ ପୁରୁଷଠାରୁ ଅଧିକ ସଫଳ କି ? ବୀଣା ମହାନ୍ତିଙ୍କର ଗୌରୀ (ସତୀ) ଲମ୍ପଟ ପୁରୁଷଦ୍ୱାରା ନିର୍ଯ୍ୟାତିତା । ଏସବୁକୁ ପ୍ରତିରୋଧ କରିବା ପାଇଁ ତା'ର ଇଚ୍ଛା । ମାତ୍ର

Digitized by srujanika@gmail.com

ତାହାଠାରେ ସମୁଚିତ ଉପାୟ ଓ ସାହସର ଅଭାବ । ତେଣୁ ଭଗବାନଙ୍କୁ ସେ ପ୍ରାର୍ଥନା କରେ । ମାତ୍ର ଆଦ୍ୟକାଳର ଗଳ୍ପରେ ନାରୀମାନେ ଯେପରି ଭାଗ୍ୟ, ଭଗବାନଙ୍କୁ ମାନି ସହି ଯାଉଥିଲେ ଗୌରୀ ସେପରି ସମସ୍ତ ନିର୍ଯାତନାକୁ ସହ୍ୟ କରିବା ପାଇଁ ପ୍ରାର୍ଥନା କରିନାହିଁ । ତା' ନିଜ ପାଇଁ ଭଗବାନଙ୍କୁ କିଛି କରି ଦେବାକୁ ସେ କହିନାହିଁ । ପରନ୍ତୁ ଐଶ୍ୱରିକ ଶକ୍ତି ସେ ଚାହିଁଛି, ଯେପରି ନିଜ କାର୍ଯ୍ୟ ନିଜେହିଁ କରିପାରିବ, ଲମ୍ପଟ ପୁରୁଷକୁ ଦମନ କରି ପାରିବ । 'ମାଳତୀ' (ବ୍ୟୂହଭେଦ) ଜଣେ ନାରୀ ଯେ ଘରକାମ ଓ ଅଫିସ କାମ କରେ । ପରିବାର ପାଇଁ ସର୍ବତୋଭାବେ ନିଜକୁ ଉତ୍ସର୍ଗ କଲେ ମଧ୍ୟ ବେଳେ ବେଳେ ଦୋଷ ଘଟେ । ଦଶମ ଶ୍ରେଣୀରେ ପଢୁଥିବା ଝିଅ ଘରୁ ଲୁଚି ପଳାଇବା ପରେ ସମସ୍ତ ଦୋଷ ଲଦି ଦିଆଯାଏ ମାଳତୀ ଉପରେ । ଏ ଦାୟିତ୍ୱ କେବଳ କ'ଣ ମା'ର ? ନାରୀଠାରୁ ପୁରୁଷ କେତେ ଶକ୍ତି ଶୋଷଣ କଲା ପରେ ମଧ୍ୟ ତୃପ୍ତ ହୁଏନାହିଁ ତାହାରି ଚିତ୍ର ହେଉଛି 'ବ୍ୟୂହଭେଦ' ଗଳ୍ପ । ସେଥିପାଇଁ ମାଳତୀର ଅବଚେତନ ମନରେ ତୀବ୍ରତର ଭାବରେ ଦେଖା ଦେଇଛି ମୁକ୍ତି ପିପାସା । ଅନ୍ୟାୟର ପ୍ରତିଶୋଧ ନେବାକୁ ସାହସର ସହିତ ବାହାରି ଆସିଛନ୍ତି 'କେତକୀ' (ଅଶ୍ରୁ ଅନଳ) । ନାରୀଧର୍ଷଣକାରୀ ପୁରୁଷମାନଙ୍କୁ ସେ କଳେ ବଳେ କୌଶଳେ ଜୀଅନ୍ତା ପୋଡ଼ି ମାରି ଦେଇ ପାରିଛି । ସେ ଜେଲ ଯାଉ, ନଚେତ୍ ଫାଶି ପାଉ ସେଥିପ୍ରତି ତା'ର ଭ୍ରୂକ୍ଷେପ ନାହିଁ । 'ଶିକାର' ଗଳ୍ପ ପ୍ରକାଶିତ ହେବା ପରଠାରୁ ସମଧର୍ମୀ କେତେକ ଗଳ୍ପ ରଚିତ ହୋଇଛି । ମାତ୍ର ନାରୀ ଚରିତ୍ରଠାରେ ସାହସ ସଞ୍ଚାର କରି ନିଜର ଉଦ୍ଦେଶ୍ୟ ସାଧନ କରିବାରେ ଲେଖିକାଙ୍କର ପ୍ରୟାସ ପ୍ରଶଂସନୀୟ । ଏପରିକି ପୁରୁଷଠାରୁ ନାରୀକୁ ଶ୍ରେଷ୍ଠ କରାଯାଇଛି । ପାଣିବାଲା ବୁଢା ଓ ଗ୍ରାମର ଅନ୍ୟ ପୁରୁଷମାନେ ନୀରବ ଦ୍ରଷ୍ଟା ହୋଇଥିବା ବେଳେ କେତକୀ ସଂହାର ମୂର୍ତ୍ତି ଧାରଣ କରିଛି । ମାତ୍ର ବର୍ତ୍ତମାନର ଦୁଷ୍ଟାଶାସିତ ସମାଜରେ ଏହା କେତେଦୂର କାର୍ଯ୍ୟକାରୀ ହୋଇପାରିବ ତହିଁରେ ସନ୍ଦେହ ଅଛି । ନାରୀ ସମାଜକୁ ଦିଗ୍‌ଦର୍ଶନ ଦେବାପାଇଁ ଏହା ଉଦ୍ଦେଶ୍ୟ ମୂଳକ ଭାବେ ଏକ ଆହ୍ୱାନ । ଯଥାର୍ଥ ଓ ଯୁଗୋପଯୋଗୀ ଚରିତ୍ରଟିଏ ଯମୁନା ଦେବୀ (ଶକୁନିର ଛକା-ଝଙ୍କାର ୧୯୯୦-ପୂଜାସଂଖ୍ୟା) । ପୁରୁଷ ଅପେକ୍ଷା ଅଧିକ ଗତିଶୀଳ ଓ ସକ୍ରିୟ । ସ୍ୱାମୀ ମନ୍ମଥ ବାବୁଙ୍କ ଦ୍ୱାରା ଯେଉଁ କାର୍ଯ୍ୟ ହୋଇ ନ ପାରିଛି ଯମୁନା ଦେବୀ ତାହା କରି ପାରିଛନ୍ତି । ଗଳ୍ପର ପରିସମାପ୍ତି ବେଳକୁ ନାରୀ ଚରିତ୍ର ପାଖରେ ପୁରୁଷ ଚରିତ୍ରଟିର ଗୋଟିଏ ଦୈନ୍ୟ ଭାବମୂର୍ତ୍ତି ପ୍ରକଟିତ ହୋଇଛି । ଯମୁନା ଦେବୀ ଯେଉଁ ମାର୍ଗ ଗ୍ରହଣ କରିଛନ୍ତି ତାହା ସ୍ପୃହଣୀୟ କି ନୁହେଁ ତାହାର ବିଚାର ପୃଥକ । ମାତ୍ର ଏପରି ଚରିତ୍ର ଅନେକ ଓ ସମାଜରେ ଏମାନଙ୍କ ସଂଖ୍ୟା ବଢି ବଢି ଯାଉଛି, ସତେ ଅବା ବହୁ ଦିନରୁ ନିର୍ଯାତିତ

Digitized by srujanika@gmail.com

ନାରୀ ସୁଯୋଗ ଦେଖି ଉଠୁଛି ପୁରୁଷ ଉପରେ ପ୍ରତିଶୋଧ ନେବା ପାଇଁ । ପ୍ରତିଭା ରାୟଙ୍କ ଆଦିବାସୀ ସମାଜ ଉପରେ ଆଧାରିତ 'ମାଉସି' ଗଳ୍ପରେ ନାରୀର ମର୍ଯ୍ୟାଦା ରକ୍ଷା ଓ ସ୍ୱାଧିକାରର କଥା କୁହାଯାଇଛି । ନାୟିକା ଲେଖିଛନ୍ତି— ବଣ୍ଡା ସ୍ତ୍ରୀକୁ କେହି ମାରନ୍ତି ନାହିଁ, ବଣ୍ଡା ଟୋକି ନିର୍ଭୟରେ ପାହାଡ଼ରେ ବୁଲେ । ଟୋକିଙ୍କୁ ଆଙ୍ଗୁଠି ଦେଖାଇ କଥା କହିବାର ନଜିର ନାହିଁ । ନାରୀ ଜାତିକୁ ବଣ୍ଡା ସମ୍ମାନ ଦିଏ, ସଂଭ୍ରମ ଦେଖାଏ । ସ୍ତ୍ରୀକୁ ପ୍ରାଣେ ଭୟ । ଏ ସଭ୍ୟ ସମାଜର ବଣ୍ଡା ଜାତିଠାରୁ ଯେ ଅନେକ କିଛି ଶିଖିବାର ଅଛି ଏପରି ଧାରଣା ମନକୁ ଆସେ ।

ସମଗ୍ର ଗଳ୍ପ ସାହିତ୍ୟକୁ ବିଶ୍ଳେଷଣ କଲେ ଜଣାଯାଏ, ଲେଖକ ଲେଖିକା ନିର୍ବିଶେଷରେ ନାରୀର ସାମାଜିକ ସ୍ଥିତି, ତା'ର ମାନସିକ ଅବସ୍ଥା, ଦୈହିକ ଆବେଦନ, ସହନଶୀଳତା ଓ ସ୍ୱେଚ୍ଛାଚାରିତା ଏ ସମସ୍ତ ଦିଗରୁ ନାରୀକୁ ଅନୁଧ୍ୟାନ କରିବା ପାଇଁ ମନୋନିବେଶ କରିଛନ୍ତି । ଦେବୀ, ଦାନବୀ ବା ମାନବୀ ରୂପ ମଧ୍ୟରେ ନାରୀକୁ ଖୋଜିବା କିମ୍ବା ଆଦର୍ଶ ବା ବାସ୍ତବାଭିମୁଖୀ ଦୃଷ୍ଟି- କୋଣରୁ ବିଶ୍ଳେଷଣ କରିବା ନାରୀର ପ୍ରକୃତ ପରିଚୟ ନୁହେଁ । ହାତୀର ଗୋଟିଏ ଗୋଟିଏ ଅଂଶଠାରେ ହାତୀର ଆକୃତି କଳ୍ପନା କରିବା ପରି ନାରୀର ଗୋଟିଏ ଗୋଟିଏ ଗୁଣ ତା'ର ସର୍ବଶେଷ ପରିଚୟ ନୁହେଁ । ଏ ଭିତରେ ନାରୀର ଗୋଟିଏ ସତ୍ୟ ରୂପ ରହିଛି । ତାହା ହେଉଛି ଏ ସମସ୍ତର ସମନ୍ୱିତ ରୂପ । ପୁଣି କୌଣସି ଏକ ମୁହୂର୍ତ୍ତରେ କେତିଏ ଗୋଟିଏ ଚରିତ୍ର ଲେଖକଙ୍କୁ ଏପରି ସ୍ପର୍ଶ କରନ୍ତି ଯେ ତାହା ତାଙ୍କର ସର୍ବଶ୍ରେଷ୍ଠ କୃତି ହୋଇ ଉତୁରି ଆସେ । କିଶୋରୀ ଚରଣଙ୍କ 'ମନ୍ଦିରରେ' ଜଣେ ପୁରୁଷ ଲେଖକ ପୁତ୍ର ବିଧୂର ଜନନୀର ମାନସିକ ଅବସ୍ଥାର ଚିତ୍ରପଟ ଗୁଡ଼ିକୁ ଯେପରି ଗୋଟିକ ପରେ ଗୋଟିଏ ଉନ୍ମୋଚନ କରିଛନ୍ତି ଜଣେ ଲେଖିକା ଏହାଠାରୁ ଅଧିକ ଗଭୀରକୁ ପ୍ରବେଶ କରି ପାରିଥାନ୍ତେ ବୋଲି ମନେ ହେଉନାହିଁ । ଅଥଚ ଯେଉଁ ଲେଖକଙ୍କର 'ସଂଚିତା' ଚରିତ୍ର କିଛିଟା ଖାପଛଡ଼ା ଲାଗେ କହିବାରେ ସଂକୋଚ ନାହିଁ, ବାସନ୍ତୀ ମହାନ୍ତି 'କେତକୀ' ଚରିତ୍ର ଅପେକ୍ଷା ଯମୁନା ଦେବୀଙ୍କ ରୂପ ଦେଲାବେଳେ ଲେଖିକାଙ୍କର ଯଥେଷ୍ଟ ପାରଦର୍ଶିତା ଥିବା ସ୍ୱୀକାର କରାଯାଇପାରେ ।

ବର୍ତ୍ତମାନର ଗଳ୍ପ ସାହିତ୍ୟ ପ୍ରତି ଦୃଷ୍ଟିପାତ କଲେ ମନେ ହୁଏ, ନାରୀ ଚରିତ୍ର ପ୍ରଧାନ ଗଳ୍ପରେ ଯୌନ ଆକାଂକ୍ଷା ଜଡ଼ିତ ପ୍ରାୟତଃ ନାରୀକୁ ସଂଯୋଗ କରି ଦିଆଯାଇଛି । ମନେ କରାଯାଉ ନାରୀ ସନ୍ତୁଳରେ ବେକାରୀ ସମସ୍ୟା

Digitized by srujanika@gmail.com

ଦେଖା ଦେଇଛି । ଶେଷରେ ସେ ପୁରୁଷର ଲୋଲୁପ ଦୃଷ୍ଟିର ଶିକାର ହୋଇଛି ନଚେତ୍ ସ୍ୱକିରୀଙ୍କୁ ପଦାଘାତ କରି ଲୋକ ଉପହାସରେ ଘରେ ବସିଛି । ଯୌନ ସମସ୍ୟା ଛଡା ନାରୀର ଆହୁରି ଅନେକ ଛୋଟ ବଡ ସମସ୍ୟା ରହିଛି, ଅନେକ ଅବଜ୍ଞା ମଧ୍ୟ ସେ ପାଉଛି । ସେମାନଙ୍କ ଉପରେ ପୂର୍ଣ୍ଣଦୃଷ୍ଟି ଦିଆଯାଇ ପାରିନାହିଁ । ବଡ଼ ଆନନ୍ଦର କଥା ଗୋଟିଏ ଦିଗରେ ଏ ସମାଜ ନାରୀକୁ ଦୟା ବା ଅବଜ୍ଞା ନକରି ଯଥୋଚିତ ସମ୍ମାନ ଦେବାକୁ ଚେଷ୍ଟା କରୁଛି । ଶରତ ଚନ୍ଦ୍ର କହନ୍ତି— ପୁସ୍ତକ ରଚନାକୁ ଛାଡି ଦେଲେ ପୁରୁଷ କେଉଁଠି ହେଲେ ନାରୀକୁ ଯଥାର୍ଥ ସମ୍ମାନ ଦେବାର ପ୍ରଚେଷ୍ଟା ଯେ କରିଛି ସେପରି ଧାରଣା ହେଉନାହିଁ । ସେ ଅନୁଭବ କରନ୍ତି, ଯେ କୌଣସି ଦେଶରେ ରମଣୀ ଯଦି ଶ୍ରଦ୍ଧା ସମ୍ମାନ ପାଇ ଥାଏ, ତାହା ନିଜର ପ୍ରଚେଷ୍ଟା ଯୋଗୁହିଁ ଲାଭ କରିଛି । ଓଡିଆ ସାହିତ୍ୟ କ୍ଷେତ୍ରରେ ଲେଖିକାମାନଙ୍କର ଏ ସମସ୍ୟାଟି ଆଦୌ ନାହିଁ । ଏହା ମଧ୍ୟ କୁହା ଯାଇ ନପାରେ । ଲେଖିକାମାନେ ଅନ୍ୟ କାହାଦ୍ୱାରା ଲେଖାଉଥିବା କିମ୍ବା ଅନ୍ତତଃ ବିଶେଷ ଭାବରେ କାହାରିଠାରୁ ସାହାଯ୍ୟ ପାଇ ଲେଖୁଥିବା ଧାରଣା ଏ ପର୍ଯ୍ୟନ୍ତ ଲୋକଙ୍କ ମନରୁ ଗଲୁନି ବୋଲି କୁହାଯାଇ ନପାରେ । କୁନ୍ତଳାକୁମାରୀ ନିଜେ କବିତା ଲେଖୁ ନାହାନ୍ତି ବୋଲି ଏକଦା ଏକ ଜନମତ ସୃଷ୍ଟି ହୋଇଥିଲା । ସବୁଜ ଗୋଷ୍ଠୀର ସାହିତ୍ୟିକମାନେ ତାଙ୍କ ବିପକ୍ଷରେ ବେନାମୀ ଚିଠି ଦେଉଥିଲେ ।

ଗଳ୍ପସ୍ରଷ୍ଟାମାନଙ୍କର ଦୃଷ୍ଟି ସାଧାରଣତଃ ସମାଜର ଧନୀ ଓ ମଧ୍ୟବିତ୍ତ ଚରିତ୍ରମାନଙ୍କ ଉପରେ ନ୍ୟସ୍ତ । ସେ ତୁଳନାରେ ଖୁବ୍ କମ୍ ଚରିତ୍ରଙ୍କୁ ସମାଜର ନିମ୍ନ ସ୍ତରରୁ ସଂଗ୍ରହ କରାଯାଉଛି । ନିମ୍ନବର୍ଗର ଚରିତ୍ରମାନଙ୍କ ଅନ୍ତର୍ଦ୍ୱନ୍ଦ୍ୱ ତଥାପି ଅନ୍ଧକାରଚ୍ଛନ୍ନ । ସେ ଦିଗରେ ଗଳ୍ପସ୍ରଷ୍ଟା ମାନଙ୍କର ଅଧିକ ଧ୍ୟାନ ଦେବା ବାଞ୍ଛନୀୟ ।

●

ତା ୧୫ । ୩ । ୯୧ରିଖରେ ଖୋର୍ଦ୍ଧାଠାରେ ଅନୁଷ୍ଠିତ "ଓଡିଆ ସାହିତ୍ୟରେ ନାରୀର ସାମାଜିକ ସ୍ଥିତି ଓ ସ୍ୱରୂପ ବିଷୟକ ଆଲୋଚନା ଚକ୍ରପାଇଁ ପ୍ରସ୍ତୁତ ପ୍ରବନ୍ଧ" ।

Digitized by srujanika@gmail.com

ଡ଼ଃ ଲାବଣ୍ୟ ନାୟକ, ଏମ୍. ଏ, ଡି ଲିଟ୍.
ପ୍ରାଧ୍ୟାପିକା, ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ସରକାରୀ କଲେଜ, ସୁନ୍ଦରଗଡ଼ ।

ପ୍ରକାଶିତ ଗ୍ରନ୍ଥାବଳି : ଅଳଙ୍କାର ଓ ଅଳଙ୍କାର ତତ୍ତ୍ୱ (୧୯୬୮)
ସମାଲୋଚନା ବିଚିତ୍ରା (୧୯୭୨)
ଉପନ୍ୟାସ ସାହିତ୍ୟ ସଂପର୍କରେ (୧୯୭୬)
ସାରସ୍ୱତ ସମୀକ୍ଷା (୧୯୮୦)
ଅନୁବାଦ ରଚନାର ଧାରା— (୧୯୮୨ ଓଡ଼ିଶା ସାହିତ୍ୟ ଏକାଡେମୀ କର୍ତ୍ତୃକ ପ୍ରକାଶିତ)
କବିତା କଥା (୧୯୮୪)
ଓଡ଼ିଆ ଚରିତ ସାହିତ୍ୟ (୧୯୮୮-ଥେସିସ୍)
ଯଶୋବନ୍ତ ଦାସ— (ମନୋଗ୍ରାଫ୍—ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହେବା ଅପେକ୍ଷାରେ)

ସଂପାଦିତ ଗ୍ରନ୍ଥ :— ପ୍ରବନ୍ଧ ଓ ପ୍ରାବନ୍ଧିକ (୧୯୬୮)
ପ୍ରବନ୍ଧ ବିଚିତ୍ରା (୧୯୭୨)

ରାଜ୍ୟର ବିଭିନ୍ନ ପତ୍ରପତ୍ରିକା ତଥା ଗବେଷଣା-ଜର୍ଣ୍ଣାଲମାନଙ୍କରେ
ସ୍ୱକୀୟ ରଚନା ଏବଂ ସାହିତ୍ୟାନୁଶୀଳନ ତଥା
ଗବେଷଣାମୂଳକ ସନ୍ଦର୍ଭାବଳୀ ପ୍ରକାଶିତ

Digitized by srujanika@gmail.com

ପରିଚୟ ଅନ୍ୱେଷା

ଡକ୍ଟର ଗିରିବାଳା ମହାନ୍ତି

(କ)

ମାନବ ସଭ୍ୟତାର ଯେତେ ଉତ୍ତରୋତ୍ତର ଉନ୍ନତି ଘଟୁଛି, ମଣିଷର ଜୀବନ ଧାରଣର ମାନ ସେଇ ଗତିରେ କ୍ରମ ନିମ୍ନ ହୋଇ ଚାଲିଛି । ଏହି କ୍ରମ ନିମ୍ନମାନ ଜୀବନଧାରାରେ ନାରୀର ସ୍ଥାନ ସର୍ବାପେକ୍ଷା ଅବହେଳିତ ଓ ଦୟନୀୟ । ପ୍ରାଚୀନ କାଳରେ ବାଳିକାଟିଏ ନାରୀରେ ରୂପାନ୍ତରିତ ହେବା ପରେ ତା' ଆଗରେ ଆତ୍ମପରିଚୟର ସମସ୍ୟା ଉପୁଜୁ ନଥିଲା । ମାତୃକେନ୍ଦ୍ରିକ ପରିବାର ବ୍ୟବସ୍ଥାର ପରବର୍ତ୍ତୀ ସମୟରେ ମଧ୍ୟ କନ୍ୟା ପୁତ୍ରସହ ସମାନ ଭାବରେ ପିତୃ ପରିଚୟ, ରାଜ୍ୟ ପରିଚୟ ଓ ଆତ୍ମ ପରିଚୟ ବହନ କରି ପାରୁଥିଲା । କନ୍ୟା ଥିଲା ଜାନକୀ ଗାନ୍ଧାରୀ, କୁନ୍ତୀ, ପାଞ୍ଚାଳୀ, ବୈଦେହୀ । ପୁତ୍ର ଅନାୟାସରେ ବହନ କରୁଥିଲେ ମାତୃ ପରିଚୟ— ବୈନତେୟ, କୌନ୍ତେୟ, ରାଧେୟ ଇତ୍ୟାଦି । ସମାଜରେ ପିତୃ ପରିଚୟ ବିନା ମାତୃ ପରିଚୟ ନେଇ ଜାବାଳ ପୁତ୍ର ଜାବାଳୀର ସାମାଜିକ ସ୍ୱୀକୃତି ପାଇ ପାରୁଥିଲା । ନାରୀ ଥିଲା ପୂଜ୍ୟା, ଓ ସ୍ୱାଧୀନ ଥିଲା ସ୍ୱୟଂବରରେ ।

ସାମାଜିକ ଜୀବନରେ କାଳକ୍ରମେ ନାରୀର ସ୍ଥିତିରେ ଘୋର ପରିବର୍ତ୍ତନ ଆସିଲା । ଏ ପରିବର୍ତ୍ତନରେ ସବୁଠାରୁ ଗୁରୁତର ସମସ୍ୟା ହୋଇ ଠିଆହେଲା ତାର ଆତ୍ମ ପରିଚୟ । ପୂର୍ବବତ୍ ସେ ଆଉ ସ୍ୱପରିଚୟ ନେଇ ସମାଜରେ ସ୍ୱୀକୃତି ଲାଭ କଲାନାହିଁ । କନ୍ୟା ରୂପରେ ସେ ଆଉ 'ଦୁହିତା' ଅର୍ଥାତ୍ 'ଦୁଇ କୁଳର ହିତା' ନହୋଇ 'ଦୁଇକୁଳ ରହିତା' ହେଲା । ତା'ର ଜନ୍ମରେ ଶଂଖ ବାଜି ଉଠିଲା ନାହିଁ । ପିତୃ ପରିଚୟରେ ସମାନ ହକ୍‌ଦାର ହେଲାନାହିଁ ସିଏ ଆଉ । କ୍ରମେ ସେ ହଳଦୀ ଝିଆରୀରେ ବଳି ପଡିଲା ଝିଅଟାକୁ ଉର୍ବର କରିବା ନାଁରେ । ବୃଦ୍ଧ ପତିର ସହଗାମୀ ସତୀ ହେଲା ପରଜନ୍ମକୁ 'ଉର୍ବର' କରିବା ନାଁରେ । କନ୍ୟା ରୂପରେ ସେ ହେଲା କ୍ରୀତ, ବିକ୍ରୀତ । ଅମୁକର କନ୍ୟା, ସମୁକର ପତ୍ନୀ ଓ ସମୁକର ମାତାର ପରିଚୟରେ ଅଧୋମୁଖୀ ଆତ୍ମ ପରିଚୟହୀନ ଏକ ଖର୍ବ

Digitized by srujanika@gmail.com

ବ୍ୟକ୍ତିତ୍ୱର ଅଧିକାରିଣୀ ହେଲ୍ଲ ଯେ । ସମାଜ ତାର ଶାଖା ପ୍ରଶାଖା କାଟି ଦେଲା; ତାକୁ ଯେମିତି ବଢ଼ିବାକୁ, ବଞ୍ଚିବାକୁ ଅନୁମତି ଦେଲା କେବଳ ସେତିକି ସେ ବଢ଼ିଲା ଓ ବଞ୍ଚିଲା । ତା'ଠୁ ଅଧିକ ନୁହେଁ ବି ସ୍ୱଚ୍ଛନ୍ଦରେ ନୁହେଁ । ସେ ହେଲା ପ୍ରାକୃତିକ ଅରଣ୍ୟାନୀର ନୁହଁ, ସମାଜ-ପରିବାର ପୁରୁଷ ଶାସିତ ଉଦ୍ୟାନର ଲତାଟି । ପରାୟତ୍ତ ହେଲା ତାର ଜୀବନ, ପୁରୁଷାୟତ୍ତ ହେଲା ତାର ଭାଗ୍ୟ ଓ ଭବିତବ୍ୟ । କେବଳ ପୁତ୍ର ଜନ୍ମରେ ନିର୍ଭରଶୀଳ ହେଲା ତାର ସମ୍ମାନ । ଶାସ୍ତ୍ର ଗଢ଼ିଦେଲା ନିୟମ 'ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା' ।

କାଳକ୍ରମେ ଅସ୍ମ ପରିଚୟ ସହ ଅସ୍ତମିତ ହୋଇଗଲା ନାରୀର ସ୍ୱାଧିକାର ।

(ଖ)

ବୃହଦାରଣ୍ୟକ ଉପନିଷଦରେ ଯାଜ୍ଞବଲ୍କ୍ୟ-ମୈତ୍ରେୟୀ-ଗାର୍ଗୀ ସମ୍ବାଦରେ ନିହିତ ରହିଛି ନାରୀର ସମ୍ମାନ ଓ ସ୍ୱାଧିକାର ଗତପ୍ରଶ୍ନ । ସେଦିନର ଉତ୍ଥିତ ସେଇ ପ୍ରଶ୍ନ ଆଜିବି ଅସମାହିତ, ଅମୀମାଂସିତ । ଛଅହଜାର ବର୍ଷ ତଳେ ମିଶରର ମାସ୍‌ପୋରା ନାରୀର ସ୍ଥିତି ସଂପର୍କରେ କହିଥିଲେ, **'She inherited equally with her brother', 'Judicially equal of man', 'having the same rights and being treated in the same fashion'.** ୧୯୪୯ ମସିହାରେ ସୃଷ୍ଟ ସ୍ୱାଧୀନ ଭାରତର ସମ୍ବିଧାନରେ **'EQUALITY of status and of opportunity; and to promot among them all'** ଏବଂ **'Equality before law', 'provition of discrimination on grounds of religion, race, caste, sex × × × etc'.** ଇତ୍ୟାଦି ବିଷୟ ଉଲ୍ଲେଖ ଅଛି । ଏହା ସତ୍ତ୍ୱେ ନାରୀ ସମାଜରେ ସମାନ ଅଧିକାରର ବାସ୍ତବ ହକ୍‌ଦାର ହୋଇପାରି ନାହିଁ । ଭାରତବର୍ଷରେ ଚାକିରୀ କ୍ଷେତ୍ରରେ ନାରୀ ପାଇଁ ଶତକଡ଼ା ୩୦ ଭାଗ ସ୍ଥାନ ନିର୍ଦ୍ଧାରିତ । ଓଡ଼ିଶାର ସ୍କୁଲ ବିଭାଗରେ ମହିଳାଙ୍କ ପଦୋନ୍ନତି ଏବେବି 'କୋଟା' ସମ୍ବଳିତ ମାତ୍ର ଶତକଡ଼ା ୨୦ ଭାଗ ।

ସାମାଜିକ ସ୍ତରରେ ନାରୀର ସ୍ଥିତି ଅତିଶୟ ବିସ୍ମୟକର । ଏବେବି ମହିଳା ସମାଜରେ ଏକାକୀ ବିଚରଣ କରିବା ବିପଦଜନକ । ଏବେବି ବିଧବା ବିବାହକୁ ସାମାଜିକ ସ୍ୱୀକୃତି ମିଳିନାହିଁ । ବିବାହବିଚ୍ଛେଦ ସହ ସଂପୃକ୍ତ ନାରୀର

Digitized by srujanika@gmail.com

ସାମାଜିକସ୍ଥିତି ଦୟନୀୟ ଓ ତାର ପୁନଃବିବାହ ସହଜସାଧ୍ୟ ନୁହେଁ । ବାଲ୍ୟ-ବିବାହ ଓ ଯୌତୁକ କଥା ନକହିବା ଭଲ । ଭାରତରେ ଏବେବି ଏପରି ସ୍ଥାନ ଅଛି ଯେଉଁଠି ଦରକଷାକଷି କରି କିଣାଯାଇପାରେ ନାରୀକୁ । ସମାଜରେ ନାରୀ ଏକ ୫.ଚଳ 'କମୋଡିଟି' ପ୍ରାୟ, ଯାହାକୁ ନେବାକୁ ହେଲେ ଯୌତୁକ ନାମକ **suppliment**ର ବ୍ୟବସ୍ଥା ରହିଛି । ପୁତ୍ରର ବିବାହ ଲବ୍ଧ ଯୌତୁକ-ଧନରେ କନ୍ୟାର ବିବାହ ସଂପନ୍ନ ହେବା ଏକ ନିତ୍ୟ ନିୟମିତ ସାମାଜିକ ବ୍ୟାପାର ଅର୍ଥାତ୍ କେହି ବିନା '**suppliment**'ରେ କନ୍ୟା ଆଣିବ ନାହିଁ, ନବନାହିଁ ତା ଦାବ ନାହିଁ— ଏହା ଏକ ସମାଜ ଅନୁମୋଦିତ ଅଲିଖିତ ସନନ୍ଦ । ଏପରି ମନୋଭାବ ପଛରେ ପ୍ରତ୍ୟେକ ପିତା-ଶ୍ୱଶୁର, ପତି-ଭ୍ରାତାଙ୍କର ନୀରବ କିନ୍ତୁ ଦୃଢ଼ସମର୍ଥନ ରହିଛି । ବିଡ଼ମ୍ବନାର ବିଷୟ ଯେ, ସ୍ୱୟଂନାରୀ ମା ଶାଶୁ, ଭଣ୍ଣା-ନଣନ୍ଦ ରୂପରେ ଏପରି ଶକ୍ତିକୁ ସମର୍ଥନ କରେ ।

ଆଜିର ଜୀବନଚର୍ଯ୍ୟାରେ ନାରୀର ଖର୍ବ ବ୍ୟକ୍ତିତ୍ୱ ମୂଳରେ ନାରୀର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଝିଅଟିଏ ଜନ୍ମହେବା ମାତ୍ରେ ମା'ହିଁ ପ୍ରଥମରୁ ତାର ବ୍ୟକ୍ତିତ୍ୱର ଡାହିକାଟିବା ଆରମ୍ଭ କରେ, ତାକୁ ବାରମ୍ବାର ଆକଟର ଅଙ୍କୁଶାଘାତ କରି ଯେ ସେ ଝିଅ ପିଲା । 'ଏମିତି କରନା', ସେମିତି ହସନା'ର ବଂଧନୀ ଭିତରେ କ୍ରମଶଃ ଝିଅଟିର ବ୍ୟକ୍ତିତ୍ୱ ପ୍ରାଚୀନ ଚୈନିକ ନାରୀର ପାଦ ପରି ଦୁର୍ବଳ ଓ ଭାରସାମ୍ୟରକ୍ଷା ଅକ୍ଷମ ହୋଇ ବିକଶିତ (?) ହେବାକୁ ଲାଗେ । ଝିଅନାମକ ପାପ'ଟିରେ ଆଜନ୍ମ ବିଦ୍ଧ ଝିଅଟି ଯେ ଆଗାମୀ କାଲିର ଜାତିର ମା— ଗାର୍ଗୀ କି ଲୀଳାବତୀ କି ଆର୍କର ଜୁଆନ, ଦୁର୍ଗାବାଈ, ଲକ୍ଷ୍ମୀବାଈ କି ଗୋଲଡା-ମେୟାର ଏକଥା ପରିବାରରେ ଓ କ୍ରମଶଃ ସମାଜରେ କାହାରି ମନେ ରହେ ନାହିଁ । ମୂଳରୁ ଆକଟର ଛାଟ ଖାଇଖାଇ ଦବିଯାଇଥିବା ବାଳିକାଟି ଭବିଷ୍ୟତରେ ଭୀରୁତାର ଖୋଳ ପିନ୍ଧି ଜୀବନ୍ମୃତ ଅବସ୍ଥାରେ ବଞ୍ଚି ରହେ ।

ନାରୀର ଏପରି ମାନସିକତା ପଛରେ ନିହିତ ପୁରୁଷାନୁକ୍ରମେ ଚଳି ଆସୁଥିବା ପରଂପରାଗତ କୁସଂସ୍କାର ଓ ଅଶିକ୍ଷା । ଶତାବ୍ଦୀ ଶତାବ୍ଦୀ ଧରି ଅଶିକ୍ଷା ଶାସିତ ତାର ସ୍ନାୟୁରେ ଆରୋପିତ ହୋଇଛି ଝିଅ ଜନ୍ମର ଅନାଦରତା ଧାରଣା । ଅସ୍ଥିମଜ୍ଜାଗତ ତାର ଏଇ ଧାରଣାକୁ ସେ ମା', ଜେଜେମା' ଓ ଜେଜେମା'ର ଜେଜେମା'ଠୁ ପାଇ ପାଇ ଆସିଛି । ତାର ରକ୍ତରୁ ଏ ଧାରଣାକୁ ବାହାର କରି ନେବା ଅନାୟାସସାଧ୍ୟ ବ୍ୟାପାର ନୁହଁ । ପିତାମାତା, ପରିବାର, ସମାଜ, ପ୍ରଚଳିତ 'କନ୍‌ଭେନ୍‌ସନ' ଓ ପରଂପରାରୁ ଆହୃତ ତାର ଧାରଣା ଏପରି ସଂକ୍ରାମକ ଯେ

Digitized by srujanika@gmail.com

ତାହା ତାର ବ୍ୟକ୍ତିତ୍ୱକୁ ସଂପୂର୍ଣ୍ଣଭାବେ ଅଙ୍କନ କରିବାକୁ ପ୍ରୟାସ କରିଛି । ସେ ଧରି ନେଇଛି ଯେ ପୁରୁଷ-ଶାସିତ ହେବା, ଦ୍ୱିତୀୟ ଶ୍ରେଣୀ ନାଗରିକ ହୋଇ ବଂଚିରହିବା ହିଁ ତା'ର ଈଶ୍ୱର ନିର୍ଦ୍ଧାରିତ ଭାଗ୍ୟ, ତେଣୁ ଭବିତବ୍ୟ । ତହିଁରୁ ଅନ୍ୟଥା ହେଲେ ତା'ର ଜନ୍ମ ଓ ଜୀବନ ନିରର୍ଥକ ହୋଇଯିବ । ଅନେକ କ୍ଷେତ୍ରରେ ସେ ଯେ ଜଣେ ନାଗରିକ ଓ ରାଷ୍ଟ୍ରର ତା ପ୍ରତି କିଛି କର୍ତ୍ତବ୍ୟ ରହିଛି, ତାହା ସେ ଜାଣିବି ନଥାଏ, ଅଥବା ଭୁଲି ଯାଇଥାଏ । ତାର ଏହି ବିଧ ସାମାଜିକ ଚରିତ୍ର ଅନେକାଂଶରେ ସାମୁଏଲ ବାକେଟଙ୍କର 'ଓଏଟିଂପଂର ଗୋଦୋ' ନାଟକର ସେଇ ଚରିତ୍ରଟି— ଯିଏ କେବଳ ଶାସିତ ହେବାରେ ହିଁ ଅଭ୍ୟସ୍ତ; ଯାହାର ବେକରୁ ପଘା ଓ ମୁଣ୍ଡରୁ ବୋଝ କାଢି ନେଲେ ସେ ଅସ୍ଥିର ଉନ୍ମାଦ ହୋଇଉଠେ । ନାରୀ ବିଶେଷତଃ ଭାରତବର୍ଷର ନାରୀ ସେଇ ଚରିତ୍ରର ଅନୁରୂପ । ତାଠାରୁ ଦାସୀ, ସେବିକା ଆଦି 'ଆଭୂଷଣ' କାଢି ନେଲେ ସେ ବଞ୍ଚି ପାରିବ ନାହିଁ, କାରଣ ସେ ଶାସିତ ହେବାରେହିଁ ଅଭିସ୍ତ । ସେ ସ୍ୱାତଂତ୍ର୍ୟ, ସ୍ୱାଧୀନତାଦି କଣ ଜାଣେ ନାହିଁ । ପୁରୁଷ ଦ୍ୱାରା ଶାସିତ, ପୁରୁଷ-ଶାସିତ ସମାଜ ଦ୍ୱାରା ନିର୍ଦ୍ଧାରିତ ନହେଲେ ନିଜ ଜୀବନକୁ ସେ ବ୍ୟର୍ଥ ମଣେ । ତାର କୁସଂସ୍କାର ଓ ଅଶିକ୍ଷା ତାକୁ ଏତେ ଅତଳକୁ ଟାଣି ନେଇଛି ଯେ ଅମୁକର ଝିଅ, ଅମୁକର ପତ୍ନୀ ଓ ଅମୁକର ମା' ବିନା ତାର ଅନ୍ୟ ପରିଚୟ ଯେ ସମ୍ଭବ, ଏକ ସ୍ୱତଂତ୍ର ପରିଚୟ ଯେ ସମ୍ଭବ, ଏ ବିଷୟ ସେ ଘୁଣାକ୍ଷରେ ଭାବିପାରେ ନାହିଁ । ଏପରି ଭାବନାକୁ ସେ ଅକଲ୍ୟାଣକର, 'ଅସାମାଜିକ' ଏପରିକି ସମୟ ବିଶେଷରେ 'ପାପ' ମନେକରେ ।

କାରଣ ଏଇ ସ୍ଥିତି ଓ ଭାବନାରେ ସେ ଅଭ୍ୟସ୍ତ । ଯାର କିଛି ବ୍ୟତିକ୍ରମ ଥିବା କଥା ସେ ଜାଣେ ନାହିଁ । ଦୈବାତ୍ ଏଥିରୁ ବ୍ୟତିକ୍ରମ ଘଟିଲେ ସେ ମନେ କରେ ତାର 'ସଂସାର' ତାର ସର୍ଜିତ 'ସଂସାର' ଭାଙ୍ଗି ପଡିବ ପରା ।। ତେଣୁ ତାର ଜୀବନ ଏକ ନିଷ୍କରୁଣ ଅବଳାୟତନ ମାତ୍ର ।

ଅପର ପକ୍ଷରେ, ପରମ୍ପରା କ୍ରମେ ଖୁବ୍ ଚତୁରତାର ସହ ପୁରୁଷ ମଧ୍ୟ ତାକୁ ମା', ଦେବୀ, ଶକ୍ତି ଆଦି ରୂପରେ ବକ୍ତବ୍ୟରେ, ପୁରାଣରେ, ବାରମ୍ବାର

Digitized by srujanika@gmail.com

ନ୍ୟାସ କରି ତାର ସ୍ୱାତଂତ୍ର୍ୟକୁ, ତା'ର ଗତି ଓ ଚିନ୍ତାକୁ, ନିଜର ନିୟନ୍ତ୍ରଣାଧୀନ କରି ଆସିଛି ଏବଂ ନାରୀ ମଧ୍ୟ ଅଭ୍ୟସ୍ତ ହୋଇଯାଇଛି ଏପରି ଜୀବନଚର୍ଯ୍ୟାରେ । ଧରିନେଇଛି ଯେ ଅର୍ଦ୍ଧାଙ୍ଗିନୀ ହେବା, ପୁତ୍ର ଜନ୍ମ କରିବା, ପରିବାରର ସେବା ନାମରେ ଦାସୀବୃତ୍ତି କରିବା ଏବଂ ପରିଶେଷରେ ଆବଶ୍ୟକ ସ୍ଥଳେ ସହଗାମୀ ହେବା ତାର ଭୂମିକା ଓ ସେଥିରେହିଁ ସେ ସନ୍ତୁଷ୍ଟ ରହିଛି ।

ଏଇ ପରିସ୍ଥିତି ଓ ମାନସିକତାର ସୁଯୋଗ ନେଇ ପୁରୁଷ ତାକୁ ନିଜ ଇଚ୍ଛା ଅନୁସାରେ ଏଇନେ କୁଳବଧୂର ମର୍ଯ୍ୟାଦା ଦେଇଛି ତ ଆର ମୁହୂର୍ତ୍ତରେ କରିଛି ବହୁଦୃଷ୍ଟି ଧର୍ଷିତା । ନ୍ୟାୟ ସେ କୁତ୍ରାପି ପାଇନାହିଁ । ରାବଣ ତାକୁ ହରଣ କରିଛି—ସେ ପୁରୁଷ ଓ ପୁରୁଷ ଦ୍ୱାରା ଅପହୃତା ହୋଇ ସେ 'ଅସତୀ' । ରାମ ତାକୁ ଉଦ୍ଧାର କରିଛନ୍ତି—ସେ ପୁରୁଷ ଓ ପୁରୁଷ ଦ୍ୱାରା ଉଦ୍ଧାର ଲାଭ କରି ମଧ୍ୟ ସେ ପୁନଃ 'ସତୀ'ର ମର୍ଯ୍ୟାଦାରେ ପ୍ରତିଷ୍ଠା ପାଇନାହିଁ । ବାରବାର ଅଗ୍ନି ପରୀକ୍ଷା ଦେଇ ମଧ୍ୟ ସେ 'ସତୀ'ର ପ୍ରତିଷ୍ଠା ପୁନଃ ଫେରି ପାଉନାହିଁ । ଅପର ପକ୍ଷରେ ବାରଂବାର ଲାଂଛିତା ହୋଇ ମଧ୍ୟ ସେ ଅଭିଶାପ ଦେଇ ପାରିବାର ମନୋବଳ ବା ପ୍ରତିବାଦ କରିବାର ସାହସ ସଂଚୟ କରି ପାରୁନାହିଁ; ପାରୁନାହିଁ କାରଣ ମୂଳରୁହିଁ ପୁରୁଷ-ଅନୁଶାସିତ ହେବାର ମାନସିକତା ନେଇ ବଢି ଆସିଛି; ନ୍ୟାଯ୍ୟ ପାଇଁ ଦାବୀ ବା ପ୍ରତିବାଦ କରିବାର ସାହସ ନେଇ ନୁହେଁ । ସମୟ ବିଶେଷରେ ସେ ବହୁ ଭର୍ତ୍ତାର ଭୋଗ୍ୟା ହୋଇଛି ଏବଂ ପୁରୁଷଗଣ ତାକୁ ସତୀ ଶିରୋମଣିର ଆଖ୍ୟା ପ୍ରଦାନ କରିଛନ୍ତି । ଯେତେବେଳେ ତାକୁ ଅନ୍ତଃପୁରରୁ ଟାଣି ଆଣି ବହୁଦୃଷ୍ଟି ଧର୍ଷିତା କରିଛନ୍ତି ସେଇ ପୁରୁଷଗଣ, ସେତେବେଳେ ସେମାନଙ୍କ ଦ୍ୱାରା 'ଅସତୀ' ଆଖ୍ୟା ଲାଭ କରିଛି । ତାର ସପକ୍ଷରେ ନ୍ୟାୟ ଦେଇନାହାନ୍ତି କେହି—ନାଁ ପରଂପରା ଓ ନ୍ୟାୟର ପ୍ରତୀକ ପିତାମହ, ନାଁ ନିର୍ବୀର୍ଯ୍ୟ ପ୍ରାୟ ଅଧୋମୁଖ ଭର୍ତ୍ତାଗଣ । ଏପରିକି ତାର 'ସତୀ ଶିରୋମଣି' ମାତୃଶ୍ୱସା ଗଣ ମଧ୍ୟ କ୍ରୋଧାଗ୍ନିରେ ଜଳି ନାହାନ୍ତି କି କାମାନ୍ଧ, ଲୋଲୁପ ପୁତ୍ର-ଗଣଙ୍କୁ ଅଭିଶାପ ଜର୍ଜରିତ କରିପାରିନାହିଁ । ବରଂ ଅପମାନ ଲାଂଛିତା ବଧୂଟିକୁ କ୍ରୋଧାଗ୍ନି ପ୍ରଜ୍ଜ୍ୱଳନରୁ ନିବୃତ୍ତ ହେବାକୁ ନିବେଦନ କରିଛନ୍ତି । କାରଣ ପରଂପରା

Digitized by srujanika@gmail.com

କ୍ରମେ ସେମାନେ ମଧ୍ୟ 'ସୁଭାଷିଣୀ', 'କଲ୍ୟାଣୀ', 'ବରଦା', 'ତିତୀକ୍ଷାମୟୀ' ଦେବୀ ହେବାରେ ଅଭ୍ୟସ୍ତ । ଅଭିଶାପ ବା ଜିଘାଂସା ସହ ତାଙ୍କର ସଦ୍ଭାବ ନାହିଁ ।

(ଖ)

କହିବା ବାହୁଲ୍ୟ, ଉପରର ଉଦାହରଣ ଗୁଡିକ ଭାରତୀୟ ମହାନ୍ ମହାକାବ୍ୟ ଦ୍ୱୟରୁ ଉଦ୍ଧୃତ । ଆମର ମହାକାବ୍ୟ ଗୁଡିକରେ ଅଧିକାଂଶ ନାରୀ ନିର୍ଯାତିତା । ଯେତେବେ ତାତ୍ତ୍ୱିକ ପ୍ରଶ୍ନ ପ୍ରଚ୍ଛନ୍ନ ଥାଉ ପଛକେ ସେ ନିର୍ଯାତନର ପୃଷ୍ଠଭାଗରେ ଏ ନିର୍ଯାତନରୁ କେହି ମୁକ୍ତି ଦେଇ ପାରିନାହାନ୍ତି ନାରୀକୁ । ବିଶେଷ ଅକ୍ରୋଧୀ, କ୍ଷମାସ୍ନିଗ୍ଧ, କଲ୍ୟାଣୀ ସୂର୍ଯ୍ୟବଂଶୀବଧୂଟି । କି ଅସହାୟ ମୌନ ଅଭିମାନରେ ମା'-ମାଟିର ବକ୍ଷଲଗ୍ନା ନ ହୋଇଛି । ତାର ଦୁଃଖ ଓ ନିର୍ଯାତନରେ ସର୍ବଂସହା ଧରିତ୍ରୀର ଧୈର୍ଯ୍ୟ ବିଦୀର୍ଣ୍ଣ ହୋଇ ଯାଇଛି । ମୃଦୁ ମୌନ ପ୍ରତିବାଦ ନାଁ ନୀରବ ଅଭିମାନରେ ପାତାଳ ପ୍ରବେଶ କରିଛି ଜାନକୀ ଓ ସେମକାର କାଳଜୟୀ, ଧ୍ରୁପଦୀ କାବ୍ୟ ଲେଖି ଅମର ହୋଇଛନ୍ତି ବାଲ୍ମୀକି । ବୈକୁଣ୍ଠଗାମୀ ହୋଇଛି ରାବଣ, ରାମରାଜ୍ୟ ପ୍ରତିଷ୍ଠା କରି ଅମର ହୋଇଛନ୍ତି ରାମ । କିନ୍ତୁ ବୈକୁଣ୍ଠାଗତା ସୀତା ରାମରାଜ୍ୟରେ ନ୍ୟାୟ ପାଇ ପାରିନାହିଁ । ତାର ଅକାରଣ ଶାସ୍ତିକୁ ପୁଞ୍ଜି କରି ଅମର ହୋଇଛନ୍ତି ସମସ୍ତେ ।

ସମଗ୍ର ଭାରତୀୟ ସାହିତ୍ୟରେ ଜଣେ ମାତ୍ର ଅଗ୍ନିସମ୍ଭୂତା, ଅଗ୍ନିସ୍ନାତା ନାରୀ କ୍ରୋଧ ଓ ପ୍ରଳୟର ସମ୍ଭାବନାକୁ ଡାକି ଆଣି ପାରିଥିଲା—ସେ ସ୍ୱାଭିମାନୀ ଦ୍ରୌପଦୀ । ଅପମାନ ଜର୍ଜରିତା ହୋଇ ନାରୀଟି ସ୍ପଷ୍ଟ କହିଦେଇଥିଲା ଯେ, ଯଦି ତାର ଭର୍ତ୍ତାଗଣ ଯୁଦ୍ଧ କୃପଣ ଓ ସନ୍ଧି-କାମୁକ ହେବେ ତାର ଅଗ୍ରଜ କେଶହିଁ ମହାଭାରତ ଯୁଦ୍ଧ ପାଇଁ ପଥ ପରିଷ୍କାର କରିବ । ମାତ୍ର ଦ୍ରୌପଦୀ ପ୍ରାୟ ଚରିତ୍ର ଦ୍ୱିତୀୟ ସୃଷ୍ଟି ହୋଇ ନାହିଁ ଭାରତୀୟ ସାହିତ୍ୟରେ; ତେଣୁ ଏପ୍ରକାର ଉଦାହରଣ କାଲି ବିରଳ ଥିଲା, ଆଜିବି ବିରଳ । ସେଇ ଜଣକ କ୍ରୋଧ ପ୍ରକାଶ କରି ଶିଖିଥିଲା,

Digitized by srujanika@gmail.com

ରଖିଥିଲେ ପ୍ରତିଜ୍ଞା କରି । ବିଗତ ଯୁଗରେ ଯେତେବେଳେ ନାରୀ ଆତ୍ମ ସମ୍ମାନ ସଚେତନ ହୋଇ ପ୍ରତିଜ୍ଞାବଦ୍ଧ ହୋଇଛି ସେତେବେଳେ ନିରସ୍ତ, ନିମର୍ମ, 'ସନ୍ଧିକାମୁକ' ନହୋଇ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି ତାର ପତିଗଣ । ନାରୀକୁ ତାର ସ୍ୱାଭିମାନରେ ପୁନଃ ପ୍ରତିଷ୍ଠିତ କରିଛନ୍ତି ।

ଆଜି ପାଞ୍ଚାଳୀ-ମାନସିକତାର ଯେତିକି ଅଭାବ ସେତିକି ଅଭାବ ପାଣ୍ଡବ-ମାନସିକତାର । ତେଣୁ ପୁରାଣଯୁଗ ପରେ ଆଉ ବୋଧ ହୁଏ ଦ୍ରୌପଦୀ ପରି ନାରୀ ଓ ପାଣ୍ଡବଗଣ ପରି ପୁରୁଷ ସୃଷ୍ଟି ହୋଇ ନାହାନ୍ତି—ନା ଜନନୀ ବନରେ ନା ଜୀବନର ପ୍ରତିଫଳନ ସାହିତ୍ୟରେ । ଏଥିପାଇଁତ ବିଂଶ ଶତାବ୍ଦୀର ଶେଷପର୍ଯ୍ୟାୟରେ ସ୍ୱାଧୀନ ଭାରତର ଭୁବନେଶ୍ୱର ନଗରୀର ରାଜମାର୍ଗରେ ପ୍ରଖର ଦିବାଲୋକରେ ନାରୀଟିଏ ଗଣଧର୍ଷିତା ହେଲାବେଳେ କାହାରି ପୁତ୍ର ବା ଭାଇ କାହାରି ପତି ବା ପିତା ପୁରୁଷ ରୂପ ଧରି ଆତ୍ମଶକ୍ତି ହରାଇ ସେ ଦୃଶ୍ୟକୁ ସହସ୍ରାକ୍ଷ ପରି ଭୋଗକଲେ ପ୍ରତିରୋଧ, ପ୍ରତିବାଦହୀନ ହୋଇ ।

ଅପର ପକ୍ଷରେ ନାରୀଟିଏ କନ୍ୟା, ବଧୂ , ପତ୍ନୀ ବା ଜନନୀ ନହେଲେ ପରିବାର କାହିଁ ? କାହିଁ ସମାଜ ? କାହିଁ ଚଳମାନ ମାନବ ସ୍ରୋତ ? କାହିଁ ସଭ୍ୟତାର ପ୍ରସାର ? ନାରୀହିଁ ଜନନୀ, ଗୃହିଣୀ ଓ 'ଗୃହ' । ଯେତେବେଳେ ଯେଉଁଠି ଦାନବ ଶକ୍ତି ପ୍ରବଳ ହୋଇଛି ସେତେବେଳେ ସେଇଠି ନାରୀ-ଶକ୍ତି, ଦେବୀ-ଶକ୍ତି ସୃଷ୍ଟିର ଭାରସାମ୍ୟ ରକ୍ଷାର୍ଥେ ଶକ୍ତିରୂପରେ ସଂସ୍ଥିତା ହୋଇଛି । ଆବଶ୍ୟକସ୍ଥଳେ ମୃତ୍ୟୁର ଉଦ୍ୟତ ଦଣ୍ଡରୁ ଭ୍ରୂକ୍ଷେପ ନକରି ମୃତ୍ୟୁଠାରୁ ଛଡ଼ାଇ ଆଣିଛି ଜୀବନ ସାବିତ୍ରୀ ସାଜି ଅସୀମ ଧୈର୍ଯ୍ୟ, ସାହସ ଓ ବୁଦ୍ଧି ବଳରେ ।

ବିଚାର୍ଯ୍ୟ ଯେ, ଆଧୁନିକ କାଳର ସାହିତ୍ୟିକଗଣ ନାରୀକୁ କିଛି ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇ ତାର ସାମାଜିକ ଦୁଃସ୍ଥିତିରୁ ତାଙ୍କୁ ରକ୍ଷାକରି ପାରିଛନ୍ତିକି ? ଅତୀତରେ ଚମତ୍କାର କାବ୍ୟ ସୃଷ୍ଟି କରିଥିଲେ । ବାଲ୍ମୀକି ଓ ରବୀନ୍ଦ୍ରନାଥ ସୃଷ୍ଟି

Digitized by srujanika@gmail.com

କଲେ 'କାବ୍ୟେ ଉପେକ୍ଷିତା'—ରବୀନ୍ଦ୍ରନାଥ ପାଇଲେ ଧ୍ରୁପଦୀ ସାହିତ୍ୟିକର ମର୍ଯ୍ୟାଦା—'କାବ୍ୟେ ଉପେକ୍ଷିତା' ହେଲା ଧ୍ରୁପଦୀ । ମାତ୍ର ସଭ୍ୟତାର, ଜନ-ମାନସିକତାର କି ପରିବର୍ତ୍ତନ ଘଟିଲା ??

ଆମ ନିଜ ସାହିତ୍ୟର 'ଚଂପା'କୁ ବିଚ୍ଛୁରଣ କରନ୍ତାନି । 'ଚଂପା'କୁ ସାହିତ୍ୟ ପ୍ରେମୀଙ୍କ ଆଗରେ ପରିଚୟପତ୍ର ଧରି ଠିଆ ହେବାକୁ ପଡ଼ିବ ନାହିଁ । ଓଡ଼ିଆ ସାହିତ୍ୟରେ ସବୁଠାରୁ ଭୟଙ୍କରୀ ନାରୀଟି, ସୃଷ୍ଟ ଓଡ଼ିଆ ସାହିତ୍ୟର ପିତୃପ୍ରତିମ କଥାକାରଂକ ଦ୍ୱାରା । ଫକୀରମୋହନଙ୍କ ଇଚ୍ଛା ହେଲା ଶାରିଆ, ସାଆନ୍ତାଣୀଙ୍କୁ ସ୍ୱର୍ଗାପଦୀ ଗତିପ୍ରାପ୍ତି କରିବେ, କଲେ । ଚଂପାକୁ କରିବେ କୀଟସ୍ୟ କୀଟ ନରକର—କଲେ । ଚଂପା କଣ କରିଥାନ୍ତା ? ତାକୁ ଯେଉଁ ନାମ ଦିଅନ୍ତୁ-ହେ'ତ ରକ୍ଷିତା ପ୍ରାୟ । ତାର ଭୂମିକା ସେ ସେଇପରି ନିର୍ବାହ କଲା—ଯାହା ତାର ସାମାଜିକ ସ୍ଥିତି ଓ ଯାହା ତାର 'ସାମାଜିକ ଚରିତ୍ର । ଅଥଚ ଯାହାର ନୀରବ ମୁହଁ ବଳରେ ଚଂପା 'ଚଂପା' ହୋଇଛି, ଏତେବାଟ ଯାଇଛି, ସେଇ ମଂଗରାଜ ଓ ଚଂପାର ପରିଣତିଗତ ବିଧାନରେ କଥାକାର କେତେ ପାତର ଅନ୍ତର ନକରିଛନ୍ତି । ମଂଗରାଜ ଶେଷ ମୁହୂର୍ତ୍ତରେ ଆକାଶରେ ଦେଖିଛନ୍ତି ଦୟା, କ୍ଷମାର ଉଜ୍ଜ୍ୱଳ ମୃତ୍ୟୁକୁ ଓ ଯାହା ଇହ ଜୀବନର ସକଳ ଯନ୍ତ୍ରଣା ଏବଂ ପାପକୁ ପୋଛିନେଇ ଏକ ଉଜ୍ଜ୍ୱଳ ସୁନ୍ଦର ପରିଣତି ରୂପେ ଅବତରି ଆସୁଛି । ଅଥ କି ବିଭତ୍ସ, କ୍ରୁର ମୃତ୍ୟୁର ମୁହାଁମୁହିଁ ହୋଇଛି ଚଂପା । ମୃତ୍ୟୁପରେବି ନିସ୍ତାର ନାହିଁ ତାର ଜୀବନହୀନ ଦେହଟି । କି ବିଭତ୍ସ ନାରକୀୟ ତାର ପରିଣତି !!

ସମବେଦନାରେ ବ୍ୟଥିତ କବି ଲେଖିଛନ୍ତି, ଫକୀରମୋହନ ତୁମେ କିକଲ କହତ/ଭିକତ ନଦେଲ ନାଇଁ/ଥାଳ କିଆଁ ଭାଙ୍ଗିଲ କହତ' * । ମାତ୍ର ଏ ସମବେଦନାର ଭାଷାରେ ସମାଜର ନୈତିକ ଦୃଷ୍ଟି ବଦଳିଲାକି ଚଂପା ପ୍ରତି । ନାଁ କେହି ଚଂପା ଚରିତ୍ରକୁ ପୁନର୍ବିଚାର କଲେ ପରିବର୍ତ୍ତିତ ଦୃଷ୍ଟି ନେଇ ? କିମ୍ବା

* ପ୍ରମୋଦ କୁମାର ମହାନ୍ତି ।

Digitized by srujanika@gmail.com

ସମକାଳରେ ଲିଖିତ ଶ୍ରୀମତୀ ବାଣୀପାଣି ମହାନ୍ତିଙ୍କ 'ପାଟଦେଈ' ବା ଶ୍ରୀ ରବି ପଟ୍ଟନାୟକଙ୍କ 'ନିଷିଦ୍ଧ ନଗରୀର ଆତ୍ମା' ଗଳ୍ପଦ୍ୱୟକୁ ନିଆଯାଉ । ଗଳ୍ପଦ୍ୱୟରେ ନାରୀର ସମ୍ମାନଗତ ସମସ୍ୟାହିଁ ଉପଜୀବ୍ୟ । କିନ୍ତୁ କେତେଜଣ ପଢ଼ିଛନ୍ତି ଏ ଗଳ୍ପକୁ ? ସେମାନଙ୍କ ମଧ୍ୟରେ ସଚେତନ ପାଠକଙ୍କ ସଂଖ୍ୟା କେତେ ? ଏ ଗଳ୍ପ ପାଠ ପରେ ସେମାନଙ୍କ ମାନସିକତାରେ କି ପରିବର୍ତ୍ତନ ଆସିଲା ଓ ତାଦ୍ୱାରା ସମାଜରେ କି ପରିବର୍ତ୍ତନ ଆସିଲା ?

(ଘ)

ସାହିତ୍ୟ ସାମାଜିକ ଦୋଷ ଦୁର୍ବଳତାକୁ ନିର୍ମଳ ଓ ନିର୍ମୂଳ କରିପାରେ, ପାରିବ । ମାତ୍ର କଣ କରିବ ଲୋକ-ମାନସିକତା କ୍ଷେତ୍ରରେ ଯେଉଁଠି ଅଧିକାଂଶ ସ୍ରଷ୍ଟା ପୁରୁଷ, ଯେଉଁଠି ନାରୀ ପରଂପରା ମୁକ୍ତ ହେବା ଅସାମାଜିକତା ଓ ଅସମ୍ଭବ, ଯେଉଁଠି ସଚେତନ ସାହିତ୍ୟ ପାଠକର ସଂଖ୍ୟା ମୁଷ୍ଟିମେୟ । ଏପରି ପୁରୁଷ ମାନସିକତା ଅର୍ଥାତ୍ ସମାଜ ମାନସିକତା ମଧ୍ୟରେ ସାହିତ୍ୟ କରିବ କଣ ? ଏପରିସ୍ଥିତିରେ ସାହିତ୍ୟ ଭୂମିକା ସଂପର୍କିତ ପ୍ରଶ୍ନ ଏକ ସୁଦୀର୍ଘ ପ୍ରଶ୍ନବାଚୀ ହୋଇ ଉତ୍କୀର୍ଣ୍ଣ ହେବା ସ୍ୱାଭାବିକ ।

ସମକାଳରେ ସାହିତ୍ୟ ଏକ ଲିଖିତ ମାଧ୍ୟମ, ପୂର୍ବକାଳ ପରି ଶ୍ରୁତି ବା ସ୍ମୃତି ଅର୍ଜିତ ନୁହଁ । ଭାରତର ଶତକଡ଼ା ୪୯ ଭାଗ ଶିକ୍ଷିତ ବ୍ୟକ୍ତି ଏଇ ମାଧ୍ୟମର ପରିସରଭୁକ୍ତ । ପୁନଶ୍ଚ ଏଇ ଶିକ୍ଷିତ ବ୍ୟକ୍ତିମାନେ ସମସ୍ତେ ଯଥାର୍ଥରେ ସାହିତ୍ୟ ରୁଚିଯୁକ୍ତ ନୁହନ୍ତି । କିଛିକାଳ ପୂର୍ବେ ସାହିତ୍ୟ ଅନ୍ତତଃ ଅନେକସ୍ଥଳରେ ଅବସର ବିନୋଦନର ଭୂମିକା ନିର୍ବାହ କରୁଥିଲା । ମାତ୍ର ବାର୍ତ୍ତମାନିକ **Audio-visual** ମାଧ୍ୟମର ଦ୍ରୁତପ୍ରସାର ସାହିତ୍ୟ-ପଠନେ ସ୍ପୃହାରେ ଭଟ୍ଟା ଆଣିଛି । ଫଳତଃ ସାହିତ୍ୟ ପଠନସ୍ପୃହାଯୁକ୍ତ ବ୍ୟକ୍ତିଙ୍କ ସଂଖ୍ୟା କ୍ରମଶଃ ସଂକୁଚିତ ହୋଇ ପଡୁଛି । ମୁଷ୍ଟିମେୟ ସଚେତନ ପାଠକଙ୍କୁ ବାଦ୍‌ଦେଲେ **serious** ସାହିତ୍ୟଚର୍ଚ୍ଚା ପ୍ରାୟ କେହି କରନ୍ତି ନାହିଁ । ଏଣୁ ସାମାଜିକ ଜୀବନ ଉପରେ ସାହିତ୍ୟର ପ୍ରଭାବ ଗୌଣ ଓ ସୀମିତ । ଫଳତଃ ସାହିତ୍ୟ ମାଧ୍ୟମରେ ନାରୀର ସମ୍ମାନ-ସ୍ୱାଧିକାର ସୁରକ୍ଷା ସଂପର୍କିତ ଚିନ୍ତାର ପ୍ରକ୍ଷାଳନ ଏକ ପରୋକ୍ଷ ବିଳମ୍ବିତ ପ୍ରକ୍ରିୟା ବ୍ୟତୀତ ଅନ୍ୟ କିଛି ନୁହଁ ।

Digitized by srujanika@gmail.com

ବାର୍ତ୍ତମାନିକ ପରିସଂଖ୍ୟାନ ଅନୁସାରେ ଶିକ୍ଷିତା ନାରୀଙ୍କର ସଂଖ୍ୟା ମୁଷ୍ଟିମେୟ । ଶିକ୍ଷିତା ଅର୍ଥ ନିରକ୍ଷରତା ଦୂରୀକରଣ ନୁହଁ, ଯଥାର୍ଥରେ ଶିକ୍ଷାଗ୍ରହଣ । ତେଣୁ ବିଶ୍ୱରେ ନାରୀ ଜାଗରଣ ନେଇ କି ପ୍ରକ୍ରିୟା, କି ସାହିତ୍ୟ, କି କୋଳାହଳ ସୃଷ୍ଟି ହେଉଛି, କେଉଁ ଶରତ ଚନ୍ଦ୍ର, ସାର୍ଲବାକ୍, ହାଇମନ ଡିବୋଭୋୟର, କି କାଲ୍ଚରଣ କଣ କରୁଛନ୍ତି ତାହା ସାଧାରଣ ମହିଳା ଜାଣନ୍ତି ନାହିଁ, ବୁଝନ୍ତିନାହିଁ । ଭାରତବର୍ଷରେ ନାରୀ-ଦାର୍ଶନିକ, ନାରୀ-ସମାଜ ତତ୍ତ୍ୱବିତ୍ କି ନାରୀ ସାହିତ୍ୟିକଙ୍କ ସଂଖ୍ୟା ସୀମିତ । ସମାଜ ଓ ସାହିତ୍ୟରେ ପ୍ରାୟ ହବୁଯାକ ନାରୀ ଜନିତ ମାନସିକତାର ଉଦ୍‌ବର୍ତ୍ତକ ନିଜେ ପୁରୁଷ । ସେମାନଙ୍କର ଚିନ୍ତାଧାରା ଓ ଦୃଷ୍ଟି-ଭଙ୍ଗୀକୁ ସ୍ୱାଭାବିକଭାବେ ନିୟନ୍ତ୍ରଣ କରୁଛି ପରଂପରା ଓ କହିବା ବାହୁଲ୍ୟ ଯାହା ମୂଳରେ 'ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା' ଧାରଣା ପରି ପ୍ରାଚୀନ ଧାରଣାମାନ ଅଧିକ ସକ୍ରିୟ ।

ଏପରି ସାମାଜିକ ଅସମତା ମଧ୍ୟରେ ସାହିତ୍ୟ କରିବ କଣ ?

(୬)

ନାରୀର ସମ୍ମାନ ଓ ସ୍ୱାଧିକାରଗତ ପ୍ରଶ୍ନ ଏକ ସମାଜତାତ୍ତ୍ୱିକ ପ୍ରଶ୍ନ । ଏହାର ମୂଳସମାଧାନ 'ଲୋକମାନସିକତାର' ପରିବର୍ତ୍ତନ ଦ୍ୱାରା ସମ୍ଭବ । ସାହିତ୍ୟ ଯେଉଁ ପରିବର୍ତ୍ତନର ପରୋକ୍ଷ ଓ ମନ୍ଥର ମାଧ୍ୟମ ହୋଇପାରେ ସିନା ହାର୍ଦ୍ଦିକ ମାଧ୍ୟମ ନୁହେଁ । ଭାରତରେ ଲୋକ ମାନସିକତାର ପରିବର୍ତ୍ତନ ଅତିଶୟ ମନ୍ଥର । କେଉଁ କାଳରେ ନିତ୍‌ସେ କହିଥିଲେ 'ଈଶ୍ୱର ମୃତ' ଏବଂ ଏଇ ଧ୍ୱନି ପରେ ବହୁକାଳ ଅତିବାହିତ ହୋଇ ଯାଇ ଛି; ଏବଂ ଈଶ୍ୱର ପୁନଃ ତାଙ୍କର ସିଂହାସନରେ ପ୍ରତିଷ୍ଠିତ ହେଲେଣି । ମାତ୍ର ଭାରତରେ ଈଶ୍ୱର ଯେଦିନ ବି ଜୀବିତ ଥିଲେ, ଆଜି ମଧ୍ୟ ଭୟଙ୍କର ଭାବେ ଜୀବିତ । ପୃଥିବୀ ଚିନ୍ତା ପରିବର୍ତ୍ତନ ଧକ୍‌କା ଏଠାକାର ଈଶ୍ୱର ଚିନ୍ତନକୁ ସ୍ପର୍ଶ କରିନାହିଁ । ଏଠାରେ କାଳିପରି ଆଜି ମଧ୍ୟ ଗାଈ ହଜିଲେ, ଚାକିରୀ ନହେଲେ, ପୁତ୍ରଜନ୍ମ ନହେଲେ ଶୋଡ଼ଷୋ-ପଚାରରେ ପୂଜିତ ହେଉଛନ୍ତି ଈଶ୍ୱର । ସାନ୍ତ୍ୱୀତିକ, ବାହ୍ୟିକ ପରିବର୍ତ୍ତନ ବିପୁଳଭାବେ ଘଟୁଥାଇ ପାରେ, ମାତ୍ର ଆମର ମଧ୍ୟନ୍ୟୁଗୀୟ ମାନସିକତା ଏବେବି ପୂର୍ବବତ୍ ଅପରିବର୍ତ୍ତନୀୟ । ଦୁର୍ଭାଗ୍ୟରେ ଏଇ ମାନସିକତାର ଉଦ୍‌ବର୍ତ୍ତକ ଥିଲା ପୁରୁଷ । ନାରୀକୁ ଜନନୀ X X X ସ୍ୱର୍ଗାଦପୀ ଗରିୟସୀ, ଯତ୍ରନାର୍ଯ୍ୟସ୍ତୁ

Digitized by srujanika@gmail.com

ପୂର୍ବ୍ୟନ୍ତେ ଆଦି ଆପ୍ତବାକ୍ୟରେ ନ୍ୟାସ କରି ସେ ଆପଣାର ସାମାଜିକ ଆଧିପତ୍ୟକୁ ନିରପେକ୍ଷ ସୁଯୋଗ ମାଧ୍ୟମରେ ଜାହିର କରି ଆସିଅଛି । ଆଜି ଏହି ମାନସିକତାର ପରିବର୍ତ୍ତନହିଁ ଜରୁରୀ । ସାହିତ୍ୟ ଯଦି ଏହି ଲୋକ ମାନସିକତାର ପରିବର୍ତ୍ତନ ଆଣିପାରେ ତାହାହେଲେ ହୁଏତ ନାରୀର ସ୍ୱତନ୍ତ୍ର ସ୍ୱୀକୃତି ଓ ମର୍ଯ୍ୟାଦା ଲାଭ ସମ୍ଭବ ହେବ । ମାତ୍ର ଏପରି କରିବାକୁ ହେଲେ ସାହିତ୍ୟକୁ ନିର୍ଦ୍ଦିଷ୍ଟ ସାମାଜିକ ଅଙ୍ଗୀକାର ବନ୍ଧନ କରିବାକୁ ପଡିବ ।

ସାହିତ୍ୟରେ ଯଦିଓ ସାମାଜିକ ଅଙ୍ଗୀକାରବଦ୍ଧତା ରହିବ କି ନାହିଁ ତାହା
ଏକ ବିବଦମାନ ବିଷୟ ।

ଚି.ଡ଼ର,
ଫକୀରମୋହନ କଲେଜ
ବାଲେଶ୍ୱର— ୭୫୬୦୦୧ ।